

(ସମ୍ଭବ - ସାହିତ୍ୟାନୁଷ୍ଠାନ ଦ୍ୱାରା ପ୍ରାୟୋଜିତ)

ତ୍ରୟୋଦଶ ବର୍ଷ	ଜାନୁୟାରୀ - ମାର୍ଚ୍ଚ ୨୦୨୨	ପ୍ରଥମ ସଂଖ୍ୟା
Year- 13	January-March - 2022	Issue- 1

ବାଧାବିଘ୍ନ ଆସୁଛି ତ ଆସୁ
ଘେରିଯାଉ ପ୍ରଳୟର ଘନଘଟା
ପାଦତଳେ ଥାଉ ଜଳନ୍ତା ଅଂଗାର
ବର୍ଷିଯାଉ ଅନଳ ମଥା ପରେ
ନିଜ ହାତେ ହସି ହସି ଅଗ୍ନି ସଂଯୋଗରେ
ଦଗ୍ଧ ହେବାକୁ ହିଁ ହେବ,
ପାଦରେ ପାଦ ମିଳାଇ ଚାଲିବାକୁ ହେବ ॥



- ଅଟଳ ବିହାରୀ ବାଜପେୟୀ

ସଂପାଦନା :**ବିଷ୍ଣୁ ସେଠୀ**

କାର୍ଯ୍ୟ-ନିର୍ବାହୀ ସଂପାଦକ: **ବ୍ୟୋମକେଶ ସେନାପତି(ନିଲୁ)**
ଅକ୍ଷର ସଜ୍ଜା : **ମା' ସନ୍ତୋଷୀ କମ୍ପ୍ୟୁଟର**
ମୁଦ୍ରଣ : **ଏସ୍. ଜେ. କମ୍ପ୍ୟୁଗ୍ରାଫ୍ସ**
କଳା-ସଂପାଦନା : **ଚୂଡ଼ାମଣି ଦାସ**

ଯୋଗାଯୋଗ : କୁଆଁସ, ଭଦ୍ରକ - ୭୫୬୧୦୦
ମୋ : ୯୪୩୭୦୫୧୦୯୦, ୯୬୬୮୨୪୭୯୫୦
E-mail : ghasaphula.2010@gmail.com

ମୂଲ୍ୟ
୩୦ଟଙ୍କା ମାତ୍ର





ସୂଚୀପତ୍ର

କ୍ରମାଙ୍କ	ବିଷୟ	ଲେଖକ	ପୃଷ୍ଠା

ପ୍ରବନ୍ଧ

୧.	ଓଡ଼ିଆ ଧର୍ମ ସାହିତ୍ୟର ଇତିହାସ	ଡଃ ରତ୍ନାକର ସାହୁ	୯
୨.	ପଲ୍ଲୀ ଜୀବନର ରୂପକାର ବିଦ୍ୟୁତପ୍ରଭା : ଏକ ଦୃଷ୍ଟିପାତ	ଅଧ୍ୟାପକ: ରବୀନ୍ଦ୍ର ବେହୁରିଆ	୪୮
୩.	ସ୍ମୃତି ଚିନ୍ତାମଣି	ସ୍ରଷ୍ଟା: ସନ୍ଥକବି ଭୀମଭୋଇ ଗଦ୍ୟାନୁବାଦ: ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା	୬୦
୪.	କବିତାରେ କବିତାରେ ବାଜପେୟୀ	ବିଭୂତି ଭୂଷଣ ସେନାପତି	୮୧
୫.	ବିଷାଦ ବେଦନାର ବିଧୂରା ନାୟିକା 'ମଲ୍ଲିକା' ଏକାଏକା	ପ୍ରୀତିଲତା ପଣ୍ଡା	୮୪
୬.	ମାଟିର କଲ୍ୟାଣମୟୀ ରୂପଚିତ୍ର: କବି ହୃଦାନନ୍ଦଙ୍କ 'ଗାଁର ପଣତକାନି'	ବିଶ୍ୱରଂଜନ ଦାସ	୧୧୩
୭.	ସେଇ ଲୋକଟା...କବି ଅବନୀ ପ୍ରଧାନ	ସୀତାଂଶୁ ଲେଙ୍କା	୧୧୮
୮.	ମିଥ୍ ଓ ସୋସିଆଲ ଟ୍ରାଜେଡ଼ିର ଯୌଥ ନିର୍ମାଣ: କୋକୁଆ	ଡଃ ବିରଂଚି କୁମାର ସାହୁ	୧୨୪

ଗଳ୍ପ

୧.	ସଂପର୍କର ପରିଭାଷା	ଅନୁରୂପା ସିଂ	୧୩୨
୨.	ଆହ୍ୱାନ: ଅନାଗତ ସମୟକୁ	ଭଗବାନ ଚନ ନାୟକ	୧୪୧

୩.	ଯୂଇରେ ଶୋଇଥିବା ମଣିଷର ଭୟ କ'ଣ	ମୁକ୍ତିକାନ୍ତ ନାୟକ	୧୫୦
୪.	ନିରୁଚ୍ଚାରିତ ଯନ୍ତ୍ରଣା	ବୈରାଗୀ ଚରଣ ନାୟକ	୧୫୬
୫.	ଶୀତକୁ ନେଇ ଚାରୋଟି କୋଲାଜ	ମନୋଜ ପାଣିଗ୍ରାହୀ	୧୬୫
୬.	ଅରିକ୍ଷିତ	ଗଣେଶ ଚନ୍ଦ୍ର ବିଶ୍ୱାଳ	୧୬୭

କବିତା

୧.	ସ୍ମୃତି	ଡଃ ପଞ୍ଚାନନ ମିଶ୍ର	୧୭୩
୨.	ମୀମାଂସା	ଅର୍ଦ୍ଧପୂର୍ଣ୍ଣା ପତି	୧୭୫
୩.	ଧୂଆଁ	ଶିବଶଙ୍କର ଦାସ	୧୭୮
୪.	ପାଦୁକା	ଅଶୋକ କୁମାର ମହାନ୍ତି	୧୮୦
୫.	ମୁଁ ଏକ ପଥିକ	ମୋହନ ଚନ୍ଦ୍ର ଖିଲାର	୧୮୨
୬.	ମନ	ଡଃ ଅବନୀ ପ୍ରଧାନ	୧୮୪
୭.	ତ୍ରିଶଙ୍କୁ	ସଂଯୁକ୍ତା ଶରଣ	୧୮୬
୮.	ନିରୁଦ୍ଦିଷ୍ଟ ଜୀବନ	ରାଜେଶ କୁମାର ସେଠୀ	୧୮୮
୯.	କବିତା	ଜ୍ୟୋସ୍ନାରାଣୀ ପରିଡ଼ା	୧୮୯
୧୦.	ସେଇ ତା ଜୀବନ	ଶଶୀକାନ୍ତ ପରିଡ଼ା	୧୯୧
୧୧.	ସାଧାରଣ	ସୁରଂଜନ ପଣ୍ଡା	୧୯୪
୧୨.	ନୂଆବରଷ	ଗୋଲକ ପ୍ରସାଦ ବୈୟାରୀ	୧୯୭
୧୩.	ନୂଆବରଷ ତୁମେ ଆସ	ଅଭିମନ୍ୟୁ ବସନ୍ତିଆ	୧୯୮
୧୪.	ମାଆ	ରୋଜାଲିନ୍ ବିଶ୍ୱାଳ	୨୦୦
୧୫.	ପଙ୍ଗପାଳ	ଅନସୂୟା ପଣ୍ଡା	୨୦୨
୧୬.	ଚଷାପୁଅ	ନୀଳକଣ୍ଠ ସାମଲ	୨୦୪

ଶିରୋଧାର୍ଯ୍ୟ



ସେଦିନ ନିର୍ବାଚନୀ ପ୍ରଚାରରେ ଗୋଟେ ଗାଁକୁ ଯାଇଥିଲି । ପାଖରେ ଏକ ବିଶାଳ ପ୍ରାସାଦ ସଂଲଗ୍ନିତ ଗୋଟେ ଜରାଜୀର୍ଣ୍ଣ କୁଡ଼ିଆ ଘର । ବୃଦ୍ଧା ଜଣକ ପିଣ୍ଡାରେ ବସିଥାନ୍ତି । ଆଖି ଦୁଇଟି ନିଃଷ୍ପ୍ରଭ । ପେଜୁଆ ପେଜୁଆ ଦିଶୁଥାଏ । ହାତଯୋଡ଼ି ନମସ୍କାର ହେଲି । ବୃଦ୍ଧାଙ୍କର ପ୍ରତିକ୍ରିୟା ଥିଲା ନିର୍ବେଦ ନିର୍ବେଦ । ପାଖରେ ଥିବା ଦଳୀୟ କର୍ମୀଙ୍କୁ ବୃଦ୍ଧାଙ୍କ ପରିଚୟ ଜାଣିବାକୁ ପଚାରିବାରୁ ଜଣେ କହିଲା "ଆଜ୍ଞା ! ଏଇ ଯେଉଁ କୋଠାଟି ଦେଖୁଛନ୍ତି ସେ ଜଣେ ଗାଁର ପରାକ୍ରମୀ ବ୍ୟକ୍ତି । ଚାରିଚାରିଟା ପ୍ରଧାନମନ୍ତ୍ରୀ ଆବାସଘର, ସ୍ୱଚ୍ଛଭାରତରେ ପାଇଖାନା, ଗୁହାଳଘର, ମୋ ବଗିଚା, ରେସନକାର୍ଡ଼ ଆଦି ସରକାରୀ ସହାୟତାକୁ ନିଜ ଘରେ ଭର୍ତ୍ତି କଲା ପରେ ସେ ଗରିବ ଲୋକଙ୍କ କଥା ଭାବନ୍ତି । ସେଥିକୁ ପୁଣି ସରକାରୀ ଦଳର ବଡ଼ପଣ୍ଡାମାନେ ତାଙ୍କର ବୋଲକରା ।"

"ଏତେସବୁ ଦୁର୍ନୀତି ଭ୍ରଷ୍ଟାଚାର ଆମ ସାମ୍ନାରେ ଘଟିଯାଉଛି । ତମେ ସବୁ ପ୍ରତିବାଦ କରୁନା ।" ସାମାନ୍ୟ ଉତ୍ତେଜିତ ହୋଇ ମୁଁ କହିଲି ।

ଦଳର ଯିଏ ପୁରୁଖା ଓ ଅଭିଜ୍ଞ ନେତା ଥିଲେ ସେ କହିଲେ "ଆଜ୍ଞା ! ସାଧାରଣ ଲୋକର ସ୍ୱର କିଏ ଶୁଣୁଛି ? କେବଳ ଟି.ଭି. ଖବରକାଗଜ ବିଜ୍ଞାପନରେ ଯେତେ ଟଙ୍କା ଖର୍ଚ୍ଚ ହେଉଛି, ଗୋଟେ ଗୋଟେ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇପାରନ୍ତା । ହେଲେ ସେ କଥା ଶୁଣୁଛି କିଏ ନା କହିବ କିଏ ?"

"କାହିଁକି ଆର.ଟି.ଆଇ ମାଗୁନା । ସବୁ କିଲା ପୋତେଇ, ଧପାବାଜି ଧରା ପଡ଼ିବ । ବି.ଡ଼ି.ଓ.ଙ୍କୁ ଦରଖାସ୍ତ ଦେଇ ବ୍ଲକ ପିଣ୍ଡାରେ ଧାରଣା ଦିଅ । ପ୍ରତିକାରର ବାଟ ମିଳିଯିବ ।" ମୁଁ ବୁଝେଇଲା ପରି କହିଲି । ମୋ କଥା ସରିନି ପୁରୁଖା ବ୍ୟକ୍ତି ଜଣକ ପୁନଶ୍ଚ କହିଲେ, "ହଁ, ଆଜ୍ଞା ମାହାଗାଂରେ ସୂଚନା ଅଧିକାର ଆଇନ ବଳରେ ପ୍ରଧାନମନ୍ତ୍ରୀ ଆବାସର ଦୁର୍ନୀତି ପର୍ଦ୍ଦାଫାଶ ହେଲା ପରେ କି ପ୍ରକାର ପରିସ୍ଥିତି ହେଲା, ଆପଣ କ'ଣ ଜାଣିନାହାନ୍ତି । ତିନି ତିନୋଟି ପ୍ରାଣ ଅକାଳରେ ଉଡ଼ିଗଲା । ତଥାପି ଅଭିଯୁକ୍ତ ମନ୍ତ୍ରୀ ଆରାମରେ ସମୟ ବିତାଉଛନ୍ତି । ତା'ପରେ ପୁଣି ପୋଲିସର ଚାପ ପ୍ରୟୋଗ । ଯିଏ ନିର୍ଦ୍ଦୋଷୀ ମାଡ଼ଖାଇ ନ୍ୟାୟ ପାଇବାକୁ ଥାନାକୁ ଗଲେ, ପ୍ରଥମେ ଥାନାରେ ପଚାରନ୍ତି "ତୁମେ କେଉ ଦଳ" ? ସାଧାରଣ ଲୋକଟିର ସଦ୍ୟ ବିବାହିତା କନ୍ୟା ତା'ର ଶ୍ୱଶୁରାଳୟରେ ଜୀବନ୍ତ ଦଗ୍ଧ ହୋଇ ଜଳିପୋଡ଼ି ମରିଛି । କେଉଁ ଓକିଲ କି ମୋହରିର ପାଖରୁ ଏଣୁତେଣୁ ଦରଖାସ୍ତଟିଏ ଲେଖି ନେଇଛି । ଥାନାବାବୁ ବିରକ୍ତ ହୁଅନ୍ତି । ଆଇନର ଅଗମୂଳ ବୁଝିନଥିବା ଲୋକଟି ଅଫିସରଙ୍କୁ ବାରମ୍ବାର ବିଭିନ୍ନ ପ୍ରଶ୍ନ ଉତ୍ତର ପାଇଁ ପଚାରିଲେ ଶେଷରେ ଗୋଟେ ଗଛଭଳି ଭୁରୁଡ଼ି ଶୁଣିବାକୁ ହୁଏ । ଯଦି ସେହି ହତ୍ୟାକାରୀ ପରିବାର ସରକାରୀ ଦଳର ସ୍ଥାବକ ହୋଇଥାନ୍ତି, ତେବେ ଏଣୁ ତେଣୁ କହି ତାକୁ ଥାନାରୁ ବିଦା କରିଦିଅନ୍ତି । ବିଚାରା ବେସାହାରା ମଣିଷଟି ଥାନାବାବୁଙ୍କ ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରି ପୁଣି ଥାନାକୁ ଗଲେ ବଡ଼ବାବୁ କୌଣସି କନେଷ୍ଟବଳ ହେପାଜତରେ ଗରିବ ଲୋକଟିକୁ ବାଟବଣା କରାନ୍ତି । ଶେଷରେ ସରକାରୀ ଦଳର ଚାପରେ ଅଭିଯୁକ୍ତମାନେ ଥାନାରୁ ଜାମିନ ପାଇ ସରକାରୀ ଦଳର ଜୟ ଜୟ ଗାନ କରନ୍ତି ।


ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବେ ପାଲଟିଛି ଗ୍ରାମାଂଚଳକୁ ସହରାଂଚଳରେ ପରିବର୍ତ୍ତିତ କରିବାର ଅମୃତ ଭାବନା । ମାତ୍ର ସବୁ ଯୋଜନା ଯେତେବେଳେ କାର୍ଯ୍ୟବାହିକାମାନଙ୍କ ହାତରେ ଅଟକି ଯାଉଛି, ସେତେବେଳେ ଏକଦା ରାଜୀବଗାଂଧି ବୟାନ ଦେଇଥିବା ଉକ୍ତି ସତ୍ୟପରି ମନେହୁଏ । ଘୋର ଅନ୍ୟାୟ, ଅନୀତି ବିରୁଦ୍ଧରେ ସେଦିନ ଦଳେ ଯୁବକ ମାନନୀୟ ବି.ଡ଼ିଓ. ମହାଶୟଙ୍କୁ ପ୍ରତିବାଦ କରିବାକୁ ଯାଇଥିଲେ । ତନ୍ମଧ୍ୟରୁ ଯେଉଁମାନେ ଦୁର୍ଦ୍ଦଶା ଓ ଦୟନୀୟ ପରିସ୍ଥିତିକୁ ହାଡ଼େ ହାଡ଼େ ଅନୁଭବ କରିଛନ୍ତି, ସେମାନେ ଗୋଟେ, ଦୁଇଟା ଚେୟାର ଭାଂଗି ଆଇନକୁ ହାତକୁ ନେଲେ ।

ଯେଉଁମାନେ ଦୁର୍ନୀତି, ଭ୍ରଷ୍ଟାଚାରରେ ଲିପ୍ତ ସେମାନେ ଆଇନ ଆଖିରେ ସୁନାପୁଅ ପାଲଟି ଗଲେ । ଯେଉଁମାନେ ନ୍ୟାୟ ମାଗି ହତାଶ ହୋଇଥିଲେ ସେମାନେ ପରନ୍ତୁ ଅପରାଧିକ ମାମଲାରେ ଜଡ଼ିତ ହୋଇଗଲେ ।

ଜଣେ ଜୀବନଧାରଣ କରିବାକୁ ଆମ ସମ୍ବିଧାନ ଆମକୁ ମୌଳିକ ଅଧିକାର ଦେଇଅଛି । ଜଣେ ବ୍ୟକ୍ତି ତା'ର ମୌଳିକ ଅଧିକାରରୁ କସ୍ମିନକାଳେ ବଂଚିତ ହୋଇପାରିବ ନାହିଁ । ପଚସ୍ତରୀ ବର୍ଷର ସ୍ୱାଧୀନ ଭାରତରେ ଏଭଳି ବୈଷମ୍ୟ ପାଇଁ ଦାୟୀ କିଏ ? ସାଧାରଣ ଲୋକଟିଏ ମାସ୍କ ନ ପିଂଧି ଥିଲେ ହୁଏ ପୋଲିସ ଚଢ଼ାଉ । ଅଥମ ଆମ ସାମ୍ନାରେ ଧଲାଜହରର ପ୍ରାବଲ୍ୟ କିମ୍ବା ବିଭିନ୍ନ ହେରାଫେରିରେ ଦଳେ ଲୋକ ଲିପ୍ତ ଥିଲେ ବି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ । ପୋଲିସ ଆଡ଼ମିନିଷ୍ଟ୍ରେସନରେ ସଂସ୍କାର ଆଣିବା ପାଇଁ ଯେତେ ଆଣ୍ଠୁ ଛିଡ଼ିଲାଣି, ତଥାପି ପରିବର୍ତ୍ତନର ସ୍ୱର କ୍ଷୀଣ ।

ସେଦିନ ସୋସିଆଲ ମିଡ଼ିଆରେ ଏକ ସମ୍ବେଦନଚିତ୍ର ଦେଖିଲୁ । ଜନୈକା ଗର୍ଭବତୀ ମହିଳାକୁ ବରଫାଚ୍ଛାଦିତ ରାସ୍ତାରେ ଦଳେ ସାମରିକ ବିଭାଗର କନେଷ୍ଟବଳ ଧଁ ସଁ ହୋଇ କାନ୍ଧରେ ବୋହି ବୋହି ଡାକ୍ତରଖାନାକୁ ନେଉଛନ୍ତି । ଆଉ ସବୁଠାରୁ ବେଦନାଦାୟକ - ଜଣେ ଷ୍ଟେନଗନ୍‌ଧାରୀ ପୋଲିସ ତାଙ୍କୁ ସୁରକ୍ଷା ଦେଇ ଆଗେ ଆଗେ ଚାଲିଛନ୍ତି । ସାମରିକ କର୍ମଚାରୀମାନେ ତ ଏକ ମହତ କାର୍ଯ୍ୟ ଯେମିତି ବନ୍ୟାବେଳେ ନିଜ ଜୀବନକୁ ପାଣି ଛଡ଼ାଇ ଉଦ୍ଧାର କାର୍ଯ୍ୟ କରନ୍ତି, ଠିକ୍ ସେଇପରି ୟେ' ମଧ୍ୟ ଏକ ମହତ କାର୍ଯ୍ୟରେ ଲିପ୍ତ ବଂଧୁକଧାରୀ ଆଗେ ଆଗେ ଯିବାର କାରଣ - ସେଇ ପରିସ୍ଥିତିରେ ମଧ୍ୟ ଆତଙ୍କିମାନେ ଆକ୍ରମଣ ମଧ୍ୟ କରିପାରନ୍ତି । ଧର୍ମର ଧ୍ୱଜା ଉଡ଼ାଉଥିବା ଆତଙ୍କିମାନେ କେଉଁଗୁଣରେ ଧର୍ମାନୁରାଗୀ ? ଯେଉଁ ମହିଳାଟିକୁ ଡାକ୍ତରଖାନାକୁ ଏତେ ପରିଶ୍ରମ ସ୍ୱୀକାର କରି ବୋହି ନେଉଛନ୍ତି, ସେହି ମହିଳାଙ୍କ ଠାରୁ ଜନ୍ମ ନେଉଥିବା ପିଲା ଦିନେ ସେଇ ସାମରିକ ବ୍ୟକ୍ତିମାନଙ୍କୁ ଟେକା, ପଥର ଫୋପାଡ଼ିବାକୁ ଆଦୌ ପଛଘୁଂଚା ଦେବନାହିଁ । ବେଇମାନୀର ବି ଗୋଟେ ସୀମା ଅଛି । କାଶ୍ମୀରର ତାଗଡ଼ା ଯୁବକ ତା' ଦେଶର ସାମରିକ ବ୍ୟକ୍ତିମାନଙ୍କର ଅପୂରଣୀୟ କ୍ଷତି କରି ତାଲିବାନୀ ହୁକୁମତ କିମ୍ବା କାଂଗାଳ ପାକିସ୍ଥାନର ଗୋଲାମ ପାଲଟିବାକୁ ଏତେ ବ୍ୟଗ୍ର କାହିଁକି ? ଯେଉଁ ବସ୍‌ଷ୍ଟାଣ୍ଡ ରେଳଷ୍ଟେସନ କିମ୍ବା ଜନଗହଳିରେ ବୋମା

ବିସ୍ଫୋରଣ ହୋଇ ଶହ ଶହ ଜୀବନ ଓ କୋଟି କୋଟି ଟଙ୍କା ଅଯଥା ନଷ୍ଟ ହୁଏ, ତାହା ଆମ ଦ୍ୱାରା ଦିଆଯାଉଥିବା ଗୋଟିଏ ଗୋଟିଏ ଟିକସର ଅର୍ଥ ନୁହେଁ କି ? କି ରେଳଷ୍ଟେସନରେ ବୋମାଟିଏ ଫୁଟେ, ସେଥିରେ କ'ଣ କେବଳ ଅଣମୁସଲମାନ ମରନ୍ତି ? ତେବେ ବୋମା ନିକ୍ଷେପ କରୁଥିବା ବ୍ୟକ୍ତିର ଉଦ୍ଦେଶ୍ୟ କ'ଣ ? ଶେଷରେ ଯେଉଁମାନେ ଗଣମାଧ୍ୟମରେ ସାଂପ୍ରଦାୟିକ ପ୍ରସଂଗକୁ ଅଯଥା ପ୍ରସଂଗରେ ପରିଣତ କରୁଛନ୍ତି, ସେମାନେ ଭୁଲିଯାଉଛନ୍ତି ଆଜି ମୁସଲମାନ ଭାଇ ଭଉଣୀମାନେ ପାକିସ୍ଥାନର ବଂଧୁ ରାଷ୍ଟ୍ର ଚାଇନାରେ ଆଜାନ (ସାମୂହିକ ପ୍ରାର୍ଥନା) ପଢ଼ିବାକୁ ବି ବାରଣ । ଫ୍ରାନ୍ସ ଠାରୁ ଆମେରିକା ପର୍ଯ୍ୟନ୍ତ ବିକଶିତ, ଶିକ୍ଷିତ ରାଷ୍ଟ୍ରରେ ସାଂପ୍ରଦାୟିକ ବିଷୟ ଉଠୁଛି କାହିଁକି ? ଭାରତରେ ସିନା ହିନ୍ଦୁମାନେ ବହୁଳ ସଂଖ୍ୟାରେ ଥିବାରୁ ସାଂପ୍ରଦାୟିକ ଦଂଗା, ଗଣ୍ଡଗୋଳ ଆଦି ଘଟୁଛି, କିନ୍ତୁ ଆଫଗାନୀସ୍ଥାନ, ଇରାକ ଓ ଇରାନ ପରି ରାଷ୍ଟ୍ରରେ ହିନ୍ଦୁମାନେ ନାମକୁ ମାତ୍ର ଜୀବନଧାରଣ କରୁଛନ୍ତି । ସେଠାରେ ଯେଉଁ ସାଂପ୍ରଦାୟିକ ଦଂଗା ହେଉଛି- ତାହା ମୂଳ ମୁସଲମାନ ବାସୀନ୍ଦା(ସିଆ କିମ୍ବା ସୁନ୍ନି) ମଧ୍ୟରେ ଘଟୁନାହିଁକି ? ସବୁ କାରଣ ଭୋଟ ପାଇଁ । ତଥାପି ଗଣତନ୍ତ୍ର ଉପରେ ସଂଖ୍ୟାଧିକ ଲୋକଙ୍କର ଭରସା ଅଛି, ରହିବ ବି ମଧ୍ୟ ।



ଓଡ଼ିଆ ଧର୍ମ - ସାହିତ୍ୟର ଇତିହାସ

● ଡଃ ରତ୍ନାକର ସାହୁ

ନାନା ଧର୍ମ ଓ ସଂସ୍କୃତିର ସମନ୍ୱୟ ସ୍ଥଳୀ ରୂପେ ବହୁ ପ୍ରାଚୀନ କାଳରୁ ଉତ୍କଳ ଭୂମି ପ୍ରସିଦ୍ଧି ଲାଭ କରିଛି । ଏ ଦେଶର ସାମାଜିକ କ୍ରିୟା- କଳାପ, ଧର୍ମଚେତନା ଓ ସଂସ୍କୃତି ଉପରେ ବିଭିନ୍ନ ଧର୍ମ ଓ ଦର୍ଶନର ସମ୍ମିଳିତ ପ୍ରଭାବ ଅତ୍ୟନ୍ତ ବିସ୍ମୟକର । ସେଥିଲାଗି ଧର୍ମଦୃଷ୍ଟିକୋଣରୁ ଉତ୍କଳକୁ ପଞ୍ଚଧା ବିଭକ୍ତ କରାଯାଇ ଏଠାରେ ଗଣେଶ, ଭାସ୍କର, ବିଷ୍ଣୁ, ଶିବ ଓ ଦୁର୍ଗାଙ୍କର ପୂଜାର୍ଚ୍ଚନା କରାଯାଇଛି । ସମୟର ଗତି ସଂଗେ ସଂଗେ ଏ ଦେଶରେ ଯଥୋପଚାରରେ ବେଦ ଓ ଉପନିଷଦର ସ୍ତବଗାନ ହୋଇଅଛି । ଏହି ସ୍ଥାନରୁ ପ୍ରେରଣା ଲାଭ କରି ଅନେକ ବୌଦ୍ଧ ଶ୍ରମଣ ବିଦେଶରେ ଧର୍ମପ୍ରସାର କରିଛନ୍ତି । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଦକ୍ଷିଣ ଓ ଉତ୍ତର ଭାରତର ସଂଯୋଜକ ସେତୁ ରୂପେ ପୁଣି ଏ ଦେଶ ରହିଥିବା ଯୋଗୁ ଏଠାରେ ଉତ୍କଳୀୟ ଧର୍ମ ଓ ସଂସ୍କୃତିର ଏକ ସମନ୍ୱିତ ପରମ୍ପରା ପ୍ରତିଷ୍ଠିତ ହୋଇପାରିଛି । ଶଙ୍କରାଚାର୍ଯ୍ୟଙ୍କର ଅଦ୍ୱୈତ ଦର୍ଶନରେ ଏ ଭୂମି ପରିପ୍ଲାବିତ ହୋଇଛି ଏବଂ ରାମାନୁଜ, ରାମାନନ୍ଦ, ବିଷ୍ଣୁସ୍ୱାମୀ, ନିମ୍ବାର୍କ, ନରହରିତୀର୍ଥ,ପଞ୍ଚସଖାଗୋଷ୍ଠୀ ତଥା ଶ୍ରୀଚୈତନ୍ୟ ପ୍ରଭୃତି ମହାମନୀଷୀମାନଙ୍କର ନାନାବିଧ ଦର୍ଶନ ଓ ମତବାଦରେ ଏ ରାଜ୍ୟ ଉଦ୍‌ବେଳିତ ହୋଇଛି । ନିତ୍ୟପୀଠ ପୁରୁଷୋତ୍ତମ କ୍ଷେତ୍ରରେ ତାନ୍ତ୍ରିକ ଉପଚାର, ବୌଦ୍ଧ ତ୍ରିରତ୍ନ, ବୈଷ୍ଣବ କୀର୍ତ୍ତନ, ଶୈବ ଓ ଶାକ୍ତ ପୂଜା ପଦ୍ଧତି ଓ ମତବାଦର ଅପୂର୍ବ ସମନ୍ୱୟ ଘଟି କଳୁଯୁଗରେ ଶୂନ୍ୟପୁରୁଷ ଜଗନ୍ନାଥଙ୍କ ଭିତରେ ସେ ସବୁ ଏକତ୍ରିତ ହୋଇଯାଇଛନ୍ତି । ଏହି ଦୃଷ୍ଟିରୁ ଦେଖିଲେ ଉତ୍କଳ ଭାରତୀୟ ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ଯୁଗେ ଯୁଗେ ଏକ ପୁଣ୍ୟ ଭୂମି ବା ଦେବଭୂମି ରୂପେ ପରିଗଣିତ ହୋଇପାରିଛି ।

ଭାରତରେ ଯେତେଯେତେ ନୂଆ ଧର୍ମର ଆବିର୍ଭାବ ହୋଇଛି, ସେ ସମସ୍ତ ଉତ୍କଳରେ ନିଜ ନିଜର କ୍ରିୟା ଧାରାବାହିକ ଭାବେ ଦେଖାଇଛନ୍ତି; ମାତ୍ର କୌଣସି ଧର୍ମର ସତ୍ତା ଉତ୍କଳରୁ କେବେହେଲେ ଅପସରି ଯାଇନାହିଁ । ଉତ୍କଳ ବକ୍ଷରେ ସେମାନଙ୍କର ସ୍ମୃତି ଅଦ୍ୟାପି ଉଦ୍‌ଜୀବିତ ରହିଅଛି । ଉତ୍କଳରେ ଧର୍ମସମୂହର ଏହି ଉତ୍ଥାପନ ପତନ ଦେଖି କେତେକ ଆଲୋଚକ ଉତ୍କଳକୁ ଧର୍ମର ମହାବିପ୍ଳବର ସ୍ଥଳୀ

ବୋଲି କହିବା ସଂଗେ ସଂଗେ ଓଡ଼ିଶାର ଇତିହାସକୁ ମହାବିପ୍ଳବର ଇତିହାସ ବୋଲି ସୂଚାଇଛନ୍ତି । ଭିନ୍ନ ଭିନ୍ନ ଯୁଗରେ ଧର୍ମମତ ଉତ୍କଳରେ ପ୍ରବଳ ହୋଇଛି ସତ, କିନ୍ତୁ ଦୁର୍ବଳ ପ୍ରତି ପ୍ରବଳର ଅତ୍ୟାଚାର ଓ ବିଦ୍ୱେଷ ଏଠାରେ ଲେଶମାତ୍ର ଅନୁଭୂତ ହୋଇନାହିଁ । ପାରସ୍ପରିକ ସ୍ନେହ, ପ୍ରେମ, ଉଦାରତା ଓ ସହିଷ୍ଣୁତା ଓଡ଼ିଶା ତଥା ଭାରତୀୟ ଧର୍ମ ଇତିହାସର ମୂଳମନ୍ତ୍ର । ଏହି ପରିପ୍ରେକ୍ଷୀରେ ଆମେ ଓଡ଼ିଶାରେ ବିଭିନ୍ନ ଧର୍ମପରିବର୍ତ୍ତନର ଇତିହାସକୁ ଅନୁଧ୍ୟାନ କରିବା ।

ପ୍ରାଚୀନ ଉତ୍କଳର ଧର୍ମ ହିଁ ଆର୍ଯ୍ୟଧର୍ମ । ଏହାହିଁ ଲୋକମୁଖରେ ବୈଦିକ ବା ବ୍ରାହ୍ମଣ୍ୟ ଧର୍ମରୂପେ ପରିଚିତ । ଉତ୍କଳରେ ଆର୍ଯ୍ୟବସତିର ବିସ୍ତାର ସହିତ ଏହି ବ୍ରାହ୍ମଣ୍ୟଧର୍ମର ପ୍ରଚାର ପ୍ରସାର ଆରମ୍ଭ ହୋଇଥିଲା । ଏହାର ପ୍ରଭାବ ଓ ପ୍ରତିଷ୍ଠା ବଳରେ ଉତ୍କଳର ଆଦିମ ଅଧିବାସୀମାନେ ସେହି ଧର୍ମ ଓ ସଭ୍ୟତାରେ ଦୀକ୍ଷିତ ହୋଇଥିଲେ । କ୍ରମଶଃ ଉତ୍କଳରେ ନାନା ତୀର୍ଥ ଓ ଦେବଦେବୀ ସ୍ଥାପିତ ହେଲେ । କଳିଙ୍ଗ ପ୍ରଥମେ ପତିତ ଦେଶ ବୋଲି ବିଦିତ ଥିଲେ ମଧ୍ୟ ବ୍ରାହ୍ମଣଧର୍ମ ପ୍ରତିଷ୍ଠା ହେବା ପରେ ଏହା ଏକ ପବିତ୍ର ଦେଶନାମରେ ପ୍ରଥିତ ହେଲା ।

ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀରେ ନନ୍ଦ ରାଜତ୍ୱ ସମୟରେ ଓଡ଼ିଶାରେ ବ୍ରାହ୍ମଣ୍ୟଧର୍ମ ଅବାଧରେ ପ୍ରସାରଲାଭ କରିଥିଲା; କାରଣ ନନ୍ଦବଂଶୀୟ ରାଜାମାନେ ସେହି ଧର୍ମର ପୃଷ୍ଠପୋଷକ ଥିଲେ । ନନ୍ଦରାଜତ୍ୱ ସମୟରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସମୁଦ୍ର ଉପକୂଳବର୍ତ୍ତୀ କଳିଙ୍ଗ ରାଜ୍ୟର ଅନେକତ୍ର ବ୍ରାହ୍ମଣ ବସତି ସ୍ଥାପିତ ହୋଇଥିଲା । ଅଶୋକଙ୍କ ପୂର୍ବରୁ କଳିଙ୍ଗରେ ବହୁ ବ୍ରାହ୍ମଣ ବାସ କରୁଥିବା ବିଷୟ ତାଙ୍କ ତ୍ରୟୋଦଶ ଅନୁଶାସନରୁ ଖାରବେଳଙ୍କ ସମୟରେ ଓଡ଼ିଶାର ରାଜଧର୍ମ ଥିଲା ଜୈନଧର୍ମ । ଯାହା ଜଣାଯାଏ, ନନ୍ଦବଂଶ ପରେ ଜୈନ ଓ ବୌଦ୍ଧ ଧର୍ମ ଓଡ଼ିଶାରେ ଜନପ୍ରିୟତା ଅର୍ଜନ କରିଥିଲା ।

ପ୍ରାଚୀନ ଉତ୍କଳରେ ଯେତେ ଧର୍ମପ୍ରଚଳିତ ଥିଲା, ସେମାନଙ୍କ ମଧ୍ୟରେ ଧର୍ମଗତ ସ୍ୱାଧୀନ ଚିନ୍ତା ଓ ସ୍ୱାଧୀନ ପ୍ରସାରର କୌଣସି ବିରୋଧ ନ ଥିଲା । ସମାଜ ଧର୍ମମତ ଅନୁସାରେ ଗଢ଼ା ହୋଇ ନ ଥିବାରୁ ଏକ ସମାଜର ଲୋକେ ବିଭିନ୍ନ ଧର୍ମ ଗ୍ରହଣ କରିପାରୁଥିଲେ । ଓଡ଼ିଶାରେ କେତେକ ଧର୍ମ ରାଜାଶ୍ରୟରେ ପ୍ରବଳ ହୋଇ ରାଜଧର୍ମରେ ପରିଣତ ହୋଇଥିଲେ ସୁଦ୍ଧା, ଅନ୍ୟ ଧର୍ମାବଲମ୍ବୀଙ୍କ ନିମନ୍ତେ ରାଜ୍ୟ ମଧ୍ୟରେ ସମସ୍ତ ସୁବିଧା ଓ ସ୍ୱାଧୀନତା ମଧ୍ୟ ଦିଆଯାଇଥିଲା । ଅଶୋକ ଓ ଖାରବେଳ ଯଥାକ୍ରମେ ବୌଦ୍ଧ

ଓ ଜୈନ ଥିଲେ ମଧ୍ୟ ବୈଦିକ ବ୍ରାହ୍ମଣ୍ୟ ଧର୍ମ ଓ କୌଳିକ ପ୍ରଥାନୁଯାୟୀ ସେମାନଙ୍କର ଅଭିଷେକ ଉତ୍ସବ ପାଳନ କରାଯାଇଥିଲା । ଏହି ରୂପ, ସାମ୍ୟ ଓ ମୈତ୍ରୀଭାବ ସବୁ ଧର୍ମ ସଂପ୍ରଦାୟଙ୍କ ସୃଷ୍ଟି ହୋଇଛି ଉତ୍କଳରେ ସେ ସମସ୍ତ ସମାନ ଆଶ୍ରୟ ଓ ସୁବିଧା ପାଇଥିଲେ । ଏହି ଦୃଷ୍ଟିରୁ ଭାରତୀୟ ଧର୍ମଧାରାରେ ଅଗ୍ରଗଣ୍ୟ ରୂପେ ପ୍ରତିଷ୍ଠା ଲାଭ କରିଥିବା ବ୍ରାହ୍ମଣ୍ୟ ଧର୍ମ, ବୌଦ୍ଧ ଓ ଜୈନଧର୍ମର ଉତ୍‌ଥାନରେ ବିବ୍ରତ ହେବା ଅସ୍ୱାଭାବିକ ମନେ ହୁଏ ନାହିଁ । ବ୍ରାହ୍ମଣ୍ୟ ଧର୍ମର ଗୌରବ ପୁନଃ ପ୍ରତିଷ୍ଠା ପାଇଁ ବିଭିନ୍ନ କ୍ଷେତ୍ରରେ ଆନ୍ତରିକ ପ୍ରକ୍ରିୟା ସୃଷ୍ଟି ହୋଇ କାଳକ୍ରମେ ଅଶ୍ୱମେଧ, ବାଜପେୟୀ ପ୍ରଭୃତି ଯଜ୍ଞଗୁଡ଼ିକର ପୁନଃ ପ୍ରତିଷ୍ଠା କରାଯିବା ସଂଗେସଂଗେ, ଚାହୁଁ ଚାହୁଁ ଭାଗବତ, ଶୈବ ଓ ଶାକ୍ତ ପ୍ରଭୃତି ଧର୍ମ ଏହି ବ୍ରାହ୍ମଣ୍ୟ ଧର୍ମର ଅଙ୍ଗୀଭୂତ ହୋଇଗଲେ ଏବଂ ଅଶୋକଙ୍କ ପରବର୍ତ୍ତୀ କାଳରେ ବାସୁଦେବ, ନାରାୟଣ, ଶିବ, ଶକ୍ତି, ପୃଥ୍ୱୀ ଆଦି ଦେବଦେବୀ ବ୍ରାହ୍ମଣ୍ୟ- ଧର୍ମରେ ବିଶିଷ୍ଟ ସ୍ଥାନ ଅଧିକାର କରିନେଲେ । ଏହି ପ୍ରତିକ୍ରିୟା ଫଳରେ ବ୍ରାହ୍ମଣ୍ୟ - ଧର୍ମ ତାର ରୂପରେଖ ଓ ନୀତି ବଦଳାଇ ଏକ ନୂତନ ଭୂମିକା ଗ୍ରହଣ କଲା ଏବଂ ତାର ପ୍ରଭାବ ତତ୍କାଳୀନ ଧର୍ମଜୀବନରେ ବହୁଳ ଭାବରେ ପ୍ରତିଫଳିତ ହୋଇଥିଲା ।

ଖାରବେଳଙ୍କ ପରେ ଓଡ଼ିଶା କିଛିକାଳ ବୈଷ୍ଣବଧର୍ମାବଲମ୍ବୀ ତଥା ପ୍ରଭାବଶାଳୀ ଗୁପ୍ତ ଶାସକଙ୍କ ଅଧୀନରେ ରହିଲା । ସେମାନଙ୍କ ସମୟରେ ବୈଷ୍ଣବ ଧର୍ମର ପ୍ରଭାବ ଓଡ଼ିଶାରେ ବିସ୍ତାର ଲାଭ କରିଥିବା ଅତି ସମ୍ଭବ । ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରୁ ୫ମ ଶତାବ୍ଦୀ ଭିତରେ ଉତ୍କଳରେ ରାଜତ୍ୱ କରିଥିବା ମାଠର ବଂଶୀୟ ରାଜାମାନଙ୍କ ଶାସନ କାଳରେ ବ୍ରାହ୍ମଣ୍ୟ ଧର୍ମର ଅଭ୍ୟୁତ୍‌ଥାନ ହୋଇଥିବା ଲକ୍ଷ୍ୟ କରାଯାଏ । ମାଠର ରାଜା ବିଶାଖ ବର୍ମନ, ଉମାବର୍ମନ ଓ ଅନନ୍ତ ଶକ୍ତିବର୍ମନ ପ୍ରଭୃତି ନିଦିଜକୁ 'ପରମଦୈବତ ଉପାଧିରେ ଭୂଷିତ କରିଥିବା ସେମାନଙ୍କର ତାମ୍ରଶାସନମାନଙ୍କରୁ ଜଣାଯାଏ । ପରବର୍ତ୍ତୀ କାଳରେ ବାଶିଷ୍ଠମାନେ ମଧ୍ୟ ଓଡ଼ିଶାରେ ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକତା କରିଥିଲେ । ଦୁର୍ଜୟବଂଶ ରାଜା ପୃଥ୍ୱୀ ମହାରାଜ ତାଙ୍କର ତାମ୍ରଶାସନମାନଙ୍କରେ ନିଜକୁ 'ପରମବ୍ରାହ୍ମଣ୍ୟ' ବୋଲି ଘୋଷଣା କରିଛନ୍ତି । ଏହି ସମୟରେ କଳିଙ୍ଗରେ ପିତୃପିତାର ପ୍ରଚଳନ ହୋଇଥିବା ପ୍ରମାଣ ମିଳେ । ମାଠରମାନେ ସେମାନଙ୍କୁ ସାଧାରଣତଃ ପିତୃଭକ୍ତ ରୂପେ ପ୍ରକାଶ କରୁଥିଲେ । ପିତୃଭକ୍ତ ସଂପ୍ରଦାୟ ବ୍ରାହ୍ମଣ୍ୟ ଧର୍ମ ସଂପ୍ରଦାୟର ଏକ ଶାଖା । ପୂର୍ବପୁରୁଷମାନଙ୍କର ଶ୍ରାଦ୍ଧ କରିବା ଓ ସେମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ

କରିବା ସେହି ସଂପ୍ରଦାୟ ଦ୍ୱାରା ପ୍ରଚଳିତ ହୋଇଥିଲା । ସେମାନଙ୍କ ପରେ ଶୈଳୋଦ୍ଭବବଂଶୀୟ ରାଜାମାନେ ଓଡ଼ିଶାରେ ବୈଦିକ ଶିକ୍ଷା ଲୋକପ୍ରିୟ କରିବା ପାଇଁ ବ୍ୟବସ୍ଥା କରିବା ସଂଗେ ସଂଗେ ବହୁ ବୈଦିକ ଯଜ୍ଞାନୁଷ୍ଠାନ କରିଥିଲେ । ଓଡ଼ିଶାରେ ମାଧବବର୍ମା ସର୍ବପ୍ରଥମ ଅଶ୍ୱମେଧ ଯଜ୍ଞ ଅନୁଷ୍ଠିତ କରିଥିଲେ । ସେ ନିଜକୁ 'ପରମ ବ୍ରାହ୍ମଣ୍ୟ' ବୋଲି ପରିଚିତ କରାଇଥିଲେ । ତାଙ୍କ ପୁତ୍ର ପ୍ରଥମ ମଧ୍ୟମରାଜ ପିତାଙ୍କର ପଦାଙ୍କ ଅନୁସରଣ କରି ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକତା କରିଥିଲେ ଏବଂ ଅଶ୍ୱମେଧ, ବାଜପେୟ ପ୍ରଭୃତି ଯଜ୍ଞମାନ ସମ୍ପନ୍ନ କରିଥିଲେ । ଏତିକିବେଳେ ଜୈନ ଓ ବୌଦ୍ଧଧର୍ମର ଜନପ୍ରିୟତା କଙ୍ଗୋଦରେ ହ୍ରାସ ପାଇ ବ୍ରାହ୍ମଣ୍ୟଧର୍ମର ଅଭ୍ୟୁତଥାନ ହୋଇଥିବା ଜଣାଯାଏ । ତ୍ରିକଳିଙ୍ଗର ନନ୍ଦବଂଶୀ ରାଜାମାନେ ସେ ସମୟରେ ଗୋରୁ ଓ ବ୍ରାହ୍ମଣ୍ୟମାନଙ୍କର ପୂଜକ ଥିବା କେତେକ ସୂତ୍ରରୁ ଜଣାଯାଏ । କେଶରୀ ବଂଶର ରାଜତ୍ୱ କାଳରେ ରାଜାଶ୍ରୟ ଲାଭ କରି ବ୍ରାହ୍ମଣ୍ୟଧର୍ମ ଶୈବଧର୍ମ ଆକାରରେ ଉତ୍କଳରେ ପ୍ରବଳ ହୋଇଉଠିଲା । ଯଯାତିକେଶରୀ କାନ୍ୟକୁବ୍‌ଜରୁ ଯେଉଁ ବ୍ରାହ୍ମଣମାନଙ୍କୁ ଅଣାଇଥିଲେ ସେମାନଙ୍କୁ ନେଇ ବିଭିନ୍ନ ବ୍ରାହ୍ମଣ ଶାସନରେ ରଖାଇବା ସଂଗେ ସଂଗେ ନାନାବିଧ ଯଜ୍ଞାଦିର ପ୍ରଚଳନ କରିଥିଲେ । ଜନ୍ମେଜୟଙ୍କ ପରି ଯଯାତି ବୈତରଣୀ କୂଳରେ ଏହି ଯଜ୍ଞ କରିଥିଲେ । ଏହା କାଳକ୍ରମେ ଯଜ୍ଞପୁର ବା ଯାଜପୁର ବୋଲି କଥିତ ହେଲା । ବ୍ରାହ୍ମଣ୍ୟଧର୍ମର ପୁନଃରୁତଥାନ ହେତୁ ଯାଜପୁର ସମୟାନୁକ୍ରମେ ପିତୃତର୍ପଣ ଓ ପିଣ୍ଡଦାନ ପାଇଁ ଏକ ପ୍ରସିଦ୍ଧ ସ୍ଥାନ ରୂପେ ପରିଗଣିତ ହେଲା । ସନାତନ ଆର୍ଯ୍ୟଧର୍ମର ଉଦାରତା ତତ୍କାଳୀନ ଉତ୍କଳରେ ପ୍ରବଳ ଥିବାରୁ ଅନ୍ୟଧର୍ମ ପ୍ରତି ଏହାର କୌଣସି ପ୍ରକାର ଅସୂୟା ପରିଲକ୍ଷିତ ହୋଇ ନ ଥିଲା ।

ଜୈନଧର୍ମ

ଜୈନଧର୍ମର ତ୍ରୟୋବିଂଶତିତମ ତୀର୍ଥଙ୍କର ଶ୍ରୀ ପାର୍ଶ୍ୱନାଥ ଖ୍ରୀ.ପୂ.୭ମ ଶତାବ୍ଦୀରେ କଳିଙ୍ଗ ଦେଶରେ ଜୈନଧର୍ମର ପ୍ରଚାର ଆରମ୍ଭ କରିଥିବାର ସୂଚନା ମଳେ । ପ୍ରାଚୀନ କାଳରେ କଳିଙ୍ଗ ରାଜ କରକଣ୍ଡୁ ପାର୍ଶ୍ୱନାଥଙ୍କ ଠାରୁ ଦୀକ୍ଷାଗ୍ରହଣ କରି ସେହି ଧର୍ମର ପୃଷ୍ଠପୋଷକତା କରିଥିଲେ । ସେ ଜୈନଧର୍ମର ବିକାଶ ପାଇଁ 'କରକଣ୍ଡୁ ବିହାର' ନିର୍ମାଣ କରି ତହିଁରେ ଦ୍ୱିତୀୟ ତୀର୍ଥଙ୍କର ଅଜିତନାଥଙ୍କ ଲାଞ୍ଛନ ହସ୍ତୀ ପ୍ରତିମା ସ୍ଥାପନ କରିଥିବା ଜଣାଯାଏ । ପାର୍ଶ୍ୱନାଥଙ୍କ ପରେ ଭଗବାନ ଶ୍ରୀ ମହାବୀର ସ୍ୱାମୀ ଜୈନଧର୍ମର

ସଂସ୍କାର କରି ଏହାର ପ୍ରଚାର ନିମନ୍ତେ କଳିଙ୍ଗ ଆଗମନ କରିଥିଲେ । କଥିତ ଅଛି ଯେ, ମହାବୀରଙ୍କର ଜନକ କଳିଙ୍ଗ ସମ୍ରାଟଙ୍କର ଜଣେ ବିଶିଷ୍ଟ ବନ୍ଧୁ ଥିଲେ । ସୁତରାଂ ମହାବୀର ଅବାଧରେ ଏ ଦେଶରେ ଜୈନଧର୍ମ ପ୍ରଚାର କରିଥିଲେ । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରୁ ପ୍ରମାଣ ମିଳେ ଯେ, ମହାବୀର ସ୍ୱାମୀ କୁମାରୀ ପର୍ବତଠାରେ ବିଜୟଚକ୍ର ପ୍ରବର୍ତ୍ତନ କରିଥିଲେ ଏବଂ ତାଙ୍କର ଧର୍ମପ୍ରଚାର କ୍ଷେତ୍ରରୂପେ 'କୁମାରୀ ପର୍ବତ' ଏକ ପବିତ୍ର ତୀର୍ଥ ଭୂମି ରୂପେ ଜୈନ ଧର୍ମଜଗତରେ ପ୍ରସିଦ୍ଧିଲାଭ କରିଥିଲା । ତଦାନୀନ୍ତନ ସମୟରେ କଳିଙ୍ଗର ଏକ ଜୈନ ତୀର୍ଥସ୍ଥଳୀ ଥିଲା 'ପିଥୁଣ୍ଡନଗର' ଏବଂ ଏଠାରେ ଆଦିଜୀନ 'ଋଷଭନାଥ'ଙ୍କର ବିଗ୍ରହ ପ୍ରତିଷ୍ଠିତ ହୋଇଥିବା ଜଣାଯାଏ ।

ଖାରବେଳଙ୍କ ସମୟରେ କଳିଙ୍ଗରେ ଜୈନଧର୍ମ ଗୌରବର ଚରମ ସୋପାନରେ ଉପନୀତ ହୋଇଥିଲା । ସେ ଆଜୀବନ ଜୈନଧର୍ମର ଅନୁଗାମୀ ଓ ପୃଷ୍ଠପୋଷକ ଥାଇ ଜୈନଧର୍ମକୁ କଳିଙ୍ଗର ରାଜଧର୍ମ ରୂପେ ପ୍ରତିଷ୍ଠିତ କରିଥିଲେ । ଖାରବେଳଙ୍କର ଯୁଦ୍ଧ ଅଭିଯାନ ଅନେକାଂଶରେ ଜୈନଧର୍ମର ସୁରକ୍ଷା ଓ ସଂସ୍ଥାପନ ନିମନ୍ତେ ଅଭିପ୍ରେତ ହୋଇଥିବା ମନେହୁଏ । ଖାରବେଳ ତାଙ୍କର ମଥୁରା ବିଜୟ ପରେ ଆଦିତୀର୍ଥଙ୍କର ଋଷଭନାଥଙ୍କ 'କେବଳ ବୃକ୍ଷ' କଳ୍ପବଟର ଏକ ଶାଖାକୁ ସାମରିକ ଶୋଭାଯାତ୍ରାରେ କଳିଙ୍ଗ ନଗରକୁ ଆଣିଥିଲେ । ପୁଣି ଖାରବେଳ ମଗଧ ସମ୍ରାଟଙ୍କୁ ପରାସ୍ତ କରି ଏହାର ତିନିଶତ ବର୍ଷ ପୂର୍ବେ ମହାପଦ୍ମନନ୍ଦଙ୍କ କଳିଙ୍ଗ ଜୟ କରି ଯେଉଁ 'କଳିଙ୍ଗଜୀନ' ପ୍ରତିମା ବଳପୂର୍ବକ ଘେନି ଯାଇଥିଲେ, ତା'ର ଉଦ୍ଧାର କରି ବିଜୟର ସଂକେତ ରୂପେ କଳିଙ୍ଗକୁ ଫେରାଇ ଆଣିଥିଲେ । ଏହି ପରାକ୍ରମଶାଳୀ ସମ୍ରାଟ ବର୍ତ୍ତମାନର ଖଣ୍ଡଗିରି, ଉଦୟଗିରି ପାହାଡ଼ରେ ଜୈନସାଧୁମାନଙ୍କ ପାଇଁ ପ୍ରସ୍ତର ଗୁମ୍ଫାମାନ ଖୋଦନ କରି ସେମାନଙ୍କ ମଧ୍ୟରେ ପୋଷାକ ପତ୍ରାଦି ବଣ୍ଟନ କରିଥିଲେ । ଖଣ୍ଡଗିରିର ଗୁମ୍ଫାଗୁଡ଼ିକ ମନ୍ଦିର ଭାବରେ ଓ ଉଦୟଗିରିର ଗୁମ୍ଫାଗୁଡ଼ିକ କେବଳ ସାଧୁମାନଙ୍କ ଆଶ୍ରୟ ନିମିତ୍ତ ସମ୍ଭବତଃ ବ୍ୟବହୃତ ହେଉଥିଲା । କାଳସ୍ରୋତର ପ୍ରବାହରେ ଏହି ଗୁମ୍ଫାଗୁଡ଼ିକର ଖୋଦନ ବା ସ୍ଥାପତ୍ୟର କେତେକ ବିକୃତି ଘଟିଥିବା ସ୍ୱାଭାବିକ ହେଲେ ମଧ୍ୟ, ତଥାପି ସ୍ଥାନେ ସ୍ଥାନେ ଏହି ଗୁମ୍ଫାଗୁଡ଼ିକରେ ଜୈନଧର୍ମର ଅବଶେଷ ଏବେ ବି ପରିଲକ୍ଷିତ ହୁଏ । ହାତୀଗୁମ୍ଫାରେ ଏବେ ମଧ୍ୟ ବ୍ରାହ୍ମୀଲିପିରେ 'ନମୋ ଅରିହନ୍ତାଣାମ୍' ପରି କେତେକ ଅକ୍ଷର ଖୋଦିତ ହୋଇ ରହିଛି । ଖାରବେଳ ନିଜେ ଶ୍ୱେତାମ୍ବରପନ୍ଥୀ

ହେଲେ ହେଁ ଦିଗମ୍ବର ସାଧୁ ଓ ଅର୍ହତମାନଙ୍କ ପ୍ରତି ମଧ୍ୟ ତାଙ୍କର ଗଭୀର ଅନୁରାଗ ଥିଲା । ଏହା ନିଃସନ୍ଦେହରେ ସ୍ୱୀକାର୍ଯ୍ୟ ଯେ, ଚେତି ରାଜତ୍ୱ କାଳରେ କଳିଙ୍ଗ ଜୈନଧର୍ମର ଏକ ପ୍ରସିଦ୍ଧ ପୀଠରୂପେ ପରିଗଣିତ ହୋଇଥିଲା ଏବଂ ଖାରବେଳ ଜୈନଧର୍ମର ପରିବେଶରେ ଏକ ମହନୀୟ ମାନବ ସଂସ୍କୃତିର ଆଦର୍ଶ ପ୍ରତିଷ୍ଠା କରିଥିଲେ ।

ଖାରବେଳଙ୍କ ପରେ ଜୈନଧର୍ମ କଳିଙ୍ଗରେ କ୍ରମଶଃ ସଙ୍କୁଚିତ ହେବାକୁ ଲାଗିଲା । ଜୈନମାନେ ବୌଦ୍ଧଙ୍କ ପରି ସଙ୍ଗଠିତ ହୋଇପାରିନଥିଲେ । ଶ୍ୱେତାମ୍ବର ଓ ଦିଗମ୍ବର ସଂପ୍ରଦାୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେତୁ ଲୋକେ ଜୈନ ରୀତିନୀତି ବିଷୟରେ ବିସ୍ମୃତ ହୋଇପଡ଼ିଲେ । ତଥାପି, କଳିଙ୍ଗରେ କୁଶାଣ ଶାସନକାଳରେ ଜୈନଧର୍ମ ରାଜପୃଷ୍ଠପୋଷକତା ଲାଭ କରିଥିବା ଜଣାପଡ଼େ । ଏହି ବଂଶର ନରପତି ମହାରାଜାଧିରାଜ ଧର୍ମଦାମଦର ଜୈନଧର୍ମର ଏକପ୍ରଧାନ ପୃଷ୍ଠପୋଷକ ଥିଲେ । ହେଲେ ମଧ୍ୟ, ବୌଦ୍ଧଧର୍ମ ପରି ଜୈନଧର୍ମ ବିଶେଷ ଲୋକପ୍ରିୟ ହୋଇପାରିନଥିଲା । ତେବେ ଏହା ଉତ୍କଳରୁ ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ହୋଇ ନ ଥିଲା । ଶୈଳୋଦ୍ଭବବଂଶୀ ରାଜା ଦ୍ୱିତୀୟ ଧର୍ମରାଜଙ୍କର ରାଣୀ କଲ୍ୟାଣୀ ଦେବୀ ଜୈନଧର୍ମର ଅଭିବୃଦ୍ଧି ନିମନ୍ତେ ଭୂମିଦାନ କରିଥିବାର ଜଣାଯାଏ । ତାଙ୍କର ସ୍ୱାମୀ ବ୍ରାହ୍ମଣ୍ୟଧର୍ମର ସମର୍ଥକ ଥିଲେ ମଧ୍ୟ କଲ୍ୟାଣୀ ଦେବୀ ଜୈନଧର୍ମର ଉନ୍ନତି ପାଇଁ ପୃଷ୍ଠପୋଷକତା କରିଥିଲେ । ପରେ ପରେ ତୋଷାଳୀ ଓ କଙ୍ଗୋଦରେ ଶଶାଙ୍କଙ୍କର ଆଧିପତ୍ୟ ପ୍ରତିଷ୍ଠିତ ହେବାପରେ ସେହି ଅଞ୍ଚଳରେ ଜୈନ ଓ ବୌଦ୍ଧ ଧର୍ମର ଅଗ୍ରଗତି ବହୁ ପରିମାଣରେ ହ୍ରାସ ପାଇଥିଲା ।

ମଧ୍ୟଯୁଗୀୟ ଉତ୍କଳରେ ଭଞ୍ଜ ଓ ସୋମବଂଶୀ ରାଜାମାନଙ୍କର ପୃଷ୍ଠପୋଷକତା ଦ୍ୱାରା ଜୈନଧର୍ମ ଓ ସଂସ୍କୃତି ବିକାଶଲାଭ କରିଥିଲା । ସୋମବଂଶୀ ରାଜାମାନେ ନୈଷ୍ଠିକ ହିନ୍ଦୁଥିଲେ ମଧ୍ୟ ଜୈନଧର୍ମ ପ୍ରତି ଉଦାସୀନ ନଥିଲେ । ସେଥିଯୋଗୁଁ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାଗୁଡ଼ିକ ଭୁବନେଶ୍ୱର ନିକଟବର୍ତ୍ତୀ ହୋଇ ମଧ୍ୟ ଅକ୍ଷୁଣ୍ଣ ରହିପାରିଥିଲା । ଏତଦ୍‌ବ୍ୟତୀତ ପ୍ରାଚୀ ନଦୀର ଅବବାହିକା, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଓ ଆଖପାଖ ଅଞ୍ଚଳ, କଟକ ଜିଲ୍ଲାର ଛତିଆପାହାଡ଼, ଚାନ୍ଦୋଳ, ରତ୍ନଗିରି, ଚୌଦ୍ୱାର, ଆଠଗଡ଼, ତିଗିରିଆ, ନୂଆପାଟଣା, ବଡ଼ମ୍ବା, ବାଙ୍କୀ, ପ୍ରତାପନଗରୀ ଇତ୍ୟାଦି ସ୍ଥାନମାନଙ୍କରେ ଏବଂ ମୟୂରଭଞ୍ଜର ଖିଚିଙ୍ଗ ମନ୍ଦିର ପାର୍ଶ୍ୱବର୍ତ୍ତୀସ୍ଥାନ, ଗଞ୍ଜାମର ଘୁମୁସର, କୋରାପୁଟର ନବରଙ୍ଗପୁର ଅଞ୍ଚଳରେ ଜୈନମନ୍ଦିର ଓ ମୂର୍ତ୍ତିର ଭଗ୍ନାବଶେଷ ଦେଖିବାକୁ ମିଳେ ।

ଯାଜପୁରସ୍ଥ ଅଖଣ୍ଡେଶ୍ୱର ମନ୍ଦିରରେ ଆଜିସୁଦ୍ଧା ଜୈନଧର୍ମର ଆଦିତୀର୍ଥଙ୍କର ଋଷଭଦେବଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ବାଲେଶ୍ୱର ଜିଲ୍ଲାର କୁପାରୀ, ଅଯୋଧ୍ୟା ଓ ଚରମ୍ପା ସେ ଯୁଗରେ ପ୍ରସିଦ୍ଧ ଜୈନକ୍ଷେତ୍ର ରୂପେ ପ୍ରତିଷ୍ଠିତ ଥିଲା ।

ଓଡ଼ିଶାର ଜଗନ୍ନାଥଧର୍ମରେ ଜୈନଧର୍ମର ପ୍ରଭାବ ପଡ଼ିଥିବା କଥା କେତେକ ପଣ୍ଡିତ ସ୍ୱୀକାର କରନ୍ତି । ସେମାନଙ୍କ ଦୃଷ୍ଟିରେ ଜଗନ୍ନାଥ ଧର୍ମର ଭିତ୍ତି ହେଉଛି ଜୈନଧର୍ମ ଓ ସ୍ୱୟଂ ଜଗନ୍ନାଥ ହିଁ ପୁରୁଷୋତ୍ତମ ଜୀନଦେବ(ଋଷଭଦେବ), ଯାହାଙ୍କୁ ଏକ ସମୟରେ ମହାପଦ୍ମନନ୍ଦ କଳିଙ୍ଗରୁ ନେଇଯାଇଥିଲେ ଏବଂ ପରେ ପରେ ଖାରବେଳ ମଗଧ ଜୟ କରି ସେହି କଳିଙ୍ଗ ଜୀନଙ୍କୁ କଳିଙ୍ଗକୁ ସସମ୍ମାନେ ଫେରାଇ ଆଣିଥିଲେ । ଇତିହାସ ବର୍ଣ୍ଣିତ ଏହି 'ଜୀନାସନ' ହୁଏତ ଜଗନ୍ନାଥଙ୍କର ବର୍ତ୍ତମାନର ରତ୍ନସିଂହାସନ ହୋଇପାରେ ।

ବୌଦ୍ଧଧର୍ମ:

ଜୈନଧର୍ମ ପରି ବୌଦ୍ଧଧର୍ମ ମଧ୍ୟ ପ୍ରାଚୀନ କଳିଙ୍ଗରେ ପ୍ରଚଳିତ ଧର୍ମମାନଙ୍କ ମଧ୍ୟରେ ଅନ୍ୟତମ ଥିଲା । ସମଗ୍ର ଭାରତରେ ଓଡ଼ିଶା ହିଁ ବୌଦ୍ଧଧର୍ମର ଲାଳନଭୂମି । ସମଗ୍ର ବିଶ୍ୱକୁ ଯେଉଁ ବୌଦ୍ଧଧର୍ମ ଦିନେ ଦିବ୍ୟ ଆଲୋକରେ ଉଦ୍ଭାସିତ କରିଥିଲା, ସେହି ଆଲୋକର ପ୍ରଥମ ସନ୍ଧାନ ଘଟିଥିଲା ଦୁଇଜଣ ଉତ୍କଳୀୟଙ୍କର । ଉତ୍କଳର ତପସ୍ସୁ ଓ ଭଲ୍ଲିକ ନାମଧେୟ ଦୁଇଜଣ ବଣିକ ପୃଥିବୀର ପ୍ରଥମ ବୌଦ୍ଧରୂପେ ସମ୍ମାନିତ ହୋଇଛନ୍ତି(୧) ସେମାନେ ବାଣିଜ୍ୟ ନିମନ୍ତେ ଯାଉଥିବାବେଳେ ବାଟରେ 'ଉରୁବିଲ୍ୱ' ସ୍ଥାନରେ ବୁଦ୍ଧଙ୍କର ଦର୍ଶନଲାଭ ପୂର୍ବକ ତାଙ୍କୁ ଖାଦ୍ୟ ପରିବେଷଣ କରି ତାଙ୍କ ଠାରୁ ଧର୍ମନୀତି ଗ୍ରହଣ କରିଥିଲେ । ପରବର୍ତ୍ତୀ ଜୀବନରେ ତପସ୍ସୁ ଜଣେ ଦେବାଚିକ ଉପାସିକ ରୂପେ ଓ ଭଲ୍ଲିକଜଣେ ଅର୍ହତ୍ ରୂପେ ବୌଦ୍ଧଧର୍ମକୁ ଉତ୍କଳ ଓ କଳିଙ୍ଗରେ ଲୋକପ୍ରିୟ କରାଇଥିଲେ । ବୌଦ୍ଧଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ, 'ବହ୍ଲସ' ଓ 'ଭଞ୍ଜ' ନାମକ ପ୍ରାଚୀନ ଉତ୍କଳର ଦୁଇଟି ଜାତିର ଲୋକେ ପ୍ରଥମେ ବୌଦ୍ଧଧର୍ମର ବିରୋଧ କରିଥିଲେ ମଧ୍ୟ ପରେ ବୁଦ୍ଧଙ୍କ ନୀତିରେ ଅନୁପ୍ରାଣୀତ ହୋଇ ବୌଦ୍ଧଧର୍ମ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଏହାର ପ୍ରସାର ନିମନ୍ତେ ଚେଷ୍ଟିତ ହୋଇଥିଲେ ।(୨) କଥିତ ଅଛି ଯେ, ବୁଦ୍ଧଙ୍କ ପରି ନିର୍ବାଣ ସମୟରେ ଥେରକ୍ଷମ ନାମକ ଜଣେ ଭିକ୍ଷୁ ବୁଦ୍ଧଙ୍କର ଏକ ବାମ

(୧) ଡଃ ନବୀନ କୁମାର ସାହୁ, ଓଡ଼ିଶାରେ ବୌଦ୍ଧଧର୍ମ, ପୃ-୧୨

(୨) Dr. N.K. Sahu, Buddhism in Orissa. P-13

କଳଦନ୍ତ ନେଇ କଳିଙ୍ଗର ରାଜା ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରିଥିଲେ । ବ୍ରହ୍ମଦତ୍ତ ସେହି ଦନ୍ତର ସଂରକ୍ଷଣ ନିମନ୍ତେ ରାଜଧାନୀ 'ଦନ୍ତପୁର' ଠାରେ ଏକ ଚୈତ୍ୟ ନିର୍ମାଣେ କରିଥିଲେ । (୩) ପରେ ପରେ ତାଙ୍କ ଦାୟାଦ କାଶୀରାଜ ଓ ସୁନନ୍ଦ ଦନ୍ତଧାତୁ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ପୂର୍ବକ ବୌଦ୍ଧଧର୍ମର ଗୌରବ ରକ୍ଷା କରିଥିଲେ ।

ଉତ୍କଳ ଇତିହାସରେ କଳିଙ୍ଗଯୁଦ୍ଧ ଏକ ଯୁଗାନ୍ତକାରୀ ଘଟଣା । ଏହି ଯୁଦ୍ଧର ବିଭୀଷିକା ଅଶୋକଙ୍କ ହୃଦୟରେ ଭାବାନ୍ତର ସୃଷ୍ଟି କଲା । ସେ ଅନୁଶୋଚନାରେ ଅସ୍ଥିର ହୋଇ ଉଠିଲେ । ସେ ଉପଲବ୍ଧି କଲେ ଯେ କଳିଙ୍ଗ ଯୁଦ୍ଧ ହିଂସା, ଅହଙ୍କାର ଓ ବିଦ୍ୱେଷ ଭାବର ନିର୍ମମ ପରିଣତି ଓ ତାହାହିଁ ତାଙ୍କ ସାମ୍ରାଜ୍ୟବାଦର ଚରମ ବ୍ୟର୍ଥତା । ତାଙ୍କର ଅବସନ୍ନ ଚେତନାରେ ଆଧ୍ୟାତ୍ମିକ ଅବତାରଣା ଘଟିଲା । ସେ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ପରିଣତ ହେଲେ ଏବଂ ଜୀବନର ପବିତ୍ରତା ଓ ଶାନ୍ତି ନିମନ୍ତେ ବୁଦ୍ଧଙ୍କର ଧର୍ମନୀତି ପ୍ରତି ଅନୁପ୍ରାଣୀତ ହୋଇଥିଲେ ଏବଂ ଆପଣାର ଅଲୌକିକ ପ୍ରତିଭା, ଉଦାରତା ଓ ଅସାଧାରଣ କ୍ଷମତା ବଳରେ ସେ ବୌଦ୍ଧର୍ମକୁ ପୃଥିବୀବ୍ୟାପୀ ପ୍ରସାର କରିପାରିଥିଲେ ।

ଅଶୋକଙ୍କ ରାଜତ୍ୱକାଳରୁ କଳିଙ୍ଗରେ ବୌଦ୍ଧଧର୍ମର ପ୍ଲାବନ କ୍ଷିପ୍ରଗତିରେ ପ୍ରବର୍ତ୍ତିତ ହୋଇଥିଲା । ଅଶୋକଙ୍କ ଭାଇ 'ତିସ୍ସ' କଳିଙ୍ଗରେ ତାଙ୍କର ଶେଷ ଜୀବନ ଅତିବାହିତ କରିଥିଲେ ଏବଂ ସମ୍ରାଟ ତାଙ୍କ ପାଇଁ କଳିଙ୍ଗରେ ଯେଉଁ 'ଭୋଜନ-ବିହାର' ନିର୍ମାଣ କରିଥିଲେ, ତିସ୍ସଙ୍କଗୁରୁ 'ଧର୍ମରକ୍ଷିତ' ସେଠାରେ ବହୁକାଳ ରହି କଳିଙ୍ଗବାସୀଙ୍କୁ ଥେରବାଦ' ବୌଦ୍ଧର୍ମରେ ଉଦ୍‌ବୁଦ୍ଧ କରିଥିଲେ । ପରେ ପରେ ଆଚାର୍ଯ୍ୟ 'ଧୃତିକକୁମାର' କଳିଙ୍ଗକୁ ଆସି ସର୍ବାସ୍ତିବାଦ ବୌଦ୍ଧର୍ମର ଯେଉଁ ଭିତ୍ତି ସ୍ଥାପନ କରିଥିଲେ, ତାହାରି ଉପରେ ପରବର୍ତ୍ତୀ କାଳରେ ବୌଦ୍ଧ ସଂସ୍କୃତିର ମହାନ ଅଟ୍ଟାଳିକା ଗଢ଼ି ଉଠିଥିଲା । ଆଚାର୍ଯ୍ୟ କାଲ(କୃଷ୍ଣ) ଏହି 'ସର୍ବାସ୍ତିବାଦ' ଧର୍ମକୁ କଳିଙ୍ଗରେ ଦୃଢ଼ରୂପେ ସଂଗଠିତ କରିଥିଲେ । କାଲଙ୍କର ଶିଷ୍ୟ ଆଚାର୍ଯ୍ୟ 'ପୋସାତ' ମୃତ୍ୟୁ ପର୍ଯ୍ୟନ୍ତ କଳିଙ୍ଗରେ ରହି ସର୍ବାସ୍ତିବାଦର ଅଶେଷ ଉନ୍ନତି ସାଧନ କରିଥିଲେ । ଏହିରୂପେ ଅଶୋକଙ୍କ ବେଳେ ଓ ତାଙ୍କ ପରବର୍ତ୍ତୀ କାଳରେ ବୌଦ୍ଧଧର୍ମର ବିଭିନ୍ନ ଶାଖା କଳିଙ୍ଗରେ ପ୍ରତିଷ୍ଠିତ ହୋଇ

(୩) ଡଃ ନବୀନ କୁମାର ସାହୁ, ଓଡ଼ିଶାରେ ବୌଦ୍ଧର୍ମ, ପୃ-୫

ନାନା ଭାବରେ ଏ ଦେଶର ଧର୍ମଜୀବନକୁ ପ୍ରଭାବିତ କରିଥିଲା ।

ଅଶୋକଙ୍କ ପରବର୍ତ୍ତୀ କାଳରେ କ୍ରମବିବର୍ତ୍ତନ ଯୋଗେ ବୌଦ୍ଧଧର୍ମରେ 'ମହାଯାନ'ର ଅଭ୍ୟୁଦୟ ହୋଇ ଓଡ଼ିଶା ଏହାର ଆଦିଭୂମି ରୂପେ ପରିଗଣିତ ହେଲା । ଓଡ଼ିଶାରେ 'ମହାଯାନ'ର ଅଭ୍ୟୁଦୟ ସତ୍ତ୍ୱେ ହୀନଯାନ ମଧ୍ୟ ବିଶେଷ ଆଦୃତ ହୋଇଥିଲା । ପୂର୍ବକଥିତ ଦନ୍ତଧାତୁ ସେତେବେଳେ କଳିଙ୍ଗ ଅଧିବାସୀଙ୍କର ଧର୍ମ- ଜୀବନକୁ ନାନା ଭାବରେ ପ୍ରଭାବିତ କରିଥିଲା; କିନ୍ତୁ ପରବର୍ତ୍ତୀ କାଳରେ ଏହି 'ହୀନଯାନ' ଦୁର୍ବଳ ହୋଇ 'ମହାଯାନ'ର ପ୍ରଭାବ ଦୃଢ଼ୀଭୂତ ହେବାକୁ ଲାଗିଲା । ଏହି ସମୟରେ ଓଡ଼ିଶା କେବଳ ମହାଯାନ ବୌଦ୍ଧଧର୍ମର ଜନ୍ମଭୂମ ଓ ଲାଳନଭୂମି ନ ଥିଲା, ଏହା ଏହି ଧର୍ମର ଗଠନ ଭୂମି ମଧ୍ୟ ଥିଲା । ଓଡ଼ିଶା ଦେଶରେ ମହାଯାନର ସୁବିଖ୍ୟାତ ମାଧ୍ୟମିକ ଦର୍ଶନ ସୃଷ୍ଟି ହୋଇ ବୌଦ୍ଧନ୍ୟାୟର ଭିତ୍ତି ଓ ସୌଧ ନିର୍ମିତ ହୋଇଥିଲା । ତେଣୁ ବୌଦ୍ଧଧର୍ମକୁ ତଥା ଭାରତକୁ ବିଶ୍ୱଦରବାରରେ ମହାନ୍ ରୂପେ ପ୍ରକାଶ କରିବାରେ ଓଡ଼ିଶାର ଦାନ ଯେ ଅତୁଳନୀୟ, କହିବା ହୁଏତ ନିଷ୍ପ୍ରୟୋଜନ ।

ଏହିଯୁଗରେ ଓଡ଼ିଶାର ପରିମଳଗିରି, ସୁରଭଗିରି, ଭୋରଶୈଳ, ତାମ୍ରଲିପି ଓ ଚେଳିତାଳୋ ଆଦି ବୌଦ୍ଧ ସଂସ୍କୃତି ଓ ସ୍ଥାପତ୍ୟର ପୀଠମାନ ପ୍ରତିଷ୍ଠିତ ହୋଇଥିଲା । ନାଗାର୍জ୍ଜୁନଃ, ଆର୍ଯ୍ୟଦେବ, ସର୍ବଗାମୀ, ଦିଙ୍‌ନାଗ, ଧର୍ମକୀର୍ତ୍ତି ଆଦି ଦାର୍ଶନିକ ଆଚାର୍ଯ୍ୟଙ୍କର ଏଗୁଡ଼ିକ ଥିଲା ପୀଠସ୍ଥଳୀ । ବୌଦ୍ଧଜଗତର ପରିମଳଗିରିକୁ ପଶ୍ଚିମ ଓଡ଼ିଶାର ବର୍ତ୍ତମାନର 'ହରିଶଙ୍କର- ନୃସିଂହନାଥ' ପର୍ବତମାଳା ସିହିତ ଚିହ୍ନିତ କରାଯାଇଛି । ଏହା ଖ୍ରୀଷ୍ଟୀୟ ୨ୟ ଶତକରେ ବିଖ୍ୟାତ ବୌଦ୍ଧଦାର୍ଶନିକ ନାଗାର୍જ୍ଜୁନଙ୍କର ଅଧ୍ୟୁଷିତ ସ୍ଥାନ ଥିଲା । ନାଗାର୍જ୍ଜୁନ ଏଠାରେ ମାଧ୍ୟମିକ ଦର୍ଶନ ପ୍ରବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଦର୍ଶନଭିତ୍ତିରେ 'ପ୍ରଜ୍ଞାପାରମିତା ଶାସ୍ତ୍ର' ପ୍ରଭୃତି ବ୍ରହ୍ମ ଗ୍ରନ୍ଥ ପ୍ରଣୟନ କରିଥିଲେ । ଏହି 'ପାରମିତାବାଦ'ର ନୂତନ ଆଭିମୁଖ୍ୟ ଫଳରେ ଓଡ଼ିଶା ମହାଯାନ ବୌଦ୍ଧର୍ମର ଆଦିଭୂମି ରୂପେ ପ୍ରତିଷ୍ଠିତ ହୋଇପାରିଥିଲା । ତାଙ୍କ ପରେ ତାଙ୍କର ପ୍ରଧାନ ଶିଷ୍ୟ ଆର୍ଯ୍ୟଦେବ କଳିଙ୍ଗର ରାଜଧାନୀ ସିଂହପୁରରେ ଜନ୍ମଗ୍ରହଣ କରି ପରିମଳଗିରିଠାରେ ବହୁକାଳ ଗବେଷଣା କରିଥିବା ଜଣାଯାଏ । ସେହିପରି 'ସୁରଭଗିରି' ବର୍ତ୍ତମାନର ଧଉଳିପାହାଡ଼ ବୋଲି ଜଣାଯାଇଛି । ଏହା ଖ୍ରୀଷ୍ଟୀୟ ୩ୟ ଶତକରେ ଯୋଗାଚାର ଦର୍ଶନ ଶିକ୍ଷାର ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା ଏବଂ ଏଠାରେ ଆଚାର୍ଯ୍ୟ ସର୍ବଗ୍ରାମୀ, ଦୂରଦେଶାଗତ ବହୁ ଛାତ୍ରଙ୍କୁ ଯୋଗ-ଦର୍ଶନ

ଶିକ୍ଷା ଦେଉଥିଲେ । ଆଚାର୍ଯ୍ୟ ଦିଙ୍‌ନାଗ ଅଧ୍ୟୁଷିତ ଭୋରଶୈଳ ବିହାର' ଆଧୁନିକ ପୁରୀଜିଲ୍ଲାର ଡେଲାଙ୍ଗ'ର ନାମକରଣ ହୋଇଅଛି । ଏଠାରେ ଦିଙ୍‌ନାଗ ସ୍ୱୀୟ ଧୀଶକ୍ତି ଓ ଦାର୍ଶନିକ ଚିନ୍ତାଧାରା ଦ୍ୱାରା ବୌଦ୍ଧ ନ୍ୟାୟର ଭିତ୍ତି ସ୍ଥାପନ କରିଥିଲେ । ସର୍ବୋପରି ଦିଙ୍‌ନାଗଙ୍କର ନ୍ୟାୟଦର୍ଶନର ବିଶ୍ଳେଷଣ କରି ବୌଦ୍ଧନ୍ୟାୟର ଚୂଡ଼ାନ୍ତ ବିଚାର କରିଥିଲେ ଆଚାର୍ଯ୍ୟ ଧର୍ମକୀର୍ତ୍ତି । ତାଙ୍କ ସାଧନାର ପୀଠ ଓଡ଼ିଶାର ପୁରୀ ଜିଲ୍ଲାର ସଉଳି ମହାବୀର ନିକଟ ଧର୍ମକୀର୍ତ୍ତି ଗ୍ରାମ ଓ ଗଞ୍ଜାମ ଅଞ୍ଚଳରେ ଥିଲା । ଗୁପ୍ତଶାସନ ସମୟରେ ସମ୍ରାଟ ନିରସିଂହ ଗୁପ୍ତ ବଳାଦିତ୍ୟ କଟକ ଜିଲ୍ଲାର ରତ୍ନଗିରିଠାରେ ଏକ ବୌଦ୍ଧ ବିହାର ନିର୍ମାଣ କରିଥିବା ଜଣାଯାଏ । ରତ୍ନଗିରିଠାରେ ହୀନଯାନ ଓ ମହାଯାନ ଉଭୟଧର୍ମର ଶାସ୍ତ୍ରମାନ ସଂରକ୍ଷିତ ହୋଇଥିଲା । ଅଷ୍ଟମ ଓ ନବମ ଶତାବ୍ଦୀରେ ଓଡ଼ିଶାରେ ଭୌମକର ବଂଶର ରାଜତ୍ୱରେ ରତ୍ନଗିରିରୁ ବହୁ ଉନ୍ନତି ସାଧିତ ହୋଇଥିବା ଜଣାଯାଏ । ଏହି ସମୟର 'ପ୍ରଜ୍ଞା' ନାମକ ଜଣେ ବିଦ୍ୟାର୍ଥୀ ଏଠାରେ ଅଧ୍ୟୟନ କରିଥିଲେ । ଭୌମବଂଶୀୟ ରାଜା ଶୁଭକରଦେବ 'ଖଣ୍ଡବ୍ୟୁହ' ଗ୍ରନ୍ଥ ଓ ଖଣ୍ଡିଏ ପତ୍ର ଚୀନ୍ ସମ୍ରାଟଙ୍କ ନିକଟକୁ ପଠାଇଥିବାର ଐତିହାସିକ ପ୍ରମାଣ ମିଳେ । ଏହି ସମୟରେ ରତ୍ନଗିରି ବିହାରରେ ଥିବା ପ୍ରସିଦ୍ଧ ଅଧ୍ୟାପକ ବା ଆଚାର୍ଯ୍ୟମାନେ ହେଲେ 'ଆଚାର୍ଯ୍ୟ ପିତୋପାଦ' । ସେ ସମ୍ବଳ ବା ସମ୍ବଲପୁରଠାରେ ତନ୍ତ୍ରଶିକ୍ଷା କରି ସିଦ୍ଧିଲାଭ କରିଥିଲେ ଓ ରତ୍ନଗିରିଠାରେ ଆଚାର୍ଯ୍ୟ ଥିବାବେଳେ 'କାଳଚକ୍ରଯାନ' ନାମକ ବୌଦ୍ଧଧର୍ମର ଏକ ନୂତନ ଯାନ ପ୍ରବର୍ତ୍ତନ କରିଥିଲେ । ବସ୍ତୁତଃ ରତ୍ନଗିରି ସମୟକ୍ରମେ ଏକ ତାନ୍ତ୍ରିକ ବୌଦ୍ଧବାଦର କେନ୍ଦ୍ରରୂପେ ପରିଣତ ହୋଇଯାଇଥିଲା ।

ଏଣେ ସପ୍ତମ ଶତାବ୍ଦୀବେଳକୁ ଭାରତରେ ବିଭିନ୍ନ କାରଣରୁ ବୌଦ୍ଧଧର୍ମର ପ୍ରଭାବ ଲୋପପାଇ କ୍ରମଶଃ ତନ୍ତ୍ରବାଦର ଅଭ୍ୟୁଦୟ ଘଟିଲା । ଓଡ଼ିଶା ପୂର୍ବରୁ ଯେପରି ମହାଯାନ ବିକାଶର ଭିତ୍ତିଭୂମି ଥିଲା, ସେହିପରି ବୌଦ୍ଧତନ୍ତ୍ରଶାସ୍ତ୍ରର ଆଦିଭୂମିରୂପେ ବିଦିତ ହେଲା । ରତ୍ନଗିରିଠାରେ ଏହି ସମୟରେ 'କାଳଚକ୍ରତନ୍ତ୍ର'ଓ ସୋନପୁରଠାରେ ଜୟଦ୍ରଥଙ୍କ ଦ୍ୱାରା 'ଚକ୍ରସମ୍ବର ତନ୍ତ୍ର'ର ପ୍ରାଧାନ୍ୟ ଅନୁଭୂତ ହେଲା । ଶେଷରେ ୮ମ ଶତାବ୍ଦୀରେ ସିଦ୍ଧ ଇନ୍ଦ୍ରଭୂତି ତନ୍ତ୍ରଯାନକୁ ଶୁଦ୍ଧକରି ବଜ୍ରଯାନ ରୂପେ ପ୍ରକାଶ କଲେ । ପ୍ରସିଦ୍ଧ 'ଉଡ୍ଡୀୟାନ ପୀଠ' ସେତେବେଳେ ଓଡ଼ିଶାରେ ପ୍ରସିଦ୍ଧ ତାନ୍ତ୍ରିକ ପୀଠରୂପେ ଖ୍ୟାତିଲାଭ କରିଥିଲା । ଏଠାରେ ଇନ୍ଦ୍ରଭୂତିଙ୍କ ଦ୍ୱାରା ପ୍ରଚାରିତ ବଜ୍ରଯାନ କାଳକ୍ରମେ

ଲକ୍ଷ୍ମୀଙ୍କରାଙ୍କ ଦ୍ୱାରା 'ସହଜଯାନ'ରେ ପରିଣତ ହେଲା । ଏହି ଇନ୍ଦ୍ରଭୂତି ଥିଲେ ତନ୍ତ୍ରପୀଠ ସମ୍ବଳ ବା ଆଧୁନିକ ସମ୍ବଲପୁରର ରାଜା ଏବଂ ଲକ୍ଷ୍ମୀଙ୍କରା ଥିଲେ ଲଙ୍କା ବା ଆଧୁନିକ ସୋନପୁରର କୁଳବଧୂ । ସମ୍ବଳ ଓ ଲଙ୍କା ଉଭୟ ପୂର୍ବୋକ୍ତ 'ଉଡ୍ଡୀୟାନ' ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ।

ଓଡ଼ିଶାରେ ଭୌମକର ରାଜବଂଶର ପ୍ରତିଷ୍ଠାବେଳକୁ ଏହା 'ତନ୍ତ୍ରଯାନ'ର ଏକ ପ୍ରଧାନ ପୀଠରୂପେ ପ୍ରତିଷ୍ଠା ଲାଭ କରି ପାରିଥିଲା । ଏହି ସମୟରେ ଓଡ଼ିଶାର ବିଭିନ୍ନସ୍ଥାନରେ ତନ୍ତ୍ରପୂଜା ବହୁଳ ପ୍ରସାର ଲାଭ କରିଥିବା ଜଣାଯାଏ । ଓଡ଼ିଶାର ଯାଜପୁର, ରତ୍ନଗିରି, ଉଦୟଗିରି, ଲଳିତଗିରି, ଅଯୋଧ୍ୟା, ଖିଚିଙ୍ଗ୍, ଚୌଦ୍ୱାର, ବାଣେଶ୍ୱରନାସୀ, ପ୍ରାଚୀନଦୀର ଅବବାହିକା ଓ ବାଣପୁର ପ୍ରଭୃତି ସ୍ଥାନରେ ଏବେ ମଧ୍ୟ ଶତ ଶତ ବଜ୍ରଯାନୀଙ୍କ ବୌଦ୍ଧ ବିଗ୍ରହ ଦେଖିବାକୁ ମିଳେ । ଓଡ଼ିଶାରେ ପୂଜିତ ଅନ୍ୟାନ୍ୟ ବୌଦ୍ଧ ଦେବଦେବୀଙ୍କ ମଧ୍ୟରେ ବଜ୍ରସତ୍ତ୍ୱ, ପ୍ରଜ୍ଞାପାରମିତା, ବଜ୍ରପାଣି, ଅମୋଘସିଦ୍ଧି, ମଞ୍ଜୁଶ୍ରୀ, ମୈତ୍ରେୟ, ତାରା, ମାରିଚୀ, ହେରୁକ, ବଜ୍ରବାରାହୀ, କୁରୁକୁଲ୍ଲା ଆଦିଙ୍କ ବିଗ୍ରହ ବହୁସଂଖ୍ୟାରେ ମିଳିଛି ।

ଓଡ଼ିଶାରେ ୮ମ-୯ମ ଶତାବ୍ଦୀ ବୌଦ୍ଧଧର୍ମ ଓ ଶୈବଧର୍ମର ସନ୍ଧିକାଳ ବୋଲି ଐତିହାସିକଙ୍କ ମତ । ଭୌମକର ବଂଶର ରାଜାମାନେ ପ୍ରଥମେ ବୌଦ୍ଧ ଥିଲେ ମଧ୍ୟ ସେମାନେ ସମୟ କ୍ରମେ ବୌଦ୍ଧଧର୍ମର ଆନୁଗତ୍ୟ ସ୍ୱୀକାର କରିବାରୁ, ଓଡ଼ିଶାରେ ବଜ୍ରଯାନ ଓ ସେଥିରୁ ବିକଶିତ ହୋଇଥିବା ସହଜଯାନ ରାଜଶକ୍ତିର ସମର୍ଥନ ହରାଇ ବସିଲା । ପୁଣି ପରବର୍ତ୍ତୀ କାଳରେ ସୋମବଂଶୀ ରାଜାମାନେ ଶୈବଧର୍ମର ପ୍ରଧାନ ପୃଷ୍ଠପୋଷକ ଥିବାରୁ, ଏହି ଧର୍ମର ପ୍ରଭାବରେ ବୌଦ୍ଧଧର୍ମ ଓଡ଼ିଶାରେ ସଂପୂର୍ଣ୍ଣ ରାହୁଗ୍ରସ୍ତ ହୋଇଥିଲା ଏବଂ ସେହିକାଳରୁ ବୌଦ୍ଧଧର୍ମ ଆଉ ମୁଣ୍ଡଟେକି ପାରିଲା ନାହିଁ । ତେବେ ଇନ୍ଦ୍ରଭୂତିଙ୍କ ପ୍ରବର୍ତ୍ତିତ ବଜ୍ରଯାନର ଶୂନ୍ୟଦର୍ଶନ ସେତେବେଳେ ଉତ୍କଳୀୟ ଜନତାର ଉପାସ୍ୟ ମୈତ୍ରୀଦେବ ଜଗନ୍ନାଥଙ୍କ ଠାରେ ଲୀନ ହୋଇଯାଇଥିଲା । ସ୍ପୃଶ୍ୟାସ୍ପୃଶ୍ୟ ବିଚାର, ଜାତିଭେଦ ପ୍ରଭୃତି ବୁଦ୍ଧରୂପୀ ଶ୍ରୀଜଗନ୍ନାଥଙ୍କ ଠାରେ ନଥିଲା । ଶ୍ରୀଜଗନ୍ନାଥଙ୍କୁ ବଜ୍ରଯାନୀମାନେ ଶୂନ୍ୟର ପ୍ରତୀକରୂପେ ଧ୍ୟାନ କରୁଥିଲେ । ବଜ୍ରଯାନର ତାନ୍ତ୍ରିକ ପୂଜାପଦ୍ଧତି ସେତେବେଳେ ଜଗନ୍ନାଥଙ୍କ ଠାରେ ପ୍ରବର୍ତ୍ତିତ ହେଲା । ସୁତରାଂ ବଜ୍ରଯାନର ଜନ୍ମଭୂମି ଓଡ଼ିଶାରେ ଏହାର ସମସ୍ତ ଧର୍ମ, ଦର୍ଶନ ଓ ଆଚାର - ବିଚାରଗତ ରୀତିନୀତି

ସେତେବେଳେ ଉତ୍କଳୀୟ ଧାର୍ମିକ ଓ ସାମାଜିକ ଜୀବନରେ ଏକ ନୂତନ ପରମ୍ପରା ସୃଷ୍ଟି କରିବାରେ ସମର୍ଥ ହୋଇଥିଲା ।

ନାଥଧର୍ମ:

ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଅନ୍ୟତମ ପଞ୍ଚଶିଷ୍ୟ ଶାନ୍ତିନିକେତନର ପ୍ରଧାନ ଆଚାର୍ଯ୍ୟ କ୍ଷିତିମୋହନ ଶାସ୍ତ୍ରୀ 'On Hinduism' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି, " The Natha Cult is Closely Connected with the doctriness of Yoga. It is also linked with worship of Pasupati Siva i.w. with the worship of Siva as the lord of animals. Among the Indus Valley relics, the Pasupati Icon and Images of Yogis have been found, which suggest that the cult may be very old indeed, later all these cults came into close contact with Buddhism, Jainism and popular Hinduism."(୪)

ବୈଦିକ ଯୁଗର ବିବରଣୀରୁ ଜଣାଯାଏ, ଓଡ଼ିଶା ଅର୍ଥାତ୍ ପୌରାଣିକ ଯୁଗର ଉତ୍କଳ, କଳିଙ୍ଗ, ଉଡ୍ର, କଙ୍ଗୋଦ, କୋଶଳାଦି ନାମିତ ଭୂଖଣ୍ଡ ବ୍ରହ୍ମାବର୍ତ୍ତର ଅନ୍ତର୍ଗତ । ପୁନଶ୍ଚ ପ୍ରାଗ୍‌ବୈଦିକ ଯୁଗର ଇତିହାସ ଆଲୋଚନାରୁ ଉପଲବ୍ଧି ହୁଏ ଯେ, ଏହା ଅର୍ଥାତ୍ ଏହି ଓଡ଼ିଶା ବା ପୂର୍ବର ଉକ୍ତ ନାମରେ ପରିଚିତ ଭୂଖଣ୍ଡକୁ ବ୍ରାତ୍ୟଭୂମି ବୋଲି ଆଖ୍ୟା ଦିଆଯାଉଥିଲା । (୫)

ସେ ଯୁଗରେ ଏଇ ବ୍ରାତ୍ୟଭୂଖଣ୍ଡର ରାଜଚକ୍ରବର୍ତ୍ତୀ ମହାରାଜ ପୃଥୁ ଅଥର୍ବବେଦରେ ସାକ୍ଷାତ ଈଶାନ ବା ମହାଦେବଙ୍କର ଅବତାର ବୋଲି ବର୍ଣ୍ଣିତ । ଶ୍ରୀମଦ୍ ଭାଗବତରେ ମଧ୍ୟ ପୃଥୁ ମହାରାଜ ବିଷ୍ଣୁଙ୍କର ଅବତାର ରୂପେ କଥିତ । ତାହାଙ୍କୁ ଏକ ବ୍ରାତ୍ୟ ବୋଲି କୁହାଯାଉଥିଲା । ପୁନଶ୍ଚ ଅର୍ଥ ବେଦର ସମଗ୍ର ପଞ୍ଚଦଶ କାଣ୍ଡ ବ୍ରାହ୍ୟଯୋଗୀ ସିଦ୍ଧପୁରୁଷଙ୍କର ସ୍ତୁତି ବାକ୍ୟ । ଏଥିରେ ପରତତ୍ତ୍ୱକୁ ଶିବଙ୍କ ସହିତ ଅଭିନ୍ନ କଳ୍ପନା କରାଯାଇ ତାହାଙ୍କୁ ଏକ ବ୍ରାତ୍ୟ ବୋଲି ସ୍ତୁତି କରାଯାଇଛି । ମହାଯୋଗୀ ଶିବ ଏଥିରେ

(୪) Acharya Kshitimohan Senshastri, On Hinduism, Penguine Books, P-69

(୫) ଅଧ୍ୟାପକ ରାମଚନ୍ଦ୍ର ତ୍ରୀପାଠୀ, ସମନ୍ୱୟ, କୈବଲ୍ୟ, ଜଗନ୍ନାଥମିଶନ, ଭୁବନେଶ୍ୱର, ୧୯୬୬, ଅକ୍ଟୋବର ସଂଖ୍ୟା ।

ନୀଳଲୋହିତ, ଈଶାନ, ଏକବ୍ରାତ୍ୟ ପ୍ରଭୃତି ନାମରେ ଅଭିହିତ । ଯଥା:

"ସୋଽବର୍ଦ୍ଧତ ସ ମହାନଭବତ୍ ସ ମହାଦେବୋଽଭବତ୍ ।"

"ସ ଦେବାନାମୀଶାଂ ପର୍ଯ୍ୟେତ୍ ସ ଈଶାନୋଽଭବତ୍ ।"

ଏକବ୍ରାତ୍ୟ ଶିବ ଓ ବ୍ରାତ୍ୟ ସମ୍ରାଟ ପୃଥୁ ଏକ ଓ ଅଭିନ୍ନ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଅଛି ।(୬) ଶେଷରେ ବ୍ରାତ୍ୟସମ୍ରାଟ ପୃଥୁଙ୍କ ସହିତ ତ୍ରିବେଦିକ ଆର୍ଯ୍ୟମାନେ ପୃଥୁଙ୍କୁ ଆର୍ଯ୍ୟସମ୍ରାଟ ବୋଲି ସ୍ୱୀକାର କରିନେବା ଲାଗି ଏପରି ଗୋଟିଏ ଯଜ୍ଞର ଆୟୋଜନ କଲେ ଯାହାକୁ 'ବ୍ରାତ୍ୟଷ୍ଟୋମ ଯଜ୍ଞ' କୁହାଗଲା । ସେଇ ଯଜ୍ଞପରେ ରାଜସୂୟ ପୃଥୁମହାରାଜାଙ୍କୁ ସମଗ୍ର ଆର୍ଯ୍ୟଭୂମି ବା ଆର୍ଯ୍ୟାବର୍ତ୍ତର ଏକଛତ୍ର ସମ୍ରାଟ ବୋଲି ସ୍ତୁତି କରାଗଲା । (୭) ବୈଦିକ ଆର୍ଯ୍ୟମାନଙ୍କ ସହିତ ବ୍ରାତ୍ୟମାନଙ୍କର ମିଳନ ଫଳରେ ଆଧ୍ୟାତ୍ମିକ ଭାବଧାରାର ଉନ୍ମେଷ ହୋଇ ପରବର୍ତ୍ତୀ ସମୟରେ ତାହା ବେଦାନ୍ତ ବା ଔପନିଷଦକ ଆଧ୍ୟାତ୍ମିକବାଦ ବା ବ୍ରହ୍ମବିଦ୍ୟା ନାମରେ କଥିତ ହେଲା । ଏହି ବ୍ରାତ୍ୟ-ଶୈବ- ଯୋଗୀଗଣଙ୍କର ଆଚରିତ ପ୍ରାଗ୍‌ବୈଦିକ ବ୍ରାତ୍ୟ ଶୈବଧର୍ମ, ଅଥର୍ବବେଦୀୟ ବ୍ରାତ୍ୟ ଶୈବ ପୂଜା ଯେ କ୍ରମଶଃ ଆଦିନାଥ - ନବନାଥ- ମତ୍ସ୍ୟେନ୍ଦ୍ର- ଗୋରକ୍ଷନାଥଙ୍କ ଦ୍ୱାରା ପ୍ରଚାରିତ ନାଥ ଧର୍ମ ନାମରେ ଆତ୍ମପ୍ରକାଶ କରିଅଛି, ଏକଥା ପ୍ରଫେସର ଡଃ. ଗଙ୍ଗାଧର ବଳ ପ୍ରମାଣ କରିଛନ୍ତି । ଡଃ. କାହ୍ନୁଚରଣ ମିଶ୍ର ତାଙ୍କ ସନ୍ଦର୍ଭରେ ବ୍ରାତ୍ୟ ଶୈବଧର୍ମ ପୌରାଣିକ ଯୁଗରେ ନାଥଧର୍ମ ନାମରେ ପୂର୍ଣ୍ଣତା ଲାଭ କରିଥିବାର ଉଲ୍ଲେଖ କରିଛନ୍ତି ।(୮) ଶ୍ୱେତାଶ୍ୱତର (୨/୭/୧୫) ଉପନିଷଦରେ କ୍ରିୟାଯୋଗର ବର୍ଣ୍ଣନା ଦେଖାଯାଏ । ବୃହଦାରଣ୍ୟକ (୪/୩/୨୦), ଛାନ୍ଦୋଗ୍ୟ (୮/୬) ଓ କୌଶିତକୀ

(୬) ଅଥର୍ବବେଦ, ବ୍ରାତ୍ୟକାଣ୍ଡ, ୧୫ଶଖଣ୍ଡ, ୧୫ ।୩ -୪-୬

(୭) Radhakrishna Choudhury, Vratya in Ancient India, Chowkhamba, Varanasi, P-37

(୮) In the puranic, age, Vratya Saiva cult of Yoga Marga attained its perection as Natha Dharma of Nathism Siva was turned as Natha by the followers of Saivism. Dr. Kanhu Charan Mishra, The Cult of Jagannath, K.L. Mukhopadhyaya, Calcutta, P-89

(୪/୩/୨୦) ଉପନିଷଦରେ ଯୋଗର ସାଧନ, ନାଡ଼ୀମାନଙ୍କର ନିର୍ଦ୍ଦେଶ ଦେଖାଯାଏ । ଏତଦ୍‌ବ୍ୟତୀତ ଅଦ୍ୱୟତାରକ, ତ୍ରିଶିଖ ବ୍ରାହ୍ମଣ, ଧ୍ୟାନବିନ୍ଦୁ, ନାଦବିନ୍ଦୁ, ଯୋଗକୁଣ୍ଡଳୀ, ବରାହ, ଶାଣ୍ଡିଲ୍ୟ ପ୍ରଭୃତି ଏକବିଂଶତି ଉପନିଷଦ ନାଥଧର୍ମର ବିଶିଷ୍ଟ ଯୋଗସାଧନାର ଆକର ଗ୍ରନ୍ଥ । ଏଥିରେ ଯୋଗର ସମସ୍ତ ଆସନ, ପ୍ରାଣାୟମ, ପ୍ରତ୍ୟାହାର, ମୁଦ୍ରା, ବନ୍ଧ, ନାଦାନୁସନ୍ଧାନ, ପ୍ରଭୃତି ଅଙ୍ଗର ତାତ୍ତ୍ୱିକ ବିଚାର ଲିପିବଦ୍ଧ । ଐତରେୟ ଉପନିଷଦରେ ପ୍ରଥମ ଅଧ୍ୟାୟ ବର୍ଣ୍ଣିତ ସୃଷ୍ଟିତତ୍ତ୍ୱହିଁ ଗୋରକ୍ଷନାଥଙ୍କ ଦ୍ୱାରା ଉଦ୍ଭାବିତ ଓ ପଲ୍ଲବିତ ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱର ମୌଳିକ ଉପାଦାନ । ମୀନନାଥ, ଗୋରକ୍ଷନାଥ ପ୍ରଭୃତି ନାଥଧର୍ମର ସିଦ୍ଧ ଯୋଗୀମାନଙ୍କ ଦ୍ୱାରା ରଚିତ ଯୋଗ ଶାସ୍ତ୍ରରେ ଏହି ପ୍ରାଗ୍‌ବୈଦିକ, ବୈଦିକ, ଉପନିଷଦୀୟ ପରଂପରାପ୍ରାପ୍ତ ଯୋଗ ହିଁ ବର୍ଣ୍ଣିତ । ଏଣୁ ନାଥପନ୍ଥୀ ସିଦ୍ଧଯୋଗୀମାନଙ୍କର ଯୋଗମାର୍ଗ ବୈଦିକ ଓ ଉପନିଷଦମୂଳକ, ବୌଦ୍ଧ-ତନ୍ତ୍ରମୂଳକ ନୁହେଁ- ଏହା ସ୍ୱତଃସିଦ୍ଧ ଓ ପ୍ରମାଣିତ ସିଦ୍ଧାନ୍ତ ।(୯) ପୂର୍ବାଲୋଚିତ ପ୍ରାଗ୍‌ବୈଦିକ କାଳରୁ ୮ମ ଶତାବ୍ଦୀ ପର୍ଯ୍ୟନ୍ତ ନାଥଯୋଗ ସାଧନ ମାର୍ଗ ସମଗ୍ର ଭାରତବର୍ଷ ସହିତ ଭାରତର ବାହାରେ ଆଫଗାନିସ୍ଥାନ, ପାରସ୍ୟ ଏପରିକି କାଷ୍ପିୟାନ ହ୍ରଦ ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । କାଷ୍ପିୟାନ ହ୍ରଦ କୂଳରେ ରଷିଆର ବାକୁ ସହରରେ ଯେଉଁ ଶିବମନ୍ଦିରଟି ଅଦ୍ୟାପି ବିରାଜିତ ରହିଅଛି, ତାହାର ଶିଳାଲେଖରେ ଶିବମୂର୍ତ୍ତି ନାଥଯୋଗୀମାନଙ୍କ ଦ୍ୱାରା ପୂଜିତ ହେଉଥିବାର ଉଲ୍ଲେଖ ଅଛି ।(୧୦)

ଅଙ୍ଗ, ବଙ୍ଗ, କଳିଙ୍ଗ, ମଗଧ ପ୍ରଭୃତି ପୂର୍ବଭାରତୀୟଖଣ୍ଡ ବ୍ରାତ୍ୟଭୂମିର ଅଧିବାସୀମାନଙ୍କର ଅଥର୍ବ ବେଦ ହିଁ ପ୍ରଧାନ ଧର୍ମଶାସ୍ତ୍ର ଥିଲା । ଅଥର୍ବବେଦୀୟ ପୈପ୍‌ପଳାଦ ସଂହିତା ଓ ପୈପପଳାଦ ଶାଖାର ବ୍ରାହ୍ମଣମାନେ ପ୍ରଧାନଃ ବ୍ରାତ୍ୟଭୂମିରେ ହିଁ ବାସ କରୁଥିଲେ । ଓଡ଼ିଶାର ଯାଜପୁର, ତାମ୍ରଲିପ୍ତ, ବାଲେଶ୍ୱର ଓ ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରେ ଆଜିପର୍ଯ୍ୟନ୍ତ ପୈପ୍‌ଳବାଦ ଶାଖାର ବ୍ରାହ୍ମଣମାନେ ସେ ଶାଖାର

(୯) ପଣ୍ଡିତ ବଳଦେବ ଉପାଧ୍ୟାୟ, ଭାରତୀୟ ଦର୍ଶନ, ଓଡ଼ିଆ ଅନୁବାଦ: ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଓ.ସା. ଏକାଡ଼େମୀ, ପୃ-୩୪

(୧୦) ଶଙ୍କରନାଥ ରାୟ, ଭାରତେର ସାଧକ, ୭ମଖଣ୍ଡ, ପୃ-୪

ସଂସ୍କୃତି ଓ ଆଚାର ରକ୍ଷା କରିଅଛନ୍ତି ।(୧୧) ବ୍ରାତ୍ୟଷ୍ଟୋମ ଯଜ୍ଞଦ୍ୱାରା ବ୍ରାତ୍ୟଶୈବମାନଙ୍କୁ ବ୍ରାହ୍ମଣ ଶ୍ରେଣୀରେ ଅନ୍ତର୍ଭୁକ୍ତ କରି ନିଆଗଲା ବୋଲି ଐତିହାସିକ ଜର୍ମାନୀ ପଣ୍ଡିତ ଇଉଣ୍ଟରନିଜ୍ ମତ ପ୍ରକାଶ କରି ଲେଖିଛନ୍ତି. "Of special interest are the Bratyastomas and the description of sacrificial ceremonies by means of which the Vratyas were received into the community of the Brahmans. "(୧୨) ଜାଜ୍ୱଲ୍ୟଦେବଙ୍କ ଦ୍ୱାଦଶ ଶତାବ୍ଦୀର ଶିଳାଲିପିରୁ ଜଣାଯାଏ, କେନ୍ଦୁଝର ଓ ମୟୂରଭଞ୍ଜଠାରୁ ମହାନଦୀର ପଶ୍ଚିମତୀର ପର୍ଯ୍ୟନ୍ତ ଭୂମିଖଣ୍ଡ ଓଡ୍ର ନାମରେ ନାମିତ ହେଉଥିଲା । ତିରୁମଲ୍ଲାର ଶିଳାଲିପିରୁ ଜଣାଯାଏ ଯେ ଶିଳାଲିପିରେ ବର୍ଣ୍ଣିତ ବୀରମାନେ ତ୍ରିକଳିଙ୍ଗ ଜୟ କରି ଓଡ୍ର ଦେଶ ମଧ୍ୟଦେଇ କୋଶଳ ବା ସମ୍ବଲପୁରକୁ ଯାଇଥିଲେ । ସମ୍ବଲପୁର ଓ ତାର କରଦରାଜ୍ୟଗୁଡ଼ିକ ପ୍ରାଚୀନ କାଳରେ ଦକ୍ଷିଣ କୋଶଳ ନାମରେ ନାମିତ ଥିଲା ଏବଂ ଦକ୍ଷିଣ କୋଶଳ ଓ କଳିଙ୍ଗର ମଧ୍ୟବର୍ତ୍ତୀ ପାର୍ବତ୍ୟ ପ୍ରଦେଶ ଓଡ୍ର ନାମରେ ପରିଚିତ ଥିଲା - ଏହା ଐତିହାସିକ ଶ୍ରୀ ବି.ସି. ମଜୁମଦାରଙ୍କ ମତ । ହରପ୍ରସାଦ ଶାସ୍ତ୍ରୀଙ୍କ ମତରେ ଓଡ଼ିଶାର ପ୍ରାଚୀନ ନାମ ଥିଲା ଓଡ୍ଡିୟାନ । ଏହି ଓଡ୍ଡିୟାନ ଶବ୍ଦ ନାଥଯୋଗଧର୍ମର ଏକ ବିଶେଷମୁଦ୍ରା । ଏହା ଉଡ୍ଡାନ ଶବ୍ଦରୁ ଜାତ । କ୍ରମଶଃ ଏହି ଶବ୍ଦରୁ ଉଡ୍ର, ଓଡ଼ିଆଣ, ଓଡ଼ିଆଣୀ, ଓଡ଼ିଆ ଓ ଓଡ଼ିଶୀ ଶବ୍ଦ ଉତ୍ପନ୍ନ । ରୁଦ୍ରସୁଧାନିଧିରେ 'ଓଡ଼ିଆଣୀ ମୁଦ୍ରା ଖଞ୍ଜି ଅଛି' ବୋଲି ଉଲ୍ଲେଖ ରହିଛି । ଓଡ୍ଡିଆନ ନୃପତି ଇନ୍ଦ୍ରଭୂତିଙ୍କର ରାଜକର୍ମଚାରୀ ମୀନନାଥ ବା ଲୁଇପା ଓଡ୍ଡିୟାନ ମୁଦ୍ରାର ବିଶେଷ ସାଧକ ଥିଲେ । ହରପ୍ରସାଦ ଶାସ୍ତ୍ରୀଙ୍କ ମତରେ ତନ୍ତ୍ରସାର ଗ୍ରନ୍ଥର ପୀଠସ୍ଥାନ ଓଡ୍ଡିଆଣ ଅର୍ଥାତ୍ ଓଡ଼ିଶା ବ୍ୟତୀତ ଅନ୍ୟକୌଣସି ସ୍ଥାନ ହୋଇପାରେନା । କାରଣ ଯାଦୁବିଦ୍ୟା, ଉଚ୍ଚାଟନାଦି ମନ୍ତ୍ରଶକ୍ତି ଓ ହଠଯୋଗଦ୍ୱାରା ଅଲୌକିକଶକ୍ତି ପ୍ରଦର୍ଶନ ବ୍ୟାପାର ଓଡ୍ଡିଆଣ ବା ଓଡ଼ିଶା ଦେଶରେ ପ୍ରଚଳିତ ଥିବାର ଉଲ୍ଲେଖ ଖ୍ରୀ:ପୂ: ୨ୟ ଶତାବ୍ଦୀ ଠାରୁ ଦେଖାଯାଏ । (୧୩) ସୁତରାଂ ଏହିସବୁ ବିଦ୍ୟା

(୧୧) D.M. Bhattacharya, Paippalada Samhita, Sanskrit College, Caculltta, Introduction Page-xvi-ii, P-13

(୧୨) Winternitz, A History of India Literature, P-16

(୧୩) ଡଃ ଦୋଳଗୋବିନ୍ଦ ଶାସ୍ତ୍ରୀ, ନାଥଧର୍ମର କ୍ରମବିକାଶ, ପୃ-୨୪୬-୪୭

ବ୍ରାତ୍ୟଶୈବ ବା ନାଥଧର୍ମୀମାନଙ୍କର ନିଜସ୍ୱ ସାଧନ ସଂପଦ ହୋଇଥିବାରୁ ଓଡ଼ିଶାରେ ନାଥଯୋଗୀ ସଂପ୍ରଦାୟ ଯେ ସେତେବେଳକୁ ବିଶେଷ ଭାବରେ ପରିଚିତ ଥିଲେ - ଏହା ନିଃସନ୍ଦେହରେ କୁହାଯାଇପାରେ । କେବଳ ମତ୍ସ୍ୟେନ୍ଦ୍ର ନାଥ ଓ ଗୋରକ୍ଷନାଥ ଏହି ଦୁଇଜଣ ସିଦ୍ଧ ଯୋଗୀ ମିଳିତ ଭାବରେ ୮ମ ଶତାବ୍ଦୀଠାରୁ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ସେହି ଧର୍ମମାର୍ଗକୁ ସର୍ବଭାରତୀୟ ଧର୍ମସାଧନାର ମାର୍ଗରୂପେ ପରିଚିତ ଓ ପ୍ରତିଷ୍ଠିତ କରାଇପାରିଥିଲେ । ମତ୍ସ୍ୟେନ୍ଦ୍ରନାଥଙ୍କୁ ନାଥ ସିଦ୍ଧମାନେ ବୁଦ୍ଧଦେବଙ୍କର ୪ର୍ଥ ଅବତାର ରୂପେ ମାନିନେଇ ପଦ୍ମପାଣି ଅବଲୋକିତେଶ୍ୱର ନାମରେ ପରେ ପରିଚିତ କରାଇଲେ । ନେପାଳର କାଠମାଣ୍ଡୁରେ ଯେଉଁ ରଥଯାତ୍ରା ହୁଏ ତାହା ପଦ୍ମପାଣି ଅବଲୋକିତେଶ୍ୱରଙ୍କର ହିଁ ରଥଯାତ୍ରା । ଏପରିକି ନେପାଳର ପ୍ରତ୍ୟେକ ମୁଦ୍ରାରେ ଗୋରକ୍ଷନାଥଙ୍କର ନାମ ମଧ୍ୟ ଅଙ୍କିତ ଥାଏ ।

ଓଡ଼ିଶାରେ ଏହି ମୂର୍ତ୍ତି ବହୁ ସ୍ଥାନରେ ପରିଦୃଷ୍ଟ ହୁଏ । ଏହା ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ସମ୍ବଲପୁର ପ୍ରଭୃତି ଅଞ୍ଚଳରୁ ଅଣାଯାଇ ଭୁବନେଶ୍ୱର ମ୍ୟୁଜିୟମରେ ସଂରକ୍ଷିତ ହୋଇଅଛି । କଟକ ଠାରୁ ୬/୭ କିଲୋମିଟର ଦୂର ପଦ୍ମପୁର କାଜିବଜାର ପାର ହୋଇ ବାମଦିଗରେ କେନାଲକୂଳ ଧାନବିଲରେ ପ୍ରାୟ ୫/୬ ଫୁଟର ଯେଉଁ ପଥର ମୂର୍ତ୍ତିଟିଏ ଦେଖିବାକୁ ମିଳେ ତାହା ବୋଧହୁଏ ଏହି ମୂର୍ତ୍ତି । କେନ୍ଦ୍ରାପଡ଼ା ବସ୍ଷ୍ଟାଣ୍ଡ ନିକଟ ଗୋବରୀ ନଦୀକୂଳସ୍ଥ ମୂର୍ତ୍ତି ଏବଂ ଡେରାବିଶ ରାଜନଗରସ୍ଥିର ଆଳିରାଜାଙ୍କର ମୃଗୟାରଣ୍ୟରେ ଥିବା ମୂର୍ତ୍ତି ଏହି କିସମର ।(୧୪) ଉପରୋକ୍ତ ଏହି ୩ଟି ମୂର୍ତ୍ତିରେ ବ୍ରାହ୍ମୀସଦୃଶ ଅକ୍ଷର ଖୋଦେଇ ଶିଳାଲେଖ ରହିଛି । ଏଥିରୁ ମନେହୁଏ ଯେ, ସେ କାଳରେ ମଧ୍ୟ ଭାରତର ଅନ୍ୟାନ୍ୟ ଦେଶପରି ମତ୍ସ୍ୟେନ୍ଦ୍ରନାଥ ଓଡ଼ିଶାରେ ବିଷ୍ଣୁ ଓ ବୁଦ୍ଧଙ୍କର ଅବତାର ରୂପେ ପୂଜିତ ହେଉଥିଲେ ।

(୧୪) ଏ ମୂର୍ତ୍ତି ପଦ୍ମଉପରେ ଆସୀନ, ଦକ୍ଷିଣପଦ ବିଲମ୍ବିତ, ବାମପଦ ଦକ୍ଷିଣଜାନୁ ଉପରେ ନ୍ୟସ୍ତ, ମସ୍ତକରେ ଜଟାମୁକୁଟ, ଗଳାରେ ଏବଂ ବାହୁରେ ରୁଦ୍ରାକ୍ଷ, କର୍ଣ୍ଣରେ କୁଣ୍ଡଳ, ସ୍କନ୍ଧରେ ଉପବୀତ, ବାମହସ୍ତରେ ପଦ୍ମ, ତଳଦେଶରେ କମଣ୍ଡଳୁ ଓ ଭିକ୍ଷାପାତ୍ର । କପିଳାସସ୍ଥିତ ଚନ୍ଦ୍ରଶେଖରଙ୍କର ଅନ୍ୟତମ ସେବାଧିକାରୀ ଯୋଗୀମଠ ଓ ପଦ୍ମପୁରର କାଳଭୈରବ ମଠରେ ପୂଜିତ ମୂର୍ତ୍ତି ମଧ୍ୟ 'ଅବଲୋକିତେଶ୍ୱର' ଶ୍ରେଣୀର ।

ନାଥ ସଂଜ୍ଞା ଏକ ସାମ୍ପ୍ରଦାୟିକ ବିଧି । ନାଥଧର୍ମ ଗ୍ରହଣକାରୀ ଯେ କୌଣସି ବର୍ଣ୍ଣର ବା ଜାତିର ହୁଅନ୍ତୁ ନା କାହିଁକି 'ନାଥ' ସଂଜ୍ଞା ଏବଂ 'ନିରଞ୍ଜନ' ବା 'ଅନାଦି' ଗୋତ୍ରୀ ବୋଲି ନିଜ ନିଜକୁ ପରିଚିତ କରାଇବାର ପରମ୍ପରା ଅଦ୍ୟାପି ପ୍ରଚଳିତ । ସମଗ୍ର ଓଡ଼ିଶାରେ ଏମାନଙ୍କର ସଂଖ୍ୟା ପ୍ରାୟ ୪୦ ହଜାରରୁ ଅଧିକ । ସେମାନଙ୍କ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅନ୍ତ୍ୟଜ ଏବଂ ମୁସଲମାନ ଧର୍ମର ବ୍ୟକ୍ତି ମଧ୍ୟ ଦେଖାଯାନ୍ତି । ବିଶେଷତଃ କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ଉପକୂଳ ଅଞ୍ଚଳରେ ଏବଂ ଢ଼େଙ୍କାନାଳର କପିଳାସ, ରେଢ଼ାଖୋଲ ଓ ସମ୍ବଲପୁର ଅଞ୍ଚଳରେ ମଧ୍ୟ ବସତି ଓ ମଠାସି ଦେଖାଯାଏ । ଓଡ଼ିଶାରେ ପ୍ରାୟ ଏମାନଙ୍କର ଷୋଳଟି ମଠ ଓ ପୀଠ ରହିଛି । ନାଥଧର୍ମୀୟ ଅନୁଷ୍ଠାନରେ ଏବେ ବି ଷୋଳମହନ୍ତଙ୍କର ଆମନ୍ତ୍ରଣ ଓ ସମାବେଶର ପ୍ରଥା ଚଳି ଆସୁଛି । ଏହି ମଠ ମଧ୍ୟରେ କପିଳାସ, ଆଳି, ମାଣିତିରି, ସିମୁଳିଆ, ତିର୍ତ୍ତୋଳ ଥାନା ଅନ୍ତର୍ଗତ ଛ'ପଡ଼ା ଗ୍ରାମର ଗୋରେଖ ଗାଦି, ଜଗତସିଂହପୁର ହରିନାଥ ଗାଦି, କୁଲଣଗିରିର କେୟାରବାଙ୍କ, କେନ୍ଦ୍ରାପଡ଼ାର ବିର୍ସ୍ୱତୀ, ଭୁବନେଶ୍ୱରର କପାଳି ମଠ ଓ ପଦ୍ମପୁରର କାଳଭୈରବ ମଠ ପ୍ରସିଦ୍ଧ । ଏ ସମସ୍ତ ସିଦ୍ଧପୀଠର ସଂପତ୍ତି ରାଜା ମହାରାଜା, ଉତ୍କଳର ଗଜପତି ମହାରାଜା ଓ ବିଭିନ୍ନ ଜମିଦାରମାନଙ୍କ ଦ୍ୱାରା ପ୍ରଦତ୍ତ । ଓଡ଼ିଶାରେ ଯୋଗୀମଠ ଓ ସିଦ୍ଧପୀଠାଦିର ସଂପତ୍ତି ଦେବୋତ୍ତର ଓ ନିଷ୍କର । ଅଧିକାଂଶ ରାଜା ମହାରାଜାଙ୍କର ରାଜବୈଦ୍ୟ ଭାବରେ ଏହି ନାଥଯୋଗୀମାନେ ସଂପତ୍ତି ଓ ଉପାଧି ପ୍ରାପ୍ତ ହୋଇଅଛନ୍ତି ।

ସତ୍ୟନାଥ ନାଥମାର୍ଗର ଦ୍ୱାଦଶନାଥଙ୍କ ମଧ୍ୟରେ ଉତ୍କଳୀୟ ଥିବାର ଜଣାଯାଏ । ନାଥମାନେ ମୁଖ୍ୟତଃ ଶୈବ, ଏବଂ ଶୈବ- ନକୁଳୀଶ ସଂପ୍ରଦାୟର ଅନୁଗାମୀ । ଭାରତବର୍ଷର ସାମାଜିକ ବ୍ୟବସ୍ଥା ଯେତେବେଳେ ଯୌନ ଉଚ୍ଛୃଙ୍ଖଳିତ ହୋଇ ସଂଯମ ଶକ୍ତି ହରାଇ ନିର୍ବୀର୍ଯ୍ୟ ହୋଇ ପଡ଼ିଥିଲା ସେତିକିବେଳେ ମୀନନାଥ, ଗୋରକ୍ଷନାଥ, ଜାଳନ୍ଧର ନାଥ, ଚୌରିଙ୍ଗିନାଥ ଓ ବିରୁପାକ୍ଷ ନାଥ ପ୍ରମୁଖ ସିଦ୍ଧମାନେ ସେମାନଙ୍କର ବୀରୋଚିତ ବଳିଷ୍ଠ ସଂଗଠନ ଶକ୍ତି, ବ୍ୟକ୍ତିଗତ ସାଧନ- ସଂଯମ ବଳ, କାୟାସିଦ୍ଧି ଓ ଯୋଗଲବ୍ଧ ଅଲୌକିକ ଶକ୍ତି ଦ୍ୱାରା ଜନସମାଜକୁ ଚମତ୍କୃତ ଓ ଆକୃଷ୍ଟ କରି ଯୋଗମାର୍ଗକୁ ସର୍ବଭାରତୀୟ ଧର୍ମପନ୍ଥାରୂପେ ପ୍ରତିଷ୍ଠିତ କରିଥିଲେ । ଶିବ ପୁରାଣରେ ସ୍ୱୟଂ ଶିବ ଗୋରକ୍ଷରୂପେ ଅବତୀର୍ଣ୍ଣ ହୋଇ ଯୋଗୀମାନଙ୍କୁ ରକ୍ଷା କରି ଯୋଗମାର୍ଗ ପ୍ରଚାର

କରିଥିଲେ ବୋଲି ବର୍ଣ୍ଣିତ ହୋଇଛି ।(୧୫) ଶ୍ରୀମଦ୍ ଭାଗବତ ଦ୍ୱାଦଶ ସ୍କନ୍ଧରେ ମହାରାଜ ଋଷଭଦେବଙ୍କର ଶତପୁତ୍ର ମଧ୍ୟରୁ ନଅଜଣ ନାରଦଙ୍କ ଉପଦେଶରେ ଯୋଗମାର୍ଗର ଉଦ୍ଧାର ଓ ଲୋକମଙ୍ଗଳ ନିମିତ୍ତ କୈଳାସ ଗମନପୂର୍ବକ ଶିବଙ୍କ ଠାରୁ ବରପ୍ରାପ୍ତ ହୋଇଥିଲେ । ଭାଗବତରେ ଏମାନେ ନବଯୋଗୀନ୍ଦ୍ର ବା ନବନାରାୟଣ ନାମରେ ପରିଚିତ । ଆଚାର୍ଯ୍ୟ ଡଃ. ହଜାରୀ ପ୍ରସାଦ ଦ୍ୱିବେଦୀ ଭାଗବତର ଏହି ନବଯୋଗିନ୍ଦ୍ରଙ୍କୁ ଐତିହାସିକ ନବନାଥଙ୍କ ସହ ପରିଚିତ କରାଇଛନ୍ତି । ସେ କହନ୍ତି, ଏହି ନବପୁତ୍ରମାନଙ୍କ ମଧ୍ୟରୁ କବି - ମତ୍ସ୍ୟେନ୍ଦ୍ରନାଥ, କରଭାଜନ-ଗହନୀନାଥ, ଅନ୍ତରୀକ୍ଷ- ଜାଳନ୍ଧର ନାଥ, ପ୍ରବୁଦ୍ଧ- କାନିପା, ଆବାହୋତ୍ର-ନାଗନାଥ, ପିପ୍ପଳାୟନ- ଚର୍ପଟୀନାଥ, ଚମସ- ରେବାନାଥ, ହବି - ଭର୍ତ୍ତୃହରିନାଥ ଓ ଦ୍ରୁମିଳାଚନ୍ଦ୍ରଙ୍କୁ ଗୋପୀନାଥ ରୂପେ ପରିଚିତ କରାଯାଇପାରିବ ।(୧୬) ନାଥଧର୍ମ ସର୍ବଜନାଦୃତ ହେବାପରେ ଏହାର ବିଶିଷ୍ଟ ଆଚାର୍ଯ୍ୟ ଓ ସେମାନଙ୍କୁ ଆଚାରକୁ କେନ୍ଦ୍ରକରି ସତ୍ୟନାଥୀ, ଧର୍ମନାଥୀ, ପାଗଳପନ୍ଥୀ, ରାଉଳପନ୍ଥୀ, ଆଇପନ୍ଥୀ, ଭର୍ତ୍ତୃହରିନାଥୀ, ହେତୁପଥ, ଧାଡ଼ିପଡ଼, ଗଜଗଣ୍ଡୁଡ଼, ଅଘୋରପଥ ଓ ତୁଳାନାଥ ପ୍ରଭୃତି ବାରଗୋଟି ଶାଖା ସୃଷ୍ଟି ହୋଇଥିଲା । (୧୭) ନବନାଥ ଓ ସେମାନଙ୍କର ଦ୍ୱାଦଶ ସଂପ୍ରଦାୟ ବ୍ୟତିରେକେ ନାଥଧର୍ମ ଗ୍ରନ୍ଥମାନଙ୍କରେ ବୌଦ୍ଧ ସହଜିଆମାନଙ୍କ ପରି ୮୪ ସିଦ୍ଧନାଥଙ୍କ ନାମ ଦେଖିବାକୁ ମିଳେ । (୧୮)

ଶୈବଧର୍ମ

ଭାରତୀୟ ସଂସ୍କୃତିର ପ୍ରାଚୀନତମ ଇତିବୃତ୍ତ ଭାବରେ ମହେଞ୍ଜୋଦାରୋ ଏବଂ ହରପ୍ପାରୁ ଆବିଷ୍କୃତ ପ୍ରତ୍ନତାତ୍ତ୍ୱିକ ଉପାଦାନଗୁଡ଼ିକର ବିଶ୍ଳେଷଣରୁ ଜଣାଯାଏ

(୧୫) ଶିବୋ ଗୋରକ୍ଷରୂପେଣ ଜୁଗଶାସ୍ତ୍ର ଜୁଗୋପହ ।
ଯମାଦ୍ୟଙ୍ଗୈର୍ଯଥାସ୍ଥାନେ ସ୍ଥାପିତାଯୋଗୀନୋଽପିଚ ॥(ଶିବପୁରାଣ, ୭/୧)

(୧୬) ଡଃ. ହଜାରୀ ପ୍ରସାଦ ଦ୍ୱିବେଦୀ, ନାଥ ସଂପ୍ରଦାୟ, ପୃ-୨୮

(୧୭) ଡଃ. ବଂଶୀଧର ମହାନ୍ତି, ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ, ପୃ-୨୩-୪୭

(୧୮) ଡଃ. ବଂଶୀଧର ମହାନ୍ତି, ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ, ପୃ-୩୯-୪୭

ଯେ, ସିନ୍ଧୁ ଉପତ୍ୟକାବାସୀ ଆର୍ଯ୍ୟେତର ଗୋଷ୍ଠୀ ମଧ୍ୟରେ ଶୈବଧର୍ମ ପ୍ରଥମ କରି ବିକାଶ ଲାଭ କରିଥିଲା ।(୧୯) ମହେଞ୍ଜୋଦାରୋରୁ ଆବିଷ୍କୃତ ଏକ ମୋହରରୁ ଯୋଗାସୀନ ଏକ ମୂର୍ତ୍ତିର ପରିଚୟ ମିଳେ । ଏହି ମୂର୍ତ୍ତିର ଚାରିପାଖରେ ପଶୁମାନେ ବେଢ଼ି ରହିଛନ୍ତି । ଏହାକୁ ପ୍ରତ୍ନତତ୍ତ୍ୱବିତ୍ ମାର୍ଶଲ ନିର୍ଦ୍ୱନ୍ଦ୍ୱରେ ପ୍ରୋଟୋ ଶିବମୂର୍ତ୍ତି ବୋଲି କହିଥାନ୍ତି । 'ହରପ୍ପା' ଶବ୍ଦକୁ ବ୍ୟାଖ୍ୟା କରି କେତେକ ଆଲୋଚକ 'ହର' ଓ 'ଅପ୍ପା' ଶବ୍ଦର ସମ୍ମିଶ୍ରଣରୁ ହରପ୍ପା ଶବ୍ଦ ସୃଷ୍ଟି ହୋଇଛି ବୋଲି ଅନୁମାନ କରନ୍ତି । ହରପ୍ପାର ମୋହରମାନଙ୍କରେ ଏହି ହରଙ୍କୁ ଶିଙ୍ଗ ଓ ଅନ୍ୟାନ୍ୟ ପ୍ରାକୃତିକ ପଶୁ ସୁଲଭ ଅବୟବମାନଙ୍କ ଦ୍ୱାରା ଭୂଷିତ କରାଯାଇଛି । (୨୦) ପୁନଶ୍ଚ ମହେଞ୍ଜୋଦାରୋରୁ ପ୍ରାପ୍ତ ଏକ ମୁଦ୍ରାରେ ଯୋଗାସନାସୀନ ପଶୁପତି, ଦୁଇଟି ନିଷାଦ ଓ ଦୁଇଟି ସର୍ପର ଏକୀକରଣ ହୋଇଥିବା ଦେଖିବାକୁ ମିଳେ ।(୨୧)

କାଳକ୍ରମେ ସିନ୍ଧୁ ଉପତ୍ୟକାବାସୀ ଏହି ପଶୁପତି ଉପାସକମାନଙ୍କର ବୈଦିକ ଆର୍ଯ୍ୟମାନଙ୍କ ସହ ସାଂସ୍କୃତିକ ସମ୍ମେଳନ ସମ୍ଭବ ହେଲା । ଯାହା ଫଳରେ କି ମହେଞ୍ଜୋଦାରୋର ପଶୁପତି ବୈଦିକ ରୁଦ୍ରରେ ପରିଣତ ହେଲେ । ସିନ୍ଧୁ ଉପତ୍ୟକାବାସୀ ସେହି ଆଦିମ ମାନବମାନଙ୍କୁ ବେଦରେ ରୁଦ୍ରଙ୍କର ଉପାସକ ବ୍ରାତ୍ୟ ଭାବରେ ପରିଚିତ କରାଗଲା ଏବଂ ପଶୁପତିଙ୍କର ସମସ୍ତ ଲକ୍ଷଣ ରୁଦ୍ରଙ୍କ ଠାରେ ଆରୋପ କରାଗଲା ।

ଓଡ଼ିଶାରେ ଶୈବ ଧର୍ମ ଯେ ଅତ୍ୟନ୍ତ ପ୍ରାଚୀନ ଲୋକପ୍ରିୟ ଥିଲା ଏହାର ପ୍ରମାଣ ମନ୍ଦିର ମାଳିନୀ ଓଡ଼ିଶାର କୋଣେ କୋଣେ ପ୍ରତିଷ୍ଠିତ ଶିବମନ୍ଦିରମାନଙ୍କରୁ ମିଳିଥାଏ । ଆନ୍ଧ୍ରରାଜା ଦ୍ୱିତୀୟ ସାତକର୍ଣ୍ଣୀ ଓଡ଼ିଶାରେ ଚେତିବଂଶ ଶାସନର ଅବସାନ ଘଟାଇଥିଲେ । ସେମାନେ ବ୍ରାହ୍ମଣ ଥିବାରୁ ଏବଂ ଭୁବନେଶ୍ୱରର ଉତ୍ତରେଶ୍ୱର ମନ୍ଦିରଗାତ୍ରରେ ଖୋଦିତ କେତେକ ଶୈବଚିତ୍ର, ଆନ୍ଧ୍ର କଳା- ଭାସ୍କର୍ଯ୍ୟର ଅନୁରୂପ

(୧୯) J.Marsi all- Mohenjadaro and Indus Valley Civilization; PP-48

(୨୦) L.P. Singh- Tantra, its Mystic and Scientific basic;PP-3

(୨୧) ଦୈନିକ ମାତୃଭୂମି, ଶିବରାତ୍ରି ଓ ଶିବପୂଜା; ୧୩ । ୨।୧୯୭୨

ହୋଇଥିବାରୁ, ସେତେବେଳେ ଓଡ଼ିଶାରେ ଶୈବଧର୍ମର ପ୍ରସାର ସାଧିତ ହୋଇଥିବ ବୋଲି ଅନୁମାନ କରାଯାଇପାରେ । ଖ୍ରୀଷ୍ଟୀୟ ୩ୟ- ୪ର୍ଥ ଶତକ ସୁଦ୍ଧା ଓଡ଼ିଶାର କେନ୍ଦୁଝର ଅଞ୍ଚଳରେ ଶିବପୂଜା ପ୍ରଚଳିତ ଥିବାର ପ୍ରମାଣ ଅସନପାଟରୁ ଆବିଷ୍କୃତ ନୃତ୍ୟରତ ଶିବ ବିଗ୍ରହରୁ ପ୍ରମାଣିତ ହୋଇଛି । ମାଠରବଂଶୀୟ ରାଜାମାନେ ଶୈବଧର୍ମାବଲମ୍ବୀ ନଥିବା ସତ୍ତ୍ୱେ ବି ସେମାନଙ୍କ ରାଜତ୍ୱ କାଳରେ ଶୈବଧର୍ମର ଲୋକପ୍ରିୟତା କ୍ଷୁଣ୍ଣ ହୋଇ ନ ଥିଲା । ଏହାର ନିଦର୍ଶନ ମତ୍ତମୟୂର ସଂପ୍ରଦାୟର ଲକୁଳୀଶ ବିଗ୍ରହ ପାଶୁପତ ସଂପ୍ରଦାୟର ଲୋକପ୍ରିୟତାରୁ ବେଶ୍ ଜଣାପଡ଼େ । ବାଶିଷ୍ଠ ରାଜା ଅନନ୍ତଶକ୍ତି ବର୍ମା ସ୍ୱୀୟ ରାଜକୀୟ ଘୋଷଣାମାନଙ୍କରେ ନିଜକୁ 'ପରମ ମାହେଶ୍ୱର' ରୂପେ ପ୍ରକାଶ କରିଛନ୍ତି । ପ୍ରାଚୀନ ଗଙ୍ଗ ଶାସକମାନେ ଶୈବଧର୍ମର ପୃଷ୍ଠପୋଷକତା କରିଥିବା ସେମାନଙ୍କର କେତେକ ତାମ୍ରଶାସନରୁ ସୂଚନା ମିଳେ । ମୁଖଲିଙ୍ଗେଶ୍ୱର, ବିଶେଷତଃ ମହେନ୍ଦ୍ର ପର୍ବତସ୍ଥ ଗୋକର୍ଣ୍ଣେଶ୍ୱର ମହାଦେବ ସେମାନଙ୍କର ପରମ ଆରାଧ୍ୟ କୁଳଦେବତା ଥିଲେ । (୨୨) ସମ୍ଭବତଃ ଏହି ମନ୍ଦିର ସାମନ୍ତବର୍ମାଙ୍କ ଦ୍ୱାରା ମହେନ୍ଦ୍ର ପର୍ବତ ତୃଡ଼ାରେ ଖ୍ରୀଷ୍ଟୀୟ୬ଷ୍ଠ ଶତକରେ ନିର୍ମିତ ହୋଇଥିଲା । ଉତ୍କଳରେ ମୁଦ୍‌ଗଳ ବଂଶୀ ରାଜାମାନେ ପ୍ରଥମେ ବ୍ରହ୍ମାଙ୍କ ଉପାସକ ଥିଲେ ମଧ୍ୟ ଶେଷରେ ଶିବଙ୍କ ପ୍ରତି ସେମାନଙ୍କ ଆନୁଗତ୍ୟ ପ୍ରକାଶ କରିଥିବାର ସୂଚନା ମିଳେ । ସେମାନେ ଶୈବ ଧର୍ମର ପକ୍ଷପାତୀ ଥିବାରୁ ସେମାନଙ୍କ ରାଜତ୍ୱ ସମୟରେ ଟିକିଲିର ସୋମେଶ୍ୱର, ଭୃଙ୍ଗୀଶ୍ୱର ଓ ଅଗସ୍ତୀଶ୍ୱର ମନ୍ଦିର ତଥା ଆସିକାର ତ୍ରିବିଧେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିବା ଅନୁମାନ । ଉକ୍ତ ବଂଶର ଅନ୍ୟାନ୍ୟ ମନ୍ଦିରମାନଙ୍କ ମଧ୍ୟରେ ଭୁବନେଶ୍ୱରର ଶତ୍ରୁଘ୍ନେଶ୍ୱର, ଲକ୍ଷ୍ମଣେଶ୍ୱର, ପରଶୁରାମେଶ୍ୱର ଓ ସ୍ୱର୍ଣ୍ଣଜାଳେଶ୍ୱର ପ୍ରଭୃତି ମନ୍ଦିରମାନ ଜୀର୍ଣ୍ଣାବସ୍ଥାରେ ଅଦ୍ୟାପି ବିଦ୍ୟମାନ । ୭ମ ଶତାବ୍ଦୀରେ ରାଜା ଶଶାଙ୍କ ଓଡ଼ିଶାରେ ତାଙ୍କର ଆଧିପତ୍ୟ ବିସ୍ତାର କରିଥିଲେ ଏବଂ ଶୈଳୋଦ୍ଭବ ରାଜା ଦ୍ୱିତୀୟ ମାଧବରାଜ ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ଶଶାଙ୍କ ଅତିମାତ୍ରାରେ ଶୈବଧର୍ମପ୍ରତି ଆକୃଷ୍ଟ ଥିଲେ । ଶୈବଧର୍ମ ପ୍ରତି ତାଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶଶାଙ୍କଙ୍କ ପରେ ହର୍ଷ ଓଡ଼ିଶାରେ ତାଙ୍କର ଆଧିପତ୍ୟ ବିସ୍ତାର କରିଥିଲେ । ସେ ବୌଦ୍ଧ ଥିଲେ ମଧ୍ୟ ଏ

(୨୨) ଡଃ. ଭଗବାନ ପଣ୍ଡା, ଓଡ଼ିଶାର ଧର୍ମ, ପୃ-୬୦-୬୧

ଦେଶରେ ପ୍ରତିଷ୍ଠିତ ଶୈବଧର୍ମ ପ୍ରତି ସହିଷ୍ଣୁତା ପ୍ରଦର୍ଶନ କରିଥିଲେ । ପ୍ରୟାଗରେ ଅନୁଷ୍ଠିତ ଧର୍ମସଭାର ଦ୍ୱିତୀୟ ଦିବସରେ ସେ ଶିବପୂଜା କରିଥିବାରୁ ଓଡ଼ିଶାର ଧର୍ମଧାରଣାରେ ତାଙ୍କର ଆକ୍ରମଣ କିଛି ବ୍ୟାଘାତ ସୃଷ୍ଟି କରି ନ ଥିଲା । ପରବର୍ତ୍ତୀ କାଳରେ ଭୌମକର ବଂଶର ପ୍ରଥମ କେତେଜଣ ରାଜା 'ପରମ ସୌଗତ' ଥିଲେ ମଧ୍ୟ ପରେ ସେମାନେ 'ପରମମାହେଶ୍ୱର' ଉପାଧି ଧାରଣ କରିଥିଲେ । ତେଣୁ ସେମାନଙ୍କ ରାଜତ୍ୱର ଶେଷଭାଗରେ ଉତ୍କଳରେ ଶୈବଧର୍ମ ପ୍ରଚଳିତ ହୋଇଥିଲା । ଭୌମମାନଙ୍କର ରାଜଧାନୀ ଥିଲା ଯାଜପୁର । ଭୌମରାଜାମାନଙ୍କ ମଧ୍ୟରୁ କେତେକ ବୌଦ୍ଧ ଥିବା ସ୍ଥଳେ ଅନେକ ଶୈବଧର୍ମ ଗ୍ରହଣ କରିଥିଲେ । ସୁତରାଂ ଏହି ସମୟରେ ବୌଦ୍ଧ ଓ ଶୈବ ଧର୍ମର ସଂଯୋଗ ଓଡ଼ିଶାରେ ଘଟିଥିବା ଲକ୍ଷ୍ୟ କରାଯାଏ । ପୁଣି ଏତିକିବେଳେ 'କାପାଳିକ' ସଂପ୍ରଦାୟ ନାମରେ ଶୈବଧର୍ମର ଏକ ଚରମ ସଂପ୍ରଦାୟର ଅଭ୍ୟୁଦୟ ଘଟିଥିଲା । ସେମାନେ ଯୋଗ ଅପେକ୍ଷା ଶରୀର ସାଧନାକୁ ଅଧିକ ଗୁରୁତ୍ୱ ଦେଇଥିଲେ ।

ଏପରି ଅବସ୍ଥାରେ ପ୍ରଥମ ଶୁଭାକରଦେବଙ୍କ ରାଣୀ ମାଧବୀଦେବୀ ଯାଜପୁରରରେ 'ମାଧବେଶ୍ୱର' ଶିବ ମନ୍ଦିର ତିଆରି କରିଥିଲେ । ତୃତୀୟ ଶୁଭାକର ଦେବ ଶୈବ ତପସ୍ୱୀମାନଙ୍କ ପାଇଁ ଗ୍ରାସାଚ୍ଛାଦନର ବ୍ୟବସ୍ଥା ନିମିତ୍ତ ଆଧୁନିକ ହିନ୍ଦୋଳ ନିକଟସ୍ଥ 'ବୋଡ଼ିଲୋ' ଗ୍ରାମ ଦାନ କରିଥିଲେ । ଯାଜପୁରର ପ୍ରାଚୀନ ଲଳିତେଶ୍ୱର, କୁସୁମେଶ୍ୱର ପ୍ରଭୃତି ମନ୍ଦିରମାନ ଯଥାକ୍ରମେ ଲଳିତ ହାର ଓ କୁସୁମ ହାରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ବୋଲି ଐତିହାସିକମାନେ ମତଦିଅନ୍ତି ।

ସୋମବଂଶ ବା କେଶରୀ ରାଜତ୍ୱକାଳରେ ଶୈବଧର୍ମ ଉତ୍କଳରେ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ଶୈବଧର୍ମର ଉନ୍ନତି ପାଇଁ ସୋମବଂଶୀ ନରପତିମାନେ ସମସ୍ତ ଶକ୍ତି ଓ ଧନ ନିୟୋଗ କରିଥିଲେ । ଖ୍ରୀଷ୍ଟୀୟ ୧୦ମ ଶତାବ୍ଦୀରୁ ଉତ୍କଳରେ ଶୈବଧର୍ମର ଇତିହାସରେ ନବଯୁଗର ଆରମ୍ଭ ହେଲା । ରାଜପୃଷ୍ଠପୋଷକତା ଲାଭ କରି ଓଡ଼ିଶାରେ ଶତ ଶତ ଶିବମନ୍ଦିର ନିର୍ମିତ ହେଲା । ୧ମ ଯଯାତି ଭୁବନେଶ୍ୱରରେ 'ମୁକ୍ତେଶ୍ୱର' ମନ୍ଦିର ନିର୍ମାଣ କରି ତାଙ୍କର ସ୍ୱପ୍ନ ସାର୍ଥକ କଲେ । ୨ୟ ଯଯାତି ଓ ତାଙ୍କ ପୁତ୍ର ଉଦ୍ୟୋତ କେଶରୀ ଭୁବନେଶ୍ୱରରେ ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ନିର୍ମାଣ କରି ସବୁଦିନ ପାଇଁ ଅମର ହୋଇ ରହିଲେ । ବ୍ରହ୍ମେଶ୍ୱର ଓ ଶିଶିରେଶ୍ୱର ମଧ୍ୟ ଏହି

ସମୟର କୀର୍ତ୍ତି । ରଣଭଞ୍ଜଙ୍କ ରାଣୀ ମହାଦେବୀ ବିଜୟାଦେବୀ 'ବିଜୟେଶ୍ୱର' ଶିବଙ୍କ ପାଇଁ ଭୂମି ଦାନ କରିଥିଲେ । କେନ୍ଦୁଝର ଜିଲ୍ଲାର ଦେଓଗାଁ ଗ୍ରାମରେ ଥିବା 'କୁଶଳେଶ୍ୱର' ଶିବମନ୍ଦିର ଯଯାତିକେଶରୀଙ୍କ କୀର୍ତ୍ତି ବୋଲି ଜନଶ୍ରୁତି ରହିଛି । ଯାଜପୁର, ବାଣପୁର, ପୁରୀ ଓ ପ୍ରାଚୀ ନଦୀ ଅବବାହିକାରେ ମଧ୍ୟ ସୋମବଂଶୀମାନେ ଅସଂଖ୍ୟ ଶିବମନ୍ଦିର ନିର୍ମାଣ କରିଥିବା ପ୍ରମାଣ ରହିଛି । ଏହି ସମୟରେ ଓଡ଼ିଶାରେ ତନ୍ତ୍ରଦେବତା ଶିବଙ୍କ ନାମ ସହିତ 'ଈଶ୍ୱର' ନାମ ସଂଯୁକ୍ତ କରାଯାଇଥିବା ଅନୁମାନ । ଭୁବନେଶ୍ୱର, କପିଳେଶ୍ୱର, ମୁକ୍ତେଶ୍ୱର, କପୋତେଶ୍ୱର, ବେଲେଶ୍ୱର ପ୍ରଭୃତି ନାମ ଅନୁଧାନ ଯୋଗ୍ୟ । କେଶରୀ ବଂଶର ରାଜାମାନେ ଦକ୍ଷିଣ କୋଶଳରେ ମଧ୍ୟ ଅସଂଖ୍ୟ ଶୈବକୀର୍ତ୍ତି ପ୍ରତିଷ୍ଠା କରିଥିଲେ । ବୌଦର ରାମେଶ୍ୱର ଓ ମହାନଦୀ କୂଳବର୍ତ୍ତୀ ଗନ୍ଧରାଡ଼ିଠାରେ ଥିବା ସିଦ୍ଧେଶ୍ୱର ମନ୍ଦିର ଏବଂ ସୋନପୁରର ସୁବର୍ଣ୍ଣମେରୁ ମନ୍ଦିର ଏମାନଙ୍କ ମଧ୍ୟରେ ଅନ୍ୟତମ । ପାଟଣାଗଡ଼ର ପ୍ରାଚୀନ ରାଜଧାନୀ କଅଁସିଲ ଓ ରାଣୀପୁର ଝରିଆଲରେ ଅନେକ ଶିବ ମନ୍ଦିର ରହିଛି । ଏସବୁ ସୋମବଂଶୀ ରାଜାମାନଙ୍କ କୀର୍ତ୍ତି ଏବଂ ଏ ମନ୍ଦିରମାନଙ୍କ କାରୁକାର୍ଯ୍ୟ ଭୁବନେଶ୍ୱର ମନ୍ଦିରର ଅନୁରୂପ ।

ଏହି ସମୟରେ ଶଙ୍କରାଚାର୍ଯ୍ୟ ଓଡ଼ିଶା ଆସି ଶୈବଧର୍ମ ପ୍ରଚାର କରିଥିଲେ । ଶଙ୍କରାଚାର୍ଯ୍ୟଙ୍କର ପ୍ରଭାବ ଶୈବଧର୍ମର ପ୍ରସାରରେ ଅନେକ ସାହାଯ୍ୟ କରିଥିଲା । ସେହି ସମୟରୁ ଉତ୍କଳରେ ବୌଦ୍ଧଧର୍ମର ଉଚ୍ଛେଦ ସାଧନ କରି ଶୈବଧର୍ମ କ୍ରମଶଃ ଉନ୍ନତି କରିବାକୁ ଲାଗିଲା । ଶଙ୍କର 'ଅଷ୍ଟଶମ୍ଭୁ ପ୍ରତିଷ୍ଠା' ଓ 'ଅଷ୍ଟପୁଷ୍କରିଣୀ' ଖନନ ପ୍ରଥା ଚଳାଇଥିଲେ ବୋଲି ଅନେକ ମତ ପ୍ରକାଶ କରନ୍ତି ।

ରାଜାଶ୍ରୟରେ ଶୈବଧର୍ମ ଏହି ସମୟରେ ପ୍ରବଳ ହେବା ସଂଗେ ସଂଗେ ଅନ୍ୟ ସଂପ୍ରଦାୟମାନ ସଂକୁଚିତ ହେବା ସ୍ୱାଭାବିକ; ମାତ୍ର ସମ୍ପୂର୍ଣ୍ଣ ଭାବେ ସେମାନେ ଓଡ଼ିଶାରେ ବିଲୁପ୍ତ ହୋଇ ନ ଥିଲେ । କେଶରୀବଂଶ ଶୈବ ଥିଲେ ମଧ୍ୟ ଯଯାତିଙ୍କର ଜଗନ୍ନାଥ ମନ୍ଦିର ନିର୍ମାଣ ଓ ପୂଜାପଦ୍ଧତି ନିର୍ଦ୍ଦିଷ୍ଟ କରିବା ତାଙ୍କ ରାଜତ୍ୱର ପ୍ରଥମ କାର୍ଯ୍ୟ ସ୍ୱରୂପ ଗ୍ରହଣ କରାଯାଇଥିଲା । ଗଙ୍ଗବଂଶ ରାଜତ୍ୱରେ ବୈଷ୍ଣବ ଧର୍ମ ପ୍ରାଧାନ୍ୟ ଲାଭ କରିଥିଲେ ମଧ୍ୟ ଶୈବଧର୍ମ ପ୍ରତି ଅସହିଷ୍ଣୁତା ପ୍ରଦର୍ଶନ କରାଯାଇ ନ ଥିଲା । ଗଙ୍ଗନରପତି କାମାର୍ଣ୍ଣବ 'ମଧୁକେଶ୍ୱର' ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ । ଦେବେନ୍ଦ୍ର ବର୍ମା ରାଜରାଜେଶ୍ୱରଦେବ ଗଞ୍ଜାମ ଜିଲ୍ଲାରେ 'ରାଜରାଜେଶ୍ୱର' ଶିବ ମନ୍ଦିର ନିର୍ମାଣ

କରିଥିବା ସୂଚନା ମିଳେ । ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ନିଜକୁ 'ପରମମାହେଶ୍ୱର' ଉପାଧିରେ ଭୂଷିତ କରିଥିଲେ ଏବଂ ଗୋଦାବରୀ ଜିଲ୍ଲାର 'ରାମେଶ୍ୱର' ଶିବମନ୍ଦିରକୁ ତାଙ୍କ ରାଣୀମାନଙ୍କ ସହ ଯାଇ ବିପୁଳ ଦାନ ପ୍ରଦାନ କରିଥିଲେ । ପୁଣି, ଦ୍ୱିତୀୟ ଅନଙ୍ଗଭୀମଦେବଙ୍କ ମନ୍ତ୍ରୀ ଗୋବିନ୍ଦ କଟକ ଜିଲ୍ଲାର 'ଚାଟେଶ୍ୱର ମନ୍ଦିର' ଏବଂ ପ୍ରଥମ ଭାନୁଦେବଙ୍କ ପଟ୍ଟମହିଷୀ 'ରାମେଶ୍ୱର' ମନ୍ଦିରକୁ ଭୂମିଦାନ କରିଥିବା ଜଣାଯାଏ । ଭୁବନେଶ୍ୱର କୃତ୍ତିବାସ ଲିଙ୍ଗରାଜଙ୍କ ଠାରେ ଅକ୍ଷୟ ଦୀପଦାନ ଏବଂ ଏ ମନ୍ଦିରର 'ଭୋଗମଣ୍ଡପ' ଓ 'ନାଟମନ୍ଦିର' ନିର୍ମାଣ ଗଙ୍ଗରାଜାମାନଙ୍କର ଶୈବଧର୍ମ ପ୍ରତି ରହିଥିବା ଅନୁରକ୍ତିର ବଳିଷ୍ଠ ପ୍ରମାଣ ଦିଏ । ଆହୁରି ମଧ୍ୟ କେଦାରେଶ୍ୱର, ମିତ୍ରେଶ୍ୱର, ବରୁଣେଶ୍ୱର ପ୍ରଭୃତି କେତେକ ଶିବମନ୍ଦିର ଗଙ୍ଗରାଜାମାନଙ୍କର କୀର୍ତ୍ତି ବୋଲି ଐତିହାସିକମାନଙ୍କର ମତ ।

କେବଳ ସେତିକି ନୁହେଁ, ଗଙ୍ଗରାଜତ୍ୱ ଅମଳରୁ ଶୈବଧର୍ମର ପ୍ରଧାନ ଉପାସ୍ୟ ଦେବ ଲିଙ୍ଗରାଜ ମଧ୍ୟ ସର୍ବଧର୍ମ- ସମନ୍ୱୟ ପ୍ରତି ଉନ୍ମୁଖ ହୋଇପଡ଼ିଲେ । ସମୟର ସ୍ରୋତରେ ଶିବଲିଙ୍ଗରୂପେ ପରିଚିତ ଥିବା ଲିଙ୍ଗରାଜ ମଧ୍ୟ 'ହରିହର'ରେ ପରିଣତ ହୋଇଗଲେ ଏବଂ ତାଙ୍କ ପୂଜାଲାଗି 'ବିଲ୍ୱପତ୍ର' ସହ 'ତୁଳସୀପତ୍ର' ଆବଶ୍ୟକ ହେଲା । ମନ୍ଦିର ସମ୍ମୁଖସ୍ଥ ସ୍ତମ୍ଭରେ 'ବୃଷଭ' ସହ 'ଗରୁଡ଼' ଏବଂ ଆୟୁଧ 'ତ୍ରିଶୂଳ' ସହ 'ଚକ୍ର' ମଧ୍ୟ ରହିଲା । ଏଠାରେ ମହାପ୍ରସାଦର ପ୍ରଚଳନ କରାଗଲା ଏବଂ ଅନେକ ବିଷ୍ଣୁ ମନ୍ଦିର ଲିଙ୍ଗରାଜ ମନ୍ଦିର ବେଢ଼ାରେ ନିର୍ମିତ ହେଲା ।

ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ରଦେବଙ୍କ ରାଜତ୍ୱକାଳରୁ ଜଗନ୍ନାଥଧର୍ମର ପୁନଃ ପ୍ରତିଷ୍ଠା ପାଇଁ ଆପ୍ରାଣ ଉଦ୍ୟମ କରାଯାଇଥିଲେ ମଧ୍ୟ ଶୈବଧର୍ମ ପ୍ରତି ବିତୃଷ୍ଣା ପ୍ରଦର୍ଶନ କରାଯାଇନାହିଁ । କପିଳେନ୍ଦ୍ରଦେବଙ୍କ ସମସାମୟିକ ଶୂଦ୍ରମୁନି ସାରଳା ଦାସ ତାଙ୍କ 'ମହାଭାରତ'ରେ ବର୍ଣ୍ଣିତ ଭୁବନେଶ୍ୱରର ଲିଙ୍ଗରାଜ, ନାଚେଶ୍ୱର ଓ ଉତ୍ତରେଶ୍ୱର, ପୁରୀର ମାର୍କଣ୍ଡେଶ୍ୱର, ଯମେଶ୍ୱର, ଅମରେଶ୍ୱର ଏବଂ ମେଦିନୀପୁର ଜିଲ୍ଲାର 'ଗଗନଶିବମନ୍ଦିର' ବିଷୟରେ ବର୍ଣ୍ଣନା କରିଛନ୍ତି । ପ୍ରାଚୀ ନଦୀତୀରସ୍ଥ 'ଅଷ୍ଟଶମ୍ଭୁ'ଙ୍କ ବର୍ଣ୍ଣନାରୁ ତତ୍‌କାଳୀନ ଶୈବଧର୍ମ ବିଷୟରେ ସମ୍ୟକ୍ ସୂଚନା ମିଳିଥାଏ । ପୁରୁଷୋତ୍ତମ ଦେବ 'ଭୀମେଶ୍ୱର' ଓ ଲିଙ୍ଗୋଦ୍ଭବ' ମନ୍ଦିରକୁ ବିପୁଳ ଦାନ କରିଥିଲେ ।

ପ୍ରତାପରୁଦ୍ରଦେବ 'ଚନ୍ଦ୍ରଶେଖର' ଶିବମନ୍ଦିର ଏବଂ 'ଧବଳେଶ୍ୱର' ଶିବମନ୍ଦିର ନିର୍ମାଣ କରି ଶୈବ ଉପାସନାର ଅନୁରାଗ ଦେଖାଇଯାଇ ଅଛନ୍ତି ।

ଶାକ୍ତଧର୍ମ

ଶକ୍ତିବିଶ୍ୱସୃଷ୍ଟିର ମୂଳ ଉତ୍ସ । ଏହାର ଉପାସକମାନେ ଶାକ୍ତ ଏବଂ ସେମାନଙ୍କର ଅନୁସୃତ ଉପାସନା ମାର୍ଗର ନାମ ହିଁ ଶାକ୍ତଧର୍ମ ।

ଶାକ୍ତଧର୍ମର ଉତ୍ପତ୍ତି ସଂପର୍କରେ ଐତିହାସିକ ଓ ଗବେଷକମାନେ ଆର୍ଯ୍ୟ ଓ ଆର୍ଯ୍ୟେତର ଦୁଇଟି ସଂସ୍କୃତି ଉପରେ ଗୁରୁତ୍ୱ ଆରୋପ କରିଥାନ୍ତି । ଅନେକ ଆଲୋଚକ ଶାକ୍ତଧର୍ମକୁ ପ୍ରାଗ୍‌ବୈଦିକ ଯୁଗର ମାତୃଦେବୀ ଉପାସନାର ପରିମାର୍ଜିତ ରୂପ ବୋଲି ମତ ପ୍ରଦାନ କରିଅଛନ୍ତି । (୨୩) ସେ ସମୟରେ ସାମାଜିକ ବିବର୍ତ୍ତନର ପ୍ରାଥମିକ ସ୍ତରରେ ମାତୃତ୍ୱ ଥିଲା ଧର୍ମର କେନ୍ଦ୍ରବିନ୍ଦୁ । (୨୪) ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ମିଳିଥିବା ପୁରାତନ ପ୍ରସ୍ତର ଯୁଗର ନାରୀ ମୂର୍ତ୍ତିଗୁଡ଼ିକୁ ଲକ୍ଷ୍ୟ କଲେ ମନେହେବ ଯେ, ଏଗୁଡ଼ିକ ହେଉଛି ନାରୀର ସୃଷ୍ଟିକାରିଣୀ ବା ପ୍ରଜନନ ଶକ୍ତିର ସ୍ୱରୂପ । (୨୫) ପରେ ସୃଷ୍ଟି- କ୍ଷମତାର ପ୍ରତୀକ ଏହି ନାରୀତ୍ୱକୁ ପୃଥିବୀମାତାଠାରେ ଆରୋପ କରାଗଲା । ଏହା ଫଳରେ ନାରୀ ଓ ପୃଥିବୀମାତା ମଧ୍ୟରେ ଏକ ସାର୍ବଜନନୀ ଐକ୍ୟ ସ୍ୱୀକୃତ ହେଲା । ଏ ସଂପର୍କରେ ଆଲୋଚକ ନରେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟଙ୍କ ଉକ୍ତି ହେଲା - The fertility of the soil retained its immemorial association with the women who had been the tiller of the earth and were regarded as the depositaries of agricultural magic.(୨୬) ବୈଦିକ ସୂକ୍ତରେ ପୃଥିବୀକୁ ମନୁଷ୍ୟର ମାତା ଓ ମନୁଷ୍ୟକୁ ତାର ସନ୍ତାନ ବୋଲି ସ୍ୱୀକୃତି ଦିଆଯାଇଛି । ସର୍ବୋପରି ପରବର୍ତ୍ତୀ କାଳରେ ଭାରତୀୟ ସ୍ମୃତିକାର ମହର୍ଷି

(୨୩) E.A. Payne, The Shaktas, PP-32

(୨୪) N.N.Bhattacharya, The Indian Mother Goddess, PP-1

(୨୫) Sir John Woodroffe, Shakti and Shakta, PP-22

(୨୬) N.N. Bhattacharya, The Indian Mother Goddess, PP-5

ମନୁ ମଧ୍ୟ ନାରୀକୁ ପୃଥିବୀ ସହ ତୁଳନା କରିବାକୁ ଯାଇ କହିଥିଲେ- "କ୍ଷେତ୍ରଭୂତା ସ୍ମୃତା ନାରୀ ବାଜଭୂତା ସ୍ମୃତା ପୁମାନ୍" । (୨୭) ଏଥିରୁ ପ୍ରତିପାଦ୍ୟ ହୁଏ ଯେ ନାରୀ ଓ ପୃଥିବୀ ମାତାର ଏହି ସମ୍ବନ୍ଧରୁ କ୍ରମେ ଦେବୀ ପୂଜା ବିକାଶ ଲାଭ କଲା । (୨୮)

ଓଡ଼ିଶାରେ ଶାକ୍ତ ଧର୍ମର ପ୍ରଚଳନ ଅତି ପ୍ରାଚୀନ କାଳରୁ ଥିବାର ପ୍ରମାଣ ମିଳେ । ଓଡ଼ିଶାର ସାମାଜିକ ଜୀବନ ଓ ସ୍ଥାପତ୍ୟରେ ଏହି ଧର୍ମ କ୍ଷିପ୍ତ ବିକ୍ଷିପ୍ତ ଭାବରେ ରହିଥିବାର ଦେଖାଯାଏ । ମହାଭାରତରେ ବର୍ଣ୍ଣିତ ଶକ୍ତିପୀଠମାନଙ୍କ ମଧ୍ୟରେ ଓଡ଼ିଶାର ବିରଜାକ୍ଷେତ୍ର ଅନ୍ୟତମ । ଏହା ଓଡ଼ିଶାରେ ଶକ୍ତି ଉପାସନାର ପ୍ରାଚୀନତମ ନିଦର୍ଶନ ବୋଲି ଅନୁମାନ କରାଯାଇପାରେ । (୨୯) 'ସୁଲକୀ' ରାଜାମାନେ ନିଜକୁ 'ସ୍ତମ୍ଭେଶ୍ୱରୀ ପାଦଭକ୍ତ' ବୋଲି ତାମ୍ର ଶାସନରେ ବର୍ଣ୍ଣନା କରିଛନ୍ତି । (୩୦) ବଲାଙ୍ଗୀର ଜିଲ୍ଲାର ସୋନପୁର ହେଉଛି ବର୍ତ୍ତମାନ 'ସ୍ତମ୍ଭେଶ୍ୱରୀ'ଙ୍କର ପ୍ରଧାନ ପୀଠସ୍ଥଳୀ । 'ସୁଲ୍‌କୀ'ମାନଙ୍କ ବ୍ୟତୀତ ଭଞ୍ଜ, ତୁଙ୍ଗ ଆଦି ବଂଶର ନରପତିମାନେ 'ସ୍ତମ୍ଭେଶ୍ୱରୀ' ଭକ୍ତ ଥିବା ଜଣାଯାଏ । ଏଥିରୁ ତତ୍କାଳୀନ ଓଡ଼ିଶାରେ ଶକ୍ତି ଉପାସନାର ପ୍ରାଚୀନତା ଅନୁମାନ କରାଯାଇପାରେ । ଖ୍ରୀଷ୍ଟୀୟ ଷଷ୍ଠ ଶତକରେ ମଧ୍ୟ ଶାକ୍ତଧର୍ମ ପ୍ରସାର ସମ୍ବନ୍ଧରେ ଭୁବନେଶ୍ୱରର କେତେକ ମନ୍ଦିରଗାତ୍ରରେ ମହିଷମର୍ଦ୍ଦିନୀ ତଥା ସପ୍ତମାତୃକାଗଣଙ୍କର ମୂର୍ତ୍ତି ଖୋଦିତ ହୋଇଥିବା ଦେଖାଯାଏ । ଖ୍ରୀଷ୍ଟୀୟ୮ମ-୯ମ ଶତାବ୍ଦୀର ଭୌମ ଅଭିଲେଖମାନଙ୍କରେ ଶକ୍ତିପୂଜା ସମ୍ବନ୍ଧରେ ଯଥେଷ୍ଟ ସୂଚନା ଦିଆଯାଇଛି । ଏହି ସମୟରେ ଶୈବ - ଶାକ୍ତଧର୍ମ ତଥା ତାନ୍ତ୍ରିକ - ବୌଦ୍ଧଧର୍ମ ଓଡ଼ିଶାରେ ବିଶେଷ ପ୍ରସାର ଲାଭ କରିଥିଲା ଓ ବିରଜାପୀଠ ସେମାନଙ୍କର ରାଜଧାନୀ ଥିବାରୁ ଶୈବଧର୍ମ ସହିତ ଶାକ୍ତଧର୍ମର ସମାନ୍ତରାଳ ବିକାଶ ଘଟିଥିବାର ଜଣାଯାଏ । ଭୁବନେଶ୍ୱରରେ ଥିବା ଗୌରୀମନ୍ଦିର, ମୋହିନୀ ମନ୍ଦିର ଓ

(୨୭) ମନୁସଂହିତା, ୯/୩୩

(୨୮) N.N. Bhattacharya, The Indian Mother Goddess, PP-13

(୨୯) "ତତୋ ବୈତରଣ୍ୟାଂ ଗଚ୍ଛେତ୍ ସର୍ବପାପ ପ୍ରମୋଚନିମ୍ । ବିରଜା ତୀର୍ଥମାସାଦ୍ୟ ବିରାଜିତ ଯଥା ଶଶୀ ।"

(୩୦) M.P. Dash, A Descriptive catalouge of Sanskrit Manuscript, Vol. V, PP-5

ଭୁବନେଶ୍ୱର ନିକଟବର୍ତ୍ତୀ ହୀରାପୁରର ୬୪ ଯୋଗିନୀ ମନ୍ଦିର ଭୌମକର ରାଜବଂଶର ରାଜତ୍ୱ ସମୟରେ ନିର୍ମିତ ହୋଇଥିବାର ଅନୁମାନ କରାଯାଏ । ତନ୍ତ୍ରର ପ୍ରସାର ଫଳରେ ଓଡ଼ିଶାରେ ଶାକ୍ତଧର୍ମ ଅଧିକ ଦୃଢ଼ୀଭୂତ ହେବାକୁ ଲାଗିଲା । ଏହି ସମୟରେ ନିର୍ମିତ ହୋଇଥିବା ଭୁବନେଶ୍ୱରର ବୈତାଳ ମନ୍ଦିର ଶୈବ, ଶାକ୍ତ ଓ ବୌଦ୍ଧର୍ମର କେନ୍ଦ୍ରରୂପେ ପ୍ରତିଷ୍ଠିତ ହୋଇଥିବା ଜଣାଯାଏ । ଏହି ମନ୍ଦିର ଗାତ୍ରରେ ଖୋଦିତ ଭାସ୍କର୍ଯ୍ୟରୁ ସେ ସମୟରେ ଏହି ତିନୋଟି ସଂପ୍ରଦାୟର ଏକତ୍ର ଅବସ୍ଥିତି ଲକ୍ଷ୍ୟ କରାଯାଏ । ବୌଦ୍ଧଧର୍ମ ପରି ଶାକ୍ତଧର୍ମ ମଧ୍ୟ 'ଉଡ୍ଡିୟାନ'ରୁ ଆରମ୍ଭ ହୋଇ ଭାରତରେ ପରିବ୍ୟାପ୍ତ ହୋଇଥିଲା । ତନ୍ତ୍ର ଗ୍ରନ୍ଥରେ ପ୍ରାଧାନ୍ୟ ଲାଭ କରିଥିବା ଓଡ଼ିଶାର ଶାକ୍ତପୀଠମାନଙ୍କ ମଧ୍ୟରେ ପୁରୁଷୋତ୍ତମକ୍ଷେତ୍ରର ବିମଳା ଓ ଯାଜପୁରର ବିରଜାଦେବୀ ଅନ୍ୟତମ । ଏମାନଙ୍କ ବ୍ୟତୀତ ଏକାମ୍ରକ୍ଷେତ୍ରର ଭୁବନେଶ୍ୱରୀ ପୀଠ ଏକ ଶାକ୍ତପୀଠମାନଙ୍କ ମଧ୍ୟରେ ଝଙ୍କଡ଼ ସାରଳା ପୀଠ, କାକଟପୁରର ମଙ୍ଗଳା ପୀଠ, ସମ୍ବଲପୁରର ସମଲେଇ ପୀଠ, ବାଣପୁରର ଭଗବତୀ ପୀଠ, ଭୂଷଣ୍ଡପୁରର ଉଗ୍ରତାରା ପୀଠ, ଗଞ୍ଜାମର ତାରାତାରିଣୀ ଓ ଖମ୍ଭେଶ୍ୱରୀ ପୀଠଗୁଡ଼ିକ ପ୍ରାଚୀନ ଶାକ୍ତପୀଠ ରୂପେ ଖ୍ୟାତ । ମନେହୁଏ, ଏହି ସବୁ ଶାକ୍ତପୀଠମାନଙ୍କରେ ତାନ୍ତ୍ରିକତାର ବହୁଳ ପ୍ରସାର ଘଟିଥିଲା । ଏହିପରି ଭାବରେ ସେ ସମୟରେ ଓଡ଼ିଶାରେ ବଜ୍ରଯାନ ଓ ସହଜଯାନ ସହିତ ଶାକ୍ତଧର୍ମ ମିଶିଯାଇଥିଲା । ପୁରୀକୁ ସେଥିପାଇଁ ଅନେକେ'ଭୈରବୀଚକ୍ର' ବୋଲି କହନ୍ତି । ଏଠାରେ ଶ୍ରୀଜଗନ୍ନାଥ ପୁଣି 'ଦକ୍ଷିଣକାଳିକା' ଶାକ୍ତତନ୍ତ୍ର ଅନୁଯାୟୀ 'ବିମଳା'ଙ୍କୁ 'ଭୈରବୀ' ଓ ଜଗନ୍ନାଥଙ୍କୁ 'ଭୈରବ' ରୂପରେ କଳ୍ପନା କରାଯାଇଅଛି । ଏଥିରୁ ତନ୍ତ୍ର, ଶୈବ ଓ ଶାକ୍ତଧର୍ମର ସମନ୍ୱୟ ସଂପର୍କରେ ଅନୁମାନ କରାଯାଇପାରେ । ପରବର୍ତ୍ତୀ ସମୟରେ କେଶରୀବଂଶର ରାଜତ୍ୱ ସମୟରେ ମହାଶିବଗୁପ୍ତ ଯଯାତି ପାଟଣା ସୁବର୍ଣ୍ଣପୁର ଅଞ୍ଚଳର ଭଗବତୀ 'ପଞ୍ଚାମ୍ବରୀ ଭଦ୍ରାମ୍ବିକା'ଙ୍କର ଜଣେ ପ୍ରଧାନ ଭକ୍ତ ରୂପେ ନିଜକୁ ଉତ୍ସର୍ଗୀକୃତ କରି ଓଡ଼ିଶାରେ ତତ୍କାଳୀନ ଶୈବ ଓ ଶାକ୍ତଧର୍ମର ସଂପର୍କକୁ ଅଧିକ ନିବିଡ଼ କରିଥିଲେ । ଗଙ୍ଗବଂଶ ଶାସନରେ ଶାକ୍ତଧର୍ମ ବିଶେଷ ପ୍ରସାରିତ ହୋଇ ନ ଥିଲେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ରରେ ବିମଳାଙ୍କୁ 'ଭୈରବୀ' ଆଖ୍ୟା ଦିଆଯାଇଥିବାରୁ, ଶକ୍ତି ଉପାସନା ଯେ ଓଡ଼ିଶାରେ ନିଶ୍ଚିହ୍ନ ହୋଇ ନ ଥିଲା, କହିବା ହୁଏତ ନିଷ୍ପ୍ରୟୋଜନ । ପୁରୀ ଭୈରବୀଚକ୍ରର ଏକ ଅଙ୍ଗ ହୋଇଥିବା ହେତୁ ବିମଳାଙ୍କର ଭୋଗ ନ ବଢ଼ିଲା ଯାଏ କୌଣସି ପୂଜା

ସାମଗ୍ରୀ ଜଗନ୍ନାଥ ବେଢ଼ା ଭିତରେ ମହାପ୍ରସାଦ ରୂପେ ଲାଗି ହୁଏ ନାହିଁ । ପୁଣି ବର୍ଷକେ ଥରେ ପ୍ରତି ଦିନ ଆଶ୍ୱିନ ଶୁକ୍ଲାଷ୍ଟମୀ ମଧ୍ୟ ରାତ୍ରିରେ ବିମଳାଙ୍କ ଠାରେ ଆମିଷ ଭୋଗ ହୋଇଥାଏ । ଏଥିରୁ ଜଣାଯାଏ, ଗଙ୍ଗ ରାଜାମାନେ ବୈଷ୍ଣବଧର୍ମାବଲମ୍ବୀ ଥିଲେ ମଧ୍ୟ ଶକ୍ତି ଉପାସନାକୁ ଉପେକ୍ଷା କରିପାରି ନଥିଲେ । ସୂର୍ଯ୍ୟବଂଶୀ ରାଜତ୍ୱରେ ଶକ୍ତି ଉପାସନାର ସୂଚନା ସାରଳାଦାସଙ୍କ ମହାଭାରତରେ ବିଭିନ୍ନ ବର୍ଣ୍ଣନାରୁ ମିଳିଥାଏ । ସାରଳା ତାଙ୍କ ବର୍ଣ୍ଣନାରେ 'ସାରଳଚଣ୍ଡୀ'ଙ୍କୁ ବୈଷ୍ଣବୀ ବୋଲି ସୂଚାଇ ଅଛନ୍ତି । ସେ ଯା' ହେଉ, ଖ୍ରୀଷ୍ଟୀୟ ୧୫ଶ ଶତକ ପର୍ଯ୍ୟନ୍ତ ଏତାଦୃଶ ରୂପେ ଓଡ଼ିଶାରେ ଶାକ୍ତଧର୍ମର ଲୋକପ୍ରିୟତା ରହି ଆସିଥିଲା । ବରାହମିହିରଙ୍କର 'ବୃହତ୍‌ସଂହିତା' ଅନୁଯାୟୀ କୃଷ୍ଣ-ବଳରାମଙ୍କ ମଧ୍ୟରେ 'ଏକାନଂଶା'ଙ୍କର ଆବିର୍ଭାବ ଓଡ଼ିଶାରେ ଶକ୍ତି ଉପାସନାର ମଧ୍ୟ ସୂଚନା ଦେଇଥାଏ । ଏହି ଏକାନଂଶାଙ୍କୁ ଅନେକେ 'ସୁଭଦ୍ରା'ଙ୍କ ସହିତ ଚିହ୍ନିତ କରିଛନ୍ତି । ସୁତରାଂ ଓଡ଼ିଶାର ଶକ୍ତି ଉପାସନା ଯେ କାଳକ୍ରମେ 'ସୁଭଦ୍ରା' ରୂପୀ ଜଗନ୍ନାଥର ଧର୍ମରେ ଅଙ୍ଗୀଭୂତ ହୋଇଛି, ଏହା ଭାବିବା ନିତାନ୍ତ ଅମୂଳକ ନୁହେଁ ।

ବୈଷ୍ଣବ ଧର୍ମ:

ଶ୍ରୀକ୍ଷେତ୍ରରେ ବିଷ୍ଣୁ ଉପାସନାର ଇତିହାସ ସହିତ ଉତ୍କଳରେ ବୈଷ୍ଣବ ଧର୍ମ ପ୍ରଚାରର ଘନିଷ୍ଠ ଯୋଗସୂତ୍ର ବିଦ୍ୟମାନ । ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚଳନ ବହୁ ପ୍ରାଚୀନ । ମହାଭାରତର ବନପର୍ବରେ ଅଛି, ଇନ୍ଦ୍ରଦ୍ୟୁମ୍ନ ସହସ୍ର ଅଶ୍ୱମେଧ ଯଜ୍ଞ ସମ୍ପାଦନ କରି ଅସଂଖ୍ୟ ଗୋଦାନ କରିଥିଲେ ଏବଂ ଏହି ଗାଭୀମାନଙ୍କ ଟାପୁରେ ଖୋଳି ହୋଇ ଯେଉଁ ପୁଷ୍କରିଣୀ ହୋଇଥିଲା ତାହାର ନାମ ଥିଲା ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ । ଏହି ପୁଷ୍କରିଣୀରେ ରହିଥିବା କଚ୍ଛପଗୁଡ଼ିକ ପୃଥିବୀରେ ସର୍ବପ୍ରାଚୀନ ଜୀବ ବୋଲି ବେଦବ୍ୟାସ ମହାଭାରତର ବନପର୍ବରେ ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନରେ ଦର୍ଶାଇଛନ୍ତି ।(୩୧) ଏଥିରୁ ଜଣାଯାଏ ଯେ, ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୁଷୋତ୍ତମ କ୍ଷେତ୍ରର ଚତୁର୍ଦ୍ଧାମୂର୍ତ୍ତି ବହୁ ପ୍ରାଚୀନ । ପୁଣି ଏଥିପୂର୍ବରୁ ବିଷ୍ଣୁ ନୀଳମାଧବ ରୂପରେ ଏଠାରେ ପୂଜା ପାଉଥିଲେ ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଆହୁରି ମଧ୍ୟ ପୁରାଣରୁ ଜଣାଯାଏ ଯେ ପ୍ରଳୟକାଳରେ ଭଗବାନ ବାଳକୃଷ୍ଣ ରୂପରେ ଶ୍ରୀକ୍ଷେତ୍ର କଳ୍ପବଟ ମୂଳରେ ଭାସମାନ ଅବସ୍ଥାରେ ଥିଲେ । ବୃହତ୍ ନାରଦୀୟ ପୁରାଣ ଓ ବ୍ରହ୍ମପୁରାଣ ପ୍ରଭୃତିରେ ପୁରୁଷୋତ୍ତମ ବିଷ୍ଣୁଙ୍କର ବିବରଣୀ

(୩୧) ମହାଭାରତ, ବନପର୍ବ, ୧୯୮ଅଃ ।

ଥିବାରୁ ଓଡ଼ିଶାରେ ବୈଷ୍ଣବଧର୍ମର ପ୍ରଚଳନ ବହୁ ପ୍ରାଚୀନ କାଳରେ ଥିଲା ବୋଲି ମାନିଦେବାକୁ ପଡ଼େ । ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାଚୀନ ବୈଷ୍ଣବ କ୍ଷେତ୍ର ଏବେ ବି ରହିଛି । ପୁରୀର ନୃସିଂହନାଥ ଓ ମାଧବ, ବାଲେଶ୍ୱରର କ୍ଷୀରଚୋରା ଗୋପୀନାଥ, ସମ୍ବଲପୁରର ବିଡ଼ାଳ ନରସିଂହ ନାଥ, କଣ୍ଟିଲୋର ନୀଳମାଧବ, ନୟାଗଡ଼ର ରଘୁନାଥ, ମହେନ୍ଦ୍ରଗିରିର ପର୍ଶୁରାମ, ଯାଜପୁରର ବରାହନାଥ ଓ ଭୁବନେଶ୍ୱରର ଅନନ୍ତ ବାସୁଦେବ ପ୍ରଭୃତି ବୈଷ୍ଣବ ଦେବତାମାନଙ୍କର ଉପାସନା ବହୁଦିନରୁ ରହିଆସିଛି । ମହାଭାରତରେ କୃଷ୍ଣଙ୍କ ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନଙ୍କ ଉପସ୍ଥିତି ଯଦି ସ୍ୱୀକାର କରାଯାଏ ତେବେ ଉତ୍କଳରେ ପୁରୁଷୋତ୍ତମ କ୍ଷେତ୍ରରେ ବିଷ୍ଣୁ ଆରାଧନା ପ୍ରାଚୀନ କାଳରୁ ପ୍ରଚଳିତ ଥିଲା ବୋଲି ସ୍ୱୀକାର କରାଯିବ । ପରବର୍ତ୍ତୀ ସମୟରେ ମହାଭାରତକୁ ଛାଡ଼ିଦେଲେ ଅନ୍ୟାନ୍ୟ ଅର୍ବାଚୀନ ପୁରାଣମାନଙ୍କରେ ଜଗନ୍ନାଥ ହିଁ ବାସୁଦେବ ରୂପେ ପରିକଳ୍ପିତ । କିନ୍ତୁ ଏହି ବାସୁଦେବଙ୍କ ସହିତ ରାଧା, ରୁକ୍ମିଣୀ, ଲକ୍ଷ୍ମୀ ଓ ସତ୍ୟଭାମା ପ୍ରଭୃତିଙ୍କର କିଛି ସମ୍ପର୍କ ନାହିଁ । ବହୁ ସମୟ ଗତହେବା ପରେ ବାସୁଦେବ କୃଷ୍ଣଙ୍କ ସହିତ ଅଷ୍ଟପଟ୍ଟମହିଷୀଙ୍କୁ ଆରାଧନା କରାଗଲା । ପରେ ପୁଣି କୃଷ୍ଣଙ୍କ ସହିତ ରାଧାଙ୍କର ଆରାଧନା ପ୍ରବର୍ତ୍ତିତ ହେଲା । ଓଡ଼ିଶାରେ ଅନନ୍ତ ବାସୁଦେବ, କୃଷ୍ଣ ବାସୁଦେବ ତଥା ବଳଭଦ୍ର- ସୁଭଦ୍ରା- ଜଗନ୍ନାଥ ଉପାସନା ପ୍ରାଚୀନ । ପୁରୀର ଜଗନ୍ନାଥ ମନ୍ଦିରରେ ବଟକୃଷ୍ଣ, ହରିସହଦେବ ଅନନ୍ତ ବାସୁଦେବ ପ୍ରଭୃତି ସ୍ଥାନରେ କେବଳ କୃଷ୍ଣଙ୍କର ପ୍ରତିମୂର୍ତ୍ତି ହିଁ ବିଦ୍ୟମାନ, ମାତ୍ର ରାଧାଙ୍କର ସ୍ଥାନ ଏଠାରେ ନାହିଁ । ସେହିପରି ବଡ଼ଦେଉଳରେ ଜଗନ୍ନାଥଙ୍କ ସହ ଲକ୍ଷ୍ମୀଙ୍କ ଆରାଧନା ଥିବା ସ୍ଥଳେ ରାଧାଙ୍କର କୌଣସି ପ୍ରାଧାନ୍ୟ ଦେଖାଯାଏ ନାହିଁ । ସ୍କନ୍ଦ ପୁରାଣରେ ଜଗନ୍ନାଥ, କୃଷ୍ଣ ବାସୁଦେବ ରୂପେ ପରିକଳ୍ପିତ ହେଲେ ମଧ୍ୟ ରାଧାଙ୍କର ଚର୍ଚ୍ଚା ସେହି ଗ୍ରନ୍ଥରେ କରାଯାଇନାହିଁ । ବ୍ରହ୍ମପୁରାଣ, ବୃହତ୍ ନାରଦୀୟ ପୁରାଣ ତଥା ପଦ୍ମପୁରାଣ ପ୍ରଭୃତିରେ ଜଗନ୍ନାଥ ପ୍ରସଙ୍ଗରେ ରାଧାଙ୍କର କୌଣସି କଥା ଉଲ୍ଲେଖ ହୋଇନାହିଁ । ହରିବଂଶରେ ରାଧା ସମ୍ବନ୍ଧୀୟ ଚର୍ଚ୍ଚା ନାହିଁ । ଏହାପରେ ରଚିତ ଶ୍ରୀମଦ୍‌ଭାଗବତରେ ମଧ୍ୟ ରାଧାଙ୍କ ନାମ ଦେଖାଯାଏ ନାହିଁ । ଏସବୁରୁ ମନେହୁଏ, ବୋଧହୁଏ ବହୁପରେ (ଦ୍ୱାଦଶ ଶତାବ୍ଦୀ) ନିମ୍ବାର୍କଙ୍କ ସମୟରେ ରାଧାଭାବ ଜନ୍ମଲାଭ କରି ଜୟଦେବ, ବିଦ୍ୟାପତି ଓ ଚଣ୍ଡୀଦାସଙ୍କ ସୁମଧୁର କବିତାରେ ସ୍ଥାନ ପାଇ କାଳକ୍ରମେ ଶ୍ରୀଚୈତନ୍ୟଙ୍କ ଦ୍ୱାରା ଏହି ରାଧାଭାବ ପରିପୁଷ୍ଟ ଓ ବିକଶିତ ଅବସ୍ଥା ପ୍ରାପ୍ତ ହୋଇଥିଲା ।

ଶ୍ରୀଯୁକ୍ତ ପ୍ରଭାତ କୁମାର ମୁଖାର୍ଜୀ ଖାରବେଳଙ୍କ ଶିଳାଲିପିରେ ବର୍ଣ୍ଣିତ ହୋଇଥିବା ବିଷୟକୁ ଲକ୍ଷ୍ୟ କରି ଓଡ଼ିଶାରେ ବୈଷ୍ଣବ ଧର୍ମ ଖ୍ରୀ:ପୂ: ୨ୟ ଶତାବ୍ଦୀରେ ପ୍ରବର୍ତ୍ତିତ ଥିବା ଅନୁମାନ କରନ୍ତି ।(୩୨) ତାଙ୍କର ଏକ ଶିଳାଲିପିରେ ଉଲ୍ଲେଖ ଅଛି ଯେ, ସେ ତାଙ୍କର ଶ୍ୟାମଳ ଦୀପ୍ତିମନ୍ତ ବପୁରେ ରାଜପୁତ୍ରୋଚିତ ବହୁ କ୍ରୀଡ଼ା କରିଥିଲେ । ଏହି ବର୍ଣ୍ଣନାରୁ ଶ୍ରୀଯୁକ୍ତ ମୁଖାର୍ଜୀ ଖାରବେଳ ନିଜକୁ କୃଷ୍ଣଙ୍କ ସହିତ ତୁଳନା କରିଥିବା ଦର୍ଶାଇଅଛନ୍ତି । କିନ୍ତୁ ତାଙ୍କର ଏଭଳି ଅନୁମାନରେ କିଛି ଯଥାର୍ଥ ନାହିଁ ବୋଲି ଡଃ. ହରେକୃଷ୍ଣ ମହତାବ ତାଙ୍କ ଓଡ଼ିଶା ଇତିହାସରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି, "ଖ୍ରୀଷ୍ଟପୂର୍ବ ୨ୟଶତାବ୍ଦୀ(ଖାରବେଳଙ୍କ ସମୟ) ବେଳକୁ ଗୋପାଳକୃଷ୍ଣ ରଙ୍ଗମଞ୍ଚକୁ ଆସି ନ ଥିଲେ ଏବଂ କୃଷ୍ଣ ବାସୁଦେବ ମଧ୍ୟ ପୂର୍ବଭାରତ ଓ ଦକ୍ଷିଣ ଭାରତରେ ପୂଜିତ ହୋଇ ନ ଥିଲେ । ଏଣୁ ଖାରବେଳଙ୍କ ଉପର୍ଯ୍ୟୁକ୍ତ ଶିଳାଲିପିରୁ ସେ ସମୟରେ ବୈଷ୍ଣବ ଧର୍ମର ପ୍ରଭାବ ଅନୁମାନ କରିବା ପାଷାଣକୁ ଚିପୁଡ଼ି ରସ ବାହାର କରିବା ପରି । (୩୩) ଅତିବେଶୀ ହେଲେ ଏହା ଅନୁମାନ କରାଯାଇପାରେଯେ, ସେତେବେଳକୁ ଓଡ଼ିଶାରେ ବୈଷ୍ଣବ ଧର୍ମ ଅଜ୍ଞାତ ନ ଥିଲା ।(୩୪) ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀରେ ଗୁପ୍ତ ରାଜବଂଶ ସହିତ ଓଡ଼ିଶାର ସଂପର୍କ ପ୍ରତିଷ୍ଠିତ ହୁଏ । ଗୁପ୍ତବଂଶୀୟ ରାଜାମାନେ ବୈଷ୍ଣବ ଥିବାରୁ ସେ ସମୟରେ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଭାବ ଚତୁର୍ଦ୍ଦିଗରେ ବିସ୍ତାର ଲାଭ କରିଥିବା ଅନୁମେୟ । କିନ୍ତୁ ଖ୍ରୀଷ୍ଟୀୟ ୪ର୍ଥ ଓ ୫ମ ଶତକରେ କଳିଙ୍ଗରେ ମାଠରବଂଶ ରାଜତ୍ୱ କରିଥିବା ପ୍ରମାଣ ଇତିହାସରୁ ମିଳେ ।

ମାଠରମାନେ ନାରାୟଣ- ପାଦ- ଭକ୍ତ ବୋଲି ନିଜକୁ ଅଭିହିତ କରିଅଛନ୍ତି ।(୩୫) ଏହି ବଂଶର ରାଜା ପ୍ରଭଞ୍ଜନ ବର୍ମା ମହାନଦୀଠାରୁ କୃଷ୍ଣାନଦୀ

(୩୨) P.K. Mukherjee, The History of Medieval Vaishnavism in Orissa, P-5

(୩୩) ଡଃ. ହରେକୃଷ୍ଣ ମହତାବ, ଓଡ଼ିଶାର ଇତିହାସ, ୨ୟଖଣ୍ଡ, ପୃ-୫୬୦/୫୬୧

(୩୪) ତତୈବ,ପୃ-୫୬୧

(୩୫) "ମାଠର କୁଳବର୍ଦ୍ଧନଃ ନାରାୟଣ ସ୍ୱାମୀ ପାଦଭକ୍ତଃ
ନିଗୋଣ୍ଡି ତାମ୍ରଶାସନ- ପ୍ରଭଞ୍ଜନ ବର୍ମନ୍ ।"Ephigraphia Indica, E.I.V, 30

ପର୍ଯ୍ୟନ୍ତ ବିଶାଳ ଭୂଖଣ୍ଡ ଧର୍ମାନୁଯାୟୀ ପାଳନ କରୁଥିଲେ ।(୩୬) ମାଠରବଂଶ ପରେ ବାଶିଷ୍ଠ ରାଜବଂଶ ୬ଷ୍ଠ ଶତାବ୍ଦୀରୁ ୮ମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ରାଜତ୍ୱ କରିଥିବା ବିଷୟ ଇତିହାସରୁ ଜଣାଯାଏ । ଏହି ବଂଶର ରାଣୀ ଦଣ୍ଡୀ ମହାଦେବୀ ଓ ତ୍ରିଭୁବନ ମହାଦେବୀ ସ୍ୱ ସ୍ୱ ଦାନପତ୍ରରେ ପରମାବୈଷ୍ଣବୀ ବୋଲି ନିଜ ନିଜକୁ ଅଭିହିତ କରିଅଛନ୍ତି ।(୩୭)

୯ମ ଶତାବ୍ଦୀରେ ବୌଦର ଗନ୍ଧରାଡ଼ିଠାରେ ନୀଳମାଧବ ବିଷ୍ଣୁଙ୍କର ମନ୍ଦିର ନିର୍ମିତ ହେବା ବିଷୟ ଡଃ ମହତାବ ଦର୍ଶାଇଛନ୍ତି । (୩୮) ଏହାପରେ ୧୦୭୭ ଖ୍ରୀ:ରେ ଚୋଡ଼ଗଙ୍ଗଦେବ ଗଙ୍ଗବଂଶର ସ୍ଥାପୟିତା ଭାବେ ଅବତୀର୍ଣ୍ଣ ହୁଅନ୍ତି । ଜଗନ୍ନାଥଙ୍କ ସେବାପୂଜା ନିମନ୍ତେ ସୋମବଂଶୀ ରାଜତ୍ୱ କାଳରୁ ପ୍ରତିଷ୍ଠିତ ଥିବା ଦେବଦାସୀ ପ୍ରଥାକୁ ସେ ଚିରସ୍ଥାୟୀ ଭାବେ ପ୍ରଚଳନ କରିବା ବିଷୟ ମୁଖଲିଙ୍ଗସ୍ଥ ମଧୁକେଶ୍ୱର ମନ୍ଦିରର ଏକ ଶିଳାଲେଖରୁ ସମର୍ଥିତ ହୁଏ । (୩୯) ତାଙ୍କରି ରାଜତ୍ୱ କାଳରୁ ଦକ୍ଷିଣ ଭାରତ ସହିତ ଉତ୍କଳର ସମ୍ବନ୍ଧ ଅଧିକ ହୋଇଥିଲା ଓ ଉତ୍କଳ ଦକ୍ଷିଣର ଧର୍ମଚେତନା ସହିତ ଜଡ଼ିତ ଥିଲା । ଏତିକିବେଳେ ଦକ୍ଷିଣ ଭାରତର 'ଅଲୱାର' ବୈଷ୍ଣବ ସଂପ୍ରଦାୟ ଓଡ଼ିଶାର ଧର୍ମ ଜୀବନକୁ ପ୍ରଭାବିତ କରିଥିଲା । ବିଶିଷ୍ଟାଦ୍ୱୈତର ସମର୍ଥକ ରାମାନୁଜ ୧୧୧୨-୧୧୩୭ ସାଲ ମଧ୍ୟରେ ଉତ୍କଳର ଶ୍ରୀକ୍ଷେତ୍ରକୁ ଧର୍ମ ପ୍ରଚାର କରିବା ପାଇଁ ଆସିଥିଲେ । ସେ ଉତ୍କଳର ଭକ୍ତମାନଙ୍କ ଭିତରେ ମନ୍ନାଥ ରୂପେ ପରିଚିତ । ଏହି ମନ୍ନାଥର ତାମିଲ ଅନୁବାଦ 'ଏମ୍-ପେରୁ- ମାନ୍- ଆର୍'ରୁ ଏମାର ହୋଇଛି । ପୁରୀଜିଲ୍ଲାର ବ୍ରହ୍ମଗିରିରେ ଥିବା 'ଅଲ୍ଲୀଳନାଥ' ଶବ୍ଦ ସହିତ ତାମିଲ ଅଲୱାରର ବହୁ ସାଦୃଶ୍ୟ ବିଦ୍ୟମାନ ।

(୩୬) ଡଃ. ସତ୍ୟନାରାୟଣ ରାଜଗୁରୁ, ଉତ୍କଳରେ ବୌଦ୍ଧଧର୍ମର ମାହାତ୍ମ୍ୟ, ଉତ୍କଳ ସାହିତ୍ୟ, ୩୫ଭାଗ, ପୃ-୩୫ ।

(୩୭) P.K. Mukherjee, The History of Medieval Vaishnavism in Orissa,P-10.

(୩୮) ଡଃ. ହରେକୃଷ୍ଣ ମହତାବ, ଓଡ଼ିଶାର ଇତିହାସ, ପୃ-୫୬୩

(୩୯) Inscription of Orissa, Vol. III, Part1, P-246, S.N. Rajguru

ଦ୍ୱାଦଶ ଶତାବ୍ଦୀରେ ଜୟଦେବ ଶୃଙ୍ଗାରରସାଶ୍ରିତ ରାଧାକୃଷ୍ଣଙ୍କ ଲୀଳାତ୍ମକ ଗୀତଗୋବିନ୍ଦ ପ୍ରଣୟନ କଲେ ଓ ବୈଷ୍ଣବଧର୍ମର ପ୍ରଚାର କରିବାକୁ ଲାଗିଲେ । ଏହାପରେ ତ୍ରୟୋଦଶ ଶତାବ୍ଦୀ ମଧ୍ୱାଚାର୍ଯ୍ୟପନ୍ଥୀ ନରସିଂହମୁନି, ତାଙ୍କ ପରେ ନରହରି ତୀର୍ଥ ଓ ଜଗନ୍ନାଥ ତୀର୍ଥ ଓଡ଼ିଶାରେ ରହି ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ନରସିଂହ ଭାରତୀ, ବାସୁଦେବ ଭାରତୀ ଓ ରାଘବ ଓଡ଼ିଶାରେ ମଧ୍ୱାଚାର୍ଯ୍ୟ ପ୍ରଦର୍ଶିତ ଭକ୍ତିମାର୍ଗର ପ୍ରସାର କରିଥିବା ସୂଚନା ମିଳେ । ଓଡ଼ିଶାରେ ପ୍ରଚାରିତ ବିଷ୍ଣୁସ୍ୱାମୀଙ୍କ ମତବାଦ ମଧ୍ୟ ଏ ସମୟରେ ଏକ ଉଲ୍ଲେଖଯୋଗ୍ୟ ଘଟଣା । ଭାବାର୍ଥଦୀପିକା ଭାଷ୍ୟର ରଚୟିତା ଶ୍ରୀଧର ସ୍ୱାମୀ ଓ ନାମକୌମୁଦୀର ରଚୟିତା ଲକ୍ଷ୍ମୀଧର ଏହି ସଂପ୍ରଦାୟର ଅନ୍ତର୍ଭୁକ୍ତ ଥିଲେ । ପ୍ରଥମ ନରସିଂ ଦେବଙ୍କ ଦ୍ୱାରା ରେମୁଣାର ମଦନଗୋପାଳ ଓ ଲାଙ୍ଗୁଡ଼ା ନରସିଂହ ଦେବଙ୍କ ଦ୍ୱାରା କୋଣାର୍କ ମନ୍ଦିର ଏହି ସମୟରେ ନିର୍ମିତ ହୋଇଥିଲା । ଚତୁର୍ଥ ନରସିଂହଦେବଙ୍କ ଏକ ତାମ୍ର ଶାସନରେ ଜଗନ୍ନାଥଙ୍କୁ ବିଷ୍ଣୁରୂପେ ବର୍ଣ୍ଣନା କରାଯାଇଅଛି । ଏହି ରାଜାମାନଙ୍କ ଶାସନ କାଳରେ ଶ୍ୟାମାନନ୍ଦଙ୍କ ଶିଷ୍ୟ 'ରସିକମଙ୍ଗଳ' କାବ୍ୟର ପ୍ରଣେତା ରସିକାନନ୍ଦ ଗୋସ୍ୱାମୀ ଉତ୍କଳର ବିଭିନ୍ନ ସ୍ଥାନରେ ବୈଷ୍ଣବ ଧର୍ମ ପ୍ରଚାର କରିଥିବା ଇତିହାସ ସମ୍ମତ । (୪୦) ପଞ୍ଚଦଶ ଶତାବ୍ଦୀବେଳକୁ ଭାରତରେ ପ୍ରାଧାନ୍ୟ ଲାଭ କରିଥିବା ୪ ଗୋଟି ବୈଷ୍ଣବ ମତବାଦ(୪୧) ଓଡ଼ିଶାର ଧର୍ମ ଜଗତରେ ବେଶ୍ ସୁପରିଚିତ ହୋଇ ସାରିଥିଲା ।

ଏହି ସମୟରେ ଉତ୍କଳବ୍ୟାସ ସାରଳାଦାସ ମହାଭାରତ ରଚନା କରି ବୈଷ୍ଣବ ଧର୍ମର ଅନେକତ୍ୱ ପ୍ରକାଶ କରିଥିଲେ । ସେ ତାଙ୍କ ଗ୍ରନ୍ଥରେ ଅନେକତ୍ର ଶକ୍ତିସ୍ୱରୂପା ସାରଳାଦେବୀଙ୍କର ସ୍ତୁତି ଗାନ କଲେ ହେଁ ଶରୀର ତତ୍ତ୍ୱ ତଥା ପିଣ୍ଡବ୍ରହ୍ମାଣ୍ଡର ବ୍ୟାଖ୍ୟା କରିଅଛନ୍ତି । ସେ ମୁଖ୍ୟତଃ ଥିଲେ ଯୋଗବାଦୀ, ଶୂନ୍ୟବାଦୀ ଓ ଜ୍ଞାନମିଶ୍ରାଭକ୍ତିର ଉପାସକ । ଜଗନ୍ନାଥଙ୍କୁ ସାରଳାଦାସ ବହୁସ୍ଥଳରେ ବନ୍ଦନା କରି ତାଙ୍କର ମହତ୍ତ୍ୱ

(୪୦) ଶ୍ରୀ କେଦାରନାଥ ମହାପାତ୍ର, ଖୁରୁଧା ଇତିହାସ, ପୃ-୮୯

(୪୧) ଶ୍ରୀ(ରାମାନୁଜ), ବ୍ରହ୍ମ (ମଧ୍ୱାଚାର୍ଯ୍ୟ), ରୁଦ୍ର(ବିଷ୍ଣୁସ୍ୱାମୀ ବଲ୍ଲଭା) ଓ ସନକ (ନିମ୍ବାର୍କାଚାର୍ଯ୍ୟ) ଏହି ୪ଟି ମତବାଦ ପ୍ରଧାନ ।

ପ୍ରକଟନ କରିଅଛନ୍ତି । ଏହି ପ୍ରକାର ଧର୍ମଧାରଣାର ବଶବର୍ତ୍ତୀ ହୋଇ ସୂର୍ଯ୍ୟବଂଶୀରାଜା କପିଳେନ୍ଦ୍ରଦେବ ତାଙ୍କ ଶିଳାଲେଖଗୁଡ଼ିକରେ ଜଗନ୍ନାଥଙ୍କୁ ଇଷ୍ଟ ରୂପେ ଗ୍ରହଣ କରି ଗୌରବ ଗାନ କରିଛନ୍ତି । ଷୋଡ଼ଶ ଶତକରେ ଶ୍ରୀଚୈତନ୍ୟଙ୍କ ଆଗମନ ଫଳରେ ପ୍ରେମଧର୍ମ ପ୍ରଚାରିତ ହେଲେ ହେଁ ସେତେବେଳକୁ ଜଗନ୍ନାଥ ଧର୍ମ ହିଁ ଓଡ଼ିଶାରେ ପ୍ରତିଷ୍ଠିତ ଥିଲା । ପୁରୁଷୋତ୍ତମ କ୍ଷେତ୍ରରେ ତାଙ୍କର ଦୀର୍ଘକାଳ ଅବସ୍ଥାନ ଏବଂ ସର୍ବୋପରି ତାଙ୍କର ବିରାଟ ବ୍ୟକ୍ତିତ୍ୱ ବୈଷ୍ଣବଧର୍ମର ପ୍ରଚାର- ପ୍ରସାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା । ଚୈତନ୍ୟ ଦେବ ରାଜା ପ୍ରତାପରୁଦ୍ରଦେବଙ୍କ ସଂସ୍ପର୍ଶରେ ଆସି ନିଜର ଧର୍ମଧାରଣା ଦ୍ୱାରା ଉତ୍କଳର ପଞ୍ଚସଖାଙ୍କୁ ପ୍ରଭାବିତ କରିଥିଲେ । ଏସବୁ ସତ୍ତ୍ୱେ ବି ଓଡ଼ିଶାର ପଞ୍ଚସଖାଗଣ ଜଗନ୍ନାଥ ଧର୍ମକୁ ବିସ୍ମୃତ ହୋଇ ନ ଥିଲେ । ଗୋଟିଏ କଥାରେ କହିଲେ ଯଥେଷ୍ଟ ହେବ ଯେ ଝାଞ୍ଜ, ମୃଦଙ୍ଗ ସମନ୍ୱିତ କୀର୍ତ୍ତନ ଓ ଉଦ୍ଦଣ୍ଡ ନୃତ୍ୟ ସହିତ ଶାନ୍ତ ସମାହିତ ନିର୍ଗୁଣ ଭଜନର ପ୍ରଚଳନ ଏ ଦେଶରେ ଅବ୍ୟାହତ ରହିଲା । ବାହ୍ୟ ରୂପରେ ରାଧାକୃଷ୍ଣଙ୍କର ଉପାସନା କରି ବୈଷ୍ଣବର ଚିତା, ତିଳକ ଗ୍ରହଣ କରିଥିଲେ ମଧ୍ୟ ପଞ୍ଚସଖାମାନେ ଥିଲେ ମୁଖ୍ୟତଃ ଶୂନ୍ୟବାଦୀ । ଏମାନେ ନିରାକାର ବ୍ରହ୍ମଙ୍କୁ ଜଗନ୍ନାଥଙ୍କ ଠାରୁ ଅଭିନ୍ନ ବୋଲି ପ୍ରତିପାଦନ କରିଛନ୍ତି ଏବଂ ଜଗନ୍ନାଥ ଯେ ପୂର୍ଣ୍ଣବ୍ରହ୍ମ ତଥା ଅବତାରୀ ଏ ବିଷୟ ପ୍ରକାରାନ୍ତରେ ସ୍ୱୀକାର କରିଅଛନ୍ତି । ଏମାନେ ଯୋଗୀ ହେଲେ ମଧ୍ୟ ଭକ୍ତ; ତେଣୁ ଶରୀର ସାଧନାକୁ ହଠଯୋଗ ଓ ରାଜଯୋଗ ଉପରେ ପ୍ରତିଷ୍ଠିତ କରିଯାଇଛନ୍ତି । ସଂଯମ, ଶୃଙ୍ଖଳା ଏବଂ ଯୁଗଯୁଗବ୍ୟାପୀଭାରତୀୟ ସଂସ୍କୃତି ଅନୁମୋଦିତ ଗାର୍ହସ୍ଥ୍ୟ ଧର୍ମ ଉପରେ ଆସ୍ଥା ସ୍ଥାପନ କରି ରାଧାକୃଷ୍ଣ ଲୀଳାକୁ ଏମାନେ ଏକ ଶୂନ୍ୟବାଦୀ ଆଭିମୁଖ୍ୟ ପ୍ରଦାନ କରିଛନ୍ତି । ନାନା ଆଲୋଚନାରୁ ସ୍ପଷ୍ଟ ପ୍ରତିଭାତ ହୁଏ ଯେ, ପଞ୍ଚସଖା ଯୁଗର ଧର୍ମ ଚୈତନ୍ୟଙ୍କ ଶୁଦ୍ଧାଭକ୍ତି ଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର; ତେଣୁ ଏହାକୁ ଜ୍ଞାନମିଶ୍ରାଭକ୍ତି ମାର୍ଗ କହିଲେ ଅମୂଳକ ହେବ ନାହିଁ ।

ସୌରଧର୍ମ

ଧର୍ମବିଶ୍ୱାସ ଦୃଷ୍ଟିରୁ ବୈଷ୍ଣବ ଧର୍ମ ସହିତ ସୌରଧର୍ମର ମଧ୍ୟ ଗଭୀର ସଂପୃକ୍ତି ରହିଅଛି । ଖ୍ରୀଷ୍ଟୀୟ ୬ଷ୍ଠ ଶତାବ୍ଦୀ ପୂର୍ବରୁ କଳିଙ୍ଗରେ ସୂର୍ଯ୍ୟପୂଜାର ପ୍ରତ୍ନତାତ୍ତ୍ୱିକ କୌଣସି ସଙ୍କେତ କିମ୍ବା ଧାରାବାହିକ ଇତିହାସ ଏ ପର୍ଯ୍ୟନ୍ତ ସୁଦ୍ଧା ଦୃଷ୍ଟିଗୋଚର ହୋଇନାହିଁ । ୬ଷ୍ଠ ଶତାବ୍ଦୀରେ ମହାରାଜ ଧର୍ମରାଜା ନିଜକୁ 'ସହସ୍ର ରଶ୍ମି ପାଦଭକ୍ତ' ରୂପେ ଘୋଷଣା

କରିଛନ୍ତି । ସେ ସର୍ବପ୍ରଥମେ କଳିଙ୍ଗରେ ସୂର୍ଯ୍ୟୋପାସନାର ପୃଷ୍ଠପୋଷକତା କରୁଥିବା ଜଣାଯାଏ । ସେତେବେଳେ କଳିଙ୍ଗରେ ତୋରଣାକୃତି ରଥ ଉପରେ ବର୍ତ୍ତୁଳାକାର ସୂର୍ଯ୍ୟଙ୍କର ଛବି ଅଙ୍କିତ ହୋଇଥିବାରୁ ଏଠାରେ ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ, ଖ୍ରୀଷ୍ଟୀୟ ୬ଷ୍ଠ-୭ମ ଶତାବ୍ଦୀରେ ମଧ୍ୟ ସୂର୍ଯ୍ୟଦେବ କଳିଙ୍ଗରେ ମନୁଷ୍ୟାକୃତିରେ ପୂଜିତ ହୋଇନାହାନ୍ତି କିମ୍ବା ସୂର୍ଯ୍ୟରଥ ସପ୍ତାଶ୍ୱବାହନଯୁକ୍ତ ବୋଲି ପରିକଳ୍ପିତ ହୋଇନାହିଁ । ଖ୍ରୀଷ୍ଟୀୟ୬ଷ୍ଠ-୭ମ ଶତାବ୍ଦୀରେ ଓଡ଼ିଶାରେ ସୂର୍ଯ୍ୟ ପୂଜାର ଭିତ୍ତି ଅଧିକ ବିସ୍ତୃତ ହୋଇଥିବାର ସୂଚନା ମିଳେ । କଳିଙ୍ଗରେ ଗଙ୍ଗବଂଶର ରାଜା ତୃତୀୟ ଇନ୍ଦ୍ରବର୍ମା ଓ ଗୁଣାର୍ଣ୍ଣବଙ୍କ ପୁତ୍ର ପ୍ରଥମ ଦେବେନ୍ଦ୍ରବର୍ମା ମାଘ ସପ୍ତମୀଦିନ ସୂର୍ଯ୍ୟଙ୍କ ଉତ୍ତରାୟଣ କାଳରେ ବ୍ରାହ୍ମଣମାନଙ୍କୁ ଭୂମିଦାନ କରିଥିବାର ଜଣାଯାଏ । ଶୈଳୋଦ୍ଭବ ବଂଶର ଦ୍ୱିତୀୟ ମାଧବରାଜ ସୂର୍ଯ୍ୟୋପରାଗ ଉପଲକ୍ଷେ ଅଙ୍ଗିରସ ଭରଦ୍ୱାଜ ବ୍ରାହ୍ମଣ ଛରର୍ମଦେବଙ୍କୁ ଛବଳକ୍ଷୟ ଗ୍ରାମଦାନ କରିଥିବା ଗଞ୍ଜାମ ତାମ୍ରଶାସନରେ ଉଲ୍ଲେଖ କରାଯାଇଛି । ବିଷ୍ଣୁଙ୍କ ବାମନାବତାର ତ୍ରିବିକ୍ରମ ସୂର୍ଯ୍ୟଙ୍କର ମଧ୍ୟ ଏକ ନାମ ବିଶେଷ । ବାସୁଦେବ କୃଷ୍ଣ ଘୋର ଅଙ୍ଗରସଙ୍କ ଶିଷ୍ୟଥିଲେ ଓ ସୂର୍ଯ୍ୟଙ୍କ ପୁରୋହିତମାନେ ଅଙ୍ଗରସଗୋତ୍ରୀୟ ଥିଲେ ବୋଲି ବର୍ଣ୍ଣିତ ଅଛି । ଖ୍ରୀଷ୍ଟୀୟ ୮ମ ଶତାବ୍ଦୀରେ ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରଚାର ଲାଭ କରିବା ସଂଗେ ସଂଗେ ସୂର୍ଯ୍ୟପୂଜାର ମଧ୍ୟ ବିକାଶ ସାଧନ ଘଟିଥିଲା । କେଶରୀ ବଂଶ ରାଜତ୍ୱରେ ସୂର୍ଯ୍ୟ ଆରାଧନାର ପ୍ରସାର ହୋଇଥିଲା ବୋଲି ଐତିହାସିକମାନଙ୍କ ମତ । ପୁରନ୍ଦର କେଶରୀ କୋଣାର୍କରେ ଜୀର୍ଣ୍ଣ ସୂର୍ଯ୍ୟମନ୍ଦିର ସଂସ୍କାର କରିଥିଲେ । ଏହାବ୍ୟତୀତ ଯାଜପୁରରେ ସୂର୍ଯ୍ୟପୂଜାର ପ୍ରଭାବ ବିଦ୍ୟମାନ । ବରାହନାଥ ମନ୍ଦିରରୁ ବୈତରଣୀକୁ ଯେଉଁ ପାହାଚ ସବୁ ଅଛି ସେଥିରେ ସପ୍ତାଶ୍ୱ ବାହିତ ସୂର୍ଯ୍ୟଦେବଙ୍କ ପ୍ରତିକୃତି ଅଛି । ଭୁବନେଶ୍ୱରର ଲିଙ୍ଗରାଜମନ୍ଦିର ବେଢ଼ା ମଧ୍ୟରେ ଗୋଟିଏ ଛୋଟ ମନ୍ଦିର କାନ୍ଥରେ ଚାରିଅଶ୍ୱ ସହିତ ସୂର୍ଯ୍ୟଦେବଙ୍କ ଆକୃତି ସହ ସମ ହେଲା ଭଳି ଏକ ପ୍ରତିକୃତି ରହିଛି ।

ଭଦ୍ରକର ପାଳିଆ ଗ୍ରାମରେ ଅବସ୍ଥିତ ବିରଞ୍ଚିନାରାୟଣ ମନ୍ଦିରରୁ ସୂର୍ଯ୍ୟପୂଜାର ସଙ୍କେତ ମିଳିଥାଏ । ଏହା ୮ମ-୯ମ ଶତାବ୍ଦୀର କଥା । ଏହା ଓଡ଼ିଶାରେ ସୂର୍ଯ୍ୟପୂଜା ସମ୍ବନ୍ଧୀୟ ପ୍ରାଚୀନତାର ନିଦର୍ଶନ ସ୍ୱରୂପ । ସ୍ଥାପତ୍ୟକ୍ଷେତ୍ରରେ ଏ ମନ୍ଦିର ଏକ ଅଭିନବ କୃତିତ୍ୱର ପରିଚୟ ପ୍ରଦାନ କରିଥାଏ । ଏଥିରେ ପୂଜିତ ସୂର୍ଯ୍ୟବିଗ୍ରହ ଚତୁର୍ମୁଖ ବିଶିଷ୍ଟ

ହୋଇଥିବାରୁ ଏହାକୁ ଶାସ୍ତ୍ରୀୟ ଦୃଷ୍ଟିରୁ ସୂର୍ଯ୍ୟ, ବ୍ରହ୍ମା, ବିଷ୍ଣୁ ଓ ଶଙ୍କରଙ୍କର ପ୍ରତୀକ ଭାବେ ଗ୍ରହଣ କରାଯାଇପାରେ । ଗଙ୍ଗବଂଶର ପ୍ରତିଷ୍ଠିତ କୋଣାର୍କ ମନ୍ଦିର ସୂର୍ଯ୍ୟମନ୍ଦିର ଭାବେ ବିଶ୍ୱବିଖ୍ୟାତ । ଓଡ଼ିଶାରେ ସୂର୍ଯ୍ୟୋପାସନାର ଏହା ଚରମ ନିଦର୍ଶନ । ୧୩ ନରସିଂହ ଦେବଙ୍କ ଦ୍ୱାରା ନିର୍ମିତ ଏହି ସୂର୍ଯ୍ୟମନ୍ଦିର ଅଦ୍ୟାବଧି ଓଡ଼ିଶାର ଧର୍ମ ବିଶ୍ୱାସ, ଶିଳ୍ପକଳା ଓ ଇତିହାସର ମୂକ ସାକ୍ଷୀ ରୂପେ ସଗର୍ବରେ ଦଣ୍ଡାୟମାନ ।

ଗାଣପତ୍ୟଧର୍ମ

ଧର୍ମବିଶ୍ୱାସ ଦୃଷ୍ଟିରୁ ପଞ୍ଚଦେବତାଙ୍କ ନାମାନୁସାରେ ଓଡ଼ିଶାକୁ ପାଞ୍ଚଭାଗରେ ବିଭକ୍ତ କରାଯାଇଥିବାରୁ ଏଠାରେ ଶୈବ, ଶାକ୍ତ , ସୌର ଓ ବିଷ୍ଣୁଙ୍କ ସହିତ ଗାଣପତ୍ୟ ଉପାସନାରପ୍ରାଧାନ୍ୟ ଅନୁଭୂତ ହୋଇଥିଲା । ଖ୍ରୀଷ୍ଟୀୟ ୬ଷ୍ଠ-୭ମ ଶତାବ୍ଦୀ ଠାରୁ ୧୩ଶ-୧୪ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ଗଣେଶଙ୍କ ପୂଜାର ଲୋକପ୍ରିୟତା ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ମୂର୍ତ୍ତି ଓ ମନ୍ଦିରମାନଙ୍କରୁ ମିଳିଥାଏ । ସେଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାର ଚଣ୍ଡୀଖୋଲ ନିକଟବର୍ତ୍ତୀ ମହାବିନାୟକ ପର୍ବତ ଗଣେଶ କ୍ଷେତ୍ର ଭାବରେ ପ୍ରସିଦ୍ଧ ଲାଭ କରିଅଛି । ଏଠାରେ ଏକ କ୍ଷୁଦ୍ର ମନ୍ଦିରରେ ଗଣେଶଙ୍କର ଏକ ମୂର୍ତ୍ତି ସ୍ୱତନ୍ତ୍ର ଭାବରେ ପୂଜିତ ହେଉଥିଲେ ମଧ୍ୟ ସେହି ଏକ ପୀଠରେ ଗୋଟିଏ ମାତ୍ର ପ୍ରସ୍ତରଖଣ୍ଡ ଶିବ, ବିଷ୍ଣୁ, ଦୁର୍ଗା, ସୂର୍ଯ୍ୟ ଏବଂ ଗଣେଶ ରୂପରେ ପ୍ରତିଦିନ ପୂଜିତ ହୋଇ ପଞ୍ଚଦେବତାଙ୍କ ଉପାସନାର ପ୍ରାଧାନ୍ୟ ପ୍ରତିଷ୍ଠା କରିପାରିଛି । ଚଣ୍ଡୀଖୋଲ ବ୍ୟତୀତ ଓଡ଼ିଶାରେ ଅନ୍ୟତ୍ର କେଉଁଠି ଗଣେଶ ସ୍ୱତନ୍ତ୍ର ଭାବରେ ପୂଜିତ ହେଉଥିବାର ଜଣାଯାଏ ନାହିଁ । ସାଧାରଣତଃ ଓଡ଼ିଶାର ବିଭିନ୍ନ ଶିବମନ୍ଦିରରେ ଗଣେଶ ଦକ୍ଷିଣ ପାର୍ଶ୍ୱରେ ଏକପାର୍ଶ୍ୱଦେବତା ରୂପେ ପୂଜିତ ହୋଇଥାନ୍ତି । ସପ୍ତମାତୃକା ମୂର୍ତ୍ତି ମଧ୍ୟରେ ଗଣେଶଙ୍କ ଅବସ୍ଥିତି ଓ ଆରାଧନା, ଗଣେଶ ପୂଜାର ଅନ୍ୟ ଏକ ବିଶେଷତ୍ୱ ରୂପେ ଓଡ଼ିଶାରେ ଗ୍ରହଣ କରାଯାଇପାରେ । ଏ ପ୍ରକାର ବିଗ୍ରହର ପରିକଳ୍ପନା ପ୍ରଧାନତଃ ଭୁବନେଶ୍ୱରର ପରଶୁରାମେଶ୍ୱର ଓ ବୈତାଳ ମନ୍ଦିର, ଅଳକାନଦୀତୀରସ୍ଥ ସପ୍ତମାତୃକା ମନ୍ଦିର ଓ ବାଲେଶ୍ୱରର ଶେରଗଡ଼ ମନ୍ଦିରରୁ ହିଁ ପ୍ରତିପାଦିତ ହୋଇଥାଏ । ଏହା ବ୍ୟତୀତ ଲିଙ୍ଗରାଜ ମନ୍ଦିରର ଗଣେଶ ମୂର୍ତ୍ତି ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ମଧ୍ୟରେ ଥିବା କାଞ୍ଚିଗଣେଶ ଓ ବଟଗଣେଶ ମୂର୍ତ୍ତି ସ୍ୱତନ୍ତ୍ର ମନ୍ଦିରରେ ପୂଜିତ ହେଉଛନ୍ତି । ମୂର୍ତ୍ତି ତତ୍ତ୍ୱଦୃଷ୍ଟିରୁ ଶ୍ରୀମନ୍ଦିର ପଶ୍ଚିମଭାଗସ୍ଥିତ ଗଣେଶମୂର୍ତ୍ତିକୁ ତାନ୍ତ୍ରିକ ମତବାଦର ଗଣେଶ ମୂର୍ତ୍ତି ବୋଲି କୁହାଯାଇପାରେ । ଓଡ଼ିଶା

ରାଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ କେତେକ ଦକ୍ଷିଣାବର୍ତ୍ତ ଗଣେଶମୂର୍ତ୍ତିଙ୍କୁ ମଧ୍ୟ ତାନ୍ତ୍ରିକ ଗଣେଶ ବୋଲି ମୂର୍ତ୍ତିତତ୍ତ୍ୱବିଦ୍‌ମାନେ ମତପ୍ରକାଶ କରିଅଛନ୍ତି । ମୟୂରଭଞ୍ଜର ରାଜାମାନଙ୍କ ଦ୍ୱାରା ଗଣେଶ ଏକ ସ୍ୱତନ୍ତ୍ର ଦେବତା ରୂପେ ପୂଜିତ ହେଉଥିବାର ସୂଚନା, ଖିଚିଂ ମନ୍ଦିରସ୍ଥ ବିରାଟକାୟ ନୃତ୍ୟରତ ଗଣେଶମୂର୍ତ୍ତି ତଥା ରାଜବଂଶର ବିରୁଦ୍ଧରେ ଥିବା 'ହେରମ୍ବର ପ୍ରସାଦ' ପଦାବଳୀରୁ ଜଣାଯାଏ ।

ପ୍ରାଚୀନ ଧର୍ମଗ୍ରନ୍ଥ 'ମାନବଗୃହ୍ୟସୂତ୍ର' ଓ ଯାଜ୍ଞବଲ୍‌କ୍ୟ ସ୍ମୃତିରେ ବିନାୟକଙ୍କ ଶାନ୍ତିବିଧାନ ପ୍ରସଙ୍ଗରେ ଉଲ୍ଲେଖ ଅଛି ଯେ, ବିନାୟକଙ୍କ ଶାନ୍ତିବିଧାନ ଫଳରେ ମନୁଷ୍ୟର ବିଘ୍ନ ଅପସାରିତ ହୁଏ । ତେଣୁ ଗଣେଶ ହେଉଛନ୍ତି ବିଘ୍ନରାଜ ଓ ଅଗ୍ରପୂଜ୍ୟ । ପରେ ବିନାୟକ ଗଣେଶଙ୍କ ମଧ୍ୟରେ ଲୀନ ହେବାପରେ ସମସ୍ତ କର୍ମର ସିଦ୍ଧି ପ୍ରଦାନ ନିମନ୍ତେ ଗଣେଶଙ୍କୁ ପୂଜା କରାଗଲା । ଗଣେଶଙ୍କୁ କେହି କେହି ପ୍ରାଗ୍ - ବୈଦିକ ଏପରିକି ପ୍ରାଗ୍ ଦ୍ରାବିଡ଼ ସଂସ୍କୃତିର ଦେବତା ବୋଲି ମନେ କରନ୍ତି । ଗଣଙ୍କୁ (ଏଠାରେ ଭୂତଗଣ) କେନ୍ଦ୍ରକରି ଉପାସନା କରାଯାଉଥିବା ଦେବତା ଗଣପତି ଓ ସେହି ଧର୍ମ ହିଁ ଗାଣପତ୍ୟ ଧର୍ମ । ରାମାୟଣରେ କୁହାଯାଇଛି ଯେ ଗଣେଶ ମାନବମାନଙ୍କ ସର୍ବଦା କଲ୍ୟାଣକାମୀ । ସେ ବରଦାତା, ସିଦ୍ଧିଦାତା ଏବଂ ଦୟାନିଧି ମଧ୍ୟ । ମହାଭାରତରେ ଉଲ୍ଲେଖ ଅଛି ଯେ ମହାଭାରତ ରଚନା ସମୟରେ ଯାହା କିଛି ବ୍ୟାସଦେବ କହିଯାଉଥିଲେଏ ତାହାକୁ ଗଣେଶ ଲେଖିଯାଉଥିଲେ । ଏଥିରୁ ଅନୁମିତ ହୁଏ ଯେ ମହାଭାରତ ରଚନା ସମୟକୁ ଗଣେଶ ଏକ ସ୍ୱତନ୍ତ୍ର ଦେବତା ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ । ଗଣେଶଙ୍କ ଏହି ବିଦ୍‌ବତ୍ତା ଯୋଗୁ ତାଙ୍କୁ ପରେ ବିଦ୍ୟାଦାତା ଭାବରେ ଗ୍ରହଣ କରାଯାଇଛି । ବ୍ରହ୍ମବୈବର୍ତ୍ତ ପୁରାଣରେ 'ଗଣେଶଖଣ୍ଡ' ନାମରେ ଏକ ଆଖ୍ୟାୟିକା ରହିଛି । ଏଥିରେ ଗଣେଶଙ୍କ ବିଭୂତି ଉପରେ ଅନେକ ବିଷୟ ବର୍ଣ୍ଣନା କରାଯାଇଛି ।

ଓଡ଼ିଶାର ଆଦିକବି ସାରଳା ଦାସଙ୍କ ମହାଭାଭରତରେ ଗଣେଶଙ୍କ ସ୍ତୁତି ଦେଖିବାକୁ ମିଳେ । ସେ ଦର୍ଶାଇଛନ୍ତି ଯେ ମହାବିନାୟକ ହେଉଛନ୍ତି ପୁରୁଷୋତ୍ତମ ଜଗନ୍ନାଥଙ୍କର ଅଂଶ । ସେ ଏକ ସ୍ଥାନରେ ପ୍ରଭୁଙ୍କର ବନ୍ଦନା କରି ଗାଇଛନ୍ତି-

"ଶ୍ରୀ ତୁଳୁସାର ବଲ୍ଲଭ ଚରଣ ଧରି ଶିରେ । ସର୍ବପାପ ହରନାଥ ବିନାୟକ ଅବତାରେ ।" ମହାଭାରତ (ବନପର୍ବ)

ସର୍ବଧର୍ମ ସମନ୍ୱୟର ପୀଠ ଏହି ପୁରୁଷୋତ୍ତମ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥ ସ୍ନାନ ପୂର୍ଣ୍ଣିମା ଦିନ ଗଣପତି ବେଶରେ ବିରାଜତି ହୁଅନ୍ତି । ବୈଷ୍ଣବ ଧର୍ମ ସହିତ ଗାଣପତ୍ୟ ଧର୍ମର କିଭଳି ସମନ୍ୱୟ ଘଟିଛି ତାହାର ପ୍ରଭାବ କଥା ଚିନ୍ତା କଲେ ବିସ୍ମୟ ହେବାକୁ ପଡ଼େ ।

ମହିମାଧର୍ମ

ମହିମାଧଧର୍ମ ଓଡ଼ିଆ ମାଟିର ଏକାନ୍ତ ନିଜସ୍ୱ । ମହିମାସ୍ୱାମୀ ଏହି ଧର୍ମର ଆବିଷ୍କାରକ ଓ ପ୍ରଚାରକ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ ଓଡ଼ିଶାରେ ଦେଖାଦେଇଥିଲେ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଓଡ଼ିଶା ଆଧ୍ୟାତ୍ମିକ ଅବକ୍ଷୟର ଗ୍ଲାନିରେ ପରାଭୂତ ହେଉଥିଲା । ଗୌଡ଼ୀୟ ବୈଷ୍ଣବମାନଙ୍କର ପରକୀୟା ଭାବ, ଖ୍ରୀଷ୍ଟିୟାନ ମିଶନାରୀମାନଙ୍କର ତାଡ଼ନା, ବ୍ରାହ୍ମଣ୍ୟଗୋଷ୍ଠୀର ଉତ୍ସୃଙ୍ଖଳତା ଓ ଜାତିପ୍ରଥାର ଦୁର୍ବସହତା ସାମାଜିକ ଲୋକମାନଙ୍କୁ ଉତ୍ପୀଡ଼ିତ ତଥା ଅବହେଳିତ କରି ରଖିଲା । ଏଥିପାଇଁ ସମାଜର ଶୋଷିତ ବ୍ୟକ୍ତିମାନଙ୍କୁ ଆତ୍ମକର୍ମରେ ନିଯୁକ୍ତ କରି ସବର୍ଣ୍ଣ ବ୍ରାହ୍ମଣ୍ୟଗୋଷ୍ଠୀଙ୍କୁ ଉଚିତ୍ ଶିକ୍ଷାଦେବା ସହିତ ସନାତନ ହିନ୍ଦୁ ଧର୍ମର ମୌଳିକତାକୁ ବଜାୟ ରଖିବା ଲାଗି ସତ୍ୟ ମହିମାଧର୍ମର ସୃଷ୍ଟି ହେଲା । ତେଣୁ ପ୍ରଚଳିତ ଅନ୍ଧ ପରଂପରା ବିରୁଦ୍ଧରେ ବିପ୍ଳବ ହେଉଛି ଏହି ଧର୍ମର ଅନ୍ତଃସ୍ୱର ।

ଏଇଥିପାଇଁ ଧର୍ମ ଇତିହାସରେ ମହିମାଧର୍ମକୁ ବୈପ୍ଳବିକ ଗଣଧର୍ମ ରୂପେ ଅଭିହିତ କରାଯାଇଛି । ଉତ୍କଳୀୟ ସନ୍ଥମାନେ କ୍ରମଶଃ ବାହ୍ୟାଚାରକୁ ଅଗ୍ରାହ୍ୟ କରି ସାଧନାମାର୍ଗକୁ ଅଧିକ ପରିପୁଷ୍ଟ କରିଥିଲେ । ପଞ୍ଚସଖାଙ୍କର ଶୂନ୍ୟ, ମହାଶୂନ୍ୟ, ଅଲେଖ, ନିରଞ୍ଜନ ପ୍ରଭୃତିର କଳ୍ପନା ଧର୍ମ ପରିସର ମଧ୍ୟରେ ବେଳକୁ ବେଳ ପ୍ରବେଶ ଲାଭ କରି ଏକ ନିର୍ଗୁଣ ଆଭିମୁଖ୍ୟ ରୂପ ନେଲା । ତାହା ପୁଣି ନାନା ମଧ୍ୟବର୍ତ୍ତୀ ସ୍ତର ଅତିକ୍ରମ କରି ମହିମାଧର୍ମର ଚରମ ତତ୍ତ୍ୱରେ ମୁକ୍ତିଲାଭ କଲା । ମହିମାଧର୍ମର ସର୍ବମୂଳ କଥା ହେଉଛି ମହିମା । ସେହି ମହିମାରୁ ହିଁ ବିଶ୍ୱବ୍ରହ୍ମାଣ୍ଡ ଆତଯାତ ହେଉଛି ଏବଂ ସେହି ମହିମାରେ ହିଁ ବିଶ୍ୱଜଗତ ତିଷ୍ଠି ରହିଛି । ମହିମା ଶବ୍ଦଟି ବେଦର ପୁରୁଷସୂକ୍ତରେ ରହିଛି, ଶ୍ୱେତାଶ୍ୱତର ଉପନିଷଦରେ ବି' ଅଛି । (୪୨) ମହିମାଧର୍ମରେ ବ୍ରହ୍ମକୁ ହିଁ ମହିମା ରୂପେ କଳ୍ପନା କରାଯାଇଛି । ସର୍ବମୂଳ ପରମସତ୍ୟଟିକୁ ବର୍ଣ୍ଣିବାକୁ ଯାଇ ଆମର ଶାସ୍ତ୍ରକାରଗଣ ତାହାକୁ ଏକ ନେତିବାଚକ ଶବ୍ଦରେ ବ୍ୟକ୍ତ କରିବାକୁ ଚେଷ୍ଟା କରିଛନ୍ତି । ବ୍ରହ୍ମ କ'ଣ ନୁହନ୍ତି,

ସେହିଗୁଡ଼ିକର ଉଚ୍ଛଳ ବର୍ଣ୍ଣନା ଦେଇ ବ୍ରହ୍ମ ଯେ ପ୍ରକୃତରେ କ'ଣ ତାହାକୁ ଧରିବା ଲାଗି ଚେଷ୍ଟା କରାଯାଇଛି । ଅଭାବାତ୍ମକ ଅର୍ଥରେ ଯାହାକୁ ଆମେ ସକଳ ବର୍ଣ୍ଣନାର ଅତିରିକ୍ତ ବୋଲି କହୁ, ଏକ ଭାବାତ୍ମକ କଳ୍ପନାରେ ତାହାକୁ ହିଁ ମହିମା ବୋଲି ବର୍ଣ୍ଣନା କରାଯାଇଛି । ଅଭାବାତ୍ମକ ଅର୍ଥରେ ଯାହାକୁ ଅନିର୍ବଚନୀୟ ଏବଂ ଅକଳ୍ପନୀୟ ବୋଲି ଘୋଷଣା କରାଯାଇଛି, ଭାବାତ୍ମକ ବୋଧଭୂମିରେ ତାକୁ ହିଁ ଏକ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିରେ ମହିମା ବୋଲି କୁହାଯାଇଛି । ପଞ୍ଚସଖା ଓ ଅରକ୍ଷିତ ଦାସଙ୍କ ଗ୍ରନ୍ଥରେ ଏହି ଶବ୍ଦର ବହୁ ପ୍ରୟୋଗ ଦେଖିବାକୁ ମିଳେ ।

ପୁନଶ୍ଚ ସେହି ମହିମାର ଅର୍ଥ ହେଉଛି ପୁଣି ଅଲେଖ । ତାଙ୍କୁ କେହି ଲେଖିକରି ବା ବର୍ଣ୍ଣନା କରି କହିଦେଇପାରିବ ନାହିଁ । ସେଥିଲାଗି ମହିମା ଧର୍ମର ଅନ୍ୟ ଏକ ନାମ 'ଅଲେଖ ଧର୍ମ' । ମହିମା ଦୀକ୍ଷା ହେଉଛି ଅଲେଖ ଦୀକ୍ଷା । ଯିଏ ବ୍ୟୁହଗୁଡ଼ାକୁ ଓ ବିଗ୍ରହଗୁଡ଼ାକୁ କାଟି ମୂଳଯାଏ ଆସିବ, ସେଇ ଅଲେଖ ଓ ମହିମାଙ୍କ ପାଖରେ ଆସି ପହଞ୍ଚିବ । ମହିମାଧର୍ମର ଅନୁଗାମୀମାନେ ମହିମାଗୋସାଇଁଙ୍କୁ ବୁଦ୍ଧସ୍ୱାମୀ ବା ପ୍ରବୁଦ୍ଧସ୍ୱାମୀ ବୋଲି କହିଥାନ୍ତି । ଏହି କାରଣରୁ କେତେକ ସମୀକ୍ଷକ ମହିମାଧର୍ମକୁ ବୌଦ୍ଧର୍ମର ଏକ ଲକ୍ଷଣାବଶେଷ ବୋଲି ଅନୁମାନ କରିଅଛନ୍ତି । ମାତ୍ର ମହିମାପନ୍ଥୀମାନେ ଏକଥାକୁ ସ୍ୱୀକାର କରନ୍ତି ନାହିଁ । ମହିମାଧର୍ମରେ ଅଧେ ଗୃହୀ, ଅଧେ ସନ୍ନ୍ୟାସୀ । ମହିମା ଧର୍ମରେ ଗୁରୁବାଦର ମୋଟେ କୌଣସି ଅତ୍ୟାଚାର ନାହିଁ । ସେଥିରେ ଗୁରୁ ହେଉଛନ୍ତି ଜଣେ, ସିଏ ସ୍ୱୟଂ ମହିମା ଗୋସାଇଁ । ଏ ଧର୍ମ ଜାତି ମାନିନାହିଁ, ରାଜା ମାନି ନାହିଁ ଏବଂ ସମାଜର ପୂର୍ବପ୍ରତିଷ୍ଠା ଏବଂ ବ୍ୟବସ୍ଥା ବି' ମାନିନାହିଁ । ଏହା ସ୍ୱୀକାର କରେ ଯେ ପ୍ରତ୍ୟେକ ମଣିଷ ଭଗବାନଙ୍କର ସନ୍ତାନ । ବାହ୍ୟ ଦେବତା, ବାଦ୍ୟ ମନ୍ଦିର ଓ ବାହ୍ୟଗୁରୁ ପ୍ରଭୃତିର କୌଣସି ସାହାଯ୍ୟ ନ ନେଇ ଜଣେ ବ୍ୟକ୍ତି ଯେ ଧର୍ମସ୍ଥ ହୋଇ ରହିପାରେ ଏବଂ ପରସ୍ୱରାନୁରାଗର ଭାଜନ ବି' ହୋଇପାରେ ମହିମାଧର୍ମ ତାହାର ଦୃଷ୍ଟାନ୍ତ ହୋଇ ରହିଛି ।

ମନେରଖିବାକୁ ହେବ ଯେ, ସେତେବେଳେ ମିଶ ନାରୀମାନେ ଓଡ଼ିଶାରେ ଖ୍ରୀଷ୍ଟଧର୍ମର ପ୍ରଚାର ପ୍ରସାରରେ ମନ ବଳାଇଥିଲେ । ନାନା ସାମାଜିକ କାରଣରୁ ନିମ୍ନବର୍ଗର ବ୍ୟକ୍ତିମାନେ ସେହିଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ଫଳତଃ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରତିକ୍ରିୟା ରୂପେ ଭାରତବର୍ଷରେ ତଦାନ୍ତୀନ୍ତନ ସମୟରେ ଆର୍ଯ୍ୟସମାଜ ଓ

ବ୍ରାହ୍ମସମାଜ ପ୍ରଭୃତି ଧର୍ମ ଆନ୍ଦୋଳନ ଜନ୍ମ ନେଇଥିଲା । ସେହିସବୁ ଆନ୍ଦୋଳନ ହିନ୍ଦୁ ରକ୍ଷଣଶୀଳତାର ମୂଳଗୁଡ଼ାକୁ ଦୋହଲାଇ ଦେବାକୁ ଯେତେଦୂର ସମର୍ଥ ହୋଇ ନ ଥିଲା, ଲୋକ ସାଧାରଣଙ୍କର ଖ୍ରୀଷ୍ଟଧର୍ମ ପ୍ରତି ରହିଥିବା ଆକର୍ଷଣ କ୍ଷେତ୍ରରେ ତାହା ହୁଏତ ତାହାଠାରୁ ଅଧିକ ପରିମାଣରେ ଏକ ଆରୋଧକ ପରି କାର୍ଯ୍ୟ କରିପାରିଥିଲା । ବିବିଧ କାରଣରୁ ବଙ୍ଗର ବ୍ରାହ୍ମଧର୍ମ ବୁଦ୍ଧିଜୀବୀମାନଙ୍କର ପ୍ରାୟ ଏକ ଧର୍ମୀୟ ବିନୋଦ ରୂପେ ସୀମାବଦ୍ଧ ହୋଇ ରହିଗଲା, ତାତ୍କାଳିକ ସମାଜର ସମ୍ଭ୍ରାନ୍ତମାନଙ୍କ ମଧ୍ୟରେ ଆଧୁନିକ ଧର୍ମୀୟ ରୁଚିର ଏକ ସନ୍ତକ ମାତ୍ର ହୋଇ ରହିଗଲା ।

ମହିମାଧର୍ମର ଅନୁଗାମୀମାନେ ସାଧାରଣତଃ ବଳକଳଧାରୀ ଓ କୌପୀନଧାରୀ ଦୁଇଗୋଷ୍ଠୀରେ ବିଭକ୍ତ । ଏହି ଧର୍ମରେ ପୂର୍ଣ୍ଣବ୍ରହ୍ମର ଉପଲବ୍ଧି ନିମିତ୍ତ ବୈରାଗ୍ୟ, ଅପର ସନ୍ନ୍ୟାସ ଓ ପରସନ୍ନ୍ୟାସ ଭାବେ ତିନିଗୋଟି ଆରୋହୀକ୍ରମ ନିରୂପିତ ହୋଇଅଛି । ପରସନ୍ନ୍ୟାସୀ ବା ଅବଧୂତମାନେ ଜିତେନ୍ଦ୍ରିୟ, ଶତ୍ରୁ- ମିତ୍ରଭେଦ ରହିତ, ସର୍ବଭୂତରେ ଆତ୍ମଜ୍ଞାନୀ, ଯାଯାବର, ସତ୍ୟାଶ୍ରୟୀ, ଶାନ୍ତ ଓ ନିରାଡ଼ମ୍ବର । ଏହି ଧର୍ମରେ ସ୍ତ୍ରୀମାନଙ୍କୁ ସନ୍ନ୍ୟାସ ଦୀକ୍ଷା ଦେବାର ବିରୋଧ କରାଯାଇଛି । ଏମାନେ ହିନ୍ଦୁଧର୍ମ ପରି କର୍ମଫଳ, ପୁନର୍ଜନ୍ମ, ଆତ୍ମାର ଅବିନଶ୍ୱରତା, ଅବତାରବାଦ ପ୍ରଭୃତିରେ ବିଶ୍ୱାସ ସ୍ଥାପନ କରିଥାନ୍ତି । ଏହି ଧର୍ମରେ ପ୍ରତି ଶୁକ୍ଳ ଚତୁର୍ଦ୍ଦଶୀ ବିଶେଷତଃ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ବା ଗୁରୁପୂର୍ଣ୍ଣିମା ଅତ୍ୟନ୍ତ ପବିତ୍ର ଦିବସ ରୂପେ ପାଳିତ ହୁଏ । ଏହି ଧର୍ମରେ ସର୍ବଧର୍ମର ସମନ୍ୱିତ ସ୍ୱରୂପ ପ୍ରକାଶିତ ହେଉଥିଲେ ମଧ୍ୟ ଏହା ନିଜର ସ୍ୱାତନ୍ତ୍ର୍ୟ ତଥା ସ୍ୱକୀୟତା ବଜାୟ ରଖିପାରିଛି । ସାମାଜିକ ଓ ଧାର୍ମିକ ଉଦାରତା ପ୍ରଦର୍ଶନରେ ଶ୍ରୀଜଗନ୍ନାଥ ଧର୍ମ ଓ ମହିମାଧର୍ମ ମଧ୍ୟରେ ଐକ୍ୟଭାବନାର ପରିଚୟ ମିଳିଥାଏ । ଓଡ଼ିଶାରେ ଏହି ଧର୍ମର ଲୋକପ୍ରିୟତା ଅଦ୍ୟାବଧି ରାଜ୍ୟର କେତେକାଂଶରେ ଅକ୍ଷୁଣ୍ଣ ରହିପାରିଛି । ଏତଦ୍‌ବ୍ୟତୀତ ଏହି ଧର୍ମର ବହୁ ଆଶ୍ରମ ଅଦ୍ୟାପି ଆସାମ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ ଓ ଗୁଜୁରାଟରେ ପ୍ରତିଷ୍ଠିତ ହୋଇଛି ।

ସର୍ବୋପରି ଧର୍ମସାହିତ୍ୟର ଇତିହାସକୁ ଲକ୍ଷ୍ୟକଲେ ସ୍ପଷ୍ଟ ମନେହେବ ଯେ ଓଡ଼ିଶାରେ ସର୍ବଧର୍ମର ପ୍ରତୀକ ହେଉଛନ୍ତି ସ୍ୱୟଂ ଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କର ବିବର୍ତ୍ତନ ଖୋଜିବାକୁ ଯାଇ ତାଙ୍କୁ ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ନାଥ, ଶୈବ, ଶାକ୍ତ, ବୈଷ୍ଣବ ଓ ମହିମାଧର୍ମର ସ୍ୱରୂପ ରୂପେ ଯାହା କିଛି କୁହାଯାଉ ପଛେ, ସେ ପୂର୍ଣ୍ଣଭାବେ

କୌଣସିଟି ନୁହଁନ୍ତି । ଓଡ଼ିଶାର 'ବଡ଼ଠାକୁର' ରୂପେ ସେ ଶତାବ୍ଦୀ ଶତାବ୍ଦୀ ଧରି ପୂଜା ପାଇ ଆସୁଛନ୍ତି । ଯାହା କିଛି ନୂତନ ବୋଲି ଜନମତ ଦ୍ୱାରା ଗୃହୀତ ହୁଏ, ତାହା ସେହି ଶ୍ରୀଜଗନ୍ନାଥଙ୍କ ଠାରେ ହିଁ ଆରୋପିତ ହୋଇଥାଏ । ଏଣୁ ସବୁ ପ୍ରକାର ପୂଜାବିଧି ତାଙ୍କଠାରେ ପ୍ରଚଳିତ । କେବଳ ରଥଯାତ୍ରାରୁ ତାଙ୍କୁ ବୌଦ୍ଧ ବା କେବଳ ଏକାନଂଶା ଦେବୀଙ୍କର ପ୍ରଭାବରୁ ତାଙ୍କୁ ବ୍ରାହ୍ମଣ୍ୟ ବୋଲି କହିଲେ ଓଡ଼ିଶାର ଧର୍ମକୁ ଆମେ ହୃଦୟଙ୍ଗମ କରିପାରିବା ନାହିଁ । ବିଭିନ୍ନ ଯୁଗରେ ଶଙ୍କରାଚାର୍ଯ୍ୟ, ରାମାନୁଜ ପ୍ରଭୃତି ବହୁ ଧାର୍ମିକ ପଣ୍ଡିତ ଶ୍ରୀଜଗନ୍ନାଥଙ୍କ ପୂଜାପଦ୍ଧତିର ସଂସ୍କାର ପାଇଁ ମନ ବଳାଇଛନ୍ତି । ଏପରିକି ରାମାନୁଜଙ୍କ ପ୍ରଭାତରେ ଦେଉଳ ବେଢ଼ାରେ ଲକ୍ଷ୍ମୀଙ୍କ ମନ୍ଦିର ତୋଳାଯାଇଛି । ଶ୍ରୀକ୍ଷେତ୍ରରେ 'ମହାପ୍ରସାଦ'ର ପ୍ରଚଳନ ହେବା କଥା ତନ୍ତ୍ରଶାସ୍ତ୍ରରେ ପ୍ରମାଣ ରହିଛି । କଳିଯୁଗରେ ଶୂନ୍ୟପୁରୁଷ ଜଗନ୍ନାଥଙ୍କୁ ସମସ୍ତେ ନିଜ ନିଜର ଧର୍ମ ଭିତରକୁ ଟାଣିନେବାକୁ ଆପ୍ରାଣ ଚେଷ୍ଟା କରିଛନ୍ତି କିନ୍ତୁ ଅବଶେଷରେ ସମସ୍ତେ ସେହି ଜଗନ୍ନାଥଙ୍କ ସତ୍ତା ଭିତରେ ଲୀନ ହୋଇ ଯାଇଛନ୍ତି । ଏହା ହିଁ ଓଡ଼ିଶାରେ ଜଗନ୍ନାଥଧର୍ମର ମୂଳଭିତ୍ତି ଏବଂ ଏହି ପରିପ୍ରେକ୍ଷୀରେ ଆମକୁ ଶ୍ରୀଜଗନ୍ନାଥଙ୍କର ବିବର୍ତ୍ତନ ରହସ୍ୟ ଖୋଜି ବାହାର କରିବାକୁ ହେବ ।

ଏହିସବୁ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ଶ୍ରୀଜଗନ୍ନାଥ ବହୁ ଶତାବ୍ଦୀ ଧରି ଓଡ଼ିଆ ଜାତିର ଧର୍ମ ଓ ସଂସ୍କୃତିର ଶ୍ରେଷ୍ଠ ପ୍ରତୀକ ତଥା ଉପାସ୍ୟ ଦେବତାରୂପେ ରହିଆସିଛନ୍ତି । ପ୍ରଥମେ ଅନାର୍ଯ୍ୟଭାବ, ପରେ ଆର୍ଯ୍ୟ ବୈଦିକ ହିନ୍ଦୁଭାବ, ତା'ପରେ ଜୈନ, ବୌଦ୍ଧ, ଶାକ୍ତ, ଶୈବ ଏବଂ ବୈଷ୍ଣବ ଭାବ ଶ୍ରୀଜଗନ୍ନାଥଙ୍କ ଠାରେ ଆରୋପିତ ହୋଇଛି । ବିଶ୍ୱଧର୍ମ ଭାବନାର ସକଳ ମୂଳତତ୍ତ୍ୱ ଓ ମାହାତ୍ମ୍ୟ ଶ୍ରୀଜଗନ୍ନାଥଙ୍କ ଠାରେ ଯେପରି ପୁଞ୍ଜିଭୂତ ହୋଇଛି -ତାହାର ପଟାନ୍ତର ନାହିଁ ।

❐❐❐

ପଲ୍ଲୀ ଜୀବନର ରୂପକାର ବିଦ୍ୟୁତପ୍ରଭା : ଏକ ଦୃଷ୍ଟିପାତ



● ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

ବିଦ୍ୟୁତ୍‌ପ୍ରଭା ୧୯୨୯ ମସିହା ଜୁଲାଇ ୧୨ ତାରିଖ କଟକ ଜିଲ୍ଲାର ଝିଙ୍କିଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ନିମାଇଁ ଚରଣ ଦାସ ଓ ମାତାଙ୍କ ନାମ ରମାଦେବୀ । ପିତାଙ୍କ ପ୍ରକୃତ ବାସସ୍ଥାନ ନାଟରା, ଆଳିର ଏକ ଧୋଇଆ ଅଞ୍ଚଳ । ବିବାହ ସଂପନ୍ନ ହେଲା ୧୯୪୯ ମସିହାରେ ଜୁଲାଇ ୪ ତାରିଖ ଆଗରପଡ଼ା କୁଆଁସ ମଢିଆର ପଞ୍ଚାନନ ମହାନ୍ତିଙ୍କ ସହିତ ।

କବି ନନ୍ଦକିଶୋରଙ୍କ ପରେ ଶ୍ରୀ ଗୋଦାବରୀଶ ମିଶ୍ର, ମାନସିଂହ, ସଚ୍ଚିଦାନନ୍ଦ, କୁଞ୍ଜବିହାରୀ, କୃଷ୍ଣଚନ୍ଦ୍ର, ପ୍ରାଣକୃଷ୍ଣ ପ୍ରମୁଖ କବିମାନେ ଗଭୀର ଆସକ୍ତିର ସହିତ ପଲ୍ଲୀପ୍ରତି ଦୃଷ୍ଟିପାତ କରିଥିଲେ ମଧ୍ୟ ନନ୍ଦକିଶୋରଙ୍କ ପଲ୍ଲୀ ଭାବନାର ପ୍ରତିଟି ଦିଗ ଓ ଦୃଷ୍ଟିକୋଣ ପ୍ରତି ବିଦ୍ୟୁତପ୍ରଭାଙ୍କ ପରି ଅନ୍ୟକେହି ଏତେ ନିରବିଚ୍ଛିନ୍ନ ମମତା ପ୍ରକାଶ କରିନାହାଁନ୍ତି । ତେଣୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ପଲ୍ଲୀ କବି ନନ୍ଦକିଶୋରଙ୍କ କାବ୍ୟ-ପରମ୍ପରାର ଉତ୍ତର ସାଧିକାଭାବେ ଚିହ୍ନିତ କରାଯାଇପାରେ ।

ବିଦ୍ୟୁତପ୍ରଭାଙ୍କ ପ୍ରତିଭାଥିଲା ବିପୁଳ, ଅଧ୍ୟବସାୟ ଥିଲା ପ୍ରଚୁର । ନବମ ଶ୍ରେଣୀରେ ଅଧ୍ୟୟନ କଲାବେଳେ ତାଙ୍କ ପାଠପଢାର ଅବସାନ ଘଟିଲା । ତେଣୁ ବିଦ୍ୟାଳୟ ଲବ୍ଧଜ୍ଞାନ ତାଙ୍କର ଅଳ୍ପଥିଲା । କିନ୍ତୁ ଏଇ ଅଭାବକୁ ଏଇ ନ୍ୟୂନ୍ୟତାକୁ ସେ ଅଜସ୍ର ପରିଶ୍ରମ ଦ୍ୱାରା ଅତିକ୍ରମ କଲେ । ସାହିତ୍ୟ ତାଙ୍କ ପାଇଁ କେବଳ କଳ୍ପନାର ବିଷୟ ନଥିଲା । ତାହା ମଧ୍ୟ ଥିଲା କଠୋର ତପସ୍ୟାର ବିଷୟ । ବହୁ ପ୍ରୟାସ କରି ସେ ତାଙ୍କର ଶବ୍ଦ ଜ୍ଞାନକୁ ଉନ୍ନତ କଲେ । ଛନ୍ଦ ପ୍ରୟୋଗଗତ ନିପୁଣତା ହାସଲ କଲେ । ନିମ୍ନଲିଖିତ ଦୁଇଟି ପଂକ୍ତି ତାଙ୍କର ଏଇ ସ୍ୱତଃସ୍ଫୂର୍ତ୍ତ କଳାର ସୁନ୍ଦର ଦୃଷ୍ଟାନ୍ତ:-

"ବିଜୁଳି ପରାଏ ଖେଳିଲା ମନେ ସେ / ନ ଫୁଟି ଫୁଟିଲା ବାଣୀ / ନହସି ହସିଲା ନରସି ରସିଲା / ନ ଚାହିଁ ଚାହିଁଲା ଠାଣି ।" ॥ ୧ ॥

× × × × ×

"ଜନହୀନ ନଦୀତଟେ ଗଲିଯେବେ କରିବାକୁ ସ୍ନାନ / ଶ୍ରବଣ ହୋଇଲା ବନ୍ଦୀ ଶୁଣି କାହା ବଂଇଶୀର ଜାନ / ସଜ ଆମ୍ବ ବଉଳର ଦିଗବୁଡ଼ା ମୃଦୁଳ ଚହଟେ / ଉଚ୍ଚାଟ ହୋଇଲା ପ୍ରାଣ ଦୂରୁକେହି ଆସେ କି ନିକଟେ ।"॥ ୨ ॥

ଶ୍ରୀମତୀ ବିଦ୍ୟୁତପ୍ରଭାଙ୍କର କାବ୍ୟସାଧନା ମାତ୍ର ଦଶବର୍ଷ (୧୯୪୭ -୫୭) ମଧ୍ୟରେ ସୀମିତ । ଏହି ଦଶବର୍ଷର କାବ୍ୟସାଧନା ଭିତରେ ଓଡ଼ିଆ ସାହିତ୍ୟକୁ ତାଙ୍କର ଦାନ 'ସବିତା' (୧୯୪୭), 'ଉତ୍କଳ ସାରସ୍ୱତ ପ୍ରତିଭା' (୧୯୪୭), 'କନକାଞ୍ଜଳି' (୧୯୪୮), 'ମରୀଚିକା' (୧୯୪୮), 'ବିହାୟସୀ' (୧୯୪୯), 'ବନ୍ଦନିକା' (୧୯୫୦), 'ସ୍ୱପ୍ନଦୀପ' (୧୯୫୧), 'ଝରାଶିଉଳୀ' (୧୯୫୨), 'ଯାହାକୁ ଯିଏ' (୧୯୫୭), ଏବଂ ବହୁ ପ୍ରକାଶିତ ଏବଂ ଅପ୍ରକାଶିତ କବିତାକୁ ନେଇ ତାଙ୍କର କବିତାବଳୀର ଏକ 'ସଞ୍ଚୟନ' (୧୯୫୭) । ଏହି ସଞ୍ଚୟନରେ ସର୍ବମୋଟ ଏଗାରଟି ବିଭାଗ ରହିଛି : ୧. 'ଲୋକାୟନ', ୨. 'ପଲ୍ଲୀପଥେ', ୩. 'ସୁଧର ଏ ଧରା', ୪. 'ପ୍ରିୟ ଓ ପ୍ରିୟା', ୫. 'ଗାଥା', ୬. 'ଶ୍ରଦ୍ଧାଞ୍ଜଳି', ୭. 'ଖଦ୍ୟୋତିକା', ୮. 'ଭକ୍ତିମାଲ୍ୟ', ୯. 'ଗଦ୍ୟ କବିତା', ୧୦. 'ଯାହାକୁ ଯିଏ', ୧୧. 'କଅଁଳ ଜୀବନେ' ।

ବିଦ୍ୟୁତପ୍ରଭାଙ୍କୁ ପ୍ରକୃତି ଓ ପଲ୍ଲୀଜୀବନର କବିରୂପେ ପ୍ରାଧାନ୍ୟ ଦିଆଯାଇଛି । ପ୍ରଥମେ ରୁଷୋ ଏବଂ ପରେ ୱାଡ଼ସ୍‌ୱାର୍ଥ ପ୍ରକୃତି ଓ ପଲ୍ଲୀ ଜୀବନକୁ ରୋମାଣ୍ଟିସିଜିମର ଯୁଗ୍ମ ଉତ୍ସରୂପେ ଗ୍ରହଣ କରିଥିଲେ । ବିଦ୍ୟୁତପ୍ରଭା ମଧ୍ୟ ଏଇ ଦୁଇଟି ଉତ୍ସକୁ ପ୍ରାଧାନ୍ୟ ଦେଇ କବିତା ରଚନାକରି ଜଣେ ରୋମାଣ୍ଟିକ୍ କବିରୂପେ ନିଜର ଖ୍ୟାତିକୁ ଅକ୍ଷୁର୍ଣ୍ଣ ରଖିବାକୁ ସମର୍ଥ ହୋଇଛନ୍ତି । ତାଙ୍କ କାବ୍ୟ ମାନସର ଏକ ମୁଖ୍ୟ ଚେତନା କେବଳ ପଲ୍ଲୀ ଜୀବନ । ସେଇ ପଲ୍ଲୀର ସୁଖ-ଦୁଃଖ, ହର୍ଷ-ବିଷାଦ, ଆଲୋକ ଅନ୍ଧାର ଭିତରେ ନାରୀ ଜୀବନର ଚମତ୍କାର ରୂପରେଖରେ ଏ କବିତାଗୁଡ଼ିକ ଯେତିକି ପ୍ରାଣବନ୍ତ ସେତିକି ସୁଖପାଠ୍ୟ । କିନ୍ତୁ ଅନ୍ୟ ଗୋଟିଏ ବିଷୟରେ ମଧ୍ୟ ବିସ୍ମୟକର ଦକ୍ଷତା ସହ ବହୁ ମଦିର ଓ ରସାଳ କବିତା ସୃଷ୍ଟିକରି ନିଜର ଅଶେଷ କୃତିତ୍ୱର ପରିଚୟ ଦେଇପାରିଛନ୍ତି । ସେ ବିଷୟଟି ହେଉଛି ପ୍ରେମ । 'ସ୍ୱପ୍ନଦୀପ' ଓ 'ଝରାଶିଉଳି'ର ସମସ୍ତ କବିତା ଏବଂ ଅନ୍ୟ କେତେକ କବିତା ସେଇ କୃତିତ୍ୱର ନିଚ୍ଛକ ନିଦର୍ଶନ । ସମାଲୋଚକ ମାନସିଂହଙ୍କ ଭାଷାରେ-

"ତାଙ୍କ କବିତା ନାରୀଚିତ୍ତ ଓ ଅନ୍ତରର ସ୍ୱତନ୍ତ୍ର ସମସ୍ୟା ଦେଖାଇବାକୁ ଭୟକରିଛି ଯେପରି କବି ତା' ଗୁଡ଼ିକର କବି ଭାବରେ ଯଦି ଜଣେ ପୁରୁଷର ନାମ ଦେଖାଦେଇଥାନ୍ତା ତେବେ ବିଶେଷ ଅସଙ୍ଗତି ଧରାପଡ଼ିଯାନ୍ତା ବୋଲି କହିହେବନି ।" ॥ ୧ ॥

୧୯୫୦ ରୁ ୧୯୬୩ ପର୍ଯ୍ୟନ୍ତ କେତୋଟି ବର୍ଷ ବିଦ୍ୟୁତପ୍ରଭାଙ୍କ ଜୀବନର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ୧୯୫୦ ମସିହାରେ ବିଦ୍ୟୁତପ୍ରଭାଙ୍କର 'ଉତ୍କଳ ସାରସ୍ୱତ ପ୍ରତିଭା' ପୁସ୍ତକ ହାଇସ୍କୁଲର ଉପର ଦୁଇଶ୍ରେଣୀ ପାଇଁ ପଦ୍ୟ ସାହିତ୍ୟ ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ହେଲା ଏବଂ ୧୯୫୧ରେ ତାଙ୍କର 'ମରୀଚିକା' ପୁସ୍ତକ ଅଷ୍ଟମ ଶ୍ରେଣୀ ସକାଶେ ପଦ୍ୟ ସାହିତ୍ୟରୂପେ ସ୍ୱୀକୃତି ଲାଭକଲା । ତାଙ୍କର ପ୍ରଥମ ଶିଶୁସାହିତ୍ୟ ପୁସ୍ତକ 'ଯାହାକୁ ଯିଏ' ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହେଲା । ୧୯୫୭ରେ ଗ୍ରନ୍ଥାବଳୀ 'ସଞ୍ଚୟନ'ର ମୁଦ୍ରଣ କାର୍ଯ୍ୟ ସମାପ୍ତ ହେଲା ଏବଂ ୧୯୭୩ରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଏକ ବିଶେଷ ଅଧିବେଶନରେ ତାହା ପୁରସ୍କୃତ ହେଲା ।

୧୯୫୫ ରୁ ୧୯୬୬ ପର୍ଯ୍ୟନ୍ତ ସେ କେବଳ ଶିଶୁ ସାହିତ୍ୟ ରଚନା କରିବାରେ ହିଁ ନିରତ ଥିଲେ ଏବଂ ଏଇ ସମୟ ମଧ୍ୟରେ ସେ ମୋଟ ଛଅଖଣ୍ଡ ଶିଶୁ ସାହିତ୍ୟ ରଚନା କରିଥିଲେ । ସେ ଗୁଡ଼ିକ ହେଲା, 'ଯାହାକୁ ଯିଏ', 'ମୋ ପେଁକାଳି ବଜାଇ ଦେ', 'ଗଛ ପତର', 'ମୁଁ କେମିତି ପିଲା', 'କାହିଁକି ତୁମେ' ଏବଂ 'ପଢୁଥା, ହସି ହସି ଗଡୁଥା' । ବିଦ୍ୟୁତ୍‌ପ୍ରଭାଙ୍କର ଦେହବସାନ ଘଟିଲା ୧୯୭୭ ମସିହା ଜାନୁଆରୀ ୨୮ ତାରିଖରେ ।

ଶ୍ରଦ୍ଧା ଓ ସମର୍ପଣ :-

'ଭକ୍ତିମାଲ୍ୟ' (ସଞ୍ଚୟନ)ର ପ୍ରଥମ କବିତା 'ଭକ୍ତି ଓ ଭଗବାନ' ଅତ୍ୟନ୍ତ ହୃଦୟସ୍ପର୍ଶୀ । କବିତାଟି କ୍ଷୁଦ୍ର ଅଥଚ ଅତିଶୟ ଭାବଗର୍ଭକ ।

"ଭକ୍ତ କହିଲା ଭଗବାନ ପାଶେ / ଏତେ କରୁଣାର ବିନିମୟେ ପ୍ରଭୁ / କି କରିବି ତବ କୁହ ? / କହିଲେ ଦେବତା 'ଦୁଃସ୍ଥ ଦଳିତ' / କୋଟି କଙ୍କାଳ ଶ୍ରାନ୍ତ ନୟନୁ / ପୋଛି ପାରିବୁକି ଲୁହ ?"

'ଭଲପାଅ ଯେବେ ମୋତେ' କବିତାରେ ସେ ଭଗବାନଙ୍କୁ ନିବେଦନ କରି କହିଛନ୍ତି -

"ନିଃସ୍ୱର ବ୍ୟଥା ଭୋଜନ ଯେସନେ / ନିବିଡ଼େ ମରମ ଗତେ / ଦିଅ ସେହିମନ ଆହେ ଭଗବାନ / ଭଲପାଅ ଯେବେ ମୋତେ ।"

'ଚରଣେ ତା ବନ୍ଦେ' କବିତାରେ ସ୍ନେହ ଓ ସେବାର ବୀଣା ନିକ୍ୱଣ ଶୁଣାଇ ସେ କହିଛନ୍ତି ଯେ, ସାରା ଧରଣୀକୁ ପ୍ରେମ ଫାଶରେ ଆବଦ୍ଧ କରେ ଯିଏ, ମୂକ ମୁଖରେ ହସ ଫୁଟାଇ ପାରେ ଯିଏ, ତା'ର ଚରଣ ବନ୍ଦନା କରନ୍ତି ସ୍ୱୟଂ ବିଦ୍ୟୁତପ୍ରଭା । ତାଙ୍କ ଦୃଷ୍ଟିରେ ମାନବ ସେବାହିଁ ମାଧବସେବା । ମାଧବସେବା ଲାଗି ତାଙ୍କ ଅନ୍ତରର ଆକୁଳ ଆଗ୍ରହ 'ଭକ୍ତିମାଲ୍ୟ' କବିତାଗୁଚ୍ଛର ଭଗବତ ଭକ୍ତିକୁ ମଧୁର କରିଛି । ଈଶ୍ୱର-ପ୍ରାଣତାକୁ ବି ମହନୀୟ କରିଛି ।

ଦେଶାତ୍ମବୋଧ :-

'ସବିତା' ଓ 'ଉତ୍କଳ ସାରସ୍ୱତ ପ୍ରତିଭା' ନାମକ ଦୁଇଟି କବିତାଗ୍ରନ୍ଥ ମଧ୍ୟରୁ ପ୍ରଥମଟି ଯୁଗ୍ମ ଲେଖିକାଙ୍କ ଅବଦାନରେ ପୁଷ୍ଟ । ସେ ଦୁଇ ଲେଖିକା ହେଲେ ବିଦ୍ୟୁତପ୍ରଭା ଏବଂ ତାଙ୍କ ଜ୍ୟେଷ୍ଠା ଭଗିନୀ ବାସନ୍ତୀ । 'ଉତ୍କଳ ସାରସ୍ୱତ ପ୍ରତିଭା, ନାମକ କବିତାଗ୍ରନ୍ଥ ବିଦ୍ୟୁତପ୍ରଭାଙ୍କର ଏକକ ସୃଷ୍ଟି ।

ଦେଶାତ୍ମବୋଧ ହେଲା 'ସବିତା'ର ପ୍ରଧାନସ୍ୱର, ପ୍ରଧାନ ଆଭିମୁଖ୍ୟ । କିନ୍ତୁ 'ଉତ୍କଳ ସାରସ୍ୱତ ପ୍ରତିଭା'ର ଏକମାତ୍ର ଉପଜୀବ୍ୟ ବିଷୟବସ୍ତୁ ହେଲା ଦେଶାତ୍ମବୋଧ । ଆଲୋଚ୍ୟ ଗ୍ରନ୍ଥରେ ଯେଉଁସବୁ କବିତା ସନ୍ନିବେଶିତ ହୋଇଛି ସେଥିରୁ କେତେକ ରଚିତ ହୋଇଛି ଅକ୍ଷର ବୃତ୍ତରେ ଏବଂ ଅନ୍ୟସବୁ ମାତ୍ରା ବୃତ୍ତରେ । ମାତ୍ରାବୃତ୍ତ ଛନ୍ଦର ପ୍ରଥମ ପ୍ରବର୍ତ୍ତକ ହେଉଛନ୍ତି ରବୀନ୍ଦ୍ରନାଥ ! ଓଡ଼ିଆ କାବ୍ୟ ସାହିତ୍ୟ କ୍ଷେତ୍ରରେ ରାଧାମୋହନ ଗଡ଼ନାୟକ, ସଚ୍ଚିଦାନନ୍ଦ ରାଉତରାୟ, ଡଃ ମାୟାଧର ମାନସିଂହ, ଡଃ କୁଞ୍ଜବିହାରୀ ଦାଶ ପ୍ରଭୃତି ପ୍ରଖ୍ୟାତ କବିମାନେ ଏଇ ଛନ୍ଦକୁ ପୂର୍ଣ୍ଣ ସଫଳତା ସହ ନିଜ ନିଜ ରଚନାରେ ପ୍ରୟୋଗ କରିଛନ୍ତି । ଆଲୋଚ୍ୟ ଗ୍ରନ୍ଥରୁ (ଉତ୍କଳ ସାରସ୍ୱତ ପ୍ରତିଭା) ଅକ୍ଷରବୃତ୍ତ ଓ ମାତ୍ରାବୃତ୍ତ ପ୍ରୟୋଗର ଦୃଷ୍ଟାନ୍ତ ନିମ୍ନରେ ଦିଅଯାଇଛି ।

ଅକ୍ଷରବୃତ୍ତ :-

"ହେ ଚତୁର ବୁଦ୍ଧିଜୀବୀ / ସ୍ୱାର୍ଥଯଜ୍ଞେ ହୋଇ ପୁରୋହିତ / ଜାତିପ୍ରେମ ବହ୍ନି ତୁମେ /ପ୍ରତିପ୍ରାଣେ କଲ ପ୍ରଜ୍ୱଳିତ ।" (ଉତ୍କଳ ଗୌରବ ମଧୁସୂଦନ)

ମାତ୍ରାବୃତ୍ତ :-

"ଅପରେ ହସାଇ କାନ୍ଦିଛ ଆପେ / କାଳକୂଟ କରିପାନ / ସରସ କରିଛ / ନୀରସ ହୃଦୟ / ଅମୃତ କରିଦାନ ।" (କାନ୍ତକବି ଲକ୍ଷ୍ମୀକାନ୍ତ)

'ଉତ୍କଳ ସାରସ୍ୱତ ପ୍ରତିଭା' ଗ୍ରନ୍ଥରେ ମହାଭାରତର ସାରଳା, ଭାଗବତାକାର ଜଗନ୍ନାଥ, ବିଦଗ୍ଧ ଚିନ୍ତାମଣିକାର ଅଭିମନ୍ୟୁଙ୍କଠାରୁ ଆରମ୍ଭ କରି ପଣ୍ଡିତ ଗୋଦାବରୀଶ, ଗୀତି କବିତାର ପଦ୍ମଚରଣ ଏବଂ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପର୍ଯ୍ୟନ୍ତ ଓଡ଼ିଶାର ବହୁ ପ୍ରତିଭାଶାଳୀ ବରେଣ୍ୟ ବ୍ୟକ୍ତିମାନଙ୍କର ଯଶୋଗାଥା ସ୍ଥାନପାଇଛି ।

ପଲ୍ଲୀ ଚେତନା :-

ବିଦ୍ୟୁତପ୍ରଭାଙ୍କ କବିତାରେ ଦେଶାତ୍ମବୋଧ ପରେ ଦେଖାଦେଲା ପ୍ରକୃତି ଓ ପଲ୍ଲୀର ପର୍ବ । ଗୋଟାଏ ଦୃଷ୍ଟିରୁ ଦେଖିଲେ ତାଙ୍କ ଦେଶାତ୍ମବୋଧମୂଳକ କବିତାରେ ରହିଛି ଅତୀତରେ ଯେଉଁ ଓଜସ୍ୱୀ ଉଦ୍‌ବୋଧନ ତାହାମଧ୍ୟ ରୋମାଣ୍ଟିକତାର ଅଙ୍ଗିବିଶେଷ, କାରଣ ଅତୀତର ମୋହ ଓ ଅତୀତର ଆକର୍ଷଣ ମଧ୍ୟ ରୋମାଣ୍ଟିକତାର ଏକ ପ୍ରଧାନ ବୈଶିଷ୍ଟ୍ୟ ।

ରୋମାଣ୍ଟିକତାର ସେଇ ଦୂରତର ଭୂମିରୁ ସେ ଆସିଲେ ନିକଟତର ଭୂମିକୁ । ଯେଉଁଠି ଗୋପାଳ ବାଳକର ବଂଶୀତାନକୁ ମଧ୍ୟାହ୍ନ ତନ୍ମୟ ହୋଇ କାନଡ଼େରି ଥାଏ । ଯେଉଁଠି ଆଷାଢର ବାରିଧାରା ପଲ୍ଲୀପ୍ରାଣକୁ ଉଦ୍ଦାମ ସଂଗୀତ ଶୁଣାଏ, ଯେଉଁଠି ନଦୀତଟରେ ଅଜସ୍ର ସୁଆଁ ଫୁଲର ବାସ୍ନା ଗୋଧୂଳିକୁ ମତୁଆଲା କରେ, ଯେଉଁଠି ପୌଷ ରାତ୍ରିର ଜହ୍ନ ଆଲୁଅ କୁହୁଡ଼ିରେ ଆଚ୍ଛନ୍ନ ହୋଇ କୁହୁକ ସୃଷ୍ଟିକରେ ପ୍ରକୃତିର ସେଇ ରୋମାଞ୍ଚିତ କୋଳରେ ସେ ଉପନୀତ ହେଲେ ।

ପଲ୍ଲୀର ନିତିଦିନିଆ ଦୃଶ୍ୟ, ତା'ର ସ୍ୱର ସମ୍ଭାର, ତା'ର ଆବେଦନ ଓ ଆହ୍ୱାନ ତାଙ୍କ କବିତାରେ ଏକ ନୂତନ ମୋହ ସୃଷ୍ଟିକରେ । 'କନକାଞ୍ଜଳି'ର ପ୍ରତ୍ୟେକ କବିତା ଏହି ପଲ୍ଲୀର ସ୍ମୃତିରେ ଉଚ୍ଛଳ । ଏହି ପଲ୍ଲୀର ରଜପର୍ବ, ମାଣବସା, ଦୀପାବଳୀ, ପ୍ରଥମାଷ୍ଟମୀ, କୁଆଁର ପୁନିଅଁ, ପଲ୍ଲୀର ବର୍ଷା, ଦିଅଁଦେବତା, ନଈପୋଖରୀ, ସଂଜ-ସକାଳ, ଆଲୁଅ - ଅନ୍ଧାର, ତାଙ୍କ କବିତାରେ ଅତି ମମତାପୂର୍ଣ୍ଣ ରୂପ ଗ୍ରହଣ କରିଛି । ପୁଣି ଋତୁଚକ୍ରର ଆବର୍ତ୍ତନ ସହିତ ପଲ୍ଲୀ-ପ୍ରକୃତିର ମୁଗ୍ଧ ସୁନ୍ଦର ରୂପମଧ୍ୟ ତାଙ୍କ କାବ୍ୟଚେତନାରେ ପାରମ୍ପରିକତା ରକ୍ଷାକରି ପ୍ରକଟିତ । ପ୍ରତି ଋତୁ ତା'ର ସ୍ୱାଭାବିକ

ଠାଣିରେ ଏବଂ ନିଜସ୍ୱ ସ୍ୱରରେ ତାଙ୍କୁ ଉଦ୍‌ବୋଧନ ଶୁଣାଇଲା । ପିନାକୀର ପ୍ରଳୟ ଡମ୍ବରୁ ବଜାଇ ଗ୍ରୀଷ୍ମ ତାଙ୍କୁ ଉଦ୍‌ବୋଧନ କଲା :-

"ଧରାରେ ଆସିଲା ଆଗ୍ନେୟ ବଇଶାଖ / ଝଞ୍ଝା ବିଷାଣ ବଜାଇ ରୁଦ୍ରଭଳି / ବିଜୟ ଗର୍ବେ ନାଚେ ମରୀଚିକା ବେଣୀ / ଦୀପ୍ତ ତପନ ଗଗନେ ଉଠିଲା ଜଳି । / କରୁଣ ବ୍ୟଥାରେ ପକାଇ ଦୀର୍ଘଶ୍ୱାସ / ହଜିଗଲା କେଣେ ବିଶ୍ୱରେ ମଧୁମାସ, / ହା' ହା' କାର କରି ଉଠିଲା କୁସୁମ ବନ / ଲୁଚିଲା କୋକିଳ ଭୁଲି ପଞ୍ଚମ ତାନ, / ଧରାରେ ଆସିଲା ଆଗ୍ନେୟ ବଇଶାଖ ।" (ବୈଶାଖ - କନକାଞ୍ଜଳି)

ସେହିପରି ବଜ୍ର ବିଦ୍ୟୁତସହ ବାରିଧାରାର ଘୋର ନିନାଦ ଶୁଣାଇ ଆସିଲା ବର୍ଷା :-

"ଝର ଝର ଝରେ ପାଗଳ ବରଷା /କଜ୍ଜଳ କଳା ଗଗନେ / ଶମ୍ପା ଶୋଭନା / ଉଉରୀ ତା'ର / ଦୋଳେ ମତୁଆଲା ପବନେ ।" (ବର୍ଷାସ୍ମୃତି - ବିହାୟସୀ)

କିନ୍ତୁ କୋମଳ ସଙ୍ଗୀତରେ ବନବୀଥି ଶିହରିତ କରି ମନୋରମ ଠାଣିରେ ଶରତ ଆସେ, ସେତେବେଳେ -

"କାନନ ଧରିଛି ତରୁ-ମର୍ମର ଗୀତିକା / କାଶ ଅଭିସାରେ ଫୁଲିଉଠେ ତଟ ବୀଥିକା । / ମରାଳ ଚଳଇ ଗରବେ / ଶରତର ଏଇ ସୁନ୍ଦର ନବ ପରବେ ।"

(ଶରତ - ବନ୍ଦନିକା)

ଅଥଚ ବସନ୍ତର ଶେଷ ପର୍ଯ୍ୟାୟରେ ଯେତେବେଳେ ଚୈତ୍ର ଆସୁଛି ସେତେବେଳେ ତା'ର ସ୍ୱର ଆହୁରି ଆବିଷ୍ଟ ଓ ପ୍ରମୋଦିତ । ଚୈତ୍ରର ସେ ଆଗମନ ସାରା ଧରିତ୍ରୀକୁ ମତୁଆଲା କରୁଛି -

"ଶୁଭ୍ର ଚଇତ ନିଶି / ଧରଣୀର କୋଟି ଦୂବ ଲୋମକୂପେ / ଜ୍ୟୋସ୍ନା ଯାଇଛି ମିଶି ।

× × × × ×

ରସାଳକୁଞ୍ଜେ ଦେଇଛି ମଳୟ / ସରଗ ମଦିରା ଢାଳି / ଝରା ମାଧବୀର ସ୍ନିଗ୍ଧ ତଳପେ / ଶୋଇଛି ଚଇତ - ବାଳୀ ।" (ଚୈତ୍ରୀ - ବନ୍ଦନିକା)

ପୁଣି ଋତୁଚକ୍ରର ଆବର୍ତ୍ତନ ସହିତ ପଲ୍ଲୀ - ପ୍ରକୃତିର ମୁଗ୍ଧ ସୁନ୍ଦର ରୂପ ମଧ୍ୟ ତାଙ୍କ କାବ୍ୟ ଚେତନାରେ ପାରମ୍ପରିକତା ରକ୍ଷାକରି ପ୍ରକଟିତ । ବେଳେ ବେଳେ

ପଲ୍ଲୀର ଏହି ନିତିଦିନିଆ ଘଟଣା ସହିତ ସେ ଜୀବନକୁ ଏତେ ନିବିଡ଼ ଭାବେ ଏକତ୍ରିତ କରିଛନ୍ତି ଯେ, ତହିଁରେ ଆତ୍ମାର ଗଭୀର ପ୍ରାଣଭରା ବାଣୀ ପ୍ରକାଶପାଇଛି । ଉଦାହରଣ ସ୍ୱରୂପ 'ରଜକମେଇ' ଉଦ୍ଦେଶ୍ୟରେ ଝିଅ ଘରକୁ ଭାର ସଜାଡୁ ସଜାଡୁ ସ୍ନେହଶୀଳା ଜନନୀଙ୍କ ଆଖିରେ ଲୁହର ଝର କବିଙ୍କ ବାସ୍ତବବାଦୀ ଚେତନାକୁ ଗଭୀରଭାବେ ଆନ୍ଦୋଳିତ କରିଛି :-

"ସଜାଡୁ ଜନନୀ ଦୁହିତା ଗୃହେ ପହଲିଭାର / ଝରିପଡ଼େ ମାତା ନୟନ ଯୁଗୁ ଶ୍ରାବଣଧାର / ଜଡ଼ିତ କଣ୍ଠେ ଭାଷଇ ଗାଆଁ ନାପିତେ ରାଇ / ରାଣୀମୋର ତୁମ ବାଟକୁ ଆଜି ଥିବ ତ ଚାହିଁ ।"

ସେହିପରି ପଲ୍ଲୀପ୍ରକୃତିର ଶାନ୍ତ ମୁଗ୍ଧ ସୁନ୍ଦର ବାତାବରଣ ସହିତ 'ବୈଶାଖ' କବିତାରେ ପଲ୍ଲୀର ରୁଦ୍ର ବିଷାଣ ରୂପ ଦେବାରେ ସେ ରବୀନ୍ଦ୍ରନାଥଙ୍କ 'ବୈଶାଖ' କବିତାର ଭାବଧାରା ସହିତ ସ୍ୱରସାମ୍ୟ ପ୍ରତିଷ୍ଠା କରିଥିବା ଲକ୍ଷ୍ୟ କରାଯିବ । ପୁଣି ବସନ୍ତରେ ସେ ପ୍ରକୃତିର ଶାନ୍ତ ଓ ସୁନ୍ଦର ରୂପର ଦ୍ରଷ୍ଟା ।

'ସୁଆରିଢ଼ାକ' ବିଦ୍ୟୁତପ୍ରଭାଙ୍କର 'କନକାଞ୍ଜଳି' କବିତା ପୁସ୍ତକର ଗୋଟିଏ ରସୋତ୍ତୀର୍ଣ୍ଣ କବିତା, ଯେଉଁଥିରେ ତତ୍‌କାଳୀନ ପଲ୍ଲୀ ଜୀବନର ଏକ ମନୋରମ ଚିତ୍ର ଦିଆଯାଇଛି :-

"ଶେଷରାବ ଦେଉଁ ନୀଡ଼ ଅଭିମୁଖୀ / ସନ୍ଧ୍ୟାକାଳ ଗାଆଁଟା ଯାକ / ହୁରିପଡ଼ିଗଲା 'ଆସିଲାଣି ଝିଅ' / କେ ନାରୀ କହିଲା 'ବନ୍ଦାଇ ନିଅ' / ବଜାଇ ଶଙ୍ଖ / ଧାଇଁଗଲେ ଶୁଣି ଗାଆଁର ଅନୂଢା / କୁମାରୀଯାକ / ସୁଆରି ଢ଼ାକ ।"

'ସୁଆରିଢ଼ାକ' ପରି ଆଉ ଗୋଟିଏ ରସୋତ୍ତୀର୍ଣ୍ଣ କବିତା 'ଘାଟେ ତରୁଣୀ' ଏବଂ ତାହାମଧ୍ୟ 'କନକାଞ୍ଜଳି' କବିତା ପୁସ୍ତକର ଅନ୍ତର୍ଗତ ।

ପଲ୍ଲୀ - ଜୀବନର ଅସଂଖ୍ୟ ସ୍ମୃତି ନିହିତ ତାଙ୍କ କବିତାରେ ପଲ୍ଲୀ-ପ୍ରତି ଅତୁଟ ଚିତ୍ର ମମତାର ଅବାଧ ପରିଚୟ ଦିଏ । ଏଇ ମାଟି - କୁଟୀର ଓ ନିବିଡ଼ ଦାମ୍ପତ୍ୟ ପ୍ରେମର ମମତାପୂର୍ଣ୍ଣ ଚିତ୍ର ପଲ୍ଲୀର ଦୁଃଖ-ପାଶୋରା ଏକ ସ୍ୱର୍ଣ୍ଣମୟ ସ୍ମୃତି ଜାଗରିତ କରେ । 'ସ୍ୱପ୍ନଦୀପ'ର ସର୍ବମୋଟ ୧୩ଟି କବିତା ମଧ୍ୟରେ ପଲ୍ଲୀ ଓ ପଲ୍ଲୀ ଲଳନାର ଜୀବନଚକ୍ରର ପ୍ରାରମ୍ଭ ଓ ବିକାଶର ଏକ ଐଶ୍ୱର୍ଯ୍ୟପୂର୍ଣ୍ଣ ଚିତ୍ର ଉପସ୍ଥାପିତ । ନାରୀର କୁମାରୀ ଜୀବନଠାରୁ ବୈବାହିକ ଗୃହିଣୀ ଜୀବନ ପର୍ଯ୍ୟନ୍ତ ଟିକି ନିଖି

ବିବୃତିରେ ଏ ଖଣ୍ଡ କବିତାଗୁଡ଼ିକ ପଲ୍ଲୀ-ଜୀବନର ମଧୁର କରୁଣ ଆଲେଖ୍ୟ ବହନ କରିଛି । ନାରୀହିଁ ଏ କବିତା ଗୁଡ଼ିକରେ ମୁଖ୍ୟ ଅଂଶ ଗ୍ରହଣକରେ । ତା'ର ବିବାହ, ଶାଶୁଘର ଯାତ୍ରା, ଗୃହପ୍ରବେଶ, ବାସର ରାତ୍ରି, ପୁଣି ଘରଣୀ ଜୀବନ - ଏହିପରି ଅଙ୍ଗେନିଭା ଅନୁଭୂତିରେ ଏ କବିତାଗୁଡ଼ିକ ବହୁ ନିତିଦେଖା ଚିତ୍ର ଉପସ୍ଥାପିତ କରେ ।

ପ୍ରକୃତି - ଚେତନାରେ ଶ୍ରୀମତୀ ବିଦ୍ୟୁତପ୍ରଭା ଯେତିକି ପରମ୍ପରାକୁ ଅବଲମ୍ବନ କରିଛନ୍ତି, ସେତିକି ମଧ୍ୟ ଲଙ୍ଘନ କରିଛନ୍ତି । ପଲ୍ଲୀ - ପ୍ରକୃତି ବର୍ଣ୍ଣନାରେ ତାଙ୍କ ଅନ୍ତର୍ମଗ୍ନ ଦୃଷ୍ଟି ବେଳେବେଳେ ଅତି ଚମତ୍କାର ଆବେଗ ସୃଷ୍ଟିକରେ । ନିତିଦିନିଆ ଛୋଟ ଛୋଟ ଦୃଶ୍ୟଗୁଡ଼ିକରୁ ସେ ଚିରନ୍ତନ ଜାଗତିକ ମୂଲ୍ୟବୋଧ ସନ୍ଧାନ କରନ୍ତି । ଏପରିକି ଛୋଟ ଘାସଗଛ ଓ ଗୁଗୁଚିଆ ମଧ୍ୟ ତାଙ୍କ ଦୃଷ୍ଟି ପରିଧିରୁ ବାଦ୍ ଯାଏ ନାହିଁ । ପୁଣି ସେ ଯେତେବେଳେ ସନ୍ଧ୍ୟାଶ୍ରୀର ଚିତ୍ର ଦେଖିବାକୁ ଯାଇ ସୁନୀଳ ଆକାଶର ଦୁଇଟି ତାରାର ଚିତ୍ର କଳ୍ପନା କରନ୍ତି । ତାହା ବ୍ୟକ୍ତି ଜୀବନର ଗୋଟିଏ ନିବିଡ଼ ମୁହୂର୍ତ୍ତର ଅନୁସଙ୍ଗ ଲାଭକରି ତାଙ୍କ ପ୍ରକୃତି - ଚେତନାର ଗଭୀର ଅନ୍ତର୍ଦୃଷ୍ଟିର ପରିଚୟ ବହନକରେ । ତାଙ୍କ କବିତାରେ ତେଣୁ ପ୍ରକୃତି ବିଭାବ ରୈଖିକ ନୁହେଁ, ତାହା ପ୍ରାଣବନ୍ତ ।

ପ୍ରେମ କବିତା :-

'ଝରାଶିଉଳୀ' ବିଦ୍ୟୁତପ୍ରଭାଙ୍କର ପ୍ରେମ କବିତା ସମ୍ବଳିତ ଖଣ୍ଡିଏ ଅନୁପମ ଗ୍ରନ୍ଥ । ଏଥିରେ ଛନ୍ଦ ପ୍ରୟୋଗରେ ରହିଛି ଚାତୁରୀ ଓ ଅଭିନବତ୍ୱ । ସହଜ ସରଳ ପ୍ରଚଳିତ ଶବ୍ଦର ଅନୁପମ ମାଧୁର୍ଯ୍ୟ ଏହାର ଭାଷାକୁ କରିଛି ଯେପରି ଜୀବନ୍ତ ସେଇପରି ଶକ୍ତିଶାଳୀ । ଏଇ ଶବ୍ଦ ଓ ଏଇଛନ୍ଦ ପ୍ରୟୋଗ ସହାୟତାରେ ପ୍ରେମର ନାନା ଅନୁଭୂତି, ନାନା ଆଭିମୁଖ୍ୟ ଓ ନାନା ଆବେଦନ ସାରା ଗ୍ରନ୍ଥରେ ରସବୋଧର ଅମୀୟ ପ୍ରବାହ ସୃଷ୍ଟିକରିଛି ।

ଅନ୍ୟ ସମୟରେ ସେଇ ପ୍ରେମର ବିହ୍ୱଳତା ତାଙ୍କ ପ୍ରାଣ ସୃଷ୍ଟି କରିଥିଲା ଦୁର୍ବାର ଚଞ୍ଚଳତା । ଘର ସଂସାର ସମସ୍ତ ବନ୍ଧନ ଛିନ୍ନକରି ତାଙ୍କ ପ୍ରାଣବଲ୍ଲଭଙ୍କ ସହିତ ସେ ସ୍ୱପ୍ନ ସୁଅରେ ଭାସିଯିବାକୁ ଚାହୁଁଥିଲେ କେଉଁ ସୁଦୂର କଳ୍ପଲୋକକୁ :-

"ଭୁଲି ଦୁନିଆ ଦାଉ / ଭାସି ଯିବାଗୋ ଦୂରେ / ଯହିଁ ଡ଼ାକଇ ବେଣୁ / ପ୍ରାଣ ମତାଣି ସୁରେ ।"

ପୁଣି ରାତିରେ ଏକୁଟିଆ ଶେଯରେ ଶୋଇଥିବା ବେଳେ ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ଉଠିପଡ଼ି ଶୂନ୍ୟଶେଯରେ ଆକୁଳ ଭାବରେ ଚାରିଆଡ଼େ ବ୍ୟସ୍ତହୋଇ ଅଣ୍ଡାଳିବାରେ ଲାଗନ୍ତି । ସେଇ ଅନୁଭୂତିର ଚିତ୍ର ରହିଛି ନିମ୍ନଲିଖିତ ଧାଡ଼ି କେତୋଟିରେ -

"ସହସା ତନ୍ଦ୍ରା ଉନ୍ମୀଳ ଆଖି / ଖୋଜିଲା କାହାର ମୁହଁ, / ଶୂନ୍ୟଶେଯେକା ପରଶ ଲୋଡ଼ିଲା ଦିହ ।"

ଏଇ ବିଚ୍ଛେଦ-ଜନିତ କାତରତା ଅନ୍ୟ କବିତାରେ ଅନ୍ୟରୂପ ନେଇଛି । 'ପ୍ରିୟବାଣୀ' କବିତା ଗୁଚ୍ଛରେ ସେ ଲେଖିଛନ୍ତି -

"ଭୋଓରୁ ସପନେ ଚମକ ଲାଗିଲା / ତୁମେ ଯିବ ପରବାସ / ମଉଳି ପଡ଼ିଲା / ପାଂଶୁଳ ଅଧରେ / ସହସା କରୁଣ ହାସ ।

× × × × ×

ତୁମେ ସିନାଗଲ ସୃତିକୁ କେବଳ / କରିହେ ଗଣ୍ଠିଧନ / ପୋଷା ହରିଣୀଟି ପରି ତୁମ ପଛେ / ଗୋଡ଼ାଇଲା ମୋର ମନ ।"

କେତେବେଳେ ସେ ପ୍ରେମ ଅନ୍ତରର ଅନ୍ତରାଳରେ ପ୍ରଚ୍ଛନ୍ନ ହୋଇ ରହୁଥିଲା । ବାହାର ଦୁନିଆର ନାନା ଛନ୍ଦ ଓ ନାନା ସୁଗନ୍ଧରେ ଚହଟି ଉଠିବାର ପ୍ରୟାସରେ ନମାତି ନିଜ ଅନୁଭୂତିର ଗଭୀରତାରେ ହଜିଯାଉଥିଲା :-

"ଆଖିର ଭାଷା ବୁଝିଲା ଆଖି / ମନର କଥା ମନ / ତରୁଣୀ ଲାଜେ ପଡ଼ିଲା ନଇଁ /ସଫଳ ଯଉବନ ।"

ଅକ୍ଷମତା ବର୍ଣ୍ଣିବାରେ ଦରଦୀ ଶତକବି / ଶିଳ୍ପୀହାରେ ଆଙ୍କିବାରେ ଦୁର୍ଲଭ ସେ ଛବି ।" ("ଝରାଶିଉଳି")

<u>ଦାର୍ଶନିକ ଚେତନା</u> :-

'ବନ୍ଦନିକା'ର ଗୋଟିଏ କବିତା 'ନାରୀନର'ରେ ତାଙ୍କ ଦାର୍ଶନିକ ଚେତନାର ସ୍ୱରୂପ ଉଦ୍‌ଘାଟିତ ହୋଇଛି । ଯେଉଁ ନାରୀକୁ ସେ ଅତୀତରେ ଦୈତ ରୂପରେ ଦେଖିଥିଲେ । ଏଠାରେ ପୁରୁଷ ସହ ପ୍ରକୃତିର ମହନୀୟତା ଉପସ୍ଥାପନ କରେ । ସେ ବାଣୀ ହେଲେ ପୁରୁଷ ଭାବ । ସେ ଗନ୍ଧହେଲେ ପୁରୁଷ ଧୂପ । ସେ ପୁଷ୍ପହେଲେ ପୁରୁଷ ତା'ର ବାସ । ଦେହର ଶୋଷିତ ବା ବାୟୁର ସୁରଭି ପରି ଏମାନେ ଏକ ଓ ଅଭିନ୍ନ । ମାଟିର ଦୀପ ତାଙ୍କ ଆଖିରେ ବିଶ୍ୱ ସେବା ଓ ତ୍ୟାଗର ପ୍ରତୀକ । ସେ ନିଜର

ପଲ୍ଲୀର ଅଗଣିତ ଦୁର୍ଭାଗ୍ୟର ଚିତ୍ରକାର କବି ଆଖିରୁ ନିଃସ୍ୱ କୁଲିର ଦୁର୍ଗତ ବାଦ ଯାଇନାହିଁ । ସେ କୁଲି । ଜୀବନଟା ତା'ର ପାଦଦଳା ଘାସପରି ଅପାଙ୍କ୍ତେୟ । ଯାତ୍ରୀଙ୍କର ବୋଝ ବହି ବହି ଜୀବନ ତା'ର କଟିଯାଏ । ଶ୍ରମକ୍ଲାନ୍ତ ଦେହପାଇଁ ସେ ନିଶା ଓ ପାନୀୟ ଲୋଡ଼େ । ଟ୍ରେନର ଶବ୍ଦଶୁଣି ସେ ନିଦ ମଳ ମଳ ହୋଇ ଧାଇଁ ଆସେ । ଯେତିକି ସେ ମଜୁରୀ ପାଏ, ସେତିକିରେ ତା'ର ପେଟପୂରେ ନାହିଁ । ସେ ଦାରିଦ୍ର୍ୟର ବିକଟ ଉପହାସ ମାତ୍ର । ତେଣୁ ଏକ ଉଦାସ ବନପକ୍ଷୀ ପରି ତା'ର ପ୍ରାଣ ଛଟ ପଟ ହେଉଥାଏ । ସୃଷ୍ଟିର ଏହି ଅମୃତର ସନ୍ତାନମାନଙ୍କ ପାଇଁ କବି ପ୍ରାଣର ସହାନୁଭୂତି କ୍ରମେ ସମାଜ ଅର୍ଥନୀତିକ ବ୍ୟବସ୍ଥାର ବିଷମ ବୃତ୍ତ ଭେଦକରି ମାନସିକ ବିକ୍ଷୋଭର ସ୍ୱର ପ୍ରକାଶ ପାଇଛି । ଏ ସବୁ କବିତାରେ କବିଙ୍କ ସାମାଜିକ ଆଭିମୁଖ୍ୟଟି ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହା ଉଗ୍ର ଓ ଶାଣିତ ନୁହେଁ । ଏହି ଅର୍ଥନୀତିକ ବିଭେଦର ଚିନ୍ତା ତାଙ୍କର ପରବର୍ତ୍ତୀ କେତୋଟି କବିତା ମଧ୍ୟରୁ 'ତୁମେ ତ ମଣିଷ ଆମେବି ମଣିଷ ଭାଇ', 'ମାଟିର ମଣିଷ' ଓ 'ନିଧି ମଲିକ'ରେ ତାଙ୍କ ପରିଚିତ ମିୟମ୍ରାଣ ସ୍ୱରଠାରୁ ପାଦେ ଅଧିକା ହୋଇଥିଲେ ମଧ୍ୟ ତାହା ତଥାପି ଉଗ୍ରନୁହେଁ । ଅତ୍ୟାଚାରିତ ସପକ୍ଷରେ ଶୋଷକ ଧନୀ ସମାଜକୁ ସେ କହିଥିଲେ -

"ତୁମେ ତ ମଣିଷ ଆମେ ବି ମଣିଷ ଭାଇ / ଏଥିରେ ତ ଆଉ ସନ୍ଦେହ ତିଳେ ନାହିଁ

× × × × × ×

ତୁମପରି ଆମେ ଏଇଦେଶେ ହୋଇ ଜାତ / ଦିନେ ବି ନପାଉଁ ପେଟଭରି ମୁଠେ ଭାତ ।"(ମରୀଚିକା - ତୁମେ ତ ମଣିଷ ଆମେବି ମଣିଷ ଭାଇ)

'ମରୀଚିକା'ର ସାମଗ୍ରିତ କାବ୍ୟଭାବନା ଏକ ଜୀବନ ମରୀଚିକାର ଧ୍ୱସର ଓ ମଳିନ ଚେତନା ଉପରେ ସଂଗଠିତ । "କବି ଜୀବନର ଗତାନୁଗତିକ ଅଳସ ଭାବହିଲ୍ଲୋଳ ଓ ସ୍ତାବକତା ନକରି ଶୁଣାଇଛନ୍ତି ଦୁଃଖ, ମମତା ଓ ବ୍ୟଥାର ଗୌରବ । ଜଗତର ବିଳାସ ଆମୋଦରେ ମଜ୍ଜିନଯାଇ ତାଙ୍କ ହୃଦୟ ବିଭୋର ହୋଇଛି ସମ୍ବେଦନଶୀଳତାରେ; ଢଳି ପଡ଼ିଛି ଦୁନିଆର ଦୁଃଖ, ବ୍ୟଥା, ଅଭାବ, ଅନୁତାପ ଓ ଅଶ୍ରୁ ଆଡ଼କୁ । ତେଣୁ ସେ ପ୍ରଥମେ ଈଶ୍ୱରଙ୍କୁ ଅର୍ଘ୍ୟ ଦେଇଛନ୍ତି ମନର ବିକ୍ଷୋଭ । ସ୍ୱର୍ଗପ୍ରତି ବିମୁଗ୍ଧ ନହୋଇ ଚାହିଁଛନ୍ତି ଏଇ ଧରିତ୍ରୀ, ଏଇ ପ୍ରକୃତି, ଏଇ ମଣିଷ

ପରିବେଶକୁ ଘନ ଅନ୍ଧାର ମଧ୍ୟରେ ରଖି ଆଲୋକ ଦିଏ । ମଣିଷ ସମାଜ ପ୍ରତି ଏହାର ଦାର୍ଶନିକତା ଉପଲବ୍ଧ କରାଯାଇପାରେ । 'ମରୀଚିକା'ରେ ପ୍ରକାଶିତ 'କାଳଧର୍ମ', 'ଧୂଳି', 'ମଶାଣିସ୍ମୃତି, 'ଦୁର୍ଗା', 'ସୃଷ୍ଟିର ବୈଚିତ୍ର୍ୟ', ଓ 'କବିର ଭଗବାନ' ଆଦି କେତୋଟି କବିତାରେ ଏହି କବିଙ୍କ ଗଭୀର ଓ ଗମ୍ଭୀର ଭାବପୂର୍ଣ୍ଣ ଅନ୍ତରର ସ୍ୱଚ୍ଛ ପରିପ୍ରକାଶ ପରିଲକ୍ଷିତ ହୁଏ । କବି ସେକ୍ସପିୟରଙ୍କ 'Seven Stages of Man' କବିତା ପରି ବିଦ୍ୟୁତପ୍ରଭାଙ୍କ 'କାଳଧର୍ମ' ଯଥାକ୍ରମେ ଜନ୍ମ, ଶୈଶବ, କୈଶୋର, ଯୌବନ ଓ ଜରାର ଏକ ଜୀବନ ଚକ୍ର ଉପସ୍ଥାପନ କରେ ।

<u>ମାନବବାଦୀ ବେଦନାବୋଧ</u> :-

'ଶିଉଳି ପଡ଼େ ଝରି' ଓ 'ଢେଉସ୍ମୃତି' କବିତା ଦୁଇଟି ମାନବବାଦୀ କାବ୍ୟ ଚେତନାର ଶ୍ରେଷ୍ଠ ସାରସ୍ୱତ ପ୍ରତିନିଧି ଭାବେ ସ୍ୱୀକୃତ ହେବେ । ଏ କବିତା ଦୁଇଟିର କରୁଣ ଆବେଦନ ଭାଷା ଓ ଭାବର ରୁଚିପୂର୍ଣ୍ଣ ସଂଯତ ଚିତ୍ରଣ ଓ କାବ୍ୟ - ଉପଲବ୍ଧ ଅସାମାନ୍ୟ ପ୍ରତିଭାର ପରିଚୟ ବହନ କରେ । ଲାଞ୍ଛନା, ବଞ୍ଚନା ପ୍ରପୀଡ଼ିତ ପଲ୍ଲୀ - ଜୀବନର ଦୁଇଟି ଅପାପବିଦ୍ଧ କୁସୁମକୋରକ ଅସମୟରେ ଝରି ପଡ଼ିଛନ୍ତି । ସେମାନଙ୍କର ଅପରାଧ ହେଉଛି ସେମାନଙ୍କର କିଶୋରୀ ହୃଦୟର ସ୍ୱଭାବିକ ଉନ୍ମୁଖ ପ୍ରଣୟ ଯାହା ମନର ମଣିଷ ଉଦ୍ଦେଶ୍ୟରେ ନିବେଦିତ, କିନ୍ତୁ ସମାଜ ତାହା ଉଦାରତାରେ ଗ୍ରହଣ କରେ ନାହିଁ । ସମାଜ ଅନୁଶାସନ ଖଣ୍ଡାରେ ସେହି ସୁକୁମାର ମନକୁ ଲହୁ - ଲୁହାଣ କରିଦିଏ । ସରଳା ପଲ୍ଲୀ - ବାଳିକା ଶିଉଳି ଶେଷକୁ ତା'ର ପ୍ରେମାସ୍ପଦ ଭାଇ ନିକଟକୁ ଚିଠି ଖଣ୍ଡେ ଲେଖି ଆତ୍ମହତ୍ୟା କରେ । ସେହିପରି ପିତୃମାତୃହୀନା ଦୀନା ନିରିମାଖୀ ଝିଅଟି ସହିତ ଧନୀ ସନ୍ତାନର ଗୋପନ ପ୍ରଣୟ ନିଷ୍ଠୁର ଅଭିଭାବକଙ୍କ କ୍ରୋଧରେ ପରିଣୟର ସୁଯୋଗରୁ ବଞ୍ଚିତ ହୋଇ ଅସହାୟ ଭାବରେ ଝଡ଼ିପଡ଼ିଛି । ସମାଜପତି ତା' ବିରୁଦ୍ଧରେ ଚିତ୍କାର କରିଉଠିଛି :-

"ଭ୍ରଷ୍ଟାହରାଇ କୂଳ ଗୌରବର ମାନ / ଦାବୀକରେ ପୁଣି ବଧୂର ସିଂହାସନ ?"

ଦୁର୍ନାମର ଏଇ କଣ୍ଟାବାଡ଼କୁ ଅତିକ୍ରମ କରିନପାରି ଶେଷକୁ ବାଧହୋଇ ସେ ନଦୀ ଗର୍ଭରେ ଝାସଦିଏ ।

ସଂସାରକୁ ।” ଏହି ମାନସିକ ବିକ୍ଷୋଭ ‘କଲିକତା କୁଲି’, ‘ପଲ୍ଲୀ ଓ ନଗର’, ଆଦି କେତୋଟି କବିତାରେ ସେ ପଲ୍ଲୀର ରୂପକାର ଭାବେ ସହରର ନବ ନିର୍ମାଣମୁଖୀ ଶିଳ୍ପୀକରଣକୁ ଅତିମାତ୍ରାରେ ଆକ୍ଷେପ କରିଛନ୍ତି । ସେହିପରି ‘କିରାନିବୋହୂ’ କବିତାରେ ଏକ ଦୁଃସ୍ଥ ସ୍ୱଳ୍ପଆୟ ସମ୍ପନ୍ନ କିରାନି ପରିବାରର ଦୁର୍ଗତି ମଧ୍ୟ ପ୍ରକାଶ ପାଇଛି । ଏହି କବିତା କେତୋଟିରେ ତାଙ୍କ କାବ୍ୟାନୁଚିନ୍ତାର ବୈପ୍ଳବିକ ମାନବବାଦୀ ଧାରା ପ୍ରକଟିତ ହୋଇଥିଲେ ମଧ୍ୟ ଶ୍ରୀମତୀ ବିଦ୍ୟୁତପ୍ରଭାଙ୍କ ପରିଚୟ ଏହି ଚେତନା ଭିତରୁ ମିଳେ ନାହିଁ । ଅତି ଦ୍ରୁତ ଭାବରେ ସେ ପଲ୍ଲୀର ଜୀବନ ଭିତରକୁ ପଳାୟନ କରନ୍ତି ; ଯାହାକି ତାଙ୍କ କାବ୍ୟାନୁଚିନ୍ତାର ପ୍ରଧାନତମ ବିଭବ ଭାବେ ପରିଗଣିତ ହୋଇପାରେ ।

ଶେଷକଥା :-

କବି ବିଦ୍ୟୁତପ୍ରଭା ୧୯୪୬-୪୭ ଠାରୁ ୧୯୫୬-୫୭ ପର୍ଯ୍ୟନ୍ତ ମାତ୍ର ଦଶବର୍ଷର ସାଧନା ମଧ୍ୟରେ ଓଡ଼ିଆ ସାହିତ୍ୟର ମରମୀ କାବ୍ୟ ପାଠକଙ୍କ ମନରେ ଏକ ନିରୂପିତ ଆସନଯେ ଗ୍ରହଣ କରିପାରିଛନ୍ତି, ଏଥିରେ ସନ୍ଦେହ ନାହିଁ । ତାଙ୍କ କବିତା ବୁଦ୍ଧିବାଦ ଦ୍ୱାରା ଆକ୍ରାନ୍ତ ନୁହେଁ । ତେଣୁ ସରଳ, ସ୍ୱଚ୍ଛ, ନିରାଭରଣ କାବ୍ୟ ପଂକ୍ତିମାନଙ୍କରେ ରାଶି ରାଶି ଗ୍ରାମ୍ୟଚିତ୍ର ଓ ବାସ୍ତବବାଦୀ ଭାବନାକୁ ଉଦ୍ଭାପନ କରି ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା ଯେ ହଠାତ୍ ନିର୍ବାକ୍ ହୋଇଗଲେ, ଓଡ଼ିଆ ସାହିତ୍ୟ ପାଇଁ ଏହା ଏକ କଳ୍ପନାତୀତ କ୍ଷତିବୋଲି କହିବାକୁ ହେବ ।

ସହାୟକ ଗ୍ରନ୍ଥସୂଚୀ :-

୧. ରାୟ, ସୁଧାଂଶୁଶେଖର । କବି ବିଦ୍ୟୁତପ୍ରଭା : ଜୀବନୀ ଓ ସାରସ୍ୱତ କୃତି । ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୯ ।

୨. ଶତପଥୀ, ନିତ୍ୟାନନ୍ଦ । ସବୁଜରୁ ସାମ୍ପ୍ରତିକ । କଟକ, ଗ୍ରନ୍ଥମନ୍ଦିର, ୧୯୯୯ । ପୃ. ୩୯୬ - ୪୧୦ ।

ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ, ଚାନ୍ଦବାଲି, ଭଦ୍ରକ (ଓଡ଼ିଶା)

ପିନ୍ - ୭୫୬୧୩୩,

ମୋ: ୯୬୬୮୪୫୮୩୦୫

❐❐❐

ସ୍ତୁତି ଚିନ୍ତାମଣି



● **ସ୍ରଷ୍ଟା - ସନ୍ଥକବି ଭୀମଭୋଇ**

ଗଦ୍ୟାନୁଶୈଳୀ :

ପଦ୍ମଶ୍ରୀ ଡଃ ଶ୍ରୀନିବାସ ଉଦ୍‌ଗାତା



ପ୍ରଥମବୋଲି

[ଓଡ଼ିଆ ଭାଷା, ସାହିତ୍ୟ କ୍ଷେତ୍ରରେ ‘ସ୍ତୁତି ଚିନ୍ତାମଣି’ ଏକ ନୈସର୍ଗିକ ଅମୃତ ଉଚ୍ଚାରଣ । ସେଥିରେ ଉଲ୍ଲିଖିତ ‘ମୋ ଜୀବନ ପଛେ .... ଜଗତ ଉଦ୍ଧାର ହେଉ” ଆଜି ଭାରତୀୟ ସଂସଦ ତଥା ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟ ପ୍ରାଚୀର ଉପରେ ଇଂରାଜୀ ଭାଷାରେ ଅନୁଦିତ । ସେହି କାବ୍ୟଖଣ୍ଡକୁ ଗଦ୍ୟାନୁବାଦ କରିଛନ୍ତି ପଣ୍ଡିତ ଡଃ ଶ୍ରୀନିବାସ ଉଦ୍‌ଗାତା । ‘ଘାସଫୁଲ’ରେ ସେହି ଅନୁବାଦାଂଶର ୧୦ଟି ବୋଲିକୁ ଉଦ୍ଧାର ପୂର୍ବକ ପ୍ରକାଶ କରି ଅନୁବାଦକ ଓ ପ୍ରକାଶକଙ୍କ ନିକଟରେ ସଂସ୍ଥା ଚିରଋଣୀ । ଏହି ପରିପ୍ରକାଶନ କ୍ଷେତ୍ରରେ ଭୀମ ଭୋଇଙ୍କର ଅଗାଧ, ଜ୍ଞାନ ସଂପର୍କରେ ଅବତାରଣା କରାଯାଇଛି ।]

ସଂପାଦକ

ହେ ଭକ୍ତର ଦୁଃଖହରଣକାରୀ ହରି ! ତୁମେ ଜ୍ୟୋତି ରୂପରେ ବିଖ୍ୟାତ । ଶୂନ୍ୟରେ ସେ ଖ୍ୟାତିର ପତାକା ଫରଫର ଉଡୁଛି । ତୁମେ ଅରୂପ କୃପାମୟ । ତୁମେ ଜଗତକୁ ଆବୋରି ରହିଛ ଯେ ଜଗତପାଳକ । ତାହା ବ୍ରହ୍ମମୟ ତେଜ । ଯେ ଅଜ୍ଞାନୀ

ତାହା ସକାଶେ ତୁମେ ମେରୁ ସମାନ କଠିନ ଓ ବିଶାଳକାୟ କିନ୍ତୁ, ସୁଜ୍ଞାନୀଲାଗି ତୁମେ ସରୁ ଓ ଉଶ୍ୱାସ । ହେ ଅଭୟଦ ! ଆପଣଙ୍କର ଶ୍ରୀଚ୍ଛାମୁରୁ କିଛି ବି କୃପା ହେଉନାହିଁ ଆଉ ମୁଁ ନିମିଷମାତ୍ରକକୁ ଯୁଗବୋଲି ଦିବସ ଗଣନା କରୁଛି । ଆହା, ତୁମେ କର୍ତ୍ତା ବୋଲି ଚିନ୍ତା କରି କପାଳରେ ହାତ ଦେଇ ତୁମେ ଉଦ୍ଧାର କର ବା ନ କର ବୋଲି ସନ୍ତାପରେ ସରିଗଲିଣି । ତମେ ତ ପସରା ମେଲେଇ ରହିଛ, ଉଦାସୀନ ବୈରାଗ୍ୟରେ ପାରି କରିବ ପରା ! ତୁମେ ଯଦି ଭଗତହିତକାରୀ ତେବେ ମୋର ମିନତି ଘେନାକର, ମୋର କଥା ଶୁଣ, ବୁଝ । ତୁମେ ଅବନୀମଣ୍ଡଳରେ ଅଖଣ୍ଡ ଜ୍ଞାନର ପତାକା ଉଡ଼ାଇବ ଆଉ ଯଦି ଅନ୍ତର୍ଯ୍ୟାମୀ ହୋଇଥିବ ତେବେ ଏ ଭୃତ୍ୟର ମନ ଓ କଳପନା ଅବଶ୍ୟ ଜାଣିପାରିବ । ତୁମେ ହେ ଗୋବିନ୍ଦ ! କେତେ ଛନ୍ଦ କପଟ ନଟକୂଟ ଜାଣିଛ । ଏ ସବୁ ତ ତୁମର । ତେବେ ବି ଧରି ମାରୁଛ, କେତେ ଦଣ୍ଡ ଦେଉଛ ! କେତେ ସନ୍ତାପରେ ମୋତେ ଜଳେଇ କଷଣ ଦେଉଛ ଧନ୍ୟ ତୁମର ପ୍ରଭୁପଣ, ଭଗତରକ୍ଷତ ବାନା ଉଡ଼ାଉଛ ! ମୁଁ ତୁମର ଶ୍ରୀଚରଣରେ ନିଷ୍କାମରେ ନାମ ନେଇ ଯଦି ଅପରାଧୀ ଓ ଚୋର ଆଉ ଯଦି ମୋର ଦୋଷ ଅଛି ତେବେ ଖଡ଼ଗରେ ମୋର ଶିର ଛେଦନ କର । ଏତେ କାଳରେ ମୋ ଉପରେ ଆସି ବିପତ୍ତି ପଡ଼ିଛି, ମୋର କିଛି ଆୟତ୍ତ ନାହିଁ । ହେ ଅଲେଖ ଅବର୍ଣ୍ଣଜ୍ୟୋତି ! ମୋର ହୃଦୟ ବେଦନା ଖଣ୍ଡନ କର । ରାଜପୁତ୍ର ହେଉ ବା ସାଧୁସନ୍ଥ ସମସ୍ତେ ଦୁର୍ଜନ ହେଲେଣି । ଏ ତିନି ବ୍ରହ୍ମାଣ୍ଡ ତୁମେ ଶାସନ କରିବ ପରା, କ'ଣ ଦେଖି ଭାବନା କରୁଛ । (କୋସଲିରେ 'ଭାବନା' ଶବ୍ଦଟି ବହୁ ଅର୍ଥରେ ପ୍ରୟୋଗ ହୋଇଥାଏ । ମିଛ, ଛଳନାରେ ଆଚରଣ, ଅଝଟ ଆଦିଆଦି ଦଶାଧିକ । "କାଏଁ ଭାବନା କରୁଛୁ" କାଏଁ ଭାବନା ହେଉଛେ ଦେଖତ !" ଏମିତି ଅନେକ, ସେହି ଅର୍ଥରେ ବି ସନ୍ଥକବିଙ୍କର ଏହି କଥନର ବ୍ୟାଖ୍ୟା କରାଯାଇପାରିବ) ଦେବାଦେବୀ ତ ମାଟି ପଥରର । ମୁଁ କାହାକୁ ଚିତ୍ତରେ ନ ଭଜି ମୁକ୍ତିର କାଷ୍ଠାରେ ଏକାନ୍ତ ନିଷ୍ଠାରେ ଏକମାତ୍ର ତୁମକୁ ଧ୍ୟାୟୀ ରହିଛି । ତୁମେ ଅଲେଖ । ଯଦି ତୁମେ ମୋତେ ବିପତ୍ତି କାଳରେ ନିରେଖ ଅନାଥ କରିବ ତେବେ ତାହା ତୁମର ଅପଯଶ ହେବ । ତାହା ଫଳରେ ମୋତେ ଏ ତିନି ବ୍ରହ୍ମାଣ୍ଡରେ ନବଖଣ୍ଡ ପୃଥ୍ୱୀରେ ବାସ ମିଳିବ ନାହିଁ । ବୋଝ ଉପରେ ଆହୁରି ଭାର ହେଉ ପଛକେ ମୁଁ ଜୀଇଁ ରହିବି, ମରିବି ନାହିଁ । ହେ ଅଲେଖ, ଏଥିରୁ ଅଧିକ ଆଉ କ'ଣ କରିବ କର ପଛେ, ମୁଁ

ଯେତେ ଅଧିକ ଦୁଃଖବଖାଣ କରୁଛି ସେତେ ସେତେ କୋହ ଉଠୁଛି । ପଂଚଭୂତ ଆତ୍ମା ନିତ୍ୟ କାନ୍ଦୁଛି, ଦେହ ବି ସୁସ୍ଥ ରହୁନାହିଁ । ଦିନରାତି ମନେ ମନେ ଭାବି ସନ୍ତାପରେ ଘାରି ହେଉଛି । ହେ ଦାରୁଣ ଦଇବ ବିଧାତା ! ମୋତେ ଏତେ ସରି କାହିଁକି କଲୁ । ମୋତେ ମାୟା ମୋହରେ ପକାଇ ରଖିଛୁ ମୁଁ କେଉଁପରି ପାରି ହେବି ? ଦିନରାତି ମୋକେ କାନ୍ଦ ମାଡୁଛି ଆଉ ଲୁହ ଝରାଉଛି । ମୁଁ କୀଟଜୀବ, ହୀନ ପାମର ତୋ ପାଦ ଅନୁସରି ରହିଛି । କରଯୋଡ଼ି ମିନତି କରୁଛି, ହେ ଶ୍ରୀହରି କୃପାକର । ହେ ଜଗତାଧାର, ମୁକ୍ତିର କାରଣ, ତୁମେ ବ୍ରହ୍ମାଣ୍ଡ କରତା, ମୋର ଏ ପିଣ୍ଡ ପ୍ରାଣ, ସୁଖ- ଦୁଃଖ, ହେ ଅନାଦି ସବୁ ଚିନ୍ତା ତୁମକୁ ଲାଗିଲା । ତୋ ପାଦ ଶରଣରେ ଏ ପ୍ରାଣ ଯାଉ, ଯୁଗ ଯୁଗ କୀର୍ତ୍ତି ରହୁ । ଅଜ୍ଞାନ ପାମରମତି ହୀନ ଭୀମ ଏ ଝିଙ୍ଗାସ ବଚନ କହୁଛି ।

(ସନ୍ଥକବିଙ୍କ ଉକ୍ତିରେ ବେଦାନ୍ତ ଶୂନ୍ୟବାଦ ନିହିତ ହୋଇ ରହିଛି । ସବୁକିଛି ଶୂନ୍ୟରୁ ଉଦ୍ଭୂତ ଓ ଶୂନ୍ୟରେ ଲୀନ ହୋଇଯିବ । ଆଲୋକ, ଉର୍ଜା, ଜଳ, ପବନ ସବୁରି ଉନ୍ମେଷ ସ୍ଥଳ ସେହି ଶୂନ୍ୟ । ଶୂନ୍ୟରେ ପରିପୂର୍ଣ୍ଣ ସେହି ଅନାଦି, ଅନନ୍ତ, ଅରୂପ, ଅବ୍ୟକ୍ତ, ଅଣାକାର, ଅଚିନ୍ତ୍ୟ, ଅଗୋଚର, ଅପ୍ରମେୟ, ଅବର୍ଣ୍ଣନୀୟ, ଅଚିନ୍ତନୀୟ, ଅକଳ୍ପନୀୟ ନିରାକାର ପରଂବ୍ରହ୍ମ । ଜଗତକୁ ଅର୍ଥାତ୍ ବସୁନ୍ଧରା ଧରିତ୍ରୀକୁ ଆବୋରି ରହିଛନ୍ତି । ଆକାଶ, ଦ୍ୟାବା, ପୁରୁଷ, ଧରିତ୍ରୀ ପ୍ରକୃତି । ଦ୍ୟାବା - ପୃଥିବୀର ସେହି ତାତ୍ତ୍ୱିକ ପରିକଳ୍ପନା ଶ୍ରୀଗୀତା ଜ୍ୟୋତିରୂପରେ ତାଙ୍କର ମହିମାମୟ କୀର୍ତ୍ତିପତାକା ଫରଫର ଉଡୁଛି ।)

ଦ୍ୱିତୀୟ ବୋଲି

ମୋର କେଉଁ ଦୋଷ ଧରି ମୋତେ ନିରାପକ୍ଷ(ଏକାକୀ, ଅସହାୟ) କରୁଛୁ ହେ ଭକ୍ତପ୍ରାଣଖିଆ ହରି ! ତୋର ହିୟା ନିଷ୍ଠୁର ଓ ତୋର ଦୟା ନାହିଁ । ତୁ ଅନ୍ତର୍ଯ୍ୟାମୀ ନାମଧାରଣ କରି ତାହା କଣ ଜାଣିପାରୁନୁ । ମୋ ଉପରେ କୋପ କରି କେଉଁ ଯଶ ଅର୍ଜ୍ଜନ କରିବୁ ?(କେତେ ଅଭିନ୍ନତାରେ ପ୍ରଭୁକୁ ସନ୍ଥକବି ଦେଖି ନଥିଲେ ଏପରି ଅନ୍ତରଙ୍ଗ ସମ୍ବୋଧନ କରନ୍ତେ !) ଠାକୁର ବୋଲାଇ ଚତୁରତାରେ ଗଂଜଣା ଦେଉଛୁ, ତୁମର କୃପାସିନ୍ଧୁ ନାମ ବ୍ୟର୍ଥ ହେଉଛି ବୋଲି ବୁଝୁନାହୁଁ । ଛନ୍ଦ - କୂଟ ପାଂଚି ମାୟାମୋହ ରଚନା କରି ସାଗର ସୁଅରେ ପକେଇ ଦେଉଛୁ । ତମେ ତ ମୋତେ କୋଟିଏ କୀଟରୁ ଅନ୍ତର କରି ଦେଇଛ, ମୋତେ ଚାହିଁବ କାହିଁକି ? (ଯେମିତି ସେ ପ୍ରଭୁ ସରଜନା

ବାହାରର ପ୍ରାଣୀଟିଏ) ମୋର କି ଦୋଷ ତୁମର ରଚିଲା ଯଶ ବୁଡ଼ାଇ ମୋତେ ଧରି ମାରୁଛ । ମାୟାକୁ ପେଷି ମୋତେ ଶତ୍ରୁ ଭଗାରୀ ପରି ସାଧୁଅଛ । ନାଆରେ ନ ବସେଇ ପାଣିରେ ଭସେଇ ଦେଇ ଅଣହେଳା କରୁଛ । ଉପରକୁ ଉଠେଇ ଦେଇ ନିଶୁଣି କାଟି ବା ଖସେଇ ନେଉଛ । ଭବ ଭେଳା ବୁଡ଼ାଉଛ । ପ୍ରଭୁ ଏ ଦୁର୍ଲଭ ପିଣ୍ଡ ଅନୁକ୍ଷଣ ଦଣ୍ଡ ସହି ପାରୁନାହିଁ । ପିଣ୍ଡ ପ୍ରାଣ ଆଦି ତୁମ ପାଦତଳେ ସମର୍ପଣ କରୁଛି । ମୋର ଭରସା ନାହିଁ, ତୁମ ଉପରେ ଆଶା ରଖିଛି, ମାତ୍ର ମୋର ବ୍ୟାକୁଳତା ଦେଖ ! ଆପେ ବିଜେ ହୋଇଥାଇ ଅନ୍ତରପୁରରେ ବ୍ରହ୍ମ ଅନଳ ଲଗେଇ ଦେଉଛ । ତ୍ରିପୁର ଜଗତ ତ ଆଶାରେ ବିଦିତ । ରବିଶଶୀ ଯଦି ସତ୍ୟ ତେବେ ପ୍ରଭୁ ନାରାୟଣ ମୋର ଜଣାଣ ଘେନା କରି ଭସ୍ମରାଶିରୁ ପାରି କର । ପାଷାଣ ତରଳି ତେଜ ଗଳି ଯାଉ, ସ୍ଥାନେ ସ୍ଥାନେ ଜାଳିଦିଅ । ନାମ ଯଦି ସତ୍ୟ, ବ୍ରହ୍ମ ଯଦି ତତ୍ତ୍ୱ ଯେତେ ସବୁ କିଛି ଧୂଆଁ କାଳିମା କୁଆଡ଼େ ଉଡ଼ିଯାଉ । ତୁମେ ଅନ୍ତର୍ଯ୍ୟାମୀ ନାଥ ଜଗତର ନାଥ ତୁମକୁ ତ୍ରିଭୁବନ ଧନ୍ୟ ଧନ୍ୟ କହୁଛି । ଭଗତ ନିମନ୍ତେ ପରୀକ୍ଷା ଦିଅ, ତୁମକୁ ତୁମର ରାଣ । ମୁଁ ତୁମର କୃପାରୁ ସତ୍ୟ ନିଷ୍କାମରେ ବେଳ ହୁଁ ଜାଣିଛି ଶବଦ ଶୁଭିଲା ନିର୍ବେଦରୁ ଭେଦ ହେଲା କିନ୍ତୁ ମୋର ରୂପଗୁଣର ଜ୍ଞାନ ନାହିଁ । ପିଣ୍ଡ ପ୍ରାଣ କଥାକୁ ଗୁରୁତ୍ୱ ନ ଦେଇ ଅବନୀମଣ୍ଡଳରେ ଚିତ୍ତ ଲଗାଇ ଭାଳି ହେଉଛି, ଭୋ ଧର୍ମପୁରୁଷ ତୁ ଅବଶ୍ୟ ବୁଝିବୁ, ଯଦି ଚାରିଯୁଗ ସତ୍ୟ ହୋଇଥିବ । ଅରୂପରେ ବିହାର କରି ଅନୁଭବ କରି ଶୂନ୍ୟରେ ଭଜନ ଚାଲିଛି, ଆଉ ମୋର ଦୁଇ ଆଖିରୁ ଘନଘନ ଲୁହଧାର ବହି ଚାଲିଛି । ଘୋର ଦୁଃଖ ଦଶାରୁ ମୋତେ ଉଦ୍ଧାର କରିବାକୁ ମୋର ସଖା ସୋଦର କେହି ନାହାନ୍ତି । ମୋର ତାତ - ମାତ ଇଷ୍ଟ ମିତ୍ର ଭାଇ କେହି ନାହାନ୍ତି, ମୁଁ ଏକ ଅନାଥପ୍ରାଣୀ । ମୋର ଅଦୃଷ୍ଟ କର୍ମ ଭାବରେ ଯାହା ଲେଖିଛ ତାହା ମାନି ଭୁଂଜୁଛି । ଦିବସ ବି ଅନ୍ଧାରମୟ, ଦୁଃଖମୟ, ପଡ଼ି ମୁଠାଏ ଆଣି ପେଟ ପୋଷୁଛି । ମରଣ ସହିତ ସଂଯୋଗ କରି କାଳ ଦଶା ଆସି ଗାଢ଼ ହୋଇ ଘୋଟିଛି, ତୁମେ କୃପାକଟାକ୍ଷରେ ଥରେ ଚାହିଁଦେଲେ କୁଆଡ଼େ ଉଡ଼ିଯିବ । ଏ ନର, ଦେବ, ବ୍ରାହ୍ମଣ, ପଣ୍ଡିତ କେହି ବି ଭାଜନ ନୁହନ୍ତି । ଏହି ଘୋର ବିପତ୍ତିକୁ ଖଡ଼ଗରେ କାଟି ଏକମାତ୍ର ଆପଣ ହିଁ ପରିତ୍ରାଣ କରିପାରିବେ । ଏକାକ୍ଷର ପଦ ନିରନ୍ତର ହୃଦୟରେ ଧାୟୀ ଆଶା କରି ରହିଛି, ଅଧିକ ବିଷୟ। ପାରୁନାହିଁ । କେବଳ ନାମ ଭଜନ ହିଁ ମୋର ତପସ୍ୟା ହୋଇ ରହିଛି । ଦୁଃଖ ସୁଖ କଥା

ମନରେ ଚିନ୍ତା କରି ପ୍ରଭୁକୁ ଜଣାଉଛି ଗୁରୁପାଦ ତଳେ ଶରଣ ନେଇ ଭୀମ ଅରକ୍ଷିତ ଏହା କହୁଛି ।

(କବି ପ୍ରଭୁଙ୍କନିମିତ୍ତ ପ୍ରୟୋଗ କରିଥିବା 'ଗାଳି' ତାଙ୍କର ଅଭିନ୍ନ ନିକଟତର ପରିଚାୟକ । କିଛି ବି ସେହି କରୁଣାମୟର ସହାୟତା ବିନା ସମ୍ଭବ ହେବନାହିଁ । ମାୟାମୋହ ଜଂଜାଳପୂରିତ ଭବସାଗର ତରଣୀକୁ ସେ ହିଁ ଏକମାତ୍ର ନୌକା । ଭାଗବତୀୟ ଚିନ୍ତନରେ ସେ ସାଗର, ସେ ନୌକା, ସେ ନାବିକ ଓ ସେ ଯାତ୍ରୀର ବି । ସେଇ ସବୁକିଛି । ଏପରି କର ହେ ଦୟାମୟ ଯେପରି ପାଷାଣ ପରି ହୃଦୟର କଠୋରତା ବ୍ରହ୍ମାନଳରେ ତରଳି ଯାଉ । ଅଜ୍ଞାନ ଦୂର ହୋଇ ଧୂମ କାଳିମା ବି ଉଡ଼ିଯାଉ ।)

ତୃତୀୟ ବୋଲି

ବିପତ୍ତି ଖଣ୍ଡନ ଦୁଃଖୀରଂକଧନ ଅଖିଳ ବ୍ରହ୍ମାଣ୍ଡ ନାଥ ହେ ! ତୁମର କୃପା ହେବ ବୋଲି ହାତ ପାତି ରହିଛି । ତୁମେ ଛପନ କୋଟି ଜୀବଙ୍କର ନାଥ, ତ୍ରିଭୁବନପତି, ଗତି ମୁକ୍ତିଦାତା, ମୋତେ ଦୟା କରିବ ବୋଲି ମନରେ ଭାବି ଉଷତ ହୋଇ ରହିଛି । ମୋର ହୃଦୟ ଜଳି ଏ ଦେହ ପୋଡୁଛି । ଘଡ଼ିଘଡ଼ିକେ କାନ୍ଦୁଛି ଆଉ ଶାନ୍ତିମନରେ ଲୁହ ପୋଛୁଛି । ହେ ଆଦିମୂଳ ! କେତେ କଲବଲ କରୁଛ । କେତେ ଦିନକେ ସିଦ୍ଧି ଦେବ । ମୁଁ କାଳଦଣ୍ଡର କଷ୍ଟ କେତେ ସହିବି, ପିଣ୍ଡକୁ ବାଧିଲାଣି । ("କାଳ" ସମୟ ଏବଂ କାଳର ଦେବତା "ଯମ" ବି) ଅବୁଝାମଣାରେ ହୁଏତ ମୋତେ ଧରି ମାରୁଛ ଆଉ ଅମୁହାଁ ଘରେ ବନ୍ଦୀ କରି ଦୁଃଖକଷ୍ଟ ଦେଉଛ । (କବି କେବଳ ଆପଣା କଥା କହିନାହାନ୍ତି, ସବୁ ନିରପରାଧ ପ୍ରାଣୀଙ୍କ କଥା କହିଛନ୍ତି ।) ମୁଁ ଭୋକ ଶୋଷ ମାରି ନିର୍ଜଳ ଉପବାସ କରି ରହିଛି । କେବଳ ପରଂବ୍ରହ୍ମ (ପରମାତ୍ମା) ବଳରେ ଯାହା ଟଳି ପଡୁନାହିଁ । ମୁଁ ଜନ୍ମତଃ ଏକାକୀ, କର୍ମତଃ ସମ୍ବଳହୀନ, ନିରୀହ ଅସହାୟ ବୃଥାରେ ମୋତେ ଅଦୋଷରେ ଦଣ୍ଡ ଦେଉଛ, ସୂର୍ଯ୍ୟ - ଚନ୍ଦ୍ର ସାକ୍ଷୀ ଅଛନ୍ତି ।(ସତ୍ଯକବି ଆପଣାକୁ ସର୍ବଦା ନିଷ୍ପାପ ବୋଲି ମନେ କରିଛନ୍ତି) । ମୋର ବାଡ଼ିବୃତ୍ତି କିଛି ନାହିଁ । ଆଶ୍ରିତ ହୋଇ ରହିଛି । ଜନ୍ମଜନ୍ମାନ୍ତର ଦୁଃଖୀ । ତେବେ ମୋର କି କି ଅପରାଧ ଦେଖି ଧରି ମାରୁଛ ? ବିବେକ ବିଚାର କରୁନାହିଁ । ମୁଁ ଦାମ୍ଭିକ ନୁହେଁ ବା ନାସ୍ତିକ ନୁହେଁ । କପଟୀ, ଧର୍ମ ଆଶ୍ରିତ ଜଣେ ସାଧାରଣ ପ୍ରାଣୀ । କର୍ମରେଖା

ହେତୁ ଯେଉଁ ଯୋଗ ଭୋଗ କରୁଛି ତାହା କେଉଁ କେଉଁ ଦୋଷର କାରଣରୁ ? ଏଥିରୁ ଅଧିକ ଆଉ କ'ଣ କରିବ କର । ଏ ଭବ ସାଗରରେ ବାନ୍ଧି ରହିଥିଲେ ଅନାଦି ଈଶ୍ୱର ଅବଶ୍ୟ ଉଦ୍ଧାର କରିବେ । ବୁଝ, ପୃଥ୍ୱୀ ମାଟି ରୂପ ମୂର୍ତ୍ତି ଜ୍ୟୋତିରୂପ ତେତିଶକୋଟି ଦେବତା, ଜଳ, ତେଜ, ବାୟୁ, ନବଲକ୍ଷ ତାରାଗଣ ତୁମେମାନେ ସାକ୍ଷୀ ହୋଇ ରହିଥାଅ । ତୁମେ ପୃଥ୍ୱୀକୁ ଧାରଣ କରି ରହିଛ କାରଣ ପବନ ଜଳର ବାହକ । ସେମାନେ ଅଗ୍ନିନେତ୍ରରେ ଚାହିଁ ମହୀ ପାଇଁ ସାକ୍ଷୀ ଦେବେ, ଏହା ସମସ୍ତେ ଶୁଣିଥାଅ । ବିପତ୍ତି ଖଣ୍ଡନ ଦୁଃଖୀରଂକ ଧନ ଅଖିଳ ବ୍ରହ୍ମାଣ୍ଡ ନାଥ, ତୁମର କୃପାଆଜ୍ଞା ହେବ ବୋଲି ଦୁଇ ହାତ ପାତି ଅନୁସରି ରହିଛି । ବ୍ରହ୍ମବାସୀ ଆଦ୍ୟ ନବରତ୍ନି, ଚଉଷଠୀ ସିଦ୍ଧଯୋଗୀ ତୁମେ ଧୈର୍ଯ୍ୟବନ୍ତ ଧାର୍ମିକ । ତୁମେମାନେ ବୁଝ ମୋ ଧର୍ମ ଧାରଣା ସକାଶେ କେତେ କେତେ ଲାଗିଛି (କରଜ ସ୍ୱରୂପ) । ଚାରିଯୁଗ, ଦଶଦିଗ, ବେଦଶାସ୍ତ୍ର, ଛପ୍ପାକୋଟି ଜୀବ ତୁମେମାନେ ପ୍ରଭୁଙ୍କର ପ୍ରତାପ ପ୍ରତ୍ୟକ୍ଷ ଦେଖିବ, ସେତେବେଳେ ମୋତେ ଦୋଷ ଦେବ ନାହିଁ । ନିଷ୍ଠାଭକ୍ତିର ପୂର୍ଣ୍ଣଫଳ ଭାବରେ କହୁ କହୁ ଏ ସତ୍ୟ ସମ୍ଭବ ହେବ । ମୋର ଏ ବିକଳ ସମସ୍ତେ ଦେଖୁଛ, ସାକ୍ଷୀ ରହିଲ । କବିଙ୍କ ଆସ୍ଥା ଓ ବିଶ୍ୱାସ ଯେ ତାଙ୍କର ନିଷ୍ଠାଭକ୍ତି ସକାଶେ ପ୍ରଭୁ ରୋଷ ହେତୁ ଏ ପୃଥ୍ୱୀର କିଛି ଅନିଷ୍ଟ ହେବ ନାହିଁ । ଯାହା ମୁଁ କହୁଛି ବିନୟ ସହକାରେ କହୁଛି, ଗର୍ବରେ ନୁହେଁ, ପ୍ରାଣର ଆକୁଳତାରେ ପ୍ରଭୁଙ୍କର ଜଂଜାଳ ଆକଟ କରୁଛି । ହେ କୃପାସିନ୍ଧୁ ! ଭକ୍ତବନ୍ଧୁ ଅଣାକାର ବ୍ରହ୍ମରାଶି ମୋର ଅପରାଧ କ୍ଷମା କର ମହିମା ଓ ମୋତେ ମୁକ୍ତ କର । ସିଦ୍ଧ ବ୍ରହ୍ମବାଣୀରେ ଧରଣୀ କମ୍ପୁଛି, ଚିନ୍ତା କଲେ ପାପ ଖଣ୍ଡନ ହେଉଛି, ନିଷ୍କାମ କର୍ମ ନିର୍ବେଦ ନିଃସ୍ୱାର୍ଥ କର୍ମରେ ହେ ଅଲେଖ ମହିମା ବାନା ଉଡୁଛି । ହେ ଜୀବ ଉଦ୍ଧାରଣ ତୁମର ଅପାମ ଅକ୍ଷୌହିଣୀ ଜପ ପିଣ୍ଡର କାରଣ ଅର୍ଥାତ୍ ଉଦ୍ଧାରକ । ହେ ଶୂନ୍ୟରୂପ, ଜଳସ୍ରୋତ ବଳରେ ଭାସି ଯାଉଛି । ତ୍ରାହି କର ! ଅମଣିଷ ହେଲି ତୁମ ଉପରେ ରାଗି କୋପକରି ଗାଳିଦେଲି । ମୋର ଦୋଷ ଧରି ପ୍ରଭୁ ରୋଷ କରିବ ନାହିଁ । କହେ ଭୀମ ମୁଁ ହୀନ ପାମର ଅଜ୍ଞାନ ମୋର ଦୋଷ କ୍ଷମାକର ।

ଚତୁର୍ଥ ବୋଲି

ଏ ମରଣଶୀଳ ଶରୀର ଧରି ଅନନ୍ତକୁ ଭେଦ କରିବାର ସାମର୍ଥ୍ୟ ମୋର

ନାହିଁ । ମୁଁ ଛାର କୀଟ ବୋଲି ନ ବୁଝି ଉଦ୍ଦଣ୍ଡତାରେ ଆପଣଙ୍କର ଭର୍ତ୍ସନା କରିଛି । କବି ସେଥି ସକାଶେ ଅନୁତାପ କରିଛନ୍ତି । ମୋ ଠାରୁ ଅଧିକ ପାପୀଜନ ଓ ମୂର୍ଖ କେହି ତିନି ବ୍ରହ୍ମାଣ୍ଡ ଭୁବନରେ ନଥିବେ । ମୁଁ ଗର୍ବ କରି ପାପ ଚିତ୍ତରେ ଶ୍ରୀଛାମୁରେ ଏ ନିର୍ବୋଧ ପାଟିରେ ନିନ୍ଦା କରିଛି । ମୁଁ ମୂଢ଼ ଚଣ୍ଡାଳ ବ୍ୟଥା ପାଇ ମାନସିକ ଗର୍ବ କରିଛି । ତୁମର ରୂପରେଖ ନାହିଁ ମାତ୍ର ଜ୍ୟୋତିରୂପରେ ଦେଦୀପ୍ୟମାନ ହୋଇ ରହିଛି । ମୋର କର୍ମରେ ବିଧାତା ପୂର୍ବେ ଅର୍ଜିଥିଲା ପାପ ଲେଖି ଦେଇଛନ୍ତି । ଚିର ଅନ୍ତକାଳ ପର୍ଯ୍ୟନ୍ତ ସେହି କଳଂକ ରହିଥିବ । କୃପା ନେତ୍ରରେ ଥରେ ଦେଖ ।

ଦିବାନିଶିରୂପୀ ବ୍ରହ୍ମ ନଦୀର ସ୍ରୋତ ସୂର୍ଯ୍ୟଚନ୍ଦ୍ର ବୁହେଇ ନେଉଛନ୍ତି । ଅଣହେଳା (ଉପେକ୍ଷା - ଅଣଦେଖା) କଲେ ଭେଳା ଅବଶ୍ୟ ବୁଡ଼ିଯିବ । ଘୋର ସନ୍ତାପରେ ତନୁ ମନ ଘାରି ହୋଇ ମୁଁ ଉଠି ପାରୁ ନାହିଁ । ଲେଶମାତ୍ର ଦୟା କରି ଆଶ୍ରୟ ନାବ ଦେଇ ଉଦ୍ଧରି କୂଳରେ ଲଗାଅ । ମୁଁ ବିକଳ ହେଉନାହିଁ । ଯାହା ବୁଦ୍ଧି କରିଛି ତାହା ଅସଫଳ ହେବ ନାହିଁ । ମୋର କମାନା କଳ୍ପନା ବୁଝି ଦୟା କରି ମନୋବାଂଛା ସିଦ୍ଧ କର । (ସତରେ ଯେପରି କବି ଆପଣାର ଓ ପ୍ରଭୁଙ୍କର ଇଚ୍ଛାକୁ ଅଭିନ୍ନତାରେ ଗ୍ରହଣ କରିଛନ୍ତି ତେଣୁ ଅବଶ୍ୟ ସିଦ୍ଧ ହେବ ବୋଲି କହିଛନ୍ତି ।)

ଅନୁଭବରେ ଖୋଜି ଅନ୍ତମର୍ନରେ ପଂଚତତ୍ତ୍ୱର ଚିନ୍ତା କରି ଜାଣିଛି ଯେ ଏକା ମୋର ଅଲେଖ ମୋର ଦୁଃଖମୋଚନ କରିବେ । ତେଣୁ ତାଙ୍କୁ ଜଣାଇଲି । ସଂସାର ବିଷୟା ବ୍ୟବସ୍ଥା କଥା କେତେ ବଖାଣିବି । ପ୍ରଭୁ ତୁମେ ତ ସାକ୍ଷୀ ପରି ସବୁ ଘଟରେ ବିଦ୍ୟମାନ ହୋଇ ରହିଛ, ଆପଣଙ୍କୁ ବି ବାରଣ ଅଛି । ନିଷ୍କାମ ଭକ୍ତି ତ ସବୁଫଳର ମୂଳ; ମୁଁ ଯାହା ତୁମର ପାଦତଳେ ଖଟି ରହିଛି । ମୁଁ ତାହା ଚିହ୍ନଇ ନାହିଁ ବୋଲି ଛଳ କରି ମୋତେ ଭଣ୍ଡୁଛ କି ? ତୁମେ ତ ତୁମର ଜ୍ଞାନନେତ୍ରରେ ସବୁକିଛି ଦେଖି ପାରୁଛ । ମୁଁ କେଉଁ ଜପତପ କରିବି, କିପରି ଭାବରେ ତୁମର ଭୃତ୍ୟ ହେବି ! ପ୍ରଭୁଙ୍କର ପାଦତଳେ ତ କୋଟି କୋଟି ତୀର୍ଥବ୍ରତ ଖଟି ରହିଛନ୍ତି । ହେ ପ୍ରଭୁ, ମୁଁ ଧନ କାହୁଁ ପାଇବି ଯେ ଦାନ ଦେବି ବା ଧର୍ମ କର୍ମ କରିପାରିବି ! ପ୍ରଭୁ ତୁମ ଭିତରେ ସିନା ଦାତାପଣ ଭରି ରହିଛି ଯେ ସମସ୍ତଙ୍କୁ ଦାନ କରୁଛ ? ମୋର ସେ ଅନ୍ତର୍ଦୃଷ୍ଟି କାହିଁ ଯେ ମୁଁ ଏକାକ୍ଷରବ୍ରହ୍ମ ଓଁ ଭେଦ କରିପାରିବି । ପ୍ରଭୁଙ୍କର ଆସ୍ଥାନର ପାହାଚ ପରି ଅଷ୍ଟାଦଶ ସିଦ୍ଧି ତାକୁ ଅତିକ୍ରମ କରିବା କିପରି ମୋ ଦ୍ୱାରା ସମ୍ଭବ ହେବ । ଜଣେ ସାଧକ

ସାଧନା ତପସ୍ୟାରେ ଅଷ୍ଟାଦଶ ସିଦ୍ଧିଲାଭ କଲେ ପ୍ରଭୁ ପାରୁଶରେ ପଂଚି ପାରିବ । ନର ଶରୀରରେ ଅଣାକାର ରୂପବ୍ରହ୍ମର କଳପନା କରିବା ସମ୍ଭବ ନୁହେଁ । ଅରୂପ ଅଣାକାର ପ୍ରଭୁଙ୍କର ପାଖରେ ଚାରିପାଦରେ ସତ୍ୟଧର୍ମ ଖଟି ରହିଛନ୍ତି । ଜପତପ ମନ୍ତ୍ରଯନ୍ତ୍ର ବେଦଶାସ୍ତ୍ର ଏମାନେ ସବୁ ସାମାନ୍ୟ ସାଧନା । ଶାଶ୍ୱତ ସତ୍ୟ ଏମାନଙ୍କୁ ବାନ୍ଧି ରଖି ଯୋଚି ବ୍ରହ୍ମ ନାମ ଖଳାରେ ମେରୁଖମ୍ଭର ଚାରିପଟେ ବୁଲାଉଛି । ଯେଉଁ ସବୁ କିଛିର ସର୍ଜନା ଜଗତରେ ହୋଇଛି ସେମାନେ ସମସ୍ତେ ଏକାଠି ଯୋଚି ହୋଇ ଶାଶ୍ୱତ ସତ୍ୟର ଚାରିପଟେ ଘୂରି ବୁଲୁଛନ୍ତି । ଯୋଚି ହୋଇ ଖଳାର ମେରୁଖୁଣ୍ଟର ଚାରିପଟେ ହଳ ବୁଲିଲାପରି । ହେ ଆଦିକନ୍ଦ, ଶୂନ୍ୟବ୍ରହ୍ମ, ତୁମର ଶ୍ରୀଚରଣରେ ଶରଣ, ଉଦ୍ଧାର କର । ଶରଣାଗତ ଯୋଗୀ ସାଧକ ଭକ୍ତ ଧ୍ୟାନ ତନ୍ମୟତାରେ ଅରୂପ ଅଣାକାରର ଉପଲବ୍ଧ ଆଭାମଣ୍ଡଳରୂପର କରିଥାଆନ୍ତି । ପ୍ରଭୁ ଅସୀମ ଅନନ୍ତ, ରୂପ ବର୍ଣ୍ଣହୀନ ଶୂନ୍ୟ । ଏପରି ରୀତି ଭିଆଣ କରିଛ ପ୍ରଭୁ ଯେ ମୁଁ ସଂସାରର ବିଷୟ ଧନ୍ଦାରେ ପଡ଼ି ରହିଛି ଯେମିତି ମୋର ସାତଗୋଟି ଦେହ ଯେଉଁମାନଙ୍କର ଭିନ୍ନେଭିନ୍ନେ କାମ । ତହିଁରେ ଛନ୍ଦି ହୋଇ ପ୍ରତି ମୁହୂର୍ତ୍ତରେ ଦୁଃଖମନରେ ବିମୁଖ ହୋଇ ପଦ ରଚନା ବି କରିପାରୁନାହିଁ । ଓଁକାର ଏକାକ୍ଷର ବ୍ରହ୍ମ ପାଦ ଧାୟୀ ନିରନ୍ତର ଆଶା କରି ରହିଛି । ଅଧିକ ବିଷୟ ଚିନ୍ତାରେ ନାମ ଭଜନ ତପସ୍ୟା ବି କରିପାରୁ ନାହିଁ । ଅନ୍ନପାଣି ଦେଇ ଯେ ଓଲଟ ବଟବୃକ୍ଷର ରୋପଣ କରିଛ ଏ ତିନି ବ୍ରହ୍ମାଣ୍ଡ ନବଖଣ୍ଡ ପୃଥ୍ୱୀରେ କେଜାଣି ଭେଟ ପାଇବି କି ନାହିଁ । (ଶ୍ରୀଗୀତା ଅନୁସାରେ ବ୍ରହ୍ମାଣ୍ଡ ବୃକ୍ଷ ଶାଖା ତଳକୁ ଓ ମୂଳ ପରଂବ୍ରହ୍ମ ସହିତ ଯୋଡ଼ି ହୋଇ ରହିଛି । ତାହା ଓଲଟବଟ ରୂପରେ ପରିକଳ୍ପିତ । ଯେ ସଂସାରରେ ମଜ୍ଜି ରହିଥିବ ସେ ମୂଳ ଅର୍ଥାତ୍ ପ୍ରଭୁଙ୍କୁ ଭେଟି ପାରିବ ନାହିଁ) । ଏହା ସିଦ୍ଧ ବ୍ରହ୍ମବାକ୍ୟ ଯେ ସତ୍‌ଭକ୍ତଙ୍କର ଭେକ (ଗରିମା- ବାହ୍ୟ ପରିଚ୍ଛଦ) ଯୁଗଯୁଗାନ୍ତରରେ ସତ୍ୟ ହୋଇ ରହିବ । ଭୀମ ଅରକ୍ଷିତ କହୁଛନ୍ତି, ମୋର ବେନି ନେତ୍ରରୁ ଅଶ୍ରୁ ବହୁଥାଉ ।

ପଞ୍ଚମ ବୋଲି

ମୁଁ କୋଉଠି ରହିବି କୁଆଡ଼େ ଯିବି ମୋତେ କିଛି ବୁଦ୍ଧିବାଟ ଦେଖାଯାଉନାହିଁ । ଦୁର୍ଦ୍ଦଣ୍ଡ ମାୟା ପିଣ୍ଡ କାଟି ଚାଲିଛି, ମୁଁ ସମ୍ଭାଳି କେତେ ସହିବି ? ମୋତେ ବିଫଳ କରନାହିଁ, ଶୁଭାଶୁଭ ପଥରେ ସବୁ ସମ୍ଭବ କରି ରଖିଥାଅ । ତୁମ ସକାଶେ ସବୁ

ସମ୍ଭବ । ମୁଁ ମୋର ଜୀବଥିବା ଯାଏଁ ବ୍ରହ୍ମନାମ ନେଇ ତୁମ ପାଦରେ ଖଟି ରହିବି । ଜନ୍ମରୁ ମୁଁ ତ ଦାସ ଆଉ ତୁମେ ମୋର ଆଶା ଛିଣ୍ଡେଇ ମୋର ଅନାଦାର କରୁଛ । ଦୀପ ନାହିଁ ତୁମେ ଘର ଅନ୍ଧାର (ଜ୍ଞାନାନ୍ଧକାର) କରୁଛ ଆଉ ନିଜେ ଅସୁନ୍ଦର ଦିଶୁଛ । ମୋତେ ଗହନ ଅନ୍ଧାରରେ ରଖି କି ଦୟା କରୁଛ ? ସଭା ନ ଥିଲେ ସାଧୁସନ୍ଥ ବରଣ, ବିବେକ ନ ଥାଇ ଧର୍ମ ଆଉ ପୁରୁଷ ଥାଇ ସ୍ତ୍ରୀ ରନ୍ ନ ଥିଲେ ଗୃହର କି ସୁଖ ? ସଂସାରରେ ଯାହାର ପୁତ୍ର କନ୍ୟା ନାହାନ୍ତି ଫଳତଃ ସେ ନିରାଶ୍ରୟ ଓ ତାର କୁଳଧର୍ମ ନାଶ ହୋଇଥାଏ ତାର ମୁହଁ ଚାହିଁ ଯୋଗାଏ ନାହିଁ । ଆଶା, ବାଡ଼ିବୃତ୍ତି, ଦୁର୍ଲଭ ସଂପତ୍ତି, ଧନ ଯାହା ପାଖରେ ନାହିଁ, ଦେବତା ବ୍ରାହ୍ମଣ ନୃପତିଙ୍କ ଆଗରେ ତାର କିଛି ବି ମାନ ଆଦର ନଥାଏ । କାରଣ ଦେବତା, ବ୍ରାହ୍ମଣ ଓ ରାଜାଙ୍କୁ ଭେଟି ଦେବତାକୁ ଦ୍ରବ୍ୟ ଲୋଡ଼ା ହୋଇଥାଏ । ଯାହା ମନରେ ସୁବୁଦ୍ଧି, ସତ୍ୟ, ଅର୍ଥ, ସମ୍ପଦପ୍ରତି ଶ୍ରଦ୍ଧା ନାହିଁ ସେ ପାଂଚ -ପଚିଶ ଗହଣରେ ଓ ଜଗତରେ ଓ ଜଗତରେ ଜ୍ଞାନହୀନ ବୋଲି ବିବେଚିତ ହୋଇଥାଏ । ଜଳ, ଅଗ୍ନି, ପବନ ସାଙ୍ଗସାଥୀ ହୋଇ ନ ଥିଲେ, କି ରୂପେ ସରଜନା ଓ ପାଳନର ଲହଡ଼ି ମାଡ଼ି ଆସିବ ! ତୁମେ ଜଗତର ସରଜନା ଓ ପାଳନ କରିବ । ପୃଥ୍ୱୀରେ ତେଜୋମୟ ସୂର୍ଯ୍ୟ ଯଦି ଉଦିତ ହେବ ନାହିଁ, ରାତିରେ ଚନ୍ଦ୍ରମା ପ୍ରକାଶିତ ନ ହେଲେ କେମିତି ଶୋଭା ପାଇବ ? ନବଖଣ୍ଡ ମହୀରେ ରାଜା ନ ଥିଲେ ଓ ତାଙ୍କର ପ୍ରଧାନ ଆଦି ନ ଥିଲେ, ପାଇକ, ପରଜା ସମସ୍ତେ ବିଧବା ଭଳି ମନେ ହେବେ, ସବୁକିଛି ଅସିଦ୍ଧ ଅଶୁଭ ହୋଇଯିବ । ଗୁରୁ ଯଦି ଶିଷ୍ୟ ଲୋଡ଼ି ଆଣିପାରିବେ ନାହିଁ, ତେବେ ତାଙ୍କର ଖ୍ୟାତି ଓ ଦୀକ୍ଷା ହିଁ ଅସାର ମନେ ହେବ । ଏସବୁରେ ମେଳିରେ ସମାଜରେ ସବୁ ଅନୁଶାସିତ ହୋଇଥାଏ, କାରଣ ଧର୍ମ କେବଳ କର୍ମ ଧାରଣା ବିଧି ବେଭାର କରିପାରିବ ନାହିଁ । (ସତ୍ଯକବି ଏ କ୍ଷେତ୍ରରେ ଗୁରୁଶିଷ୍ୟ ପରମ୍ପରାର କଥା କହିଛନ୍ତି ବୋଲି ମନେହୁଏ ।) ପଣ୍ଡିତ କବିଙ୍କର ପାଠରେ ମନ ନ ଥିବ, ବୃତ୍ତି ଶୁଭ ଅନୁକୂଳ ହୋଇ ନ ଥିବ । ହାତରେ ଖଡ଼ି, ଗୁଆ ଆଉ ପାଂଜି ନ ଥିଲେ ପାପ ପୁଣ୍ୟର ବିଚାର କେମିତି କରିବେ ! ଯୋଗସାଧନା ନ ଥାଇ ଯୋଗୀପୁତ୍ର ବିଷୟାସକ୍ତ ହୋଇଥିବ । ମନ ପ୍ରାଣକୁ ଆୟତ୍ତ କରି ନଥିଲେ ସେ କେଉଁ ବାଗରେ ସାଧନା କରିପାରିବ ! ଦ୍ୱିଜବର ହୋଇଥିବ କିନ୍ତୁ କ୍ରିୟାକର୍ମ ନଥିବ, ବେଦଧାରୀ ହୋଇନଥିବ । ତ୍ରିସନ୍ଧ୍ୟା, ଶ୍ରାଦ୍ଧ, ଜପ- ମନ୍ତ୍ରହୀନ ହୋଇଥିଲେ, କେଉଁ ଗୁଣରେ ତାର ଗଣା ହେବ ! ସାମନ୍ତ

ହୋଇଥିବ ଅଥଚ ସେବକ ଲୋଡ଼ିବ ନାହିଁ, ତେବେ ସେ ଅପଯଶଭାଗୀ ନିଶ୍ଚୟ ହେବ । ସେବା ଥିବ, ଅଥଚ ମନରେ ଦୟାଭାବ ନ ଥିବ, ତେବେ ତାହା ଏକ ଦୋଷ ବୋଲି ଧରାଯିବ । ଅନ୍ନରେ ବ୍ୟଂଜନ ହେବ ମାତ୍ର ସେହି ବ୍ୟଂଜନ ଲବଣଯୁକ୍ତ ହୋଇ ନ ଥିବ ଓ ତାର ରଙ୍ଗ ନ ଥାଇ ବିରଙ୍ଗ ମନେ ହେଉଥିବ ତେବେ କେମିତି ଭୋଜନ କରିବ ? ଧନ ସମ୍ପତ୍ତି, ପତ୍ନୀ, ପୁତ୍ର, ଇଷ୍ଟମିତ୍ର, ଭାଇବନ୍ଧୁ ଭିତରେ ଯଦି ଶରଧା ନ ଥିବ ତେବେ ପ୍ରୀତି କେମିତି ବଢ଼ିପାରିବ । ତାହା ସକାଶେ ପୂର୍ବ ସୁକୃତ ଦରକାର । ବ୍ରହ୍ମା ହୋଇ ଯଦି ତ୍ରିଗୁଣମାର୍ଗରେ ପିଣ୍ଡ ନ ରହେ, ସେ ଯଦି ଜନମ ଜାତକ ବୁଝିନାହିଁ ତେବେ ତାକୁ ଧାତାପଣରେ କିଏ ଗଣନା କରିବ ? (ଏ କ୍ଷେତ୍ରରେ 'ବ୍ରହ୍ମ' ଓ 'ବ୍ରହ୍ମା' ଭିତରେ ଭେଦ ବୁଝିବା ଦରକାର । ବ୍ରହ୍ମ ସର୍ବମୟ କର୍ତ୍ତା । ବ୍ରହ୍ମା ଏକ ଆରୋପିତ ଓ ନିଯୁକ୍ତ ଶକ୍ତି ଯେ ସୃଷ୍ଟିର ସର୍ଜନା କରିବେ, ସେହିପରି ବିଷ୍ଣୁ ଓ ଶିବ ପାଳନ ଓ ବିଲୋପର କର୍ତ୍ତବ୍ୟ ସମ୍ପାଦନ କରିବେ । ସତ୍ୱ, ରଜ, ତମ ଏହି ତ୍ରିଗୁଣ ଯଥାକ୍ରମେ ବିଷ୍ଣୁ, ବ୍ରହ୍ମା ଓ ଶିବଙ୍କର ଏବଂ ବ୍ରହ୍ମ ବା ପରଂବ୍ରହ୍ମ ହେଉଛନ୍ତି, ଅବର୍ଣ୍ଣନନୀୟ, ତ୍ରିଗୁଣାତୀତ) । ବିଷ୍ଣୁ ହୋଇ ଯଦି ଛପ୍ପାକୋଟି ଜୀବଙ୍କର ପ୍ରତିପାଳନ କରିବେ ନାହିଁ, ଏମାନଙ୍କର ଆତ୍ମା ଚିହ୍ନି ଧର୍ମପାଳନ କରିବେ ନାହିଁ ତେବେ ସେହି କର୍ତ୍ତାପଦ ଅକାରଣ ବୋଲାଇବ । ସେହି ରୂପରେ ମୋତେ କୃପା କରି କଷଣରୁ ଉଦ୍ଧାର କର । ଗୁରୁପାଦ ପଦ୍ମାଶ୍ରିତ ହୋଇ ଭୀମଭୋଇ ପଂଚମ ବୋଲି ଭଣତି କରିଛନ୍ତି ।

ଷଷ୍ଠବୋଲି

ଏ ପୃଥିବୀ ନଥିଲା, ଉତ୍ପତ୍ତି ପ୍ରଳୟ ନ ଥିଲା, ଜଳ ପବନ କିଛି ନ ଥିଲା, ସେତେବେଳେ ପ୍ରଭୁ ତୁମେ ଅରୂପ ଅଣାକାର ଅଜନ୍ମା ଅଜପା ନାମବହି ହେ ମହାଶୂନ୍ୟ ରହିଥିଲ । ଅର୍ଥାତ୍ ଆକାର ପ୍ରାଣବନ୍ତ କେହି ନ ଥିଲେ, କେବଳ ଥିଲା ମହାଶୂନ୍ୟ । ସେହି ମହାଶୂନ୍ୟର ଏକାନ୍ତ ସ୍ଥଳରୁ ଦ୍ୱିତୀୟ ଅବିନାଶୀ ତତ୍ତ୍ୱଭେଦ ଜାତ ହେଲା । ସକାମରେ ସକତା (ସମର୍ଥ) ନିଷ୍କାମରେ ଚକତା- ପରଂବ୍ରହ୍ମପଦ ହେଲା । ସ୍ୱାହା(ପ୍ରଭୁପ୍ରତି ସମର୍ପଣ) ଶବ୍ଦରୁ ସହସ୍ର ପାଖୁଡ଼ାର ଶାଖାରେ ଉଦ୍ୟାନ (ତାହା ସଂସାରର ପ୍ରତୀକ ରୂପ) ହେଲା । ଅବନା ସଂଚରିତ ହୋଇ ଆଦିବ୍ରହ୍ମ ଭଗବାନ ହେଲେ । (ସ୍ୱାହା ଶବ୍ଦର ଉଚ୍ଚାରଣରେ ହୋମାଗ୍ନିରେ ଘୃତାହୁତି ଅର୍ପିତ ହୋଇଥାଏ । ତାହା ଶୂନ୍ୟରେ ସଂଚାରିତ ହୋଇ ସର୍ବତ୍ର ବିଦ୍ୟମାନ ପରଂବ୍ରହ୍ମଙ୍କ ନିକଟରେ ବି ପହଂଚିଥାଏ ବୋଲି ଅଧାତ୍ମ

ବିଶ୍ୱାସ) ଅବ୍ୟକ୍ତ, ଅରୂପ ବୋଲି ତାଙ୍କର ବନ୍ଦନା ବର୍ଣ୍ଣନା କରିବାକୁ ଜିଭ ବି ଲେଉଟେ ନାହିଁ । ସେ ଅଗୋଚର ବୋଲି ଅନନ୍ତ ମହିମା ନାମରେ ବିଦିତ ହେଲେ । ସେହି ଅନନ୍ତ ଶକ୍ତି ମହିମାସ୍ୱାମୀଙ୍କର ଅନୁପ୍ରେରଣାରେ ମହିମା ଧର୍ମ ଭାବରେ ସନ୍ଥ ଭୀମଭୋଇଙ୍କ ଦ୍ୱାରା ପ୍ରଚାରିତ ପ୍ରସାରିତ ହେଲା ବୋଲି ସ୍ଥୂଳ ଜ୍ଞାନରେ ଅନୁମାନ କରିହେବ । ଭକ୍ତର ପଂଚଭୂତ ପ୍ରାଣ ଏ ଭବ ସାଗରରୁ ପାରି କରିବା ସକାଶେ ଜଗତରେ ବିଖ୍ୟାତ ଏହି ମହିମା ଧର୍ମ ଦୀକ୍ଷା ହିଁ ପ୍ରକାଶ ପରମାନନ୍ଦ ଅଚ୍ୟୁତ ବୋଲି ଚିନ୍ତକ କବି କହିଛନ୍ତି । ଯେଉଁଠାରେ ଜୀବର ସ୍ଥିତି ମୋକ୍ଷ ଗତିମୁକ୍ତି ରହିଛି ସେଠାରେ ରବିଶଶୀ ବି ଉଦେ ହୁଅନ୍ତି ନାହିଁ । ଜଗତରେ ଉଦିତ ନାମ ବାସୁଦେବ ବ୍ରହ୍ମରାଶି । (ବାସୁଦେବ ନାମ ଜଗଦୀଶ୍ୱର । ଏହା ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କର ନାମ ମଧ୍ୟ) । ପ୍ରଭୁ ଯେଉଁମାନଙ୍କର ତୁମପ୍ରତି ନିଶ୍ଚଳା ଭକ୍ତି ରହିଛି ସେ ଦରିଦ୍ର, ନୀଚ ବର୍ଣ୍ଣର ଯାହା ବି ହୋଇଥାଉ ନା କାହିଁକି ତୁମେ ତାର ପ୍ରାଣଧନ, ସେ ତୁମର ପ୍ରିୟ । ତେଣୁ, ତ୍ରିଭୁବନରେ ତୁମେ ଆଦିମୂଳ ନାରାୟଣ ବୋଲାଇଛ । ପ୍ରଭୁଙ୍କର ଶ୍ରୀପୟରରୁ ଅଭୟ କଲ୍ୟାଣର ସୁଧାଧାର ସଦା ଝରୁଛି । ସେହି କାରଣରୁ ଭକ୍ତମାନେ ତୁମକୁ ନିରଂଜନ ନିରାକାର ବୋଲି କହିଥାନ୍ତି । କର୍ତ୍ତା ଆଉ ପାଳକରୂପରେ ତୁମେ ହିତକାରୀ । ତୁମେ ଚିନ୍ତନ ଅନୁଶାସିତ କରିଥାଅ । ତେଣୁ କ୍ଷୀରସାଗରଶାୟୀ ବୋଲି ନାମିତ ହୋଇଛି । ଭାରତୀୟ ପୌରାଣିକ ବର୍ଣ୍ଣନାରେ ପ୍ରଭୁ ସମାଧିସ୍ଥ ହୋଇ କ୍ଷୀରସାଗରଶାୟୀ ହୋଇ ରହିଛନ୍ତି । ତାହା ବି ସମାଧିସ୍ଥ ସ୍ଥିତି । ସେତେବେଳେ ବି ସର୍ଜନା ଓ ବିଲୟର ପ୍ରକ୍ରିୟା ଅବ୍ୟାହତ ରହିଛି । ଆପଣ ଅଷ୍ଟାଙ୍ଗ ଯୋଗ ସାଧନାରେ ନିମଗ୍ନ । ତେଣୁ ଆପଣଙ୍କର ଭକ୍ତମାନେ ଜ୍ୟୋତିର୍ମୟ ନିରାକାର ନାମର ରଚନା କରନ୍ତି । ଯେହେତୁ ଆପଣ ସର୍ବଜ୍ଞ ଓ ଜ୍ୟୋତିର୍ମୟ । (ଅଷ୍ଟାଙ୍ଗ ଯୋଗ ସାଧନାର ଆଠଗୋଟି ସୋପାନ । ମହର୍ଷି ପାତଂଜଳୀ, ଧ୍ୟାନ, ଧାରଣା ସମାଧି ବୋଲି କହିଛନ୍ତି ।) ନବଖଣ୍ଡ ପୃଥ୍ୱୀର ପ୍ରଭୁ ହିଁ ଅଧିପତି ଓ ଚରାଚରରେ ପରିପୂର୍ଣ୍ଣ ହୋଇ ରହିଛନ୍ତି । ସେ ଭକ୍ତ ତାରକ, ଜଗତ ଉଦ୍ଧାରକ ବୋଲି ତାଙ୍କର ନାମ ବିଶ୍ୱମ୍ଭର । ଆପଣ ଦୁଃଖୀର ସଂଖାଳି, ଗଳାରତ୍ନମାଳ ଓ ନିର୍ବଳ ପ୍ରାଣୀଙ୍କ ହିତୈଷୀ । ଆପଣ ଧର୍ମରୂପ ଧାରଣ କରି କର୍ମଭାବରେ ଥିବାରୁ ହର୍ତ୍ତା କର୍ତ୍ତା । ଦେହ ଅଦେହରେ, ଭିତରେ ବାହାରେ ସକଳ ଜୀବଙ୍କର ପିତାମାତା । ସନ୍ଥ ଓ ଦୁଷ୍ଟମାନଙ୍କର ସମାନଭାବରେ ପାଳକ ବୋଲି ଆପଣ ଅନ୍ନଦାତା ।

ତୁମର ନାମ ଭଜନ କରିବାକୁ ମୋର ଶକ୍ତି ସାମର୍ଥ୍ୟ ନାହିଁ । ତୁମର କଳନା କରି ହେବ ନାହିଁ । ହେ ବ୍ରହ୍ମ ! ତୁମ ନାମର ଅନ୍ତ ନାହିଁ । ତୁମେ ଅଜପା ଅବିନାଶୀ (ଅଜପାର ବୋଧ ତୁରୀୟତା ଭାବରେ ନିଆଯାଇପାରେ) । ସେତେବେଳେ ଜପ ଯେପରି ନିରନ୍ତର ମୌନତାରେ ସମ୍ପନ୍ନ ହେଉଥାଏ । ବର୍ଣ୍ଣନା କରି କରି ପଦ ପାଇଲି ନାହିଁ ବା ଭେଦ ଚିହ୍ନି ପାରିଲି ନାହିଁ । ମୁଁ ତହିଁରେ ନ ମାତି ହେ ଅରୂପ ଶୂନ୍ୟସ୍ୱାମୀ ! ମୁଁ ସେହି ନାମରେ ରସି (“ରସି ଏକ କୋସଲି ପ୍ରୟୋଗ ଯାହାର ଅର୍ଥ ରମିଯିବା, / ମଜ୍ଜିଯିବା ଅଭିନ୍ନ ହୋଇଯିବା) ଯାଇଛି । ଜଳହ୍ରଦ ବା ପଂକ ଏତେ କଥା ନ ଭାବି ଆପଣ ସର୍ବଗୁଣରେ ପୂର୍ଣ୍ଣକାମ ବୋଲି ବିଶ୍ୱାସ କରିଛି । ଆଉ କିଛିକୁ ଗମି ଅର୍ଥାତ୍ ଭେଦ କରି ନ ପାରି ମୋର ତରୁଆ ମନ ତୁମକୁ ନିଗମ ଦୁର୍ଗମ ବୋଲି ଚିତ୍ତରେ ମାନି ନେଇଛି । (କୋସଲିରେ “ଗମି” ଶବ୍ଦର ଅର୍ଥ ପୂର୍ଣ୍ଣ ପ୍ରୟୋଗ ରହିଛି । ଯାହା ବୁଝି ହେବ ନାହିଁ- କୁହାଯାଏ “ତୁଇ ହେ ଭିତରକେ ଗମି ନାଇଁ ପାରୁ” । ବେଦରେ ସର୍ବମୟ କର୍ତ୍ତାଙ୍କୁ, ଏପରି କି ଶ୍ରୀଗୀତାରେ ତାଙ୍କୁ ନିର୍ମମ ନିରହଂକାର ବୋଲି କୁହାଯାଇଛି । ନିର୍ମମ ଅର୍ଥ କାହାରି ପ୍ରତି ପକ୍ଷପାତୀ ମମତାଶୂନ୍ୟ, ଉଦାସୀନ ଯେପରି ଜଳୋପରି ପଦ୍ମପତ୍ର) ମୋ ଭିତରକୁ ପଦ ରଚନା ପ୍ରସଙ୍ଗର କିଛି ଶବ୍ଦ, ବର୍ଣ୍ଣାଦି ପ୍ରବେଶ କରିପାରୁନାହିଁ । ତେଣୁ, ନିଷ୍କାମରେ ତୁମର ସଦାନନ୍ଦ ନାମରେ ଯୋଡ଼ି ହୋଇ ରହିଛି । ହାନିଲାଭ ଦୁଇ କଥା ସମାନ ଯେମିତି ଶୁଭଅଶୁଭ । ଭକ୍ତ ସକାଶେ ଅନ୍ତର୍ଯ୍ୟାମୀ ଗୁରୁଦେବ ଅଛନ୍ତି । ମାୟା କୂପକୁ ମୋତେ କଢ଼ାଇ ନେଉଛ, ମୋ ପ୍ରତି କୃପା କର । ତୁମେ ପୃଥ୍ୱୀକୁ ଆବୋରି ଧରିଛ ହେ ହରି ! ତୁମେ ପୂର୍ଣ୍ଣଗିରି ମେରୁ । ମୁଁ ଜନ୍ମରୁ ମୂର୍ଖ, ଚିନ୍ତା ଓ ମହାଦୁଃଖଗ୍ରସ୍ତ, ବେଦଶାସ୍ତ୍ର ଶୁଣିନାହିଁ । ଗୁରୁପଦରେ ଧ୍ୟାନ କରି ଭୀମଭୋଇ ଅରୂପର ଭଜନ ସମାନ ଭଣିତା କରୁଛି ।

ସପ୍ତମ ବୋଲି

ଯୋଗର ଆରମ୍ଭ କଲେ, ତାକୁ କାଳାତୀତ,କାଳୋର୍ତ୍ତୀର୍ଣ୍ଣ କଲେ,ପଦ୍ମପାଦେ ଠାବ ଦେଇ ଭକ୍ତର ଆରତ ଖଣ୍ଡନ କରିବାରୁ ସେ ଅଭୟ ପଂଜର ବାନା ଉଡ଼ାଇଲେ । ଶାସ୍ତ୍ରପଢ଼ି ବେଦମାର୍ଗରେ ନିମଜ୍ଜିତ ହୋଇ ସାତ୍ତ୍ୱିକ ଭାବନାରେ ନିମଗ୍ନ ହେବାରୁ ସେପରି ସଜ୍ଜନଙ୍କୁ କାଳ ଅକାଳରେ ଉଦ୍ଧାର କରନ୍ତେ ସେ ଭବଭୟ ବଜ୍ରସେହ୍ନା ବୋଲାଇଲେ । ସତ୍ୟରେ ବାନ୍ଧି ରଖି ତତ୍ତ୍ୱରେ ସିଦ୍ଧ ଭବସିନ୍ଧୁ ପାର କରିବାରୁ ତୁମ

ନାମ ଜଗତରେ କୃପାସିନ୍ଧୁ ଦଇତାରୀ ହେଲା । ପ୍ରଭୁ ରୂପ ବର୍ଣ୍ଣନା କଲେ, ଶାସ୍ତ୍ରବଖାଣ କରି ଭଗତଙ୍କୁ ଭାବ ଦେଲେ । ତେଣୁ, ସେ ଶାଶ୍ୱତ ରୀତିରେ ଅଖଣ୍ଡ ବିଭୂତି (ସମର୍ଥତା) ପ୍ରଦାନ କଲେ, ଆରତ ତାରଣ ନାଥ ବୋଲାଇଲେ । ରୂପକୁ ଦୂରକରି(ଆକାର) ଅରୂପକୁ (ନିରାକାର) ଧରି ଜ୍ଞାନୀମାନେ ତରିଗଲେ ଓ ସିଦ୍ଧ ସାଧୁସନ୍ଥମାନେ କରୁଣା ସାଗର ହରି ନାମରେ ତୁମକୁ ନାମିତ କଲେ । କରୁଣା ବାଞ୍ଛିତ ହୋଇ ଭକ୍ତମାନେ ଆପଣା ବିଧି ଅନୁସାରେ ତୁମର ଉପାସନା ସାଧନା କଲେ, ମନୋବାଞ୍ଛା ପୂରଣ ହେଲା ଓ ତୁମକୁ ଗୁଣନିଧି ବୋଲି ଆଖ୍ୟା ଦେଲେ । ତୁମେ ଏ ଜଗତର ମାୟାରୁ ମରଣଶୀଳ କାୟାରୁ ଉଦ୍ଧାର କରନ୍ତେ, ଅଜ୍ଞାନ ଦୂରକରି ଅନ୍ଧକାର ସ୍ରୋତରେ ପାର କରିନେବାରୁ ତୁମକୁ ପଦ୍ମନାଭ ବୋଲି ଆଖ୍ୟାୟିତ କଲେ । ଭକ୍ତମାନେ ଅନୁକ୍ଷଣ ଶ୍ରବଣ କୀର୍ତ୍ତନ କରି ଯେଉଁଠାରେ ତୁମର ଯଶଗାନ କଲେ ତୁମେ ଭଗତ ଭାବରେ ମୋହିତ ହେବାରୁ ଭାବଗ୍ରାହୀ ବୋଲାଇଲ । ଗୃହସ୍ଥମାନେ, ସାଧୁସନ୍ଥମାନେ ଆନନ୍ଦ ମନରେ ବିହିତ କର୍ମ କଲେ, ଜ୍ଞାନୀମାନେ ଧ୍ୟାନ ଧାରଣା କଲେ ଓ ତୁମକୁ ମହାବାହୁ ଧର୍ମଦାନୀ ବୋଲି ଆଖ୍ୟା ଦେଲେ । ଜାଗତିକ ସଂପତ୍ତି ସୁଲଭ ହେଲା, ଦେବକୁ ଦୁର୍ଲଭ ସାର ଅକ୍ଷରନ୍ ପରାପତ ହେଲା । ତୁମେ ଦୁଷ୍ଟ ନିବାରଣ କରି ସନ୍ତଙ୍କୁ ପାଳନ କରିବା କାରଣରୁ ଚକ୍ରଧର ବୋଲାଇଲ । ସୁଜ୍ଞାନୀ ଭଗତ ତୁମର କୌଣସି ଆଦିଅନ୍ତ ପାଇଲେ ନାହିଁ । ତୁମକୁ ଅଗାଧ ସିନ୍ଧୁ ମନେ କଲେ । ତୁମେ ଦୁଃଖୀର ଦୁଃଖ ନାଶ କରି ତୁମର ଅଶେଷ ମହିମା ପ୍ରଦର୍ଶନ କରିଛ, ତେଣୁ ଦୀନବନ୍ଧୁ ବୋଲାଇଛ । ଯତି ଭାବରେ ତୁମର ସ୍ୱକାମ ଜପ କରି ଭକ୍ତିରେ ଫଳପ୍ରାପତ ହେଲେ ଏବଂ ସେମାନେ ତୁମକୁ ପ୍ରେମଭାବରେ ଭୋଳ ହୋଇ ନବଘନଶ୍ୟାମ ବୋଲି ବିଦିତ କଲେ । *(ଏ କ୍ଷେତ୍ରରେ ଆମେ ସେହି ତେତ୍ରୟାରେ ଯତି ମୁନି ତପସ୍ୱୀମାନଙ୍କର ସ୍ମରଣ କରିପାରିବା । ସେମାନେ ପ୍ରଭୁ ଶ୍ରୀରାମଙ୍କୁ ଦେଖି କାମମୋହିତ ହୋଇଥିଲେ । ପ୍ରଭୁ ସେମାନଙ୍କୁ ଦ୍ୱାପର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଲେ ଓ ସେତେବେଳେ ତୁମେମାନେ ବ୍ରଜ ଗୋପାଙ୍ଗନାଭାବରେ ଅବତରିତ ହେବ ଓ ତୁମର ମନୋବାଞ୍ଛା ପୂରଣ ହେବ ବୋଲି କହିଥିଲେ । ଈଶ୍ୱର ସାନ୍ନିଧ ସକାଶେ ଶ୍ରଦ୍ଧା ଓ ସବୁରୀ (ସିରିଡ଼ି ସାଇବାବାଙ୍କ ଉପଲବ୍ଧରେ) ନିତାନ୍ତ ଆବଶ୍ୟକ । ସେହି ଯତିମାନଙ୍କର ଶ୍ରଦ୍ଧା ତ ନିଶ୍ଚିତ ଥିଲା ତାହା ସହିତ ଗୋଟାଏ ଯୁଗର ଧୈର୍ଯ୍ୟ ବି ଲକ୍ଷଣୀୟ)* ପ୍ରଭୁ ତୁମେ ତ୍ରିପୁର ଜଗତପତି, ସର୍ବବ୍ୟାପକ ବୋଲି ଗୋଟାଏ ସ୍ଥାନରେ

ରହି ପାରିବ ନାହିଁ । (ବିଭିନ୍ନ ରୂପରେ ସର୍ବତ୍ର ବିରାଜିତ) । ସେହି ଯଶକୁ ଆପଣା ଚିତ୍ତରେ ସମ୍ପାଦି ରଖି ଭକ୍ତମାନେ ତୁମକୁ ତୁମର ଜ୍ୟୋତି ଜାଜ୍ୱଲ୍ୟମୟ ବୋଲି ଅନୁଭବ କଲେ । ତୁମେ ପ୍ରତି ଘଟରେ ବିଦ୍ୟମାନ । ତୁମେ ତେଜୋବନ୍ତ ମୁକ୍ତିର ଆକାର । ତୁମେ ଅମର ଭୁବନରେ ବିରାଜି ହେବାରୁ ତୁମେ ଆଦିକନ୍ଦ ଦେବରାଜ ବୋଲାଇଛ । ତୁମେ ଉତ୍ପତ୍ତି କରି ସ୍ଥିତି ଦେଇଥାଅ । ନିତ୍ୟ ସଂହାର କରି ଯମ । ତୁମେ ଭକ୍ତଭାବକୁ ବହନ କରିଛ । ତେଣୁ ତୁମର ଗଦାପଦ୍ମ । ମଣ୍ଡଳ ରାସ ରଚନା କରି ଷଡ଼ରସ ସଂଚାର କରୁଛ । ଲୀଳା ବିନୋଦରେ ବିହାର କରିବା ହେତୁ ତୁମେ ଆଦ୍ୟ ବୃନ୍ଦାବନବାସୀ । ତୁମେ ଏକ ପାଦରେ ରହି ଅର୍ଥାତ୍ ଜଗତକୁ ଧାରଣ କରି ସବୁ କରିଥାଅ । ତୁମର କୀର୍ତ୍ତି ଯଶକୁ ଧନ୍ୟଧନ୍ୟ ବୋଲିବା । ହେ 'ସର୍ବଜ୍ଞପୁରୁଷ' ତୁମେ ଲାଭହାନି ସବୁକିଛି ଜାଣିଛ । ଆପଣ କୃପଣ କାହିଁକି ହେଉଛନ୍ତି ? ହେ କୃପାବାରିଧି କୃପା କର । ଆପଣଙ୍କର ଶୋଭା ଅନନ୍ତ, ତୁମେ ବାଞ୍ଛା କଳ୍ପତରୁ । ଅର୍ଥାତ୍ ସବୁକିଛି ମନୋବାଞ୍ଛା ପୂରଣ କରିପାର । ମୁଁ ଭଜିବାକୁ (ଓଜବନ୍ତ ହେବାର) ସୁଯୋଗ ପାଉନାହିଁ, ମାୟା ଘୋଟି ରହିଛି । ଆପଣଙ୍କର ରୂପଦର୍ଶନ କରି ମୁଁ ପାପମୁକ୍ତ ହୁଅନ୍ତି । (ଆମ୍ପୋପଲବ୍ଧ ଈଶ୍ୱରୋପଲବ୍ଧ ବୋଲି ବିଦିତ) ଦିନରାତି ଧ୍ୟାନ ଧାରଣାରେ ବିତି ଯାଉଛି । ଆପଣଙ୍କର ଅଭୟ ଚରଣ ଧ୍ୟାନ କରି କାଳକାଳ ବିତିଯିବ ବୋଲି ଭୀମକନ୍ଧ ଜଣା କରୁଛି । ଧ୍ୟାନ ଧାରଣା ସଦ୍‌ଗୁରୁ ସର୍ବଶକ୍ତିମାନଙ୍କର ମାର୍ଗଦର୍ଶନ ବିନା ସମ୍ଭବ ହେବନାହିଁ । ପ୍ରଭୁଙ୍କର ସହସ୍ରନାମ ଯାହା ଯେଉଁ ବିଧିରେ ଭକ୍ତ ଅନୁଗତ ଅନୁଭବ କରିଥାଏ ସେ ରୂପ ନାମିତ କରିଥାଏ । ସନ୍ଥକବିଙ୍କର ବର୍ଣ୍ଣିତ ବିଧି କର୍ତ୍ତବ୍ୟ । ଏହା ମଣିଷକୁ ଜଣେ ଭଲ ମଣିଷ ହେବାକୁ ମନ କରିବାର ଅନୁପ୍ରେରଣା ଭାବରେ ଗ୍ରହଣୀୟ । ଏ ଅନୁଭବ ବା ଉପଲବ୍ଧ ଜୀବନରେ ଅନ୍ତକାଳରେ ହୁଏତ ସାଧୁସନ୍ଥ ପ୍ରାପତ ହୋଇଥାଆନ୍ତି । *(ଯେପରି ମହାମହିମ ଭୀଷ୍ମ ପିତାମହ । ସେ କୁରୁକ୍ଷେତ୍ରରେ ଶରଶଯ୍ୟାରେ ପ୍ରଭୁଙ୍କୁ ସହସ୍ର ନାମରେ ପ୍ରାର୍ଥନା କରିଥିଲେ ଯାହା ବିଷ୍ଣୁ ସହସ୍ରନାମ ଭାବରେ ଖ୍ୟାତ)* ।

ଅଷ୍ଟମ ବୋଲି

ନିଷ୍କାମ କର୍ମରେ ନିର୍ବେଦରେ ଅର୍ଥାତ୍ ବେଦ ରୀତି ଅନୁସରଣ ନକରି ନାନା ପାକରେ ଭୋଜନ କରୁଛି । ମତେ ଜାତ କଲ, କବି ପଦ ଦେଲ ପଛନ୍ତେ

ପ୍ରମାଦ ବାଛି କହିବ ନାହିଁ । ମୁଁ ମୋର ପୂର୍ବାର୍ଜିତ କର୍ମଫଳ ଭୋଗ କରୁଛି । ସୁକୃତ(ସତ୍‌କର୍ମ ଓ ବଚନ) ହେତୁ ପୁଣ୍ୟ ବିକଶିତ ହେଲା ଓ ଏକାକ୍ଷର (ଓଁ) ଚିତ୍ତରେ ଦୃଶ୍ୟ ହେଲା । ମୁଁ ତାହା ସମାଧି ସାଧନା କରି ପରମଯୋଗରେ (କ୍ରିୟାଯୋଗ) ବାସକଲି । (ତାକୁ ପାତଂଜଳ ପରାବସ୍ଥା ବୋଲି କହିଛନ୍ତି ।) ବେଦଶାସ୍ତ୍ର ବଖାଣ କରିଛନ୍ତି । ସତ୍ୟର ପ୍ରମାଣ ଅଛି । ନୀଳାଚଳରେ ପ୍ରଭୁ ବିରାଜିତ ହୋଇ ନୀଳଗିରି ଜଗନ୍ନାଥ ବୋଲାଇଛନ୍ତି । ତୁମର ପାଦପଦ୍ମରେ ଲୟ ରଖି ବହୁ ଦୂରରୁ ଆଶା କରି ଆସି ମନରେ ଚିନ୍ତା କରିଛି । ତୁମେ ମଉନରେ ବସି ଦାରୁ ପ୍ରତିମା ମୂର୍ତ୍ତି ନାମ ବୋଲାଇଛ । ସ୍ନାନ ତର୍ପଣ କରି ତୁମ ରୂପ ଦର୍ଶନ କରି ଭୋଳ ହୋଇଗଲି । ଚକା ବଇଠି ଉପରେ ବିରାଜିତ ହୋଇଛ (ଆଖି ବି ଚକା - ଗୋଲ) ତେଣୁ ତୁମର ନାମ ଚକାଡ଼ୋଳା । ତୁମର କୋଟି ଅବତାର, ତାର ଭେଦ ତ ନାହିଁ, ଚିହ୍ନବର୍ଣ୍ଣ ନାହିଁ । ବିବିଧ କଳ୍ପନା ରୂପ ରଚନା କରିଥାଅ । ତୁମେ ତ୍ରିପଣ୍ଡ କାଳିଆ । ବଡ଼ ସିଂହାର ବେଶରେ ଝୀନବାସ ପୁଷ୍ପମଣ୍ଡିତ ଅଙ୍ଗଶୋଭା । ସେହି ରୂପକୁ କୋଟିଏ ସୂର୍ଯ୍ୟ ସରି ହେବେ ନାହିଁ ତେଣୁ ତୁମେ ଅଶେଷ ବ୍ରହ୍ମ ବୋଲାଇଛ । (ବୋଲିରେ ସିଂହାସନ ବୋଲି କୁହାଯାଇଛି । ତାକୁ ବିଶାଳ ସିଂହାସନ ଉପରେ ବେଶ ବୋଲି ବିଚାରିଲେ କିଛି ଅସୀଚୀନ ହେବ ନାହିଁ ।) ତୁମର ଶ୍ରୀଚରଣରେ ତିନିପୁର ଖଟଣୀ ଖଟି ରହିଛନ୍ତି ଓ ସର୍ବଭୂତରେ ତୁମର ନିବାସ । ତେଣୁ ସୁଜ୍ଞଦ୍ୱିଜମାନେ ବେଦାନ୍ତ ଦୃଷ୍ଟିରେ ତୁମକୁ ଜଗଦୀଶ ବୋଲି ନାମିତ କରିଛନ୍ତି । ପିତାମାତା ଯୁକ୍ତ ହେବା ସମୟରେ ଯାହା ଲେଖା ହୋଇ ସାରିଛି, ତାହା ସିନା ଭୋଗ ହେବ ! ମୋର କର୍ମର ବ୍ୟବସ୍ଥା ମୁଁ କିପରି ଜାଣିବି, ତେଣୁ ପ୍ରଭୁ, ହାତ ମାରି ଦେବାର କୃପା କରିବ ।

(ପ୍ରାଚୀ ପ୍ରକାଶନରେ ଏକ ଭିନ୍ନ ପଦ ରହିଛି । ତାହା - 'କାମିନୀ ଆରତ କାମବଶ୍ୟତାରେ ରସାଳିଆ ପଣେ ସମ । ପ୍ରେମ ଅନୁରାଗେ ପିୟାନ୍ତ ସରାଗେ ମଦନମୋହନ ନାମ ।"- ଏହି ପଦ ମୋ ସକାଶେ ଦୁର୍ବୋଧ । ହୁଏତ ତାହା କାମବଶତଃ କାମିନୀର ଆତୁରତା ସମୟରେ ପ୍ରେମାନୁରାଗର ରସମୟତାରେ ପ୍ରିୟାପ୍ରତି ଆପଣଙ୍କର ସ୍ନେହଭାବ ହେତୁ ଆପଣ ମଦନମୋହନ ବୋଲାଇଲେ ବୋଲି ଅନୁମାନ କରୁଛି ।)
ଯଦି ଭବସାଗର ତରିଯିବାର ଆଶାକରିଛ ତେବେ 'ପୀତବାସ' ଭାବରେ ବିଦିତ । ହେ ପୁରୁଷ ! ତୁମେ ଯେତେବେଳେ ପ୍ରକୃତି ସହିତ ମିଳିତ ହୋଇ ଉନ୍ମେଷ କଲ(ସରଜନା

କଲ) ସେତେବେଳେ ଅନାମରୁ ନାମ ପ୍ରକାଶିତ କରି କଦମ୍ବମୂଳିଆ କାହ୍ନୁ ହେଲ । ତୁଗେ ଗୋପୀମାନଙ୍କର ପଂଚପ୍ରାଣ । ଆଉ କେହି ନୁହନ୍ତି । ବଂଶୀଧ୍ୱନି ସେମାନଙ୍କର ହୃଦୟ ଭେଦ କରିଥାଏ ଓ ସେମାନଙ୍କର ଚିତ୍ତ ହରଣ କରି ସମ୍ମୋହିତ କରିଥାଏ । ତେଣୁ, ତୁମର ନାମ ବଂଶୀଧର । ତରୁତୃଣ, କୀଟ ପତଙ୍ଗ ଆଦି ସମସ୍ତେ ତୁମର ଆଜ୍ଞାରେ (ଇଚ୍ଛା) ଅନୁପ୍ରେରିତ ହୋଇ ଗୋପରେ ବିହାର କରନ୍ତି ବୋଲି ତୁମ ନାମ ନିକୁଂଜବିହାରୀ । ତୁମ ଶିରରେ କୁନ୍ତଳ ଦାମ, ମୟୂରପୁଚ୍ଛ ଆଉ ଗଭାର ଶୋଭା ନବରଙ୍ଗରେ ତୁମେ ଢ଼ଳି ଢ଼ଳି ନାଚିଲା ବେଳେ ମନୋହର ମନେ ହୋଇଥାଏ । ତୁମେ ଆଦ୍ୟ ବୃନ୍ଦାବନରେ ବଣ୍ୟପୁଷ୍ପର ମାଳା ଧାରଣ କରି ବିହାର କରିବା ହେତୁ ତୁମର ନାମ ବନମାଳୀ । ଲାଭରେ ଲୋଭ କରି ଇନ୍ଦ୍ର ତୁମ ସହିତ ବିବାଦ କଲା । ତୁମେ ଗିରିବରକୁ ଛତା ପରି ଟେକି ନେଲ ବୋଲି ତୁମର ନାମ ଗିରିଧାରୀ । ଛନ୍ଦମାୟା କରି କପଟ ଆଚରଣ କରି ତୁମଠାରୁ ଇନ୍ଦ୍ରଦେବ ହାରିଗଲେ ଓ ତୁମର ନାମ ରାମଗୋବିନ୍ଦ ମୁରାରୀଭଳି ଶକ୍ରାଜିତ ହୋଇଛି । ଶକ୍ର ଦେବରାଜ ଇନ୍ଦ୍ରଙ୍କର ଅନ୍ୟନାମ । ସେ ପାଦୁକା ଧନ୍ୟ ଯାହା ଭକ୍ତଙ୍କର ଆଶ୍ରୟସ୍ଥଳ, ସେ ତୁମର ଅପଘନ (ଶରୀର) ବହନ କରିଥାଏ । ସେ ପାଦର ସୁଧା ମକରନ୍ଦ ଆପ୍ୟାନ କରନ୍ତେ ତୁମେ ମାଧବ ମଧୁସୂଦନ । ପାଦୁକା ପ୍ରଭୁଙ୍କର ଉପାନହ ଓ ପଦଖ୍ୟାଳନ କରୁଥିବା ଜଳ ବି । ସେ ମଧୁ ନାମକ ଦୈତ୍ୟର ସଂହାର କରିଥିବାରୁ ମଧୁସୂଦନ ଓ ମା (ଲକ୍ଷ୍ମୀ)ଙ୍କର ପତିଭାବରେ ମାଧବ । ବ୍ରଜ ବାଳକମାନଙ୍କୁ ଓ ଭାଇ ବଳରାମଙ୍କୁ ସାାଙ୍ଗରେ ଧରି ଦିଗଦିଗ ଭ୍ରମଣ କରିଥିବା ହେତୁ, କାଳିନ୍ଦୀ ହ୍ରଦ ଜଳରେ କୁଦିଯାଇ କାଳୀୟ ସର୍ପର ଦଳନ କରିଥିବା ହେତୁ ତୁମର ନାମ କାଳୀୟମର୍ଦ୍ଦନ । ହେ ବାବନ କୋଟି ଭଣ୍ଡାରର ଅଧିପତି ! ତୁମେ ଦାନୀପଣକୁ ଶ୍ରେଷ୍ଠ, ତୁମର ତୁଳନା ନାହିଁ । ସମସ୍ତଙ୍କୁ ସମଦୃଷ୍ଟିରେ ଦେଖି ସବୁରି ହିସାବ ରଖି କର୍ତ୍ତା ଜନାର୍ଦ୍ଦନ ବୋଲାଇଛ । ତୁମର ଯଶ ବର୍ଣ୍ଣନା କରିବାକୁ କେହି ସମର୍ଥ ନୁହନ୍ତି । ଅନନ୍ତ କୋଟି ତୁମର ନାମ ତାହା ସମାପ୍ତ ହେବ ନାହିଁ । ଭୀମ ଅରକ୍ଷିତ କହୁଛନ୍ତି ।

(ସନ୍ଥ କବି ଭୀମଭୋଇଙ୍କ ଆତ୍ମବିଶ୍ୱାସ ଯେ କର୍ତ୍ତା ତାଙ୍କୁ କବିକଳା ଦେଇ ଅବତରିତ କରାଇଛନ୍ତି । ସେ ଅଣାକାର ଅବ୍ୟକ୍ତ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ପରମଭକ୍ତ । ପ୍ରଭୁ ଅବତାରୀ ଅନ୍ୟମାନେ ଅବତାର । ଉତ୍କଳୀୟ ପରିକଳ୍ପନାରେ

"ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା । କଳାକୁ ଷୋଳକଳା କରି ଗୋପେ ବିହରେ ନରହରି ।" କବି ସେହି ରୂପରେ ପ୍ରଭୁଙ୍କୁ ସ୍ୱୀକାର କରିଛନ୍ତି ଓ ଏହି ବୋଲିର ଶେଷଭାଗରେ ଶ୍ରମଭାଗବତର ସ୍ମରଣ କରିଛନ୍ତି ।)

ନବମବୋଲି

ବେଦରୁ ନିର୍ବେଦ (ଜ୍ଞାନ ଅଜ୍ଞାନ) ହିଂସା, ଛନ୍ଦ, କପଟ, ଅହଂ, ଦୁରାଗ୍ରହ ଆଦି ସବୁକିଛି ତୁମର ରଚନା । ସତ୍ୟ ଧର୍ମପଦ ଯୁଗ ଯୁଗାନ୍ତରରେ ରହିଛି ତେଣୁ ତୁମର ନାମ ମହାପ୍ରଭୁ । ନିଃଶବ୍ଦରୁ ଆସି ଶବ୍ଦରୂପରେ ପ୍ରକାଶିତ ହୋଇ ଏ ସଚରାଚର ସଂରଚନା ହୋଇଛି । ତୁମର ଦର୍ଶନ ମାତ୍ରକେ ଦୂରିତ ଖଣ୍ଡନ ହୋଇଥାଏ ତେଣୁ ତୁମର ନାମ ଦାମୋଦର । ଶୂନ୍ୟର ନୀରବ ମୌନତାରୁ ନିରାକାର ବ୍ରହ୍ମର ଶକ୍ତି ଶବ୍ଦରୂପରେ ସଂଚାରିତ ହେଲା । ତେଣୁ ସେ ଶବ୍ଦବ୍ରହ୍ମ ନାମର ବି ବିଦିତ । ବ୍ରହ୍ମପାରିତ ଅଣ୍ଡାର ଜାତ ବୋଲି 'ବ୍ରହ୍ମାଣ୍ଡ' ବୋଲାଇଛି । ଘୋର ବ୍ରହ୍ମନିଶି, ସୂର୍ଯ୍ୟ ଚନ୍ଦ୍ର ଦେଖୁଁ ଦେଖୁଁ କାଳ ପ୍ରବାହରେ ଭାସି ଯାଉଛନ୍ତି । ସେହି କାଳକୂଟ ଅନ୍ଧାର ଦେଖାଯାଉଛି । ତେଣୁ ତୁମର ନାମ କଳାକହ୍ନାଇ । ଜ୍ଞାନର ଖଣ୍ଡାରେ ପ୍ରଭୁ ଶ୍ରୀହସ୍ତରେ ଭକ୍ତର ଦୁଃଖ ନିରନ୍ତର ଛେଦନ କରନ୍ତି । ପ୍ରକୃତିର ତତ୍ତ୍ୱ, ଜଳ ପଂକାଦି ନେଇ ପୃଥିବୀର ରଚନା କରିଛନ୍ତି, ତେଣୁ ତାଙ୍କର ନାମ ମାୟାଧର । କାରଣ, ସେହି ସର୍ଜନା ପ୍ରକ୍ରିୟା ମାୟାସଦୃଶ । କାରଣ ତାର ସରଜନା ଯେ ରୂପ ହେବ ବିଲୟ ବି ସେହିପରି ହେବ । କିଛି ବି କାମ କଳ୍ପନା ପ୍ରଭୁ ନାମର ସମାନ ହେବ ନାହିଁ । କେତେ କୋଟି ସମ୍ବତ୍ସର ମନୁ ବିତିଗଲାଣି ଆଉ ପ୍ରଭୁ ତୁମେ ଏ ଅବନୀକୁ ସମ୍ଭାଳି ରଖିଛ । ବ୍ରହ୍ମପଦରେ ତୁମେ ଏ ଭାରକୁ ହାରପରି ଧାରଣ କରିଛ, ତେଣୁ ତୁମର ନାମ ବିଶ୍ୱମ୍ଭର । ଜୀବ ଉପରେ ଦୟାକରି ଜ୍ଞାନର ଭିଆଣ କରିଛ । ଅମୃତପରି ବାଣୀ ଶାସ୍ତ୍ରରେ ବଖାଣ କରିଛ, ତେଣୁ ତୁମର ନାମ ମଧୁହାରୀ । ମଧୁ ଏକ ଦୈତ୍ୟର ନାମ । ପ୍ରଭୁ ସେହି ଦୈତ୍ୟର ସଂହାର କରିଥିବାରୁ ବି ତାଙ୍କର ନାମ ମଧୁହାରୀ । ନିରନ୍ତର ତୁମେ ସାକ୍ଷୀସ୍ୱରୂପ ସମସ୍ତଙ୍କୁ କୃପାନେତ୍ରରେ ଦେଖି ସମାନ ଭାବରେ ଆଶ୍ରୟ ଦେଉଛ । ତେଣୁ ତୁମର ନାମ ପଦ୍ମନେତ୍ର । ଏହା ତୁମପ୍ରତି ଭକ୍ତମାନଙ୍କର ଶ୍ରଦ୍ଧା ସମ୍ବୋଧନ । ଏକ ପାଦ ଚିହ୍ନି ଧ୍ୟାନଯୋଗରେ ତୁମକୁ ଭଜିବାକୁ ମନ କଲେ କାକୁସ୍ଥ ବଚନରେ ଆଶ୍ରୟ ମାଗି ଭକ୍ତମାନେ ତୁମକୁ କମଳଲୋଚନ କହିଛନ୍ତି । କଳା ଧଳା (ଆଲୋକ- ଅନ୍ଧାର ଆଦି ଓ ଭାବରେ ସୁଖ-

ବିଖଣ୍ଡିତ ହେଉଛି । ଭବ ସିନ୍ଧୁପରି ବୋଲି ନ ଜାଣି ତାକୁ ଅମୃତ ଭାଣ୍ଡ ମନେ କରୁଛି । ଗୀତାର ସାରସ୍ୱତ ପଦ ଅର୍ଥ କରି ଭୀମ ଅରକ୍ଷିତ ଭଣତା କରୁଛି । ଏ ଶାସ୍ତ୍ର ଆଦ୍ୟ ବିଭୂତିର ବୃତ୍ତାନ୍ତ । ନାମ ତା'ର ସ୍ତୁତି ଚିନ୍ତାମଣି । ସ୍ତୁତି ଚିନ୍ତାମଣିର ଅର୍ଥ ପ୍ରଭୁସ୍ତୁତିର ଭକ୍ତ ବାଂଛାପୂରଣକାରୀ ସ୍ତୁତି ଜଣାଣ ନିବେଦନର ସଂକଳନ ।

ଦଶମ ବୋଲି

ଦୈତ୍ୟ ଶଙ୍ଖାସୁର ବ୍ରହ୍ମାଙ୍କ ଠାରୁ ବଳପୂର୍ବକ ଚାରିବେଦ ହରଣ କରି ନେଇଥିଲା । କେହି ନ ଥିଲେ । ସେତେବେଳେ ଆପଣ ମତ୍ସ୍ୟ ଅବତାର ଧାରଣ କରି ବେଦ ଉଦ୍ଧାର କରି ଧରଣୀ ତାରଣ କରିଥିଲ । ଜୀବଜଗତରେ ମତ୍ସ୍ୟ ପ୍ରଥମ ସର୍ଜନା । ମନ୍ଦର ପର୍ବତକୁ କ୍ଷୀରସାଗରରେ ମନ୍ଥନ ଦଣ୍ଡ ଭାବରେ ପକାଇ ଦେବ ଦାନବ ଅମୃତ ପ୍ରାପତ ହେବାକୁ ମନ୍ଥନ କଲାବେଳେ ଆପଣ କୂର୍ମ ଅବତାରରେ ତାର ବିପୁଳ ଭାର ପିଠିରେ ବହନ କରିଥିଲ । ଏହି ଆଖ୍ୟାନ ବିଷ୍ଣୁପୁରାଣରେ ବର୍ଣ୍ଣିତ । ପବନପୁତ୍ର ଅତୁଳିତ ବଳଧାମ ହନୁମାନଙ୍କ ସହିତ ଅର୍ଜୁନଙ୍କର ବିବାଦ ହେଲା । ସେହି ବିବାଦ ଏପରି - ସେତୁବନ୍ଧନ ସକାଶେ ତ୍ରେତୟାରେ ଏତେ ପରିଶ୍ରମର ଆବଶ୍ୟକତା ନ ଥିଲା । ଶ୍ରୀରାମ ତ ଶର ସନ୍ଧାନ କରି ତାହା କରି ପାରିଥାଆନ୍ତେ ବୋଲି ଅର୍ଜୁନ କହିଲାରୁ ହନୁମାନ ଶରସେତୁ ବିପୁଳକାୟ ରୁକ୍ଷବାନରଙ୍କର ଭାର ସମ୍ଭାଳି ପାରିବ ନାହିଁ ବୋଲି କହିଲେ । ତାହା ବିବାଦର କାରଣ । ଅର୍ଜୁନ ଶରସନ୍ଧାନ କରି ସେତୁ ନିର୍ମାଣ କଲେ ଓ ହନୁମାନ ସେତୁ ଆରୋହଣ କଲାରୁ ତାହା ତାଙ୍କର ଭାର ସମ୍ଭାଳି ନେଲା । କିନ୍ତୁ ପାଣିରେ ରକ୍ତ ତରଙ୍ଗ ଦେଖି ଜଣାଗଲା ଯେ ପ୍ରଭୁ ତୁମେ ସେହି ବନ୍ଧ ତଳେ ରୋହୀ ମାଛରୂପରେ ରହି ଭାର ସମ୍ଭାଳି ନେଇଛ । ତୁମର ଅଙ୍ଗଭେଦ କରି ସେହି ଶରବିଦ୍ଧ ହୋଇ ବହିଥିବା ରକ୍ତରେ ପାଣି ରକ୍ତାକ୍ତ ହୋଇ ଯାଇଛି । ସନ୍ଥ କବି କହିଛନ୍ତି- ଉଭୟ ହନୁମାନ ଓ ଅର୍ଜୁନ ତୁମର ପରମ ଭକ୍ତ, ଦୁହିଁଙ୍କର ମାନରକ୍ଷା କରିବା ସକାଶେ ତୁମେ ମତ୍ସ୍ୟରୂପ ଧାରଣ କରିଥିଲ । ଦୈତ୍ୟ ହିରଣ୍ୟକଶିପୁ ଦର୍ପରେ ଅପରାଧ କଲାରୁ ଆପଣ ନୃସିଂହ ଅବତାରରେ ନଖ ଦନ୍ତରେ ବିଦାରଣ କରିଥିଲ । ହେ ହୃଷିକେଶ ! ଆପଣ ପ୍ରଭୁ ଶ୍ରୀରାମ ରୂପରେ ଧନୁର୍ବାଣ ଧାରଣ କରି କ୍ଷତ୍ରିୟ ରାଜବଂଶରେ ଅବତରିତ ହୋଇଥିଲ ଏବଂ ସେହି ତ୍ରେତୟାରେ କ୍ଷତ୍ରିୟ ବିରୋଧୀ ହୋଇ ବୀରପଣର ବୃତ୍ତି ନେଇ ଆପଣ ପର୍ଶୁରାମ ରୂପରେ କ୍ଷତ୍ରିୟ

ଦୁଃଖ, ହର୍ଷ- ବିଷାଦ ପ୍ରଭୃତି) ରଙ୍ଗ ପାଣିରେ ମିଳେଇ ଯାଏ ତାକୁ କବି କର୍ମରେ ଠୁଳ ହୋଇଯାଏ ବୋଲି କହିଛନ୍ତି । ସେମାନେ ପ୍ରକୃତିର ଦୁଇରୂପ । ତୁମର ଦର୍ଶନମାତ୍ରକେ କଳୁଷ ହରଣ ହୋଇଯାଏ ବୋଲି ତୁମର ନାମ ଶାରଙ୍ଗ ପାଣି ।(ଦ୍ୱାପରରେ ପ୍ରଭୁ ଶ୍ରୀରାମଙ୍କର ଋଷିମୁନି ତପସ୍ୱୀମାନଙ୍କର ସାଧନା, ଯଜ୍ଞାଦିର ସୁରକ୍ଷା ସଂରକ୍ଷଣ ହେତୁ ଦୈତ୍ୟ ରାକ୍ଷସ ସଂହାର ଶରସନ୍ଧାନ କରି କରିଥିବା ପ୍ରସଙ୍ଗକୁ ଚିତ୍ରକଳ୍ପ ଭାବରେ ନିଆଯାଇପାରିବ ।) (ତୁମେ ନା ସ୍ତ୍ରିରୀ ବୋଲାଅ ବା ପୁରୁଷ, ଦିବାରାତି ସବୁ କାଳରେ ବିଦ୍ୟମାନ । ତୁମର ଦର୍ଶନକୁ ନେଇ ଜଗତ ପ୍ରସନ୍ନ ହୋଇଯାଉଥିବା ହେତୁ ତୁମର ନାମ ଦାଶରଥୀ । ବ୍ରହ୍ମଙ୍କର କୌଣସି ଲିଙ୍ଗ ନାହିଁ କିମ୍ବା କାଳ ନାହିଁ(ଦିବାରାତି) । ନାମ ବାଡ଼ି ବୃତ୍ତି ଏସବୁ କଥା ଚିନ୍ତା କରି ଆଖିରୁ ଲୁହ ହିଁ ବହିଥାଏ । ନିରନ୍ତର ଆଶା ଭରସା କରୁଥିବା ହେତୁ ତାଙ୍କର ନାମ ନୀଳମଣି । ସବୁ ଦୁଷ୍କୃତ ଦୁଷ୍କଙ୍କର ବିନାଶ କରିଛ ତାହା ତୁମର ଅର୍ଜିଲା କୀର୍ତ୍ତି । ଅଜ୍ଞାନୀ ଜନ ଯେଉଁମାନେ, ସନ୍ଥ ଭକ୍ତ ହୋଇଛନ୍ତି, ତେଣୁ ତୁମର ନାମ ଯଦୁପତି । ଯୋଗେଶ୍ୱର ଶ୍ରୀକୃଷ୍ଣ ଯଦୁବଂଶରେ ଅବତରିତ ହୋଇଥିଲେ ।) ମୋକ୍ଷକାମୀ ଦାନୀ ହୃଦୟରେ ଅହର୍ନିଶି ଧର୍ମ ଅତିଥିସେବା ଆଦି ଅନୁରାଗ ଜାଗରିତ କରି ଦୁଃଖୀଜନଙ୍କୁ ସୁଖୀ କରି ପାଳନ କରିବା ନିମନ୍ତେ ତୁମର ନାମ ମୋକ୍ଷକାମ ଓ ଦାରିଦ୍ର୍ୟ ଭଂଜନ । ଜଗତ ଜଂଜାଳର ଦ୍ୱାଦଶ ବନ୍ଧ ମୁକ୍ତ କରିବାକୁ ଭଜନକୀର୍ତ୍ତନ ସଂକୀର୍ତ୍ତନ ଆରମ୍ଭ କରି ତୁମର ନାମ ନିତାଇ ଚୈତନ୍ୟ, ତୁମର ତାତ ମାତ ତୁମକୁ ସତ୍ୟ କେଶବ ଜଗଜ୍ଜୀବନ ନାମ ଦେଇଛନ୍ତି । ଦ୍ୱାଦଶ ବନ୍ଧନ ଶରୀର ଓ ମନର ଯାହା ପ୍ରଭୁ ସନ୍ନିଧି ହେତୁ ବାଧକ । ଦୈତ୍ୟ ନାଶନ ବାନା ଉଡ଼ାଇ ହେ ବଜ୍ରସେହ୍ନା(କବଚ) ତୁମେ ଅବନୀର ଭାର ନିବାରଣ କରିଛ । ଗରୁଡ଼ ଆସନ ହେ ଦୁଃଖନାଶନ ! ତେଣୁ ତୁମର ନାମ ଗଦାଧର । ତୁମେ ସମସ୍ତ ସର୍ଜନାର ମୂଳ ଓ ଆଗତ ଭବିଷ୍ୟତ ସବୁର ଜ୍ଞାତା ତାର ପାଳକ, ତୁମେ ସର୍ବବ୍ୟାପକ ଓ ସର୍ବତ୍ର ବିରାଜିତ ଜୀବକୁ ନାନା ଜାଗତିକ ଭେଳିକିରେ ଭୁଲାଇ ରଖିଛ । ତେଣୁ, ତୁମର ନାମ ବିଶ୍ୱନାଥ । ଜୀବର ଭାଲପଟରେ ଲେଖି ନଟକୂଟ କରି ତୁମେ ଦର୍ପଣ ଛାୟାପରି ଦେଖାଉଛ । ତାହା ବାସ୍ତବ ନୁହେଁ ପ୍ରତିବିମ୍ବ । ପଞ୍ଚଭୂତ ମଧ୍ୟରେ ପ୍ରକୃତି ଭରି କେତେ ମାୟା ରଚନା କରୁଛ । ଦୁର୍ଲଭ ସଂସାରରେ ମନୁଷ୍ୟ ଶରୀର ଦେହ ବହି ନାରଖାର ହେଉଛି । ଖଣ୍ଡ ତୁଣ୍ଡେ ଦେଇ ହେ ଅନାଦି ଯୋଗେଶ୍ୱର ମୋତେ ଭଣୁଅଛ । କର୍ମକାଣ୍ଡ ବାଣୀର ଦୁର୍ଗତିକୁ ନେଇ ମୁଁ ଖଣ୍ଡ


ନିସୂଦନ କରିଥିଲ । ପର୍ଶୁରାମ ୨୧ ବାର ପୃଥିବୀକୁ ନିକ୍ଷତ୍ରିୟ କରିଥିଲ । (ତ୍ରେତୟାରେ ଶ୍ରୀରାମ- ସୀତାଙ୍କର ବିବାହ ପରେ ଅଯୋଧ୍ୟା ଫେରିବା ସମୟରେ ଶ୍ରୀରାମ ଭଗବାନ ପର୍ଶୁରାମଙ୍କର ଗର୍ବଖଣ୍ଡନ କରିଥିବା ସର୍ବବିଦିତ ଉପଖ୍ୟାନ ବି ରହିଛି ।) ସତ୍ୟ ଯୁଗରେ ଦାନ ନେଇ ବଳୀରାଜାଙ୍କର ବିଭୂତି ନାଶନ କରିଥିଲେ । ବାମନ ରୂପରେ ଜଗତ ନାୟକ ତ୍ରିବିକ୍ରମ ରୂପ ପ୍ରଦର୍ଶନ କରିଥିଲ । ଦାନୀ ଶ୍ରେଷ୍ଠ ବଳୀ । ଏହି ସର୍ବ ବିଦିତ ଆଖ୍ୟାନରେ ତିନି ପାଦରେ ଦାନ ସୂତ୍ରରେ ଆକାଶ ଓ ମର୍ତ୍ତ୍ୟ ନେଇ ତୃତୀୟ ପାଦ ସକାଶେ ସ୍ଥଳ ମାଗିବାରୁ ବଳୀ ବାମନଙ୍କୁ ତାହା ତାଙ୍କର ମସ୍ତକରେ ରଖିବାକୁ କହିଥିଲେ । ସେପରି ଭାବରେ ବାମନ ତାଙ୍କୁ ପାତାଳକୁ ଚାପି ଦେଇ ସେଠାରେ ଅଧିଷ୍ଠିତ କରାଇଥିଲେ । ଦଶରଥଙ୍କର ଘରେ ଋଷିପ୍ରସାଦୀ ହୋମାଗ୍ନି ଯଜ୍ଞରୁ ହେତୁ ଅବତରିତ ହୋଇ ରାବଣବଧ କରି ଜାନକୀ ଉଦ୍ଧାର କରିଥିଲ । (ତାହା ପରୋକ୍ଷରେ ପରମଭକ୍ତ ରାବଣଙ୍କୁ ମୋକ୍ଷଦାନ ଭାବରେ ମଧ୍ୟ ବିବେଚିତ) । ଯାଦବ ରାଜ ବସୁଦେବଙ୍କ ଘରେ (ଦେବକୀ ଗର୍ଭରେ) ଦ୍ୱାପରରେ ଜନ୍ମ ହୋଇ ଗୋପରେ ରହି ଶ୍ରୀକୃଷ୍ଣ ରୂପରେ ଦୁଷ୍ଟ ମଥୁରା ରାଜା କଂସକୁ ମାରି ଧରିତ୍ରୀର ଭାର ଉଶ୍ୱାସ କରିଥିଲ । (ଶ୍ରୀମଭାଗବତ ପ୍ରଭୁଙ୍କର ଲୀଳା ବିହାର, ଐଶ୍ୱର୍ଯ୍ୟ ପ୍ରଦର୍ଶନ ଓ ସର୍ବଶ୍ରେଷ୍ଠ ପ୍ରୀତିକାବ୍ୟ ।) ଅବନୀମଣ୍ଡଳରେ ଛଳରେ ହେ ଜଗତକରତା ଜଗତର ନାଥ! ତୁମେ ଦାରୁବ୍ରହ୍ମ ତେଜନେଇ ଅଧିଷ୍ଠିତ ହୋଇ ପାପୀପତିତମାନଙ୍କୁ ଗତିମୁକ୍ତି ପ୍ରଦାନ କରୁଛ । ତୁମେ ନିରାକାର ଦାରୁ ତେବେ ମଧ୍ୟ ଶଂଖ ଚକ୍ର ଗଦା ପଦ୍ମଧାରଣ କରିଛ । ତ୍ରିପୁର ଜଗତରେ ଅନ୍ୟାୟ ଅନାଚାର ବହୁତ ହୋଇ ଚାରିଧର୍ମ ନାଶ ଯିବାରୁ ତୁମେ ବୈଷ୍ଣବ ବେଶରେ କଲ୍କୀ ଅବତାର ହେଲ । ("କଲ୍କୀ' ଅବତରିତ ହୋଇ ନାହାନ୍ତି, ତାହା ଏକ ସଂକଳ୍ପ) । ଚାରି ଧର୍ମ ଅର୍ଥାତ୍ ଯାହା ଆଶ୍ରମ ଭାବରେ ବିଦିତ - ତାହା - ବ୍ରହ୍ମଚର୍ଯ୍ୟ, ଗାର୍ହ୍ୟସ୍ଥ୍ୟ, ସନ୍ୟାସ ଓ ବାନପ୍ରସ୍ଥ । ନରଦେହରେ କେହି ବି ଭଜନର ସୁଖସୀମା ପାଇଲେ ନାହିଁ । ସେହି କାରଣରୁ ଏକାକ୍ଷର ଜଗତ ବିଖ୍ୟାତ ଦୀକ୍ଷାର ରଚନା ମହିମାସ୍ୱାମୀ କରିଛନ୍ତି । ତହିଁରୁ ଅମୃତ ଝରୁଛି, ତୁମେ ଯଦି ସାଧୁ ସୁଜ୍ଞ ହୋଇଥାଅ ସତ୍ୟ ମନରେ ପାନ କର । ଜ୍ଞାନନେତ୍ରରେ ଦେଖି ମଧୁ ଝରୁଥିବା ଅନୁଭବ କର । ପ୍ରଭୁ କ୍ଷତ୍ରୀଗଣଙ୍କୁ ଖଣ୍ଡା କାତି ଦେଇ ଭ୍ରମଣ କରିବେ । ଏକୋଇଶ ଅଙ୍କରୁ ପୃଥିବୀର ସାଧ ହେବ ଓ ବୀର ଛତି ଉଡୁଥିବ । ଏହା ଭବିଷ୍ୟବାଣୀ । ସେ ଦୁଷ୍ଟ ଦଳନ କରିବେ, ସତ୍ଯ ପାଳନ

କରିବେ । ପ୍ରଜାଜନଙ୍କର ରକ୍ଷଣ କରିବେ । କଳିଯୁଗ ଶେଷ ହେବ ଓ ସତ୍ୟର ଆରମ୍ଭ ହେବ ଓ ଅନାଦି ଅନନ୍ତ ପ୍ରଭୁ ରାଜା ବୋଲାଇବେ । *(ଏକ ଆଲେଖ୍ୟରେ କେତେକ ପ୍ରାଚ୍ୟ - ପାଶ୍ଚାତ୍ୟ ଭବିଷ୍ୟବକ୍ତା ୨୦୨୦ରେ କଳିର ଅନ୍ତ ହେବ ବୋଲି କହିଛନ୍ତି । ଏକୋଇଶି ଅଙ୍କ କ'ଣ ୨୦୨୧ ଓ ସତ୍ଯ କବି ସେଠାରୁ ସତ୍ୟର ଆରମ୍ଭ ହେବ ବୋଲି କହିଛନ୍ତି ?)* ପ୍ରତି ସମୟରେ ଅଣବିଚାର ଫଳରେ କେବଳ କଳି ହିଁ ହେଲା, କିନ୍ତୁ ସତ୍ୟଯୁଗରେ ନକରାତ୍ମକତା ସକରାତ୍ମକ ହେବ ଓ ସତ୍ୟ ହିଁ ବଳଶାଳୀ ହେବ । ଜଡ଼ ଚକ୍ରପାଣି ବିଜେ ହେବା ଫଳରେ ପଣ୍ଡିତ ଜ୍ଞାନୀ ହେବେ । ସତୀ ଭାବରେ ପତି ସେବାରେ ନିଯୋଜିତା ହୋଇ ସ୍ତ୍ରୀମାନେ ବ୍ରହ୍ମଜ୍ଞାନୀ ହେବେ, ଅର୍ଥାତ୍ ସୁଖ ଶାନ୍ତିର ପ୍ରତିଷ୍ଠା ହେବ । ଚାରି ଧର୍ମ ଚାରି କର୍ମ ଅନୁଶାସିତ ହୋଇ ଚଉବର୍ଗ ଦାୟକ ହେବେ । ଅନାୟାସ ସମସ୍ତେ ଐଶ୍ୱର୍ଯ୍ୟବନ୍ତ ହେବେ । ଲକ୍ଷ୍ମୀ ଠାକୁରାଣୀ ପଡ଼ି ଚରଚା କରିବେ ଓ ସମସ୍ତେ ପୂର୍ଣ୍ଣଭୋଗ କରିବେ । (ଚାରିଧର୍ମ- ଆଶ୍ରମର ସୂଚନା ଦେଇଛି । ଚାରିକର୍ମ ହେଉଛି ଧର୍ମ, ଅର୍ଥ, କାମ, ମୋକ୍ଷ ଓ ଚଉବର୍ଗ- ଧନ, ଜନ, ଗୋପ, ଲକ୍ଷ୍ମୀ- ଅନୁବାଦକ) । କାଳ ଜଳର ନଈ ଭସାଇ ଦେଉଛି, ଲହଡ଼ା ଘାତ ମାରୁଛି, ହେ ଆଦିବ୍ରହ୍ମ ଅବଧୂତ! ତାହା ପାର କରିବାକୁ ମୋତେ ନିମିଷମାତ୍ରକ ଦୟା କର । ମାୟାରେ ବନ୍ଧନ କରି ମୋର ଧ୍ୟାନ ଧାରଣା ବିଚଳିତ କରୁଛି । ପ୍ରତ୍ୟକ୍ଷ ଜାଣୁଛି ତୁମେ ଯେମିତି ବନଶୀରେ ମାଛ ପରି ଲଗେଇ ରଖିଛ । ଏକପାଦ (ଅଦ୍ୱୈତ ବ୍ରହ୍ମ)ସବୁରି କରତା । ଏହା ସିଦ୍ଧ ଅମୃତ ବଚନ । ଆନନ୍ଦ ମନରେ ଭୀମ କନ୍ଧ ଏହି ଦୁଇଶ ପଦର ଭଣିତା କରିଛି ।

❐❐❐

କବିତାରେ କବିତାରେ ବାଜପେୟୀ


● ବିଭୂତି ଭୂଷଣ ସେନାପତି



କବିତା ମଣିଷର ସଂସ୍କୃତି ଓ ଇତିହାସର ସଂବାହକ । ତାହା ସ୍ମୃତିରେ ଥାଏ ଏବଂ ଭାଷାରେ ଓ ଶବ୍ଦରେ ପ୍ରକାଶିତ ହୁଏ । ଭାଷା ଓ ଶବ୍ଦ ସଂସ୍କୃତିର ବହୁ ଆୟାମୀ କେନ୍ଦ୍ରରେ ଥାଏ । ବସ୍ତୁ ଜଗତର ଦୃଶ୍ୟମାନ ଭୂମିଗୁଡ଼ିକ ଅମୂର୍ତ୍ତଭାବ ଜଗତର ପ୍ରତୀକ ତାହା ଭାଷାରେ ଅଭିବ୍ୟକ୍ତ । ସେହି ଦୃଷ୍ଟିକୋଣରୁ ବିଚାର କଲେ ୧୯୨୪ ମସିହା ଠାରୁ ଆରମ୍ଭ କରି ୨୦୧୮ ମସିହା ପର୍ଯ୍ୟନ୍ତ କବି ଅଟଳ ବିହାରୀ ବାଜପେୟୀଙ୍କ ଜୀବନ ରୀତିନୀତିର ପଶାଖେଳ ଭିତରେ କବିତାର ଭାବତରଙ୍ଗିଣୀକୁ ଦୁଇଟି ପର୍ଯ୍ୟାୟରେ ନୂତନ ସ୍ୱାଦଭରି ଦେଇଥିଲା । ଗୋଟିଏ ହେଲା ସର୍ବସାଧାରଣଙ୍କ ସେବା ଅନ୍ୟଟି ନିରୋଳ ନିର୍ଜନତାର ପ୍ରତିଧ୍ୱନି । ବାଜପେୟୀଙ୍କ ସଂସଦ, ରାଜନୀତି, ଭାଷଣ ସବୁ ସକାଳର ସମ୍ବାଦ ପରିବେଷିତ ତାହା ମଣ୍ଡନ କରେ ସମ୍ବାଦପତ୍ରର ପୃଷ୍ଠା । କିନ୍ତୁ କବିତାର ଆତ୍ମିକତାର ଅନୁଭବ ତାଙ୍କ ଆତ୍ମାରେ ଦସ୍ତାବିଜ ହୋଇ ରହେ । ସେଇଟିଥାଏ ଆବେଗ, ଅନୁଭୂତିପ୍ରତି ବିଶ୍ୱସ୍ତତା ଓ ଚଉପାଶର ଜୀବନପ୍ରତି ପ୍ରଗାଢ଼ ଅନୁରାଗ ।

କବି ଦିନେ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ ଲେଖିଥିଲେ ଦଶମ ଶ୍ରେଣୀରେ ତାଜହମଲ ପରି ଏକ ମନନଶୀଳ କବିତା କିନ୍ତୁ ସେଥିରେ ରୂପସୀ ତାଜମହଲର ସୌନ୍ଦର୍ଯ୍ୟ ବର୍ଣ୍ଣନା ନଥିଲା । ମାତ୍ର ତାର ନିର୍ମାଣ କେତେ ଶୋଷଣ ଉପରେ ଆଧାରିତ ତାହାହିଁ ଥିଲା । ତାଙ୍କ କବିତାର ଆଧାର ବହୁ କବିତା ଲେଖିବା ପାଇଁ ତାଙ୍କର ଶବ୍ଦ ବ୍ରହ୍ମର ବ୍ୟବହାର ପ୍ରୟାସୀ ହୋଇଥିଲା । କିନ୍ତୁ ତନ୍ମଧ୍ୟରୁ ନିର୍ବାଚିତ କବିତା ଥିଲା ମାତ୍ର ଚାଳିଶଗୋଟି । ସେଥିରେ ଥିଲା ଏକ ସଚ୍ଚୋଟ କବିର ଅନ୍ତରାତ୍ମାର ଗଭୀର ଆବେଗ ଓ ଚତୁଃପାର୍ଶ୍ୱରେ ଜୀବନପ୍ରତି ପ୍ରଗାଢ଼ ଅନୁରାଗ । "ପ୍ରଭୁ ହେ ! ମୋତେ କେବେହେଲେ ଏତେ ଉଚ୍ଚତାରେ ଥାପି ଦିଅନି କି ମୁଁ କାହାରିକୁ ଆଲିଙ୍ଗନ କରିପାରିବିନି । ଗଳାରେ ଲଗାଇ ପାରିବିନି; ମୋତେ ଏପରି ଶୂନ୍ୟତା କେବେ ଭରିଦିଅନି ।" ଶୂନ୍ୟତାକୁ ସାମ୍ନା କଲେ ମଧ୍ୟ ସେ ଭିଡ଼ରେ ହଜିଯିବାକୁ ଓ ସ୍ମୃତିରେ ବୁଡ଼ିଯିବାକୁ ଚାହିଁଛନ୍ତି । ତାହାହିଁ ତାଙ୍କର ପ୍ରାର୍ଥନାର ସ୍ୱର । ୨୦୦୪ ମସିହାରେ ଓଡ଼ିଶାର ପ୍ରତିଷ୍ଠିତ କବି ସୀତାକାନ୍ତ

ମହାପାତ୍ର ତାଙ୍କର "ମେରି ଇକ୍ୟାବନ କବିତାଏଁ"ରୁ ମାତ୍ର ଚାଳିଶଟି ଅନୁବାଦ କରିଛନ୍ତି । ସେହି କବିତାଗୁଡ଼ିକ ଚାରିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ଯଥା; ଦେଶପ୍ରେମ, ମାନବ ପ୍ରକୃତିପ୍ରେମ ମାଧ୍ୟମରେ ଅନ୍ତରାତ୍ମିକ ବେଦନା ଓ ଆଧ୍ୟାତ୍ମିକତା ବଳୟ ମଧ୍ୟରେ ଜୀବନର ଫିନ୍‌ଫିନ୍ ଧଳାଲୁଗାର ମଳିନତା "ଇତ୍ୟାଦି ଇତ୍ୟାଦି ଯେଉଁଠି ସେ ମୃତ୍ୟୁ ବରଂ ଶ୍ରେୟ ମୁଁ ଯେତେବେଳେ ଏଇଠି ପାଖରେ କାନ୍ଦୁଛି କେହି କୋଉଠି ନଥାନ୍ତି ଦୂରରେ କିଏ ଜଣେ କାନ୍ଦୁଛି ।"



ଜନ୍ମଦିନରେ ଆମେ ଖୁସି କାହିଁକି ପାଳନ କରୁନୁ ମରଣ ପର୍ବ, ଅନ୍ତିମ ଯାତ୍ରା ଅବସରରେ ଲୁହ ହିଁ ଅଶୁଭ ସୂଚକ । (ଦୂରରେ କିଏ କାନ୍ଦୁଛି ପୃ ୨୦) ହସଖୁସିରେ ପରିପୁଷ୍ଟ ଜୀବନ ଆଗାମୀ ସମୟରେ ଏକ ନୂଆ ସମୟକୁ ସାକ୍ଷାତ କରେ । ଯେଉଁଠି ଥାଏ ସ୍ମୃତି ଭିଜା ବୈଶାଖୀର ତପ୍ତ ମରୁବାଲି । ପୁଣି ତାରାକୁ ଲକ୍ଷକରି କବି ବାଜପେୟୀ ଲେଖନ୍ତି ନୂଆଗୀତଟିଏ ଗାଉଛି କବିତାରେ- *"ଚୂନା ହୋଇ ଯାଇଥିବା ତାରାରୁ ଭାସି ଆସୁଛି ବସନ୍ତର ସ୍ୱର, ପଥର ଛାତି ଉପରୁ ଉଙ୍କି ମାରୁଛି ନୂଆ ଅଙ୍କୁର, ଝଡ଼ିଗଲାଣି ସବୁ ହଳଦିଆ ପତ୍ର, ସରିଗଲାଣି କୋଇଲିର କୁହୁକ ରାତ୍ରି, ମୁଁ ଦେଖୁଛି ନୂଆ ଗୀତଟିଏ ଗାଉଛି ।* "କବି ବାଜପେୟୀ ଜୀବନର ଦୋଛକି ରାସ୍ତାରେ କାମନାର ଆୟାସ ସାଉଁଟିବାରେ ବ୍ୟସ୍ତ । ଜୀବନର ସତ୍ୟ ଓ ନ୍ୟାୟର ପଥିକ ସାଜି କବି "ନଇଁବୁ ନାହିଁ" କବିତା ଲେଖିବାରେ ବ୍ୟସ୍ତ ହୋଇ ପଡ଼ିଛନ୍ତି ସତେ ଯେପରି ଜୀବନର ସତ୍ୟନ୍ୟାୟ ଗୋଟିଏ ଗୋଟିଏ ଗଜରାମାଳ । "ଭାଙ୍ଗିଯିବୁ ପଛେ ନଇଁବୁ ନାହିଁ । ସତ୍ୟର ସଂଘର୍ଷ ପ୍ରବଂଚନା ସହିତ, ନ୍ୟାୟ ଲଢୁଛି ସ୍ୱେଚ୍ଛାଚାରିତା ବିରୁଦ୍ଧରେ, ଅନ୍ଧାର ଆହ୍ୱାନ ଦେଇଛି ଅନ୍ତିମ କିରଣ ଅସ୍ତ ହେଉଛି । ହୀରୋସୀମା ନାଗାସାକିର ଭୀଷଣ ନରସଂହାର ଖବର ଶୁଣି ତାଙ୍କୁ ରାତିରେ କେମିତି ନିଦ ହୋଇଥିବ ? ? (ହୀରୋସୀମାର ଦୁଃଖ, ପୃ ୨୬)

ଅତୀତତର କଥାକୁ ସ୍ମୃତି ପଟଳରେ ଆଙ୍କି କବି ମନେ ପକାଇଛନ୍ତି "ନୂଆମାଇଲ ପଥର" କବିତାରେ - "ପିଲାଦିନ ବହୁତ କିଛି ମନେ ପଡ଼େ ଯୌବନ ରସଭରା ଘଟ ଆଣି ପହୁଁଚେ, ଋତୁ ବଦଳେ, ଛାଇ ଲମ୍ବେ, ଘଟରୁ ଜଳ ସରି ଆସେ, (ପୃ୨୮)।" ସତ୍ୟର ସଂଧାନ କରି କବି ଯକ୍ଷକୁ ପ୍ରଶ୍ନ ପଚାରନ୍ତି- ସତ୍ୟ କ'ଣ? ହବାନା ନ ହବା? କିମ୍ବା ଦୁହେଁ ସତ୍ୟ? ଯାହା ଅଛି, ତାହା ନ ହବା ହିଁ ସତ୍ୟ (ଯକ୍ଷ ପ୍ରଶ୍ନ ପୃଷ୍ଠା୨) ମହାତ୍ମାଗାନ୍ଧୀଙ୍କ ପାଖରେ ନିଜର ମନ ପ୍ରାଣ ଅଜାଡ଼ି ଦେଇ ସେ କହନ୍ତି- କ୍ଷମା ପ୍ରାର୍ଥନା ମଧ୍ୟ କରନ୍ତି। "ଆମକୁ କ୍ଷମାକର ବାପୁ! ବଚନ ରଂଗରେ ଆମେ ଅପରାଧୀ, ରାଜଘାଟକୁ ଅପବିତ୍ର କଲୁ, ଲକ୍ଷ୍ୟ ଭୁଲିଲୁ ଯାତ୍ରା ଅଧା ରହିଲା।" (କ୍ଷମାପ୍ରାର୍ଥନା ପୃଷ୍ଠା୪)। ଦେଶ ଭିତରେ ଘଟୁଥିବା ଅନ୍ୟାୟ ଅନୀତି ଓ ନାରୀ ନିର୍ଯ୍ୟାତନାକୁ ଲକ୍ଷ୍ୟ କରି ସେ କବିତା ଲେଖନ୍ତି- ଆଜି ସିନ୍ଧୁ ବକ୍ଷେ ଜୁଆର ଉଠିଛି, ହିମାଳୟ ପୁନଶ୍ଚ ଡାକୁଛି" (ପୃ୪୧) ମନେ ପକାଇବା ଆମେ ଜୁଲମ ଅତ୍ୟାଚାରର ତିରିଶ ବର୍ଷକୁ, ସୈନିକର ବୁଟ୍ ତଳେ କ୍ରାନ୍ତି ଆଉ ଜଳୁଥିବା ନିଆଁର ଝୁଲକୁ।" ଶେଷରେ ଶାନ୍ତିର କପୋତ ସାଜି ଯୁଦ୍ଧ ପଥର ଯାତ୍ରୀ ନୁହେଁ ବୋଲି କହନ୍ତି- ଆମେ ଯୁଦ୍ଧ ହେବାକୁ ଦେବୁ ନାହୁଁ, ବିଶ୍ୱଶାନ୍ତିର ଆମେ ସାଧକ (ପୃ୬୫) ଏହି ସବୁ ଦୃଷ୍ଟିକୋଣରୁ କବି ବାଜପେୟୀ ଆମର ଚିରନମସ୍ୟ ରାଜନୀତିର ସାପଶିଢ଼ି ଖେଳରେ ତମାମ ଜୀବନକୁ ସମର୍ପି ଦେଇଥିବା ଚରିତ୍ରଟିର ନାମ ବାଜପେୟୀ। ନିତ୍ୟ ଓ ପ୍ରତ୍ୟହ ସେ ସାଉଁଟିଛନ୍ତି ଅଜସ୍ର ପ୍ରତ୍ୟକ୍ଷ ଅନୁଭବ ଓ ଅନୁଭୂତି ଯାହା ପ୍ରତ୍ୟେକ ବ୍ୟକ୍ତି ସାମ୍ନା କରନ୍ତି। କିନ୍ତୁ ଅଟଳଜୀ ଥିଲେ ରାଜନୀତି ଚେସ୍‌ବୋର୍ଡ଼ର ଏକ ବ୍ୟତିକ୍ରମ ବ୍ୟକ୍ତି। ଦିନତମାମ ସଂଗୃହୀତ, ମୁକାବିଲା କରିଥିବା ପ୍ରକୃତି, ଚରିତ୍ର, ଘଟଣାମାନଙ୍କୁ ସେ ଏକ ନିରୋଳ ମୁହୂର୍ତ୍ତରେ ଶବ୍ଦ ସଜାଣରେ ବସାଣ କରନ୍ତି। ସମଗ୍ର ଦିବସର ଅସମ୍ଭବ କ୍ଲାନ୍ତ, ଅବସନ୍ନ ବାଜପେୟୀ ତାଙ୍କ କାବ୍ୟପୁରୁଷଙ୍କୁ ଭେଟନ୍ତି ଓ ସିଏ ହିଁ ତାଙ୍କୁ ଭାବ ସମୁଦ୍ରରେ ନିକ୍ଷେପ କରେ ଯା'ର ପରିସ୍କାର, ପରିଚ୍ଛନ୍ନତା ଆମେ ତାଙ୍କ ବ୍ୟକ୍ତିତ୍ୱରେ, କବିତାରେ ଦେଖିଥାଉଁ।

କୋହ୍ନ ହାଇସ୍କୁଲ, ତିହିଡ଼ି, ଭଦ୍ରକ

❐❐❐

ବିଷାଦ ଓ ବେଦନାର ବିଧୂରା ନାୟିକା- ମଲ୍ଲିକା ଏକା ଏକା

● **ପ୍ରୀତିଲତା ପଣ୍ଡା**



ହୃଦୟର ଆବେଗକୁ ନୈବେଦ୍ୟ କରି ଯିଏ ବାଢ଼ିଦିଏ ରାଶିରାଶି ଶବ୍ଦର ସୁକୃତି, ମନର ଉଚ୍ଛ୍ୱାସକୁ ମହାପ୍ରସାଦ କରି ଯିଏ ଯାଚିଦିଏ କେତେ କେତେ ମନସ୍କାମନା, ମୁଠାଏ ପବିତ୍ର ଆଶ୍ଳେଷକୁ ନେଇ ଯିଏ ରଚୁଥାଏ ଅଷ୍ଟମ ସ୍ୱର୍ଗର ଅର୍ଘ୍ୟ, ବେଦାଙ୍ଗର ସ୍ୱର୍ଗରେ ତିଆରୁଥାଏ ମହାରାସର ମନ୍ଦିର, ସେ ତ ସେହି ଅଦୃଶ୍ୟ ବଂଶୀର ଡାକରେ ଅଧୀରା କେହି ଜଣେ ନିଃସଙ୍ଗ ନାୟିକା, ଯାହାର ଅପେକ୍ଷାରେ ଥାଏ ଜୀବନର ଅବବୋଧ, ପ୍ରାପ୍ତରେ ପହଁରୁଥାଏ ନିସ୍ତରଂଗ ଜଳର କାକୁତି, ଆଉ ପ୍ରତିଟି ପ୍ରଶ୍ୱାସରୁ କଅଁଳୁଥାଏ ଅନୁରାଗର ଡାଳପତ୍ର। ପୁଣି କେଉଁ ନିଶାର୍ଦ୍ଧର ଅନ୍ତରଂଗ ଡାକରେ ଯିଏ ଆତ୍ମୀନ ହୋଇ ଯାଉଥାଏ ତମାମ କ୍ଲାନ୍ତିର ଅଙ୍ଗଟପଣରେ, ସଜାଉଥାଏ ଯିଏ ଏକାତ୍ମପଣର ଅଂଗବାସ, ସତରେ ନିଜ ସହ ନିଜେ ଲଢ଼େଇ କରି ବାରମ୍ବାର ଲହୁଲୁହାଣ ହୋଇଥିବା ସେହି ନାୟିକା ଜଣକ ମଲ୍ଲିକା ବ୍ୟତୀତ ଆଉ କିଏ ବା ହୋଇ ପାରେ?

ସେ ତ ମିଠାମିଠା ବାସ୍ନାରେ ମହକି ଯାଉଥିବା ମାଟିକୁ ଧୀର ସ୍ୱର୍ଶଟିଏ ଫିଙ୍ଗି ଦେଇ ଆକାଶକୁ ଉଡ଼ି ଯାଇଥିବା ଅମାନିଆ ପବନ ଯିଏ ମଉଳା ଅପରାହ୍ନରୁ ସାଉଁଟି ନିଏ ସକାଳର ମନ୍ତ୍ରୋପଚାରଣ, ଜୀବନର ଅପୂର୍ଣ୍ଣ ପ୍ରଣୟ ପାତ୍ରରେ ଭରିଦିଏ ପୂର୍ଣ୍ଣତାର ଅମୃତ, କେଉଁ ଅନାହତ ବଂଶୀର ଡାକରେ ଫିଟିପଡ଼େ ଯା'ର ବନ୍ଦ କୋଠରୀ ଦ୍ୱାର, ଝରିପଡ଼େ ଶୂନ୍‌ଶାନ ଅପରାହ୍ନର ସ୍ୱପ୍ନର ଚଟାଣ ଉପରେ ମୁଠାମୁଠା କୃଷ୍ଣଚୂଡ଼ା, କାହା ଆବିର୍ଭାବର ଅପେକ୍ଷାରେ ପଡ଼ିଥାଏ ଦେହଦାହ ତୁମମନ। କାହା ପାଇଁ ପାଲଟି ଯିବାକୁ ଚାହେଁ ସେ ନୈବେଦ୍ୟ, ନିଶିଗନ୍ଧା ଅଥବା ମଲ୍ଲିକା ଯାର ପୂରିଲା ପୂରିଲା ଅନୁରାଗରେ, ଆବେଗରେ, ଅନନ୍ତ ଶୂନ୍ୟତା- ନିତ୍ୟନିରବତା। ସତେ ଯେପରି ସିଏ 'ନିଜ କବିତାରେ ଦୁଃଖର ଧାଡ଼ିଟିଏ ଯିଏ ତୁଳସୀ ଗଛ ପରି ବଂଚେ ଏକ ନୂତନ ସକାଳର ଲୋହିତ ଆଲୋକକୁ ଅପେକ୍ଷା କରେ।

ହୁଏତ କେଉଁ ଅପ୍ରାପ୍ତ, ଅସନ୍ତୋଷ ଅଥବା ଆତ୍ମପୀଡ଼ନ ହାତ ଧରି ଡାକିନିଏ

ଶ୍ରୀମତୀ ଇନ୍ଦିରା ଦାଶଙ୍କ କବିତା ଜଗତ ଆଡ଼କୁ, ଯେଉଁଠି ସେ ଯୁଗଯୁଗ ଅପେକ୍ଷା କରନ୍ତି ମଗ୍ନ ମଉନ ତପସ୍ୱିନୀଟିଏ ପରି ଏକାନ୍ତ ଆପଣାର ମନର ମଣିଷ କାବ୍ୟ ନାୟକଙ୍କୁ ।

ଖୋଜିବାରେ ନୁହେଁ, ପାଇବାରେ ନୁହେଁ, କେବଳ ହଜିବାରେ ଆନନ୍ଦ ପାଉଥିବା ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ସ୍ୱର୍ଦ୍ଧିତ ପ୍ରତିଭା କବୀ ଶ୍ରୀମତୀ ଇନ୍ଦିରା ଦାଶ ଏକ ବହୁଚର୍ଚ୍ଚିତ ନାମ । ନିଜକୁ ହଜାଇବାରେ ତାଙ୍କର ପ୍ରାପ୍ତିବୋଧ । ହଜାଇ ଦେଇଛନ୍ତି ସେ ମନ, ହଜାଇ ଦେଇଛନ୍ତି ହୃଦୟ, ହଜାଇ ଦେଇଛନ୍ତି ପ୍ରାଣ, ହଜାଇ ଦେଇଛନ୍ତି ସ୍ୱପ୍ନ, ଆଉ ଯେଉଁଠି ସେ ହଜିଛନ୍ତି ତାହା ହେଉଛି ତାଙ୍କ ଚିର ସବୁଜ ସ୍ମୃତିର ସରହଦ । ଅତୀତର ସୁନାଝରା ଦିନ ସବୁ ବାରମ୍ବାର ଆବୋରି ବସେ ତାଙ୍କ ସ୍ମୃତି ପଟଳକୁ । ସଜେଇ ହୁଏ ନାନା ରୂପକଳ୍ପରେ । କେତେବେଳେ ଫୁଲ ତ କେତେବେଳେ କଣ୍ଢା, କେତେବେଳେ ଭୁରୁଭୁରୁ ମହକ ତ ଆଉ କେତେବେଳେ ବିରହ ଜ୍ୱାଳାରେ ଦଗ୍ଧିଭୂତ କୃଷ୍ଣଚୂଡ଼ାର ଶେଯ । ସବୁ ଲୁଚକାଳି ଖେଳନ୍ତି ତାଙ୍କ ସ୍ମୃତିର ଇଲାକାରେ । ବର୍ଷାର ଭିଜାଭିଜା ମାଟିର ବାସ୍ନାରେ, ହଳଦୀ ପାଟ ପିନ୍ଧି ସୋରିଷ କ୍ଷେତର ରଂଗରେ ଚମକୁଥିବା ଦିନମାନଙ୍କର ଦସ୍ତାବିଜକୁ ପଢ଼ି ବସିଲାବେଳେ ଲୁହରେ ବତୁରି ଯାଏ ତା ଆଖି, ଛାତିକୁ ଦୋଲାଇ ଦିଏ ଅବସୋସ ।

ପୁଣି ସହସା ସ୍ମୃତି ଉଭେଇ ଯାଏ । ସ୍ୱପ୍ନ ହଜିଯାଏ । ସେ ଫେରି ଆସନ୍ତି ବାସ୍ତବ ଦୁନିଆର ଦୁଃଖର ଦରିଆ ଭିତରକୁ । ଚାରିଆଡ଼େ ଲାଗେ ଶୂନ୍‌ଶାନ୍ । ଆହତ ଅଭିପ୍ସାର ପଶ୍ଚିମ ଦିଗ୍‌ବଳୟରେ ସେତେବେଳେ ଝଲସୁଥାଏ ଅସ୍ତଗାମୀ ସୂର୍ଯ୍ୟର ବୋଇତ । ନିଃସଙ୍ଗତାର ସଂବେଦନା ଭିତରେ ପାଦ ଚିପି ଚିପି ବି ଆସୁଥାଏ ବୟସର ସଂଜ । ନିଃସଙ୍ଗ କବିଟିଏ ପାଇଁ ଆଉ କ'ଣ ଆପଣାର ଥାଏ ଯେ ! କେବଳ ଛାତି ତଳର ତତଲା ନିଶ୍ୱାସ ତ ତା'ର ପାଥେୟ । ସ୍ମୃତି ତ ତାଙ୍କର ସବୁଦିନେ ଡହଳ ବିକଳ- ଲୁହଲହୁରେ ଟଳମଳ । ତଥାପି କବିଙ୍କୁ ବଂଚିବାକୁ ହେବ ଜୀବନର ଗତାନୁଗତିକ ଧାରା ଭିତରେ, ସକାଳ-ସଂଜର ଆଲୁଅ-ଅଂଧାରରେ । ସ୍ମୃତିର ଶ୍ମଶାନରେ ସମାଧି ଦବାକୁ ହେବ ସବୁ ଆଲୋଡ଼ନକୁ, ଯାବତୀୟ ସମ୍ମୋହନକୁ, ସକଳ ସଂବେଦନାକୁ । ସବୁ ଉଚ୍ଛୁଳା ଉନ୍ମାଦନା କ୍ରମଶଃ ଶବ ପାଲଟି ଯାଇଛି ସମୟର ସଂଘାତରେ । ତେଣିକି ଜୀବନକୁ ବୁଝିବାକୁ ହେବ ନୂଆକରି, ଦୁଃଖର ସାନ୍ନିଧ୍ୟ ଭିତରେ, ଜହର-ଯାତନା ଭିତରେ ।

ବାସ୍ତବରେ ଶ୍ରୀମତୀ ଦାଶଙ୍କର କବି ଚେତନାର ବ୍ୟକ୍ତିକ ଆବେଗ ସୃଷ୍ଟି

କରିଛନ୍ତି ଏକ ସମ୍ମୋହନ ଯାହାର କଳାତ୍ମକ ରୂପ ହେଉଛି ତାଙ୍କର କବିତା ସଂକଳନ "ମଲ୍ଲିକା ଏକା ଏକା" । ପ୍ରତି ଶବ୍ଦରେ ଏକ ଅନନ୍ୟ ମନ୍ମୟତା ଯାହା କବିଙ୍କୁ ପହଞ୍ଚାଇ ଦିଏ ପାଠକଙ୍କ ହୃଦୟ ନିକଟରେ । ସଜଳ ସଂବେଦନାର ନିଗିଡ଼ା ମୋହରୁ ଝରିପଡ଼ୁଛି କେତେ ଯେ ଛଳଛଳ ପୁଣି ତତଲା ଶବ୍ଦ ସବୁ ! ସତ କହିବାକୁ ଗଲେ କବିର ବ୍ୟକ୍ତିକ ଯନ୍ତ୍ରଣା ସବୁ ଆପ୍ରାଣ ଚେଷ୍ଟା କରିଛନ୍ତି ନିରବୀ ଯିବାକୁ, ହେଲେ ପାରି ନାହାନ୍ତି । କି ଅଦ୍ଭୁତ ନିଆରା ସ୍ପଷ୍ଟ ସ୍ୱୀକାରୋକ୍ତି ! କି ଅଦମ୍ୟ ପ୍ରୟାସ ! କି ନୈର୍ବ୍ୟକ୍ତିକ ପ୍ରେମ ! ଏ ପାର୍ଥିବ ସ୍ନେହ ସୋହାଗର ଉର୍ଦ୍ଧ୍ୱରେ ନିଃଶବ୍ଦ କାବ୍ୟ ନାୟକ ଜଣେ କବିଙ୍କ ପାଇଁ ତାଙ୍କ ଅସ୍ତିତ୍ୱର ସବୁକିଛି । ଆଖିରେ ଆଖିଏ ଯନ୍ତ୍ରଣାବୋଧ, ଅସରା-ଅସରା ଦୁଃଖ, ତଥାପି ମଣିଷ ପରି ବଂଚିବାର ବିଶ୍ୱାସରେ ତାଙ୍କର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି । କିନ୍ତୁ ଜୀବନ ସଂଗ୍ରାମର ପାହାଚ ପରେ ପାହାଚ ଅତିକ୍ରମ କଲାବେଳେ ତାଙ୍କ ନିଃସର୍ତ୍ତ ପ୍ରେମର ଫୁଲ ବଗିଚାରେ ଦିଶିଯାଏ କେଉଁ ଏକ ପରକଟା ପ୍ରଜାପତିର ଛବି । ସେଇଥି ପାଇଁ ତ କାବ୍ୟନାୟକଙ୍କର ଅଦୃଶ୍ୟ ଉପସ୍ଥିତି ତାଙ୍କ ସାମଗ୍ରିକ ଜୀବନର କେନ୍ଦ୍ରବିନ୍ଦୁ ଯାଏ ଗତିଶୀଳ । ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ ଭାଷାରେ-

"ତୁମେ ଥିଲାବେଳେ / ପ୍ରତିବର୍ଷ ଗ୍ରୀଷ୍ମଋତୁରେ ବି / ନଈରେ ଡଙ୍ଗା ଚାଲୁଥିଲା / ଏବେ ଶ୍ରାବଣ ମାସରେ ବି / ନଈସାରା ନିରୁତା ବାଲିର ଚିତ୍ରକଳା ।" (ବର୍ଷା ଋତୁରେ ନଈ)

ତେବେ ଟି.ଏସ. ଇଲିୟଟ୍, ଏଜରା ପାଉଣ୍ଡଙ୍କ ମେଟାଫିଜିକାଲ ଶୈଳୀରେ ଲିଖିତ କବିତାରେ ଜୀବ, ପ୍ରେମ, ଈଶ୍ୱର ଓ ମୃତ୍ୟୁ ଭଳି ତତ୍ତ୍ୱଗୁଡ଼ିକୁ ଆଧାର କରିବା ପରିବର୍ତ୍ତେ କବୀ ଶ୍ରୀମତୀ ଦାଶ ବ୍ୟକ୍ତିଗତ ଜୀବନ ଓ ତହିଁର ପ୍ରେମକୁ ନେଇ ଏକ ସରଳ, ସ୍ୱର୍ଗଶୀଳ ରୂପରେଖ ଦେବାକୁ ସଫଳ ପ୍ରୟାସ କରିଛନ୍ତି । ନିଜ ଅସ୍ତିତ୍ୱର ବୁନ୍ଦାବୁନ୍ଦା କାକରରେ ସେ ଦେଖୁଛନ୍ତି ମୁହଁ, ନିଃସଂଗତାର ଏରୁଣ୍ଡିବନ୍ଧରେ ବସି ନିଜ ପାଇଁ ଶବ୍ଦ ଖୋଜୁଛନ୍ତି । ସେ ନିରୀକ୍ଷଣ କରିଛନ୍ତି ସଂସାରକୁ, ଅନ୍ୱେଷଣ କରିଛନ୍ତି ଜୀବନକୁ, ଏବଂ ଜୀବନ ମାଧ୍ୟମରେ ନିଜର ସ୍ଥିତିକୁ । ଏକଥା ଅନସ୍ୱୀକାର୍ଯ୍ୟ ଯେ ଯୁଗଯୁଗ ଧରି ସେ ସଂସାରୀ ହେଉ କି ସନ୍ନ୍ୟାସୀ ସମସ୍ତଙ୍କ ଦୃଷ୍ଟିରେ ନାରୀ ପଥର ମୂର୍ତ୍ତିଟିଏ ମାତ୍ର । ସତେ ଯେପରି ଚୂଲି ଓ ଶେଯ ବାହାରେ ତା'ର ଭିନ୍ନ ପରିଚୟ ବୋଲି କିଛି ନାହିଁ । ଶହଶହ ବର୍ଷ ଧରି ସେ ବିଡ଼ମ୍ବିତ ବିଚ୍ୟୁତ ଜୀବନଟଏ ବିତାଇ ଚାଲିଛି ଏବଂ ଦୀପଟିଏ ପରି ଦିକ୍‌ଦିକ୍ ଜଳି ଚାଲିଛି ପୁରୁଷର ଘର ଅଗଣାରେ ।

କାରଣ ଜନ୍ମ ପୂର୍ବରୁ ଶେଷ ହୋଇଛି ତା' ମରଣ ପାଇଁ ପ୍ରସ୍ତୁତି । ତେଣୁ ଜନ୍ମ ପରବର୍ତ୍ତୀ ଜୀବନ ତା'ପାଇଁ ଅସରନ୍ତି ଅଭିଶାପ । ସମୟ ଆଖିରେ ସେ ଚିରକାଳ ମାତ୍ର ଟୋପାଏ ଢଳଢଳ ଲୁହ, ପ୍ରତି ଜନ୍ମ ସେ ପାରିକୁଦ ମୁହାଣକୁ ପାରିହେବାକୁ ପ୍ରତୀକ୍ଷା କରି ବସିଥିବା କାଳିଜାଈ । ଭାଗ୍ୟର ହୁଲିଡଙ୍ଗାରେ ବୁଡ଼ି ଯାଉଥିବା ସେ ଏକ କରୁଣ ରାଗର ସାହାନାଈ । ତା' ଭିତରେ ଯନ୍ତ୍ରଣାର ଜାଗତିକ ଜ୍ୱଳନ, ଓଠରେ ତଥାପି ଝଲସୁ ଥାଏ ଆପଣାର କରିନେବାର ଚେନାଏ ମିଠା ପଣ । କିନ୍ତୁ ନାରୀ କଦାପି ହୋଇ ନପାରେ ଏକ ଶିଳ୍ପ ଅବା ବସ୍ତୁ । ସେ ତ ବାରମ୍ବାର ଜନ୍ମ ନେଉଥାଏ ମନ୍ତ୍ରଟିଏ ହୋଇ ଏ ପୃଥିବୀକୁ ମହିମାନ୍ୱିତ କରିବାକୁ, ନିଜ ମହକରେ ମହକିତ କରିବାକୁ ଧୂଳିମାଟି, ଆକାଶ ଓ ପବନକୁ । କବିଙ୍କ ଭାଷାରେ-

ବହୁ ବିଜ୍ଞାପନ ସତ୍ତ୍ୱେ / ସେ ଶିଳ୍ପ ନୁହେଁ / ବସ୍ତୁ ନୁହେଁ / ଏ ପୃଥିବୀକୁ ମହମହ କରିବାକୁ ଅସ୍ତ୍ରଟିଏ ଅବା ମନ୍ତ୍ରଟିଏ ହୋଇ / ବାରମ୍ବାର ଜନ୍ମ ନେଉଥାଏ । (ନାରୀ)

ସମାଜରେ ସମସ୍ତ ଜାଗତିକ ଅଧିକାରରୁ ବଂଚିତା ନାରୀ ଯେଉଁଦିନ ଠାରୁ ଅନ୍ତର୍ମୁଖୀ ହେବାକୁ ଆରମ୍ଭ କଲା ବୋଧହୁଏ ସେହିଦିନ ଠାରୁ ପ୍ରେମ, ପ୍ରଣୟ ଓ ପରିବାର ତା' ପାଇଁ ପୃଥିବୀର ସର୍ବଶ୍ରେଷ୍ଠ ଐଶ୍ୱର୍ଯ୍ୟ ଭାବେ ଲୋଭନୀୟ ହୋଇ ଉଠିଲା । ନାରୀ ସ୍ୱାଧୀନତାର ଅନ୍ୟତମ ପ୍ରବକ୍ତା ସିଗୁନ ଦ ବାରୁଆଙ୍କ ମତରେ "Than she can yield with passion to the magic of erotilism, darkness becomes light, the loving woman can open her eyes, can look upon the man who loves her and whose gaze glorifies her, through him nothingness becomes fullness of being is transmuted into worth, she can no longer sinks in a sea of shadows, but is borne upon wings, exacted to the skies. Abandon becomes scared acstncy." (Second sex- trans- H.M. Parshley)

ନାରୀ ଯେତେବେଳେ ପୁରୁଷକୁ ନିଜ ଆଶ୍ରୟଦାତା ପ୍ରଭୁ ନୁହେଁ, ସାଥୀ ଭାବେ ପାଇବାକୁ ସକ୍ଷମ ହୁଏ, ସେତେବେଳେ ତାକୁ କେନ୍ଦ୍ରକରି ନାରୀର ସୁଖଦୁଃଖ, ଦାୟିତ୍ୱବୋଧ ସବୁକିଛି ଏକ ସ୍ୱତଃସ୍ଫୂର୍ତ୍ତ ଆବେଗରେ ଦ୍ୱିଗୁଣିତ ହୁଏ । ସେହିଠାରେ ହିଁ ନାରୀଟିଏ ନିଜକୁ ସ୍ୱୟଂସଂପୂର୍ଣ୍ଣ ଆବେଗରେ ଦ୍ୱିଗୁଣିତ ହୁଏ । ସେହିଠାରେ ହିଁ ନାରୀଟିଏ ନିଜକୁ ସ୍ୱୟଂସଂପୂର୍ଣ୍ଣା

ବୋଲି ବିଚାର କରେ । ଅତଏବ ଆତ୍ମିକ କିମ୍ବା ଦୈହିକ, ପ୍ରତିଟି ପରିସ୍ଥିତିରେ ତାର ସ୍ୱେଚ୍ଛାକୃତ ସହଯୋଗ ପୁରୁଷ-ନାରୀର ଅନାବିଳ ସଂପର୍କକୁ ସର୍ବଦା ପ୍ରାଣବନ୍ତ କରେ । ଏଭଳି କ୍ଷେତ୍ରରେ ନାରୀ ପୁରୁଷ ସହ ଏକାତ୍ମ ଅନୁଭବ କରେ ଏବଂ କୌଣସି ପରିସ୍ଥିତିରେ ନିଜକୁ ପୃଥକ ଭାବିବା ଦିଗରେ ଆଦୌ ଆଗ୍ରହ ପ୍ରକାଶ କରେନାହିଁ ।

କିନ୍ତୁ ପୁରୁଷ କୈନ୍ଦ୍ରିକ ସମାଜରେ ନାରୀପାଇଁ ଏମିତି ସ୍ୱପ୍ନଟିଏ ଚିରକାଳ ଅଧୁରା ହୋଇ ରହିଯାଏ । ପୁରୁଷ ପାଇଁ ସଂପତ୍ତି ପରି ବିବେଚିତା ହେଉଥିବା ନାରୀର ଅସ୍ତିତ୍ୱ ଏକ ମନ୍ଦିରର ଶିଳାଲେଖ ପରି କେବଳ ଅନ୍ତଃସାର ଶୂନ୍ୟ ବିତର୍କ ଭିତରେ ବଂଚିରହେ । ସାଂପ୍ରତିକ ସାମାଜିକ ବ୍ୟବସ୍ଥାକୁ ନେଇ କବିଙ୍କର ସାମାଜିକ ଦୃଷ୍ଟିଭଂଗୀର ମାର୍ମିକ ଆବେଦନ ଖରସ୍ରୋତା ନଦୀଟିଏ ପରି ହୃଦୟର କୋଣ ଅନୁକୋଣକୁ ପ୍ଲାବିତ କରିଦିଏ । କୌଣସି ପ୍ରେମମୟୀ ନାରୀ ଦୃଷ୍ଟିରେ ଏହି ଆତ୍ମିକ ଦହନର ସାରସ୍ୱତ ସ୍ୱୀକାରୋକ୍ତି ବାସ୍ତବିକ ଅନନ୍ୟ । କିଛି ଲୁହ ଆଉକିଛି ପ୍ରେମର ପତୁରା-ଶବ୍ଦନିଧି । ଅଥଚ ଏହି ଶବ୍ଦମାନେ ଅତି ସାଧାରଣ । ପୁଣି ପ୍ରତ୍ୟେକ ଶବ୍ଦର ଏକ ନିଜସ୍ୱ ପୃଥିବୀ ଅଛି । ଅଛି ନିଜସ୍ୱ ଅର୍ଥବୋଧ । ନିଃସହାୟା ନାରୀର ସାମାଜିକ ସ୍ଥିତିର ଉଦାର ଉଚ୍ଚାରଣ, କବିଙ୍କ ଭାବ, ଭାଷା, ଶୈଳୀ ଓ ଶବ୍ଦମାନଙ୍କୁ କରିଛି ମୋହମୟ । ଠିକ୍ ଗୀତର ଆରୋହ ଓ ଅବରୋହଣ ପରି । କବିଙ୍କ ଭାଷାରେ-

"ମଲ୍ଲିକା ନିଜେ ଏକ ପ୍ରଶ୍ନବାଚୀ / ନିଜେ ହିଁ ଉତ୍ତର / ଆଲୋକର ଅପେକ୍ଷାରେ ଉଷାର ପ୍ରଥମ ପ୍ରହର / ଅଂଧାରରେ ଛାଇଥିବା ବିଷର୍ଣ୍ଣ ଆକାଶ / ବିଶ୍ୱସ୍ତ ଦୁଃଖମାନଙ୍କୁ ନେଇ / ଜହ୍ନ ରାତିରେ / ଶୂନ୍‌ଶାନ ନଈବାଲିରେ / ଏକ ଚକୋରୀର ଦୀର୍ଘଶ୍ୱାସ ।"

(ଅର୍ଜୁନଗୋଦାରେ ମଲ୍ଲିକା)

ସେ ଅର୍ଜୁନ ଗୋଦା ହେଉ କି ମହୁଲ ବଣ ସବୁଠି ସେହି ସମାନ ବ୍ୟବସ୍ଥା, ସମାନ ଆଚାର ସଂହିତା । ଲହୁଲୁହର ଲକ୍ଷ୍ମଣରେଖା । ସେ କେତେବେଳେ ଗଣଧର୍ଷିତା ତ ଆଉ କେତେବେଳେ କଂପାନୀର କଳକୌଶଳରେ ସେ ବିସ୍ଥାପିତା । ମୁକ୍ତ ଓ ଅବାଧ ଭାବେ ଏକଦା ବଂଚୁଥିବା ଆଦିବାସୀ ନାରୀର ବର୍ତ୍ତମାନର ଅସହାୟତାକୁ ଲକ୍ଷ୍ୟକରି କହନ୍ତି-

"କମ୍ପାନୀର ନାଲିବତୀ / ମଲ୍ଲିକା ଭଳି ସଭିଏଁ / ଡଙ୍ଗର ଭୁଲି ଚାଲିଲେ ସହର କଞ୍ଚା ପଇସା ଅଣ୍ଟିରୁ ସରିଲା ପରେ / ମଲ୍ଲିକା ଏବେ ପିଚୁ ଢାଳୁଛି

ସହରର ଠିକାଦାର ପାଖରେ / ତରଳ ପିଚୁ ଛାଇ ହେଉଛି ରାଜରାସ୍ତାରେ ।”

(ମହୁଲବଣର ମଲ୍ଲିକା)

ତଥାପି ସ୍ୱପ୍ନର ସଂଜବତୀ ନିକଟରେ ମୁଗ୍ଧା ନବବଧୂଟିଏ ପରି ପାଳିବାକୁ ପଡ଼େ ପ୍ରତ୍ୟୟର ପୂଜା । ପ୍ରୀତିପୂର୍ଣ୍ଣା ନଦୀଟିଏ ପରି ତା' ଭିତରେ ଉତୁରି ଆସେ ମଧୁମାଖା ଭାବଟିଏ । ମନେ ପଡ଼େ ଫରୁବିଆ ବାଟରେ କୁହୁଡ଼ି ପହଁରା ଜହ୍ନରାତି । ଅନେକ ଫେନିଳ ନୀଳ ନିର୍ଝରିଣୀର ନିଷ୍ପାପ ସଂଗୀତ । ଅବୋଧ କିଶୋରୀର ମୁକଳା ହସ ପରି ଶୋରିଷ ଫୁଲର କ୍ଷେତ । ଅନେକ ସ୍ମୃତିକୁ ନେଇ କବିଙ୍କ କବିତା 'ଜହ୍ନ ରାତି'ର ଚନ୍ଦ୍ରଶାଳା ।

“ସେଇଥିପାଇଁ କି ସତେ / ଫେରିଆସେ ମଲ୍ଲିକା / ପ୍ରେମିକାଟିଏ ପରି / ଜହ୍ନରାତି ହୋଇ / ଆଲୋକିତ ହେବାକୁ / ଝାଉଁବଣ ଅବା ନଦୀର /ବିଭୋର ପବନ ଯେବେ ପୋଛୁଥାଏ ବାଲିର ଦାଢ଼ରୁ ସ୍ମୃତି ପଦଚିହ୍ନ ।” (ଜହ୍ନରାତି)

କବିଙ୍କର ବେହେମିଆନ ମନ ଭୂମିରୁ ଭୂମା ଯାଏ ଭାସିବୁଲେ । ବାସ୍ତବରେ ଚିତ୍ର ମେଘରୁ ଚୋଲାବାଲି ଯାଏ ତାଙ୍କ କାବ୍ୟ କ୍ଷେତ୍ର ବିସ୍ତୃତ । ନିଃସଙ୍ଗ, ନୀରବ ଜହ୍ନରାତିର ଜାଗତିକ ଯନ୍ତ୍ରଣାରେ କବି ନିଜ ବିକ୍ଷୁବ୍ଧ ମନର ଅଜସ୍ର ଉପଦଂଶନରେ କ୍ଷତାକ୍ତ, ତଥାପି ବିଷାଦ ଓ ବ୍ୟଥା ନିକଟରେ ନିଃସର୍ତ୍ତ ଆତ୍ମ ସମର୍ପଣ କବିର ଚଳାପଥ ନୁହେଁ । କାରଣ ମହୁରୁ ମହୁରା ସବୁକିଛିକୁ ପିଇବାର ସାମର୍ଥ୍ୟ କବି ନିକଟରେ ଶେଷ ପର୍ଯ୍ୟନ୍ତ ବଂଚିରହେ । ସେ ହିଁ ତ କୁହୁଡ଼ିକୁ କଳନାଦିନୀ କରିପାରେ, ଦାରୁକୁ ବ୍ରହ୍ମ ମେଘକୁ ମାହାରି, ମୟୂରକୁ ମାନସୀ । କଣ୍ଟାରୁ କର୍କଟ ଯାଏ ସମସ୍ତଙ୍କୁ ଆତ୍ମସ୍ଥ କରିପାରେ, କଣ୍ଟାର ଆଘାତ ସେ ସହେ, କର୍କଟ ବିଷଜ୍ୱାଳାରେ ସେ ଅତିଷ୍ଠ ହୁଏ । ଫୁଲର ସୁଗନ୍ଧରେ ସେ ବିଭୋର ହୁଏ, ପୁଣି ଝରଣାର ଧୂଳିରେ ବି ମିଶାଇପାରେ ସ୍ୱର ।

କବିଙ୍କ କାବ୍ୟ ଜଗତର ବେଢ଼ା ପରିକ୍ରମା କଲେ ଜଣାପଡ଼େ ସେ ସବୁ କବିତାରେ କାବ୍ୟ ନାୟିକାର ଭୂମିକାକୁ ସେ ପ୍ରଚ୍ଛଦପଟ୍ଟରେ ରଖି ନିଜର ପ୍ରତୀକ ଭାବେ 'ମଲ୍ଲିକା'କୁ ଆଣିଛନ୍ତି ପାଠକମାନଙ୍କ ସାମ୍ନାକୁ । ଅନେକ କବିତା ତାଙ୍କ ସ୍ୱୀକାରୋକ୍ତି ମୂଳକ (Confessional) ଯେଉଁଥିରେ ଭରି ରହିଛି ବିଡ଼ମ୍ବିତ ବିଷାଦ ଓ ନୀରବ ବିଦ୍ରୋହର ସ୍ୱର । ବକ୍ତବ୍ୟ ତାଙ୍କର ସଂବେଦନଶୀଳ ଓ ଶାଣିତ । ଏହି ସାରସ୍ୱତ ସାଧିକାଙ୍କ ସୃଷ୍ଟିର ସ୍ରୋତସ୍ୱିନୀ

ଦୀର୍ଘବର୍ଷ ଧରି ବହି ଆସିଚି ଅନନ୍ତ ନିର୍ଝର ପରି । ସାଂପ୍ରତିକ କବିତା ଜଗତରେ ଶ୍ରୀମତୀ ଦାଶ କେବଳ ଏକ ପରିଚିତ ନାମ ନୁହନ୍ତି, ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ ବି । ଓଡ଼ିଆ ସାହିତ୍ୟକୁ ତାଙ୍କର ଦାନ ନମ୍ରତାର ସହ ଅନସ୍ୱୀକାର୍ଯ୍ୟ । ବିଶେଷ କରି କବିତାର ଶିଳ୍ପକର୍ମ ଓ ପ୍ରକାଶଭଂଗୀରେ ସେ ଯେଉଁ ଚମତ୍କାରିତା ପ୍ରଦର୍ଶନ କରିଛନ୍ତି, ତାହା ପାଠକ/ପାଠିକା ମାନଙ୍କ ପାଇଁ କିଛି କମ୍ ଆଶ୍ୱାସନା ନୁହେଁ, ତାଙ୍କ ସ୍ୱତସ୍ଫୂର୍ତ୍ତ ଭାଷାବିନ୍ୟାସ, ଅକୁଣ୍ଠିତ ଅଭିବ୍ୟକ୍ତି ନିର୍ଭୀକ ସ୍ୱର ଏବଂ କାବ୍ୟିକ ତନ୍ମୟତା କେବଳ ତାଙ୍କ କବିତାର ବୈଶିଷ୍ଟ୍ୟ ନୁହେଁ, ତାଙ୍କ କବିତାର ସାର୍ଥକତା । ଆବେଗିକ ଅନୁଭୂତି ଅପେକ୍ଷା ଅନୁଭୂତିକ ଆବେଗ ହେଉଛି ସାମ୍ପ୍ରତିକ କବିତାର ସ୍ପନ୍ଦନ ।

ଶ୍ରୀମତୀ ଦାଶ ଯଥେଷ୍ଟ ଆତ୍ମ ସଚେତନ, ନିଷ୍ଠାପର, ଜୀବନବାଦୀ କାବ୍ୟଶିଳ୍ପୀ । ସମକାଳୀନ ଜୀବନ ଓ ଜଗତ ସଂପର୍କରେ ରହିଛି ତାଙ୍କର ଅଜସ୍ର ସ୍ପର୍ଶକାତର ଅନୁଭୂତି । ରହିଛି ମଧ୍ୟ ବିପର୍ଯ୍ୟସ୍ତ ମୂଲ୍ୟବୋଧ ଜନିତ ପୀଡ଼ିତ ପରଂପରା, ଦିଶା ବିହୀନ ଆଦର୍ଶ ସଂପର୍କରେ ବେଶ୍ କିଛି ଅବଧାରଣା । ନିଜର ଅଜସ୍ର ମୂଲ୍ୟବାନ ଅନୁଭୂତିକୁ ପାଥେୟ କରି ଜୀବନର ରହସ୍ୟ ଉଦ୍‌ଘାଟନ ପାଇଁ ସେ କବିତାରେ ହଜାଇ ଦେଇଛନ୍ତି ନିଜକୁ । ଏ କଥା ସତ ଯେ “The greatest poetry is closest to common life”.

ଜୀବନର ଯାବତୀୟ ଅବାଧ ହତାଶବୋଧକୁ ଆପଣାର କରି ସମୟ ସହ ନିରନ୍ତର ଆଗକୁ ପାଦଥାପି ଚାଲିଥିବା ବେଳେ ତାଙ୍କ ଆଖିର ଆଇନାରେ ଦିଶିଯାଏ ଧୂଳିମାଟିର ସରଗ ପରି ନିଜ ଗାଁ, ଯେଉଁଠି ଝଡ଼ବତାସକୁ ବେଖାତିର କରି ଛିଡ଼ା ହୋଇଛି ତାଙ୍କର ଘର, ହଜିଯାଇଛି ଗେଲବସରର ଅଭୁଲା ପିଲାଦିନ । ସେହି ସେ ଗାଁ ଯାହାର ଉଷୁମ୍ ଆଶ୍ଳେଷରେ ନିଦେଇ ଯାଇ ବିତିଛି ତାଙ୍କର ଶୈଶବ । ହଜି ଯାଇଛନ୍ତି ଅନେକ ସ୍ୱପ୍ନ, ବୟସ୍କ ହେଉଥିବା ମନ । ସ୍ମୃତିର ବଣପାହାଡ଼ ବନଲତାକୁ ସେ ଆଜିଯାଏ ନିଖୁଣ ଭାବେ ସାଇତି ରଖିଛି ତାଙ୍କ ଆଖିର ଆୟତନ ।

ସେହି ଧୂଳିଧୂସରିତ ଗାଁର ଛାୟାଚ୍ଛନ୍ନ ଛବି ସବୁ ହୃଦୟର ଦୀପାଲୋକରେ କେବେ ଦିଶିଯାଏ ତ ପୁଣି କେବେ ହଜିଯାଏ । ନିଜ ପଲ୍ଲୀ ଗାଁର ପ୍ରାକୃତିକ ମାନଚିତ୍ର କବିଙ୍କ ପାଇଁ ବାସ୍ତବରେ ଏକ ଅପାଶୋରା ଅନୁଭବ । ସହରାଭିମୁଖୀ ମଣିଷର ଆକୁଳତାକୁ ଲକ୍ଷ୍ୟକରି କବି ରାଧାମୋହନ ଗଡ଼ନାୟକଙ୍କ ସେଥିପାଇଁ କଲମ ବିଦ୍ରୋହ କରିଉଠେ, ତାଙ୍କ ଅନୁଭବରେ

"ମନେପଡ଼େ ନା କି ତୋହରି ଗାଁର / ଛଇଳା ଚପଳା ନଈ / ପଲ୍ଲୀ ବଧୂର ସ୍ନିଗ୍ଧ ମଧୁର / ପାଣି ବୋହିବାର ଛାଇ ।"

କିନ୍ତୁ ବିଶିଷ୍ଟ ଯାତ୍ରା ନାଟ୍ୟକାର ତଥା ପଲ୍ଲୀକବି କୃଷ୍ଣ ପ୍ରସାଦ ଅତି ଚମତ୍କାର ଢଙ୍ଗରେ ଆଙ୍କିଛନ୍ତି ପଲ୍ଲୀର ଚିତ୍ର ଯାହା ଯେତିକି ମାର୍ମିକ ସେତିକି ହୃଦୟସ୍ପର୍ଶୀ ।

"ଗାଁ ସେପାଖେ ନାଲି ସଡ଼କେ / ବାଟୋଇ ହାଟେ ଚାଲେ / ଶଗଡ଼ ଚାଲେ ଧାଡ଼ିକି ଧାଡ଼ି / ଆଲୁଅ ମାଳ ଝୁଲେ / ଗାଁ ମଥାନେ କୁହୁଡ଼ି ଚରେ / ଆଲୁଅ ଲିଭେ ସବୁରି ଘରେ / ଡାକଇ ଚଉକିଆ ।" (ଏଇ ମୋ ପଲ୍ଲୀ ଗାଁ)

କବି ମଣିଷଟି ଯେଉଁ ସମାଜରେ ଜୀଇଁ ରହେ- ବଂଚିରହେ, ନିଜ ଭାବନା ଓ ଅନ୍ତର୍ଗତ ସୃଷ୍ଟି ଚେତନାକୁ ସେ ସେହି ଦିଗରେ ପ୍ରକାଶୋନ୍ମୁଖୀ କରେ ତା' ପାଇଁ ଛାଏଁଛାଏଁ ଗୋଟେ ଅହେତୁକୀ ମମତା ମନରେ ଗଜୁରି ଉଠେ । ପୁଣି କେଉଁ ନିଆରା ଜଗତର ଡାକରାରେ କବି ସତ୍ତାଟି ଚେଇଁ ଉଠିବାର ମାହେନ୍ଦ୍ର ମୁହୂର୍ତ୍ତଟି ଚିରକାଳ କବିର ବିଂଧାଣୀପଣର ଅମରାବତୀ ସୁଖଦୁଃଖର ମନୋଜ୍ଞ ତ୍ରିକାଳ, ଆପଣାପର ଭୁଲିବାର କଳାତ୍ମକ କାରିଗରୀ । ନିଜ ଭାବନାରେ ତଲ୍ଲୀନ କବି ଚେତନାରେ ସେତେବେଳ ମନେପଡ଼େ ସବୁଜିମାସ୍ନାତ ନିଜ ଗାଁର ଜାମ୍ବ, ଆମ୍ବ, ଲିଚୁରେ ଭରପୂର ବଗିଚା, କୁଅ ଝରଣୀ ତଳେ ବହିଯାଉଥିବା ପହିଲି ଆଷାଢ଼ର ସୁଅ । ଆହୁରି ମନକୁ ଆସେ ଗାଁର ମହୁଲବଣ, ଧୂଆଁଳିଆ ସଂଜ, ରଜଦୋଳି ମିଠାପାନ, ନୂଆଁଣିଆ ଚାଳଘର, ଆହୁରି କେତେ କ'ଣ । ସେହି ପ୍ରଗଲ୍ଭା ପ୍ରକୃତିର ଚିତ୍ର କବିଙ୍କ ଭାଷାରେ-

"ପାହାଡ଼ ପିଠିରୁ ନଇଁ ଆସେ /ଧୂଳିଆ ସଂଜ / ଶୀତ କୁହୁଡ଼ିରେ / ହଳଦୀ ରଂଗର ଚଦର ଢଙ୍କା / ଅଳସୀ ଫୁଲର କ୍ଷେତ ।"

କିନ୍ତୁ ସମୟ ବଦଳିଛି । ଜଗତୀକରଣ ଇନ୍ଦ୍ରଜାଲରେ ମୋହାଚ୍ଛନ୍ନ ମଣିଷ ଏବେ ଏକ ଉପଭୋଗ ସର୍ବସ୍ୱ ସମାଜରେ ଚଳପ୍ରଚଳ ହେବାକୁ ବ୍ୟାକୁଳ । ତେଣୁ ପଲ୍ଲୀ ଜୀବନର ପାରଂପରିକ ଚମକ ଏବେ ସ୍ୱପ୍ନ ପ୍ରାୟ । ଗାଁରେ ସବୁ ଏବେ ନାମୀ ଦାମୀ କଂପାନୀଙ୍କ ଭିଡ଼ । ପାହାଡ଼ ଡଙ୍ଗର, ଅନାବାଦୀ, ଗୋଚର ସବୁ ତାଙ୍କ ଦଖଲରେ । ସବୁଜ ଚେତନାରେ ଅଭିମନ୍ତ୍ରିତ ଓଡ଼ିଆ କାବ୍ୟଧାରାରେ ପ୍ରାୟତଃ ଗାଁର ବିକଳ ଚିତ୍ର ଅତ୍ୟନ୍ତ ମର୍ମସ୍ପର୍ଶୀ । T.S. Eliot ଙ୍କ Waste Land ରେ ସ୍ୱପ୍ନ ପରି ଶସ୍ୟଶ୍ୟାମଳା, ମଳୟ ଶୀତଳା ଗାଁ ମାଟି ଶିଳ୍ପ ସଂପ୍ରସାରଣ ନାମରେ ପାଲଟି ଯାଇଛି ପୋଡ଼ାଭୂଇଁ ।

ମୁଠାଏ ପାଉଁଶ ଭିତରେ ସତେ ଯେପରି ଦୃଶ୍ୟମାନ ହେଉଛି ଉତ୍‌ଖାତ ଭୟର ବିଭତ୍ସ ରୂପ । ଗ୍ରାମ୍ୟ ଜୀବନର ମହାର୍ଘ ଅନୁଭବ ଭିତରେ ଅନ୍ତର୍ନିହିତ ମୁହୂର୍ତ୍ତର ଅନୁଭୂତି ତାଙ୍କର ତନୁମନକୁ କରିଛି ଆନମନା, ତାଙ୍କର ଦୃଷ୍ଟି ଦିଗ୍‌ବଳୟରେ ଦିଶିଯାଉଛି ପଲ୍ଲୀର ସେହି ଅନିର୍ବଚନୀୟ ସୌନ୍ଦର୍ଯ୍ୟର ଶୋଭାଯାତ୍ରା । ପ୍ରତ୍ୟେକ ଶବ୍ଦରେ, ପ୍ରତ୍ୟେକ ଧାଡ଼ିରେ ହିଁ ସେ ଆଂକିଛନ୍ତି ଅପୂର୍ବ ଛନ୍ଦ ଚପଳ ପ୍ରକୃତିର ଶୋଭାଚାତୁରୀ ଏବଂ ଜୀବନ ସହ ଅନୁବନ୍ଧିତ, ପ୍ରକୃତିଗତ ସମ୍ପର୍କର ସୋହାଗପଣ । ବାସ୍ତବରେ ସାଧାରଣ ପଲ୍ଲୀ ଜୀବନର ବ୍ୟଥା ଓ ବେଦନାକୁ ସେ ଅସାଧାରଣ ଓ ଅନନ୍ୟ ଭାବାବେଶ ସହ ପ୍ରତିପାଦନ କରିଛନ୍ତି ସାର୍ବଜନୀନ ରୀତିରେ । ତେଣୁ କବିଙ୍କ ଦିବ୍ୟ ଚେତନା ଭିତରେ ସତ୍ୟ ସଂଧାନୀ ଦୃଷ୍ଟିବଳୟଟି ହୋଇ ପାରିଛି ଅଧିକ ସଂପ୍ରସାରିତ । ତୀବ୍ର ମାନବିକ ଅନୁଭୂତିରେ କବିତା ଆଦ୍ର କରିଦିଏ କବିକୁ । କବି ତମାମ ଜୀବନ ଯେଉଁ ଯନ୍ତ୍ରଣାବୋଧରେ ଆକ୍ରାନ୍ତ ହୋଇଥାଏ, ତାହା ତା'ର ଅନ୍ତଃଚେତନାରେ ସୃଷ୍ଟି କରେ ଗଭୀର କ୍ଷତ । ଏଣୁ ସେ କେତେବେଳେ ହୋଇଯାଏ ଲହୁଲୁହାଣ ତ ପୁଣି ଆଉ କେତେବେଳେ ଭାବନା ପ୍ରବଣ । ସେତେବେଳେ ସେ ଖୋଜିବସେ ତା'ର ଚିର ପରିଚିତ ମାଟି ଓ ମଣିଷମାନଙ୍କୁ । ସ୍ନେହପ୍ରବଣ ମାନସିକତାରେ ସେ ହୋଇଯାଏ ଆତ୍ମମଗ୍ନ ସନ୍ୟାସୀଟିଏ । ଏହା ଅନ୍ତତଃ ସ୍ୱୀକାର କରିବାକୁ ହେବ ଯେ without a human passion everything is unreal.

ତେବେ ସବୁବେଳେ ସ୍ୱପ୍ନକୁ ନେଇ ବଂଚିବା ହୁଏତ ଅସମ୍ଭବ । ସ୍ୱପ୍ନ ସାଉଁଟା ସମୟ ଭିତରେ କେତେବେଳେ ନିଜ ଅଜାଣତରେ ପାଦ ପଡ଼ିଯାଏ ବାସ୍ତବତାର ଧୂଳିଧୂସର ମାଟି ଉପରେ । ସେତେବେଳେ ମନେପଡ଼େ ଅତୀତ, ହସଖୁସିରେ ବିତିଥିବା ଦିନ ସବୁ । ମନରୁ ହଜିଯାଇଥିବା ନାଆ ବାହୁଥିବା ନାଉରୀର ସପନଫେରା ଗୀତ । ଗାଁର ପଣତ ଭଳି ନିର୍ଭୟ ଥିବା ତାଙ୍କର ପିଲାଦିନ । ଦାଣ୍ଡଧୂଳିରେ ରାନ୍ଧୁଥିବା ତିଅଣ ଓ ଭାତ, ଗାଁ ବାଟର ଦୁଇକଡ଼େ ଗହଳ କରଂଜ ଓ କୋଚିଳାବଣ, ମାଟିକାନ୍ଥରେ ଲକ୍ଷ୍ମୀପାଦ ଝୋଟି, ତୁଳସୀ ମୂଳର ସଂଜବତୀ । କିନ୍ତୁ କବିଙ୍କ ପିଲାଦିନର ଗାଁର ଚିତ୍ର ଓ ଚରିତ୍ର ବଦଳି ଯାଇଛି ଅନେକ । ତାଙ୍କର 'ଗାଁ' ଓ 'ପିଲାଦିନ' କବିତା ଦୁଇଟି ତାଙ୍କ ପଲ୍ଲୀପ୍ରିୟ ଜୀବନାଲେଖ୍ୟର ଏକ ସରଳ ଓ ସୁବୋଧ୍ୟ ଉପପାଦ୍ୟ । ଏହାକୁ ହୁଏତ କେହି ତାଙ୍କ ପଲ୍ଲୀପ୍ରବଣତାର ଉଗ୍ରବାଦ (jingolism) ବୋଲି କହିପାରନ୍ତି । କିନ୍ତୁ ଏହାକୁ

ମାଟିମନସ୍କତାର ସ୍ନିଗ୍ଧ ଅନୁଭବ ବୋଲି କହିବା ବରଂ ଅଧିକ ସମୀଚୀନ ହେବ । ଗାଁ ମାଟିର ସାଂପ୍ରତିକ ଧୂସର କଳେବର ଭିତରେ ସେ ଉତ୍‌କୀର୍ଣ୍ଣ କରିପାରିଛନ୍ତି ଏକ ଅଲୌକିକ କାବ୍ୟ ଆବେଦନ । କିନ୍ତୁ ତାଙ୍କ 'ଘର' କବିତାରେ କବି ପାରିବାରିକ ଜୀବନକୁ ଏକ ଅଦୃଶ୍ୟ ଆତ୍ମିକ ଜଂଜାଳ ବୋଲି ଅନୁଭବ କରନ୍ତି । ଘର କେବଳ ରହିବା ସ୍ଥାନଟିଏ ନୁହେଁ ବରଂ ଆଶା, ଆଶ୍ରୟ, ଆଶ୍ୱାସନାର ନିର୍ଭୁଲ ସନନ୍ଦଟିଏ । ସେ କହନ୍ତି;

"ଘର ଆଣିଦିଏ / ପରିଚୟ ଏକ ବଂଶର / ଯାହା ଭିତରୁ ପଢ଼ିହୁଏ ଇତିହାସ /ଇତିହାସ ସାତ ପୁରୁଷର / ଘର ନାଁରେ ବଡ଼ ବଡ଼ ମନ୍ଦିରରେ / ବାନ୍ଧି ହୁଅନ୍ତି ଈଶ୍ୱର ।

(ଘର)

ସେଇଥିପାଇଁ ଭକ୍ତକବି ମଧୁସୂଦନଙ୍କ ଭାଷାରେ-

"ସରଗ ସମାନ ଅଟେ ସେହି ଘର / ପରସ୍ପର ସୁଖ ଯହିଁ ଥାଏ ନିରନ୍ତର ।"

ବାସ୍ତବରେ ଘରର ପରିଭାଷା ରୂପରେ ନଥାଏ । ସ୍ନିଗ୍ଧ, ସୁନ୍ଦର, ମଧୁର, ବଂଧନର ଗୁଂଜନରେ ମୁଖରିତ ଘରଟିଏ ବାଂଧିରଖିପାରେ ଅଘୋରୀ ଜୀବନକୁ, ଯାଯାବର ମନକୁ । କିଛି ଅପ୍ରକାଶିତ ଅଭାବବୋଧ କବିଙ୍କୁ ଇଟାସିମେଣ୍ଟର ଇପ୍‌ସିତ ଘରଟିଏ ଅନ୍ୱେଷା ପରିବର୍ତ୍ତେ ତାଙ୍କୁ କରିଛି କଳ୍ପନାବିଳସୀ ଯେଉଁଠି ସେ ଖୋଜିଛନ୍ତି ଶବ୍ଦର ଇଟା, ଭାବପ୍ରଣତାର ସିମେଣ୍ଟ ଓ ଅନୁଭବର ବାଲି ନଅରଟିଏ ତୋଳିବାକୁ, ଯେଉଁଠି ଛିଡ଼ା ହେଲେ ଆକାଶର ବ୍ୟାପ୍ତିରେ ବିଭୋର ହୋଇଯିବ ମନ, ପୁଣି ସେଠି ଥିବ ଫୁଟନ୍ତା ଫୁଲର ଆବାହନ । ଆକାଶର ଜହ୍ନ ଥିବ, ଅଳଝୁର ଧୂଳିଧୂଆଁ ନଥିବ । ଜନ୍ମ ନଥିବ, ମୃତ୍ୟୁ ବି । ଏମିତି ଘରଟିଏ କେବଳ କଳ୍ପନାରେ ସମ୍ଭବ । କବି ଜୀବନର ବ୍ୟକ୍ତିଗତ ହସକାନ୍ଦ, ସୁଖଦୁଃଖରେ ପ୍ରିୟମାଣଜନିତ ଅନୁଭବ ତାଙ୍କୁ କରିଛି ଅନ୍ତର୍ମୁଖୀ ।

ଉଜାଣି ସମୟର ଢେଉରେ ପହଁରି ଜାଣିନଥିବା ଅସହାୟତାକୁ ଆବୋରି ବିବଶ ହୋଇପଡୁଥିବା କବିର ଆତ୍ମାର ଅକଥ୍ୟ ବେଦନା ଯେବେ ଜମାଟବଂଧା ବହଳ ଅଂଧାର ଭିତରେ ଆକ୍ରାମାକ୍ରା ହୋଇପଡ଼େ ସେତେବେଳେ ଅଂତରଂଗ ବିଶ୍ୱାସ ଓ ଅବଧାରିତ ସକାଳଟେ ପାଇଁ ଅଥୟ ହୋଇଉଠେ କବିର ବକଟେ ସ୍ୱପ୍ନ; କଳାର ଆରତି ପାଇଁ ଶଂଖଧ୍ୱନି ନିମନ୍ତେ ବ୍ୟାକୁଳ ହୁଏ ତା'ର ହୃଦୟ । ଜୀବନର ଆର୍ଦ୍ରଭୂମିକୁ ଆଧାରିତ କରି ପ୍ରଗାଢ଼ ଅନୁଭୂତି ନିବିଡ଼ ଆକୁଳତାକୁ ସେ ଖଂଜିଦିଏ କମନୀୟ ଶବ୍ଦଶିଳ୍ପରେ ।

ସେତେବେଳେ ଶବ୍ଦର ମୁରୁଜ ବିଂଚି ଓହ୍ଲାଇ ଆସେ ଗୋଟେ ଅଶିଣ ସକାଳ । ଅନୁଭୂତିରେ ବିସ୍ମୃତି ନଥିଲେ ଜଳେନାହିଁ କବିତାର ଏନ୍ତୁଡ଼ି, କିମ୍ବା କୁଆଁକୁଆଁ କରେନାହିଁ କଅଁଳ ଭାବର କିଶଳୟ । କବିତାକୁ କଣ୍ଢେନାହିଁ କଳ୍ପନାର କଟାଳ । ସତରେ, ଯିଏ କେବେ ଜଳିନି ଜଂଜାଳ ବା ଯାତନାରେ, କିଛି ଗୋଟେ କହିବାକୁ କୁହୁଳେନାହିଁ ନିସ୍ଫଳ ଛାତି । ଅଥବା ହାଉଳି ଖାଏନାହିଁ ଓହ୍ଲାଇ ଦେବାକୁ ଛାତିତଳର ଭାରି ଭାରି ଭାବନାକୁ ।

ଜୀବନ ଥିବ ଅଥଚ ଯନ୍ତ୍ରଣା ନଥିବ, ଅଭାବ ନଥିବ, ସେ କ'ଣ ସତରେ ଗୋଟେ ଜୀବନ ? ସବୁ ଥାଇ ବି ଜୀବନ ଭଳି ଲାଗେନାହିଁ, ବଂଚବା ହୁଏନି ବଂଚିବା ପରି, ଘର ମନେ ହେଉଥାଏ ସାତପର ପରି । ଯେଉଁଠି ସଂପର୍କ ନଥାଏ, ସଂପର୍କର ସରାଗ ନଥାଏ ସରାଗରେ ଆନ୍ତରିକତାରେ ନଥାଏ ଆତ୍ମିୟତା ତାକୁ କ'ଣ କହିହେବ ଗୋଟେ ଘର ବୋଲି ? ଜୀବନ ତ ଗୋଟେ ମଧୁର ଅଥଚ ଆତୁରତାର ନିବିଡ଼ ବନ୍ଧନ ।

ଶ୍ରୀମତୀ ଦାଶଙ୍କ କବିତା ଜଗତର ପ୍ରମୂର୍ତ୍ତ ପ୍ରବର୍ଜ୍ୟା ଭିତରେ ମନ୍ଦ୍ରିତ ସ୍ୱପ୍ନର ମୁଗ୍ଧ ମନ୍ମୟତା ମହୁଲଫୁଲ ପରି ଚହଟିଯାଏ ଚଇତାଳି ପବନର ସୋରିସୋରି ବାସ୍ନାରେ । ସେ ବର୍ଷାରାତି ହେଉ ବା ଶୀତ ଅନେକ ସ୍ମୃତିର ସଂବେଗିକ ଆକର୍ଷଣ କବିଙ୍କୁ ଓଟାରି ନେଇଯାଏ ଏକ ଶେଷହୀନ ଅବସୋସର ଆବର୍ତ୍ତ ଭିତରକୁ । ଯେଉଁଠି ସେ ଆଦୌ ଉପ୍ରୋଧ ଭାଂଗି ପାରୁନଥିବା ଜଣେ ବିକ୍ରମାଦିତ୍ୟ ଯାହାଙ୍କ କାନ୍ଧରେ ସବାର ହୋଇଥାଏ କେଉଁ ଅସତର୍କ ମୁହୂର୍ତ୍ତରେ ଏକଦମ ଜିଦ୍‌ଖୋର ବେତାଳ । ଅସମାହିତ ପୁଣି ଅନବରତ ମନରେ ଅନେକ ପ୍ରଶ୍ନ ଯେଉଁଥିରୁ ଇଚ୍ଛାକରି ବି ସେ ମୁକୁଳି ପାରନ୍ତି ନାହିଁ । ଜୀବନକୁ ନେଇ ଅନେକ ଘଟଣା, ଦୁର୍ଘଟଣା, ପଛକୁ ପଛ ଅନେକ ପ୍ରଶ୍ନ । ସ୍ମୃତି ସରେନାହିଁ କି ଫୁଲଗଛ ମରେନାହିଁ । ବର୍ଷା ମେଦୁର ଅଧାରାତିରେ କବିଙ୍କର ସହସା ନିଦ ଭାଂଗିଗଲେ ଭାବନାରେ ସଜଳ ହୋଇଉଠେ ଆଖି । ଘଞ୍ଚ ଅରଣ୍ୟରେ ବାଟଭୁଲା ପଥିକଟିଏ ପାହାଡ଼ି ଝରଣାର ଗୀତକୁ କାନଡେରିଲା ପରି ତାଙ୍କ ଝଡ଼ର ପୃଥିବୀରେ ନିଜର ପ୍ରତ୍ୟୟ ଭରିଦେବାକୁ ସେ କାନ ଡେରନ୍ତି ଅବିସ୍ମୃତ ନିଜ ପ୍ରିୟତମଙ୍କ ପାଦଶବ୍ଦକୁ । ଯିଏ ହୁଏତ ସଜାଇ ଦେବ ତାଙ୍କ ଶୂନ୍ୟ କପାଳ, ଭରିଦେବ ସୌଭାଗ୍ୟର ମୁଠାଏ ଆହ୍ଲାଦ । ଅଥଚ କେବଳ ନିଷ୍ଫଳ ପ୍ରତୀକ୍ଷା ।

"ଜାଣେନାହିଁ ଅପେକ୍ଷାରେ / ଏମିତି ବିତିଗଲା// କେତେ ବର୍ଷା ରାତି / ମହାବାତ୍ୟାରେ ହଜି / ଯାଉଥିବା ନାଁ ଓ ଶରୀର / ମାଟିରେ ଗଲାଣି ମଶି" (ବର୍ଷାରାତି)

ତଥାପି ତାଙ୍କର ଦୁଇ ଆଖିରେ ଭରି ରହିଥାଏ ଅସରନ୍ତି ଅନ୍ୱେଷାର ରଂଗୀନ ମାନଚିତ୍ରଟିଏ । ତାଙ୍କର ନୀରବତା ଭିତରେ ସେ ଭାସି ଯା'ନ୍ତି ସମୟର ପ୍ରତିକୂଳ ଦିଗରେ । ସ୍ମୃତିର ସାନ୍ତ୍ୱନା ତାଙ୍କୁ ସମାବିଷ୍ଟ କରେ । ସମୟର ନିଜସ୍ୱ ଶବ୍ଦ ସହ, କୋଳାହଳ ସହ, ପ୍ରତିଧ୍ୱନି ସହ ସେ ସତେଯେପରି ବାର୍ତ୍ତାଳାପ କରନ୍ତି । ତଥାପି ସେ ଅନୁଭବ କରନ୍ତି, ଅତୀତର ଅଭୁଲା ସ୍ମୃତି ସିନା ମନକୁ ଆଚ୍ଛନ୍ନ କରେ, କିନ୍ତୁ ବର୍ତ୍ତମାନ ଅନିଶ୍ଚିତ, ଭବିଷ୍ୟତ ସଂଦିଗ୍ଧ । ସତରେ-

"ସ୍ମୃତି ତ ମୁଠାଏ ମୁକ୍ତା / ଆଂଜୁଳାଏ ଫୁଲର ପାଖୁଡ଼ା / କେବେ ଝରେ ଲୁହ ହୋଇ / କେବେ ପୁଣି ହଜିଯାଏ / କଦମ୍ବର ଭୁରୁଭୁରୁ ନହୁଲି ବାସ୍ନାରେ ।"

ସ୍ମୃତି ତ ଅନେକ ଅନୁଭବର ଫେଣ୍ଟାଫେଣ୍ଟି ଗୋଟେ ଦସ୍ତାବିଜ । କେତେବେଳେ ସେ ବୈଶାଖର ମଲାନଈ ପରି ମୌନାବତୀ ତ ଆଉ କେତେବେଳେ ଅଶିଣର ରୂପାଜହ୍ନ ପରି ନିର୍ମଳ ଛଳଛଳ । ଆଉ କେତେବେଳେ ଲିଭିଲା ଚୂଲିର ଧାପ ପରି ଦି'ଧାର ଦୀର୍ଘଶ୍ୱାସ । ସ୍ମୃତି କେବେ ବିମୋହିତ କରେ ପୁଣି ବିବ୍ରତ ବି । ଦୁଆତ ସ୍ୟାହି ପରି ଅଂଧାରରେ କେବେ ବି ଭରିଦିଏ ମନର ମ୍ଳାନ, ମୌନ ଅଗଣାକୁ । ଟୋନି ମଭିସ୍‌ଙ୍କ Anthem of the Hell ଉପନ୍ୟାସର ଅନ୍ତଃସ୍ରୋତ ସଂଗୀତର ଝଂକାର ପରି ସେ ବି ଦୋହଲାଇ ଦେଇପାରେ ଅନ୍ତରାତ୍ମାକୁ । ସେ ଆଖିକୁ ଭିଜାଇ ପାରେ ଲୁହରେ, ମନକୁ ସଜାଇପାରେ ଫୁଲରେ । ଶ୍ରାବଣର ଭିଜାଭିଜା ମାଟିରେ, ବସନ୍ତର ମିଠାମିଠା ମଳୟରେ ସ୍ମୃତି ତ ଖୋଜିବୁଲେ ମନର ମଣିଷକୁ । ଲିଭିଯାଇଥିବା ସମୟର ସୁନାଝରା ଦିନଗୁଡ଼ିକୁ । ଜୀବନର ପ୍ରେମ ଓ ପ୍ରତାରଣା ଖରା ଓ ଛାଇକୁ ଖାଲଖମାରରେ ଖୋଜିଆଣି ସାଇତିଥିବା ସ୍ମୃତିକୁ ବାଦ୍ ଦେଇ କ'ଣ ସତରେ ବଂଚିହୁଏ ? ଦୁନିଆ ବାଟରେ ଯାବତୀୟ ଅନ୍ୱେଷାର ପସରାମେଲି ବସୁଥିବା ଜୀବନ । ଖୋଜିବାର ବାହାନାରେ ନିତି ମରି ନିତି ଜୀଇଁ ରହିବାର ଯନ୍ତ୍ରଣାକୁ ଢୋକଢୋକ ପିଇ ନୀଳକଣ୍ଠ ସାଜିପାରେ ପୁଣି ସବୁଜ ଧାନକ୍ଷେତର ଅସରନ୍ତି ଆମନ୍ତ୍ରଣରେ ସୁନୀଳ ସମୁଦ୍ରର ଅମାନିଆ ଢେଉପରି ମାଡ଼ିଯାଏ ସମୟର ବିବଶ ବେଳାଭୂମିକୁ । ସେ ବି ଶିଶିରଭିଜା ସକାଳର ହେମାଳ ପବନ ଭିତରେ ଗଛର ଥରଥର ନିଃସଙ୍ଗ ପତ୍ର ଭଳି ଉଦାସ ଅନୁଭବରେ ଆଖି ମୁଦି ପାରେନା । ଶୀତର କୁହୁଡ଼ି ଭିତରେ ନିଜକୁ କାଠଗଡ଼ାରେ ରଖି ଏକାନ୍ତରେ କାବ୍ୟନାୟିକା ଜୀବନର ସୁଖଦୁଃଖ, ପ୍ରେମ ଅନୁରାଗ ଓ ସଂଘର୍ଷର କାହାଣୀକୁ ନେଇ ଯେତେ ପ୍ରଶ୍ନକଲେ ବି ଏକଲା ପକ୍ଷୀର

ଗୀତ ଅନବରତ ଅନୁରୁଣିତ ହୋଇଥାଏ ତା' ମନ ଭିତରେ । ସ୍ୱପ୍ନ ଠାରୁ ମୋହଭଂଗ ହେବା ତ ଏତେ ସହଜ ନୁହେଁ ।

ତଥାପି ଜୀବନ ତ ପଳାତକମାନଙ୍କ ଗୋଟେ ନିରାପଦ ପାନ୍ଥଶାଳା ନୁହେଁ । ଖରାରେ ସେ ଦୌଡ଼େ, ଛାଇ ପଣତରେ ମୁହଁ ଢାଙ୍କେ । ଉଷୁମ ମେଘର ଆଖିଲୁହରେ ଜୁଡୁବୁଡୁ ହୁଏ, ଲାଜକୁଳୀଲତାର ଅଭିମାନରେ ବିମର୍ଷ ହୋଇ ବସିଯାଏ । ଅଧଜଳା ଚୂଲିର ଅଂଗାର ଭିତରେ ଦିକ୍‌ଦିକ୍ ଜଳୁଥିବା ଦୁଃଖ ସହ ଜୀଇଁବାର ତାଗିଦ୍‌ରେ ହାତମୁଠାରେ ହାତ ରଖି ସେ ବାଟଚାଲେ । ପୁଣି ହୁଏ କେବେ ସଂଭ୍ରାନ୍ତ ରାସ୍ତାଘାଁର ନିଷ୍ପ୍ରଭ ଆଲୁଅ ତଳେ ଛାଇ ପରି ନାଚୁଥିବା ବ୍ୟର୍ଥତାର କେନ୍ଦରା ତାରରେ ଗୁଣୁଗୁଣୁ ହୁଏ । ଦାଉଦାଉ ଦ୍ୱିପ୍ରହରର ଟାଣ ଓ ନିଦା ଖରାର ସିଡ଼ିରେ ଓହ୍ଲାଉଥିବା ଝାଳଲଗା ମୁହଁର ଫୁର୍ତ୍ତି ପରି ସେ ଅନେକଟା ରହସ୍ୟମୟ । ଯେମିତି ସେ-

"ସେ ଅଯତ୍ନରେ ଅପ୍ରେମରେ / ସଫେଦ ରଜନୀଗନ୍ଧା ଭଳି / ଏକାଏକା ଝରିଝରି / ବିଭୋର ଉରିପାରେ / ଭଲପାଇବାର ବାସ୍ନାରେ ।" (ଶୀତ)

କବିଟିଏ ନିଜ କବିତାରେ କେବେ ସ୍ୱପ୍ନ ତ ଆଉ କେବେ ଭୋକ ପରଶିଦିଏ ପାଠକକୁ । ଏମିତି ବି ହୁଏ, ସ୍ୱପ୍ନ ବିଭୋର ଆଖିର ଆକାଶରୁ ସହସା ଲିଭିଯାଏ ପ୍ରେମର ଅପ୍ରମିତ ଇନ୍ଦ୍ରଧନୁ, ସରିଯାଏ ବିଶ୍ୱାସର ମିଆଦ । ନିରୀହ ନିଃଶ୍ୱାସରେ ଭରିଯାଏ ଦୀର୍ଘଶ୍ୱାସ, ବଂଚିବାର ସବୁ ସର୍ତ୍ତାବଳୀ ଶବ୍ଦହୀନ, ଅଲୋଡ଼ା ପାଲଟିଯାଏ । ଆକାଶରେ ଆଖିମାରୁଥିବା ନୀଳଜହ୍ନରେ ଗ୍ରହଣ ଲାଗିଯାଏ । ଭାତ ଓ ଭୋକର ଦୁନିଆରେ ଖିଏଖିଏ ବ୍ୟର୍ଥତା ବାଣ୍ଟିବାରେ ବିତିଯାଏ ଅବଶିଷ୍ଟ ଜୀବନ । ତଥାପି ପ୍ରିୟତମ ପ୍ରେମର ପାପୁଲିଏ ଗଣ୍ଡୁଷ ଜଳରେ ନିଜ ଅନସ୍ୱାଦ ଆବେଗର ଆହ୍ନିକ କରିବାକୁ ପଡ଼େ । ଅଂଧାରରେ ଟହଲ ମାରୁଥିବା ଗୋଲାପୀ ସମ୍ମୋହନ ସେତେବେଳେ ଆଲିଙ୍ଗନ କରୁଥାଏ କବିର ଏକଲାପଣକୁ ।

ବାସ୍ତବରେ ଶ୍ରୀମତୀ ଦାଶଙ୍କ ନିରୋଳା ରୋମାଣ୍ଟିକ ମୋହିତ ଶବ୍ଦମାନଙ୍କ ନିକଟରେ ବିମୁଗ୍ଧ ପାଠକଟିଏ ମହୁମାଛି ପରି ଉଡ଼ିବୁଲେ । ନିଜେ ନିଃଶବ୍ଦ ହୋଇ କବିତାରୁ ଅନୁରଣିତ ସ୍ୱରକୁ କାନଡେରେ । ପ୍ରେମ ଓ ପ୍ରତୀକ୍ଷା ଦୁଇଟି ଶବ୍ଦ କବିଙ୍କର ଅନେକ କବିତାର ମନ୍ତ୍ରବୀଜପୂତ ବ୍ରହ୍ମକମଳ ପରି ମନେହୁଏ । ଦୁର୍ଦ୍ଦିନ, ଦୁଃଖ, ଯନ୍ତ୍ରଣା ଓ ବୈରାଗ୍ୟ ସବୁ ଯେମିତି ତାଙ୍କ କାଳଖଣ୍ଡର ଶ୍ରୁତଲିଖନ । ବାସ୍ତବରେ ସର୍ତ୍ତ ସଂବଳିତ

ସମୟବୋଧର ପ୍ରତୀକ୍ଷିତ ସ୍ୱର ସବୁ ତାଙ୍କ କବିତାରେ ରଂଗହୀନ ନହୋଇ ହୋଇଛି ଅତ୍ୟନ୍ତ ହୃଦୟସ୍ପର୍ଶୀ । ଅସମୟରେ ତାଙ୍କର ଅଶ୍ରୁ କଣିକାରୁ ଉତ୍ତରିତ ଅକ୍ଷର, ପୁଣି ସ୍ୱପ୍ନର ଧୂଳିକଣାରେ ପ୍ରତୀକ୍ଷାର ଅପାରଂପରିକ ଅନୁଭବ ସବୁ ମିଶି କବିତାଗୁଡ଼ିକୁ କରିଛି ସ୍ୱୟଂ ସଂପୂର୍ଣ୍ଣ ଓ ରସୋତ୍ତୀର୍ଣ୍ଣ । ସତ କହିବାକୁ ଗଲେ, କବିଙ୍କର କଲମୀ ସ୍ୟାହି ଛିଟାରେ ମାଟିକାନ୍ଥରେ ଝୋଟିର ଝଲକ ପରି ଝଲମଲ ତାଙ୍କ କବିତାର ଦିଗ୍‌ବଳୟ । ପ୍ରେମ ଚେତନାକୁ ମଲ୍ଲିକାର ଗଭୀର ଅନୁଭବ ଓ ଅନୁଭୂତିରେ ଅବ୍ୟକ୍ତ ଅନ୍ତର୍ଦାହକୁ ସାମଗ୍ରିକ ଭାବେ ନାରୀ ଜୀବନର ସ୍ଥିତି, ସମ୍ଭାବନା ଓ ସଂଘାତକୁ ଏକ ସାର୍ବଜନୀନ ଦଲିଲ ଭାବେ ଗ୍ରହଣ କରିବା ଅଧିକ ସମୀଚୀନ ମନେହୁଏ ।

ନିଜକୁ ବିନା କୌଣସି ସର୍ତ୍ତରେ ବାଣ୍ଟି ଦେବା ହିଁ ପ୍ରେମ । ଶ୍ରଦ୍ଧା ଭକ୍ତିରେ ପ୍ରେମ ସଂପର୍କ ବହୁ ତାତ୍ତ୍ୱିକ ବ୍ୟାଖ୍ୟା ଦୃଷ୍ଟିଗୋଚର ହେଲେ ହେଁ ମହାଭାବ ସ୍ୱରୂପିଣୀ ଶ୍ରୀରାଧାଙ୍କୁ ନେଇ ଅନେକ ବୌଦ୍ଧିକ ବିତର୍କ । ପ୍ରେମଲଗ୍ନା ନାରୀ ଓ ପୁରୁଷ କେବଳ ନିସର୍ତ୍ତ ଭାବରେ ଦେଇ ଚାଲିଥାନ୍ତି ପ୍ରତିଦାନର କୌଣସି ଅଭିପ୍ସା ନରଖି । ପ୍ରେମ ପାଖରେ ନଥାଏ ଈର୍ଷା, ଘୃଣା ବା ହତାଦର । ଯେଉଁଠି ସବୁ ଭୁଲ୍‌ର କ୍ଷମା ଥାଏ, ସେଇଠି ହିଁ ପ୍ରେମର ଉପାସନା । ଅମୂର୍ତ୍ତ ହୋଇବି ପ୍ରେମ ମୂର୍ତ୍ତ, ଜୀବନର ପ୍ରତିଟି ମହାର୍ଘ ମୁହୂର୍ତ୍ତ ପ୍ରେମ ପାଇଁ ସମର୍ପିତ । ଜୀବନଧର୍ମର ଉର୍ଦ୍ଧ୍ୱକୁ ଉଠିନପାରିଲେ ତାହା ପ୍ରେମ ହୁଏନା, ବରଂ ଆସକ୍ତି ପାଲଟିଯାଏ । ପ୍ରସିଦ୍ଧ ଦାର୍ଶନିକ ପ୍ରେମର ବ୍ୟାଖ୍ୟା କରିବାକୁ ଯାଇ କହନ୍ତି, "Love is a state of seeing in which one with its identification, annies and passion is absent. ସେଥିପାଇଁ କବୀ ଶ୍ରୀମତୀ ଦାଶ ମଧ୍ୟ ଅନୁଭବ କରନ୍ତି–

"ନିଃସର୍ତ୍ତ ସମର୍ପଣ ଭିତରେ / ଉଛୁଳି ଉଠେ ପ୍ରେମ / ପାଦରୁ ଛାଡ଼ିଯାଏ ଶିକୁଳି ।

X X X X X X X X

ଫେରିଆସେ ଫଗୁଣ / ଉଜୁଡ଼ା ବଗିଚାକୁ / ନୂଆ ମୁହଁଟିଏ ଦିଶେ / ପୁରୁଣା ରାସ୍ତାରେ ।"

(ନୂଆ ପୁରୁଣା)

ଯେଉଁଠି ବଂଧନ ସେଇଠି କଂପନ । ବଂଧନ ପ୍ରେମର, ପ୍ରତ୍ୟୟ । ସେଥିପାଇଁ ଭୋକରେ ପେଟ ପୂରୁନଥିବା ବ୍ୟକ୍ତିଟି କମ୍ ବଡ଼ ପ୍ରେମିକ ନୁହେଁ । ଏହାତ ଦେହରୁ ଦେହାନ୍ତରକୁ ଯାତ୍ରା, ଅପୂର୍ଣ୍ଣତାରୁ ପୂର୍ଣ୍ଣତା ଆଡ଼କୁ ଉତ୍ତରଣ । ପ୍ରେମରେ ଯାହା ହରାଇବାର

ଆଶଙ୍କା ନାହିଁ, ତାହାହିଁ ପ୍ରାପ୍ତିର ପରିପୂର୍ଣ୍ଣ ରୂପ । ସେଥିପାଇଁ ପତ୍ନୀ ଅପେକ୍ଷା ପ୍ରେୟସୀ, ପତି ଅପେକ୍ଷା ପ୍ରେମିକର ଜୟଗାନରେ ବୈଷ୍ଣବ ସାହିତ୍ୟ ନିନାଦିତ । ବିଶ୍ୱର ଶ୍ରେଷ୍ଠ କାବ୍ୟକୁଂଜରେ ବି ଏହି ଅବଧାରଣାର ମାର୍ମିକ ଅନୁଭବ ଦୃଷ୍ଟିଗୋଚର ହୁଏ । ନଦୀଟିଏ ପରି ପ୍ରେମ ମଧ୍ୟ ଏକ ପ୍ରବାହ ଯେଉଁଠି ବିଶ୍ୱାସରେ କେବଳ ଭସାଇ ଦେଇହୁଏ । ପ୍ରେମ ପରି ଏକ କୋମଳତମ ବିଭାବଟିକୁ କୌଣସି ତତ୍ତ୍ୱରେ ଖୋଜିବାର ପ୍ରୟାସ ଏକ ଅର୍ଥହୀନ ପ୍ରଚେଷ୍ଟା । ତେବେ ପ୍ରତ୍ୟେକ ସାମାଜିକ ମଣିଷଟିଏ ଭିତରେ କେଉଁଠି ନା କେଉଁଠି ଅଦେଖା କ୍ଷତଟିଏ, ଆପଣାର ପରି ଅସହାୟତାଟିଏ ଛପି ରହିଥାଏ । କାହାକୁ କହି ହେଉନଥିବା ସେହି ଅଦୃଶ୍ୟ କ୍ଷତର ଜ୍ୱଳନକୁ କେବଳ ଅନୁଭବ କରିହୁଏ ପ୍ରତିମୁହୂର୍ତ୍ତରେ, ଦେହର ପ୍ରତିଟି ସ୍ନାର୍ଶବିନ୍ଦୁରେ । କବିଙ୍କ ଭାଷାରେ–

"କ୍ଷତର ଜ୍ୱଳନରେ / ସାରା ରାତି ଜଜାଗର / ଜଦାସିଆ ଦିନମାନ / ଛାତି ତଳେ ତା'ର / ଶୁଭୁ ନଥିବା କାନ୍ଦ ଭଳି / ଅଟକି ଯାଉଛି କିଛି ଅଝଟ ପବନ ।" (କ୍ଷତ)

କାବ୍ୟନାୟିକାଙ୍କର ସେହି ନପାରିଲାପଣର କ୍ଷତ ଆମ ସମସ୍ତଙ୍କର ସମସ୍ତଙ୍କ ଭିତରେ । ଏବଂ ଏହି ନପାରିଲା ଅସହାୟତା ହିଁ 'ମଲ୍ଲିକା ।' ନପାରିଲାପଣର ଅଦୃଶ୍ୟ ଯନ୍ତ୍ରଣା ବାସ୍ତବରେ କେତେ ହୃଦୟସ୍ପର୍ଶୀ ।

ଅପ୍ରାପ୍ତିର ଅନୁଭବ, ଅବସୋସ ଆଧୁନିକ ମଣିଷର ନିୟତି । ସେହି ଶେଷହୀନ ଶୂନ୍ୟତା ଭିତରେ ବଂଚିରହି ଜୀବନକୁ ଅନୁଭବ କରିବା ତା'ର ଭାଗ୍ୟ । ନିଜ ଭିତରେ ଥିବା ମିଠାମିଠା ଶୂନ୍ୟସ୍ଥାନ ଭିତରେ ନିଜକୁ ଖୋଜିବାର ହରଣ ଗୁଣନରେ ସେ ବ୍ୟତିବ୍ୟସ୍ତ । ଦ୍ୱିଧା ବିଭକ୍ତ ମଣିଷ ଏକ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେବାରେ ଅସମର୍ଥ । ବିଶ୍ୱାସ ଏବଂ ଅବିଶ୍ୱାସର ଭାବାଲୋକରେ ସେ ପଥବଣା । ଅତଏବ ଦହନ ଭିତରେ ଜୀବନ ବଂଚୁଥିବା ମଲ୍ଲିକାମାନେ କେବଳ ଦୁଃଖକୁ ଭାଗଭାଗ କରି ବଂଚି ଚାଲିଥାନ୍ତି, ଯେମିତି କାବ୍ୟ ନାୟିକା ଭଂଗାଗଡ଼ା ସମୟ ଭିତରେ ଏକ ନିର୍ଲିପ୍ତ ଅନୁଭବ ସହ ଜୀବନର ସଫଳତା ଓ ବିଫଳତା ମଝିରେ ପ୍ରଶ୍ନବାଚୀଟିଏ ପରି ଛିଡ଼ା ହୋଇଥାନ୍ତି ଏକା ଏକା । ଶୁନଶାନ୍ ଜହ୍ନାରାତିର ନଇବାଲିରେ ସେ ଯେପରି ଏକ ଚକୋରୀର ଦୀର୍ଘଶ୍ୱାସ । ଲଣ୍ଡାପାହାଡ଼ର ଏକଲା ଗଛଟେ ସେ, ଦିନରାତି ତା' ଚାରିପଟେ ପକ୍ଷୀମାନଙ୍କ କାକଳିର କୋଳାହଳ, କିନ୍ତୁ ସେସବୁ ତାଙ୍କପାଇଁ ଘଟଣା ବିହୀନ । ସେ ନିଜ ଭିତରେ ବନ୍ଦୀ,

ସ୍ଥିର, ନିଶ୍ଚଳ । ତେଣୁ ମଲ୍ଲିକାର ଅଭାବବୋଧର ନିଭୃତ ମୁହୂର୍ତ୍ତକୁ ପାଠକ ନିଜ ଭିତରେ ସହଜରେ ମାପି ପାରିବ । ଆଧୁନିକ ମଣିଷର ଅପ୍ରାପ୍ତି, ଯନ୍ତ୍ରଣା ଏବଂ ଅଭାବବୋଧ ତ ଏବେ ଏକ ସାଧାରଣ ଅନୁଭୂତି । କବିଙ୍କ 'ପ୍ରଶ୍ନବାଚୀ' କବିତାରେ ତାହାହିଁ ତ ପ୍ରମୁଖ ସ୍ୱର । ଯେମିତି–

"କେଉଁଠି ଥାଏ ମଲ୍ଲିକା / ନିଜେ ବି ଜାଣେନା / କିଏ ତାକୁ ଭାଂଗେ ଗଢ଼େ / ଯୋଡ଼େ ପୁଣି ଖିନ୍‌ଭିନ୍ କରେ / ଦିଗହଜା ପବନରେ / କେବେକେବେ ସଂପର୍କର / ପର୍ଦ୍ଦା ଉଡ଼ିଗଲେ / କାହା କାହା ମୁହଁ ଉଙ୍କିପାରେ ।"

ବାସ୍ତବରେ ଆଧୁନିକ ମଣିଷର ବହୁବିଧ ବିରୋଧାଭାସ, ଦ୍ୱିଧା ବିଭକ୍ତ ଜୀବନ, ଅସୁମାରୀ ବିଫଳତା ତଥା ପ୍ରେମକୁ ନେଇ ଯନ୍ତ୍ରଣା ଓ ଆକୁଳତାରେ ବଂଚୁଥିବା ମଣିଷର ପ୍ରତୀକ । ତେବେ ପ୍ରେମ ସକଳ ବିରୋଧାଭାସ ମଧ୍ୟରେ ସକାଳର ନିଷ୍ପାପ ଶିଶିରବିନ୍ଦୁଟିଏ । ସକଳ ପ୍ରତିକୂଳ ପରିସ୍ଥିତିରେ ସେ ଏକ ଜୀଇଁବାର ସଫଳ ଏକ ପ୍ରତିଶୃତି । ଅତଏବ ମଲ୍ଲିକା ବର୍ତ୍ତମାନ ସମୟଖଣ୍ଡରେ ପ୍ରତି ମଣିଷର ଅବଚେତନ ମାନସର ଏକ ଏକ ରୂପକାତ୍ମକ ଅଭିବ୍ୟକ୍ତି । ତାଙ୍କର ସେମିତି ରୋମାଣ୍ଟିକ କବିତା 'ପୁରୁଣା ଗୀତର ଧୂନ୍' ଓ 'ଏକତାରା ଗୀତ'ରେ ଜୀବନମୟତାର ସ୍ୱର ବେଶ୍ ଭାବଗମ୍ଭୀର ଓ ପ୍ରାଣସ୍ପର୍ଶୀ । ପ୍ରେମ-ପ୍ରଣୟ ଓ ସବୁଜ ଭାବାବେଗକୁ ଉଦ୍ଧାରି ଆଣିବା ବେଳେ ସେ ଯେମିତି ଛଳଛଳ, ସମୟସମାୟିକ ଜୀବନବୋଧକୁ ଉଖାରି ଆଣିବା ବେଳେ ସେ ସେମିତି ମୁଗ୍ଧ, ମାନ୍ତିକ, ଉତ୍ତରଳ । ଶ୍ରୀମତୀ ଦାଶଙ୍କ ଚିତ୍ରକଳ୍ପ ଓ ପ୍ରତୀକର ପ୍ରୟୋଗ ଖୁବ୍ ସୀମିତ, ମିତବ୍ୟୟୀ ଭାଷା ପରି । ପୁଣି ଦୁର୍ବୋଧ କ୍ଲିଷ୍ଟ କଳ୍ପନା ନାହିଁ କିମ୍ବା ଅଯଥା ବୌଦ୍ଧିକ କସରତ ।

ସତକଥା, ଅସଂଖ୍ୟ ବ୍ୟର୍ଥତା ଓ ବିଫଳତାକୁ ନେଇ ଜୀବନଟିଏ ଜୀଇଁବା ଖୁବ୍ ସରଳ ଓ ସହଜ କଥାନୁହେଁ । ଜୀବନ ତ ଏକ ଶବ୍ଦମୟ ବିଳସିତ ଉଚ୍ଛ୍ୱାସ, ମହାନୀରବତାର ଅଜସ୍ର ପଦଧ୍ୱନି । ଝଡ଼ର ସାମ୍ନୋନି, ଆଲୋକର ଆର୍କେଷ୍ଟା । ଏହା କଦାପି ଆଂଜୁଳାଏ ତୃଷ୍ଣାର ଅତଳ ଗଭୀରତା ହୋଇନପାରେ । ବରଂ ସେ ନିରବଧି ସମୟର ଅଧୀର ଏକ ଉପାସନା । କବିଟିଏ ସେହି ଉପାସନାର ବତୁରା ସ୍ୱର । କବିତା ସେହି ସ୍ୱରର ଆବେଗମୟ ଲିପି । କେଉଁ ଦୂରନ୍ତ ଝାଉଁବଣର ଆଶ୍ଚର୍ଯ୍ୟମୟ ଗୋଧୂଳି ।

"ସେଠାରେ ଛାତିକୁ ପଥର କରି, ନିଆଁ ସହ, ପାଣି ସହ ଯୁଝିବାକୁ ପଡ଼େ"

ଗଛଟିଏ ପରି ସହନଶୀଳହେବା "ଖୁବ୍ ସହଜ କଥା ନୁହେଁ ଅବଶ୍ୟ ନିଜକୁ ନିର୍ଲିପ୍ତ କରି / ଅନ୍ଧାର ଓ ଆଲୁଅକୁ / ଏକାଠି କାନ୍ଧେଇ / ନିର୍ବିକାର ହୋଇଯିବା / ଏତେ ସହଜ କଥା ନୁହେଁ / ବରଂ ଜଳିଯିବା ସହଜ ।" (ଏକତାରା ଗୀତ) ସେମତି ପୁରୁଣାଗୀତର ଧୂନ୍‌ରେ "ବୁଣିଦିଏ ଖୁସିର ବେପଥୁ ।" ବତୀଘରର ଶେଷ ଆଲୋକ ଦେଖାଇ ବଶୀଭୂତ କରିଦିଏ ବାଟବଣା ଜୀବନକୁ । ଜଳିଯିବାକୁ ଇଚ୍ଛା ହୁଏନା, ଇଚ୍ଛା ହୁଏନା ପାଶୋରି ଦେବାକୁ ଜୀବନର ଯାବତୀୟ ଆକର୍ଷଣ, ପ୍ରତୀକ୍ଷାର ମଧୁର ଦହନ ।

ପ୍ରସିଦ୍ଧ ଇଂରାଜୀ କବି John Keats କହନ୍ତି: *"Heard melodies are sweet / But those unheard are sweeter."*

"ପୁରୁଣା ଗୀତର ଧୂନ୍"ରେ ଅଦୃଶ୍ୟ ସଂଗୀତର ତରଂଗରେ ଆତ୍ମବିଭୋର କାବ୍ୟ ନାୟିକା ସେହି ସଂଗୀତର ସ୍ୱର୍ଶରେ ଖୋଜି ବସିଛନ୍ତି ଜୀବନକୁ, ପ୍ରିୟତମଙ୍କ ସହ ବିତିଥିବା ପ୍ରଚୁର ପ୍ରାଚୁର୍ଯ୍ୟର ଅନୁଭବ, ଅନୁଭୂତିକୁ, ଯାହା ଭାଂଗିଦିଏ ମୃତ୍ୟୁର ଜଡ଼ତା, ଭରିଦିଏ ପ୍ରାଣରେ ଅସରନ୍ତି ଆବେଗ, ଭାବର ଉଚ୍ଛ୍ୱାସ, ଭାବନାର ବିଳାସ, ଖୋଜି ହେବାର ପରାସ – ସବୁକିଛି ଏକୀଭୂତ ହୋଇଛି ଶ୍ରୀମତୀ ଦାଶଙ୍କ କବିତାରେ , ବାସ୍ତବତାୟିତ ସ୍ୱପ୍ନରେ ପୁଣି ସ୍ୱପ୍ନାୟିତ ବାସ୍ତବତାରେ । "And love is lovelist when emblemed is tears." କବି ନିଜ କୃତଜ୍ଞତାରେ କହନ୍ତି "ନିଜ ସହ ନିଜେ ଲଢ଼େଇ କରି ଲହୁଲୁହାଣ ହୋଇଥିବା ମଲ୍ଲିକାମାନେ ହିଁ ମୋର ପ୍ରେରଣା । ସେମାନଙ୍କ ଭିତରେ ମୁଁ ଅଛି, ଆଉ ମୋ ଛାତିରେ ସେମାନଙ୍କ ଆବେଗ, ପ୍ରେମ, ପ୍ରତାରଣାର ଅନୁଭବ ।" ବାସ୍ତବରେ "ତାଙ୍କ ଲେଖାରୁ ଉକୁଟି ଆସୁଥାଏ ଛଳଛଳ ଅନ୍ତରଂଗ ଅନୁଭବ ।" ପ୍ରକାଶକଙ୍କ ଘୋଷଣାନାମାରେ କବିଙ୍କ ସଂପର୍କରେ ଏହା ସ୍ପଷ୍ଟ ଯେ ଶ୍ରୀମତୀ ଦାଶ ନିଜେ ହିଁ ମଲ୍ଲିକା, "ଧାବମାନ ଜୀବନ ଧାରା ଭିତରେ ଏକା ଜୀଇଁଥିବା ନାରୀମାନଙ୍କ ପାଇଁ ଏକ ମୁକ୍ତିମନ୍ତ୍ର, ଆଲୋକ ବର୍ତ୍ତିକା"

ନିବୁଜ ଅଂଧାର ଘରେ ପ୍ରେମର ଅବିନାଶ ଦୀପଟିଏ ଜାଳି ନଷ୍ପାପ ଦେହ ଓ ନିଷ୍କପଟ ମନରେ ସ୍ୱର୍ଶ ଟିକଏ ପାଇଁ ଅସରନ୍ତି ପ୍ରତୀକ୍ଷାର ଦିନ ସେ ବଂଚି ଚାଲିଛନ୍ତି କାହାର କୋମଳ ସ୍ୱର୍ଶରେ ସେ ହୁଏତ ବହି ଯାଇପାରନ୍ତି ନଈଟିଏ ପରି । ତାଙ୍କ 'ଅଂଧାରରେ' ଓ 'ସାଲିସ' କବିତାରେ ସେହି ବିରହ ସନ୍ତାପିତ ହୃଦୟର ରୋମାଣ୍ଟିକ ସ୍ୱର । ନିଃସଙ୍ଗତାର ଅନ୍ତରଂଗ ଅନୁଭବକୁ ଆଲିଙ୍ଗନ କରିବାର ଅସଫଳ ପ୍ରୟାସ ।

କବିତାରେ କାବ୍ୟନାୟିକାଙ୍କର ନିଜ ପ୍ରିୟତମ ସହ ସାଗରର ନିରୋଳା ବେଳାଭୂମିରେ ଅନ୍ତରଂଗ ଅଭିସାରର ଚିତ୍ର ଅତ୍ୟନ୍ତ ମର୍ମସ୍ପର୍ଶୀ । ତାଙ୍କ ଭାଷାରେ *"ସେ ବୋଧେ ଶେଷ ଯାତ୍ରା ଥିଲା / ହଠାତ ତୁମେ କହିଲ / ଏଇଠି ଥାଉ / ରାତି ପାହୁ ବା ନପାହୁ ।"* ସେଦିନ କାବ୍ୟନାୟିକାଙ୍କର ବିଦାୟକାଳୀନ ଦୁଃଖଦ ଅନୁଭୂତି ଅବଶିଷ୍ଟ ଜୀବନ ପାଇଁ ଏକ ଅଭୁଲା ଅଶ୍ରୁଳ ସ୍ମୃତି । ସେହି ସ୍ମୃତିକୁ ଧରି ଶବ୍ଦହୀନ ନଈ ଓ କାନ୍ଦହୀନ ଦୁଃଖ ସହ ତାଙ୍କ ଅବଶିଷ୍ଟ ଜୀବନର ଆତ୍ମିକ ପଦଯାତ୍ରା ।

ବାଟହୁଡ଼ିବା ଯେମିତି ମଣିଷ ପାଇଁ ଏକ ନିରାଟ ବାସ୍ତବତା, ସେମିତି ହଜେଇ ଦେଇଥିବା ଠିକଣାକୁ ଖୋଜିବା ବି ହେଉଛି ଜୀବନର ଅନ୍ୟତମ ଅବଧାରିତ ସତ୍ୟ । ସେଥିପାଇଁ ଯେମିତି ଦୁଃଖର ନଈ ପାରି କରିବାକୁ ଝାଟିମାଟି ପହ୍ଲାଟା ଭିତରେ ତକେଇ ବସିଥାଏ ନାଉରୀଟିଏ ଆଉ ଜୀବନର ଗରଜରେ କଲମ ଧରିଥିବା କବିକୁ ନ୍ୟସ୍ତ ହୋଇଥାଏ ବାଟ ଦେଖାଇବାର ଗୁରୁଦାୟିତ୍ୱ । କବିତାରେ ଅଂଗେନିଭା କଥା କହୁଁକହୁଁ ତହିଁକି କବିଟିଏ ନିର୍ମାଣ କରୁଥାଏ ଗୋଟେ ନୂଆ ଜୀବନର ନକ୍ସା । ଏହା ସତ ଯେ ଏ ସଂସାର ନିତ୍ୟ ଓ ନିୟମିତ । ବହୁ ସମସ୍ୟା, ଶଙ୍କା, ଦୁଃଖ, ଦୁର୍ଦ୍ଦଶା, ସ୍ନେହ, ପ୍ରେମ, ବିସ୍ମୟ ଓ ବିରହ ଦ୍ୱାରା ଗଠିତ ଏ ଜୀବନ । ଯେଉଁଠି ପ୍ରତ୍ୟେକ ମୁହୂର୍ତ୍ତରେ ସ୍ଥିତିବାଦୀଙ୍କ ଭାଷାରେ Every day ness ର ସାମ୍ନା କରେ କବି । ପ୍ରତିଦିନର ଜୀବନ ସଂଘାତ ଭିତରେ କବି କେବେବି ମ୍ରିୟମାଣ ହୋଇ ପଡ଼େନି, ଶୋକ ଓ ଆଶଙ୍କାରେ ଭାଂଗି ପଡ଼େନି, ଅଂଧାରର ତୀବ୍ରତମ ଅନୁଭୂତି ଭିତରେ ପଥହୁଡ଼େନି । ସେ ନିଜ ଦୃଶ୍ୟକୁ କଲମରେ ଜୀବନ୍ୟାସ ଦିଏ, ବାଙ୍ମୟତା କରେ ମୃତ ଶବ୍ଦକୁ ।

କାବ୍ୟନାୟିକା ଜୀବନର ଅନେକ ବର୍ଷ ବିତି ଯାଇଥିଲେ ବି ସେ ପାଶୋରି ପାରି ନାହାନ୍ତି ନିଜର ପ୍ରିୟତମ କାବ୍ୟ ନାୟକଙ୍କୁ । ମନର କ୍ୟାନଭାସରୁ ସ୍ୱପ୍ନର ରଂଗ ସିନା ଲିଭି ଯାଇଛି, ଅବୁଝାମଣା ବର୍ଷାରେ ମନରୁ ଧୋଇ ହୋଇ ଯାଇଛି ସିନା ପ୍ରଣୟର ଝୋଟି, ତଥାପି ରୋମାଣ୍ଟିକ ଯନ୍ତ୍ରଣାରେ ଅସଂଖ୍ୟ କଦମ୍ବ ଫୁଟେ ତାଙ୍କ ମନରେ । କବି ଶ୍ରୀମତୀ ଦାଶ ରମାକାନ୍ତ ଅଥବା ସୀତାକାନ୍ତଙ୍କ ପରି କଦାପି ଜୀବନକୁ ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କରିନାହାନ୍ତି, କିମ୍ବା ସୌଭାଗ୍ୟଙ୍କ ପରି ଜୀବନର ଗଭୀର ଅର୍ଥ ଅନ୍ୱେଷଣ କରି ମୃତ୍ୟୁକୁ ଜୀବନର ସମସ୍ତ ଅର୍ଥ ବୋଲି କେଉଁଠି ଉଲ୍ଲେଖ କରି ନାହାନ୍ତି । ତାଙ୍କ ସମସ୍ତ କବିତାର ମୁଖ୍ୟ ସ୍ୱର ସ୍ଥିତିବାଦୀ ବିଚାର ଓ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ

ଜୀବନ ତ ଶୂନଶାନ ନିଶୂନ ପଠାରେ ଝଲମଲ ଖରାର ତଲଓ୍ୱାର । ଶିରିଶିରି ପବନର ଚୋରାଚାହାଣୀ, ଧୀର ତରଂଗିତ ହ୍ରଦର ଛାଇଛାଇଆ ମୁହଁ ମଣିଷ ସୃଷ୍ଟିର ଭରପୁର ସୌନ୍ଦର୍ଯ୍ୟର ସୀମା ସରହଦ ଭିତରୁ ଜୀବନକୁ ନିକାଲି ଦେଇପାରେ ନାହିଁ ବୋଲି ତ ସେ ଜୀଇଁଚି । ସବୁ ଦୋଷ ତ୍ରୁଟି ସତ୍ତ୍ୱେ, ସବୁ ଲାଭ ଲୋକସାନ ସତ୍ତ୍ୱେ, ସବୁ କ୍ଷୟକ୍ଷତିର ହିସାବ ସତ୍ତ୍ୱେ ସବୁ ନିଷ୍ପ୍ରଭ, ନିଷ୍ପ୍ରାଣ ଅଂଧାରିଆ ମୂଲକର ଭୀଷଣତା ସତ୍ତ୍ୱେ ଜୀବନ ସପକ୍ଷରେ ସେ ଓକିଲାତି କରେ । ଗଭୀର ଅନ୍ତର୍ଦାହରେ 'ଅନ୍ଧାରରେ' ଅସ୍ତବ୍ୟସ୍ତ, ଅତିଷ୍ଠ ହେଲେବି ମୁଠାଏ ଆଲୋକର ଅପେକ୍ଷାରେ ନିଜ ସହ ନିଜକୁ ସାଲିସ କରିବାକୁ ପଡ଼େ ।

"ଏତେ ଝଡ଼ବର୍ଷା ହେଲେ ବି / ମରି ହଜିଯାଇଥିବା / ନିଜତ୍ୱ ଟିକକ ସେ ଖୋଜି ବସେ / ଯେମିତି ଖୋଜିବସେ / ଆପଣା ଆପଣା ଲାଗୁଥିବା / ପ୍ରିୟ ବାସ୍ନାକୁ ।" (ସାଲିସ୍)

ନାରୀ ପୁରୁଷ ମଧ୍ୟରେ ପ୍ରେମଗତ ପାର୍ଥକ୍ୟ ଦର୍ଶାଇବାକୁ ଯାଇ Byron କହନ୍ତି "Man's love is man's life a thing apart, it is woman's whole existence." ପୁରୁଷ ପାଇଁ ପ୍ରେମ ନିହାତି ଅପରିହାର୍ଯ୍ୟ ପରିଗଣିତ ହେଉ ନଥିବାବେଳେ ନାରୀର ଏହା ଜୀବନ ସର୍ବସ୍ୱ । ସତ କହିବାକୁ ଗଲେ ପ୍ରେମ ବ୍ୟାପାରରେ ନାରୀଟିଏ ପୁରୁଷ ଠାରୁ ଅଧିକ ସଚେତନ, ସ୍ପର୍ଶକାତର । କାବ୍ୟ ନାୟିକାଙ୍କ କ୍ଷେତ୍ରରେ ତାହାହିଁ ପରିଲକ୍ଷିତ ହୁଏ ।

ସୃଷ୍ଟି ଓ ସ୍ରଷ୍ଟା ଉଭୟଙ୍କ ଭିତରେ ଥିବା ମାର୍ମିକ ସଂପର୍କ ଓ ନିକଟତମ ଏକତା ଏମିତି ଗୋଳାଗୋଳି, ଫେଣ୍ଟାଫେଣ୍ଟି ହୋଇ ଗୋଟେ ବିସ୍ମୟକର ବର୍ଣ୍ଣଳ ବିଭାରେ ଉଭାହୁଏ ଯେ ସୃଷ୍ଟିକୁ ଭଲ ପାଉଥିବା, ସୃଷ୍ଟିକୁ ବିହ୍ୱଳ ଓ ପ୍ରଶ୍ନିଳ ଦୃଷ୍ଟିରେ ଅନୁଭବ କରୁଥିବା ସ୍ରଷ୍ଟାର ମଗଜ ଠିକ୍ ଥାଏନା ସୃଷ୍ଟିରେ ନିମଗ୍ନ ଥିବାବେଳେ । ସେହି ତନ୍ମୟତା ହିଁ କବିର ଜୀବନବୋଧ, ସୃଷ୍ଟି ପାଇଁ ସମ୍ଭାବନାର ଏକ ସଫଳ ମାନଚିତ୍ର ।

ଉକ୍ତ ସଂକଳନରେ ସନ୍ନିବେସିତ 'ବେଳେବେଳେ' 'ପ୍ରେମିକା', 'କଥାଦିଅ', 'ତୁମେ ଆସିଲେ', 'ଅସମୟ' ଆଦି କବିତାରେ କବିଙ୍କ ବ୍ୟକ୍ତିଗତ ଯନ୍ତ୍ରଣାର ସ୍ପର୍ଶାତୁର ଚିତ୍ରସବୁ ବିଦ୍ୟମାନ । ଶ୍ରୀମତୀ ଦାଶଙ୍କର ଅନୁଭୂତିର ଜଗତ ବେଶ୍ ବ୍ୟାପକ, ପୁଣି ସେହି ବ୍ୟାପକତା ଏକ ନିର୍ଦ୍ଦିଷ୍ଟ ସୀମା ଯାଏ ପ୍ରଲମ୍ବିତ । ତାଙ୍କର ହସକାନ୍ଦ ଓ ସୁଖଦୁଃଖ ଆବେଗ-ଉଦ୍‌ବେଗର ବିଶ୍ୱ ପରିଚୟ ସୃଷ୍ଟିରେ ସେସବୁ ଉତ୍‌କୀର୍ଣ୍ଣ । 'କାଲି ରାତିରେ'

ହୋଇଥିବାରୁ ବାସ୍ତବ ଦୃଷ୍ଟିରୁ ସେ ନିରୀକ୍ଷଣ କରିଛନ୍ତି ଜୀବନକୁ ଏବଂ ଜୀବନ ମାଧ୍ୟମରେ ନିଜର ସ୍ଥିତିକୁ । ଯେମିତି ତାଙ୍କର କବିତା 'ଭୁଲି ଯିବାକୁ ହେବ'-

"ଫାଇଲିନ୍ ପର ସକାଳରେ / ଭଂଗା ଡାଳ ଉପରେ / ଭାଂଗି ପଡ଼ିଥିବା ବସାକୁ / ପକ୍ଷୀଟିଏ ସଜାଡ଼ିବା ଭଳି / ସହଜ କରିଦେ ନିଜକୁ / ଭଲ ପାଆ ଜୀବନକୁ ।"

ପୁଣି ଅନ୍ୟ ଏକ କବିତାରେ (ବେଳେ ବେଳେ) ସ୍ଥିତିବାଦୀ ଦର୍ଶନର ଝଲକ-

"ମଲ୍ଲିକା ଦେଖେ ଆଶ୍ଚର୍ଯ୍ୟ ଆଖିରେ / ପ୍ରଥମ ମାଟି ଓ ଗଛକୁ / ଫୁଟି ଆସୁଥିବା କଢ଼ି / ଉଇଁ ଆସୁଥିବା ଜହ୍ନକୁ ।"

ସ୍ମୃତି ଯେତେ ଦୁଃଖ, କରୁଣ ଏବଂ ଯନ୍ତ୍ରଣାଦାୟକ ହେଲେବି ଶୂନ୍ୟତା ସହ ସଂଗ୍ରାମ କରୁଥିବା (encounter with nothingnees) କାବ୍ୟ ନାୟିକା ଜୀବନ ପାଇଁ ସ୍ୱପ୍ନ ଦେଖନ୍ତି ଏକ ଭିନ୍ନ ଦୁନିଆର ସ୍ୱପ୍ନ । ଯେମିତି ଉଡ଼ାଣ ପରେ ପକ୍ଷୀଟିଏ ଫେରି ଆସେ ନିଜ ନିତିଦିନର ବସା ଭିତରକୁ । ବଂଚିବାର ମୋହ, ଆଗକୁ ବାଟ ଖୋଜିବାର ଅଭିପ୍ସା ତାକୁ ଚମତ୍କୃତ କରେ, ଯାହା ଜୀବନର ସବୁଠାରୁ ବଡ଼ ବାସ୍ତବତା

କବିର ବେଦନାବୋଧ ହୃଦୟ ହିଁ କବିତାର ଜନ୍ମଭୂମି । ଏକଥା ଅନସ୍ୱୀକାର୍ଯ୍ୟ ଯେ ଶ୍ରୀମତୀ ଦାଶଙ୍କ କବିତାରେ ଆଧୁନିକ ମଣିଷର ଯନ୍ତ୍ରଣାବୋଧର ସ୍ୱର ଉଚ୍ଚକିତ । କିନ୍ତୁ ଜୀବନରେ ଯନ୍ତ୍ରଣା ଅଛି ସତ କିନ୍ତୁ ପ୍ରତି ଯନ୍ତ୍ରଣା ପଶ୍ଚାତ୍ ଏକ ସ୍ୱତନ୍ତ୍ର ଆନନ୍ଦ ବିଦ୍ୟମାନ, ସକାଳଟିଏ ବିଦ୍ୟମାନ, ସେମିତି ଦୁଃଖକୁ ପାଶୋରି ଯିବାକୁ ପ୍ରେରଣାଟିଏ । ସାଂପ୍ରତିକ ବିଷାଦଗ୍ରସ୍ତ ଜୀବନରେ ମୃତ୍ୟୁର ଘନଘୋର ଅଂଧକାରକୁ ଅତିକ୍ରମ କରିବାକୁ ହେଲେ ଲୋଡ଼ାପଡ଼େ ମୁକ୍ତି, ଆଶ୍ୱାସନାର ଶୀତଳ ସ୍ପର୍ଶ ପାଇଁ ଉଦ୍‌ବେଳିତ ହୃଦୟକୁ ଶାନ୍ତ କରିବାକୁ ହେଲେ ଲୋଡ଼ା ପଡ଼େ ଆତ୍ମାର ପରଚିତି । ନିଜ ପୃଥିବୀର ତମସାଚ୍ଛନ୍ନ ଅଂଧାରର ଅସ୍ତିତ୍ୱ ଭିତରେ ବଂଚିବାକୁ ହେଲେ ଲୋଡ଼ା ଭିନ୍ନ ଆକାଶର ଚନ୍ଦ୍ରାଲୋକ । ଏହା ସ୍ଥିତିବାଦୀ ହେଉ ଅବା ରୋମାଣ୍ଟିକ୍, ବଂଚିବାର ସରଳ ସୂତ୍ରଟିଏ ନିଶ୍ଚୟ । କବି Patric Andersonଙ୍କ ଭାଷାରେ "I shall have to cry into my own voice" ଏହି ଅନତିକ୍ରମ୍ୟ ବାସ୍ତବତା ଭିତରେ କବି ଶ୍ରୀମତୀ ଦାଶଙ୍କ "ତୁମେ ଆସିଲେ" କବିତା ପ୍ରଣିଧାନଯୋଗ୍ୟ ।

ଯାହାର ଉପଶମ ଅସମ୍ଭବ, ତାକୁ ତ ଜୀବନବ୍ୟାପୀ ଆପଣାର କରିନେବାକୁ ପଡ଼ିବ । ତଥାପି ଶୂନ୍ୟ ହାତରେ ରହିଯିବା ନିଚ୍ଛକ ବାସ୍ତବତା ଜାଣି ମଧ୍ୟ ଏକ କାଳ୍ପନିକ

ସତ୍ୟକୁ ନିଜ ସାନ୍ତ୍ୱନା ପାଇଁ ଅବତାରଣା କରିଛନ୍ତି କବି । କବି ଈଶ୍ୱରଙ୍କ ସ୍ଥିତି ପ୍ରତି ଆଦୌ ଆସ୍ଥାବାନ ନୁହନ୍ତି, ଅଥଚ କାବ୍ୟ ପୁରୁଷ ତାଙ୍କ ହୃଦୟରେ ଈଶ୍ୱର ରୂପେ ବିଦ୍ୟମାନ ଯଦିଓ କାବ୍ୟପୁରୁଷ ତାଙ୍କ ବାସ୍ତବ ଜୀବନରୁ ଅନ୍ତର୍ହିତ । ଅନ୍ୟପକ୍ଷରେ ନିଜ ବାସ୍ତବ ସ୍ଥିତି ପ୍ରତି ସେ ସଂପୂର୍ଣ୍ଣ ସଚେତନ । ତାଙ୍କ ଭାଷାରେ-

"କେମିତି ମୁଁ ଜାଣିଥାନ୍ତି / ଲୁହର ବି ରଂଗ ଅଛି / ବିଷାଦ ଯେ ଋତୁ ହୋଇ / ଝରୁଥାଏ କାକର ଠୋପାରେ) / ତାରାମାନେ କୋହ କୋହ / ଛାଇଛାଇ ଗହନ ଅନ୍ଧାରରେ ।"

କିମ୍ବା

"ଯାହା ଯାହା ଅଳସି ପାରିଥାନ୍ତା / ଖସି ଯାଇଛି ହାତରୁ / ଜାଣିନାହିଁ କାହା ନିର୍ଦ୍ଦେଶରେ
ତଥାପି ତୁଳସୀ ଗଛଟେ ପରି ବଂଚି ରହିଛି / ବିଧ୍ୱସ୍ତ ଯୁଦ୍ଧ ଭୂଇଁରେ /ଫୁଲର ବାସ୍ନା ଚହଟୁଛି / ପହିଲି ବର୍ଷାର ଛୁଆଁରେ ।" (ଅସମୟ)

Mathew Arnold କହନ୍ତି "Poetry is at bottom a criticisim of life under the conditions fixed for such a criticisim by the law of poetic truth and poetic beauty."

କବିତା ଆତ୍ମଜୀବନର ସମାଲୋଚନା, ଯାହା କାବ୍ୟତତ୍ତ୍ୱ ଏବଂ ସୌନ୍ଦର୍ଯ୍ୟର ସୀମରେଖା ମଧ୍ୟରେ ଗତିଶୀଳ ।

ଯେମିତି ବ୍ୟକ୍ତିଗତ ଜୀବନରୁ ସାମାଜିକ ଜୀବନଯାଏ ପରିବ୍ୟାପ୍ତ ଶ୍ରୀମତୀ ଇନ୍ଦିରା ଦାଶଙ୍କ କବିତାର ସ୍ୱର । ଜାଗତିକ ଜୀବନର ଦୁଃଖ ଯନ୍ତ୍ରଣା, ବିଦ୍ରୋହ, ସମର୍ପଣ, ନିଃସଙ୍ଗତାର ସ୍ଥିତି, ଜୀବନର ଅର୍ଥ ଖୋଜିବାର ବ୍ୟାକୁଳତା, ମାଟିମନସ୍କତା ଓ ଆତ୍ମସ୍ୱୀକାରୋକ୍ତି ହିଁ କବିଙ୍କ ସ୍ୱକୀୟତାର ପ୍ରାମାଣିକ ବିଦବସ୍ତା । ପୁଣି ମଣିଷ ଜୀବନ ତ ତୁଚ୍ଛ ଏକ ହୀନସତ୍ତା କେବଳ ନୁହେଁ । ବଂଚି ରହିବା ଭିନ୍ନ ଆଉ କେଉଁ ମହତ୍ତର କଥା ପାଇଁ ପ୍ରାଣର ଅଦମ୍ୟ ବ୍ୟାକୁଳତା ରହିବା ସ୍ୱାଭାବିକ । ସେଥିପାଇଁ ଗୋଟେ ଉଚ୍ଚତମ ବୌଦ୍ଧିକ ଜୀବନ ପ୍ରତି ମଧ୍ୟ ତାର ପ୍ରବଳ ଉନ୍ମୁଖତା ରହିଥାଏ । ଶ୍ରୀମତୀ ଦାଶ କେବଳ ପ୍ରେମର ପରିବୃତ୍ତକୁ ପରିକ୍ରମଣ କରି ନାହାନ୍ତି, ସେ ମଧ୍ୟ ସମୟର ଆହ୍ୱାନରେ ଦେଶରେ ସମାଜବାଦ ପ୍ରତିଷ୍ଠା ପାଇଁ ହାତରେ ଧରିଛନ୍ତି ଲାଲଝଣ୍ଡା । କେତେବେଳେ ବେବିନା, ନିର୍ଭୟାଙ୍କ ପରି ନାରୀମାନଙ୍କ ନିର୍ଯ୍ୟାତନା ବିରୋଧରେ

କ୍ୟାଣ୍ଟେଲର ଶୋଭାଯାତ୍ରା ତ ଆଉ କେତେବେଳେ ଶ୍ରମିକ ଆନ୍ଦୋଳନ ଅଥବା ନିଜ ଭିଟାମାଟିରୁ ଉତ୍‌ଖାତ ହୋଇଥିବା ବାସ୍ତୁହରା ଅସହାୟ ମଣିଷଙ୍କ ମହତ୍ୱପୂର୍ଣ୍ଣ ଆନ୍ଦୋଳନରେ । ଏବେ ତ ସାରା ଦେଶରେ ଜଗତୀକରଣର ଋତୁ । ମାଟି ଓ ମଣିଷର ବଳିଦାନରେ ଶିଳ୍ପାୟନର ଜୟଯାତ୍ରା । ସାଧାରଣ ମଣିଷର ଜୀବନ ଜୀବିକାକୁ ନିରାପଦ ଓ ନିଶ୍ଚିତ ରଖିବାକୁ ସେ ସଂଗ୍ରାମ ପାଇଁ ପ୍ରସ୍ତୁତ । ଏହି ପ୍ରସଂଗରେ ମନକୁ ଆସନ୍ତି କବି ନଜରୁଲ ଇସମାଇଲ । ତାଙ୍କ 'ବିଦ୍ରୋହ' କବିତାର କିଛି ଅଂଶ ଉଦ୍ଧାର କରିବା ସମୀଚୀନ ମନେହୁଏ ।

"ମହାବିଦ୍ରୋହୀ ରଣକ୍ଲାନ୍ତ / ମୁହିଁ ସେଇଦିନ ହେବି ଶାନ୍ତ / ଯେବେ ଉତ୍‌ପୀଡ଼ିତର କ୍ରନ୍ଦନରୋଳ ଆକାଶେ ବତାଶେ ଧ୍ୱନି ବନି / ଅତ୍ୟାଚାରୀର ଖଡ୍‌ଗ କୃପାଣ ହୀମରଣତା ଭୂମେ ରଣିବନି / ବିଦ୍ରୋହୀ ରଣକ୍ଲାନ୍ତ / ମୁହିଁ ସେହିଦିନ ହେବି ଶାନ୍ତ ।"

ସାହିତ୍ୟ ତ ଚିରକାଳ ଦୁର୍ବାର ଆଉ ନିର୍ଭୀକ । ଏହି ନିର୍ଭୀକତା ତାକୁ ତାର ଚିନ୍ତନକୁ ସଂକୁଚିତ ନକରି ବରଂ ସଂପ୍ରସାରିତ କରେ । ସେ ମୁକ୍ତିର ଦିଶାରୀ ଅନୁପମ ସୁପମ ଅଭିବ୍ୟକ୍ତିର ପ୍ରାଣଛୁଆଁ ତରଂଗ । ଏହି ତରଂଗ କେତେବେଳେ ବିକ୍ଷୋଭିତ ତ କେତେବେଳେ ଶାନ୍ତ ନିସ୍ପନ୍ଦ ଆକାଶର ଚିତ୍ରପଟ । କେତେବେଳେ ମେଘାଚ୍ଛନ୍ନ ଆକାଶ ତ କେତେବେଳେ ଉଦାସ ଉଦାସ, ନରମ ଗୋଧୂଳି ଅଥବା ବିବର୍ଣ୍ଣ ସକାଳ । କବି ଅତି ଚମତ୍କାର ଭାବେ ନିଜର ମନୋଭାବ ବ୍ୟକ୍ତ କରିବାକୁ ଯାଇ କହନ୍ତି-

"ଦିନେ ନା ଦିନେ / ବଦଳିଯିବ ଏ ସମୟ / ଅଂଧାର ଯେତିକି ଗଭୀର ହେବ / ସମ୍ଭାବନାର ନୂତନ ସକାଳ / ଉଜ୍ଜ୍ୱଳ ଆଲୋକର / ବାର୍ତ୍ତା ନେଇ ଉଦ୍‌ଭାସିତ ହେବ ।"

(ପରିବର୍ତ୍ତନ)

ସ୍ୱପ୍ନ ଓ ବିଶ୍ୱାସକୁ ନେଇ ମଣିଷ ଜୀବନ ଗତିଶୀଳ । ତେଣୁ ବାସ୍ତବବାଦୀ କବିତା "Art for people's sake" ଅର୍ଥାତ 'ଜୀବନ ପାଇଁ କାଳ'ର ଦୃଷ୍ଟିଭଂଗୀକୁ ହିଁ ସ୍ୱୀକାର କରେ । ସେହି ଅବଧାରଣାର କବିଟିଏ ନିଜ ବିବର୍ଣ୍ଣ ବିଷର୍ଣ୍ଣତାର ଇତିହାସକୁ ଆଡ଼କରି ପରିବର୍ତ୍ତନ ପ୍ରତ୍ୟାଶାରେ ସ୍ୱପ୍ନ ଦେଖେ । କାବ୍ୟିକ ଆବେଗ ଓ କଳା ପ୍ରବଣତା ଦୃଷ୍ଟିରୁ କବିତାଟି ଅତ୍ୟନ୍ତ ଭାବଗର୍ଭକ ଏକ ଜାଗତିକ ସତ୍ୟର ପରିପ୍ରକାଶ କରେ । P.B. Shelly ଙ୍କ ଭାଷାରେ- "If winter comes can spring be far behind".

ଶ୍ରୀମତୀ ଦାଶ ବୋଧହୁଏ ସେଲିଙ୍କର ଏହି ଉକ୍ତିର ଅନୁସରଣରେ ନିଜ ମନର ବିଶ୍ୱାସକୁ ବ୍ୟକ୍ତ କରିଛନ୍ତି ।

'ଭ୍ରମ' ମଧ୍ୟ କବିଂକର ଅନ୍ୟ ଏକ ସାର୍ଥକ କବିତା । ମଣିଷ ଯାହାକୁ ଯଥାର୍ଥ ବୋଲି ବିଚାର କରିଥାଏ, ତାହା ସମୟାନ୍ତରରେ ଭ୍ରମ ବୋଲି ସାବ୍ୟସ୍ତ ହୋଇପାରେ । ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ସବୁ hypothesis ସତ୍ୟକୁ ରୂପାନ୍ତରିତ ହୋଇପାରେନା । କାରଣ ସେ ଆଜିଯାଏ ଯାହାକୁ ବାଟ ବୋଲି ଭାବିଥିଲେ, ସେ ପ୍ରକୃତରେ ଇପ୍‌ସିତ ବାଟ ନୁହେଁ, ଅବାଟ- ପଥରଭର୍ତ୍ତି ପୁଣି ଖାଲଖମା। ଯେଉଁବାଟରେ ଯାଇ ପହଂଚି ହେବନି ଲକ୍ଷ୍ୟସ୍ଥଳରେ । ଛାଇଟିକେ ପାଇବାକୁ ଯାହାକୁ ଆଶ୍ରା କରିଥିଲେ, ସେ ଗଛ ନୁହେଁ କାକ୍‌ଟସଟାଏ । ତେଣୁ କବିଙ୍କ ବିଶ୍ୱାସରେ ଛନ୍ଦ ପତନ ଘଟିଛି । Man Proposes but God disproposes ମଣିଷ ଯାହା ବିଶ୍ୱାସ କରେ, ଈଶ୍ୱର ସେ ବିଶ୍ୱାସର ବଶବର୍ତ୍ତୀ ହେବାକୁ କଦାପି ବାଧ୍ୟ ନୁହନ୍ତି । ତେଣୁ କବି ଭାଗ୍ୟବାଦୀ ପାଲଟି ଯାଇଛନ୍ତି ପରୋକ୍ଷରେ ଏବଂ ଈଶ୍ୱରଙ୍କ ଚମତ୍କାରିତା ପ୍ରତି ଆସିଛି ତାଙ୍କର ଗଭୀର ଅନୁରାଗ, ଅଖଣ୍ଡ ବିଶ୍ୱାସ । ଘଟଣା ପ୍ରବାହ ଭିତରେ ନିଜ ପ୍ରତି ସଂପୂର୍ଣ୍ଣ ଆସ୍ଥା ତୁଟିଗଲେ ସେ ଅଗତ୍ୟା ବିବଦମାନ ଈଶ୍ୱରଙ୍କର ଶରଣାପନ୍ନ ହୁଏ । ବାରମ୍ବାର ସାମ୍ନା କରୁଥିବା ଅନ୍ୟାୟ, ଅବହେଳା ପାଇଁ ସେ ଈଶ୍ୱରଙ୍କୁ ଦାୟୀ କରେ । କିନ୍ତୁ କବି ନିଜ ଉପରୁ ସଂପୂର୍ଣ୍ଣ ଆସ୍ଥା ହରାଇ ନାହାନ୍ତି, ଏବେ ବି ଅତୁଟ ରହିଛି ତାଙ୍କର ଆତ୍‌ବିଶ୍ୱାସ ସମୟକୁ ସାମ୍ନା କରିବାରେ, ବିପଦକୁ ବେଖାତିର କରିବାରେ ।

"ସବୁ ଅଘଟଣ ଭିତରେ ଥାଏ / ଜୀବନ ଜୀଇଁବାର ଉତ୍ସଟିଏ / ଯେମିତି ସବୁ ବତୀ ଲିଗଲାପରେ / ଜଳୁଥାଏ ବିଶ୍ୱାସର ବତୀଟିଏ / ଆଲୋକ ଅପେକ୍ଷାରେ / ମହାବାତ୍ୟାର ନିର୍ମମ ଆଘାତ ପରେ / ଉଂଗାଡାଳରେ ହସୁଥାଏ ଫୁଲଟିଏ / ସଜ ସକାଳରେ ।"

(ଭ୍ରମ)

ସେମିତି ତାଙ୍କର ଅନ୍ୟ ଦୁଇଟି କବିତା "କେହି ଜଣେ ଡାକୁଛି" ଏବଂ "ରାସ୍ତା" । ଜୀବନର ରାସ୍ତାରେ କେତେବେଳେ ଡହଡହ ଖରା ତ କେତେବେଳେ ଛମଛମ ଛାଇ । କେଉଁଠି ଛନଛନ ସବୁଜ ବନ ତ ଆଉ କେଉଁଠି ଧୂସର ବାଲିର । ଜୀବନର ହସକାନ୍ଦ, ସୁଖଦୁଃଖ ସବୁକୁ ସାମ୍ନା କରିବାକୁ ପଡ଼େ, ଅଟକି ଯିବାର ଅବକାଶ କାହିଁ ? କବି ମାୟାଧର ମାନସିଂହ କହନ୍ତି-

"ଜୀବନ ସଂଗ୍ରାମେ ଯେତେ ରକ୍ତ କ୍ଷୟ / ଯେତେ ପରାଜୟ / ସବୁ ଆଜି ମନେପଡ଼େ / ଚିତ୍ତ ଏବେ ଖାଲି ସ୍ମୃତିମୟ ।" (ଧରାବତରଣ)

ଜୀବନର ଯାବତୀୟ ଘଟଣ / ଅଘଟଣ ସ୍ମୃତି ହୋଇ ମନକୁ ସାମୟିକ ଆନ୍ଦୋଳିତ କରେ ସିନା, ବାଟ ଚାଲିବାର ବିରାମ ନଥାଏ ।

ପାରସ୍ୟର ରହସ୍ୟବାଦୀ କବି ଓମରଖୟାମ କହନ୍ତି-

"ସବୁକଥା ପରେ ଏକଇ ସତ୍ୟ / ଜୀବନ ଯାଏ ବହି / ଏକଇ ସତ୍ୟ- ଏଇ ଯେ ଜୀବନ / ବାକିସବୁ ମିଛ ସହୀ ।" (ରୁବିୟାତ)

ତେବେ ଅନ୍ୟତ୍ର କବିଙ୍କ ମାନବବାଦୀ ଚେତନା ବହୁଭାବ ଓ ରଂଗରେ ରଂଜିତ, ଜୀବନ କୈନ୍ଦ୍ରିକ । କାର୍ଲମାର୍କସଙ୍କ ପ୍ରଗତିଶୀଳ ଚେତନା ଅର୍ଥାତ ମଣିଷକୁ ଆପଣାର କରିବାର ଅନାବିଳ ଆବେଗର ଅନ୍ୟନାମ ତ ଏକ ଶୋଷଣମୁକ୍ତ ଶ୍ରେଣୀହୀନ ସମାଜର ସାବଲୀଳ ପରିପ୍ରକାଶ ମାତ୍ର । ବାସ୍ତବରେ ମାନବବାଦର ସ୍ଥିତି ଓ ସଂପ୍ରତିରେ ଜାଜୁଲ୍ୟମାନ କବୀ ଶ୍ରୀମତୀ ଦାଶଙ୍କ କବିତାଗୁଡ଼ିକୁ ଗଭୀର ଭାବେ ବିଚାର କରାଯାଇ ପାରେ ।

ତାଙ୍କର ଅନ୍ୟ ତିନୋଟି କବିତା 'ଝିଅ', 'ଝିଅଟିଏ ବୋଲି', 'ଅଣବାହୁଡ଼ା ଝିଅ' ମଧ୍ୟରେ ସାଂପ୍ରତିକ ସାମାଜରେ ନାରୀର ଅସହାୟତାର ଚିତ୍ର ବେଶ୍ ସ୍ପଷ୍ଟ ଓ ଶାଣିତ । ନାରୀର ଅସହାୟତା କେବଳ ଏବେର ସମସ୍ୟା ନୁହେଁ, ଶ୍ରେଣୀବିଭକ୍ତସମାଜ ସୃଷ୍ଟି ପରଠାରୁ ନାରୀ କ୍ରମଶଃ ପାଲଟି ଯାଇଛି ପୁରୁଷ ହାତର କ୍ରୀଡ଼ନକଟିଏ । ସମାଜରେ ପ୍ରଚଳିତ ବିଭିନ୍ନ ସଂପ୍ରଦାୟର ଧର୍ମଶାସ୍ତ୍ର ଓ ସାହିତ୍ୟରେ ନାରୀକୁ ସବୁକ୍ଷେତ୍ରରେ ଗୌଣଭାବେ ଯେ ବର୍ଣ୍ଣନା କରାଯାଇଛି, ଏହା ଅନସ୍ୱୀକାର୍ଯ୍ୟ । ଯଦିଓ ବେଦରେ ନାରୀର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବେଦ ପରବର୍ତ୍ତୀକାଳ ବେଳକୁ ନାରୀ ରୂପାନ୍ତରିତ ହୋଇଥିଲା ପୁରୁଷର ମନୋରଂଜନର ସାମଗ୍ରୀକୁ । ପୁରାଣମାନଙ୍କରେ ଏହାର ଉଦାହରଣର ତାଲିକା ବେଶ୍ ଦୀର୍ଘ । ଏ ସଂପର୍କରେ ବିଶିଷ୍ଟ ସମାଲୋଚକ ଚିତ୍ତରଂଜନ ଦାସଙ୍କ ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ-

"ଏକଦା ଆମର ଯେଉଁ କବିମାନେ ବାଳାମାନଙ୍କର କଳ୍ପନା କରି କାବ୍ୟିକତା ପଂଚବାଣ ଦ୍ୱାରା ବଦ୍ଧ ହୋଇ ସୁଠାମ ରସ ସହ କବିତା ଓ ସଂଗୀତମାନ ଲେଖି ପକାଇଥିଲେ, ସେମାନେ କ'ଣ ଆପଣାର ଭିତରେ ଚେତନାଟାରେ ଏହି ହିରଣାକ୍ଷମାନଙ୍କ ଠାରୁ ବରପାତ୍ର ହୋଇଥିଲେ କି ? ଆମ ସାହିତ୍ୟର ପ୍ରାୟ ତନିଶହ ବର୍ଷର ଗୋଟାଏ ଯୁଗ ଯେ ଏହିପରି କାମଭାଂଗ ପିଇ ଦଶଦିଗକୁ ବିମୋହିତ କରି ରଖିଥିଲା, ଏବେ ମଧ

ଏକାଧିକ ସମୀକ୍ଷକ ପ୍ରାୟ ଏକ ଅଲିଅଳ କାମାତୁରତା ସହିତ ସେଗୁଡ଼ିକର ଚର୍ଚ୍ଚା କରନ୍ତି ଏବଂ ସଂପୃକ୍ତ ଆମ ସମସ୍ତଙ୍କୁ ବିମୋହିତ କରବା ଲାଗି ଚେଷ୍ଟା କରନ୍ତି ।"

ଝିଅଟିଏ ସମଗ୍ର ଜୀବନ ଅଭିନୟ କରିଚାଲିଥାଏ ନାନା ପୋଷାକରେ, ଭିନ୍ନ ଚରିତ୍ରରେ ।

"କେତେ କେତେ ପାଡ଼ା / ଜାଳିଦିଏ ତା'ର ପାଦ /ଚୁରମାର କରିଦିଏ / ସ୍ୱପ୍ନର ସଉଧ ।" (ଝିଅ)

ପରିବାର ପାଇଁ, ସମାଜ ପାଇଁ ଯେତେ ତ୍ୟାଗ କଲେ ବି ତା'ଦୁଖର ଅନ୍ତ ନାହିଁ, ତା' ଯନ୍ତ୍ରଣାର ଶେଷ ନାହିଁ । ପୁରୁଷ ବଂଧନରୁ ମୁକ୍ତି ଯେମିତି ତା'ପାଇଁ ସୁଦୂର ପରାହତ । "ନାରୀ ଯେ କେବଳ ନାରୀ, ଅର୍ଥାତ ତାକୁ ଜଣେ ମନୁଷ୍ୟ ରୂପେ ଦେଖିବା ପୂର୍ବରୁ ନାରୀ ପରିଚୟରେ ଦେଖିପାରିଲେ ଯେ ଆମେ ଯଥାର୍ଥ ସୁଖଭାଣ୍ଡଗୁଡ଼ିକର ଅଧିକାରୀ ହୋଇ ପାରିବା- ଏହିପରି ଏକ ବିଚିତ୍ର ବଦଭ୍ୟାସ ବହୁ ଶତାବ୍ଦୀ ଧରି ଆମ ସମାଜରେ ରହିଆସିଛି । ଆମ ଆଚାର ଭିତରେ ରହିଛି, ଏବଂ ଆମର ବିଶେଷ ବିଶେଷ ଶାସ୍ତ୍ରମାନେ ତାହାରି ଧ୍ୱଜାକୁ ଉଡ଼ାଇ ଚାଲିଛନ୍ତି ।"

ଝିଅଟିଏ ଜନ୍ମହେଲେ ବିଷାଦର ବାଦଲଟିଏ ଘୋଟିଯାଏ ସାରା ପରିବାରର ଜୀବନ ଆକାଶରେ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅବହେଳା, ଅସମ୍ମାନ ଆଉ ଅପାଂକ୍ତେୟ ଭାବେ ଗଢ଼ିଚାଲେ ନାରୀର ଜୀବନ । ତା'ର ରୂପକୁ ଚାହିଁ ନିର୍ଦ୍ଧାରଣ ହୁଏ ଯୌତୁକର ପରିମାଣ । ଝିଅଟିଏ ବୋଲି ତ ସେ ବାପଘରର ଏରୁଣ୍ଡିବନ୍ଧ ଟପି ଯିବାକୁ ପଡ଼େ ପରଘରକୁ । ଏସବୁ ସତ୍ତ୍ୱେ ବି ଝିଅ ଜୀବନର ସାର୍ଥକତା ଲୋଡ଼ିବସନ୍ତି କବୀ ଶ୍ରମତୀ ଦାଶ । କାରଣ ସେ ଜୀବନର ଗର୍ଭଗୃହ, ନବସର୍ଜନାର ପ୍ରଥମ ମହକ, ସେ ପୁଣି ଶୁଭ ପଂଚକର ପଂଚ ମୁରୁଜ, ମାର୍ଗଶୀର କାନ୍ଥରେ ଝୋଟିର ଝଲକ, ସବୁ ସମର୍ପଣ ଘିଅସଂଜ । ସେଥିପାଇଁ କବିଙ୍କ ଦୃଷ୍ଟିରେ ସବୁ କଟକଣା ସତ୍ତ୍ୱେ ମୁକ୍ତ । ଭିଜାଭିଜା ବର୍ଷା ସକାଳରେ ସେ ପାଦରେ ଘୁଙ୍ଗୁର ବାନ୍ଧିପାରେ । ତାଙ୍କ ଭାଷାରେ-

"ଦିନେ ଦିନେ / ସବୁ କଟକଣା ଭିତରେ / କାକରଭିଜା ପେଟୁଆ ଫୁଲରେ / ମହକିଲା ଝିଅର ସକାଳ / ଆକାଶ ଛୁଇଁବା ସ୍ୱପ୍ନରେ / ଲଂଘିଗଲା କୂଳ / ମୁକୁଳାବେଣୀରେ / ବର୍ଷାକୁ ଗୁନ୍ଥି / ନାଚିଲା, ପାଦରେ ଘୁଙ୍ଗୁର ।" (ଝିଅଟିଏ ବୋଲି)

ବିଶ୍ୱବିଖ୍ୟାତ ଲେଖିକା ଡ. ବିଭୋସ ପଚାରନ୍ତି " ସମସ୍ତେ ମାତୃଗର୍ଭରୁ ଜନ୍ମ ନିଅନ୍ତି, ତେବେ କିଏ କରିଛି ନାରୀର ନାମକରଣ ?

ତୃତୀୟ କବିତାଟି "ଅଣବାହୁଡ଼ା ଝିଅ" ଏକ ସତ୍ୟ ଘଟଣା ଉପରେ ଆଧାରିତ । ଅପହୃତା ଓ ନିଖୋଜ ଜଣେ ନିରୀହା, ନିଷ୍ପାପ ଛାତ୍ରୀଙ୍କ ସ୍ମୃତିରେ ରଚିତ କବିତାଟି ତା'ର ପାଗିଳୀ ମା'କୁ ସମର୍ପିତ । ଆଜିକାଲି ନାରୀମାନଙ୍କ ଉପରେ ସଚରାଚର ଘଟୁଥିବା ଅନେକ କାହାଣୀ ମଧ୍ୟରୁ ଗୋଟିଏ । ଛାତ୍ରୀଟିଏ ଶିକ୍ଷାୟତନରୁ ଫେରିବା ବାଟରେ ଅପହୃତା ହୋଇ ଯାଇଛି କାମପିପାସୁ ବଳାତ୍କାରୀମାନଙ୍କ ଦ୍ୱାରା । ସବୁ ଚେଷ୍ଟା ସତ୍ତ୍ୱେ ବି ସେ ବି ନିଖୋଜ ସବୁଦିନ ପାଇଁ । ଗର୍ଭଧାରିଣୀ ମା' ମନର ଯନ୍ତ୍ରଣା ଭାଷାତୀତ, ପ୍ରତିଟି ମୁହୂର୍ତ୍ତ ତା'ର ମନେପଡୁଛି ଝିଅକଥା । ଏ ସମାଜରେ ନାରୀମାନେ ଯେ କେତେ ଅସହାୟ, ଅସୁରକ୍ଷିତ ତା'ର ଏକ କରୁଣ ଉଦାହରଣ କବିଙ୍କ ବର୍ଣ୍ଣିତ ଏହି ଛାତ୍ରୀ ଜଣକ । କବୀ ଏହି କବିତାରେ କୁହୁକ ବାସ୍ତବତା (Magic realism) ପ୍ରୟୋଗ କରି ଝିଅଟିର ଉପସ୍ଥିତି କଳ୍ପନା କରି ମା' ମନରେ ଅକୁହା ଆବେଦନକୁ ଯନ୍ତ୍ରଣାକୁ ଉପସ୍ଥାପନ କରିଛନ୍ତି । କବିଙ୍କ ଭାଷାରେ-

"ଏବେ ଅଂଧାରରେ ଛାଇଟିଏ ହୋଇ / ଦେଖୁଛି ମୁଁ ସଂଜରୁ ସକାଳ / ମୋ ଆଖିର ଲୁହଧାର, କାକର / ହୋଇ ଛୁଇଁଛନ୍ତି / ତୋର ଦେହ, ମୁହଁ, କପାଳ ।"

(ଅଣବାହୁଡ଼ା ଝିଅ)

କବିତା ସଂକଳନର ଶେଷ କବିତା "ଯାତ୍ରା" ଯାହା ମୃତ୍ୟୁ ଚେତନାକୁ ହିଁ ଉଜ୍ଜୀବିତ କରେ । ଅଂଧାର ଓ ଶୂନ୍ୟତାକୁ ସାମ୍ନା କରିବାରେ କଟିଗଲା ଜୀବନର ପ୍ରଭୂତ ସମୟ । ଜୀବନ ରାସ୍ତାରେ ଅଗଣିତ ସଂଦେହ ଓ ସଂଶୟର ଖାଲଢିପ, ଯାହାକୁ ଅତିକ୍ରମିବାକୁ ପଡ଼େ ସମସ୍ତଙ୍କୁ ଜୀବନ ଦାୟରେ । ଏବେ ଲେଉଟାଣି ଛାଇରେ ଦୃଶ୍ୟପଟ ବଦଳିଯିବା ଆଗରୁ କବିଙ୍କୁ ଯିବାକୁ ହେବ ବହୁଦୂରକୁ ଯେଉଁଠାରୁ କେବେ ବି କେହି ଫେରି ଆସେନାହିଁ । ଏତେଦିନ ଯାଏ ଯେଉଁମାନେ ତାଙ୍କ ଚାରିପଟେ ଘେରି ରହିଥିଲେ, ଆପଣାର ବୋଲି ଦାବୀ କରୁଥିଲେ, ସେମାନେ ରହିଯିବେ ଅନେକ ପଛରେ । କବୀଙ୍କ ଭାଷାରେ-

"ସୂର୍ଯ୍ୟାସ୍ତ ପୂର୍ବରୁ / ଅସ୍ତରାଗର ବର୍ଣ୍ଣାଳୀରୁ / ଖୋଜି ନେବାକୁ ହେବ / ଚିରନ୍ତନ

ଆନନ୍ଦର ଉତ୍ସ / ଜନ୍ମ ମୃତ୍ୟୁର ରହସ୍ୟ / ସକଳ ଜିଜ୍ଞାସାର ଉତ୍ତର / ମୁଠାଏ ପାଉଁଶ ହେବା ଆଗରୁ / ଲେଖିବାକୁ ହେବ / ସରଳ ସାରାଂଶ / ମଧୁର ସତ୍ୟର ।" (ଯାତ୍ରା)

ଜୀବନ ପରି ମୃତ୍ୟୁ ବି ଏକ ନିର୍ଦ୍ଧାରିତ ସତ୍ୟ, ଏହି ସତ୍ୟର ଆମ୍ଭୋପଲବ୍ଧି ଏବଂ ମଧୁର ଅଂଗୀକାର କବିଙ୍କ ପାଇଁ ପରମ କବିତାର ସରଳ ସାରାଂଶ । ଅବଶ୍ୟ ସବୁଜ ଯୁଗର କବିମାନଙ୍କ ପରି ସେ ପଳାୟନବାଦୀ ନୁହନ୍ତି । ଦୁଃଖ ଓ ଯନ୍ତ୍ରଣାକୁ ଭୟକରି ତା'ଠାରୁ ସେ ମୁକ୍ତି ଚାହିଁ ନାହାନ୍ତି ଅଥବା ବାସ୍ତବ ସଂଗ୍ରାମ ଠାରୁ ନିଜକୁ ସେ ଦୂରେଇ ରଖିନାହାନ୍ତି । କବିଙ୍କର ଚେତନା ପଟଳରେ ବିଭିନ୍ନ ଦୃଶ୍ୟର ଚିତ୍ର ବିଭିନ୍ନ ଅନୁଭୂତି ଓ ସେଗୁଡ଼ିକରେ ପ୍ରତିକ୍ରିୟାର ମାନସିକ ଅବସ୍ଥାର ପ୍ରତିଫଳନ ଅତ୍ୟନ୍ତ ସୂକ୍ଷ୍ମ ଓ ଶାଣିତ ହେତୁ କବିତାଗୁଡ଼ିକର ଆବେଦନ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଭାବବ୍ୟଞ୍ଜକ । ଅତଏବ ତାଂକପରି ଜଣେ ଜୀବନ ମନସ୍କ କବିଙ୍କର ଜୀବନ ବଂଚିବାର ପଣ ନିକଟରେ ମୃତ୍ୟୁ ପରାଜୟ ମାନି ନେଇଛନ୍ତି । ତଥାପି ସେ ଶୁଣିପାରୁଛନ୍ତି ମୃତ୍ୟୁର ପଦଧ୍ୱନି, ଯାହାର ଗତି ନିରନ୍ତର ଓ ନିର୍ବିକାର ।

"ମୃତ୍ୟୁ ବିହଙ୍ଗ ମେଲିଛି ପକ୍ଷ ଅଳପେ / ଉଡ଼ିଯିବ କାହିଁ, ନାହିଁରେ ସମୟ ସହସା ନୟନ ପଲକେ ।" (ଓମର ଖୟାମ)

ଜୀବନ ଯାତ୍ରାର ଅନ୍ତିମ ମୁହୂର୍ତ୍ତ କେତେବେଳେ ଅକସ୍ମାତ ପହଞ୍ଚିଯାଏ ସେକଥା କାହାକୁ ବା ଜଣା ? ହୁଏତ କବିଙ୍କର ଉତ୍ତର ଜୀବନରେ ଏକ ଆବେଗମୟ ଅନୁଭବର ଏହା ପରିପ୍ରକାଶ । ଦୂରରୁ ଥାଇ ଦର୍ଶକ ଶାରଦାକାଶର ଉଜ୍ଜ୍ୱଳ ତାରକା ଅବଲୋକନ କଲାପରି ମୃତ୍ୟୁ ପ୍ରତି କବିଙ୍କର ସ୍ନିଗ୍ଧ, ପବିତ୍ର ଓ ନିର୍ବକାର ଏକ ମୁଗ୍ଧ ଦୃଷ୍ଟି ମାତ୍ର । ପ୍ରିୟ ତାରକାର ଯେମିତି ଅପରୂପ ଏକ ଅମର୍ତ୍ତ୍ୟ ଅସ୍ପର୍ଶସତ୍ତା ପ୍ରଣୟ, ସେମିତି ତାଙ୍କର ଅପୂର୍ବ ଅପୂର୍ବ, ଅପ୍ରତିହତ ଏକ ଅତିନ୍ଦ୍ରୀୟ ଅନୁଭବ ମୃତ୍ୟୁ ।

ସର୍ବଶେଷରେ ମଣିଷର ଭାବସତ୍ତାକୁ ଅଧିକ ମାର୍ମିକ, ଭାବାନୁବେଗ ମଧ୍ୟରେ ନିଜର କାବ୍ୟଭୂମିକୁ ଅଧିକ ପୁଷ୍ପଳ କରିଛନ୍ତି ଶ୍ରୀମତୀ ଦାଶ । କେଉଁଠି ତାଙ୍କ ସ୍ୱର କରୁଣ ତ କେଉଁଠି ସୂକ୍ଷ୍ମ, କେଉଁଠି ନିଷ୍ଠୁର ବାସ୍ତବତାର ରଂଗରେ ଜୀବନ୍ତ ତ କେଉଁଠି ଅଂଗୀକାରବୋଧର ଅକପଟ ଅଭିବ୍ୟକ୍ତି । ଯାହା ଭାବକୁ ପ୍ରସାରିତ ଓ ଅନୁଭୂତିକୁ ବୈଚିତ୍ର୍ୟମୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ନିଜର ସଂପର୍କଶୂନ୍ୟ ଏକାକୀତ୍ୱ ସତ୍ତ୍ୱେ ଜୀବନର ଅପରୂପ ଆକର୍ଷଣ ତାଙ୍କୁ ଜଣେ ସ୍ଥିତିବାଦୀ କବି ଭାବରେ ଧୈର୍ଯ୍ୟ ଓ

ସାହସ ପ୍ରଦାନ କରିଛି । ସମସ୍ତ ସୁଖଦୁଃଖ, ଆନନ୍ଦ ବିଷାଦ ତତ୍ତ୍ୱରେ କବିଟିଏ ଚିରକାଳ ସ୍ଥିତପ୍ରଜ୍ଞ ଭାବରେ ମହାକାଳର ପଦପାତରେ ଆପଣା ଅକ୍ଷତ ପାଦଚିହ୍ନକୁ ହଜେଇ ଦିଏ ପରମ ଆନନ୍ଦରେ ତଥା ଚରମ ଉଲ୍ଲାସରେ । ସୃଷ୍ଟିର ଅନ୍ତଃଚେତନା ଭିତରେ ଚହୁଲଥାଏ ପରିବ୍ୟାପ୍ତ ପୃଥିବୀର ରଂଗ । ପୁଣି ଅଧିକରୁ ଅଧିକ ପ୍ରଖର ହୋଇଉଠେ ଚେତନାର ସ୍ୱର । ସେଥିପାଇଁ ସତ୍ୟନିଷ୍ଠ କାବ୍ୟଶିଳ୍ପୀ ଜଣେ ବଂଚିରହେ ସ୍ୱାଭିମାନ ଓ ନିଃସର୍ତ୍ତ ଉଚ୍ଚାରଣ ଭିତରେ ଯାହା ଶ୍ରୀମତୀ ଦାଶଙ୍କ ଜୀବନଦର୍ଶନ ସହ ସଂପୂର୍ଣ ମେଳ ଖାଇଯାଏ । ସତେଯେପରି କବିତାର ପ୍ରେମରେ ତାଙ୍କ କଣ୍ଠରୁ ନିନାଦିତ ହୁଏ,

"ହେ କବିତା ! ତୁମେ ମୋର ଆଖିର ଅଭୁଲା ସ୍ୱପ୍ନ ଦେଖା / ହେ କବିତା ! ନହୁଲି ହାତର ଅଦେଖା ପତ୍ରଲେଖା ।"

ନିରାଡମ୍ବର ଭାବେ ନିଜ ହୃଦୟର ଆବେଗକୁ ନିଃଶଙ୍କୋଚରେ ପରଶି ଦେବା ତ ଉତ୍କୃଷ୍ଟ କବିତାର ଜୀବନ ସର୍ବସ୍ୱ । ଯାହା ସାମଗ୍ରିକ ଭାବେ ପ୍ରତିଭାତ ହୁଏ ସଂକଳନରେ ଥିବା ସମସ୍ତ କବିତାରେ । କାରଣ ତାଙ୍କ କବିତାରେ କୂଟକପଟତା ନାହିଁ, ଅଥବା ଜଟିଳ ଦାର୍ଶନିକ ଚିନ୍ତନ ମଧ୍ୟ ନାହିଁ । କେବଳ ଅଛି ନିଜ ବେଦନାବିଧୂର ପ୍ରାଣର ଏକ ମାର୍ମିକ ଆବେଦନ । କୁନ୍ତଳାକୁମାରୀଙ୍କ *"ନୀରବ ନିଶିଥେ ଆସ ପରା ଥରେ / ବଜାଇ ମୋହନ ମୂରଲୀ"* ଭାବର ଅନୁସରଣରେ ସେ ଜୀବନବ୍ୟାପୀ ଖୋଜିଛନ୍ତି ନିଜର ପ୍ରାଣ ପ୍ରତିମ ପ୍ରିୟ ପୁରୁଷକୁ । କିଏ ସେହି ପ୍ରିୟତମ, ଯାହାର ପ୍ରତୀକ୍ଷାରେ ଚିରଦିନ ରୋମାଞ୍ଚିତ କବିର ଆତ୍ମା ? ଛାତିର ସ୍ପନ୍ଦନରେ ଭାଷାହୀନ ବିସ୍ଫୋରଣ ? ପ୍ରଭାତର ମୃଦୁ ପବନରେ ଦରଜାର ଶିକୁଳି ଥରିଗଲେ ସେହି ଅନାଗତଙ୍କ ଅଚାନକ ଉପସ୍ଥିତି ଭଳି ଅନୁଭବ ?

କିନ୍ତୁ ସ୍ରଷ୍ଟାଟିଏ କଦାପି ଆଦିମ ଓ ପ୍ରଥମ ପ୍ରବକ୍ତା ନୁହେଁ । ଲେଖକୀୟ ସ୍ୱର ଅନ୍ୟତମ ସ୍ୱରଟି ମାତ୍ର । ଦାର୍ଶନିକ ବାଖ୍‌ତିନ (Baktin) ଙ୍କ ଯୁଗାନ୍ତକାରୀ ତତ୍ତ୍ୱ ବହୁବଚନ (Polyphony) ଅନୁଯାୟୀ "All human discourse is in a complete web of dialogic interrelations with uterance." ପ୍ରତିଟି ଉଚ୍ଚାରଣ, ପ୍ରତିଟି ସୃଜନ ଓ ସଂଳାପର ପୂର୍ବସ୍ଥିତି (pre-exsitance) ରହିଛି । ଏବଂ ପ୍ରତିଟି ସୃଜନ ଓ ଉଚ୍ଚାରଣ ଅନ୍ୟମାନଙ୍କ ଦ୍ୱାରା ଅର୍ଥାନ୍ୱିତ ଓ ନିର୍ଦ୍ଧାରିତ । ତେଣୁ ସ୍ରଷ୍ଟାର ବଚନ ଏକ ନୁହେଁ ଅନେକ ।

ସେ ଯାହା ହେଉ କବିଙ୍କର ମହିମ୍ନ ପ୍ରେମର ଅନୁଭବ ଯେଉଁଠି ମିଳନ ଓ ବିରହ

ମଧ୍ୟରେ କୌଣସି ସୀମାରେଖା ନାହିଁ ଏବଂ ଯେଉଁଠି ପ୍ରଣୟ ଅନୁଭବରେ କାବ୍ୟନାୟିକା / ପ୍ରେମିକାର ପ୍ରାଣ ଏତେ ପରିପୂର୍ଣ୍ଣ ଯେ ପ୍ରେମିକା (କାବ୍ୟନାୟିକା)ର ଦୈହିକ ଉପସ୍ଥିତି ଗୌଣ ଦର୍ଶାଯାଇଛି, ତାହା ହେଉଛି ପ୍ରେମ ଯାହାର ଅପରିସୀମ ଶକ୍ତି ଆଜିଯାଏ ଅନାବିସ୍କୃତ ବୋଲି କହନ୍ତ ସାଂପ୍ରତିକ ସମୟର ମହାନ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ତାଙ୍କ ଭାଷାରେ "There is an extreme powerful force that is ever behind any phenomenon operating in the universe and has not yet been identified by us, this universal force is love." ପ୍ରେମ ତ ନିର୍ବିକ୍ଷୟ, ଅଦୈତ, ଅବ୍ୟୟ । ନିର୍ବାକ ନୀଳିମା ତା'ର ଭାଷା, ଆଦିଗନ୍ତ କେବଳ ଗୋଟିଏ କବିତା ପରି ସେ ପରିଦୃଶ୍ୟମାନ– ସର୍ବତ୍ର ବିରାଜିତ ।

କବୀଙ୍କର ଏହି ସପ୍ତମ କବିତା ସଂକଳନରେ ହାତଗଣତି ମାତ୍ର କେତୋଟି ସମାଜ ମନସ୍କ କବିତାକୁ ବାଦ ଦେଲେ ଅନ୍ୟ ସବୁ କବିତାର ସ୍ୱର ପ୍ରାୟତଃ ଏକାପରି ଯାହା ପ୍ରେମ, ପ୍ରଣୟ ଓ ପରିବାରର ସାମାନ୍ୟ କଥନ ପରି ମନେହୁଏ । କିନ୍ତୁ ଅନ୍ୟଭାବେ ବିଚାରକଲେ ମହାକାବ୍ୟ ପରି ଗୋଟେ ଲମ୍ବା ଜୀବନରେ ଗୋଟେ ଛୋଟ 'ସର୍ଗ' ପରି ପ୍ରେମ, ପୁଣି ପ୍ରେମର ଦୀର୍ଘ ନାଟକ ଭିତରେ ସ୍ୱଳ୍ପ ଦୃଶ୍ୟଟିଏ ମାତ୍ର ଯୌବନ, ଯୌବନର ଦୀର୍ଘରାସ୍ତାରେ ମୁସାଫିରଟିଏ ପରି ପ୍ରେମିକ । ଉପସଂହାରରେ ଏତିକି କୁହାଯାଇ ପାରେ ଶ୍ରୀମତୀ ଦାଶଙ୍କ ଭାଷାରେ ଲାଳିତ୍ୟ ଅଛି ଏବଂ ଶବ୍ଦବସାଣରେ ରହିଛି ଚମତ୍କାରିତା ଯାହା ପାଠକ/ପାଠିକାଙ୍କ ପ୍ରାଣକୁ ସ୍ପର୍ଶ କରିବ ନିଶ୍ଚୟ ।

ଭଦ୍ରକ

ମୋ: ୯୦୪୦୫୮୮୬୬୦

❐❐❐

ମାଟିର କଲ୍ୟାଣମୟୀ ରୂପଚିତ୍ର:

କବି ହୃଦାନଂଦଙ୍କ 'ଗାଆଁର ପଣତକାନି'

ଅଧ୍ୟାପକ ବିଶ୍ୱରଂଜନ ଦାସ



ଡ଼ିସେମ୍ବର-୨୦୨୦ରେ କଟକ 'ବିଜୟିନୀ' ପବ୍ଲିକେଶନ ଦ୍ୱାରା ପ୍ରକାଶ ପାଇଛି କବିଙ୍କ 'ଗାଆଁର ପଣତକାନି' କବିତା ଗ୍ରନ୍ଥ । ପ୍ରକୃତରେ ଗାଁର ସମ୍ମୋହନ ନିଆରା । କଲମୀ ହୋଇ ମଣିଷ ଗାଁରୁ ଯାଇ ଆଜି ସହରରେ ରହୁଛି ସତ, କିନ୍ତୁ ଗାଁର ଅନୁଭବ ଓ ଅନୁଭୂତି ସାରାଜୀବନ ଧରି ସହରର ମାୟା ଭିତରେ ମଧ୍ୟ କବି ବା ଭାବୁକଟିକୁ ଟାଣିରଖୁଛି । ଗାଁ ଧାନକ୍ଷେତ, ପବନର ପଣତ, ନଈପରି ଜୀବନଧାରା, ପ୍ରାକୃତିକ ପରିବେଷ୍ଟନୀ, ଶୈଶବର ସ୍ମୃତି, କୂଟ-କପଟ ଛୁଇଁନଥିବା ସରଳପ୍ରାଣ ଇତ୍ୟାଦି ଅନେକ ନିଆରାପଣ ସେ ସ୍ମୃତିକୁ ଉଜ୍ଜୀବିତ କରି ରଖିଛି ।

ବିଶ୍ୱାୟନର ପ୍ରଭାବରେ ଅଧୁନା ସମଗ୍ର ପୃଥିବୀ ହୋଇଗଲାଣି ଗୋଟେ ଗାଁ । ତେବେ ଆଜି ସୁଦ୍ଧା ଭାରତର ସିଂହଭାଗ ଲୋକେ କୃଷିକୁ ମୁଖ୍ୟ ଉପଜୀବ୍ୟ କରି ମାଟିକାମୁଡ଼ି ପଡ଼ି ରହୁଛନ୍ତି । ଚାଷୀର କ୍ଷେତକର୍ମ, ଚକୁଳିଆ ପଣ୍ଡାର ଗୀତ, ଶୁଭ କାମରେ ମହୁରି ବଜେଇ ଜୀବିକାର୍ଜନ କରୁଥିବା ମହୁରିଆ, ହାତକୁ ହାତୁଡ଼ି କରି କମାରଶାଳର ତତଲା ନିଆଁରେ ଖଟୁଥିବା ଲୋକର ଦୁଃଖ କହିଲେ ନସରେ । ଉଠାଦୋକାନର ପଟା ବେଞ୍ଚରେ ବସି ସାଧାରଣ ମଣିଷ ସୁଖଦୁଃଖ ହେବା ସହିତ ଗାଁ ଓ ଦେଶର ରାଜନୀତିଠାରୁ ଅର୍ଥନୀତି ଯାଏ ଟିକିନିଖି ଆଲୋଚନା ସବୁକୁ କବି ପ୍ରତ୍ୟକ୍ଷ କରିଛନ୍ତି । ରାଜନୀତିର ପେଞ୍ଚପାଞ୍ଚ ଭିତରେ କିପରି ନିରୀହ ଲୋକଟିଏ ବଳିପଡୁଛି, ସେକଥା ବି ଶୁଣିଛନ୍ତି । ସ୍ୱାଧୀନତା ପୂର୍ବବର୍ତ୍ତୀ ଗାଁ ଓ ସ୍ୱାଧୀନତା ପରବର୍ତ୍ତୀ ଗାଁରେ ଅନେକଟା ଫରକ୍ । ଆଜି ଗାଁକୁ ଆସୁଥିବା ବିଭିନ୍ନ ଯୋଜନା ଗାଁର ମଣିଷଙ୍କ ପାଖରେ

ପହଞ୍ଚି ପାରୁନି । ଧର୍ମମନ୍ଦିର ଭଳି ପବିତ୍ର ସ୍ଥଳୀ ଗଢ଼ିବା ନାଁରେ ବି କଳାଟଙ୍କାର ଛିଟା । କବିଙ୍କ ଭାଷାରେ- "ଫି ପାଞ୍ଚବର୍ଷରେ ବଦଳେ କ୍ଷମତାର ଜରିପୋଷାକ / ହେଲେ ନିରୀହ ମଣିଷର ଭାଗ୍ୟ / ଅକାଳରେ ମଉଳି ଯାଉଥାଏ / ଥରକୁଥର, ସବୁଥର / ଏଇ ଭରସାରେ, ବିଶ୍ୱାସରେ / ହାରୁଥାଏ, ମରୁଥାଏ / ସେମାନଙ୍କ ମୂଲ୍ୟବାନ ମତାଧିକାର ।"

ସକଳ ଫିସାଦ ଭିତରେ ତଥାପି କ୍ଷେତ ଚାଷୀକୁ ଡାକେ । କଣ୍ଡୁବୁଡ଼ା ପାଣିରେ ଧାନଗଛ ଦୋହୁଲୁଥାଏ । କୁଆ, କଜଳପାତିଙ୍କ ପାଣିଖେଳ ଚାଲୁଥାଏ । 'ଆଚ୍ଛେଦିନ'ର ସ୍ୱପ୍ନରେ ଉଲ୍ଲସିତ ହେଉଥାଏ ମଣିଷ । ମଣିଷ ତ ମାଟିରେ ମିଶିବାଟା ନିଧାର୍ଯ୍ୟ । ସେଥିପାଇଁ ଆମ ସଂସ୍କୃତିରେ ଶବବାହକମାନେ କୋକେଇ ବନ୍ଧାହେବା ବେଳେ ଶେଷସନ୍ତକ ମାଟିମୁଠେ ନେଇ କୋକେଇ ଶେଯରେ ରଖିଦିଅନ୍ତି । କବିଙ୍କ ଭାଷାରେ- "ଆମେ ଦୁନିଆଁଛାଡ଼ି / ମହାଶୂନ୍ୟରେ ହଜିଯିବା ବେଳେ / କିଛି ନେଇନଥାଉ ସାଥୀରେ / ହେଲେ ପ୍ରିୟଜନମାନେ / ଆମକୁ ମଶାଣିକୁ ନେଲାବେଳେ / କୋକେଇରେ ରଖିଦିଅନ୍ତି / ସମ୍ପର୍କର ମାଟିମୁଠେ ।" ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଁଟି' କବିତାରେ ମାଟିର ସରଗ ହେଉ ଅବା ବିନୋଦ ନାୟକଙ୍କ ଦୂର ତାଳବଣର ମାଟିର ସଂଗୀତ, କବି ହୃଦାନଂଦଙ୍କ ଗ୍ରାମୀଣ ଅନୁଭବ ହେଉଛି ତା'ର ଏକ ପ୍ରଲମ୍ବିତ ସ୍ୱାକ୍ଷର । ପ୍ରକାଶକୀୟ ଭାଷାରେ- "କ୍ରମଶଃ ବଦଳି ଯାଉଥିବା ପ୍ରକୃତିର ଦୁଃଖରେ କବି ଖୁବ୍ ମ୍ରିୟମାଣ । ଆମର କ୍ଷୟିଷ୍ଣୁ ଉଜୁଡ଼ା ସଂସ୍କୃତିର ବ୍ୟଥାବେଦନାରେ ସେ ମର୍ମାହତ । ଏହାର ସୁରକ୍ଷା ଦିଗରେ ତାଙ୍କର ଆହ୍ୱାନ ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।"

ଅର୍ଥସର୍ବସ୍ୱ ମଣିଷ ପାଇଁ କିଏ ମଲା କି ଗଲା ସେ ଆଡ଼କୁ ଅନାଇବାକୁ ତର ନାହିଁ । ବିଜ୍ଞାପନର ଭେଳିକିରେ ଗୋଟାପଣେ ସ୍ୱାର୍ଥପରତା ବସାବାନ୍ଧିଛି । ଗାଁରେ ଉତ୍ସବ ଉଲ୍ଲାସର ତରିକା ସବୁ ବଦଳିଗଲାଣି । ମମତାର ମଧୁଝର ସତେଯେମିତି ଶୁଖିଗଲାଣି । ହତାଦରର ନର୍କକୁଣ୍ଡ ଭିତରେ ଗାଉଁଲି ମଣିଷର ଆଖିରେ ଲୁହ । କବି କହନ୍ତି- "ସବୁ ହରେଇ ହରେଇ / ଚିରାପଣତ ଖଣ୍ଡେ ପରି / ସେ ବେସାହାରା / ଏଇ ଦୁନିଆଁର ।" ଏଥି ସତ୍ତ୍ୱେ ତଥାପି ଜୀବନ ହାର୍ ମାନେନାହିଁ । ନଈପାଣିରେ ପୁଣି ଜହ୍ନ ଓହ୍ଲାଏ । ଚାଷୀର କ୍ଷେତ ବି ଇନ୍ଦ୍ରଭୁବନ ଦିଶେ । ମନର ଅବାରିତ ଶୋଷକୁ ମେଣ୍ଟାଇବାର ପ୍ରୟାସ ଜାରି ରହିଥାଏ । କବି କୁହନ୍ତି- 'ଘାସ ପତ୍ତର କାକରବୁନ୍ଦାରେ / ହୀରାର ଗହଣା ସବୁ ଝଟଝଟ ଦିଶୁଥାଏ / ଜହ୍ନ ଆଲୁଅରେ' ଏବଂ ଏହା ହିଁ ତ ସ୍ୱାଭାବିକପଣ । କ୍ଷେତରେ ଶସ୍ୟ ମରି ଯାଉଥିଲେ

ବି ତଥାପି ଗାଁର ମଣିଷଟି ଭାଂଗିପଡ଼େନି । 'ଶିଶୁର ହସଟିକକ ଖୋଜି ଚାଲିଛି / ସେ ସ୍ୱଚ୍ଛନୀରା ଗଣତନ୍ତ୍ର' । ଗାଁ ପ୍ରତି ଅତୁଟ ମମତା କେବଳ ଗାଁରେ ସୀମିତ ହୋଇନାହିଁ, ଗ୍ଲୋବାଲ୍ ଭିଲେଜରେ ବି ଗୋଟେ ଦେଶଭକ୍ତିର ମମତ୍ୱବୋଧ କବିପ୍ରାଣକୁ ଆର୍ଦ୍ର କରିଛି ।"ମାଆର ମୁକୁଟରେ ପଡ଼ିଛି ରକ୍ତଛିଟା / ଦେଶଭକ୍ତିର ଗାଁ ସୋଲାନି / ତା' ଛାତିରେ ଛିଟିକି ପଡ଼ିଛି / ଏବେ ଆତଙ୍କୀର ନିଆଁ / ସେ ଆକାଶରେ ଘୋଟିଯାଇଛି / ଗୋଟେ ଦୁର୍ଭାଗ୍ୟର ଧୂଆଁ ।" ଅଠେଇଶ ବର୍ଷର ବୀରଯୁବକ ଔରଙ୍ଗଜେବ୍ ଯିଏକି ସେନାବାହିନୀରୁ ଛୁଟି କାଟିବାକୁ ଗାଁକୁ ଆସୁଥିଲା ବେଳେ ଆତଙ୍କୀମାନେ ଅପହରଣ କରି ଅତି ନୃସଂଶ ଭାବେ ହତ୍ୟା କରିଥିଲେ । ସେହି ଗାଁର ଦେଶଭକ୍ତମାନେ ଏକଜୁଟ ହେଇ କାଶ୍ମୀର ଘାଟୀରୁ ଅପରାଧୀମାନଙ୍କୁ ନିକାଲି ଦେବାକୁ ସଂକଳ୍ପବଦ୍ଧ ହୋଇଥିଲେ । ମା' ଆଖିରୁ ଲୁହ ପୋଛିବାର ଅନେକ ଅକୁହା କଥା ଥିଲା ସେହି ବଳିଦାନ ଭିତରେ ।

ଗାଁର ବିଶ୍ୱାସବୋଧର ଅନାବିଳ ଭାବ କବିଙ୍କୁ ବେଶ୍ ସିକ୍ତ କରିଛି । ହାତର ଶାଗପଖାଳ ତା' ପାଇଁ ମିଠା ଅମୃତ । ପିଲାଦିନେ ଦୁଃଖିନୀ ମା' ତା' ଅମୁହାଁକାଢ଼ି କେତେବେଳେ ବଢ଼େଇ ଦେଇଛି ପୁଅର ହାତଖର୍ଚ୍ଚ । ଜରନୁଆରରେ ମୁଣ୍ଡ ଆଉଁସି ଦେଇଛି । ମା'ର ବିୟୋଗରେ ତୁଳସୀ ଚଉଁରା ମୂଳରେ ପୋତି ହେଇପଡ଼ିଥିବା ସଂଜବତୀ ଓ ତା' ତତଲା ନିଶ୍ୱାସକୁ କବି ମନେ ପକାଇଛନ୍ତି । ଗ୍ରାମୀଣ ଭାଷାର ଅର୍ଥପୂର୍ଣ୍ଣ ପ୍ରୟୋଗ ତାଙ୍କ କବିତାକୁ ଅଧିକ ଭାବମୟ କରି ତୋଳିଛି । ସ୍ନେହ, ଦରଦ ଓ ମାୟାମମତାର ଶବ୍ଦରାଜି ବୋଳି ହେଇପଡ଼ିଛି କବିତାର ପଙ୍କ୍ତିରେ । "ଆପଣା ଛାତିରୁ ଏବେବି ଲିଭିନି / ତା' ଧୋବ ଫରଫର ଲକ୍ଷ୍ମୀପାଦ ।" ଦିନ କାହାରି ସବୁବେଳେ ସମାନ ଯାଏନି । ଚାଷୀ ଉଠିଆ କରିଥିବା କ୍ଷେତଟି ଯେବେ ସୁନାଧାନରେ ଭରିଯାଏ, ସେ ମଗୁଶୀରର ଅନୁଭବ କବି ଭିତରେ ଭଲପାଇବାର ଗୀତ ହେଇ ଝଙ୍କୃତ ହୁଏ । "ମଗୁଶୀରର ଏ ନିଗିଡ଼ା ଗୀତ / ବହୁ ପୁରୁଣା / ଯାହାକୁ ଗାଇ ତରିଯାଏ / ଗୋଟେ ଚାଷୀର ଜୀବନ / ଏ ଗୀତ / ଗୋଟେ ଭଲପାଇବାର ଗୀତ / ସବୁରି ଆଖିରେ, ଓଠରେ ବିଂଚିହେଇ ପଡୁଛି / ଗୋଟେ ମନମତାଣିଆ ସୁଗନ୍ଧ ।" କବିଙ୍କ କବିତା ଭିତରକୁ ପଶିଲେ ଲାଗେ ଯେମିତି ଆମ ସଂସ୍କୃତିର ଅନ୍ତନାଡ଼ିର ଉଚ୍ଚାରଣ । ଦୁଃଖୀ ଲୋକ ଚାଳକୁ ନାଉନଟା ଆଦରିଥିବାର ଦୃଶ୍ୟକୁ ବି ଆଖିରେ କଏଦ କରିନ୍ତି କବି । ସତେଯେମିତି ସେ ଲଟାଗଛର ଜନ୍ମ କଉଁ ଜନ୍ମର କରଜକୁ ଶୁଝିଦେବା ପାଇଁ ଉଦ୍ଦିଷ୍ଟ ।

ସେ ଲଟାର ଫଳ ପହିଲେ ଯାଏ ଠାକୁର ଘରକୁ । ଏ ଅଜାଡ଼ି ଦେବାର ଖୁସି ଆଉ କାହିଁ ଥାଏ କି ଏ ଦୁନିଆଁରେ ! ନାଉନଟାର ଜୀବନ ଭିତରେ କବି ଆମ ସୁଖ ଓ ଆନନ୍ଦର ମୌଳିକ ବିଚାର ବ୍ୟକ୍ତ କରନ୍ତି । "ମନଉଣା ନକରି / ସବୁ କଷ୍ଟରୁ ସେ ଉଠିପଡ଼ି ଚାଲେ / ଫଳ ବାଣ୍ଟେ / ଖୁସି ହୁଏ ।"

ମଣିଷ ବିପଦଆପଦରେ ପ୍ରିୟଜନଙ୍କୁ ଲୋଡ଼େ । ଏକଲାପଣର ଦୁଃଖ ତାକୁ କରେ ବିଷାଦଗ୍ରସ୍ତ । ଜୀବନ ଉପରକୁ ମାଡ଼ି ଆସୁଥିବା ମଡ଼କ, ମହାମାରୀ, ଅତିମାରୀ ଭିତରେ ସେ ହୁଏ ଭୀତତ୍ରସ୍ତ । କବିର ଅଶ୍ୱାସନା ଏହି ଯେ ଲଡ଼ିଲଡ଼ି ବଂଚିବାଟା ଆମ ନିଷ୍ଠୁର ନିୟତି । "ଆମ ବଂଚିରହିବା ପାଇଁ / ସାଇତାଥାଉ ହୃଦୟରେ ଭଲପାଇବା / ଆଖିର ଓଠରେ ଥାଉ / ଫୁଲର ରଂଗ / ନରମ ଭାଷା / ସୁରକ୍ଷିତ ରହିଥାଉ ଆମ ପରିବେଶ / ଅନ୍ତରର କଅଁଳ ଲାବଣ୍ୟ ।" ଗ୍ରାମ୍ୟ ପ୍ରକୃତି ଓ ଜୀବନସଂହିତାର ସବୁ ଉପାଦାନ କବି ଦେଖାଇ ଦେବାର ପ୍ରୟାସ କରିଛନ୍ତି କବିତାରେ । ସାଧାରଣ ଆଚାର ବିଚାରରେ ଥିବା ପ୍ରବାଦ-ପ୍ରବଚନଗୁଡ଼ିକୁ ସାଉଁଟି ଆଣନ୍ତି ସେ କବିତା ଭିତରକୁ । ସାଂପ୍ରତିକ ସମୟର ଗାଁର ଚିତ୍ରଦୃଶ୍ୟ ଆଙ୍କୁଥିବା କାବ୍ୟମାନସ ପୁରୁଣାଦିନର ସ୍ମୃତିକୁ ବି ମନେପକାନ୍ତି । ଗାଁରେ ମା'ଟିଏ ରାତି ଅନ୍ଧାରରୁ ଉଠି ଧାନଉଖାଁ, ଚୁଲିରେ ଅଚିଣା ଡାଂଗର ଠକଠକ୍ ଶବ୍ଦ, ନଡ଼ିଆ କଞ୍ଚୁରେ ଖଇଫୁଟା, କୁଟାପିଣ୍ଡରେ ଭାତଗଳା, ହେଁସରେ ଧାନଶୁଖା, ଶିଳରେ ମସଲାବଟା, ଦେହରେ ହଳଦୀମଖା ଏସବୁ ଆଜି ବଦଳିଗଲାଣି । ଏହାକୁ ନେଇ କବିର କ୍ଷୋଭ ଏକ ଅର୍ଷିତର ଅନୁଭବ ପରି ।

ପୁରୁଣା ଚଳଣି କେତେ ମାଧୁର୍ଯ୍ୟମୟ ଓ ରସସିକ୍ତ ଥିଲା, ସେସବୁ ଆଜି ଶୁଷ୍କ । ମାଟିଆକେଳାର ସଂସାର ଓ ତା'ର ସଂଘର୍ଷମୟ ଜୀବନଚର୍ଯ୍ୟାର ଅନୁଭବକୁ ମନୋଜ୍ଞ ଗ୍ରାମୀଣ ଶବ୍ଦରାଜିରେ ପରିପ୍ରକାଶ କରିଛନ୍ତି କବି । ଆଗିଲି ପିଛିଲି ହେଇ କେଳାକେଲୁଣୀ ନିଜ ପିଲାକୁ ପଛରେ ପକାଇ, ଶାବଳ କାନ୍ଧରେ ପକାଇ ମୂଷା ନେଇଥିବା ଧାନ ସଂଗ୍ରହରେ ଦିନ ବିତାନ୍ତି । ଏଭଳି ନିଚ୍ଛକ ଦୃଶ୍ୟ ଏବେବି ଆମ ଆଖିରୁ ଲିଭିଯାଇନାହିଁ । ବଞ୍ଚିରହିବା ପାଇଁ ସଂଘର୍ଷ ହିଁ ଅନିବାର୍ଯ୍ୟ । ଜଣେ ସାଧାରଣ ଚାଷୀର ଘର ବୈକୁଣ୍ଠପୁର । ସେ ଘର ଗୋଟେ ବୁନିଆଦିର କଥାକହେ । କୃଷିପ୍ରଧାନ ଦେଶର ଏହା ଏକ ଜୀବନବେଦ । ସେଠି ଦୁଃଖ ଥାଏ, ଦାହ ଥାଏ । ତା' ସତ୍ତ୍ୱେ ଅନ୍ତର ଭିତରୁ ଶୁଭୁଥାଏ ନରମ କୋଳାହଳ । "ମରଣ କଷଣ ଦେଇ / ଏହି ଘରୁ ଗୃହଲକ୍ଷ୍ମୀ / ପିଠଉପାଣିର

ଝୋଟି ଆଣି / ସଜିଲ୍ କରେ ଅକ୍ଷିମୁଠି / ଯିଏ ସାରାଜୀବନ / ଏମିତି ଗୋଟେ / ହତଭାଗିନୀ ଆଉ ହୀନକପାଳୀ ।”

ଗ୍ରାମ୍ୟ ପ୍ରକୃତି ସହ କାରୁଣ୍ୟ ସହବନ୍ଧିତ ହୃଦାନନ୍ଦଙ୍କ କବିତାରେ । ଗଛବୃଚ୍ଛ ଓ ଫଳଫୁଲୁରି ସହ ଆମର ଜନ୍ମଜନ୍ମର ରହିଛି ସମ୍ବନ୍ଧ । ଗାଁ ମାଟିର ସଜନାଗଛଟି କବିର ଆବେଗ ସହ ଜଡ଼ିତ ହୋଇଛି । ଏହି ସଜନାଗଛକୁ ନେଇ ଆମ ସଂସ୍କୃତି ଓ ବିଶ୍ୱାସବୋଧ କଥା ବଖାଣନ୍ତି କବି । “ରାତିର କାଳିଅନ୍ଧାରରେ ପେଚାଟିଏ / ଗଛର ଅଗ ଛତିରିରେ ବସି / ଆଗତ-ଭବିଷ୍ୟ ଗୁଣୀ ହୁଏ / ମା’ ତାକୁ ଅଲକ୍ଷଣୀ କହି / ଦେଢ଼ଶୁର ଅଇଁଠା ଖା’ ବୋଲି / ଛଟାଟିଏ ମେଲେ ।”


ଗ୍ରାମୀଣ ଭାଷାର ପଡିଆରା ହିଁ ହୃଦାନନ୍ଦଙ୍କ କବିତାର କୌଶଳ । ଗ୍ରାମ୍ୟ ଜୀବନର ସୁନ୍ଦରପଣ ଓ ମିଠାଦିନର ଅନୁଭବକୁ ଖୋଜିବାର ପ୍ରକ୍ରିୟା ସତେଯେମିତି ପ୍ରବହମାନ ନଈର ରେଖା ପରି । ଉତ୍ତର ଆଧୁନିକ କାବ୍ୟଧାରାରେ ଆମ ଐତିହ୍ୟ, ସଂସ୍କୃତିକୁ ଫେରିଚାହିଁବା କଥାଟି ହୃଦାନନ୍ଦଙ୍କ କବିତାରେ ସତେଯେମିତି ପ୍ରତିଧ୍ୱନିତ ହୁଏ ବାରମ୍ବାର । ଜଣେ ସଚେତନ କାବ୍ୟସ୍ରଷ୍ଟା ରୂପେ ଗ୍ରାମ୍ୟ ଜୀବନକୁ ନେଇ ନମନୀୟ ସଂସ୍କାର ଦୃଷ୍ଟିକୋଣ ହିଁ କବିଙ୍କ କାବ୍ୟଚେତନାର ସାର୍ଥକ ପରିଚୟ ।

ବିଭାଗ ମୁଖ୍ୟ, ଓଡ଼ିଆ ବିଭାଗ
ବିଏନ୍‌ଏମ୍‌ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
ମୋ: ୯୯୩୭୭୭୯୪୫୨

❐❐❐

ସେଇ ଲୋକଟା .... କବି ଅବନୀ ପ୍ରଧାନ

● **ସିତାଂଶୁ ଲେଙ୍କା**



କବିତା ବହି ‘ସେଇଲୋକଟା’ ପ୍ରକାଶକ ଦିଲୀପ କୁମାର ବେଉରା । ବିଜୟିନୀ ପବ୍ଲିକେଶନ, ଶଙ୍କରପୁର, ଅରୁଣୋଦୟ ମାର୍କେଟ୍, କଟକ-୧୨ । ପ୍ରକାଶକାଳ ୩୦ ଡ଼ିସେମ୍ବର ୨୦୨୦ । ଏହାର ପ୍ରଚ୍ଛଦ ଆଙ୍କିଛନ୍ତି ବିଜୟ ପ୍ରଧାନ । ମୂଲ୍ୟ ଟ୧୦୦ଙ୍କା ମାତ୍ର । ଏହାର ରଚନା କାଳ ମାର୍ଚ୍ଚ ୨୫, ୨୦୨୦ ।

କବିତା ଗ୍ରଂଥଟିକୁ ଉତ୍ସର୍ଗ କରିଛନ୍ତି; ଯେଉଁମାନେ କବିତା ପଢ଼ନ୍ତି ଲେଖନ୍ତି, ନାହିଁ । ଯେଉଁମାନେ କବିତା ପଢ଼ନ୍ତି ନାହିଁ, କବିତାକୁ ଭଲ ପାଆନ୍ତି । ଯେଉଁମାନେ କବିତା ଲେଖନ୍ତି । ସର୍ବୋପରି ସାହିତ୍ୟକାରମାନଙ୍କୁ ଓ ସମାଜର ସାଧାରଣ ମଣିଷମାନଙ୍କୁ ।

କବି ଅବନୀ ପ୍ରଧାନଙ୍କର ୧୯୯୭ରୁ ୨୦୨୧ ପର୍ଯ୍ୟନ୍ତ ୧୪ ଖଣ୍ଡ କବିତା ବହି ପ୍ରକାଶିତ । ‘ନଦୀ ବୈଷ୍ଣବୀ’ ଠାରୁ ‘ସେଇ ଲୋକଟା...’ ଓ ‘କବିତା କଥା’ । ‘ସେଇଲୋକଟା ...’ ଯାହା ତାଙ୍କ ୧୩ନମ୍ବର ବହିର ପୃଷ୍ଠା ୧୦୪ । ଏ’ କବିତା ବହିଟି ଲାଗେ ଯେମିତି ସେଇ ଲୋକଟା’ ଆଉ କେହି ନୁହଁ ସେ ହିଁ ନିଜେ ଅବନୀ ପ୍ରଧାନ । ସେ’ ନିଜେ ପ୍ରାଗ୍‌ଭାଷରେ କହିଛନ୍ତି ଯେ କବିଟିର କାମ ସେୟା ଯେ ଶବ୍ଦମାନଙ୍କୁ ସଂପାଦିକା । ସେଇଥିପାଇଁ ଏ ଲେଖକ ଅନ୍ୟଜଣେ ଲୋକ ବୋଲି ଭାବି ନିଜକୁ ଠିଆ କରାଇଛି କ୍ଷେତରେ ପାଳଭୂତ କରି । କବିଟିଏ ତ’ ପାଳଭୂତ ! ବେଶି ରାଗିଲେ ଖଣ୍ଡିଆଭୂତ । ହୁ ହୁ ... ହୁତାଶନ ହୋଇଉଠେ । ରାଗିଯାଏ ଶବ୍ଦଙ୍କ’ର ଠାବ ନ ପାଇଲେ । ନାନା ଇଂଗିତ ଭଂଗୀ ଆଉ ବାଲିଙ୍ଗି ଦେଖାଇ ନିଜ ଠାରୁ ନିଜେ ଅଲଗି ଯାଇ ସେଇ ଲୋକଟି ‘ସେଇ ଲୋକଟା...’ ନାଁରେ କବିତା ଲେଖେ ।

କବି ଅବନୀ ପ୍ରଧାନଙ୍କର ଏଇ ଭାବଗର୍ଭକୁ ବୁଝିବା’ କବିତାରେ ଖୁବ୍

ସହଜ ଲାଗୁଥିଲେ ବି, ଏତେ ସହଜ ନୁହଁ ଭାବ ପାଳିବା । ଏଇ ଭାବ ପାଳିବାର ସ୍ପର୍ଦ୍ଧା ଟିକକ ଧରି ଠିଆ ହୋଇଛନ୍ତି କବି ଅବନୀ ପ୍ରଧାନ । ସେଇ ଲୋକଟା ... ବେଶରେ । ସେଇ ଲୋକଟା'... ଏବେ କରେ କ'ଣ ? ମୁଣ୍ଡବାଳ ପାଚି ଧରା । ଦାଢ଼ି ଆବୁରୁ ଜାବୁରୁ, ପତଳା ଶ୍ୟାମଳ ଲୋକଟା କୁଆଡ଼େ ଯାଏ ? ଝୁଲା ମୁଣିଟିଏ ଧରି ସଂଜେ ସକାଳେ ଚାଲିଥାଏ ତା' ବାଟରେ । କେବେ କେବେ ଏଇଠି ଉଭାନ୍ ହୋଇଯାଏ । ପୁଣି ଆସି ସେଇ ଛକର ମନ୍ଦିରରେ ବସିଥାଏ । ଘୁରୁଥାଏ, ଘୁରୁଘୁରୁ, ଘିରିଘିରି । ଟିଟିକାରି ମାରେ ତା'କୁ ସମୟ । ଅଧବେଳେ କିଛି କଥା ନ କହେ । ନିଜକୁ ନିଜେ କ'ଣ କ'ଣ ଆଉଳିବାଉଳି ହୋଇ ହକାରୁଥାଏ । ନିଜ ଲୋକ ଦେଖିଲେ ଶଉର ଫରୁଆ ଖୋଲେ । ଏବକୁ ୬୫ବର୍ଷ ବୟସ ସେଇ ଲୋକଟା'ର ! ଆକ୍ତାମାକ୍ତା ହୋଇ ଉଠେ... ସେଇ ଲୋକଟା' । ବେଳେ ବେଳେ ନିଶାଖୋର ପାଲଟି ଯାଏ ତ ! କବିତା'ର ନିଶାଘାରେ । କବିତାର ରଂଗ ଦେଖି ନିଶାଭୋଳରେ କବିତାରେ କବିତାରେ ନିଦଯାଏ । ସ୍ୱପ୍ନଦେଖେ । କବିତାର ସ୍ୱପ୍ନମାନ ମାଦକତା ଭରାଏ । ଅଧରାତି ନିଶା ସାଇଁ ସାଇଁ ବେଳେ କବିତା'ର ଅସରନ୍ତି ଦରିଆରେ ପହଁରେ । ପହଁରୁ ପହଁରୁ ସିନ୍ଦୁରା ଫାଟେ । ନୂଆ ସକାଳଟେ ହାତ ଠାରି ଡାକେ ଆକାଶରେ ନେଳି ପଡ଼େ । ଖରା ଉଏଁ । ଦିନ ତମାମ୍ ଆଲୋକରେ ଘୁରି ଘୁରି ପୁଣି ତା' ଘଷରା ଜୀବନକୁ ଫେରେ । ଏଇ' ଘଷରା ଜୀବନରୁ ରସ ଟାଣି ବଂଚେ । କବିତା'ର କଦଂବ ଆଉ ସୁଗଂଧରାଜ ଫୁଟାଏ । କବିତାରେ କବିତାରେ ଲୋଟେ । ଲୋଟଣୀ ମାରେ । ଧୂଆଁଳିଆ ଶୂନ୍ୟତାରେ ଢ଼ଉ ଢ଼ଉକା ପବନରେ କବିତାର ଲୋରି ବୋଲେ । ହଁ' ସେ' ଲୋକଟା'ର କବିତା ପ୍ରତି ଭାରି ମୋହ । ପଢ଼େ ଲେଖେ, କବିତା ପ୍ରକାଶେ ।

ସେଇ ଲୋକଟା'ର ଦଶମ, ଏକାଦଶ ପାଠପଢ଼ା ସରସଦା ଉଚ୍ଚ ବିଦ୍ୟାଳୟ, ଭଂଡ଼ାରୀ ପୋଖରୀ ବ୍ଲକରେ । ଧାମନଗର ବ୍ଲକ୍ ତା'ର ଜନ୍ମସ୍ଥାନ । ଅବଶ୍ୟ ଭଦ୍ରକ ତା' ଜନ୍ମ ଜିଲ୍ଲା ବିଭକ୍ତର । ୧୯୭୦ରେ ଲୋକଟା ମ୍ୟାଟ୍ରିକ୍ । ଦୀର୍ଘ ଚାରିବର୍ଷକାଳ ଡିଗ୍ରୀ ଶିକ୍ଷା, ଭଦ୍ରକ କଲେଜ, ଇତିହାସ ଅନର୍ସ(ସମ୍ମାନ) ଏମ୍.ଏ. ପାଶ୍ ୧୯୭୬ ମସିହା ବାଣୀ ବିହାର(ଉତ୍କଳ ବିଶ୍ୱବିଦ୍ୟାଳୟ) । ଚାକିରୀ ଇତିହାସ ଅଧ୍ୟାପକ ୨୨

ବର୍ଷ ଧରି ଧାମନଗର କଲେଜ । ୨ ବର୍ଷ ଅଟଳ ବିହାରୀ କଲେଜ ବାସୁଦେବପୁର । ଆଠ ବର୍ଷ ନାଁମି କଲେଜ । ଛଅବର୍ଷ ଅଧ୍ୟକ୍ଷ, ବଂତ ଆଂଚଳିକ କଲେଜ । ଦୀର୍ଘ ପାଂଚ ବର୍ଷ ଧରି ଅଧ୍ୟକ୍ଷ ନାଁମି କଲେଜ । ଏବେ ଅବସରପ୍ରାପ୍ତ ଅଧ୍ୟକ୍ଷ, ସେଇ ଲୋକଟା'ର ପରିଚୟ ।

ଖାଲି କବିତା । ଆ... ହା... ଆଉ କି ଫେରିବ ସେଇ ପିଲାଦିନ । ଯୌବନ ସରେ ଲୋକଟା'ର । ଥାନା ଧାମନଗର, ଅଶୀଣମାସ, ୧୯୫୫ ଚଂଦେଶ୍ୱର ଗ୍ରାମରେ ଜନ୍ମ ସେଇ ଲୋକଟା'ର । ପ୍ରଥମେ ପଢୁଥିଲା ପାଠ ରାମଗିରି, ଜି: ଉଦୟଗିରିସ୍ଥ, କରଡ଼ାବାଡ଼ି ଗ୍ରାମ । ତା'ପରେ କୁକୁଡ଼ାଖଣ୍ଡି ଗ୍ରାମ । ଏବେ ବ୍ଲକ । ପଞ୍ଚମ ଯାଏଁ ଥିଲା ଗଂଜମା ଜିଲ୍ଲାର । ଷଷ୍ଠ, ସପ୍ତମ ପଢ଼େ ପାଠ ମୟୂରଭଂଜର କୁସୀର୍ଦା ମି.ଇ. ବିଦ୍ୟାଳୟ । ରହୁଥିଲା ଅର୍ଜୁନ ବିଲା ଗ୍ରାମରେ । ଅଷ୍ଟମ,ନବମ ପଢୁଥିଲା କେନ୍ଦୁଝର ଜିଲ୍ଲାର ଜ୍ୟୋତିପୁର ହାଇସ୍କୁଲ୍ । ବୈତରଣୀ ନଦୀ ପାର ହେଲେ କେନ୍ଦୁଝର । ନଈ ସେ ପାରିର ଆମ୍ବ, କେନ୍ଦୁ, କାନ୍ଦୁଲ, ବଇଁଚ, ଜାମୁ, ପିଜୁଳି, କୁସୁମ ଫୁଲର ରସ, ସୋରିଷ ଫୁଲର କ୍ଷେତ । ନଈ ପାର ହେବାକୁ ହେଲେ ନଈ ଘାଟରେ ଖନ୍ତା ନାଉରୀଆର ରାମକେରୀ ଗୀତ । ଆ... ହା... କି ଚମତ୍କାର । ତା'ପରେ ଡଂଗା ପାର । ପରଦିନ ସକାଳେ ଡଂଗାରେ ଚଢ଼ ।

ସେଇଇ ଲୋକଟା ଇଁ ଏବେ ଭାବେ । କେମିତି ଦୁଃଖ ମାନେଇଁ ତା' ଋତୁ ଅନେକ ଦୁଃଖ ତା'ର ରାତାରାତି ଭରି ଅନେକ ସୁଖ ଖସେ ତା' ହାତରୁ ବୁଦବୁଦ୍ ହୋଇ । ତା' ପାଇଁ ଏବେ ଋତୁ କାହିଁ ? ରାତି କାହିଁ ? ? ରତି କାହିଁ ? ? ? ଏଇମିତି ଗୋଟେ ଆଉଟୁ ପାଉଟୁ ଜୀବନ ବଂଚେ । ଯେଉଁଠି ଆଇନ ଫାଙ୍କା । ନଜର ନଳୀରେ ବୁଲେଟ୍ ଫାଙ୍କା । ଆଗକୁ ଚାଲିବାକୁ ରାସ୍ତା ବଙ୍କାବଙ୍କା । ଆବଡ଼ା ଖାବଡ଼ା, ଚାଲିବ କ'ଣ ଲୋକଟା ! ତଥାପି ଚାଲେ । ଚାଲେ ତ ଚାଲେ କାହାରିକୁ କିଛି କହି ନ ଥାଏ । ନିଜ ଛାଇକୁ ନିରିମାଖେ ନୟନରେ । ପୁନରପି ପୁନରପି ସ୍ମୃତିକୁ ଉଖାରେ । ସବୁ ଜାଣିବି ବ୍ୟଗ୍ର ବ୍ୟସ୍ତ ହୁଏ ।

ଲୋକଟା' ଏମିତି ମିଞ୍ଜାସର ଯେ' ଦୋଛକି ରାସ୍ତାରେ ଚାଲୁ ଚାଲୁ ଚଉଛକରେ ପହଂଚିଯାଏ । ଜହ୍ନ ଦେଖେ ବଂତ ଛକରେ କେଡ଼େ ନିଟୋଳ ସେ'

ଜହ୍ନ ! ତା'ପରେ ନିଜକୁ ଦେଖେ । ଦେଖି ନ ଦେଖିଲା ପରି ବସଂତ ବାସଂତୀମାନେ ବାଟଭାଂଗି ଚାଲିଯାନ୍ତି । ସେମାନେ ତ ! ସେମାନେ ...

ସେଇ ଲୋକଟା'ର ସୃତିର ଫରୁଆ । ସେଇଥିପାଇଁ ଲୋକଟା ସଦା ଅନ୍ୟମନସ୍କ, ଦୂର ମନସ୍କ, ନଦୀ ମନସ୍କ ।

ଖାଲି ଭାଳିହୁଏ । ଅତିକ୍ରାଂତ ବୟସରେ ନିଜ ବୟସକୁ ବାହୁନି ବାହୁନି... ନିଜ ଛାଇ ଭିତରେ ଆଉ ଗୋଟେ ଛାଇ ଜନ୍ମି ଇତସ୍ତତଃ ଦୋହଲାଇ ଦିଏ ସେଇ ଲୋକଟା' କୁ .... ।

ଏବେ ପ୍ରାୟ ପ୍ରତି ଦିନାଂଶରେ ତା'କୁ ଭେଟେ ତାର ପ୍ରିୟ ପକ୍ଷୀ । ଦେଖିଦେଲେ ସେଇ ଲୋକଟା'କୁ ବୋଲୁଥିବ, ଏକ୍‌ଲା ଲୋରୀର ଗୀତ । ଆଉ ଦେହରେ ରଂଗଟିକେ ଅଛି ବୋଲି ତ ତା'ର ସାତ ଖୁନ୍ ମାଫ୍ । ଲୋକଟା ଦେଖି ଦେଖି ତାକୁ କିଛି କହୁ ନ ଥିବ । ଖାଲି କବିତା ଲେଖିବାର ଭାବ ଟିକେ ଟିକେ ଆଣୁଥିବ !

ସେଇ ଲୋକଟା' ... କବି ଅବନୀ ପ୍ରଧାନ । ଶବ୍ଦମାନେ ସବାର ହୁଅନ୍ତି କାହିଁକି ଯେ' ସେଇ ଲୋକଟାକୁ ... । ସବୁ ଭାଷାରେ କହଂତି କଥା । ଶବ୍ଦମାନେ ଧସେଇ ପଶନ୍ତି । ପ୍ରତ୍ୟେକ ଶବ୍ଦ ହିଁ ... ତାଙ୍କ ସୌନ୍ଦର୍ଯ୍ୟରେ ସୁନ୍ଦରିମା ଆକଂତି । ଶବ୍ଦମାନେ ଅନ୍ୟ ଶବ୍ଦଙ୍କ ସହ ମିଶିଗଲେ ଅବଶ୍ୟ ... ପ୍ରେମିକା ବିବସ୍ତ୍ର ହୁଏ । ହାତରୁ ତାଙ୍କର କଲମ ଖସେ । ଚିଲମ ଖସେ । ବଲମ୍ ଖସେ । ଆଖିମାନଙ୍କୁ ନିଦ ନ ଘୋଟେ । କେତେ ରାଗରେ ଶବ୍ଦ ଝରେ ।

ସେଇ ଲୋକଟା' ନିଜକୁ ଟାଣି ଓଟାରି ନେଇ ନିଜେ ଦେଖେ ନିଜର ଏକ୍‌ଲା ଅସ୍ତିତ୍ୱ ଖୁବ୍ ନିରୋଳାରେ । ସେ' ନିଜ ଛଡ଼ା ଆଉ କାହାରିଙ୍କୁ ଯେ, କରିପାରନ୍ତା ନିଜର । ନିଜକୁ, ନିଜ ଛାଇକୁ... ଦେଖେ, ଡରେ .. ମରେ । ନିଜ ମୁହଁକୁ ଇଁ ନୀରବରେ ଆଇନାରେ ତନଖେ । ପାଗଳ ପଣରେ ହଜି ମଜି ନିଜକୁ ଦରାଣ୍ଡେ, ଅଣ୍ଡାଳେ ସାରା ବିଶ୍ୱରେ ଚରି ଚରି ଯାଉଥିବା ମହାମାରୀକୁ ଦେଖେ । ପ୍ରଭୁଙ୍କୁ' ଡାକେ । ଅବିରତ ଅହରହ କବିତା'ର ଅର୍ଗଳୀରେ ପଶିଯାଇ ଫସେ । ଅନ୍ୟ କିଛି ଗତି ନାହିଁ ତା'ର । କବିତା ଲେଖିବା ଛଡ଼ା । ସେ' କବିତା'ର ଅର୍ଗଳୀରେ ବେକ ନୁଆଇଁ ଲେଖେ କବିତା । କବିତା ଲେଖିବା ମଧ୍ୟ ହୋଇଯାଏ ଏପରି ହାର୍‌ମର୍ଯ୍ୟାଦା ବ୍ୟାପାର

ଯେ' ତଥାପି ବହୁଛି ଦେଖ ଏବେ ଶବ୍ଦର ସୁଆତି । କବିଟି ବନଉଚି କବିତାର ଜୀଅନ୍ତା ମୁରତି । ଲୋକଟା' ବି ମଗ୍ନ । ସଦା ନିମଗ୍ନରେ ଓଦା ଜଡ଼ବଡ଼, ସଡ଼ସଡ଼ ।

ଏବେ ଏଠି ବାଟ ବଂଦ । ନାକ ବଂଦ । ପାଟି ବଂଦ୍ । କାନବଂଦ । ଖାଲି ଯା' ଆଖି ଦିଓଟି ଜଳଜଳ । ବଂଦରେ ବଂଦରେ ବି ଆହୁରି କେତେ କ'ଣ ବଂଦ ! ସଂଗରୋଧ । ପଥରୋଧ । ଚାରିଆଡ଼ ଲାଗୁଚି ଖାଁ ଖାଁ ଅବରୋଧ ! ଏତେ ସଂତାପିତ ହେବା ଛଡ଼ା ନିଜ ଠାରୁ ନିଜ ଆଡ଼କୁ ... ବରଂ ଠୁଙ୍କି ହୋଇଯିବା ଭଲ । ଲୋକଟା' ଭାବିଲା ଯାହା ବି ହେଉ ... ନୂଆଶବ୍ଦ, ନୂଆ ଖଂଜ, ନୂଆଯୋଜନା, ଦୁଇଗଜ ଦୂରତା କେବଳ ଆଣିଦେଲା ଏଇ କରୋନା !

ଏମିତି ସେଇ ଲୋକଟା'ର ଜୀବନ ସହିତ ଭେଟ ହେଇଯିବାର କଥା । କବିତା'ର ଭେଟଭାଟ୍ ହବାର ଯେ' ଗୋଟେ ଅପୂର୍ବପଣ । ସେଇ ଲୋକଟା'ର ବଡ଼ ସରାଗ । ପାଖରେ ବସେ ଯେ କଥା ଗପସପ ହେବାର ଆତୁର ଶବ୍ଦ ଖୁଆଣ । ସେଇଥିପାଇଁ ଶବ୍ଦମାନେ "ସାରାକାଳରେ କହିଛନ୍ତ-

"ତୁମେ ଯେତେ ଶବ୍ଦ ଭିଆଅ ପଛେ/ ନୀରବତା ଟିକକୁ ମାନ / ସମ୍ମାନ କର ! ମନରୁ ପୋଛି ହୋଇଯିବ ଅହଂ ! ଶବ୍ଦଙ୍କର ଯାଦୁଖେଳ ।

ସେଇ ଲୋକଟା' ଶବ୍ଦର ଯାଦୁଖେଳକୁ ପଛରେ ପକେଇ ଜୀବନ ଖୋଲାମେଲା ପଡ଼ିଆ । ଆକାଶ ଆଡ଼େ ଧାଇଁଚି, ଜୀବନର ସର୍ତ୍ତରେ କବିଟିଏକୁ ଚିହ୍ନେଇ ଦର୍କାର ସେଇ ଲୋକଟାକୁ ଠିଆ କରେଇ ଏତେ ଗୁଡ଼ାଏ ଧାଡ଼ି ଧାଡ଼ି କବିତା ଅର୍ଜନ କରିଛନ୍ତି ।

କୁଆଡ଼େ ! କବି ଅବନୀ ପ୍ରଧାନ ।

ଯେମିତି ସେ' କହିଛନ୍ତି : କବିତା ଗହଳିଆ ଗହଳିଆ ଗୁହାଳ ଅଂଧାରରେ ସଂକଟ ସ୍ଥାନରେ, ମନ ସଂକଟରେ, ତ୍ରୀବଳି ସଂଧିରେ, ସ୍ତନ ସଂକଟରେ ... କଅଁଳିଆ ପବନ ହୋଇ ଆତଯାତ କରୁଥାଏ ଗୋପନରେ ।

ସେଇ ଲୋକଟା' ଜଣେକବି । କବିଟିଏ' ଆଉ କ'ଣ କି ? କବିଟିଏ ମାତ୍ର ପରଛାଇଁଆ ×××××× ବଡ଼ ରହସିଆ ରହସିଆ ।

ପାଠକେ ! ସେଇଲୋକଟା" ପୁସ୍ତକଟିକୁ ପାଠକଲେ ଆମକୁ ମିଳିବ ଜୀବନ

ସର୍ଜନାର ବାଟ । ଏମିତି କିଛି ମଣିଷ - ସେଇ ଲୋକଟା ... ସେଇ ଲୋକଟା ମ ! ଖରାଦିନ ମେଘଙ୍କର ଠିକଣା ନ ଥିବା ପରି, ଖଣ୍ଡେ ସାଦା ଝାପ୍‌ସା ହଳଦିଆ ଲଫାପା ।

ଚମତ୍କୃତ କରି ଦେଇଥିବା ଅନେକ କବିତା କବି ଅବନୀଙ୍କର । ତାକୁ ହାତ ମାରିଲେ ସେ' ଫଡ଼ଫଡ଼୍ କରି ଡେଣା ଝାଡ଼ିବ । ଗୀତ ଗାଇବ । ନିଜ ଭିତରେ ସେଇ ଲୋକଟା' ହୋଇ ଅଦିନରେ ତିନ୍ତେଇ ଦେଉଥିବ । ଦିନ ଦିନ ରାତାରାତି ଶୋଇଏ ଦେଉ ନ ଥିବ ।

ଓଡ଼ିଶା କାବ୍ୟ ପରଂପରାର ପାହାଚଗୁଡ଼ିକ ଲକ୍ଷକଲେ ଜଣାଯାଏ ଯେ, ପୁରୁଣାକୁ ଭାଂଗିରୁଜି ନୂଆ କରିବାର ସାହସ ସତ୍ୟ ଭିତରେ କବି ତୟାର ସବୁବେଳେ । ସେଇ କଥାକୁ ନୂଆ ଭାବରେ ଉଭା କରାଇବାରେ କବି ଅବନୀ ପ୍ରଧାନଙ୍କ ଦସ୍ତଖତ ଯୋଡ଼ିହେଲେ ଆଉ ପାଦେ ଆଗକୁ ଯିବାର ଆମକୁ ତଥା କବିତା ରାଜ୍ୟର ଆଗାମୀ ପିଢ଼ି ପାଇଁ ଉଦାହରଣ ହୋଇ ରହିବ ।

ଠିକଣା : ମେଘଡମ୍ବରୁ, କୁରୁଡ଼ା, ବାଲେଶ୍ୱର -୭୫୬୦୫୬

ଫୋନ୍ : ୯୪୩୭୧୫୯୬୭୯

ମୋ: ୯୦୪୦୪୪୭୨୭୯

❐❐❐

ମିଥ୍ ଓ ସୋସିଆଲ ଟ୍ରାଜେଡ଼ିର ଯୌଥ ନିର୍ମାଣ: 'କୋକୁଆ'



● ଡ. ବିରଂଚି କୁମାର ସାହୁ

ଏଯାବତ୍ ଗୋଟାଏ ଚର୍ଚ୍ଚିତ ନାଁ ଘେନା କରି ଆସିଛନ୍ତି ବିଜୟ ଶତପଥୀ ଓଡ଼ିଆ ନାଟ୍ୟରଚନା କ୍ଷେତ୍ରରେ । ସମ୍ଭବତଃ ଚର୍ଚ୍ଚିତ ଏଇଥିପାଇଁ ଯେ ସେ କିଛି ନୂଆ କରିବାର ମାନସିକତାକୁ ଆଜି ଯାଏ ଛାଡ଼ି ପାରିନାହାନ୍ତି । ଅଶୀ ଦଶକ ପରେ ଓଡ଼ିଆ ସାହିତ୍ୟରେ ସବାର ହେଇଛି ଉତ୍ତର ଆଧୁନିକତା । ଏହି ଉତ୍ତର ଆଧୁନିକତାର ଭେଳିକିରେ ଅନେକ ଓଡ଼ିଆ ସାହିତ୍ୟ ରଥୀ ଘର୍ମାକ୍ତ । ଆମ ନାଟକ ମଧ୍ୟ ସେଥିରୁ ବିଚ୍ୟୁତ ନୁହେଁ । ବିଜୟ ଶତପଥୀ ଆଜି ଅତ୍ୟନ୍ତ ପରିଚିତ ହୋଇସାରିଲେଣି ନାଟକ ବିଭାଗରେ । ପୁନଶ୍ଚ ନାଟକ ଲାଗି ସେ ସାହିତ୍ୟ ଏକାଡ଼େମୀ ପୁରସ୍କୃତ ମଧ୍ୟ । ଚିହ୍ନାବ୍ରାହ୍ମଣ - ପଇତାଲୋଡ଼ା ନାହିଁ ଆଦୌ ।

୧୯୮୦ ପରେ ନାଟକର ଆଂଗିକ ଓ ଆତ୍ମିକରେ ଯେଉଁ ପରିବର୍ତ୍ତନର ବାସ୍ନା ଭାସି ଆସିଲା ତାକୁ ଆବୋରି ବସିଲେ ଅନେକ ନାଟ୍ୟକାର । ପୁଅ ଶାନୁସଂଗ(ମିଥ୍), ଲୋକ ଉପାଦାନ, ସୋସିଆଲ ଟ୍ରାଜେଡ଼ି, ଆଦିକୁ ନାଟକ ଆପଣେଇନେଲା । ଏଗୁଡ଼ିକର ବ୍ୟବହାର ଦ୍ୱାରା ନାଟକ ଆମର ପଛକୁ ଚାହିଁଲା । ପଚାଶ ଦଶକ (୫୦) ପରେ ଯେଉଁ ଲୋକେ ନାଟକର ନାଁ ଶୁଣିଲେ ନାକଟେକୁଥିଲେ ୮୦ ଦଶକ ପରେ ନାଟକକୁ ଶୁଣିବା, ପଢ଼ିବା, ଦେଖିବା ଆଡ଼କୁ ମୁହାଁଇଲେ । ପୁନଶ୍ଚ ମଣିଷର ଅନ୍ତର୍ବେଦନା, ହତାଶା, ବ୍ୟର୍ଥତା, ନୈରାଶ୍ୟ, ନାରୀ ନିର୍ଯ୍ୟାତନା, ଯୌତୁକ ସମସ୍ୟା, ପ୍ରେମ, ଯୌନଚେତନା, ବେକାର ସମସ୍ୟା, ଶୋଷଣ, କଷଣ, ଧର୍ଷଣ, ଲୁଟ୍‌ତରାଜ, ଦୁର୍ନୀତି, ବ୍ୟଭିଚାର, ଅତ୍ୟାଚାର, ଅଂଧବିଶ୍ୱାସ ଆଦିକୁ ନାଟକରେ ପରଶି ଦିଆଗଲା ।

'କୋକୁଆ' ନାଟକରେ ନାଟ୍ୟକାର ସାରଳା ମହାଭାରତ ବର୍ଣ୍ଣିତ କୋକୁଆ

କୁ ମିଥ୍ ଭାବରେ ଉପସ୍ଥାପନ କରି ପୁନର୍ମୂଲ୍ୟାୟନ କରିଛନ୍ତି । ତାଙ୍କର ଅନେକ ନାଟକରେ ମିଥ୍‌ର ସଫଳ ପ୍ରୟୋଗ ଘଟିଛି । ପୁରାଣର ଚରିତ୍ର, କଥାବସ୍ତୁର କିୟଦଂଶକୁ ଆଧାର କରି ନାଟକଗୁଡ଼ିକ ରଚିତ ହୋଇଥିଲେ ହେଁ ଏଗୁଡ଼ିକରେ ସାଂପ୍ରତିକ ସମାଜର କରୁଣଚିତ୍ର ଉଦ୍ଭାସିତ । କର୍ଣ୍ଣ, ଶୋଣିତସ୍ୱାକ୍ଷର, ମଂଗଳ ଅମଂଗଳ, ବିଭୂମଂଗଳ ପ୍ରଭୃତିରେ ମିଥ୍‌ର ପୁନର୍ମୂଲ୍ୟାୟନ ଘଟିଛି । ସେହି ପ୍ରସଂଗରେ ଆମେ ଦେଖୁ କୋକୁଆକୁ । ପ୍ରକୃତରେ କୋକୁଆ କିଏ ? କେମିତି ଥିଲା ଏହାର ରୂପ ଓ କାର୍ଯ୍ୟ ? ଉତ୍ତରରେ ଏହା ସୂଚେଇ ଦିଆ ଯାଇପାରେ ଯେ, କୋକୁଆ ଶବ୍ଦର ବ୍ୟବହାର ସାରଳାଦାସଙ୍କ ମହାଭାରତର ମୂଷଳୀ ପର୍ବରେ କରାଯାଇଛି । ଏହା ସାରଳାଦାସଙ୍କ ନିଜସ୍ୱ ସୃଷ୍ଟି । ଦ୍ୱାରକାରେ ଏହି କୋକୁଆକୁ କେହି ଦେଖି ନ ଥିଲେ । ମାତ୍ର କଳିଯୁଗ ଆରମ୍ଭରେ ଦ୍ୱାରକାରେ ଏହିପରି କୋକୁଆର ଆବିର୍ଭାବ ହେବ ବୋଲି ଶ୍ରୀକୃଷ୍ଣଙ୍କ ଠାରୁ ଶୁଣି ସମସ୍ତେ ଆଖିରେ ଦେଖି ନ ପାରିଲେ ସୁଦ୍ଧା ମନରେ ଆଂଶକାଗ୍ରସ୍ତ ହୋଇ ପଡ଼ିଥିଲେ । କୋକୁଆ ଭୟରେ ଯାଦବକୁଳ ଭୟତ୍ରସ୍ତ ହୋଇ ଯାଇଥିଲେ । କେହି ଜଣେ କୋକୁଆକୁ ସ୍ୱପ୍ନରେ ଦେଖିବା ପରେ ଚାରିଆଡ଼େ ହାଲ୍ଲା କଲା ଓ ତାହା ଠାରୁ ଶୁଣି ଅନ୍ୟମାନେ କୋକୁଆ - କୋକୁଆ ଶବ୍ଦ କରି ବୁଲିଲେ । ତାକୁ ମାରିବା ପାଇଁ ସମସ୍ତେ ଉଦ୍ୟମ କଲେ ଓ ଅଂଧାରରେ ଯମୁନା କୂଳକୁ ଧାଇଁଲେ । ସେଠାରେ ସେହି ଗାଢ଼ ଅଂଧାର ଭିତରେ ପରସ୍ପର, ପରସ୍ପରକୁ ଚିହ୍ନି ନ ପାରି ପିଟାପିଟି ହେଲେ ଓ ତା'ପରେ କାଦମ୍ବରୀ ରସ ପାନ କରି ନିଶାଗ୍ରସ୍ତରେ ମରାମରି ହୋଇ ମୃତ୍ୟୁବରଣ କଲେ । ଏହିପରି ଯଦୁବଂଶ ଧ୍ୱଂସ ହୋଇଥିଲା ।

ସାରଳା ଏହିପରି କୋକୁଆର ଚିତ୍ରଣ କରିଛନ୍ତି । କୋକୁଆ ଏଠି ପ୍ରତୀକ ମୃତ୍ୟୁର । ଏହି ନାମଟି ମହାଭାରତ ସହିତ ସଂପୃକ୍ତ । ସୁତରାଂ ପୁରାଣରୁ ଏହି ନାମଟିକୁ ନେଇ ସାଂପ୍ରତିକ ସମାଜରେ କୋକୁଆକୁ ଯୋଡ଼ି ଦେଇଛନ୍ତି । କୋକୁଆ ମିଥ୍ ଏଠି ନବୀକରଣ ହୋଇଛି । କୋକୁଆ ଏଠି ଭୟ, ଆତଙ୍କର ଅନ୍ୟ ନାଁ । କୋକୁଆ ବୋଲି କୌଣସି ଜୀବକୁ କେହି ଦେଖିନାହାନ୍ତି । ମାତ୍ର ଏ ନାଟକରେ କୋକୁଆ ହେଉଛି ସମାଜରେ ଯେଉଁମାନେ ଆତଙ୍କ ଖେଳାଉଛନ୍ତି, ଯାହାର ନାଁ

ଶୁଣିଲେ ସାଧାରଣ, ନିରୀହ ମଣିଷମାନଙ୍କର ରକ୍ତ ପାଣି ଫାଟିଯାଏ ।

ପୁନଶ୍ଚ ସୋସିଆଲ ଟ୍ରାଜେଡ଼ି କଥାକୁ ଗଲେ ଆମ ଆଖିଆଗକୁ ଆସେ ସୋସିଆଲ ଟ୍ରାଜେଡ଼ି କ'ଣ ? ଏ ସଂପର୍କରେ ନାଟ୍ୟକାର ଡ. ଶତପଥୀ ତାଙ୍କର ସୋସିଆଲ ଟ୍ରାଜେଡ଼ିର ତିନୋଟି ନାଟକ' ବହିରେ ଦି'ପଦ କଥା ପ୍ରସଂଗରେ ଉଲ୍ଲେଖ କରିଛନ୍ତି "ମାନବିକତାର ଅପମୃତ୍ୟୁ, ସୁସ୍ଥ ସମାଜ ଜୀବନକୁ ଧ୍ୱଂସମୁଖୀ କରୁଥିବା ଦୃଷ୍ଟି ଶକ୍ତିମାନଙ୍କର କାରସାଦି, ବିଭୀଷିକାର ବାତାବରଣ ସୃଷ୍ଟି କରୁଥିବା, ପୁଣି ନିଜକୁ ସମାଜର ବଡ଼ପଣ୍ଡା ବୋଲାଉଥିବା ମନଷ୍ଟରମାନଙ୍କର ଷଡ଼ଯନ୍ତ୍ର ଆଜି ନିମନ୍ତ୍ରଣ କରି ଆଣିଛି ଏହି ସୋସିଆଲ ଟ୍ରାଜେଡ଼ିକୁ ଯେଉଁଠି ସମଗ୍ର ସମାଜ ବ୍ୟବସ୍ଥାଟି ବିପନ୍ନ ଓ ଯନ୍ତ୍ରଣାକାତର । ଉଚ୍ଚାଙ୍ଗମୂଲ୍ୟବୋଧମାନ ସେ ଅବସ୍ଥାରେ ଧରାଶୟୀ ।" ସବୁଠୁ ବଡ଼କଥା ହେଉଛି ସମୟର ପରିବର୍ତ୍ତନ ସହିତ ତାଳଦେଇ ସାହିତ୍ୟର ରୂପରେଖ ବଦଳି ଚାଲିଛି । ସମୟ ସହିତ ପାଦମିଳାଇ ନ ଚାଲିଲେ ସାହିତ୍ୟ ସଂସ୍କୃତି ପଛରେ ପଡ଼ିଯିବ । ସୁତରାଂ ନାଟକ ଏପରି ଏକ ସମ୍ବେଦନଶୀଳ ବିଭାଗ ଯେଉଁଥିରେ ସାମାଜିକ ବାର୍ତ୍ତାଟି ସିଧାସଳଖ ଦର୍ଶକମାନଙ୍କ ପାଖରେ ପହଞ୍ଚେ । ଏହି ଦୃଷ୍ଟିରୁ ନାଟ୍ୟକାର ଡ. ଶତପଥୀ ସାମାଜିକ ଜୀବନର ଦୁର୍ଗତି ଓ ବିପର୍ଯ୍ୟୟ କାହାଣୀଗୁଡ଼ିକୁ ଅଧିକ ସଚେତନ ଭାବରେ ରୂପ ଦେଇଛନ୍ତି । ସମାଜ ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି, ଯେଉଁ ଅରାଜକତା ସୃଷ୍ଟି ହେଉଛି, ତା' ସହିତ ହିଂସା, ଦ୍ୱେଷ, ପରଶ୍ରୀକାତରତା, ଧର୍ଷଣ, ଲୁଣ୍ଠନ, ବ୍ୟଭିଚାର, ଆତଙ୍କବାଦୀ ଆକ୍ରମଣ, ଯୁଦ୍ଧର ଭୟ, ବିସ୍ଥାପନ ସମସ୍ୟା, ଭୂମି ଜଂଗଲ ଜଳକୁ ନେଇ ଯେଉଁ ସମସ୍ୟା ପ୍ରଭୃତି ଯେତେଯେତେ ସମସ୍ୟାମାନ ମନୁଷ୍ୟକୁ ଭୟ ଓ ଆତଙ୍କଗ୍ରସ୍ତ କରିପକାଉଛି ତାହା ସମାଜର ବିରାଟ ସମସ୍ୟା ଭାବେ ମୁଣ୍ଡଟେକିଛି - ଏହାହିଁ ସୋସିଆଲ ଟ୍ରାଜେଡ଼ି ।

ଏହି ପରିପ୍ରେକ୍ଷୀରେ 'କୋକୁଆ'ରେ ଆମେ ଦେଖୁ ସୋସିଆଲ ଟ୍ରାଜେଡ଼ିର ରୂପ । ମୋଟ୍ ୮ଟି ଚରିତ୍ର, ସେଥିରୁ ଗୋଟିଏ ନାରୀ ଚରିତ୍ର । ନାଟକର ମୁଖ୍ୟ ଦୁଇଟି ଚରିତ୍ର ଶିବୁ ଓ ଅଜୟ ମାରାଣ୍ଡି । ଦୁହେଁ ନକ୍ସଲ ସାଜିଛନ୍ତି କେବଳ ତାଙ୍କ ଭିଟାମାଟିକୁ ରକ୍ଷା କରିବା ପାଇଁ । ଆଦିବାସୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ । ସେମାନଙ୍କର କହିବା କଥା, ଯୁଗ ଯୁଗ ଧରି ଯେଉଁ ଆଦିବାସୀ ବଣ, ଜଂଗଲ, ପାହାଡ଼, ଝରଣା ସହିତ

ନିବିଡ଼ ସଂପର୍କ ସ୍ଥାପନ କରି ରହି ଆସିଛନ୍ତି ସେମାନଙ୍କ ସଂପର୍କକୁ ଛିନ୍ନ କରି ଦିଆଯାଉଛି । ସେମାନଙ୍କୁ ବେଘର କରି ଦିଆଯିବା ସହିତ ସେମାନଙ୍କ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରାଯାଉଛି । ତେଣୁ ଏ ଦୁହେଁ ନକ୍ସଲ ସାଜିଛନ୍ତି ସରକାରଙ୍କ ବିପକ୍ଷରେ । ଆଦିବାସୀମାନଙ୍କ ବଡ଼ ସମସ୍ୟା ତାଙ୍କ ଭିଟାମାଟିରୁ ତାଙ୍କୁ ବାସଚ୍ୟୁତ ହେବାକୁ ପଡୁଛି । କାରଖାନା ବସିବା ଦ୍ୱାରା ସେମାନଙ୍କର ଏ ପ୍ରକାର ଅବସ୍ଥା । ପୁନଶ୍ଚ ଜମି ଜଂଗଲ ଜଳ ଦୂଷିତ ହେଉଛି, ଜମି ମଧ୍ୟ ତାଙ୍କ ହାତରୁ ଚାଲିଯାଉଛି । ଝରଣାର ଜଳ, ଜଂଗଲର ସୁରକ୍ଷା ଯାହା କୋଳରେ ସେମାନେ ଚିର ଆନନ୍ଦ ପାଆନ୍ତି, ଜୀବୀକା ନିର୍ବାହ କରନ୍ତି ତାହା ମଧ୍ୟ ତାଙ୍କର ହେଇ ରହିପାରୁନି । ଏହାହିଁ ନକ୍ସଲ ସାଜିବା ପାଇଁ ସେମାନଙ୍କୁ ବାଧ୍ୟ କରୁଛି ।

ନାଟକରେ ଦାମ- ପାଗଳ । କାରଣ, ତା'ର ଭୂମିନାହିଁ ଏବଂ ପୁଅ ଶିବୁ ପୋଲିସ୍ ଦ୍ୱାରା ନିହତ । ଅଜୟ ମାରାଣ୍ଡି ସରକାର/ ପୋଲିସ ଆଖିରେ ଜଣେ ନକ୍ସଲ, ଆତଙ୍କବାଦୀ, ମାଓବାଦୀ ହୋଇପାରେ । ଅଜୟ ଆହତ ହୋଇଛି ପୋଲିସ୍ ଗୁଳିରେ । ଧମାଗୁଡ଼ା ଗାଁ ନାଟକର ପ୍ରାଣକେନ୍ଦ୍ର । ଧମାଗୁଡ଼ା ଗାଁରେ ଶ୍ୟାମାନନ୍ଦ ଆଶ୍ରମଟିଏ ସ୍ଥାପନ କରି ମଣିଷମାନଙ୍କର ସେବା କରନ୍ତି, ଚରିତ୍ର ପରିବର୍ତ୍ତନ ପାଇଁ ଆହ୍ୱାନ ଦିଅନ୍ତି । ଉଦାରତା ଓ ମାନବିକତାର ମହାମନ୍ତ୍ରରେ ଦୀକ୍ଷିତ କରିବାକୁ ଚାହାନ୍ତି ମାତ୍ର ତାହା ସଫଳ ହୁଏନି । ସେ ହାରି ଯାଆନ୍ତି ଆଜିର ସମାଜର ବ୍ୟଭିଚାରୀ କଳୁଷିତ ରାଜନୀତିର ଚକ୍ରବ୍ୟୂହରେ । ନକ୍ସଲ ନେତା ଅଜୟ ମାରାଣ୍ଡି ଆତ୍ମଗୋପନ କରିଛି ଶ୍ୟାମାନନ୍ଦ ଆଶ୍ରମରେ । ପୋଲିସର ଏନ୍‌କାଉଣ୍ଟର ଶିକାର ହୋଇଛି ଅଜୟ । ଖଣ୍ଡିଆଖାବରା ହୋଇ ପହଞ୍ଚିବା ପରେ ଶ୍ୟାମାନନ୍ଦ ଓ ତାଙ୍କ ଝିଅ ମନିକା ଦ୍ୱାରା ଚିକିତ୍ସିତ ହୋଇଛି । ସେବା ଦ୍ୱାରା ଆରୋଗ୍ୟ ହୋଇଛି । କ୍ରମଶଃ ମନିକାର ନିକଟବର୍ତ୍ତୀ ହୋଇ ପ୍ରେମ କରିଛି । ମନିକା ହୋଇଛି ଗର୍ଭବତୀ । ଯେଉଁଦିନ ମନିକା ତାର ଶିଶୁପୁତ୍ରକୁ ଜନ୍ମଦେଉଛି ସେହିଦିନ ଶ୍ୟାମନନ୍ଦଙ୍କ ଆଶ୍ରମ ଧ୍ୱସ୍ତବିଧ୍ୱସ୍ତ ହେଉଛି ପୋଲିସ ଦ୍ୱାରା । ପୋଲିସ୍ ଆଉ ନକ୍ସଲଙ୍କ ଭିତରେ ଯେଉଁ ଲଢ଼େଇ ଚାଲିଛି ଗୁଳିଗୋଳା, ଗ୍ରେନେଡ୍, ବିସ୍ଫୋରଣ ଶବ୍ଦ ମୃତ୍ୟୁର ତାଣ୍ଡବଲୀଳା, ନରସଂହାର ଏହାହିଁ କୋକୁଆର ରୂପ । ଏ ସମସ୍ୟା ସାଧାରଣ ପାଲଟି ଗଲାଣି । ମାତ୍ର ଏହାର ସମାଧାନର ସୂତ୍ର

କ'ଣ ? କେତେଦିନ ଚାଲିବ ଏପରି ତାଣ୍ଡବ ଲୀଳା । ସରଳ, ନିଷ୍କପଟ ଆଦିବାସୀମାନେ କେବେ ପାଇବେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ? କେବେ ହସି ଉଠିବ ସେମାନଙ୍କର ଉଜୁଡ଼ା ଜୀବନ । ଏହା ସତ୍ତ୍ୱେ ପାଗଳ ଦାମର ଆଶା - ନିଶ୍ଚୟ ନୂତନ ସୂର୍ଯ୍ୟୋଦୟ ହେବ । କୋକୁଆ ଚିରଦିନ ପାଇଁ ନିପାତ ହେବ । ନୂଆ କରି ଗଢ଼ିବେ ସେମାନଙ୍କର ସଂସାର । ଦାମ କହିଛି:-

'କୋକୁଆକୁ କେବଳ ନିପାତ କରିବ ଶିବୁ ଆମର । ଆଦିବାସୀମାନେ ତାଙ୍କ ଜଂଗଲ ପାଇବେ, ଜମିପାଇବେ, ଶାଳଗଛରେ ଫୁଟିବ କେତେ କେତେ ଫୁଲ... ଝରଣା ନା ଆହୁରି ନିର୍ମଳ ହୋଇଯିବ । ଝରି ଆସିବ କାଚକେନ୍ଦୁ ପାଣି ହିଁ କାଚକେନ୍ଦୁ ପାଣି ।"

କିନ୍ତୁ ତାହା ସମ୍ଭବ ହେଉନି । ମାତ୍ର ନାଟ୍ୟକାର ଆଶାବାଦର କଥା କହିଛନ୍ତି । ସଂଘର୍ଷ ଭିତରେ ବଞ୍ଚିବା ହେଉଛି ମଣିଷ ପଣିଆ । ଆଶା, ମଣିଷକୁ ବଞ୍ଚିବାର ରାହାଦିଏ ।

ନାଟକରେ ଗୌନ୍ତିଆ ଚରିତ୍ରଟି ବିଧାୟକ । ବହୁ କୁକାର୍ଯ୍ୟରେ ଲିପ୍ତ । ତା'ର ଚକ୍ରାନ୍ତ ଆଦିବାସୀ ପଲ୍ଲୀରେ ଗଢ଼ି ଉଠିବ କାରଖାନା, ଲାଭ ହେବାର ସ୍ୱପ୍ନରେ ମଜଗୁଲ । ଶ୍ୟାମାନନ୍ଦ ଓ ଗୌନ୍ତିଆ ଚରିତ୍ର ଭିତରେ ଆକାଶ ପାତାଳର ପ୍ରଭେଦ । ଗୌନ୍ତିଆ ଯେହେତୁ ରାଜନୀତି ଲୋକ ସେଥିପାଇଁ ସେ ନିଜକୁ ସର୍ବେସର୍ବା ମନେ କରିଛି । କିଛି ଠକ, ଟାଉଟର, ଦଲାଲଙ୍କ ବଚସ୍କର ଗୌନ୍ତିଆ । ତା'ର ସ୍ୱାର୍ଥଲିପ୍ସୁ ମନ ଚାହିଁଛି ଆଦିବାସୀ ପଲ୍ଲୀରେ ଗଢ଼ି ଉଠୁ କାରଖାନା । ମାତ୍ର ଶ୍ୟାମାନନ୍ଦଙ୍କ କାର୍ଯ୍ୟକଳାପକୁ ସେ ମଧ୍ୟ ସମାଲୋଚନା କରିଛି । ଶ୍ୟାମାନନ୍ଦଙ୍କ ଆଶ୍ରମକୁ ଧ୍ୱଂସ କରିବାରେ ତାର ଭୂମିକା ମଧ୍ୟ କମ୍ ନାହିଁ । ଦୁହିଁଙ୍କ ମଧ୍ୟରେ ବଚସା ହୋଇଛି । ଗୌନ୍ତିଆକୁ ଶ୍ୟାମାନନ୍ଦ କହିଛନ୍ତି:- "ଗୌନ୍ତିଆ । ତମ ବ୍ୟବହାର ଶାଳୀନତାର ସୀମା ଲଂଘନ କରୁଛି । ଭଂଡ଼ ମୁଁ ନା' ତମେ ? ଭୋଟ ବଳରେ ଲୋକ ପ୍ରତିନିଧି ହେଇ ମୁଁ ତ ସମୁହ ମଣିଷର ଧ୍ୱଂସ ସାଧନ କରିନି । ପୁଂଜିର ବଚସ୍କର ଓ ଦଲାଲ ହୋଇ ମୁଁ ତ ଡାକି ଆଣିନି କୋଉ ଶିଳ୍ପପତିକୁ ଜଂଗଲ, ଝରଣା, ଆଦିବାସୀ ବସ୍ତିକୁ ଶ୍ରୀହୀନ କରି ଏଠି କାରଖାନା ବସାଇବାକୁ । ମୁଁ ତ ଗୋଟେ ସାଧାରଣ ମଣିଷ ... ମୋର ସୀମିତ ଶକ୍ତି ନେଇ ମୁଁ ଦରିଦ୍ର ଜନତାର

ସେବା କରୁଛି । କାହାଠୁ କିଛି ପ୍ରତ୍ୟାଶା କରିନି । ଏବେ କହ ମୁଁ ଭଣ୍ଡ ନାଁ ତମେ ?"

ସାଂପ୍ରତିକ ସମାଜରେ ରାଜନୀତିବାଲାଏ ସବୁକୁ ନିଜ ହାତ ମୁଠାରେ ରଖିବାକୁ ଚେଷ୍ଟା କରି ଚାଲିଛନ୍ତି । ସମାଜରେ ଯେତେପ୍ରକାର ଅସାମାଜିକ କାର୍ଯ୍ୟକଳାପ ଚାଲିଛି ତା' ସହିତ ରାଜନୀତିକୁ ଯୋଡ଼ି ଦିଆଯାଉଛି । "ଉତ୍ତର ଆଧୁନିକବାଦ ମଧ୍ୟ ଦଳିତ, ନିରନ୍ନ, ଗାଁର ମଣିଷ ବା ଆଦିବାସୀ ଗୋଷ୍ଠୀର ଜୀବନ ସମସ୍ୟାକୁ ଖୁବ୍ ଗୁରୁତ୍ୱଦିଏ । ସେମାନଙ୍କ ସାମାଜିକ, ସାଂସ୍କୃତିକ ଜୀବନକୁ ଧ୍ୱଂସ କରୁଥିବା ପୁଞ୍ଜିବାଦୀ ଚେତନାକୁ ଘୋର ବିରୋଧ କରେ ।"

ନାଟକ ଆଦିବାସୀମାନଙ୍କ ସପକ୍ଷରେ ସ୍ୱର ତୋଳିଛି । ନାଟକର ପୃଷ୍ଠଭୂମିରେ ଅଛି ଆଦିବାସୀମାନଙ୍କ ଉପରେ ହେଉଥିବା ଅକଥନୀୟ ଯନ୍ତ୍ରଣାର ଚିତ୍ର, ନାଟକର ଶେଷବେଳକୁ ଶ୍ୟାମାନନ୍ଦଙ୍କ ଆଶ୍ରମ ଧ୍ୱଂସ ସ୍ତୁପରେ ପରିଣତ । ଶିବୁ- ଅଜୟ ମୃତ । ଅଥଚ ଅଜୟର ପ୍ରେମର ସ୍ମାରକୀ ଛୁଆଟିଏ କୁଆଁ କୁଆଁ ରାବଦେଇ ଭୂମିଷ୍ଠ ହେଉଛି । ଏହା ବୋଧେ ସୂଚେଇ ଦେଉଛି - ଆଗାମୀ କାଲିର ସୂର୍ଯ୍ୟୋଦୟକୁ । ନାଟ୍ୟକାର ବେଶ୍ ଆଶାବାଦୀ ।

ଏତେ ସତ୍ତ୍ୱେ ବି ସମାଜରେ ମଣିଷ ପଣିଆ ସଂପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯାଇନାହିଁ । ଯେଉଁ ଅତନୁ ଦିନେ ଶ୍ୟାମାନନ୍ଦଙ୍କ ଆଶ୍ରମରେ ରହିଥିଲା, ସେ ପୋଲିସ୍ ଚାକିରୀରେ ଯୋଗଦେଇଛି । ପୋଲିସ ଓ ଆତଙ୍କବାଦୀ । ନକ୍ସଲବାଦୀଙ୍କ ସହିତ ଯେଉଁ ଲଢ଼େଇ ଚାଲୁଛି ସେଥିରେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି ସାଧାରଣ ମଣିଷ । ବିଷାକ୍ତ ହେଉଛି ପରିବେଶ । ଆତଙ୍କିତ ଅବସ୍ଥାରେ ରହୁଛି ମଣିଷ । ଅଜୟ ମାରାଣ୍ଡିଙ୍କୁ ଗୁଳିକରି ମାରି ସାରିବା ପରେ ଅତନୁ ଶ୍ୟାମାନନ୍ଦଙ୍କ ଆଗରେ ଦୋଷ ସ୍ୱୀକାର କରି କହିଛି -: "ଆଇ ଆମ ଅନଡ଼ନ୍ ସାର୍ । ଉପରୁ ଯାହା ନିର୍ଦ୍ଦେଶ ଥିଲା ତାହା ମୁଁ ପାଳନ କରିଛି । (ଚିତ୍କାର କରି) ହଁ ସାର୍ - ମୁଁ ଗୋଟେ ସ୍ନେଭ- ମତେ ଆପଣ କ୍ଷମା କରିବେ କି ନା ... ଜାଣେନା .... ପୁଣି କେବେ ଦେଖାହେବ ଆପଣଙ୍କ ସାଂଗରେ .... କିନ୍ତୁ ଆଜି ମୋର ରେଜିଗ୍‌ନେସନ ଲେଟର ମୁଁ ହାଇଅର ଅଥରିଟିଙ୍କ ନିକଟକୁ ପଠାଇ ଦେଇଛି । ହଁ.... ମୋ ବିବେକ କହୁଛି .... ମୁଁ ମିଶିବି ... ଅଗଣିତ ନିରନ୍ନ ମଣିଷମାନଙ୍କ ସହିତ ... ସମସ୍ୟାରେ ଘାଣ୍ଟି ହେଉଥିବା ମଣିଷମାନଙ୍କ ସହିତ

... ଆଉ ସେହିମାନଙ୍କ ପାଇଁ କାମ କରିବି ।"

ଶ୍ୟାମାନନ୍ଦଙ୍କ ଚିନ୍ତା ଓ ଚେତନା ସଂପୂର୍ଣ୍ଣ ସମାଜବାଦୀ ହୋଇପଡ଼ିଛି । ସମାଜରେ ସହାବସ୍ଥାନ ତାଙ୍କର ଲକ୍ଷ୍ୟ । ଆଶ୍ରମଟିଏ ଜାଂଗଲିକ ପରିବେଶରେ କରିବାର ତାତ୍ପର୍ଯ୍ୟ ସେଠି ରହି ନିରୋଳାରେ ମଣିଷମାନଙ୍କର ସେବା କରିବା । ଯନ୍ତ୍ର ସଭ୍ୟତା ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ିଥିବା ମଣିଷ ଏହିଭଳି ଏକ ଶାନ୍ତ, କାନ୍ତ, ରମଣୀୟ ପରିବେଶରେ ରହିଲେ ତା'ର ଚିତ୍ତବୃତ୍ତିରେ ପରିବର୍ତ୍ତନ ଆସିବ । ଅଜୟ ମାରାଣ୍ଡି ଯେଉଁ ପରିସ୍ଥିତିରେ ନକ୍ସଲ ସାଜିଛି ଓ ପୋଲିସ ଦ୍ୱାରା ଏନ୍‌କାଉଣ୍ଟର ହୋଇଛି ଏବଂ ଶ୍ୟାମାନନ୍ଦଙ୍କ ଆଶ୍ରମରେ ପହଞ୍ଚିଛି, ସେଠି ଶ୍ୟାମାନନ୍ଦ ବାବୁ କହିଛନ୍ତି-

ଶ୍ୟାମାନନ୍ଦ :- "ବୁଝିଲ ଅଜୟ, କେବଳ ବିପ୍ଳବ, ପ୍ରତିବିପ୍ଳବ ... ଏସବୁ ସମସ୍ୟାର ସମାଧାନ ଆଣେନା । ତା' ସହିତ ଆବଶ୍ୟକ ପୁନର୍ଗଠନ । ଚିତ୍ତବୃତ୍ତିରେ ପରିବର୍ତ୍ତନ ସବୁଠାରୁ ବଡ଼କଥା । ତମେ ତ ଏଜୁକେଟେଡ଼ ଅଜୟ । ଲକ୍ଷ୍ୟ କରିଥିବ, ପୃଥିବୀକୁ ସମୟକ୍ରମେ ଆସିଛି ଅନେକବାଦ, ବିସମ୍ବାଦ... ମଣିଷର କାନରେ ସେ ଫୁଙ୍କିଛନ୍ତି କେତେ ମନ୍ତ୍ର- କେତେ ତତ୍ତ୍ୱ । କିନ୍ତୁ ସବୁ ବିଫଳ ହୋଇଛି, ମଣିଷର ଚିତ୍ତ ପରିବର୍ତ୍ତନ ସମ୍ଭବ ହୋଇନି । ବଢ଼ିଛି ପାର୍ଥକ୍ୟର ପ୍ରାଚୀର, ଧର୍ମ ନାଁରେ, ସଂପ୍ରଦାୟ ନାଁରେ ମତବାଦ ନାଁରେ ଲାଗିରହିଛି ହତ୍ୟା, ରକ୍ତପାତର ବିଭୀଷିକା । ମୋର ଅଭିଯାନ ସେହି ମାନବିକ ଚିତ୍ତବୃତ୍ତିର ପରିବର୍ତ୍ତନ ପାଇଁ । ଏହାହିଁ ସମୟର ଆହ୍ୱାନ ।"

ନାଟକଟିର ଶେଷ ପର୍ଯ୍ୟାୟରେ ଦାମର ବିଶ୍ୱାସ ନିଶ୍ଚୟ ତାର ପୁଅ ଶିବୁ ଫେରିଆସିବ । ଏହାହିଁ ନାଟକର ଶେଷକଥା ଦାମ ଓ ନାଟକରେ ଥିବା ଶେଷ ସଂଳାପ - "ଏଁ ... ଶିବୁ ... ଶିବୁ... ନାଁ... ନାଇଁନାଇଁ... ଏଥିକୁ କାହିଁକି ହବ ବା ? ଇଏ ଆଉ କିଏ ? ସିଏ କହିଥିଲା ପରା ଜଂଗଲ ଆଦିବାସୀର ହବ... ଝରଣା ପୁଣି କୁଳୁକୁଳୁ ହୋଇ ବହିବ ସିଏ.... ସିଏ ... କ'ଣ ଏମିତି ମରିପାରେ ... ନାଁ ... ନାଁ... ଇଏ ସବୁ ସେସଇ କୋକୁଆର କାମ । ... ଶିବୁ ଆମର ସେଇ କୋକୁଆକୁ ମାରିବ ... ନିଶ୍ଚୟ କୋକୁଆକୁ ମାରିବ ... ହଁ ।"

କୋକୁଆ ଯେପରି ଭୟ ଓ ଆତଙ୍କର କଳାଛାଇ । ଏଠାରେ କୋକୁଆକୁ

ଭୟ ଓ ଆତଙ୍କର ପ୍ରତୀକ ଭାବେ ଗ୍ରହଣ କରି ନିଆଯାଇଛି । ସାଂପ୍ରତିକ ସମାଜରେ କୋକୁଆ - ଆତଙ୍କ ସୃଷ୍ଟି କରୁଥିବା ଦୁଷ୍ଟ ଶକ୍ତି, ଯାହା କବଳରେ ସମାଜ ବର୍ତ୍ତମାନ ପିଷ୍ଟ । ଏହା ବର୍ତ୍ତମାନ ଜାତୀୟ ସମସ୍ୟା । ଏ ସମସ୍ୟାରୁ ମୁକ୍ତିପାଇଁ ବାଟ କ'ଣ ? ତଥାପି, ନାଟ୍ୟକାର ବେଶ୍ ଆଶାବାଦୀ । ସବୁ ଦୁଷ୍ଟଶକ୍ତିର ବିଲୟ ଘଟିବ, ନୂତନ ସୂର୍ଯ୍ୟୋଦୟ ହେବ ।

ନାଟକଟି ଗୋଟିଏ ସେଟ୍‌ର ନାଟକ । ଦୃଶ୍ୟ ଓ ଅଙ୍କର ପରିକଳ୍ପନା ନାହିଁ । ନିରବଚ୍ଛିନ୍ନ ଭାବେ ନାଟକଟି ଆଗକୁ ଆଗକୁ ମାଡ଼ିଚାଲିଛି । ଦୁଇଟି ସଂଗୀତ ଅଛି ନାଟକରେ । ଆଦିବାସୀମାନଙ୍କ ମନଲୋଭା ସଂଗୀତ । ଯେଉଁ ସଂଗୀତ ଓ ନୃତ୍ୟର ତାଳେ ତାଳେ ସେମାନେ ନାଚି ଜୀବନକୁ ଉପଭୋଗ କରନ୍ତି ।

ଅନ୍ତହୀନ ଶେଷକଥା- ନାଟ୍ୟକାର ବିଜୟ ଶତପଥୀଙ୍କ ନାଟକ ରଚନା ସଂପର୍କରେ ଶେଷକଥା କହି ହେବ ନାହିଁ । କାରଣ, ସିଏ ନାଟକର ଏକ୍ସପେରିମେଣ୍ଟ କରି ଚାଲିଛନ୍ତି ପ୍ରତ୍ୟେକ ସମୟରେ । ତାଙ୍କର ଏ ଯାବତ୍ ଯେତେଗୁଡ଼ିଏ ନାଟକ ରଚିତ ହୋଇଛି ସବୁଥିରେ କିଛି ନା କିଛି ଏକ୍ସପେରିମେଣ୍ଟ ଅଛି । ଏ ନାଟକରେ ମଧ୍ୟ ଏକ୍ସପେରିମେଣ୍ଟ ଅଛି, ତାହା ହେଉଛି ମିଥ୍ ଓ ସୋସିଆଲ୍ ଟ୍ରାଜେଡ଼ିର ଯୌଥ ମିଶ୍ରଣ ଏବଂ ନିର୍ମାଣ କରିଛନ୍ତି ନୂଆ ନାଟକ 'କୋକୁଆ' । ଏହା ବିଜୟ ଶତପଥୀଙ୍କ ପରିଚୟ ଫର୍ଦ୍ଦରେ ଆଉ ଏକ ସଫଳ ସଂଯୋଗ ।

ଅଧ୍ୟାପକ, ଓଡ଼ିଆବିଭାଗ
ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ
ଅଡ଼ଶପୁର, କଟକ-୭୫୪୦୧୧
ମୋ: ୯୪୩୯୩୫୧୮୪୭

❑❑❑

ସଂପର୍କର ପରିଭାଷା

● ଅନୁରୂପା ସିଂ



ରାଜଧାନୀ ପୁସ୍ତକମେଳାର ଜନଗହଳି ଭିତରୁ ମୋ ନାଁ ଧରି କିଏ ଜଣେ ଡାକୁଥିବା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏତେ ହୋ- ହାଲ୍ଲା ଭିତରେ ଭଲଭାବରେ ଶୁଣାଯାଉ ନ ଥିଲେ ବି ଚତୁଃପାର୍ଶ୍ୱରୁ ମୋର ଦୃଷ୍ଟି ବୁଲେଇ ଆଣିଲି । କିନ୍ତୁ ପରକ୍ଷଣରେ ମୋର ମନରେ ଆସିଲା, ଏତେ ବଡ଼ ପ୍ରଦର୍ଶନୀ ପଡ଼ିଆରେ ପ୍ରାଚୀ ନାମ୍ନୀ କନ୍ୟା ବା ମହିଳା ଅନେକ ଥିବେ । ଏ. କେ. ପବ୍ଲିକେଶନର ଷ୍ଟଲ ଭିତରକୁ ଚାଲି ଆସି ମୁଁ ମୋର ଆବଶ୍ୟକୀୟ ପୁସ୍ତକ ଖୋଜିବାରେ ଧ୍ୟାନ ଦେଲି ।

ହଠାତ୍ ମୋର ପଛପଟରୁ ଜଣଙ୍କର ଆଲିଙ୍ଗନରେ ଆଶ୍ଚର୍ଯ୍ୟ ହୋଇ ମୁଁ ତାଙ୍କୁ ଚାହିଁ ରହିଥାଏ । ପୃଥଳକାୟା ମହିଳା, ଚକ୍ଷୁରେ ଆତ୍ମୀୟତାର ଆଭାସ ।

"ଚିହ୍ନିପାରୁନୁ ? ମୁଁ ଚିତ୍ରା !"

ଚିତ୍ରା ନାଁ ଯେ ମୋର ସ୍ମୃତିପଟରୁ ବିସ୍ମୃତ ହୋଇଯାଇଛି, ଜାଣିପାରି ମନେ ମନେ ଲଜ୍ଜିତ ହୋଇଗଲି । ମନେ ପକାଇବା ପାଇଁ ଚେଷ୍ଟା କଲି, କିନ୍ତୁ ସେ କିଏ, କେମିତି ଓ କେଉଁଠି ପରିଚୟ ହୋଇଥିଲା, ଜାଣି ପାରୁ ନ ଥାଏ ।

ଭଦ୍ର ମହିଳା ହସି ହସି କହିଲେ, "ଟ୍ରେନିଂ ସ୍କୁଲ୍ ... ଚାରିକିଲୋମିଟର ପାଦଚଲା ରାସ୍ତା... ଶ୍ୟାମଳ ସବୁଜ ଶସ୍ୟକ୍ଷେତ .. ଆମ୍ବତୋଟା ଓ କାଜୁ ବଗିଚାର ଘଞ୍ଚ ଜଙ୍ଗଲ .. ରିକ୍ସାବାଲା ବିଦ୍ୟାଧର ... ।"

"ତୁ ଚିତ୍ରା ନା ? ତୋର ଶାରୀରିକ ପରିବର୍ତ୍ତନ ଏତେ ମାତ୍ରାରେ ହୋଇଯାଇଛି ଯେ, ପରିଚୟ ନ ଦେଲେ କେହି ବି ଜାଣି ପାରିବ ନାହିଁ ।"

"ପ୍ରାଚୀ ! ତୋର କିନ୍ତୁ କିଛି ବି ପରିବର୍ତ୍ତନ ହୋଇନାହିଁ । ପାଠପଢ଼ା ବେଳର ପତଳୀ ଶ୍ୟାମଳୀ ଝିଅଟିଏ ପରି ଏବେ ବି ସେମିତି ଅଛୁ ।"

ଦୁଇବାନ୍ଧବୀଙ୍କୁ ଗଳ୍ପରେ ମଜ୍ଜିଯିବା ଦେଖି ଆମ ଦୁଇଜଣଙ୍କର ପତିଦେବ ବାଧ ହୋଇ ପରସ୍ପରର ପରିଚୟ ଦେଇ ପୁସ୍ତକମେଳା ବୁଲିବା ପାଇଁ ଚାଲିଗଲେ ।

ଏତେ ବଡ଼ ପ୍ରଦର୍ଶନୀ ପଡ଼ିଆର ଚତୁଃପାର୍ଶ୍ୱରେ ଶତାଧିକ ପୁସ୍ତକ ପ୍ରକାଶକ ଓ ବିକ୍ରେତାଙ୍କ ଷ୍ଟଲ୍ । ସହସ୍ରାଧିକ ଜନସମାଗମ ଭିତରେ କ୍ରେତା କମ୍ ଓ ଦେଖେଣାହାରୀ ଅଧିକ । ମଝିରେ ବିସ୍ତୀର୍ଣ୍ଣ ସବୁଜ ଘାସର ଗାଲିଚା । ସତେ ଯେମିତି ତାହା ଏକ ବନ୍ଧୁମିଳନର କେନ୍ଦ୍ରସ୍ଥଳୀ ।

ଘାସର ଗାଲିଚା ଉପରେ ବସିଯାଇ ଚିତ୍ରାକୁ ପଚାରିଲି, "ଗାଁକୁ ଯାଉଛୁ ? ବିଦ୍ୟାଧରର ଖବର କ'ଣ ?"

"ପ୍ରାଚୀ, ତୁ ସିନା ତାକୁ ଭୁଲିଗଲୁ, ସେ କିନ୍ତୁ ଏବେ ବି ତତେ ମନେ ରଖିଛି । ଯେତେବେଳେ ବି ତା' ସହିତ ମୋର ଭେଟ ହୁଏ, ପ୍ରଥମେ ସେ ତୋ କଥା ପଚାରେ - ତା' ପରେ ମତେ ନମସ୍କାର କରେ ।"

ସମୟର ଢ଼ଉରେ ଭାସି ଭାସି ଚାଲିଯାଉଥିବା ଅନେକ ଲମ୍ବା ରାସ୍ତାରୁ ମୋର ମନ ବାରମ୍ବାର ପଛକୁ ଫେରି ଆସୁଥିଲା । ବାପାଙ୍କର ଆକସ୍ମିକ ମୃତ୍ୟୁପରେ ଦାଦାଙ୍କ ଘରେ ରହି ଟ୍ରେନିଂ ସ୍କୁଲ୍‌ରେ ନାମ ଲେଖେଇଥିଲି । ସେତେବେଳେ ପରିବାର ଚଳାଇବା ପାଇଁ ମୋର ଶିକ୍ଷକତା କରିବା ଜରୁରୀ ଥିଲା । ଦାଦା ଥିଲେ ପୋଷ୍ଟମାଷ୍ଟର, ସ୍ନେହମମତାର ଏକ ମୂର୍ତ୍ତିମନ୍ତ ପ୍ରତୀକ । ବାପଛେଉଣ୍ଡ ହେବାର ଯନ୍ତ୍ରଣାକୁ ମୁଁ ଭୁଲିଯାଇଥିଲି, ଦାଦା ଖୁଡ଼ୀ ଓ ତାଙ୍କର ପିଲାମାନଙ୍କର ସ୍ନେହ ଶ୍ରଦ୍ଧା ପାଇ ।

ମୋର ଟ୍ରେନିଂ ସ୍କୁଲ୍ ଥିଲା ଦାଦାଙ୍କ କ୍ୱାର୍ଟର ଠାରୁ ସାତ କିଲୋମିଟର ଦୂର । ପ୍ରତିଦିନ ରିକ୍ସାରେ ଯିବା ଆସିବା ପାଇଁ ମୁଁ ଆର୍ଥିକ ଦୃଷ୍ଟିରୁ ସକ୍ଷମ ନ ଥିଲି । ସେଥିପାଇଁ ପାଦଚଲା ରାସ୍ତାରେ ଜଙ୍ଗଲ ଭିତର ଦେଇ ସାଙ୍ଗମାନଙ୍କ ସହିତ ଯିବା ଆସିବା କରୁଥିଲି ।

ସେଦିନର କଥା ଆଜି ବି ମୋର ମନେ ଅଛି । ସାଙ୍ଗମାନଙ୍କର ପ୍ରାକ୍ଟିକାଲ୍ କ୍ଲାସ ଥିବା ଯୋଗୁଁ ଡ଼େରିରେ ସ୍କୁଲରୁ ଫେରିବେ । ମତେ କିନ୍ତୁ ଗାଁକୁ ଯିବା ପାଇଁ ଅପରାହ୍ନ ଚାରିଟା ସମୟରେ ବସ୍ ଧରିବାକୁ ଥିଲା । ସେଥିପାଇଁ ମୁଁ ଚଞ୍ଚଳ ସ୍କୁଲରୁ ବାହାରି ଆସିଥିଲି । ସଂକ୍ଷିପ୍ତ ପାଦଚଲା ରାସ୍ତାରେ ଏକାଏକା ନ ଆସି ମୁଖ୍ୟରାସ୍ତାରେ ବସ୍ କିମ୍ବା ରିକ୍ସା ଧରିବା ମୋର ଉଦ୍ଦେଶ୍ୟ ଥିଲା । ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ଜାଣିପାରିଲି ଯେ ପନ୍ଦର ମିନିଟ୍ ପୂର୍ବରୁ ବସ୍ ବାହାରି ଯାଇଛି । ବାଧ୍ୟ ହୋଇ ପାଦରେ ଚାଲିବା ଆରମ୍ଭ କରିଦେଲି ।

ଦ୍ୱିପ୍ରହରର ଉତ୍ତପ୍ତ ସୂର୍ଯ୍ୟକିରଣରେ ସଂପୂର୍ଣ୍ଣ ଶରୀର ଜଳିଗଲା ପରି ଲାଗୁଥାଏ ।

କାଁ- ଭାଁ ସାଇକେଲ୍ ଯାତ୍ରୀଙ୍କୁ ଛାଡ଼ିଦେଲେ ସେଇ ନିଛାଟିଆ ରାସ୍ତାରେ କେବଳ ମୁଁ ଯେ ଏକମାତ୍ର ପଦଯାତ୍ରୀ, କହିଲେ ଭୁଲ୍ ହେବ । ଅଳ୍ପକିଛି ଦୂରତ୍ୱର ବ୍ୟବଧାନରେ ଜଣେ ଜଣେ ପଦଚାରଣ କରୁଥାଆନ୍ତି । ରାସ୍ତାର ଦୁଇପାର୍ଶ୍ୱର ବିସ୍ତୀର୍ଣ୍ଣ ସବୁଜ ଧାନକ୍ଷେତରୁ ଭାସି ଆସୁଥିବା ପବନର ସାଇଁ- ସାଇଁ ଶବ୍ଦ ସହିତ ଧାନଫୁଲର ମହ-ମହ ବାସ୍ନା ମନକୁ ଆନମନା କରିଦେଉଥିଲେ ବି କିଛି ମାତ୍ରାରେ ଏକଲାପଣର ଭୟଥାଏ । ହଠାତ୍ ଗହଳ ଆମ୍ବଗଛର ଡାଳ ଉପରୁ ଦୁଇ- ଚାରିଟା ମାଙ୍କଡ଼ ତଳକୁ ଡେଇଁ ପଡ଼ିବା ଯୋଗୁଁ ମୁଁ ଚମକି ପଡ଼ିଲି । ନିର୍ଦ୍ଦିଷ୍ଟ ସୀମାରେଖାରେ ପଛକୁ ପଛ ଯୋଡ଼ି ହୋଇଯାଉଥିବା ବିନ୍ଦୁମାନଙ୍କୁ ଅନୁସରଣ କରିବା ପରି ମୁଁ ଏକ ରକମ ଦୌଡୁଥାଏ । ରାସ୍ତାର ଦୁଇଧାରରେ ଥିବା ଧାନକିଆରୀ ଭିତରୁ ହଠାତ୍ କେହି ଜଣେ ଯଦି କୋଡ଼ି କୋଦାଳ ଧରି ଉଠି ଆସୁଥିଲେ, ଚମକି ପଡି ଆଗକୁ ପଛକୁ ଚାହୁଁଥିଲି । ମୋର ପାଦ ଦୁଇଟି ସେତେବେଳେ ଭୟରେ ଛନ୍ଦି ହୋଇଯାଉଥିଲା । ଆଗକୁ ଯିବି ନା ପଛକୁ ଫେରି ଆସିବି - ଚିନ୍ତା କରିପାରୁ ନ ଥିଲି ।

ମନ ଭିତରେ ସାହାସ ସଞ୍ଚୟ କରି ଚାଲିବା ଆରମ୍ଭ କରିଦେବା ସମୟରେ ଗାଁର ଛକ ଉପରୁ ମାଈ କୁକୁରଟିଏ ତା'ର ଚାରିପାଞ୍ଚଟି ନହ-ନହକା ଛୁଆଙ୍କୁ ଧରି ରାସ୍ତା ଉପରକୁ ଚାଲି ଆସିଲା । କୁନିକୁନି ପିଲାମାନଙ୍କ ପ୍ରତି ବିପଦ ଭାବି ମତେ ଚାହିଁ ରହି ସେ ଗରଗର ହେଉଥାଏ । ଭୟରେ ମୁଁ ଚେତାଶୂନ୍ୟ ହୋଇଯାଇଥାଏ । ରାସ୍ତା ଉପରେ ମୂର୍ତ୍ତିଟିଏ ପରି ଛିଡ଼ା ହୋଇଥିବା ଦେଖି କିଏ ଜଣେ ମୋର ପଶ୍ଚାତ ଭାଗରେ ଥାଇ ପଚାରିଲା, "ଦିଦି ! କିଛି ଅସୁବିଧା ଅଛି କି ?"

ହଠାତ୍ ଚମକି ପଡ଼ି ପଛକୁ ଚାହିଁ ଦେଖିଲି, ରିକ୍ସା ଧରି ପନ୍ଦର - ଷୋହଳ ବର୍ଷର କିଶୋରଟିଏ ଛିଡ଼ା ହୋଇଛି । ମୁଁ ତା' ଠାରୁ ବୟସରେ ବଡ଼ଥିଲି । କିନ୍ତୁ ଏଇ ନିକାଞ୍ଚନ ରାସ୍ତା ଓ ଏହାର ପରିବେଶ ଯେ ମୋ ମନରେ ଭୟ ସୃଷ୍ଟି କରୁଛି, ଏ କଥା କହିବା ପାଇଁ ମନ ଭିତରେ ସଙ୍କୋଚ ଆସୁଥିଲା ।

ନିର୍ବାକ ଦୃଷ୍ଟିରେ ତା'ର ମୁହଁକୁ ଚାହିଁ ରହିଥିବା ଦେଖି ସେ ବୋଧହୁଏ କିଛିଟା ଅନୁମାନ କରିପାରିଥିଲା । ରିକ୍ସାକୁ ମୋ ପାଖକୁ ନେଇ ଆସି କହିଲା- "ଆସନ୍ତୁ, ମୁଁ ଆପଣଙ୍କୁ କ୍ୱାର୍ଟରରେ ଛାଡ଼ିଦେବି ।"

ଚାବିଦିଆ କଣ୍ଢେଇଟିଏ ପରି ମୁଁ ଯନ୍ତ୍ରବତ୍ ରିକ୍ସାରେ ବସିଗଲି । ବାଟରେ

ଆଉ କିଛି ସେ ପଚାରି ନ ଥିଲା କି ମୁଁ କିଛି କହି ନ ଥିଲି । ସଂପୂର୍ଣ୍ଣ ରାସ୍ତା ଆମେ ନୀରବ ଥିଲୁ । ଦାଦାଙ୍କ କ୍ୱାର୍ଟର ସମ୍ମୁଖରେ ରିକ୍ସା ରଖି ସେ କହିଲା, "ଆପଣଙ୍କ ଘର ଆସିଗଲା । ଆପଣ ମତେ ଚିହ୍ନି ନାହାନ୍ତି, କିନ୍ତୁ ମୁଁ ଆପଣଙ୍କୁ ପ୍ରତିଦିନ ଟ୍ରେନିଂ ସ୍କୁଲର ସାଙ୍ଗମାନଙ୍କ ସହିତ ଯିବା ଆସିବା କରୁଥିବା ସମୟରେ ଦେଖିଛି ।"

ତା' ହାତକୁ ଭଡ଼ା ପଇସା ଦେବା ପୂର୍ବରୁ ସେ ରିକ୍ସା ବୁଲାଇ ଚାଲିଗଲା । ପଢ଼ାପଢ଼ି ଓ ବିଭିନ୍ନ ସମସ୍ୟା ଭିତରେ ଥାଇ ସେଦିନର ଘଟଣାକୁ ମୁଁ ଭୁଲିଯାଇଥିଲି । ଭଡ଼ା ପଇସା ତା'ର ରହିଯାଇଥିବା କଥା ମଝିରେ ମଝିରେ ମନେ ପଡ଼ିଗଲେ ନିଜକୁ ଦୋଷୀ ଲାଗୁଥିଲା । ମନ୍ଦିରକୁ ଦିନେ ଦର୍ଶନ ସାରି ଫେରିବା ସମୟରେ ହଠାତ୍ ତା' ସହିତ ଦେଖା ହୋଇଗଲା । ରିକ୍ସାରେ ବସିବା ପରେ ଜାଣିଲି, ତା' ନାଁ ବିଦ୍ୟାଧର ଓ ଘର ଗୋପାଳପୁର । ଦୁଇଥରର ଭଡ଼ା ପଇସା ହାତରେ ଧରେଇ ଦେଇ ଚାଲି ଆସିଲାବେଳେ ତା' ମୁହଁରେ ପ୍ରତିବାଦର ଆଭାସ ଥିଲା ।

ସମୟର ଚକ ଗଡ଼ି ଚାଲିବା ସହିତ ଆମ ଦୁଇଜଣଙ୍କର ସଂପର୍କ ବି ଗଭୀର ହୋଇଗଲା । ମୋର ଅଜାଣତରେ ସତେ ଯେମିତି ସେ ମୋ ମନ ଭିତରେ ଘର କରି ନେଇଥିଲା ।

ହଠାତ୍ ବିଦ୍ୟାଧର ସହିତ ଭେଟ ହୋଇଗଲେ ମୋର ସମ୍ମୁଖକୁ ଚାଲି ଆସି ତା'ର ରିକ୍ସାରେ ବସିବା ପାଇଁ ବାଧ କରୁଥିଲା । ଇଚ୍ଛା ନ ଥାଇ ବି ଏକ ଆକର୍ଷଣରେ ବାନ୍ଧି ହୋଇ ମୁଁ ତା'ର ରିକ୍ସା ଉପରକୁ ଉଠି ଆସୁଥିଲି । ସେତେବେଳେ ସତେ ଯେମିତି ତା'ର ମନ ଆକାଶରେ ବର୍ଣ୍ଣଳ ଇନ୍ଦ୍ରଧନୁ ଉଙ୍କି ମାରୁଥିଲା । ପ୍ରକୃତ ଭଡ଼ା ଠାରୁ ଅଧିକ ତା' ହାତରେ ଧରାଇଦେବା ସମୟରେ ଏକ ସମ୍ମୋହନରେ ସେ ଗ୍ରହଣ କରିନେଉଥିଲା ସତ; କିନ୍ତୁ ପରମୁହୂର୍ତ୍ତରେ ନିଜର ଭୁଲ୍ ପାଇଁ ଲଜ୍ଜିତ ହେଉଥିଲା । ଦ୍ୱିତୀୟ ଥରକୁ ଭଡ଼ା ପଇସା ନ ନେଇ ରିକ୍ସା ବୁଲେଇ ଦ୍ରୁତ ଗତିରେ ଚାଲିଯାଉଥିଲା ।

ଟ୍ରେନିଂ ସମୟର ଦୀର୍ଘ ଦୁଇବର୍ଷ କେମିତି ବିତିଯାଇଥିଲା, ଜାଣିପାରି ନ ଥିଲି । ବୈଶାଖର ରୌଦ୍ରତାପ, ଧାରାଶ୍ରାବଣର ଅବିରତ ବର୍ଷା କିମ୍ବା ମାଘମାସର ହାଡ଼ଭଙ୍ଗା ଶୀତ ମୋର ସେବାପାଇଁ ବିଦ୍ୟାଧର ସର୍ବଦା ତତ୍ପର ରହୁଥିଲା । ଅନେକ ସମୟରେ ତା'ର ଶ୍ରଦ୍ଧା, ସମ୍ମାନ ଓ ସେବା ତତ୍ପରତା ଦେଖି ସାଙ୍ଗମାନେ ପରିହାସରେ କହନ୍ତି- "ପୂର୍ବଜନ୍ମରେ ବିଦ୍ୟାଧର ସହିତ ନିଶ୍ଚିତ ଭାବରେ ତୋର କିଛି ସଂପର୍କ

ଥିଲା । ସେଇ ସଂପର୍କ ହୁଏତ ମା' ପୁଅର ନଚେତ୍ ଭାଇ ଭଉଣୀର ହୋଇଥିବ । ଏ ଜନ୍ମରେ ତ ତାହା କେବେ ବି ସମ୍ଭବ ନୁହେଁ ! ତୋର ଶିକ୍ଷା - ଦୀକ୍ଷା, ଦାୟିତ୍ୱବୋଧ, କର୍ତ୍ତବ୍ୟନିଷ୍ଠା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି । ଏ ସତ୍ୟକୁ ତୁ ଜାଣିଛୁ, ସେ ବି ଜାଣିଛି । ତଥାପି ..."

ସେଦିନ ମଞ୍ଜୁ କଥାକୁ ଅଧାରେ କାଟି ଦେଇ କହିଥିଲା, "ପ୍ରାଚୀ, ଅତିଭକ୍ତି ଚୋରର ଲକ୍ଷଣ । ସତର୍କ ଥିବୁ । କାରଣ ଏ ଯୁଗରେ ବିନା ସ୍ୱାର୍ଥରେ କେହି ବି କାହା ପ୍ରତି ସହାୟତାର ହାତ ବଢ଼ାଇ ନ ଥାଏ ।"

ସତେ ତ ! ଏ ଭାବନା ମତେ ସ୍ପର୍ଶ କରି ନ ଥିଲା କେମିତି ? ବିଦ୍ୟାଧରର ମନରେ ମୋ ପ୍ରତିଥିବା ଦୁର୍ବଳତା ଓ ଆନୁଗତ୍ୟର କାରଣ କ'ଣ ହୋଇଥିବ, ଏ କଥା ଜାଣିବାର ଉପାୟ ନ ଥିଲା । ପୃଥିବୀରେ ଏମିତି ବି କିଛି କଥା ଥାଏ ଯାହା ଅଭେଦ୍ୟ । ବୁଝିବା ସମ୍ଭବ ନୁହେଁ ।

ଟ୍ରେନିଂ ସରିଯିବା ପରେ ମୁଁ ଗାଁକୁ ଫେରିଆସିଲି । କର୍ମମୟ ଜଂଜାଳ ଭିତରେ କେବେ କେବେ ବିଦ୍ୟାଧର ମୋ ମନର ପ୍ରାଚୀର ଡେଇଁ ଚାଲିଆସୁଥିଲା । ଭାବୁଥିଲି, ଏଥରକ ମନ୍ଦିର ଗଲେ ନିଶ୍ଚୟ ତା' ସହିତ ଦେଖା କରିବି । କିନ୍ତୁ ତା' ପୂର୍ବରୁ ବିବାହ ବନ୍ଧନରେ ବାନ୍ଧି ହୋଇ ମୁଁ ଅନ୍ୟ ଏକ ସହରକୁ ଚାଲି ଆସିଥିଲି । ତେଲ ଲୁଣର ସଂସାର ଭିତରେ ବୁଡ଼ିଯାଇ ଅତୀତର ପୃଷ୍ଠା ଓଲଟାଇବା ପାଇଁ ଆଉ ସମୟ ପାଇ ନ ଥିଲି । ବର୍ତ୍ତମାନ ଓ ଭବିଷ୍ୟତର ପରିକଳ୍ପନାରେ ସେ ସବୁ ନ୍ୟୁନ, ଗୌଣ ହୋଇ ଯାଇଥିଲା ।

କେତେବେଳେ, କେଉଁଠି, କେବେ ଓ କେମିତି ଜୀବନ ପୃଷ୍ଠା ସବୁ ଓଲଟିଯାଏ, ଯୋଡ଼ି ହୋଇଯାଏ କିମ୍ବା ଛିଣ୍ଡିଯାଏ- ଜାଣିହୁଏନା । ତଥାପି ପାଇବା ଓ ହରାଇବାର ସ୍ମୃତି ଭିତରେ ଜୀବନ ବିତିଚାଲେ । ଭାବପ୍ରବଣ ମଣିଷଟି ହିଁ ଅତୀତର ପୃଷ୍ଠାକୁ ଓଲଟାଇଥାଏ । ଏଇ ଯେମିତି ଦୀର୍ଘ କୋଡ଼ିଏ ବର୍ଷ ପରେ ସେଇ ଅତୀତର କେତୋଟି ପୃଷ୍ଠା ମୋ ସମ୍ମୁଖରେ ଓଲଟିଗଲା, ଟ୍ରେନିଂ ସ୍କୁଲ୍ ସାଙ୍ଗ ଚିତ୍ରାର ଉପସ୍ଥିତିରେ ।

"ବିଦ୍ୟାଧରକୁ ତୁ ଦେଖୁଛୁ ? ଏବେ ବି ରିକ୍ସା ଚଳାଉଛି ?" ଉଦ୍‌ବିଘ୍ନତାର ସହିତ ଚିତ୍ରାକୁ ପଚାରିଲି ।

"ପ୍ରାଚୀ, ଏଇ ପୁସ୍ତକମେଳାରେ ସବୁ କଥା କହିବା ସମ୍ଭବ ନୁହେଁ । ମୋ

ଘରକୁ ତତେ ନିମନ୍ତ୍ରଣ ରହିଲା । ଏକାଠି ବସି ଚା' ପିଇବା ଓ ଅତୀତକୁ ରୋମନ୍ଥନ କରି ବର୍ତ୍ତମାନକୁ ଭୁଲିଯିବା ।"

କାର୍ଯ୍ୟବ୍ୟସ୍ତତା ଯୋଗୁଁ ମୁଁ ଚିତ୍ରା ଘରକୁ ଯାଇ ପାରି ନ ଥିଲି । ଦିନେ ସମୟ ବାହାର କରି ତା' ଘରେ ପହଞ୍ଚିଯିବା ପରେ ମୋର ଉତ୍ସୁକତା ଦେଖି ସେ କହିଲା, "ତୁ ସ୍ଥିରହୋଇ ବସି ଯା ।' ପ୍ରଥମେ ଚା' ପିଇବା, ତା'ପରେ ସବୁ କଥା ମୁଁ ତତେ କହିବି ।"

ଚା ଜଳଖିଆ ପର୍ବଶେଷ ହୋଇଯିବା ପରେ ଚିତ୍ରା କଥା ଆରମ୍ଭ କରି କହିଲା, "ମୁଁ ଚାକିରୀରେ ଯୋଗ ଦେବା ପରେ ବିଦ୍ୟାଧର ସହିତ ମୋର ଆଉ ଦେଖା ହୋଇ ନ ଥିଲା । ତା'ର ମା' ଆମ ପଡ଼ିଶା ଘରେ କାମ କରେ । ଦିନେ ଆମ ଘରକୁ ଆସି କହିଲା - ବିଦ୍ୟା ଆଉ କାମଧନ୍ଦାକୁ ଯାଉନାହିଁ । ଦାଣ୍ଡ ଦୁଆରେ ରିକ୍ସା ଥୁଆ ହୋଇଛି । କିଛି ତାକୁ ପଚାରିଲେ ମୋ ସହିତ ଝଗଡ଼ା କରୁଛି ।"

ମୁଁ ଆଶ୍ଚର୍ଯ୍ୟ ହୋଇ ଚିତ୍ରାର ମୁହଁକୁ ଚାହିଁ ରହିଥାଏ । ମନ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଥାଏ ଯେ ଏ ସବୁ ପାଇଁ ମୁଁ ଦାୟୀ ନୁହେଁ ତ ?

ଚିତ୍ରା ମୋର ମନସ୍ତତ୍ତ୍ୱକୁ ବୋଧହୁଏ ବୁଝିପାରୁଥିଲା । ଆଗକୁ ଆଉ କିଛି ଭାବିବା ପାଇଁ ନ ଦେଇ କହିଲା, "ତା'ର ବଡ଼ଭଉଣୀ ବିଦୁଲତାକୁ ସେ ବହୁତ ଭଲପାଉଥିଲା । ଉଭୟଙ୍କ ମଧ୍ୟରେ ବୟସର ବ୍ୟବଧାନ ପ୍ରାୟ ଦଶବର୍ଷ । ଠିକ୍ ମା'ଟିଏ ପରି ବିଦୁଲତା ବିଦ୍ୟାଧରକୁ ଛୋଟରୁ ବଡ଼ କରିଥିଲା । ସେ ଶାଶୁଘରକୁ ଯିବା ସମୟରେ ବିଦ୍ୟାଧର ମା' ଛ' ସାତ ବର୍ଷର ବାଳକ । ଜନନୀ ସଦୃଶ ବଡ଼ଭଉଣୀଟି ବିଦା ହୋଇଯିବା ପରେ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲା । ଧୀରେ ଧୀରେ ସମୟ ବଦଳିବା ସହିତ ତା'ର ମନ ବି ପରିବର୍ତ୍ତନ ହେବାକୁ ଲାଗିଲା । କିନ୍ତୁ ସମୟର ସ୍ରୋତରେ ଭାସି ଭାସି କୂଳରେ ଲାଗିବା ପୂର୍ବରୁ ବିଦୁଲତାର ଆକସ୍ମିକ ମୃତ୍ୟୁ ତାକୁ ପୁଣିଥରେ ଅଗଭୀର ଜଳ ଭିତରକୁ ଠେଲି ଦେଇଥିଲା ।"

"ବିଦୁଲତାର କ'ଣ ଦେହ ଖରାପ ଥିଲା ?" ଉଦ୍‌ବିଘ୍ନତାର ସହିତ ମୁଁ ପଚାରିଦେଲି । "ପ୍ରାଚୀ, ଶାଶୁଘରେ ବିଦୁଲତାର ପ୍ରଥମବର୍ଷଟି ଭଲରେ କଟିଥିଲା । ଜୀବନ ସାଥୀ ଭାବରେ ଆଦରି ନେଇଥିବା ପୁରୁଷଟି ଅନ୍ୟ ଏକ ନାରୀର ଆକର୍ଷଣରେ ତା' ପ୍ରତି କ୍ରୁର ବ୍ୟବହାର ଆରମ୍ଭ କରିଦେଲା । ଅତ୍ୟାଚାର ଅସହ୍ୟ ହୋଇଯିବା ଦ୍ୱାରା

ସେ ତା'ର ମା' ପାଖକୁ ଗୋପାଳପୁର ଫେରିଆସିବା ପାଇଁ ଚାହିଁଲା । କିନ୍ତୁ ଲୋକନିନ୍ଦା ଓ ସମାଜର ଭୟରେ ସବୁ ସହିଯିବା ପାଇଁ ମା' ତାକୁ ବାଧ କରିଥିଲା । ଅତ୍ୟାଚାର ମାତ୍ରା ଦିନକୁ ଦିନ ବଢ଼ି ଚାଲିବା ଦ୍ୱାରା ସେ ନିଜେ ଏହା ସହ୍ୟ କରି ନ ପାରି ଆତ୍ମହତ୍ୟାର ପନ୍ଥା ବାଛିନେଲା, ନା ତା'ର ଶାଶୁଘରର ଲୋକମାନେ ତାକୁ ମାରି ଦେଇ ବାରିପଟ ଆମ୍ବଗଛର ଡାଳରେ ଝୁଲେଇ ଦେଲେ, ଈଶ୍ୱର ଜାଣନ୍ତି । ମା'ର ମୂର୍ଖ ପଣିଆ ଓ ସ୍ୱାର୍ଥପରତା ଯୋଗୁଁ ଅକାଳରେ ଝିଅଟି ଚାଲିଗଲା ।

ପ୍ରିୟ ଭଉଣୀର ଏଭଳି ଆକସ୍ମିକ ମୃତ୍ୟୁ ଦେଖି ବିଦ୍ୟାଧର ସେଇ ସ୍ଥାନରେ ବେହୋସ ହୋଇ ତଳେ ପଡ଼ିଗଲା । ଚେତା ଫେରିବା ପରେ ତାକୁ ଘରକୁ ନେଇ ଆସିଲେ । ବଡ଼ଭଉଣୀର ବିଭତ୍ସ ମୃତ୍ୟୁର ଦୃଶ୍ୟ ତା' ପାଇଁ ଥିଲା ମର୍ମାନ୍ତିକ । ନୈରାଶ୍ୟ ଭରା ଶୂନ୍ୟ ଦୃଷ୍ଟିରେ ଚକ୍ଷୁ ଦୁଇଟି ଚତୁର୍ଦ୍ଦିଗରେ ଘୂରି ଆସେ ଓ ବଡ଼ ଭଉଣୀର ସ୍ମୃତିର ଧାର ଧାର ଅଶ୍ରୁ ଅନବରତ ବହିଚାଲେ । ପ୍ରକୃତିସ୍ଥ ହେବା ପାଇଁ ବହୁତ ଦିନ ଲାଗିଯାଇଥିଲା ।"

ଏସବୁ ଘଟଣା ଶୁଣିବା ପରେ ମନ ମୋର ଭାରାକ୍ରାନ୍ତ ହୋଇଗଲା । ମୋ ମନର ଭାବାନ୍ତରକୁ ଲକ୍ଷ୍ୟ କରି ଚିତ୍ରା କହିଲା, "ବିଦ୍ୟାଧରର ମା' ଏ କଥା ମୋ ସମ୍ମୁଖରେ କହିବା ସମୟରେ କଣ୍ଠ ତା'ଣ ବାଷ୍ପରୁଦ୍ଧ ହୋଇଯାଉ ଥିଲା । ନିଃସହାୟତାର ଦାରୁଣ ଦୁଃଖରେ ଓ ଶୂନ୍ୟତାରେ ତା'ର ହୃଦୟ ବ୍ୟାକୁଳିତ ହୋଇ ଉଠୁଥିଲା । ଚକ୍ଷୁରୁ ଧାର ଧାର ହୋଇ ନିଗିଡ଼ି ପଡୁଥିବା ଲୋତକର ଢ଼େଉରେ ସତେ ଯେମିତି ସେ ଆକ୍ରାମାକ୍ରା ହୋଇପଡୁଥିଲା ।"

"ତା'ପରେ ?"

ମୋର ମାନସିକ ପରିସ୍ଥିତିକୁ ହୃଦୟଙ୍ଗମ କରି ଚିତ୍ରା କହିଲା, "ମଝିରେ ଦିନେ ଖୁସି ହୋଇ ବିଦ୍ୟାଧର ତା'ର ମା'କୁ କହିଲା, ' ମୋର ଅପା ପରି ଜଣେ ଦିଦିଙ୍କୁ ମୁଁ ସବୁଦିନ ଦେଖୁଛି । ମତେ ଲାଗୁଛି ଈଶ୍ୱର ମୋର ଅପାକୁ ପୁଣି ଥରେ ଫେରେଇ ଦେଇଛନ୍ତି ।' ପ୍ରତିଦିନ କିଛି କିଛି ରୋଜଗାର କରି ମା'କୁ ଦେଇଥିଲା । ଅନ୍ୟଘରେ ବାସନ ମାଜି, ଧାନକୁଟି ପିଲା ଦୁଇଜଣଙ୍କୁ ସେ ବଡ଼ କରିଥିଲା । ବାପା ଚାଲିଯିବାର ଦୁଃଖ ସେମାନଙ୍କୁ ଅନୁଭବ କରିବାକୁ ସେ ଦେଇ ନ ଥିଲା ।

ପ୍ରାଚୀ, ତୁ ଟ୍ରେନିଂ ସ୍କୁଲ୍ ପଢ଼ାଶେଷ କରି ଚାଲିଯିବା ପରେ ବିଦ୍ୟାଧର ଆଉ

କାମକୁ ନ ଯାଇ ଘର ଭିତରେ ଶୋଇ ରହିଲା । ମନ ହେଲେ ଉଠୁଥିଲା, ଖାଉଥିଲା ଏବଂ ସାମାନ୍ୟ ସାମାନ୍ୟ କଥାରେ ମା' ସହିତ ଝଗଡ଼ା କରୁଥିଲା ।

ବିଦ୍ୟାଧରର ଏଭଳି ପାଗଳାମୀ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ତୋର ତା' ସହିତ ସଂପର୍କ କ'ଣ ? ସେ ରିକ୍ସା ଚଳାଉଥିବା ପନ୍ଦର- ଷୋହଳ ବର୍ଷର କିଶୋରଟିଏ, ଆଉ ତୁ ଥିଲୁ ଏକ ପ୍ରତିଷ୍ଠିତ ସ୍କୁଲର ଶିକ୍ଷୟିତ୍ରୀ । ତା ମା'ର ଅନୁରୋଧ ରକ୍ଷା କରି ଦିନେ ତାକୁ ମୋର ସ୍କୁଲକୁ ଆସିବା ପାଇଁ କହିଲି । ମତେ ନମସ୍କାର କରି ତଳକୁ ମୁହଁପୋତି ଛିଡ଼ା ହୋଇଥାଏ । ତା' ମୁହଁର ଭାବାନ୍ତରରୁ ମୁଁ ଜାଣିପାରିଲି, ତୋ ବିଷୟରେ ସେ କିଛି ଜାଣିବାକୁ ଚାହୁଁଛି ।

ତା'ର ଉତ୍ସୁକତା ଦେଖି ମୁଁ କ'ଣ ତାକୁ କହିବି, ଜାଣି ପାରୁ ନ ଥାଏ । ସେଇ ସରଳ ନିଷ୍କପଟ ମୁହଁରେ ଉଙ୍କି ମାରୁଥିବା ଅନେକ ପ୍ରଶ୍ନ ସତେ ଯେମିତି ବାହାରକୁ ଚାଲି ଆସିବା ପାଇଁ ପ୍ରତିଦ୍ୱନ୍ଦିତା କରୁଥାନ୍ତି । ମୂଳ ପ୍ରସଙ୍ଗରୁ ତାକୁ ଦୂରେଇ ଆଣିବା ପାଇଁ ଯେତେ ଚେଷ୍ଟା କରୁଥିଲେ ବି ମୋର ପ୍ରତ୍ୟେକ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦେଇ ସେ ବାରମ୍ବାର ପ୍ରଥମ ପ୍ରଶ୍ନକୁ ଫେରି ଆସୁଥାଏ ।

କ'ଣ ଭାବିଲା କେଜାଣି, ହଠାତ୍ କହିଲା, " ଅପା ! ମୁଁ ଦିଦିଙ୍କ ସହିତ ଦେଖା କରିବାକୁ ଚାହୁଁଛି ।'

'କାହିଁକି' ପଚାରିବା ପରେ ସେ ନୀରବ ରହିଲା । ତା'ପରେ ମୁଁ କହିଲି, ବିଦ୍ୟାଧର, ପ୍ରାଚୀ ଏବେ ଅନ୍ୟ ଏକ ସହରରେ ତା'ର ପରିବାରକୁ ନେଇ ବ୍ୟସ୍ତ ଅଛି । ନିଜର କି ପରିଚୟ ଦେବୁ ସେଠାରେ ? ହୁଏତ ତୋ ସହିତ ତା'ର ଦେଖା ବି ହୋଇ ନ ପାରେ ! ସେଥିପାଇଁ ପରିସ୍ଥିତିର ଓ ସମୟର ଆବଶ୍ୟକତା ଅନୁଭବ କରି ସବୁକଥା ତୁ ଭୁଲି ଯା' । ତୋ ମା' ପ୍ରତି ତୋର କର୍ତ୍ତବ୍ୟ ଅଛି । ବହୁତ କଷ୍ଟରେ ତତେ ସେ ମଣିଷ କରିଛି । ନିବୁଜ କୋଠରୀରେ ଏକାଏକା ପଡ଼ି ରହି ଅସରନ୍ତି ସମୟର ଦୁଃଖକଷ୍ଟକୁ ଭୋଗିବା ଅପେକ୍ଷା, ପାରୁଛୁ ତ ପରିସ୍ଥିତିକୁ ସାମନା କର । ଚାରିକାନ୍ଥ ଭିତରେ ବନ୍ଦ ହୋଇ ରହିଯାଇଥିବା ଅସହାୟତାକୁ ଫିଙ୍ଗି ଦେଇ ବାହାର ଦୁନିଆ ସହିତ ନିଜକୁ ମିଶାଇ ଦେ' ।

ବିପଦ - ଆପଦ, ସୁଖ- ଦୁଃଖ ଓ ଜନ୍ମ- ମୃତ୍ୟୁ ଏମାନେ ତ ମଣିଷ ଜୀବନର ଚିର ସହଚର ! ଏମିତି ଘରେ ପଡ଼ି ପଡ଼ି ମରିଗଲେ କାହାର କ୍ଷତି ହେବ ?

ପ୍ରାଚୀ ତା'ର ସ୍ୱାମୀ ଓ ପରିବାର ସହିତ ଖୁସିରେ ଅଛି । କେବଳ ତୋର ମା' ହିଁ ସବୁକିଛି ହରାଇ ପାଗଳି ହୋଇଯିବ ।

"ତା'ପରେ ? ଆଉ କେବେ ବିଦ୍ୟାଧର ସହିତ ତୋର ଦେଖା ହୋଇନାହିଁ ?

"ବାହାଘର ପରେ ମୁଁ ଭୁବନେଶ୍ୱର ଚାଲି ଆସିଲି । ଚାକିରୀକୁ ପରିତ୍ୟାଗ କରି ତୋ ପରି ତେଲଲୁଣ ସଂସାରରେ ମନ ଦେଲି । ଥରେ ଗାଁକୁ ଯାଇଥିବା ସମୟରେ ବସ୍‌ରୁ ଓହ୍ଲାଇ ରିକ୍ସା ଖୋଜୁଥାଏ । ହଠାତ୍ ମୋର ସମ୍ମୁଖକୁ କେହି ଜଣେ ଚାଲି ଆସି କହିଲା, "ଅପା, ଚିହ୍ନି ପାରୁନାହାନ୍ତି ? ମୁଁ ବିଦ୍ୟାଧର !'

ସମୟର ସ୍ରୋତରେ ସେଇ ପନ୍ଦର- ଷୋହଳ ବର୍ଷର କିଶୋରଟି ଜଣେ ବଳିଷ୍ଠ ଯୁବକକୁ ପରିବର୍ତ୍ତନ ହୋଇ ସାରିଥିଲା । ଚିହ୍ନି ନ ପାରିବା ସ୍ୱାଭାବିକ । ମୋର ପ୍ରଶ୍ନିଳ ଦୃଷ୍ଟିକୁ ଲକ୍ଷ୍ୟ କରି କହିଲା- 'ଅପା, ସ୍କୁଲ୍ ବାରଣ୍ଡାରେ ସେଦିନ ଯେଉଁ ପିଲାଟିକୁ ସଦ୍‌ବୁଦ୍ଧି ଦେଇ ଆଜି ପରିବାର ଚଳାଇବା ପାଇଁ ସକ୍ଷମ କରିପାରିଛନ୍ତି, ଏତେ ଶୀଘ୍ର ତାକୁ ଭୁଲିଗଲେ ? ଦିଦି କେମିତି ଅଛନ୍ତି ?"

ଚିତ୍ରାର ଘରୁ ଫେରି ଆସିବା ସମୟରେ ଭାବୁଥିଲି- ଏହା କି ପ୍ରକାର ସଂପର୍କ ? ଏହାର ସଂଜ୍ଞା କ'ଣ ? ସ୍ନେହ ମମତାରେ, ଅକପଟ ଭାଷାରେ, ଅକୃତ୍ରିମ ଶ୍ରଦ୍ଧାରେ, ସ୍ୱାର୍ଥହୀନତାରେ, ଅନାବିଳ ସ୍ନେହବନ୍ଧନରେ ବାନ୍ଧି ଦେଲେ ସଂପର୍କର ସେତୁଟିଏ ଗଢ଼ି ହୋଇଯାଏ । ସଂପର୍କର ସିଲଟରେ କଷି ହୋଇଯାଏ ମାନସାଙ୍କ । କିନ୍ତୁ ବାସ୍ତବତା ଓ କଳ୍ପନା ଭିତରେ କେତେ ତଫାତ୍ ସତେ !

ଆଜି ଏଇ ଯାନ୍ତ୍ରିକ ଯୁଗରେ ସଂପର୍କର ସେତୁ ଠିକ୍ ଚାବିଦିଆ କଣ୍ଟେଇଟିଏ ପରି । ସବୁଠି ନେଶଦେଶର ବ୍ୟବସ୍ଥା ସହିତ ପାର୍ଶ୍ୱ ପରିବର୍ତ୍ତନ । ପୁରୁଣା ସଂପର୍କ ମୂଲ୍ୟହୀନ । ଅଥଚ କୋଡ଼ିଏ ବର୍ଷ ତଳର ସେଇ କିଶୋରଟିଏ ସହିତ ମୋର ସଂପର୍କ କୌଣସି ଉପସଂହାରରେ ପହଞ୍ଚି ନ ପାରି ଯେଉଁଠି ଥିଲା - ସେଇଠି ଅଟକି ଯାଇଛି ।

353/DSR Woodwinds
Sarajapur Road
Bengalore -560035
Mob: 9437152697

❐❐❐

ଆହ୍ୱାନ-ଅନାଗତ ସମୟକୁ

● ଶ୍ରୀ ଭଗବାନ ଚନ୍ଦ୍ର ନାୟକ



ଅଛିଆ ଘରର ଚାଳ ଉପରୁ ଝୁଲି ପଡ଼ିଥିବା ଶୁକୁଟା ଲାଉ ପରି ତାର ହାଡ଼ ଗଣି ହେଇ ଯାଉଥିବା ଛାତିରୁ ଝୁଲି ପଡ଼ିଥିବା ସ୍ତନ ଦୁଇଟିକୁ ଚୋଷି ଚାଲିଥିଲା କଅଁଳା ପିଲାଟି । ସ୍ତନରୁ ତା'ର କ୍ଷୀର ବାହାରୁ ନଥିଲା । ତେଣୁ ସ୍ତନରୁ ମୁହଁ କାଢ଼ି ବେଳେବେଳେ କାନ୍ଦି ଉଠୁଥିଲା ପିଲାଟି । ନିଷ୍ଫଳ କ୍ରୋଧରେ ମା'ର ସେ ଶୁଖିଲା ସ୍ତନକୁ ତା'ର ରିଢ଼ାରେ କାମୁଡ଼ି ଦେଉଥିଲା । ସେ କଷ୍ଟକୁ ନୀରବରେ ସହି ଯାଉଥିଲା ନିର୍ମଳା । ଛାତିରେ ଜାକି, ପିଠି ଥାପୁଡ଼େଇ ଯେତେ ପ୍ରକାର ଉଦ୍ୟମ କଲେବି ଶାନ୍ତ ହେଉନଥିଲା ପିଲାଟି । ତାର ଖାଦ୍ୟ ଲୋଡ଼ା ।

ମା'ର ସ୍ନେହ ତା'ର ପେଟର ଜ୍ୱାଳାକୁ କ'ଣ ନିବାରଣ କରିପାରିବ ?

ସକାଳର ସୂର୍ଯ୍ୟ ଧୀରେଧୀରେ ଉଠି ଆସୁଥିଲା । ତରଳ-ଉତ୍ତପ୍ତ ଲୁହାପିଣ୍ଡୁଳା ପରି ଦିଶୁଥିବା ସୂର୍ଯ୍ୟକୁ ଆଉ ଚାହିଁ ହେଉନି । ଆଉ ତା'ର ନରମ କିରଣ ଏବେ ଦେହକୁ ଉଷୁମ ବି ଲାଗିଲାଣି । ଏଥର ତାକୁ ଉଠିବାକୁ ହେବ । ଭାବନା ଭିତରେ ବୁଡ଼ିରହି ସମୟ କାଟିବା, କଳ୍ପନା ବିଳାସରେ ମସ୍‌ଗୁଲ ହେବା ସମସ୍ତଙ୍କ ଭାଗ୍ୟରେ ସମ୍ଭବ ହୋଇନଥାଏ । ହଁ, ସେଇମାନଙ୍କର ଇ ଯାବତୀୟ ଭାବନା । ନାନା ଉଭଟ ଚିନ୍ତା , ଯେଉଁମାନଙ୍କର ଅଭାବ ନଥାଏ, ଅନଟନ ନଥାଏ, ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହିଥାନ୍ତି । ଭୋଗ ବିଳାସରେ ଯେଉଁମାନଙ୍କର ସମୟ କଟେ ।

କିନ୍ତୁ ନିର୍ମଳା ?

ନିର୍ମଳାର ଏ ସଂସାରରେ ଭାବିବାକୁ ଆଉ କିଛି ନାହିଁ । ତା'ର ସ୍ୱପ୍ନ, ତା'ର କଳ୍ପନା ସବୁ ବ୍ୟର୍ଥ ବିଡ଼ମ୍ବିତ ହୋଇ ଯାଇଛି । ତା'ର ସାହାରାହୀନ ବିଡ଼ମ୍ବିତ ଜୀବନରେ ସେ ବଞ୍ଚି ରହିଛି କେବଳ ଏଇ ପିଲାଟି ପାଇଁ । ତାରି ପାଇଁ ତ ସେ ଆଜି ଘର କୋଣରୁ ରାସ୍ତା ଉପରକୁ ବାହାରି ପଡ଼ିଛି । ଜୀବନକୁ ମୁକାବିଲା କରିବାକୁ କମରରେ ଲୁଗା ଭିଡ଼ି

ଅନ୍ୟ ଅନେକଙ୍କ ସହିତ ନିଜକୁ ସାମିଲ କରିଦେଇଛି । କେବଳ ସେଇ ପିଲାଟି ପାଇଁ ।

ସେଇ ପିଲାଟି ।

ନିର୍ମଳା ଜୀବନର ସର୍ବଶେଷ ଅବଲମ୍ବନ - ତା'ର ସକଳ ଆଶା-ଆକାଂକ୍ଷା ଓ କାମନାର ମୂର୍ତ୍ତିବିଗ୍ରହ ସେଇ ପିଲାଟି ! ତା'ର ଅପପୁଷ୍ଟିଜନିତ ଦୁର୍ବଳ ଦେହଟାକୁ ଦେଖିଲେ ନିର୍ମଳାର ମନ ହାହାକାର କରିଉଠେ । ବେଳେବେଳେ ପିଲାଟିର ଆଖିକୁ ଏକଲୟରେ ଚାହିଁ ରହେ ନିର୍ମଳା । ସେ ଯେମିତି ଅନୁଭବ କରେ ସେଇ କୁନି କୁନି ଦୁଇଟି ଆଖିରେ ସୂର୍ଯ୍ୟଙ୍କର ଔଜଲ୍ୟ ଅଛି ଏବଂ ତା'ପାଇଁ ଅଛି ଯେପରି ଅନେକ ଅନେକ ଭରସା- ପ୍ରତିଶ୍ରୁତି । ସେଇ ସରଳ-ସୁନ୍ଦର ଆଖିରେ ଯେମିତି ତା' ମନତଳର ଅନେକ ସ୍ୱପ୍ନ ଜମାଟ ବାନ୍ଧି ରହିଛି ।

କିଏ ଜାଣେ ସେ ସ୍ୱପ୍ନ ତାର ସାର୍ଥକ ହେବ କି ନାହିଁ । ସେ ବି ଦିନେ ଏମିତି ଅନେକ ସ୍ୱପ୍ନ ଦେଖିଥିଲା, ଅନେକ, ଅନେକ, ଅନେକ ସ୍ୱପ୍ନ.... । ସବୁ ମଣିଷଙ୍କ ଜୀବନରେ ସ୍ୱପ୍ନମାନେ ସଫଳ ହୁଅନ୍ତିନି । ସ୍ୱପ୍ନ, ସ୍ୱପ୍ନ ଭିତରେ ରହିଯାଏ ଯେମିତି ରହିଯାଇଛି ନିର୍ମଳାର ଜୀବନରେ ଏକ କରୁଣ ସଂଗୀତର ମୂର୍ଚ୍ଛନା ପରି । ଏବେ ବି ସେଦିନର ସେଇ ସ୍ମୃତି ସବୁ ତା ମନତଳେ ବେଦନାର ଝଙ୍କାର ତୋଳୁଛି ।

ସେ ବି ଦିନେ ବିବାହ କରିଥିଲା । ବିବାହର ମଙ୍ଗଳ ମହୁରୀ, ଶୁଭ ଶଙ୍ଖ ଓ ହୁଳହୁଳି ଧ୍ୱନି ଭିତରେ ସେ କନିଆ ସାଜି ବେଦୀରେ ବସିଥିଲା । ବାପା-ମା, ଚିର ପରିଚିତ ସାଙ୍ଗ-ସାଥୀ, ଅତିପ୍ରିୟ ଗାଁ ମାଟିକୁ ଛାଡ଼ି ସେ ସେଦିନ ଚାଲିଆସିଥିଲା ଶାଶୁ ଘରକୁ । ଏକ ଅଜଣା ଆଶଙ୍କାରେ ମନ ଆନ୍ଦୋଳିତ ହେଉଥିଲେ ବି ଅନନୁଭୂତ ଏକ ଆନନ୍ଦର ଶିହରଣ ଖେଳିଯାଉଥିଲା ତାର ଦେହ ଓ ମନରେ ।

ସେଦିନ.... । ଚିର ପ୍ରତୀକ୍ଷିତ, ଚିର ଆକାଂକ୍ଷିତ ସେଇ ବାସର ରାତିରେ ସ୍ୱାମୀଙ୍କ ଆଦର ଓ ସୋହାଗ ବୋଳା କଥାରେ ସେ ସବୁକିଛି ଭୁଲିଯାଇ ତା' ଦେହ-ମନ ସବୁ କିଛି ଅଜାଡ଼ି ଦେଇଥିଲା ତାର ଇହକାଳ ଓ ପରକାଳର ଦେବତା ତାର ସ୍ୱାମୀଙ୍କ ପାଦତଳେ ।

ଆଃ... ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରିଦେବାରେ କି ଯେ ଆନନ୍ଦ, କି ଯେ ତୃପ୍ତି !!

ଦିନଗୁଡ଼ିକ ବେଶ୍ ହସ ଖୁସିରେ କଟିଯାଉଥିଲା । ସ୍ୱାମୀଙ୍କ ପ୍ରେମ, ଶାଶୁ-

ଶ୍ୱଶୁରଙ୍କର ଆଦର-ସୋହାଗ, ଦିଅର-ନଣନ୍ଦଙ୍କ ଥଟ୍ଟା-ତାମସା ଓ ଭଲପାଇବା ଭିତରେ ଗୋଟିଏ ବର୍ଷର ବୈବାହିକ ଜୀବନ ତା'ର ହସଖୁସିରେ କଟିଯାଇଥିଲା ମୁହୂର୍ତ୍ତଟିଏ ପରି । ସେଦିନ... ଯେଉଁଦିନ ନିର୍ମଳା ଅନ୍ତଃସତ୍ତ୍ୱା ହେବା କଥା ତା ସ୍ୱାମୀଙ୍କୁ କହିଲା ସେଦିନ ଆନନ୍ଦର ଆତିଶଯ୍ୟରେ ସେ ନିର୍ମଳାକୁ ଛାତିରେ ଜାକିଧରି ଅନାଗତ ସେହି ଶିଶୁର ଆଗାମୀ ଭବିଷ୍ୟତର ମଧୁର କଳ୍ପନାରେ ବିଭୋର ହୋଇ ଉଠିଥିଲେ । ସବୁଦିନ କାହାର ସମାନ ଯାଏନି । ଶାନ୍ତ-ନିର୍ମଳ-ନିର୍ମେଘ ଆକାଶରେ ବେଳେବେଳେ ଅଦିନିଆ ଝଡ଼ ଉଠେ । ସେମିତି ଏକ ଅଦିନିଆ ଝଡ଼ରେ କୁଟାଖିଏ ପରି କେଉଁଆଡ଼େ ଉଡ଼ିଗଲେ ତାର ସ୍ୱାମୀ । ତାର ଇହ ଓ ପରକାଳର ଦେବତା । ଗୋଟିଏ ରାସ୍ତା ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିରଦିନ ପାଇଁ ଆଖି ବୁଜିଦେଲେ ।

ତାପରେ...

ତାପରେ ତା'ଜୀବନ ଉପରକୁ ମାଡ଼ି ଆସିଲା ଦୁଃଖ ଦୁର୍ଦ୍ଦିନର କାଳରାତ୍ରୀ । ନଣନ୍ଦର ବାହାଘରରେ ସେ ଯେଉଁ ଗହଣାପତ୍ର ବାପଘରୁ ଆଣିଥିଲା ସେସବୁ ଦେବାକୁ ହେଲା । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ପି.ଏଫ. ଓ ଏଲ.ଆଇ.ସି. ଆଦିରୁ ଯେଉଁ ଅର୍ଥ ମିଳିଲା ମାସ କେଇଟା ଭିତରେ ଦିଅରଙ୍କର ଚାକିରୀ ଖୋଜା, ଚାକିରୀ ପାଇଁ ସାକ୍ଷାତକାର, ଘରର ଯାବତୀୟ ଖର୍ଚ୍ଚରେ ନିଃଶେଷ ହୋଇଗଲା । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ନିଃସ୍ୱ, ରିକ୍ତ । ଯେଉଁ ଶାଶୁ, ଶ୍ୱଶୁର, ଦିଅର ତାକୁ ଏତେ ଭଲ ପାଉଥିଲେ ଧୀରେ ଧୀରେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ ଦେଖାଦେଲା । ଆରମ୍ଭ ହୋଇଗଲା ସେମାନଙ୍କର ନିର୍ଯ୍ୟାତନା । ତାକୁ ଜୀବନରୁ ମାରିଦେଇ ପୈତୃକ ସମ୍ପତ୍ତିର ଏକାଏକା ଉତ୍ତରାଧିକାରୀ ହେବାପାଇଁ ଦିଅରଙ୍କର ଚକ୍ରାନ୍ତ ଆରମ୍ଭ ହୋଇଗଲା । ସେଦିନ ବର୍ଷଣମୁଖର କାଳରାତ୍ରିର ନିଶବ୍ଦ ପ୍ରହରରେ ସେମାନେ ତାଙ୍କର ଚକ୍ରାନ୍ତକୁ କାର୍ଯ୍ୟକାରୀ କରିବା ପୂର୍ବରୁ ନିର୍ମଳା ଜାଣିପାରି ନିଜର ଗର୍ଭସ୍ଥ ଶିଶୁଟିକୁ ଧରି ଶାଶୁ ଘରର ନିର୍ଯ୍ୟାତାନରୁ ମୁକ୍ତି ପାଇବା ପାଇଁ ସେ ସେଦିନ ଶାଶୁଘରୁ ପଦାକୁ ଗୋଡ଼କାଢ଼ି ଚାଲି ଆସିଥିଲା । ଏତେବଡ଼ ଦୁନିଆରେ ବଞ୍ଚି ରହିବା ପାଇଁ ସାମାନ୍ୟ ଅବଲମ୍ବନର ବ୍ୟବସ୍ଥା ସେ କ'ଣ କରି ପାରିବନି ? ବୁଢ଼ିଯାଉଥିବା ଲୋକ କୁଟାଖିଅଟିକୁ ଧରି ଜୀବନ ବଞ୍ଚାଇବାର ନିଷ୍ଫଳ ଉଦ୍ୟମ କଲାପରି ସଂସାରର ରାଜପଥରେ ସାହାରାହୀନ ନିର୍ମଳାର ଜୀବନତରୀ ସେଦିନର ସେଇ ବର୍ଷଣମୁଖର କାଳରାତ୍ରିରେ ହଠାତ୍ ଆସି ଲାଗିଲା ତାର ବାପଘରେ । ଯେଉଁଠି ସେ

ବଢ଼ିଥିଲା । ଯେଉଁ ମାଟିରେ ପ୍ରଥମେ ସେ ପାଦ ଥୋଇଥିଲା । ସଂସାରର ଆଲୋକ ପ୍ରଥମଥର ପାଇଁ ଯେଉଁଠି ସେ ଦେଖିଥିଲା, ବାପ-ମା, ଭାଇ-ଭଉଣୀଙ୍କ ଆଦର-ଯତ୍ନ, ସ୍ନେହ-ମମତା ଭିତରେ ଯେଉଁଠି କଟିଥିଲା ତାର ମଧୁମୟ କୈଶୋର, ସେଇ ବାପଘର । ତାର ବାଲ୍ୟର, କୈଶୋରର ତାର ସ୍ୱପ୍ନଭରା, ମଧୁମୟ ଆଦ୍ୟ ଯୌବନର ।

ନିର୍ମଳାର ବିବାହ ଅଳ୍ପ କେଇ ମାସ ଭିତରେ ଆଗପଛ ହେଇ ତାର ବାପ-ମା' ଏଇ ସଂସାରରୁ ଚାଲି ଯାଇଥିଲେ । ଭାଇମାନେ ପୃଥକ ହେଇ ଯାଇଥିବା କଥା ଶୁଣିଥିଲା ସେ ।

ତା ନିଜ ଜୀବନର ଦୁର୍ଭାଗ୍ୟ ସହିତ ତା ବାପଘରର ଦୁର୍ଯୋଗ ଠିକ ସମତାଳରେ ଯେପରି ଗତି କରିଥିଲା । ତଥାପି ମନରେ ତାର ଭରସା ଥିଲା- ଭାଇ-ଭାଉଜମାନେ ତାର ଏଇ ଦୁର୍ଦ୍ଦିନରେ ତାକୁ ଠେଲି ଦେବେନି ।

ମଣିଷ ସବୁବେଳେ ଆଶାବାଦୀ । ଏଇ ଆଶା ନେଇ ମଣିଷ ବଞ୍ଚେ । ସେଦିନ ସେଇ ଆଶାରେ ନିର୍ମଳା ପହଞ୍ଚି ଯାଇଥିଲା ବାପଘରେ ।

କବାଟ ଖୋଲିଲା । ନିର୍ମଳାର ବଡ଼ଭାଉଜ କବାଟ ଖୋଲିବା ମାତ୍ରେ ନିର୍ମଳାକୁ ଦେଖି ଭୂତ ଦେଖିଲା ପରି ଯେପରି ଚମକି ପଡ଼ିଲେ । ତା ପରର କଥା ସ୍ମରଣ କଲେ ଆଜି ବି ନିର୍ମଳାର ହାଡୁଆ ଦେହଟାରେ ଝାଳ କଣ୍ଟି ଆସେ । ନିର୍ମଳା ଫେରିଲା । ତା ପାଇଁ ସବୁଦିନ ଲାଗି ତା ବାପଘରର ଦରଜା ବନ୍ଦ ହୋଇଗଲା ।

ସେଦିନ ନିର୍ମଳାର ମନେ ପଡୁଥିଲା ତା'ର ମା'ଙ୍କ କଥା- "ଦୁହିତା, ଦୁଇ କୁଳକୁ ହିତା ନହେଲେ ଦୁଇ କୁଳକୁ ପିତା" ନିର୍ମଳା ଆଜି ଦୁଇକୁଳକୁ ପିତା ହେଇ ଯାଇଛି ।

ତା ହେଲେ କ'ଣ ପାଇଁ, କ'ଣ ନେଇ ସେ ବଞ୍ଚିବ ? ଆଖିରେ ତାର ଆଖିଏ ଲୁହ ଟଳମଳ ହେଉଥିଲା । ସେ ମରି ପାରୁନଥିଲା । ନିଜ ଜୀବନର ମୋହ ଅପେକ୍ଷା ନିଜ ଜଠରର ସେଇ ଅନାଗତ ଶିଶୁ ତାକୁ ମରଣ ମୁହଁରୁ ଫେରାଇ ଆଣିଥିଲା । ନାରୀ ଜୀବନର ସାର୍ଥକତା ଯେ ଏଇ ମାତୃତ୍ୱରେ । ଜନନୀ ହେବାର ଆନନ୍ଦରେ ସେ ତାର ଜୀବନର ବିଷକୁ ଅମୃତ ତୁଲ୍ୟ ମନେ କଲା । ବଞ୍ଚିବା ପାଇଁ ସେ ଅଣ୍ଟା ଭିଡ଼ିଲା ।

ତାପରେ.....

ସେଦିନର ସେଇ ବରଷାଧୁଆ ଶୀତଳ ରାତି ଶେଷରେ ଏକ ରେଲଗାଡ଼ିରେ ଉଠି ପଡ଼ିଲା ନିର୍ମଳା । ଗାଡ଼ି ଛାଡ଼ିବାକୁ ଆଉ ଅଳ୍ପ ସମୟ ଅଛି । ଯେଉଁ କମ୍ପାଟମେଣ୍ଟରେ ସେ ଉଠିଲା ତାହା କେଉଁ ଶ୍ରେଣୀର ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଦେଖିବାକୁ ତର ପାଇନି । ଭିତରେ ବସିଥିଲେ ଜଣେ ପ୍ରୌଢ଼ା । ବେଶ୍ ଆଭିଜାତ୍ୟ ଚେହେରା । ନିର୍ମଳାକୁ ଦେଖିବା ମାତ୍ରେ କହିଲେ, "ଏଟା ପ୍ରଥମ ଶ୍ରେଣୀ ସଂରକ୍ଷିତ କମ୍ପାର୍ଟମେଣ୍ଟ । ମୋର ରିଜର୍ଭେସନ୍ ଅଛି ଏ ବଗିରେ । ଅନ୍ୟ ଡବାକୁ ଚାଲିଯାଅ ।" ନିର୍ମଳା ଇତସ୍ତତ ହୋଇ ଓହ୍ଲାଇ ପଡ଼ିବାକୁ ବାହାରିବା ବେଳକୁ ଗାଡ଼ି ଛାଡ଼ି ଦେଲା । ନିର୍ମଳା ଚାହିଁଲା ପ୍ରୌଢ଼ାଙ୍କୁ ଖୁବ୍ ଅସହାୟ ଆଖିରେ । ସେ ବି ଚାହିଁଥିଲେ ନିର୍ମଳାକୁ । ଗାଡ଼ି ଛାଡ଼ି ଦେଲାଣି । ଓହ୍ଲାଇ ଯିବାର ଉପାୟ ନାହିଁ । ବୁଝି ପାରିଲେ ପ୍ରୌଢ଼ା ଜଣକ । ନିର୍ମଳାର ଆପାଦମସ୍ତକ ନିରୀକ୍ଷଣ କରି ସେ ପ୍ରଶ୍ନ କଲେ-

"ତୁମେ କ'ଣ ଏକା ?"

"ହଁ"

ସଂଶୟପୂର୍ଣ୍ଣ ପ୍ରଶ୍ନିଳ ଆଖିରେ ଚାହିଁ ପୁଣି ପଚାରିଲେ-

"କୁଆଡ଼େ ଯିବ ?"

"ଜାଣେନା"

ଏଥର ଘଟଣାଟି କିଛି ଅନୁମାନ କରିନେଲେ ଭଦ୍ରମହିଳା ଜଣକ । ପାଖରେ ବସିବାକୁ ଇଙ୍ଗିତ ଦେଇ ପ୍ରଶ୍ନ କଲେ-

'ଘରୁ କ'ଣ ରାଗି ଚାଲି ଆସିଛ ?'

"ଘର ନାହିଁ । ଉଜୁଡ଼ି ଯାଇଛି ।" ଏଥର ନିର୍ମଳା ଆଖିରେ ଲୁହ ଟଳମଳ ହେଲା ।

ସମସ୍ତ ଅବଗତ ହୋଇ ଭଦ୍ରମହିଳା ଜଣକ ବେଶ୍ ସହାନୁଭୂତି ପ୍ରକାଶ କଲେ । ନିଜ ପାଖରେ ରଖିବାର ପ୍ରତିଶ୍ରୁତି ଦେଲେ । ଅକୂଳରେ ଯେପରି କୂଳ ପାଇଲା ନିର୍ମଳା । ଭଦ୍ରମହିଳାଙ୍କ ଆଭିଜାତ୍ୟ ପୂର୍ଣ୍ଣ ବାସଭବନରେ ବେଶ୍ କେତୋଟି ଦିନ କଟିଗଲା । ଭଦ୍ରମହିଳାଙ୍କ ବଡ଼ପୁଅ ଜେ.ଏନ.ୟୁ.ର ପ୍ରଫେସର । ସାନପୁଅ ଭେଲୋରରେ ଡାକ୍ତର । ଘରେ ସେ ଓ ତାଙ୍କର ସ୍ୱାମୀ । ସ୍ୱାମୀ ବ୍ୟବସାୟ ନେଇ ବ୍ୟସ୍ତ । ଘରେ ପୁଝାରୀ ଓ ଚାକର । ପରିବେଶ ପ୍ରାୟ ନିର୍ଜନ । ନିର୍ମଳାର ଆଗମନ ପରେ ଭଦ୍ର

ମହିଳାମାନଙ୍କର ନିର୍ଜନ, ଭାରାକ୍ରାନ୍ତ ଜୀବନ ଅନେକଟା ଆଶ୍ୱସ୍ତି ଲାଭ କରିଥିଲା । ହଠାତ୍ ଦିନେ ସବୁ ଓଲଟପାଲଟ ହୋଇଗଲା । ଭଦ୍ରମହିଳାଙ୍କର ମଦ୍ୟପ, ଲମ୍ପଟ ସ୍ୱାମୀର ପାଶବିକ କାମନା ଅଗ୍ନିରୁ ନିଜକୁ ବଞ୍ଚାଇବାର ଅନ୍ୟବାଟ ନପାଇ ନିର୍ମଳା ସେଦିନ ସମସ୍ତଙ୍କ ଅଜଣାରେ ପୁଣିଥରେ ସେଇ ଅନିଶ୍ଚିତ ପଥରେ ଆଗେଇ ଆସିଲା । ଗର୍ଭରେ ତା'ର ସ୍ୱାମୀଙ୍କ ସନ୍ତକ । ତାରି ପାଇଁ ହିଁ ସେ ବଞ୍ଚି ରହିଛି । ସେହି ଶିଶୁ ଭବିଷ୍ୟତରେ କେବେ ଯଦି ଜାଣିବାକୁ ପାଏ ମା' ତାର ଗଣିକା ସାଜି ତାକୁ ମଣିଷ କରିଛି; ତାହେଲେ....

ଆଉ ଅଧିକ ଭାବିପାରିଲାନି ନିର୍ମଳା ।

ଦେହ ଏକ ମନ୍ଦିର ପରି । ସେଠାରେ କେବଳ ଗୋଟିଏ ଦେବତାର ପୂଜା ସମ୍ଭବ । ନିର୍ମଳାର ଦେହର ମନ୍ଦିରରେ ଏବେବି ତାର ପରଲୋକଗତ ପତିଙ୍କର ବିଗ୍ରହ ବିରାଜିତ । ସେଠି ଆଉ କାହାର ସ୍ଥାନ ନାହିଁ । ଆଉ କାହାର ପୂଜା ସେଠି ସମ୍ଭବ ନୁହେଁ । ହିନ୍ଦୁନାରୀ ସେ । ହିନ୍ଦୁର ସଂସ୍କାର ତାର ପ୍ରତି ରକ୍ତକଣିକାରେ ବିଦ୍ୟମାନ । ତେଣୁ ଅର୍ଥ ପାଖରେ, ବଡ଼ଲୋକିର ଅହମିକା ପାଖରେ, ବିଳାସମୟ ଜୀବନର ଲୋଭନୀୟ ଆକର୍ଷଣ ନିକଟରେ ସେଦିନ ସେ ନିଜକୁ ସମର୍ପି ଦେଇ ପାରିଲା ନାହିଁ । ସେ ସବୁକୁ ପାଦରେ ଆଡ଼େଇ ଦେଇ ନିର୍ମଳା ପୁଣିଥରେ ରାସ୍ତା ଉପରକୁ, ସେଇ ଅନିଶ୍ଚିତ ଜୀବନର ଅନ୍ଧାର ଭିତରକୁ ଗୋଡ଼ କାଢ଼ିଲା ।

ଏଥର ସେ ଯେଉଁଠି ପହଞ୍ଚିଲା ତାହାଥିଲା ଏକ କୁଲିବସ୍ତି । ମେହନତୀ ମଣିଷ ମାନଙ୍କର ବାସଭୂମି । ଯେଉଁମାନେ ଖଣି-ଖାଦାନରେ କାମ କରନ୍ତି । ରାସ୍ତାଘାଟ-ସଡ଼କ, ରେଲଲାଇନ୍ ପାଣି ପାଇପ୍‌ରେ କାମକରି ଚଳନ୍ତି । ସେଦିନ ସକାଳେ ସେଇ ବସ୍ତିର ଏକ ନୁଆଁଣିଆ ଘର ବାରଣ୍ଡାରେ ଥକାମରା ହୋଇ ଶୋଇ ଯାଇଥିବା ନିର୍ମଳାକୁ ଦେଖି ତା ପାଖରେ ଦଶବାର ଜଣ ଲୋକ ରୁଣ୍ଡ ହୋଇଯାଇଥିଲେ । ଆଶ୍ଚର୍ଯ୍ୟ ହୋଇ ସେମାନେ ପରସ୍ପର ମଧ୍ୟରେ ତା ସମ୍ବନ୍ଧରେ କଥାବାର୍ତ୍ତା ହେଉଥିବା ଶବ୍ଦରେ ନିର୍ମଳାର ନିଦ ଭାଙ୍ଗିଲା । ଉଠି ବସିଲା ସେ । ଠିଆ ହୋଇଥିବା ବସ୍ତିର ସ୍ତ୍ରୀ-ପୁରୁଷମାନଙ୍କର ପ୍ରଶ୍ନିଳ, ଉତ୍ସୁକ ଆଖି ତା ଉପରେ । ସମସ୍ତେ ଯେପରି ଜାଣିବାକୁ ଉଦ୍‌ଗ୍ରୀବ ସେ କିଏ ? କ'ଣ ? କେଉଁଠୁ ଆସିଲା ଇତ୍ୟାଦି । ସମସ୍ତେ କିନ୍ତୁ ନୀରବ କାହାରି ମୁହଁରେ କଥାନାହିଁ । ନିର୍ମଳା ଥରେ ଚାହିଁଲା ସମସ୍ତଙ୍କୁ । ହଠାତ୍ ତା ପାଟିରୁ ବାହାରି ଆସିଲା...

"ମୁଁ ତମରି ପରି ଜଣେ ମଣିଷ । ଜଣେ ହତଭାଗିନୀ ସ୍ତ୍ରୀଲୋକ । ମୋର ହୋଇ ଏ ଦୁନିଆରେ କେହି ନାହାଁନ୍ତି । ମୁଁ ଏଇଠି ତମରି ପାଖରେ, ତମରି ବସ୍ତିରେ ରହିବି । ତମମାନଙ୍କ ପରି କାମ କରି ପେଟ ପୋଷିବି । ମୋତେ ତମ ବସ୍ତିରେ ଟିକେ ଆଶ୍ରୟ ନେବାକୁ ସ୍ଥାନ ଦେବନି ?" ଏକା ନିଶ୍ୱାସରେ ଏତକ କହି ଦେଇ ନିର୍ମଳା ଚାହିଁଲା ସମସ୍ତଙ୍କ ଆଡ଼କୁ ।

ସମସ୍ତଙ୍କ ମୁହଁରେ ପ୍ରସନ୍ନତାର ଆଭାସ- ଆନନ୍ଦର ଚିହ୍ନ ଆଖିରେ ବିସ୍ମୟ- ମନରେ ସହାନୁଭୂତିର ଭାବ । ନିର୍ମଳା କିଛିଟା ଆଶ୍ୱସ୍ତି ଅନୁଭବ କଲା ସେମାନଙ୍କର ହାବଭାବରୁ ।

ଶ୍ରମଜୀବୀ ମଣିଷ ସେମାନେ । ଭାରି ସରଳ । ଜଟିଳତା, କୁଟିଳତାଠାରୁ ଦୂରରେ । ସରଳ ଓ ସହଜ ଭାବରେ ବିଶ୍ୱାସ କରିଯିବା ସେମାନଙ୍କର ସହଜାତ ଗୁଣ ।

ସେଠାରେ ରୁଣ୍ଡ ହୋଇଥିବା ସେଇ ମେହନତୀ ମଣିଷମାନଙ୍କ ଭିଡ଼ ଭିତରୁ ସେମାନଙ୍କୁ ଦୁଇ ହାତରେ ଆଡ଼େଇ ଦେଇ ଭିଡ଼ ଠେଲି ନିର୍ମଳା ନିକଟକୁ ଚାଲିଆସିଲା ସୀତାମ୍ମା, ପଚାଶ ଡେଇଁ ଯାଇଥିବା ବଳିଷ୍ଠ ସ୍ତ୍ରୀଲୋକ । ସୁଗଠିତ ଶରୀର । ଦେଖିଲେ ବୟସ ବାରି ହେବନି । ନିର୍ମଳା ପାଖରେ ବସି ତାର ପିଠି ସାଉଁଳାଇ ଦେଇ କହିଲା- "ଝିଅ ! କିଛି ଚିନ୍ତା କରନା । ତୁ ମୋରି ପାଖରେ ରହିବୁ । ତୁ ମୋରି ଝିଅ । ଭଗବାନ ମୋ ରତ୍ନାକୁ ମୋ ପାଖକୁ ପଠାଇ ଦେଇଛନ୍ତି ।"

ସୀତାମ୍ମାର ମଦ୍ୟପ-ଲମ୍ପଟ ସ୍ୱାମୀର ଏକମାତ୍ର ସନ୍ତକ ଥିଲା ରତ୍ନା । ସୀତାମ୍ମାର ନିଃସଙ୍ଗ ଜୀବନର ସାହାରା । ନିୟତି କିନ୍ତୁ ଅତି ନିଷ୍ଠୁର । ଆଜିକୁ ପନ୍ଦର ବର୍ଷତଳେ ସାତ ଆଠବର୍ଷର କିଶୋରୀ ରତ୍ନାକୁ ଯେଉଁଦିନ ସେ ତାର କୋଳରୁ ଛଡ଼ାଇ ନେଇଥିଲା ସେଦିନ ସୀତାମ୍ମାର ମର୍ମଭେଦୀ କରୁଣ ବିଳାପରେ ବସ୍ତିର ଗଛ ପତ୍ରବି ଥରି ଉଠିଥିଲେ । ସେଇ ଦିନଠୁ ସୀତାମ୍ମା ମୁହଁରେ ସାମାନ୍ୟ ହସ କି ଟିକିଏ ପ୍ରସନ୍ନତା ବି କେହି ଦେଖିନଥିଲେ ।

ସେଇ ସୀତାମ୍ମାର କଳାମୁଗୁନି ପଥର ପରି ଦେହଟାର ଗୋଲ ମୁହଁଟି ଆଜି ପ୍ରସନ୍ନତାରେ ଉଜ୍ଜ୍ୱଳ ଦିଶୁଛି । ଠିଆ ହୋଇଥିବା ଲୋକମାନଙ୍କୁ ସେ କହୁଛି-

"ଇଏ ମୋର ରତ୍ନାରେ ଅଳପେଇଶା । ଗିଳିଗଲା ପରି ଚାହିଁଛ କ'ଣ ?"

ଏଇ ଗାଳିରେ ସୀତାମ୍ମା ସେ ବସ୍ତିର ପ୍ରାୟ ସଭିଙ୍କୁ ହିଁ ସମ୍ବୋଧିତ କରିଥାଏ । ସୀତାମ୍ମାର ଏଇ ମୃଦୁ ଭର୍ତ୍ସନାରେ ସେ ସ୍ଥାନଟି ଧୀରେ ଧୀରେ ଜନଶୂନ୍ୟ ହେବାକୁ ଲାଗିଲା ।

ନିର୍ମଳାର ଗଣ୍ଡ ଉପର ଦେଇ ଗଡ଼ିପଡୁଥିବା ଲୁହଧାରକୁ ନିଜ ପଣତରେ ପୋଛି ଦେଇ ସୀତାମ୍ମା କହିଲା-

"ଚାଲ ମା ! ମୁଁ ଥିଲାଯାଏ ତୋର କିଛି ଚିନ୍ତା ନାହିଁ । ମୋ କୋଳକୁ ତୁ ଫେରି ଆସିଛୁ । ମୋରି ପାଖରେ ରହିବୁ । ତୁ ମୋର ଝିଅ । ତୁ ମୋ ରତ୍ନା ।"

ସୀତାମ୍ମା ତାର ହାତଧରି ନେଇଗଲା ତାର କୁଡ଼ିଆକୁ । ନିର୍ମଳା ମୁହୂର୍ତ୍ତ କେତୋଟି ଭିତରେ ପାଲଟିଗଲା ରତ୍ନା ।

ସୀତାମ୍ମାର ତୀକ୍ଷ୍ଣ ଦୃଷ୍ଟି ଖୁବ୍ ଶୀଘ୍ର ଆବିଷ୍କାର କରି ପାରିଲା ଯେ ତା ଝିଅ ରତ୍ନା ମା' ହେବାକୁ ଯାଉଛି ସେଦିନ ସୀତାମ୍ମାର ଆନନ୍ଦ କହିଲେ ନସରେ । ପଡ଼ିଶା ସ୍ତ୍ରୀଲୋକମାନଙ୍କୁ ନେଇ ଏଇ ଶୁଭ ସମ୍ବାଦଟି ନଶୁଣାଇବା ଯାଏ ସେ ଥୟ ହୋଇ ପାରିଲାନାହିଁ ।

ଏଥର ତାର ଶୂନ୍ୟକୋଳ, ଶୂନ୍ୟକୁଟୀର ପୂର୍ଣ୍ଣ ହୋଇ ଉଠିବ । ସୀତାମ୍ମା ପୁଣି ଠାକୁର ପୂଜାରେ ମନ ଦେଇଛି । ସକାଳେ-ସଂଜେ ଠାକୁରାଣୀଙ୍କ ପାଖରେ ଧୂପ ଜାଳୁଛି । ଫୁଲ ଚଢ଼ାଉଛି । ଆଖିରୁ ଲୁହ ଗଡ଼ାଇ ଠାକୁରଂକୁ କହୁଛି- "ଠାକୁରେ ! ସବୁତ ନେଇଥିଲ । ଝିଅଟିକୁ ମୋର ଫେରାଇ ଦେଇଛ ଯେତେବେଳେ କୋଳରେ ତାର ପୁଅଟିଏ ଦିଅ ।

ସେଦିନ....

ନାତିକୁ ଛାତିରେ ଜାକି ସୀତାମ୍ମା ଡାକ୍ତରଖାନାରୁ ଫେରୁଥାଏ । ତାକୁ ଦେଖିଲେ ମନେହେବ ସ୍ୱର୍ଗର ଚାନ୍ଦ ଯେପରି ତାର ହାତ ମୁଠାରେ । ସତେ ଯେପରି ସେ ସୃଷ୍ଟିର ସକଳ ଐଶ୍ୱର୍ଯ୍ୟର ଅଧିକାରିଣୀ । ହସ-ଖୁସିରେ ଉଛୁଳି ପଡୁଥାଏ ତାର ଚିକ୍କଣ କଳା ଗୋଲ ମୁହଁଟି ।

ସାରାଜୀବନ ଦହଗଂଜ ହେଇ ମରିବାକୁ ଯାର ଜନ୍ମ, କପାଳ ଯାହାର ଫଟା,

ସୁଖ ପାଇବା, ହସ ଖୁସିରେ ଜୀବନ ବିତାଇବା ତା ପାଖରେ ଏକ ବିଡ଼ମ୍ବନା ମାତ୍ର । ନିର୍ମଳାର ଜନ୍ମ ଏକ ବିଡ଼ମ୍ବିତ ଭାଗ୍ୟ ନେଇ ।

ସେଦିନ....

ଠାକୁର ପାଇଁ ଫୁଲ ତୋଳିବାକୁ ଯାଇ ସର୍ପ ଦଂଶନରେ ଶେଷ ନିଶ୍ୱାସ ଛାଡ଼ିଲା ସୀତାମ୍ମା । ଗୁଣିଆର ମନ୍ତ୍ର-ଯନ୍ତ୍ର, ନିର୍ମଳାର ଆଖିର ଲୁହ ତଥା ଭଗବାନଙ୍କଠାରେ ଆକୁଳ ଗୁହାରୀ ତାକୁ ବଞ୍ଚାଇ ପାରିଲାନି ।

ଆଜି ତାର କାହା ପାଖରେ କିଛି ଅନୁଯୋଗ ନାହିଁ- ଅଭିଯୋଗ ନାହିଁ । ଗୁହାରି କରିବାର କିଛି ନାହିଁ । ସେ କେବଳ ବଞ୍ଚିବ- ବଞ୍ଚିବ ସମସ୍ତ ଦୁର୍ଯୋଗ ଭିତରେ କେବଳ ତାର ସନ୍ତାନଟି ପାଇଁ ।

ରାତିର ଦୁଃସ୍ୱପ୍ନ ପରି ନିର୍ମଳା ଭୁଲିଯିବାକୁ ଚେଷ୍ଟା କରିଛି ତାର ଅତୀତ ଜୀବନର ଅତି କରୁଣ, ଅତି ବେଦନାପୂର୍ଣ୍ଣ ଏଇ ଅଧ୍ୟାୟଟିକୁ କିନ୍ତୁ ତାହା ଭୁଲି ହେଉଛି ବା କେଉଁଠି ? ଅତୀତ । ସେ ସୁଖର ହେଉ ବା ଦୁଃଖର ହେଉ ଏମିତି ମନ ଭିତରେ ଚେଇଁ ଚେଇଁ ଉଠେ ବେଳେବେଳେ । ବର୍ତ୍ତମାନ କୌଣସି ଦୁଃଖ, କୌଣସି ଯନ୍ତ୍ରଣା, କୌଣସି ଅଭାବ ଆଉ କୌଣସି ପ୍ରଭାବ ପକାଇ ପାରୁନି ନିର୍ମଳା ମନରେ । ଆଖିରେ ତାର ଲୁହ ଆଣି ପାରୁନି । ବସ୍ତିର ଅନ୍ୟ ମେହେନତି ନାରୀ ପୁରୁଷଙ୍କ ସହିତ ନିଜକୁ ସାମିଲ କରିଦେଇଛି ନିର୍ମଳା । ସେ ତାର ସ୍ୱାମୀଙ୍କ ସ୍ୱପ୍ନକୁ ସାକାର କରିବ । ସେଦିନ ସକାଳର ସୂର୍ଯ୍ୟ ସତେ ଯେପରି ନିର୍ମଳାର ମନରେ ପ୍ରାଣରେ ସେହି ପ୍ରତ୍ୟୟ, ସେହି ଦୃଢ଼ତା ସୃଷ୍ଟି କରୁଥିଲା ।

ସଭାପତି, ଲେଖକ ସାଙ୍ଗ୍ଲଖ୍ୟ
ତିହିଡ଼ି, ଭଦ୍ରକ
ଭ୍ରାମ୍ୟଭାଷା: ୮୯୮୪୫୦୧୭୭୦

❐❐❐

ଯୂଇରେ ଶୋଇଥିବା ମଣିଷର ଭୟ କ'ଣ ?

● ଶ୍ରୀ ମୁକ୍ତିକାନ୍ତ ନାୟକ



ମୌସୁମୀ ରାୟ । ଭାରି ଗୁମ୍‌ସୁମ୍ ଝିଅଟାଏ । ପାହାଡେ ଅହଂକାରକୁ ମୁଣ୍ଡେଇ ବାଟ ଚାଲେ ସେ । ବୋଝର ବୋଝେ ମଗଜ ! ଅତି ବେଶୀ ଜରୁରୀ କାମ ନ ପଡିଲେ ତା' ପାଖକୁ ଯିବାକୁ ଭଲ ଲାଗେନି । ଅଫିସ ଗୋଟାକର ସବୁ କାମ ତା' ପାଖରେ । ତା' ପାଖରେ ଗୋଡଭାଙ୍ଗି ପହଡେ ଠିଆ ନ ହେଲେ କାମ ହୁଏନା । ତା' ମୁହଁରେ କେହିକେବେ ହସ ଦେଖିନି । ନେଫେଡେଇକି କଥା ହେଲେବି ଟିକେବି ଫରକ ପଡିବନି । କମ୍ପ୍ୟୁଟରର ମନିଟର ଉପରେ ଆଖି । କି' ବୋର୍ଡର ଅକ୍ଷର ଉପରେ ଦି'ହାତର ଆଙ୍ଗୁଠି ଖଇ ଫୁଟୁଥିବ । ଅଫିସମେଟ ଦୃଷ୍ଟିରୁ କାମଟା ଆଗ କରିଦେବ ଆଗ ଫାଇଲକୁ ପଛ କରି ତା'ଦେଇ ହବନି । ଭାରି ବିରକ୍ତି ଲାଗେ ଫାଇଲ କାମ କରିବାକୁ । ସମସ୍ତଙ୍କ ଆଖି ପରସେଣ୍ଟ ଉପରେ । ହେଲେ ସେଥିରେ ସେ ବ୍ୟତିକ୍ରମ । ଫାଇଲ କାମ ସରିଲେ ଗୋଟେ ମିନିଟ ବି ଟେବୁଲ ଉପରେ ପକାଇ ରଖିବନି ।

ବାହାଚୁରା ହେଇଥିଲେ କେବେଠାରୁ ପିଲାଛୁଆର ମା' ହୁଅନ୍ତାଣି । ଭାରି ସିମ୍ପଲ ବେଶଭୂଷା । ପରଫ୍ୟୁମ କି ପାଉଡର ଟିକେ ମୁହଁରେ ବୋଳି ହୁଏନା । ତା' ବ୍ୟକ୍ତିଗତ ଜୀବନର କଥା କେହି କେବେ ତା' ମୁହଁରୁ ଶୁଣିନି । ହେଲେ ତାକୁ ନେଇ ବହୁ ରୋଚକ କାହାଣୀ ଶୁଣିବାକୁ ମିଳେ । ବିଜୟ ନନା ପାନ ଦୋକାନର ଖଟିରେ ମୌସୁମୀ ରାୟକୁ ନେଇ ଧଳବାବୁ ଗୁଡାଏ ଏଣୁତେଣୁ କଥା ନ କହିଲେ ତା' ଭାତ ହଜମ ହୁଏନି । ତା' କଥା ଉପରେ ବନା ପିଅନଟା କଥାର ସର ପକେଇ ଦିଏ ।

ତା' ଟେବୁଲ ଉପରେ ଫାଇଲଟା ପନ୍ଦର ଦିନ ହେବ ପଡି ରହିଛି । ଛୁଟିରେ ଅଛି । ଅଫିସରେ ଆଉ ବିକଳ୍ପ ବ୍ୟବସ୍ଥା କିଛିବି ନାହିଁ । ଭାରି ଅଡୁଆରେ ପଡିଛି ମଣିଷ । ହଠାତ୍ ମୋବାଇଲରେ ମୌସୁମୀ ରାୟର ଫୋନ୍ ନମ୍ବର ରିଂ

ହେବାର ଦେଖି ଚମକି ପଡିଲି । ଖୁବ୍ ସଂକ୍ଷେପରେ କହିଲା-ଆପଣଙ୍କ ଫାଇଲଟା ପନ୍ଦର ଦିନ ହେବ ଟେବୁଲରେ ପଡିଛି । ମୋ ପାଖକୁ କାହା ହାତରେ ଫାଇଲଟା ପଠାଇ ଦିଅନ୍ତୁ । ବେଶ ଏତିକିରେ ଫୋନ୍ କଟିଗଲା । କାହା ହାତରେ ନ ପଠାଇ ନିଜେ ତା' ବସାକୁ ନେଇ ଯିବାକୁ ଉଚିତ ମନେକଲି । ବଡବାବୁଙ୍କୁ ତା' ବସାଘରର ଠିକଣା ପଚାରି ନିଜେ ଫାଇଲ ନେଇ ବାହାରି ଗଲି । ତା' ବସାଘର ଖୋଜି ବାହାର କରିବାରେ କିଛି ସମସ୍ୟା ହେଲାନି । ଗେଟ୍‌ରେ ଗୋଟେ ଛୋଟିଆ ନେମ ପ୍ଲେଟଟେ ଓହଳିଛି -ମୌସୁମୀ ରାୟ । ଗେଟ୍ ପାଖରେ ମୁଁ ଠିଆ ହୋଇଥିବାର ଦେଖି ସେ ନିଜେ ଆସି ଗେଟ୍ ଖୋଲି ରୁମକୁ ଆସିବାକୁ ଇଙ୍ଗିତ ଦେଲା । ଭାବୁଥିଲି ବୋଧହୁଏ ସେ ଗେଟ୍ ପାଖରୁ ଫାଇଲଟା ନେଇ ମୋତେ ସେଇଠୁ ବିଦା କରି ଦେବ । ଡ୍ରଇଂରୁମରେ ମୋତେ ବସାଇ ଦେଇ ସେ ଘର ଭିତରକୁ ଗଲା । ଘରଟା ଶୂନଶାନ ଲାଗୁଥିଲା । କାହାର ପାଟିର ସ୍ୱରଶବ୍ଦ ନଥିଲା । କିଛି ସମୟ ପରେ ହାତରେ ପାଣି ଗ୍ଲାସ ଏବଂ କିଛି ଫ୍ରୁଟ୍ସ ଆଉ ମିକ୍ସଚର ନେଇ ଟି'ପୟ ଉପରେ ଥୋଇଦେଲା । ମୁଁ କହିଲି- କାହିଁକି ଏସବୁ... ? ସେ କହିଲା- ଆଜି ଆପଣ ମୋ ଘରେ କୁଣିଆ । ଆପଣଙ୍କ ମୁହଁ ମିଠା ନକରି ଖାଲିଖାଲି ବିଦା କରିଦେବିନା ? ଫାଇଲ ପ୍ରୋସେସିଂ କରିବା ମୋ କାମ । ପନ୍ଦର ଦିନ ପଡି ରହିଲାଣି । ଆପଣ ଆପଣଙ୍କ ସମୟ ନଷ୍ଟକରି ଏତେଗୁଡାଏ ବାଟ ଆସିଛନ୍ତି ।

ସେଦିନ ମୌସୁମୀର କଥାରେ କାହିଁକି ଭାରି ଆତ୍ମୀୟତା ଭରି ରହିଥିଲା । ମୁଁ ତା' ଠାରୁ ବିଦାୟ ନେଲା ବେଳେ ସାହାସ କରି ପଚାରିଲି- କିଛି ଭାବିବେନି, ଆପଣ କ'ଣ ଏକା ରହନ୍ତି ? ସେ କିଛି କହିଲା ନାହିଁ । ପଛକରି ଘର ଭିତରକୁ ଗଲା ବେଳେ ମୋତେ ଫଲୋ କରିବା ପାଇଁ ଇଙ୍ଗିତ କଲା । ଗୋଟେ ରୁମ୍‌ର ଡୋରସ୍କ୍ରିନ ଆଡେଇ ଦେଲା । ମୁଁ ତା' ପଛେପଛେ ଯାଇ ଡୋର ପାଖରେ ଅଟକି ଗଲି । ଚେୟାରରେ ବସିବା ପାଇଁ କହିଲା । ଯନ୍ତ୍ରବତ ବସିଲି ।। ସାମ୍ନା ଖଟ ଉପରେ ଜଣେ ବୃଦ୍ଧ ମହିଳା ନୀରବ ନିଶ୍ଚୁପ ହୋଇ ଶୋଇ ରହିଥିଲେ । କିଛି ସମୟର ନୀରବତା ପରେ ପଚାରିଲି- କ'ଣ ମା'ଙ୍କ ଦେହ ଭଲ ନାହିଁ ?

-କୋମା , ପାଞ୍ଚବର୍ଷ ହୋଇଗଲାଣି ।

ମୁଁ ନୀରବ ରହିଲି । ଗୋଟେ ନୀରବ ସମବେଦନାର ଛାଇ ମୋ ମୁହଁକୁ ଢାଙ୍କିଦେଲା ।

ଶବ୍ଦସବୁ ମୋ ତଣ୍ଟି ଆରପଟରେ ବରଫ ଖଣ୍ଡ ପରି ଅଟକି ଯିବାର ଅନୁଭବ କଲି ମୁଁ । ଶବ୍ଦସବୁ କେଉଁଠୁ ଆରମ୍ଭ କରିବି ଭାବିବି ପାରୁନଥିଲି । କିଛି ସମୟର ନୀରବତା ପରେ ବହୁ କଷ୍ଟରେ ପଚାରିଲି- ଆଉ ଆପଣଙ୍କ ପରିବାର ?

ଗୁମ୍‌ସୁମ୍ ହୋଇ ସାମ୍ନା ଚେୟାରରେ ଲଥ୍‌କରି ବସି ପଡିଲା ମୌସୁମୀ । ବେଶ କିଛି ସମୟର ନୀରବତା । ଗୋଟେ ଅପରାଧବୋଧର କଣ୍ଟା ମୋ ଦେହରେ ଫୋଡି ହେଇ ଯାଉଥିବାର ଅନୁଭବ ମୁଁ କଲି । ଭାବିଲି ଏକଥାଟା ପଚାରିବାର ମୋର ନଥିଲା ।

ମୌସୁମୀ ଆଖିରେ ପତଳା ଲୁହର ଆସ୍ତରଣ । ମୁଁ ଭୟ ପାଇଗଲି । ମୌସୁମୀକୁ ନେଇ ମୋ ଭିତରର ଉତ୍ତୁଣ୍ଡା ବଢିବାକୁ ଲାଗୁଥିଲା ।

ଗୋଟିଏ ଛୋଟିଆ ହସଖୁସିର ସଂସାର ଭିତରେ ମୁଁ ବଞ୍ଚୁଥିଲି । ବାପା,ମା', ଭାଇ, ଭଉଣୀ । ଭାଇଟି ମୋ ଠାରୁ ସାନ । ବାପା ପ୍ରାଇମେରୀ ସ୍କୁଲର ଶିକ୍ଷକ । ଆମେ ଭାରି ଗେହ୍ଲାରେ ବଢିଥିଲୁ । ଆମକୁ ଦଣ୍ଡେ ପହଡେ ନ ଦେଖିଲେ ମୋ ବୋଉ ପାଗିଳୀ ହେଇ ଯାଉଥିଲା । ଦୁଷ୍ଟାମୀ କଲେ ସାନଭାଇକୁ ମୁଁ ଆଖି ଦେଖାଇଲେ ବୋଉ କିଛି କହି ପାରେନା ସିନା ଲୁଚେଇ ଲୁଚେଇ ଆଖିରୁ ଲୁହ ପୋଛେ । ମୁଁ ବି ଭାରି ଶ୍ରଦ୍ଧା କରୁଥିଲି ସେ ଟୋକାକୁ । ବାପା ଯେଉଁବର୍ଷ ରିଟାଏଡ କଲେ ମୁଁ ସେଇବର୍ଷ ଚାକିରୀ ପାଇଲି । ବୋଉ ଭାରି କୁନ୍ଥୁକୁନ୍ଥୁ ହେଲା । ଝିଅ ପିଲାଟା , ଘରୁ ଗୋଡ କାଢି ବାହାରକୁ ଯିବନା ! ବାପା ବୋଉକୁ ବୁଝାଉଥିଲେ-ସେମାନେ ନିଜ ଗୋଡରେ ଠିଆ ହେବା ଶିଖନ୍ତୁ । ଆଜିକାଲି ପୁଅଝିଅର ଫରକ କ'ଣ ? ମୋର ବି ପ୍ରଥମ ପୋଷ୍ଟିଂ କଟକରେ ହେଲା । ଘର ଠାରୁ ପାଞ୍ଚ କିଲୋମିଟର ଦୂର । ଅଫିସରୁ ଘରକୁ ଆସିବା ଯାଏ ବୋଉ ସେମିତି ଗେଟ ଆଡକୁ ଚାହିଁ ବସିଥିବ । ପାଞ୍ଚଟା ଯାଏ ଖାଇନଥିବ । ମୁଁ ଭାରି ବିରକ୍ତ ହୁଏ ତା' ଉପରେ । ସାନଭାଇଟି ଭାରି ସ୍କଲାର ଥିଲା । ବେଶୀ ସମୟ ପଢେନା ଅବଶ୍ୟ । ଯେତିକି ସମୟ ପଢେ ପାଠ ସବୁ କାର୍ବନ କପି ପରି ପେଷ୍ଟ ହେଇଯାଏ । ଚାକିରୀର ଦି'ବର୍ଷ ପରେ ବାପା ମୋ ବାହାଘର ଠିକ୍ କରିଦେଲେ । ଏ ଖବର ଶୁଣି ବୋଉ ଭାରି କାନ୍ଦିଥିଲା । ବାପାଙ୍କ ସାଙ୍ଗରେ କଥା ହେଉନଥିଲା । ବାପା ବୋଉ ଉପରେ ବହେ ବିରକ୍ତ ହେଲେ । - କି ଅଜବ ଲୋକ ହୋ ତମେ ! କି ଉପାଦାନରେ ଗଢା ମୁଁ ବୁଝି ପାରୁନି । ଝିଅର ବାହାଘର ପାଇଁ ମା' ବ୍ୟସ୍ତ ହୁଏ । ତମେ ଖୁସି ହେବା କଥା । ଅଥଚ ତମେ ଅଶାନ୍ତି ହେଉଛ । ଝିଅକୁ ବାହା ନଦେଇ ତାକୁ କ'ଣ ସବୁଦିନ ଏଇଠି ରଖିବ ?

ବୋଉ ଆଉ କିଛି କହିଲା ନାହିଁ ।

ସେ ବାହା ହେଇ ଆସିଲା ବେଳକୁ ମାମୁଁ ତାକୁ ମେଞ୍ଚେ ଗହଣା ଦେଇଥିଲେ । ମୋ ବୋଉ ଭାରି ସିଂଧଲ । ମେଞ୍ଚେ ଗହଣା ପିନ୍ଧିବାକୁ ଭଲ ପାଏନା । ସେବେଠାରୁ ଗହଣା ସବୁକୁ ଆଲମିରାରେ ପୁଟୁଳି ବାନ୍ଧି ରଖିଥିଲା । ବାପାବି ସେ ଗହଣା ଗାଣ୍ଠି ବାବଦରେ ବୋଉକୁ କିଛି କହନ୍ତିନି । ମୁଁ ଅଫିସରୁ ଆସି ପହଞ୍ଚିଲା ପରେ ବୋଉ ମୋତେ ପାଖକୁ ଡାକି ବସାଇଲା । ଆଲମୀରା ଖୋଲି ସବୁତକ ଗହଣା କାଢି ମୋ ସାମନାରେ ଥୋଇଲା । ହଳଦୀ ଗୁରୁଗୁରୁ ମେଞ୍ଚାଏ ଗହଣା । ମୁଁ ଏତୁଟେ ହେଲିଣି ବୋଉର ଏତେସବୁ ଗହଣାକୁ କେବେ ଦେଖିନଥିଲି । ହଳଦୀ ପାଣିରେ ସଫାକରି ବୋଉ ମୋ ହାତକୁ ଏସବୁ ବଢାଇ ଦେଇ କହିଲା- ଏସବୁ ମୁଁ ତୋ ପାଇଁ ସାଇତି ରଖିଥିଲି । ଶାଶୁଘରକୁ ନେବୁ । ମୁଁ ଫିକ୍‌କିନା ହସିଦେଲି । ମୋର ଶତ ବାରଣ ସତ୍ତ୍ୱେ ସେ ଏସବୁ ଗହଣାକୁ ମୋତେ ଗୋଟିଗୋଟି କରି ପିନ୍ଧାଇ ଦେଲା ନିର୍ଜୀବ କଣ୍ଢେଇକୁ ପିନ୍ଧେଇ ଦେଲା ଭଳି । ମୋତେ ଭାରି ମଜା ଲାଗୁଥିଲା । ଏତେସବୁ ଗହଣା ପିନ୍ଧି କୌତୁହଳ ହେଇ ମୁଁ ଗଛ ଆଇନା ସାମ୍‌ନାରେ ଠିଆହେଲି । ମୁଁ ନିଜ ଛବିକୁ ନିଜେ ଚିହ୍ନି ପାରୁନଥିଲି । ନୂଆକରି ବାହା ହେଇ ଆସିଥିବା ବୋହୂଟି ମୋ ସାମ୍‌ନାରେ ଠିଆ ହେଇଥିଲା । ଏ ଛବିକୁ ଆଖି ପୂରାଇ ଦୀର୍ଘ ସମୟ ଦେଖିବାକୁ ଇଚ୍ଛା ଥିଲେବି ଲାଜରେ ମୁଁ ମୋ ରୁମକୁ ଦୌଡି ଯାଉଥିବା ବେଳେ ସାନଭାଇ କୁଆଡେ ଥିଲା କେଜାଣି ମୋତେ ଜାବୁଡି ଧରିଲା । ମୁଁ ଲାଜରେ ଗୋଟାପଣେ ସଢି ଗଲି ।

ବାଳଗୋପାଳ ମନ୍ଦିରରେ ମୋର ନିର୍ବନ୍ଧ ହୋଇଥିଲା । ପିଲାଟି ପ୍ରତିରକ୍ଷା ବିଭାଗରେ ଜଣେ ପଦସ୍ଥ ଅଫିସର ଥିଲା । କଟକ ସହରରେ ତାଙ୍କ ଘର । ପରିବାର କହିଲେ ମା' ପୁଅ ଦି' ଜଣ । କେବଳ ବୋଉ ପାଇଁ ବାପା ଦୂରଦୂରାନ୍ତରେ ମୋ ବାହାଘର କରିବାକୁ ଚାହୁଁନଥିଲେ । ନିର୍ବନ୍ଧ ପରେ ସେ ପିଲା ଆମ ଘରକୁ ଥରେ ଅଧେ ତା' ମା' ସାଙ୍ଗରେ ଆସିଥିଲା । ପରସ୍ପର ପରସ୍ପର ସହ ମିଶିବାର ସ୍ୱାଧୀନତା ବାପାଙ୍କର ଥିଲା । ମାତ୍ର ମୋ ବୋଉ ଭାରି କଞ୍ଜରଭେଟିଭ୍ । ମୋତେ ବି ଭାରି ଅବାଗିଆ ଲାଗୁଥିଲା ବାହାଘର ପୂର୍ବରୁ ଏମିତି ମିଳାମିଶା କରିବାକୁ । ମୁଁ ବାହାନା କରି ଅଫିସ କାମର ବ୍ୟସ୍ତତାର ଆଳ ଦେଖାଇ ଦୂରେଇ ରହୁଥିଲି । ମନଟା କିନ୍ତୁ ତାଙ୍କୁ ଝୁରି ହେଉଥିଲା । ମୋ ସହ ଖୁବ୍ ସଂକ୍ଷେପରେ ଟେଲିଫୋନ୍‌ରେ କଥା ହୁଅନ୍ତି ସେ । ଖୁବ୍

ଭଦ୍ର ଓ ଅମାୟିକ ବୋଲି ଟେଲିଫୋନ୍‌ରୁ ଜଣା ପଡନ୍ତି ।

ହଠାତ୍ ମୁହଁଟା ତାଙ୍କର ଶେତା ପଡିଗଲା । ଗୋଟେ ଦୀର୍ଘଶ୍ୱାସର ନିଷ୍ଭ୍ରାନ୍ତ ପରେ ପୁଣି କଥା ଆରମ୍ଭ କଲେ । ତଣ୍ଟିଟା ତାଙ୍କର ଓଜନିଆ ମନେ ହେଉଥିଲା । ଭଗବାନ ବୋଧହୁଏ ଏ ସୁଖି ସଂସାର ଭିତରେ ଆମକୁ ଜୀଇ ରହିବାକୁ ଚାହୁଁନଥିଲେ । ଥଣ୍ଡା ଜନିତ କାରଣରୁ ବୋଉର ଦେହ ଟିକେ ବିଗିଡି ଯାଇଥିଲା । ବୋଉକୁ ନେଇ ବାପା ଡାକ୍ତରଖାନା ଯାଇଥିଲେ । ଫେରିବା ବାଟରେ ଏକ ଦ୍ରୁତଗାମୀ ଟ୍ରକ୍‌ଟି ମାଡିଗଲା ସେମାନଙ୍କ ଉପରେ । ଆଉ ପରବର୍ତ୍ତୀ ବାକ୍ୟ ତାଙ୍କ ପାଟିରୁ ବାହାରିଲାନି । ଆଖିର ବର୍ଷାରେ ଭିଜିଗଲେ ଗୋଟାପଣେ ସେ । ଲୁହ ସବୁ କେତେବେଳେ ମୋ ଆଖିରୁ ନିଗିଡି ପଡି ମୋ ପାଦ ତଳର କଂକ୍ରିଟକୁ ଭିଜାଇ ଦେଇଥିଲା ମୁଁ ଜାଣି ପାରିନଥିଲି ।

ନିଜକୁ ସଜାଡି ପୁଣି ଦୁଃଖର ପାହାଡ ଚଢିବାକୁ ଉପକ୍ରମ କଲେ ମୌସୁମୀ ମାଡାମ୍ । ଏ ଦୁଃଖଦ ଖବର ପାଇ ମୋ ଶାଶୁ ଆମ ଘରକୁ ଆସିଥିଲେ । ଶାଶୁ ଆମକୁ ଦମ୍ଭ ଧରିବା ପାଇଁ କହୁଥିଲେ -ଭଗବାନ ବଡ ନିଷ୍ଠୁର । ବାପାମା' ଙ୍କୁ ସିନା ସେ ନେଇଗଲେ ହେଲେ ଆମେତ ଅଛୁ । ତମ ପଛରେ ଆମେ ଖୁଣ୍ଟ ଭଳି ଠିଆ ହୋଇ ରହିବୁ । ଏଭଳି ଦାମ୍ଭିକତାର କଥା କହୁଥିବା ଲୋକ ନିଜେ ଯେ ଦିନେ ନିୟତିର ନିଷ୍ଠୁରତାକୁ ସାମ୍‌ନା କରିବ ଏକଥା ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ଦୁଃଖ ଯେତେବେଳେ ଆସେ ସେ ଏକା ଆସେନା । ସାଙ୍ଗସାଥି କୁଟୁମ୍ବକୁ ଧରି ସାଙ୍ଗରେ ଆସିଥାଏ । ବାପାମା'ଙ୍କ ଶୁଦ୍ଧିକ୍ରିୟା ଦିନ ଆଉ ଏକ ଦୁଃଖର ପାହାଡ ମୋ ମୁଣ୍ଡ ଉପରେ ଛିଡି ପଡିଲା । ବାପା ବୋଉଙ୍କୁ ହରାଇ ଯାହାଙ୍କୁ ମୁଁ ସାହାରା କରି ସଂସାରର ବାଟ ଚାଲିଥା'ନ୍ତି, ଯାହାଙ୍କୁ ନେଇ ମୁଁ ଅସୁମାରୀ ସ୍ୱପ୍ନ ଦେଖିଥିଲି , ସେ ଅତି ନିର୍ଦ୍ଦୟ ଭାବରେ ମୋ ଠାରୁ ଦୂରେଇ ଗଲେ । ଗଲାବେଳେ ବୁଢୀ ମା'ଟିକୁ ବି ଏକଲା କରି ଚାଲିଗଲେ । କାଶ୍ମୀରର ଏକ ଅପରେସନରେ ଟେରୋରିଷ୍ଟଙ୍କ ନିର୍ଦ୍ଦୟତାରେ ସେ ଶହୀଦ ହୋଇଗଲେ । ବାପାମା'ଙ୍କୁ ହରାଇ ମୁଁ ଯେତେ ଭାଙ୍ଗି ପଡିନଥିଲି , ସେ ଖବର ପାଇଲା ପରେ ସେଦିନ ମୋ ଆଖିରୁ ଲୁହ ଝରୁନଥିଲା । ଝରୁଥିଲା ପଳପଳ ଲହୁ । ମୋତେ ଧୈର୍ଯ୍ୟ ଧରିବାକୁ ସାହସ ଦେଉଥିବା ବୁଢୀଲୋକଟାକୁ ଅନୁରୂପ ବାକ୍ୟ ଫେରେଇବାକୁ ମୁଁ ସେଦିନ ତାଙ୍କ ଘରକୁ ଯାଇଥିଲି । ପୁଅର ମୃତ୍ୟୁ ଖବର ଶୁଣି ଜନ୍ମକରା ମା'ଟା ଗୋଟେ ନିଷ୍ଭ୍ରାଣ ପଥର ମୂର୍ତ୍ତୀଟି ପରି ସମସ୍ତଙ୍କୁ ଖାଲି ବଲବଲ କରି ଚାହୁଁଥିଲା । ମୋ ଆଖିର ଆଉ ଲୁହ

ନଥିଲା ତାଙ୍କ ଦୁଃଖକୁ ଧୋଇଦେବା ପାଇଁ ।

ସେବେଠାରୁ ସେ ପୁତ୍ରହରା ଅସହାୟ ମା'ଟି ମୋ ଜିମାନତରେ ଅଛି । ସାନଭାଇକୁ ବାହାଚୁରା କରାଇ ଦେଇଛି । ଭବାନୀପାଟଣାରେ ବ୍ୟାଙ୍କରେ ଚାକିରୀ ପାଇଛି । ବାହାଘର ପରେ କେବେ କେମିତି ମୋ ପାଖକୁ ଆସୁଥିଲା । ତିନିବର୍ଷ ହେବ ଆଉ ଯା'ଆସ କରୁନି । ତା'ଟେଲିଫୋନ ନମ୍ବର ବି ଯା' ଭିତରେ ବଦଳି ଯାଇଛି ।

ମୋତେ ଲାଗୁଥିଲା ସତେ ଯେମିତି ମୁଁ ନାଟକର ଗୋଟେ ଟ୍ରାଜେଡି ସିନ୍ ଦେଖିବାରେ ତଲ୍ଲୀନ ହୋଇ ଯାଇଛି ।

ମୌସୁମୀ ମାଡାମଙ୍କ ଠାରୁ ବିଦାୟ ନେଇ ଆସିଲା ବେଳକୁ କହିଲି- ସତରେ ଏତେବଡ ସଂସାରରେ ଏକାଏକା ଚାଲିବାକୁ ଆପଣଙ୍କୁ ଭୟ ଲାଗେନି ?

ଖୁବ୍ ସହଜ ଭାବରେ ସେ କହିଲେ- ଯୂଇରେ ଶୋଇଥିବା ମଣିଷର ଭୟ କ'ଣ ?

ସାମନ୍ତରାୟପୁର, ତିହିଡି, ଭଦ୍ରକ
ମୋ: ୮୨୪୯୭୨୧୦୪୪

❐❐❐

ନିରୁଚ୍ଚାରିତ ଯଂତ୍ରଣା

● **ବୈରାଗୀ ଚରଣ ନାୟକ**



ବାପା ତ ବହୁତ ସ୍ୱପ୍ନ ଦେଖିଥିଲେ । ତାଙ୍କର ସେହି ଲମ୍ବା ରଙ୍ଗୀନ୍ ସ୍ୱପ୍ନ ସହିତ ସବୁବେଳେ ସାମିଲ ହୋଇଥିଲା ବୋଉ । ସେମାନଙ୍କର ଏମ୍.ସି.ଏ. ପଢୁଆ ଝିଅ କିପରି ସୁଖରେ ରହିବ ସେଥିପାଇଁ ଜଣେ ଉଚ୍ଚ ବେତନଭୋଗୀ, ଜଣେ ଯୋଗ୍ୟ ଆଇ.ଟି. ଇଂଜିନିୟରଙ୍କୁ ଜ୍ୱାଇଁ ଭାବେ ଠିକଣା କରିଥିଲେ । ଏଭଳି ଏକ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନ ରାସ୍ତାକଡ଼ରେ ଥିବା ତାଙ୍କର ଖୁବ୍ ମୂଲ୍ୟବାନ ଏକ ଏକର ଜମିକୁ ବାପା ତିରିଶ ଲକ୍ଷ ଟଙ୍କାରେ ବିକ୍ରୟ କରିଦେଇ ଥିଲେ ।

ତାଙ୍କ ଜ୍ୱାଇଁ ଅବିନାଶ ମିଶ୍ର ବେଙ୍ଗାଲୁରୁରେ ଗୋଟିଏ ନାମକରା ଆଇ.ଟି. କଂପାନୀର ଉଚ୍ଚ ବେତନପ୍ରାପ୍ତ ଇଂଜିନିୟର । ଅବିନାଶଙ୍କ ବାପା ଥିଲେ ଜଣେ ସିଭିଲ୍ ସପ୍ଲାଏ ଅଫିସର୍ । ଚଉତ୍ରିଶ ବର୍ଷ ଚାକିରୀର ଅବଧି ଭିତରେ ତାଙ୍କ ରୋଜଗାର ନିର୍ମିତ ଏକ ଦୁଇମହଲା କୋଠାଘରେ ନିଜ ପରିବାର ସହ ସେ ଭୁବନେଶ୍ୱରରେ ରହନ୍ତି ।

ଲୋପାମୁଦ୍ରା ଯେଉଁଦିନ କନିଆଁ ବେଶରେ ତା' ବାପା, ରୁଗୁଣା ମା'କୁ ତାଙ୍କ ଭଦ୍ରକ ଘରେ ଛାଡ଼ି ଷୋଳନମ୍ବର ଜାତୀୟ ରାଜପଥଦେଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କଲା, ସେଦିନ ତା' ଦୁଇଆଖିରୁ ଅମାନିଆଁ ଲୁହ ତା' ନୂଆ ପୋଷାକ ଉପରେ କେମିତି ଲେସି ହୋଇ ଯାଇଥିଲା । ଲୁହଭର୍ତ୍ତି ଆଖିଦୁଇଟାକୁ ରାସ୍ତା ଠିକ୍ ସେ ଦେଖା ଯାଉ ନ ଥିଲା ।

ଗାଡ଼ି ଛୁଟିଥିଲା ଭୁବନେଶ୍ୱର ଆଡ଼େ । ବହୁ ପଛରେ ରହିଯାଇଥିଲା ତା'ର ପ୍ରିୟ ସହର ଭଦ୍ରକ, ତା ସ୍ୱପ୍ନର ମାଟି । ସମ୍ଭାବନାର ସାଲନ୍ଦୀ ନଈ । ସେହି ମାଟିରେ ସେ ଆଜକୁ ପଚିଶବର୍ଷ ତଳେ ଜନ୍ମ ହୋଇଥିଲା । ସରସ୍ୱତୀ ଶିଶୁମନ୍ଦିର ଠାରୁ ଭଦ୍ରକ କଲେଜରେ ପ୍ଲସଟୁ ସାଇନ୍ସ ଶେଷ କରିବା ଯାଏ ତା' ବାସ୍ତବ ଜୀବନର କେତେ

ଘୋଷରା ଜୀବନଚର୍ଯ୍ୟା, କେତେ ଉଠ୍-ପଡ଼, କେତେ ଉତ୍‌ଥାନ- ପତନ ସେଠିଥିଲା ଜୀବନ୍ତ, ପ୍ରସ୍ଫୁଟିତ । ଜଣେ ମେଧାବୀ ଛାତ୍ରୀ ଭାବେ ବାପା- ବୋଉ, ଶିକ୍ଷକ- ଶିକ୍ଷୟିତ୍ରୀ, ଅଧ୍ୟାପକ - ଅଧ୍ୟାପିକା ଆଉ ସାଙ୍ଗସାଥୀମାନଙ୍କ ଭିତରେ କେମିତି ତା'ର ଆଦର ଥିଲା ।

ସେ ଆଜି ଏହି ଗାଡ଼ି ଭିତରେ । ପାଖରେ ବସିଛନ୍ତି ତା'ର ସ୍ୱାମୀ ଅବିନାଶ ମିଶ୍ର । ଛ' ଫୁଟ ଉଚ୍ଚା, ଚିକ୍ ଚିକ୍ ଗୋରା ସତେଇଶି ବର୍ଷର ସୁନ୍ଦର ସୁଦର୍ଶନ, ଯୁବକ । ସ୍ୱାମୀଙ୍କର ଆକର୍ଷଣୀୟ ଚେହେରା, ଆପଣାର ଭାବ ଭିତରେ ବି କେମିତି ଏକ ଆକୁଳ ନିଃସଙ୍ଗତା ତାକୁ ଆବୋରି ବସିଥିଲା । ସେ ଏକ ବିଭୋର ମନ ନେଇ ଖୋଜୁଥିଲା ଅତୀତର ସାନ୍ନିଧ୍ୟ । ତା' ଜନ୍ମମାଟିର ବାସ୍ନା ତାକୁ ଆନ୍ଦୋଳିତ କରୁଥିଲା । ଆଜି କେମିତି ବିତିଯିବାକୁ ବସିଛି ତା' ଝିଅ ଜୀବନର ମଧ୍ୟାନ୍ତର । ଆସନ୍ତା କାଲିଠୁ ସେ ଜୀଇଁବ ତା' ଜୀବନର ଦ୍ୱିତୀୟ ଅଧ୍ୟାୟ । ଚମକି ଉଠିଲା ସେ । ଦେଖାଯାଉ ଏବେ କ'ଣ ହେଉଛି ତା' ଜୀବନ ପ୍ରବାହ । ଯଦିଓ ସେ ଜାଣେ ପ୍ରତ୍ୟେକ ମଣିଷର ଜୀବନ ବ୍ୟକ୍ତିଗତ ସ୍ତରରେ ସଂପୂର୍ଣ୍ଣ ଭିନ୍ନ । କେହି ନିଜ ଜୀବନକୁ ଅନ୍ୟ କାହାରି ଜୀବନ ଭିତରେ ଖୋଜି ପାଇପାରେନା । କାହାରି ଜୀବନ କାହା ଭିତରେ ପ୍ରତିରୋପିତ ହୋଇପାରେନା । ଯଦିବା କେହି ନିଜ ଜୀବନର ଚିତ୍ର ଅନ୍ୟ ଜୀବନ ଭିତରେ ଦେଖିବାକୁ ଚେଷ୍ଟା କରେ ତା' ହେଲେ ସେ ନିରାଶ ହୁଏ ।

ଇମିତି ତିନିଟି ରାତି ବିତିଯାଇଛି । ଆଜି ଚତୁର୍ଥୀ । ବାସରରାତି । ବହୁ ପ୍ରତୀକ୍ଷିତ ହନିମୁନ୍ ନାଇଟ୍ । ଏହି ରାତିର ଉଦ୍ଦାମତା ବିବାହିତ ପୁଅ- ଝିଅଙ୍କ ଭିତରେ କେତେ ସ୍ୱପ୍ନ ଭରିଦିଏ । ଏହି ରାତିରେ ଦୁଇଟି ଅଚିହ୍ନା ମନ ଆଉ ଦେହର ହୁଏ କିଛି ଦିଆନିଆ । କିଛି ଆଦାନ - ପ୍ରଦାନ । ମନ ଭିତରେ ଥରି ଉଠେ ରାତିର ଗଭୀରତା । ନିବୁଜ କୋଠରୀ ଭିତରେ ବି ସୃଷ୍ଟିହୁଏ ଜହ୍ନରାତିର ମାୟା । ଶୀତ ରାତିର କମ୍ପନ । ଓଡ଼ିଆ ଘରର ରୀତିନୀତି ଭିତରେ ଏହା ଏକ ପବିତ୍ର ରାତି ।

ସେ ଏମ୍.ସି.ଏ. ପଢୁଥିବାବେଳେ ତାର କେତେକଣ ବିବାହିତା ସାଙ୍ଗ ଠାରୁ ଶୁଣିଛି ଏ ରାତିର କାହାଣୀ । ଏ ରାତିର ଆବେଗ ତାକୁ ଯେ ରୋମାଞ୍ଚିତ କରୁ ନ ଥିଲା ବା ଆଜି ଏହି ମୁହୂର୍ତ୍ତରେ ସେ ରୋମାଞ୍ଚ ତା'ର ନାହିଁ ବୋଲି ସେ ଯଦି କହେ, ତା' ହେଲେ ସେ ନିଜକୁ ନିଜେ ମିଛ କହୁଛି ବୋଲି ବୁଝିବାକୁ ହେବ । ନାରୀର ସ୍ୱାଭାବିକ

ଧର୍ମ ସଂସ୍କାରପ୍ରାଣତା ହେଲେ ହେଁ ପ୍ରବୃତ୍ତିଗତ କାମନାବାସନାକୁ ଶୃଙ୍ଖଳରେ ବାନ୍ଧି ରଖିବା ସମ୍ଭବ ନୁହେଁ ।

ରାତି ଗୋଟିଏ ହେଲାଣି । ବେଡ୍‌ରୁମ୍‌ର ଗୋଟିଏ କୋଣରେ ପଡ଼ିଥିବା ସୋଫା ଉପରେ ବସିଛି ଲୋପାମୁଦ୍ରା । ଗଭୀର ନିଦରେ ଘୁଙ୍ଗୁଡ଼ି ମାରୁଥିଲେ ଅବିନାଶ ମିଶ୍ର । ନିଦ ଯେମିତି ଆଜି ରାତିରେ ଆଉ ଭାଙ୍ଗିବନି । ଚଟାଣରେ ଥୁଆ ହୋଇଥିବା ପିତଳ ଦୀପର ଲମ୍ବା ସଳିତାଟା ସେମିତି ଜଳି ଚାଲିଥିଲା । ଆଜିର ଏହି ରାତିକୁ ନେଇ ତାଙ୍କ ଭିତରେ କିଛି ଉନ୍ମାଦନା ନାହିଁ । ସତେ ଯେମିତି ଅବିନାଶ ମିଶ୍ରଙ୍କର ଏ ରାତି ସହିତ କିଛି ସଂପର୍କ ନାହିଁ । କିଛି ହେଲେ ସଂପର୍କ ନାହିଁ ତାଙ୍କ ନବବିବାହିତା ପତ୍ନୀଙ୍କ ସହିତ ।

ଲୋପାମୁଦ୍ରା ନିଃସଙ୍ଗତା ଆଉ ଅସହାୟତା ଭିତରେ ରାତିରେ ଗଭୀରତାକୁ ଅନୁଭବ କରୁଥିଲା । ଆଜିର ରାତିକୁ ନେଇ ତାର ସବୁ ସ୍ୱପ୍ନ ଆଉ ସମ୍ଭାବନା କେମିତି ରୁଗ୍‌ଣ ପାଲଟି ଯାଉଛନ୍ତି । ଆଜିର ଏହି ରାତିକୁ ନେଇ ଲୋପାମୁଦ୍ରା ଭିତରେ ସୃଷ୍ଟି ହୋଇଥିବା ଆକର୍ଷଣ ଏବଂ ଏବେର ବିକର୍ଷଣର ସଂଘାତ କେମିତି ତାକୁ ତିଳ ତିଳ କରି ଜାଳୁଥିଲା । ସେ ଯାହା ଖାଲି ଜଳୁଥିଲା ଦେହ ଆଉ ମନର ଯନ୍ତ୍ରଣାରେ । ବେଦୀ ଉପରେ ମିଳିଥିବା ସମସ୍ତ ଧାର୍ମିକ ସ୍ୱୀକୃତି କେମିତି ଓଲଟପାଲଟ ହୋଇଯାଇଥିଲା ।

କୁଆ କା' କା' ରାବିଲା । ରାତି ପାହିବାର ସଂକେତ । ଲୋପାମୁଦ୍ରା ଆଖିରେ ଟିକେ ହେଲେ ନିଦ ନାହିଁ । ତାର ଆକୁଳ ନିଃସଙ୍ଗତା, ସାରାରାତି ସଂପର୍କର ସାନ୍ନିଧ୍ୟ ଖୋଜି ଖୋଜି ଗୋଟାଏ ଭଙ୍ଗା ବେହେଲାର ରାଗହୀନ, ତାଳହୀନ ବେସୁରା ରାଗିଣୀରେ ପରିଣତ ହୋଇଛି ।

ସକାଳ ସାତଟାରେ ଫୋନ୍ କରି ଚାହା ମଗେଇଲେ ଅବିନାଶ । ଯେମିତି କିଛି ହେଲେ ଘଟିନି । ସବୁ ସ୍ୱାଭାବିକ ଢ଼ଙ୍ଗରେ ଚାଲିଛି ।

ଘରର ଚାକର ପିଲା ଗୌରାଙ୍ଗ ଚାହା ଦୁଇକପ୍ ଧରି ପହଞ୍ଚିଲା । ଅବିନାଶ ଗୋଟାଏ କପ୍ ନିଜ ଓଠ ପାଖକୁ ଉଠାଇ ନେଉ ନେଉ କହିଲେ - "ତୁମ ଚାହା ନିଅ ଲୋପା ।" ସବୁ ଯେମିତି ସ୍ୱଚ୍ଛନ୍ଦ ଗତିରେ ଚାଲିଛି । ଭାବୁଥିଲା ଲୋପାମୁଦ୍ରା ଛଳନାର ଗୋଟାଏ ସୀମା ଅଛି । ଆହୁରି ଭାବୁଥିଲା, କ'ଣ ହୋଇଛି ଅବିନାଶଙ୍କର ? ଗତ

ରାତିଟାକୁ ଇମିତି ପାଦରେ ଦଳିଦେବାରେ କ'ଣ ଅର୍ଥ ଥାଇପାରେ ? ଚାହା ଦେବାରେ ବର୍ତ୍ତମାନର ଯେଉଁ ସହାନୁଭୂତି ତାହା ନିଷ୍ଫଳ, ଯଂତ୍ରଣାଦାୟକ ।

ତଥାପି ନିଜର ସମସ୍ତ ଯଂତ୍ରଣାସିକ୍ତ ଭାବନାକୁ ଚାପି ଚାହା ପିଇଲା ଲୋପାମୁଦ୍ରା । ଅପେକ୍ଷା ଯେତେ ଯଂତ୍ରଣାଦାୟକ ହେଲେ ବି ସେ ଅପେକ୍ଷା କରିବ । ଗୋଟାଏ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିବ ସେ, ଧୈର୍ଯ୍ୟ ହିଁ ଶକ୍ତି ।

ଚତୁର୍ଥୀ ପରଦିନ ରାତି । ବଂଧୁବାଂଧବମାନଙ୍କ ଗହଳି ଧୀରେ ଧୀରେ କମି କମି ଆସୁଛି । ଲୋପାମୁଦ୍ରା ଅପେକ୍ଷା କରିଛି ରାତିର ଗଭୀରତାକୁ । ଦେଖାଯାଉ କେମିତି ଆସୁଛି ଆଜିର ଏହି ରାତି ।

ରାତି ଆସିଲା । ଘରେ ଚାରିଆଡ଼ ନିଶ୍ଚଳ, ନିସ୍ପନ୍ଦ । ପ୍ରାୟ ସମସ୍ତେ ଶୋଇଗଲେଣି । ରୁମ୍‌ରେ ସେ ଏକା । ଅବିନାଶଙ୍କର ଦେଖାନାହିଁ । ଲୋପାମୁଦ୍ରା ଶୋଇଥିବା ରୁମ୍‌ର କବାଟ ଆଉଜା ହୋଇଛି । ରାତି ବାରଟା ଡେଇଁଲା । କାହିଁ ଅବିନାଶ ଏ ପର୍ଯ୍ୟନ୍ତ ତ ଆସିଲେ ନାହିଁ । ରାତିର ଗଭୀରତାର ତୀବ୍ରତା ସହିତ ନିଃଶେଷ ହୋଇଯାଉଥିଲା ଲୋପାମୁଦ୍ରାର ସ୍ୱପ୍ନବିଜଡ଼ିତ ସମସ୍ତ ଆଶା - ଆକାଂକ୍ଷା ।

ଚତୁର୍ଥୀ ରାତି ପରି ପଞ୍ଚମ ରାତିଟି ବି ସେମିତି ବିତିଗଲା । ଅବିନାଶଙ୍କର କିଛି ଖୋଜ ଖବର ନାହିଁ । ଲୋପାମୁଦ୍ରାକୁ ସବୁଗୁଡ଼ା କେମିତି ଅଡୁଆ ଅଡୁଆ ଲାଗୁଥିଲା । ବାହୁଡ଼ା ରାତିକୁ ମିଶେଇଲେ ସେ ଏଠିକୁ ଆସିବାର ଆଜି ଚତୁର୍ଥ ଦିନ । ତା'ର ଇଚ୍ଛା ହେଉଥିଲା ଆଜି ଚିତ୍କାର କରିବାକୁ । ଶ୍ୱଶୁର ଶାଶୁଙ୍କୁ ପଚାରିବାକୁ ତାଙ୍କ ପୁଅର ଢଙ୍ଗ କ'ଣ ? ସେ କାହିଁକି ତାକୁ ବିଭା ହେଉଥିଲେ ?

ହଠାତ୍ ଡାଇନିଙ୍ଗରୁ କେହି ଜଣେ କିଛି କହୁଥିବାର ଶୁଣିଲା ସେ - "ଦେଖ ନୂଆବୋଉ । ତୁମ ପୁଅ କଥା ତ ତୁମେ ଭଲ ଭାବେ ଜାଣିଛ । ତା'ପରେ ପର ଝିଅଟାକୁ କାହିଁକି ଏଠିକୁ ନେଇ ଆସିଲ ?"

ଶାଶୁଙ୍କ ଧୀର ଗଳାର ଉତ୍ତର - "ଭାବିଥିଲି, ସେ ଠିକ୍ ହୋଇଯିବ ସୁରମା ।"

ଲୋପାମୁଦ୍ରା ଜାଣିଲା ତା' ପୀୟୂସୀ ଶାଶୁ ସୁରମା ଅପା ତା' ଶାଶୁଙ୍କ ସହିତ କଥା ହେଉଥିଲେ । ସୁରମା ଅପା ଟିକେ ଉତ୍ତେଜିତ ସ୍ୱରରେ କହିଲେ - 'ନୂଆବୋଉ ତୁମେ କ'ଣ ଗୋଟାଏ ଝିଅର ଜୀବନକୁ ନେଇ ଇମିତି ପରୀକ୍ଷା ନିରୀକ୍ଷା କରିବାକୁ ଚାହୁଁଛ ? ତା' ବାପା ମା'ଙ୍କର ଗୋଟିଏ ବୋଲି ଝିଅ ସିଏ । କେତେ ଆଶା,

ଆକାଂକ୍ଷା ଆଉ ସ୍ୱପ୍ନନେଇ ସେମାନେ ଜଣେ ଇଂଜିନିୟର ଜ୍ୱାଇଁ କରିଛନ୍ତି । କ'ଣ ହେବ ତାଙ୍କ ଝିଅର ? ତୁମେ କ'ଣ ତୁମ ନିଜ ସ୍ୱାର୍ଥ ପାଇଁ ଗୋଟିଏ ଝିଅକୁ ବଳିଦେଇଦେବ ? ତୁମେ କ'ଣ ଭାବିଛ ଭାଉଜ, ତୁମ ପୁଅ ବଦଳିଯିବ ? ଇମ୍ପୋସିବ୍ଲ- ଚତୁର୍ଥୀ ରାତିରେ ତୁମ ପୁଅ ନିଦରେ ଘୁଙ୍ଗୁଡ଼ି ମାରୁଥିବାବେଳେ ଝିଅଟା ସାରାରାତି ସୋଫାରେ ବସି ରହିଛି । ପଞ୍ଚମ ରାତିରେ ତୁମ ପୁଅ ରାତି ବିତାଇଛି ତା'ର ଜଣେ ପୁରୁଷବନ୍ଧୁ ସହିତ ।"

ଶାଶୁଙ୍କ ସ୍ୱରରେ କେମିତି ବ୍ୟତିବ୍ୟସ୍ତତା- "ଆହାଃ, ତୁମେ ଟିକେ ଚୁପ୍‌ରୁହ ସୁରମା ।"

ଅବଶ୍ୟ ସୁରମା ଅପା ଚତୁର୍ଥୀ ପରଦିନ ଲୋପାମୁଦ୍ରା ଠାରୁ ସବୁକଥା ବୁଝି ନେଇଥିଲେ । ଖୁବ୍ ବ୍ରୋର୍ଡ଼ ଲାଗନ୍ତି ସୁରମା ଅପା । ଅବିନାଶଙ୍କ ପୀଉସୀ ସୁରମା ଅପା ଗୋଟିଏ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପିକା ଭାବେ କାର୍ଯ୍ୟ କରନ୍ତି ।

ଷଷ୍ଠ ରାତିରେ ଲୋପାମୁଦ୍ରା ଭେଟିଲା ଅବିନାଶଙ୍କୁ । ଲୋପାମୁଦ୍ରାର ଚାହାଣୀର ତୀକ୍ଷ୍ଣତା ଅବିନାଶଙ୍କ ମନରେ କେମିତି ଏକ କାକୁସ୍ଥଭାବ ସୃଷ୍ଟି କରିଥିଲା । ସେ ହଠାତ୍ ଲୋପାମୁଦ୍ରାର ପାଖକୁ ଆସି ତା'ର ଦୁଇହାତକୁ ଧରିନେଇଥିଲେ ।

'ମୋତେ କ୍ଷମାକର ଲୋପାମୁଦ୍ରା । ମୁଁ ନିରୁପାୟ । ଅସହାୟ । ତୁମ ପାଇଁ କିଛି ହେଲେ କରିପାରୁନାହିଁ । ଆମେ ଦୁହେଁ ସବୁଦିନ ବନ୍ଧୁ ଭାବେ ରହିପାରିବା ।"

ଚିତ୍କାର କରି ଉଠିଲା ଲୋପାମୁଦ୍ରା- "ଚୁପ୍, ଚୁପକର ଅବିନାଶ ମିଶ୍ର । ମୋ' ବାପା ମୋତେ ତୁମର ଜଣେ ବନ୍ଧୁ ଭାବେ ଏଠି ରହିବାକୁ ପଠେଇ ନାହାନ୍ତି ବରଂ ବେଦୀ ଉପରେ ତୁମ ଧର୍ମପତ୍ନୀର ସ୍ୱୀକୃତି ପାଇ ମୁଁ ଏଠାକୁ ଆସିଛି । ପ୍ରକୃତରେ ତୁମେ ଆମର ଏହି ବିଭାଘରକୁ ଜଷ୍ଟିସ ଦେଇପାରିନ ।"

ଲୋପାମୁଦ୍ରା ଭିତରେ ପ୍ରଚଣ୍ଡଝଡ଼ । ଶତଶତ ଆଗ୍ନେୟଗିରିର ଉଦ୍‌ଗୀରଣ । ଅବିନାଶଙ୍କ ପ୍ରତି ଘୃଣା । ଅବିନାଶ ତା' ଜୀବନ ସହିତ ଖେଳିଛନ୍ତି । ତା' ସହିତ ବିଶ୍ୱାସଘାତକତା କରିଛନ୍ତି । ପ୍ରକୃତିର ଶୃଙ୍ଖଳା ବିରୋଧରେ ରୁଚି ରଖିଥିବା ଲୋକମାନଙ୍କର ବିବାହ ନ କରିବା ଉଚିତ୍ ।

ଲୋପାମୁଦ୍ରା ଖୁବ୍‌ଜୋରରେ ହାତଝାଡ଼ି ଅବିନାଶଙ୍କ ଠାରୁ ଦୂରେଇ ଆସିଲେ ।

ଡ୍ରାଇଭରକୁ ଡାକି ଗାଡ଼ିନେଇ ବାହାରକୁ ବାହାରିଗଲେ । ମିଶ୍ର ପରିବାରର ସମସ୍ତ ଲୋକ କେମିତି ଅବାକ୍ ହୋଇ ରହିଥିଲେ ।

ସୁରମା ଆଗରୁ ଜାଣିଥିଲେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହେବ ବୋଲି । ଫୋନ୍ କରି ମନା କରିଥିଲେ ଅବିନାଶର ବିଭାଘର ପାଇଁ । ଭାଉଜ- ଭାଇ କେହି ହେଲେ ତାଙ୍କ କଥା ଶୁଣି ନ ଥିଲେ । ସୁନ୍ଦର ଶାରୀରିକ ଗଠନଭିତରେ ଅବିନାଶର ଯେଉଁ ପ୍ରବୃତ୍ତିଗତ ତ୍ରୁଟି ଥିଲା ସେ ବିଷୟରେ ଅବିନାଶର ବାପା - ମା' ଆଉ ତା'ର ଏକ ମାତ୍ର ପୀଉସୀ ସୁରମା ହିଁ ଜାଣିଥିଲେ । ପୁତ୍ର ସ୍ନେହରେ ଅନ୍ଧ ଥିଲେ ଅବିନାଶର ବାପା ଶୁଭକାନ୍ତ ଆଉ ମା' ପ୍ରତିମା । ବିଭାଘର ପରେ ପୁଅ ତାଙ୍କର ବଦଳିଯିବ । ଗୋଟିଏ ସୁନ୍ଦରୀ ରୂପବତୀ ଝିଅକୁ ସ୍ତ୍ରୀ ଭାବେ ପାଇଲେ ହୁଏତ ଅବିନାଶର ପ୍ରକୃତିଗତ ପରିବର୍ତ୍ତନ ହେବ ।

ସୁରମାଙ୍କର ଭାଇ- ଭାଉଜଙ୍କର ଚିନ୍ତାଧାରା ଉପରେ ଆଦୌ ବିଶ୍ୱାସ ନ ଥିଲା । ସାଇକୋଲୋଜିର ଅଧ୍ୟାପିକା ଭାବେ ତାଙ୍କର ଦୀର୍ଘ ପଚିଶବର୍ଷର ଅଭିଜ୍ଞତା । ଏଲ୍.ଜି.ବି.ଟି. ଗ୍ରୁପର ଲୋକମାନଙ୍କର ପ୍ରବୃତ୍ତିଗତ ପରିବର୍ତ୍ତନ ହେବା ବହୁ କ୍ୱଚିତ୍ । ଫେସବୁକ୍, ହ୍ୱାଟସଆପ୍, ନେଟଫ୍ଲିକ୍ସ, ହଟ୍‌ଷ୍ଟାର, ଇନ୍‌ଷ୍ଟାଗ୍ରାମ, ସୋପ୍‌ଅପେରା, ଟୁଇଟର ଏବଂ ଇଣ୍ଟରନେଟ୍‌ର ସାଧାରଣ ଭାବେ ଉପଲବ୍ଧି ସମୟରେ ପ୍ରବୃତ୍ତିଗତ ଅକ୍ଷମ ଲୋକମାନଙ୍କ ବିଷୟରେ ଯଥେଷ୍ଟ ପ୍ରଚାର ପ୍ରସାରର ଆବଶ୍ୟକତା ରହିଛି । ଭାବୁଥିଲେ ସୁରମା । ଆହୁରି ବି ଭାବୁଥିଲେ ଆମ ସଂସ୍କୃତି ଆଉ ଚଳନି ଭିତରେ ବିଭାଘର ପୂର୍ବରୁ ମେଡ଼ିକାଲ୍ - ଟେଷ୍ଟକରିବା ତ ସମ୍ଭବ ନୁହେଁ କିନ୍ତୁ କରିବା ଜରୁରୀ ।

ନୟାପଲ୍ଲୀରେ ରହୁଥିବା ତା'ଠାରୁ ଆଠ ବର୍ଷ ସିନିୟର ଛନ୍ଦା ଅପାଙ୍କ ଘରେ ପହଞ୍ଚିଲା ଲୋପାମୁଦ୍ରା, ଲୋପାକୁ ଏତେ ସକାଳୁ ନିଜ ଘରେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଛନ୍ଦା । ପୁଣି ଏବେ ଲୋପାର ବିଭାଘର ଯାଇଛି ।

ଉଭୟ ଭଦ୍ରକ ଝିଅ । ଦୁଇଜଣଙ୍କ ବାପଘର ଖୁବ୍ ପାଖାପାଖି । ଲୋପାମୁଦ୍ରା ଯେଉଁବର୍ଷ ସପ୍ତମଶ୍ରେଣୀ ପାସ୍‌କଲେ, ସେହି ବର୍ଷ ଛନ୍ଦା ବି.ଏ. ପାସ୍ କଲେ । ଦୀର୍ଘ ଆଠ ବର୍ଷର ସିନିୟରଟି ସତ୍ତ୍ୱେ ବି ଛନ୍ଦା ଅପା ତା' ସହିତ ବହୁତ ମିଶୁଥିଲେ । ଆପଣାର କଥା ହେଉଥିଲେ । ଦୁଇଜଣ ମିଶି ଆଚାର ଖାଉଥିଲେ । ଛନ୍ଦା ଅପା ସପିଙ୍ଗ

କରିବାକୁ ଗଲେ ତାକୁ ସାଙ୍ଗରେ ନେଉଥିଲେ । ଲୋପାମୁଦ୍ରାର ପୋଷାକ କିଣାଗଲେ ତା' ବାପା ବୋଉ ଛନ୍ଦା ଅପାଙ୍କୁ ହିଁ ଖୋଜୁଥିଲେ ଚଏସ୍ କରିବାକୁ ।

ଆଜି ସେସବୁ ଅତୀତ ତ ବହୁତ ପଛରେ ପଡ଼ିଯାଇଛି । ବଦଳିଯାଇଛି ଜୀବନର ଗତିପଥ ।

ଛନ୍ଦାଅପା ପଚାରିଲେ - "ଲୋପା । ଆଜି ଏତେ ଶୀଘ୍ର ସକାଳୁ ସକାଳୁ ମୋ' ପାଖକୁ ଗଲି ଆସିଲୁ ଯେ ? କ'ଣ କିଛି ଜରୁରୀ କାମ ପଡ଼ିଗଲା କି ? କହ ତ ମୁଁ ତୋ' କଥା ଆଗ ଶୁଣେ ।"

ଛନ୍ଦା ଅପାଙ୍କୁ ପାଖରେ ପାଇ ଲୋପାମୁଦ୍ରା ଧକେଇ ଧକେଇ କାନ୍ଦୁଥିଲା । ଭଦ୍ରକର ରିଟାୟାର୍ଡ଼ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମାକାନ୍ତ ମହାପାତ୍ରଙ୍କର ଏକମାତ୍ର ଅଲିଅଳୀ ଝିଅ ଲୋପା କାନ୍ଦୁଥିଲା । ତା' ଦୁଇ ଆଖିରୁ ଲୁହ ଝରୁଥିଲା ଧାରଧାର ହୋଇ । ଯେତେ ଚେଷ୍ଟା କଲେ ବି ତା' ଆଖିର ଲୁହକୁ ସହଜରେ ବନ୍ଦ କରିପାରୁ ନ ଥିଲା ସେ ।

ଛନ୍ଦା ଅପା ନିର୍ବାକ, ନିଶ୍ଚଳ ପଥର ମୂର୍ତ୍ତିଟି ପରି ବସି ରହି ଭାବୁଥିଲେ ଆଜକୁ ସାତ ଦିନ ତଳେ ବିଭା ହୋଇଥିବା ଲୋପାର କ'ଣ ଯେ ଇମିତି ଅଘଟଣ ଘଟିପାରେ ! ମଉସା ତ ଭଲଘର ଭଲବର ଦେଖି ଲୋପାର ବିଭାଘର କରିଛନ୍ତି । ଆଜି ସାତଦିନ ଆସନ୍ତାକାଲି ଅଷ୍ଟମଙ୍ଗଳା ।

କିଛି ସମୟ ପରେ କାନ୍ଦ ବନ୍ଦ କରି ଲୋପାମୁଦ୍ରା ସବୁକଥା ତା' ଛନ୍ଦାଅପାକୁ କହିଥିଲା । ଅବଶ୍ୟ ଏଥିରେ ଛନ୍ଦା ଆଦୌ ଆଶ୍ଚର୍ଯ୍ୟ ହୋଇ ନ ଥିଲେ । ତାଙ୍କର ଏହି ଛୋଟଭଉଣୀ ଲୋପାର ଆକସ୍ମିକ ବିପର୍ଯ୍ୟୟ ଭିତରେ ସେ ବି ନିଜ ଜୀବନର ଗୋଳମାଳିଆ ଚିତ୍ର ଦେଖୁଥିଲେ । ତଉଲୁଥିଲେ, କେତେ ଦୂର ଏହି ଦୁଇ ଜୀବନ ଭିତରେ ତାଳମେଳ ରହିଛି । ତାଙ୍କ ଆଗରେ ପୁନର୍ଭାସିତ ହେଉଥିଲା । ତାଙ୍କ ଅତୀତ ଜୀବନର ପୃଷ୍ଠପଟ୍ଟ । ସେଥିରେ ଯେଉଁ ନିଃସଙ୍ଗ କାରୁଣ୍ୟ ଭରି ରହିଥିଲା, ତା' ତ ତାଙ୍କୁ ଦିନେ ମୂର୍ଚ୍ଛାହତ କରିଥିଲା । ସେଠୁ ବି ସେ ସଳଖି ଛିଡ଼ା ହୋଇଥିଲେ । ଖୋଜିଥିଲେ ରାସ୍ତା । ନିଜ ମର୍ମବେଦନାର ବ୍ୟଂଜନା ଭିତରେ ସେ ନିଜ ଜୀବନକୁ ସାଉଁଟିଥିଲେ । ଶେଷରେ ଅଭୂତପ୍ରାୟ ଏକ ଅସଜଡ଼ା ଜୀବନକୁ ସେ ଆବୋରି ନେଇଥିଲେ ।

ଛନ୍ଦାର ଧନୀ ବ୍ୟବସାୟୀ ସ୍ୱାମୀଙ୍କର ଥିଲା ଅଚଳାଚଳ ସଂପତ୍ତି । କଟକ,

ଭୁବନେଶ୍ୱର ଆଉ ପୁରୀରେ ହୋଟେଲ ବ୍ୟବସାୟ । ଚେହେରା ଦେଖିଲେ ତାଙ୍କର ଉତ୍ତଙ୍ଗ ପୌରଷତ୍ୱ କେମିତି ବାରି ହୋଇପଡ଼େ, ହେଲେ ସେ ନାରୀ ପ୍ରତିଥିଲେ ନିସ୍ପୃହ, ଉଦାସୀନ । ଛନ୍ଦା ସହିତ ଦୈହିକ ସଂପର୍କ ସ୍ଥାପନ ପାଇଁ ସଂପୂର୍ଣ୍ଣ ଅକ୍ଷମ । ସେ ଥିଲେ ଜଣେ ଇମ୍ପୋଟେଣ୍ଟ । ଏସବୁ ଜାଣିବା ପରେ ସେଦିନ ଛନ୍ଦା ମଥାରେ ଆକାଶଟା ଛିଡ଼ାପଡ଼ିଲା ପରି ଲାଗିଥିଲା । ଜୀବନକୁ ନେଇ ସବର୍ଙ୍ଗୀନ ସ୍ୱପ୍ନ ମରୀଚିକା ପାଲଟିଗଲା । ନିଜ ଜୀବନକୁ ନେଇ ସେ କେମିତ ହୋଇଗଲା ନିସ୍ପୃହା, ନିର୍ବେଦା, ଉଦାସୀନା ଆଉ ନିରୁଦ୍‌ବିଘ୍ନା । ହଜିଗଲା ଜୀବନର ଉଷ୍ମତା । ଛନ୍ଦହୀନ ଲାଗିଲା ଜୀବନ ।

ହେଲେ ସ୍ୱାମୀଙ୍କର ମିଠା ପ୍ରରୋଚନାରେ କେମିତି ସବୁ ଓଲଟପାଲଟ ହୋଇଗଲା । ନିଜ ସ୍ୱାମୀଙ୍କର ଖୁବ୍ ଘନିଷ୍ଠ ଜଣେ ବିବାହିତ ବନ୍ଧୁଙ୍କ ସହିତ ସଂପର୍କ ସ୍ଥାପନ କଲେ ଛନ୍ଦା । ଅବଶ୍ୟ ଏସବୁ ଘଟିଥିଲା ନିଜ ସ୍ୱାମୀଙ୍କ ଜ୍ଞାତସାରରେ ।

ଆଉ ଆଜି ଷ୍ଟାଣ୍ଡାର୍ଡ଼ ଫାଇଭ୍ ଆଉ ଷ୍ଟାଣ୍ଡାର୍ଡ଼ ଥ୍ରୀରେ ପଢୁଥିବା ଦୁଇଟି ପୁଅ ଝିଅଙ୍କର ସେ ମା' ସୋସାଇଟ୍‌ରେ ନିଜ ବେଦୀବସା ସ୍ୱାମୀଙ୍କୁ ନେଇ ଆଜି ତାଙ୍କ ପିଲାମାନଙ୍କର ପରିଚୟ ସ୍ୱୀକୃତି । ଏବେ ଆତ୍ମଗ୍ଲାନି, ଆତ୍ମଦହନ ଆଉ ପାପବୋଧ ଭିତରେ ସନ୍ତୁଳି ହେଉଥିବା ମଣିଷ ହେଉଛନ୍ତି ଛନ୍ଦାଅପା ।

ସବୁ ଶୁଣିଲା ପରେ ଲୋପାମୁଦ୍ରା କେମିତି ସ୍ତମ୍ଭୀଭୂତ ହୋଇଯାଇଥିଲା । ନିଜ ଦୁଃଖର ଲାଘବ ପାଇଁ ସେ ଧାଇଁ ଆସିଥିଲା ଛନ୍ଦା ଅପାଙ୍କ ପାଖକୁ । ହେଲେ ସେ ତ ତା' ଠାରୁ ବଡ଼ ଦୁଃଖୀ ।

ଦୁଃଖକୁ ସହି ନ ପାରି ନବବିବାହିତା ଲୋପାମୁଦ୍ରା ମହାପାତ୍ର ଆଜି ଖୁବ୍ ବ୍ୟତିବ୍ୟସ୍ତ । ବିବ୍ରତ, ଅସ୍ଥିର, ଦୁଃଖର ବିଷପାନ କରି ଛନ୍ଦାଅପା ଆଜି ଜୀଉଁଛନ୍ତି ଏକ ଭିନ୍ନ ଜୀବନ ।

ଲୋପାମୁଦ୍ରା ଜାଣିପାରୁ ନ ଥିଲା; ଏକ ଅଗ୍ରହଣୀୟ ଜୀବନ ଶୈଳୀକୁ ନେଇ ଛନ୍ଦାଅପାଙ୍କର ତା' ପ୍ରତି କି ପ୍ରକାର ଉପଦେଶ ଥିଲା ।

ଲୋପାମୁଦ୍ରା ଦୃଷ୍ଟିରେ ଛନ୍ଦା ଅପାଙ୍କର ସ୍ୱାମୀ ଆଉ ଅବିନାଶ ଏ ଦୁଇଜଣଙ୍କର ଘାତକ ଜୀବନଶୈଳୀ ଅକ୍ଷମଣୀୟ ଅପରାଧ ।

ଯିବାକୁ ବାହାରିଲା ଲୋପାମୁଦ୍ରା । ତା' ଦୁଇହାତକୁ ଭିଡ଼ିଧରି ଅଟକେଇଲା

ଛନ୍ଦା ଅପା । ସାଉଁଳିଦେଲେ ଲୋପାମୁଦ୍ରାର ଅଲରା ମଥା ଚୂଳକୁ । ଘରର ଚାକରପିଲା ଥୋଇଥିବା କଫି କପ୍‌ଟି ଲୋପା ହାତରେ ଧରେଇ ଦେଇ କହିଲେ ଛନ୍ଦା ଅପା– "ମୋ' ପାଖକୁ ତୁ ଅନେକ ଭରସା ନେଇ ଆସିଥିଲୁ । କିଛିହେଲେ ଆଶ୍ୱସ୍ତି ତୋତେ ମୁଁ ଦେଇପାରିଲିନି । ଟଙ୍କାର ପାହାଡ଼ ଉପରେ ମୁଁ ବଂଚିଛି ଏକ କୁତ୍ସିତ ଜୀବନ ନେଇ । ମୋର ଏହି ସଂସ୍କାର ବିବର୍ଜିତ ଜୀବନ ତୋ' ଜୀବନରେ ଉଠିଥିବା ଝଡ଼ ପାଇଁ ସମାଧାନର ସୂତ୍ର ନୁହେଁ । ମୋ ଠାରୁ ତୁ ବହୁତ ଅଧିକ ପାଠ ପଢ଼ିଛୁ । ତୋ' ଜୀବନକୁ ନେଇ ତୋର ବିଶ୍ଳେଷଣ ନିଶ୍ଚିତ ଭାବେ ନିଖୁଣ ହେବ ।"

ବାହାରକୁ ଆସିଲା ଲୋପାମୁଦ୍ରା । ଡ୍ରାଇଭରକୁ କହିଲା ଭୁବନେଶ୍ୱରରୁ ସିଧା ଗାଡ଼ି ଭଦ୍ରକ ଆଡ଼େ ଚଳେଇବା ପାଇଁ । ଏକ ବିକଳ୍ପ ଜୀବନ ଖୋଜିବା ପାଇଁ ଭଦ୍ରକ ସହରର ତା' ବାପାଙ୍କ ଘର ହିଁ ତା' ପାଇଁ ସର୍ବୋତ୍ତମ ସ୍ଥାନ ।

ଚାନ୍ଦବାଲି, ଭଦ୍ରକ
ଦୂରଭାଷ: ୯୪୩୮୬୩୮୧୧

❐❐❐

ଶୀତକୁ ନେଇ ଚାରୋଟି କୋଲାଜ୍

● ମନୋଜ କୁମାର ପାଣିଗ୍ରାହୀ

। ଗତ ଥର ଶୀତ ।



ଆର ବର୍ଷ ଏତେବେଳକୁ ବାପା କଟକରେ ଭର୍ତ୍ତିଥାନ୍ତି । ବାପାଙ୍କର ସ୍ୱାସ୍ଥ୍ୟ ସୁଧୁରିବାର ନାଁ ନେଉ ନ ଥାଏ । ତଥାପି କାହିଁକି କେଜାଣି ଡାକ୍ତର ମନା କରିବା ସତ୍ତ୍ୱେ ବି ଏକ ଆଶା ବାନ୍ଧିଥିଲା । କେବେ କେବେ ଡାକ୍ତରଖାନା ବାରଣ୍ଡାରେ ଶୀତୁଆ ସକାଳରେ ଖରାରେ ଠିଆ ହୋଇପଡ଼ିଥିଲି ଓ ଶୀତକୁ ଦେଖୁଥିଲି । ବାପାଙ୍କୁ ବେଡ୍‌ରେ କମ୍ବଳ ଘୋଡ଼ାଇ ଦେଲାବେଳେ ଭଲ କି ଦେଖିଛି ଶୀତ ଜାବୁଡ଼ି ଧରିବାର ବାପାଙ୍କ ଦେହକୁ ... ।

ଏବେ ଅଫିସରୁ ଫେରିଲି, କାଲି ଅନଲାଇନ୍‌ରୁ ମଗାଇଥିବା ଜ୍ୟାକେଟ୍ ଭିତରେ ଜୋରରେ ଶୀତ ଜାବୁଡ଼ି ଧରିଛି ମତେ । ଲାଗୁଛି ଯେମିତି ଏ ଜ୍ୟାକେଟ୍ ଓ ଶୀତ ହାତ ଧରାଧରି ହୋଇ ମୋ ମୁହଁକୁ ଦେଖୁଛନ୍ତି । ଏ ବର୍ଷ ଶୀତକୁ ପାଇଛି କିନ୍ତୁ ବାପାଙ୍କୁ ହରାଇଛି... । ଭାବୁଛି ବାପାଙ୍କ ଭଳି ମୁଁ ବି ଦିନେ ଏ ଶୀତର ଅପସନ୍ଦ ହେବିନି ତ... ।

। ଶୀତ ।

ଏଥର ଶୀତ କମିଛି କିନ୍ତୁ ସହରରେ ଶୀତଷ୍ଟଲ ବଢିଛି । ସେଇ ଶୀତ ଷ୍ଟଲ ପାଖେ ଭିକମାଗୁଥିଲା ବେଳେ ବୁଢ଼ୀ ହାତକୁ ୨ଟଙ୍କିଆ କଏନ ବଢାଇଲା ବେଳେ ଦୋକାନୀ ଭଲିକି ଦେଖୁଛି ତା ସାଥିରେ ଥିବା ଫୁଙ୍ଗୁଳାପୁଅଟି ଟଙ୍ଗା ହୋଇଥିବା ଜ୍ୟାକେଟକୁ ଠାରିବାରେ... ।

। କାକର ।

ଏବେ କାକର କମିଛି ମର୍ଣ୍ଣିଙ୍ଗ୍‌ୱାକ ବଢିଛି । କିଏ ଜାଣେ ଡାଇବେଟିସରେ ଆକ୍ରାନ୍ତ ହୋଇ ମିଶ୍ରବାବୁ ସେଦିନ ସ୍ୱାସ୍ଥ୍ୟକୁ ଜଗୁଜଗୁ ଜୀବନ ହାରିଦେବେ ବୋଲି.. କୁଆଡେ

ସେଦିନ ସକାଳୁସକାଳୁ କାକରରେ ତାଙ୍କ ଚପଲ ଛିଡ଼ି ରାସ୍ତାରେ ପଡିଗଲା ବେଳକୁ ସାମ୍ନାରୁ ଟ୍ରକ ଚାପିଦେଇଥିଲା... ।


। କୁହୁଡି ।

ଆଜି ବହୁତ କୁହୁଡିରେ ଅବିନାଶ ବସ୍‌କୁ ଅପେକ୍ଷା କରିଲାବେଳେ ତା ପାଖ ଦେଇ ସ୍କୁଟିଟିଏ ସାଇଁକରି ଚାଲିଗଲା । ଝିଅଟି ପଛରେ ବସି ଚାପିଧରିଥିଲା ପୁଅଟିକୁ । ମୁହଁ ବୁଲାଇଲାବେଳକୁ ଅବିନାଶ ଭଲିକି ଜାଣିପାରିଥିଲା ସେ ଝିଅଟି ତା ରଶ୍ମୀ ବୋଲି କାରଣ ସେତେବେଳକୁ କୁହୁଡି ଛାଡିଛାଡି ଆସୁଥିଲା ... ।

ମଙ୍ଗରାଜପୁର, ତିହିଡ଼ି, ଭଦ୍ରକ

ମୋ: ୮୪୬୬୦୨୪୪୬୬

❐❐❐



ଅରକ୍ଷିତ

● ଗଣେଶ ଚନ୍ଦ୍ର ବିଶ୍ୱାଳ

ଆ - ଟି - ଟି ! ସିଂହ ଠାଣିରେ କୁଦି ଆସିବା, ଦି' କିଲୋ ଓଜନର ନାଲି ଟୁକୁଟୁକୁ ଗଞ୍ଜାଟିଏ ! ସତେ ଯେମିତି ତା ଡାକକୁ ଅପେକ୍ଷା କରିଥିଲା । ମୁଠେଇଥିବା ଭାତ ଗୁଣ୍ଡା ଅରକ୍ଷିତ ତଳେ ଥୋଇ ଦେବା । ଅନୁଗତ ଭୃତ୍ୟ ପରି କୃତ କୃତ୍ୟସ୍ୱର ତୋଳି, ଗଞ୍ଜାଟା ଭାତ ସବୁ ଖୁମ୍ପି ଖାଉଥିବ । ଅରକ୍ଷିତ ଗଞ୍ଜାକୁ କୋଳେଇ ନେଇ ଗୁଣୁଗୁଣୁ ହେଇ ସ୍ନେହ କରେ ଶାସନ କରେ, ଏଇଟା ଅରକ୍ଷିତର ନିତିଦିନିଆ ଅଭ୍ୟାସ । ଗଞ୍ଜାଟା ପ୍ରତି ଏକ ଅହେତୁକ ମମତା । ଅରକ୍ଷିତ ଆମ ଗାଁ ସୁଲିବୁଢ଼ୀର ପୁଅ । ଏକୋଇରବାଳା, ପେଟ ରାଣ୍ଡିଆ । ବାପ ମରିବାର ତିନିମାସ ସତର ଦିନ ପରେ ଅରକ୍ଷିତ ଜନ୍ମ । ବୟସ ଦଶ ପୂରି ଏଗାର ଚାଲିଛି । ଅରକ୍ଷିତ ପଞ୍ଚମ ଶ୍ରେଣୀରେ ପଢୁଛି । ଅଭାବୀ ସଂସାର, ଘରଡ଼ିହ ମାତ୍ର ପାଞ୍ଚ ଡ଼ିସିମିଲ । ଚାଷଜମି ଗୁଣ୍ଠ ଶୂନ୍ ବିଶ୍ୱା ନାସ୍ତି । ପରଘରେ ପାଇଟି କରି ସୁଲିବୁଢ଼ୀ ଗୁଜୁରାଣ ମେଣ୍ଟାଏ ।

ଏଇ ଅରକ୍ଷିତ ସୁଲିବୁଢ଼ୀର ସ୍ୱପ୍ନିଳ ଭବିଷ୍ୟତ । ସରକାରୀ ନଥିପତ୍ରରେ ଆମ ଗାଁ ବନ୍ୟାଞ୍ଚଳ ବୋଲି ଘୋଷିତ । ବେଙ୍ଗ ମୁତିଲେ ପାଣି । ଆଠଦିନ ହେଲା ବଢ଼ିପାଣିରେ ଆମ ଗାଁ ଉବୁଟୁବୁ । ବାହାର ଦୁନିଆ ସହିତ ସଂପର୍କ ନାହିଁ । ସଚଳ ପରିବାର ସଂଚିତ ପଦାର୍ଥରେ ପ୍ରାୟତଃ ଚଳିଯାଉଛନ୍ତି, କିନ୍ତୁ ଯେଉଁମାନଙ୍କର ଦାଣ୍ଡରୁ ଗଲେ ହାଣ୍ଡି ଚୁଲିରେ ବସେ, ସେମାନଙ୍କର ଢ଼ୋକେ ପିଇ ଦଣ୍ଡେ ଜୀଇଁବାରେ ସମୟ ଯାଉଛି । ସୁଲିବୁଢ଼ୀର ଅବସ୍ଥା ତା'ଠୁ ବଳି । ବୋଝ ଉପରେ ନଳିତାବିଡ଼ା । ଅରକ୍ଷିତ ଗାଁର ଚଗଲା ପିଲାଙ୍କ ସହିତ ସାଙ୍ଗ ହେଇ ବଢ଼ିପାଣିରେ ପହଁରା ଶିଖୁଥିଲା । ସଂଜକୁ ଭୀଷଣ କମ୍ପଜ୍ୱର । ଔଷଧ କିଣିବାକୁ ସୁଲିବୁଢ଼ୀ ପାଖରେ କାଣି କଉଡ଼ିଟିଏ ବି ନାହିଁ । ଧାର୍‌କରଜ ପାଇଁ କେତେ ଲୋକଙ୍କୁ ନେହୁରା ହେଇଛି । ସବୁଠି ନିରାଶ । ଶେଷରେ ଗାଁ ଦୋକାନୀ ନଣ୍ଟୁ ସାହୁର ହାତ ଓଠ ଧରି ପୁଅ ପାଇଁ ଜ୍ୱର ଔଷଧ, ଅଟା କିଲେ, ଆଳୁ ଅଧାକିଲୋ, ଶାଗୁ ଅଢ଼େଇଶ ଗାଏ ମୋଟ ସତାଅଶୀ ଟଙ୍କାର ସଉଦା ବାକି ଆଣିଲା । କରାଳ ଥିଲା ଗୋଟିଏ ଦିନ ପରେ ବାକି ଶୁଝି ଦେବ । ଚାରିଦିନ ହେଲାଣି, ନଣ୍ଟୁସାହୁ ତିନିଥର

ତାଗିଦା ପଠାଇଲାଣି । ଅରକ୍ଷିତର ଜ୍ୱର ଛାଡ଼ିଯାଇଛି । ଚାରିଦିନ ପରେ ଆଜି ଭାତ ମୁଠେ ମୁହଁରେ ଦେଲା ।

ଦ୍ୱିପ୍ରହର । ମଫସଲର ଗାଧୁଆ ଖାଇବା ବେଳ । ଗାଁଟା ସାରା ହୁରି ପଡ଼ିଲା ଛତର ଦେବାକୁ ସହରୀବାବୁମାନେ ଆସିଛନ୍ତି । ଠାକୁରାଣୀ ମନ୍ଦିର ପାଖ ପଡ଼ିଆରେ ଡଙ୍ଗା ଲାଗିଛି । ଡକାହକା ହେଇ ଲୋକ ଗଲେଣି । ଅରକ୍ଷିତକୁ ଘର ଜଗେଇ ଛତର ଆଣିବାକୁ ଝୁଲାମୁଣି ଧରି ସୁଲିବୁଢ଼ୀ ଧାଇଁଲା । ମୁଣ୍ଡପିଛା ଦି' କିଲୋ ଚାଉଳ, କିଲେ ଚୁଡ଼ା, ତିନିଶହ ଡାଲି, ଅଢ଼େଇଶ ଗୁଡ଼, ଦଶଟଙ୍କିଆ ବିସ୍କୁଟ୍ ପକେଟ ବଣ୍ଟାଗଲା । ସୁଲିବୁଢ଼ୀ ଖୁସିରେ ଫାଟି ପଡୁଛି । ଯା'ହଉ ଠାକୁରେ ଚାରିପାଞ୍ଚଦିନ ପାଇଁ ଦୁଃଖ ଘୁଞ୍ଚେଇ ଦେଲେ । ବେଳ ରତରତକୁ ସୁଲିବୁଢ଼ୀ ଘରକୁ ଫେରିଲା । ଅରକ୍ଷିତ ଦାଣ୍ଡପିଣ୍ଡାରେ କନ୍ଥା ଘୋଡ଼େଇ ଜାକୁଜୁକି ହେଉ ଶୋଇଛି । ସ୍ୱେଚ୍ଛାସେବୀମାନଙ୍କୁ ବଣ୍ଟାବଣ୍ଟିରେ ସାହାଯ୍ୟ କରୁଥାଏ ଆମ ୱାର୍ଡ଼ମେମ୍ବର ଛୁଟା । ଜନ୍ମରୁ ବାଁଗୋଡ଼ଟି ପୋଲିଓ ଆକ୍ରାନ୍ତ । ଭାରି ଚୁଙ୍ଗୁଚୁଙ୍ଗିଆ । ପୁରୁଷେ ଉଞ୍ଚାର ମୂଳିଆ ବାଉଁଶ ଠେଙ୍ଗାରେ ବାଁଗୋଡ଼କୁ ଆଶ୍ରାକରି ଘଣ୍ଟାକେ ଛପନ ମାଇଲ୍ ଆଖିପିଛୁଳାକେ ଘୂରି ଆସିବ । ଆମ ଗାଁର ଭୋଜିଭାତ, କାମକାର୍ଯ୍ୟରେ ଛୋଟାକୁ ଆଗଡ଼ାକରା । ସବୁକାମରେ ଆଗୁସାର ।

ବଣ୍ଟାବଣ୍ଟି ସାରିଲା ବେଳକୁ ମୁହଁ ଅନ୍ଧାର ହେଇଗଲା । ବଳିଥିବା ଜିନିଷ କେତେକ ଛୁଟାକୁ ଧରେଇ ଦେଇ ବାବୁମାନେ ଫେରିଯିବାକୁ ତରତର ହେଲେଣି । ନାଉରିଆ ମନାକଲା । ମେଘ ଉଠାଣିଆ ଧରିଛି । କିଟିମିଟିଆ ଅନ୍ଧାର । ମୁହଁକୁ ମୁହଁ ଦିଶୁନି । ଡଙ୍ଗା ନେଇ ଯାଇ ହବନି । ବାଟରେ ଭୂଆଁ ବୁଲେଇବ । ରାତି ପାହିଲେ ଡଙ୍ଗା ଛାଡ଼ିବ । ଭଦ୍ରଲୋକମାନେ ହତାଶ । ନାଉରିଆଙ୍କର ଡଙ୍ଗାରେ ଚଳିବାର ଅଭ୍ୟାସ ଅଛି । ସବୁ ସଜପଟା ଡଙ୍ଗାରେ ଅଛି । ରାତି ପାହିଲେ ଡଙ୍ଗା ଛାଡ଼ିବ । ଭଦ୍ରଲୋକମାନେ ହତାଶ । ଯେଉଁ ପାଞ୍ଚ ଛଅଜଣ ସ୍ୱେଚ୍ଛାସେବୀ ଆସିଛନ୍ତି ସେମାନଙ୍କ ରହଣି ପାଇଁ ଉପଯୁକ୍ତ ପରିବେଶ ନିହାତି ଦରକାର । ଜଣକୁ ପଚାରି ଛୁଟା ଭଦ୍ରଲୋକମାନଙ୍କର ପରିଚୟ ଜାଣିଗଲାଣି । ସମସ୍ତେ ମାନ୍ୟଗଣ୍ୟ ଘରର ପିଲା । ମନ୍ତ୍ରୀ, ଏମ୍.ଏଲ୍.ଏ ଓ ନେତାଙ୍କ ପୁଅ ବି ଅଛନ୍ତି । ରହିବା ପାଇଁ ସ୍କୁଲ ଘର ବ୍ୟବସ୍ଥା ହେଲା । ଭଦ୍ରଲୋକ କିପରି ଭଲରେ ରହିବେ, ଗାଁର ବଦନାମ ନହବ, ସବୁ ଦାୟିତ୍ୱ ଛୁଟା ସବୁ ଯୋଗାଡ଼ କରିଦେଲା । ବାବୁମାନେ ରାତିରେ ଖାଇବେ କ'ଣ ? ବଡ଼ କାକୁସ୍ଥ ହେଇ ଛୁଟା କହିଲା, ଆଜ୍ଞା ! ପନିପରିବା ଆମ ଏଠି ମିଳେ ନାହିଁ । ଖାଲି ଯାହା ଡାଲି, ଆଳୁ ।

ଭଦ୍ରଲୋକଙ୍କ ଭିତରୁ ମୋଟା ପେଟୁଆ ଲୋକଟି ଚିରାଡ଼ି ଉଠିଲା । ଫୁ... ଡାଲି, ଆଳୁ ଭାତ ଖାଇ ଶୋଇବୁ ? ? ବରଂ ଉପାସ ଶୋଇବା ଭଲ । ପରସ୍ପର ମଧ୍ୟରେ କଥା କଟାକଟି ପରେ ସିଦ୍ଧାନ୍ତ ହେଲା- ଗାଁରେ ଯଦି କୁକୁଡ଼ା ମିଳେ, ମାଂସ ପରଟା ନ ହୁଏତ ଆଳୁକଷା ପରଟା ହେବ । ସମିତିସଭ୍ୟାଙ୍କ ପୁଅ ଚଟାଙ୍ଗକିନା ପକେଟରୁ ଦି'ଟା ପାଆଁଶ ଟଙ୍କିଆ ନୋଟ୍ କାଢ଼ି ଛୁଟାକୁ ଧରେଇ ଦେଲା । ହଜାରେ ଟଙ୍କା ପକେଟରେ ରଖି ବୀର ଦର୍ପରେ ଛୁଟା ବାହାରିଗଲା କୁକୁଡ଼ା ସନ୍ଧାନରେ । ପ୍ରଥମେ ସୁଲିବୁଢ଼ୀ ଘରକୁ ଯାଇ କବାଟ ଠକ୍ ଠକ୍ କଲା । ସୁଲିବୁଢ଼ୀ ସେତେବେଳେ ଖିଆପିଆ ସାରି ଶୋଇବାକୁ ସଜ ହେଉଥାଏ । ଗୁମୁସିଆ ଜ୍ୱରରେ ଅରିକ୍ଷିତ ବିସ୍କୁଟ୍ ଦି'ଖଣ୍ଡ ଖାଇ ସଂଜ ପହରୁ କନ୍ଥା ଘୋଡ଼େଇ ଶୋଇଛି । ଛୁଟା ପାଟି ଶୁଣି ସୁଲିବୁଢ଼ୀ ଦାଣ୍ଡକୁ ଆସିଲା । ଛୁଟା ଖୁବ୍ ବିକିଳିଆ ହେଇ କହିଲା, "ଜାଣିଛୁ ନୂଆବୋଉ, ଛତର ବାବୁମାନେ ଯାଇପାରିଲେ ନାହିଁ । ସ୍କୁଲ୍ ଘରେ ଅଛନ୍ତି । ଖାଇବା ପାଇଁ ପନିପରିବା କିଛି ମିଳୁନି । ଯେତେ ଟଙ୍କା କହିବୁ ମୁଁ ଦେବି, ତୁ ଗଞ୍ଜାଟାକୁ ମୋତେ ଦେ । ବାବୁମାନେ ଫିଷ୍ଟ କରିବେ ।" ସୁଲିବୁଢ଼ୀ ଫିଡ଼ିକିଲା । ଦୂର୍ ଦୂର୍ ମୁଁ କୁକୁଡ଼ା ବିକିବି ନାହିଁ । ମୋ ଅରକ୍ଷିତର ସେ ଜୀବନ । କୁକୁଡ଼ା ବିକିବା କଥା ସେ ଜାଣିଲେ, ଅରିକ୍ଷିତ ମୁଣ୍ଡ ବାଡ଼େଇ ଦବ । ଛୁଟା ଯେତେ ନେହୁରା ହେଲେ ବି ଗଞ୍ଜା ବିକିବାକୁ ସୁଲିବୁଢ଼ୀ ମହିମଣ୍ଡଳରେ ବସିଲା ନାହିଁ । ଘର ଭିତରକୁ ପଶିଯାଇ କବାଟ ଖିଡ଼ିକି ଧଡ଼କିନା ଦେଇଦେଲା ।

ନିରାଶ, ହତାଶ ହୋଇ ଛୁଟା ଫେରିଲା । ବାଟରେ ନଣ୍ଡୁ ଦୋକାନ । ଶୀର୍ଣ୍ଣ, ବିଷର୍ଣ୍ଣ, ଅବସନ୍ନ ଛୁଟା ନଣ୍ଡୁସାହୁ ଦୋକାନ ବେଞ୍ଚରେ ନୁଥି କିନା ବସି ପଡ଼ିଲା । ଦୋକାନ ବନ୍ଦ କରିବା ପାଇଁ ନଣ୍ଡୁସାହୁ ପାଲା, ବଟକରା ଧୁଆଧୋଇ କରୁଥାଏ । କଣେଇ ଚାହିଁ ପଚାରିଲା, "କ'ଣ କିରେ ଛୁଟା, ଏମିତି ଗୁମ୍ ହେଇ ବସିଲୁ ? ବାବୁମାନଙ୍କ ପାଇଁ କ'ଣ ସବୁ ଖାଇବା ବ୍ୟବସ୍ଥା କଲୁ ?" ଛୁଟା ଲମ୍ବା ନିଶ୍ୱାସଟିଏ ଛାଡ଼ି କହିଲା- "କହନା ନଣ୍ଡୁଆଦା, ସୁଲିବୁଢ଼ୀ ମୋତେ ନାକେଦମ କଲାଣି । ବାବୁମାନେ ରାତିରେ ଉପାସ ଶୋଇବେ । ଆମ ଗାଁର ବଦନାମ ଗାଇବେ । ଶ, ବୁଢ଼ୀର ଗୋଡ଼ ଧରିଲି । ପାଆଁଶ ଟଙ୍କା ଯାଚିଲି, ସୁଲିବୁଢ଼ୀ ରୋକ୍‌ଠୋକ୍ କହିଲା ଗଞ୍ଜା ବିକିବ ନାହିଁ । ହୁଁ, ତା' ପୁଅ ଅରିକ୍ଷିତର ଏଇ ଗଞ୍ଜାଟା କୁଆଡ଼େ ଜୀବନ ।" ଛୁଟା କଥା ଶୁଣି ନଣ୍ଡୁ

ସାହୁର ମୁଣ୍ଡ ଗରମ । ବୁରୁବୁରୁ ହେଇ ଦିଅଖିରି ଭାଷାରେ ସୁଲିବୁଢ଼ୀକୁ ଶୋଧି ପକାଇ କହିଲା, "ହଉ, ହଉ, ମୋତେ ଟଙ୍କା ଦେ, କୁକୁଡ଼ା କଥା ମୁଁ ବୁଝିବି । ତୁ ଏଇଠି ବସି ଥା ।" ଛୁଟା ଠାରୁ ପାଆଁଶ ଟଙ୍କା ଧରି ଲୁଙ୍ଗିଟାକୁ ଭିଡ଼ିଦେଇ ଟର୍ଚ୍ଚ ଧରି ଝପଟି ଗଲା । ସେତେବେଳକୁ ରାତି ପ୍ରାୟ ତିନିଘଡ଼ି ଉପରେ । ନଣ୍ଡୁସାହୁର କୁହାଟ ଶୁଣି ନିଦ ମଳମଳ ଆଖିରେ ସୁଲିବୁଢ଼ୀ କବାଟ ଖୋଲିଲା । ଦୋକାନୀଦାରୀ । ମୁହଁଖୋର୍ ନୀତି ନ ଧରିଲେ ବେଉସା ବୁଡ଼ି ବି । ନଣ୍ଡୁସାହୁ ଆଗ କର୍କଶିଆ ଶବ୍ଦରେ ସୁଲିବୁଢ଼ୀକୁ ଝିଙ୍ଗାସିଲା । ନଣ୍ଡୁସାହୁ ବାକ୍ୟବାଣ ଶୁଣି ସୁଲିବୁଢ଼ୀକୁ ଶୀତ ଲାଗିଲାଣି । ଥରଥର ହାତରେ ଥରି ଥରି ଲୁଗାକାନିରେ ମୁହଁ ଢ଼ାଙ୍କି ଦେଲା । ନଣ୍ଡୁସାହୁ ତିନିଶହ ଟଙ୍କା ସୁଲିବୁଢ଼ୀ ହାତରେ ଗୁଞ୍ଜିଦେଇ ମୁରବୀ ପରି ଆକଟ କରି କହିଲା- " ଧର୍ ଏ ତିନିଶହ ଟଙ୍କା । ତୋ ଦୋକାନ ବାକି ମୁଁ ଛାଡ଼ିଦେଲି । କୁକୁଡ଼ା ବାବଦକୁ ଗାଏ ମୋଟ ତିନିଶହ ସତାଅଶୀ ଟଙ୍କା ତୁ ପାଇଲୁ ।" ସୁଲିବୁଢ଼ୀ ଦାଣ୍ଡରେ । ନଣ୍ଡୁସାହୁ ଭୁଷ୍‌କିନା ଘର ଭିତରକୁ ଗଲିଯାଇ, ବୋଝ ଟେକି ଗଞ୍ଜାଟାକୁ ଧରି ଚଂପଟ । ଫଡ଼ଫଡ଼ ହେଇ ଗଞ୍ଜାଟା ରଡ଼ି ଛାଡୁଥାଏ । ଅରିକ୍ଷିତ ଜ୍ୱର ତାତିରେ କନ୍ଥା ଭିତରେ ମୁହଁ ଘୋଡ଼େଇ ଶୋଇ ତାଗିଦ୍ କରି କହିଲା, "ବୋଉ ! ଗଞ୍ଜାକୁ କଟାସ ନେଇଯିବ, ଆମ ଶୀଳପତା ବୋଝ ଉପରେ ଢ଼ାଙ୍କିଦବୁ ।" ସୁଲିବୁଢ଼ୀର ଛାତି ଥରେଇ ଲମ୍ବା ନିଃଶ୍ୱାସଟିଏ ବାହାରି ଆସିଲା । ଆଖିରୁ ଜକେଇ ଆସୁଥିବା ଲୁହକୁ ଚିରା ପଣତକାନିରେ ଚାପି ଦେଇ ତାଟି କବାଟ କିଳି ପୁଅ ପାଖରେ ଶୋଇପଡ଼ିଲା । ନଣ୍ଡୁ ସାହୁ ଗଡ଼ ଜିତିବା ପରି ଛୁଟା ହାତରେ ଗଞ୍ଜାକୁ ଧରେଇ ଦେଇ ଧଇଁସଇଁ ହେଇ କହିଲା- "ବୁଝିଲୁ'ରେ ଛୁଟା, ହାରାମଜାଦୀ ବୁଢ଼ୀ ବିଲ୍‌କୁଲ୍ ମଙ୍ଗୁ ନ ଥିଲା । ଖଡ଼ଖଡ଼ିଆ ପାଆଁଶ ଟଙ୍କା ବୁଢ଼ୀ ହାତରେ ଯେମିତି ଗୁଞ୍ଜି ଦେଇଛି - ଫଟ୍ କିନା ବୋଝ ଟେକି ଗଞ୍ଜାଟାକୁ ଟୁଙ୍ଗ୍ କିନା ମୋ ହାତରେ ଧରେଇ ଦେଲା ।" ଦି' ଜଣଙ୍କ ହସ କୁରୁଳିରେ ଦୁଲୁକି ଉଠିଲା ଦୋକାନଘର ।

ସଉଦା ପତ୍ର ସାରି କୁକୁଡ଼ା ଧରି ଛୁଟା ସ୍କୁଲରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ଚାରିଘଡ଼ି ଡେଇଁଗଲାଣି । ବାବୁମାନେ ଆଳୁଅ ଜାଳି ତାସ୍ ଖେଳରେ ମାତିଛନ୍ତି । ପାଖରେ ଥୁଆ ହେଇଛି ଦି' ତିନିଟା ଫାଙ୍କା ବୋତଲ । ଖବର କାଗଜରେ ପଡ଼ିଛି କିଛି ଚାଖଣା । ଏବେ କୁକୁଡ଼ା ମରାଯିବ । ରୋଷେଇ ହବ । କୁକୁଡ଼ା ମାରିବା ପାଇଁ ପରସ୍ପର ମଧ୍ୟରେ ଟକରାଟକରି ଲାଗିଲା । ଛୁଟା ସଫା ସଫା କହିଲା - ତା' ବୋଉ

କହିଛି, ମାଂସ ଖାଇବ ପଛେ ଜୀବ ହତ୍ୟା କରିବ ନାହିଁ । ଅଗତ୍ୟା ଭଦ୍ରଲୋକଙ୍କ ଭିତରୁ ସବା ସାନ ଟୋକାଟି ବୀର ପରି କୁକୁଡ଼ା ମାରିବାକୁ କୁଦି ପଡ଼ିଲା । ଖୁବ୍ କାଇଦାରେ ଗଞ୍ଜା ବେକକୁ ବାଁ ହାତରେ ମୁଠେଇ ଧରିଲା । ଗଞ୍ଜାଟିର ଠିକ୍ କାନ ପାଖରେ ଡାହାଣ ଆଙ୍ଗୁଳିରେ କସିକି ଦି' ତିନିଟା ଟିଙ୍କା ଛାଡିଲା । ଗଞ୍ଜାଟି ଫଡ଼ଫଡ଼ ହୋଇ ରଡ଼ି ଛାଡୁଥାଏ । ଠିକ୍ ଏତିକିବେଳେ ଅରକ୍ଷିତର ଚାଉଁକିନା ନିଦ ଭାଙ୍ଗିଗଲା । ଗଞ୍ଜାକୁ କଟାସ ନେଇ ଯାଉଛି । ରାବ ଛାଡୁଛି । ଅରକ୍ଷିତ କନ୍ଥାକନ୍ଥୁଡ଼ି ଛାଟି କବାଟ ଖୋଲି ବାଡ଼ି ଆଡ଼କୁ ଧାଇଁଗଲା । କୁକୁଡ଼ା ନିସ୍ତେଜ । ଟୋକାଟି ଗଞ୍ଜାକୁ ଛାଡ଼ିଦେଇ ଛୁରୀ, କଟୁରୀ ଖୋଜିବାରେ ବ୍ୟସ୍ତ । ତା'ର ଏ କାଣ୍ଡୁଆପଣ ଦେଖି ସମସ୍ତେ ତାଟଙ୍ଗା । କଟାକଟି କରିବା ପାଇଁ ଛୁରୀ, କଟୁରୀ ଧରି ଗଞ୍ଜା ପାଖକୁ ଯାଇଛନ୍ତି କି ନା- ଫଟ୍ କିନା ଉଠିପଡ଼ି ଗଞ୍ଜାଟା କ, କ, ହେଇ ଘରଟା ସାରା ଖେଳି ବୁଲିଲା । ରୋଷେଇ ପାଖରୁ ଛୁଟା ଠୋ ଠୋ ହସି ଟିପ୍ପଣୀ ଦେଲା ଶଳା ଗଞ୍ଜାର ଢ଼େର୍ ଆଇଷ । ଆଉ ଜଣେ ବାବୁ ଫଟାଙ୍ଗ କିନା ପକେଟରୁ ପିସ୍ତଲ କାଢ଼ି ଚିଲେଇଲା । ମୁଁ କୁକୁଡ଼ାକୁ ସୁଟ୍ କରିବି । ଦି' ତିନିଜଣ ଗଞ୍ଜାକୁ ଗୋଡ଼େଇ ଗୋଡ଼େଇ ଧରିଲେ । ଗଞ୍ଜାରୁ ଦି' ଗୋଡ଼କୁ କସ୍ କରି ବାନ୍ଧିଦେଲେ । ଡେଣା ଦି'ଟାକୁ ଛନ୍ଦି ଦେଇ କାନ୍ଥପାଖକୁ ଫିଙ୍ଗିଦେଲେ । ଟୋକାଟି ନିଶାଣ ଲଗାଇଲା - ଢ଼ାଅ... । ଲକ୍ଷ୍ୟଭ୍ରଷ୍ଟ ହେଲା । ପୁଣିଥରେ ତାଲିମପ୍ରାପ୍ତ ସୈନିକ ପରି ପୂର୍ଣ୍ଣ ସତର୍କତାର ସହ ଟ୍ରିଗର ଟାଣିଲା । ହଠାତ୍ ସ୍କୁଲ୍ ଘର ପଛପଟ ଅଧାଭଙ୍ଗା ଝରକାଟା ଧଡ଼ାସ୍ କିନା ବାଡ଼େଇ ହେଲା । ସମସ୍ତେ ଚିହିଁକି ପଡ଼ିଲେ । ଏଥର ବି ସେଇ ଦଶା । ଗଞ୍ଜା ଦେହରେ ଗୁଳି ନ ବାଜି କାନ୍ଥରେ କଣା କରି ଦେଇଛି । ପିସ୍ତଲରେ ଆଉ ଗୁଳି ନାହିଁ । ପରାଜିତ ସୈନିକ ପରି ଖର ନିଃଶ୍ୱାସ ଛାଡ଼ି ଲୋକଟି ମୁଣ୍ଡରେ ହାତ ଦେଇ ବସିପଡ଼ିଲା । ସମସ୍ତେ ବ୍ୟସ୍ତ, ବିବ୍ରତ । ଛାର୍ କୁକୁଡ଼ାଟାକୁ ମାରିବା ପାଇଁ ମଣିଷର ବୁଦ୍ଧିବଳ ହାର୍ ମାନୁଛି । ଭଦ୍ରଲୋକମାନଙ୍କ ନିଃଶ୍ୱାସ ପ୍ରଶ୍ୱାସ ଖରରୁ ଖରତର ହେଉଛି । ସମସ୍ତେ ପ୍ରାୟ ହିଂସ୍ର, ଦୁର୍ଦ୍ଦଶ ହେଇଗଲେଣି । ଏଥର ଆଉ ଜଣେ ମୋଟା, ପେଟୁଆ, କାଳିଆ ଢ଼ିମାଢ଼ିମା ଆଖି ଯାତ୍ରାପାର୍ଟିର ଭିଲିଆନ୍ ପରି ମୁହଁ ସାରା ଦାଢ଼ି ରଖିଛି, ଉଠିପଡ଼ି କର୍କଶିଆ ରଡ଼ି କଲା । "ଆବେ ଶାଲା ଗଞ୍ଜାକୁ ଧର, ମୁଁ ତାକୁ ମାରିବି ।" ଜଣେ ଗଞ୍ଜାକୁ ଆଣି ତାକୁ ଦେଲା । ଲୋକଟା କମରରେ ଗାମୁଛା ଭିଡ଼ି ଗଞ୍ଜାର ଦି' ଗୋଡ଼କୁ ବାଁଗୋଡ଼ରେ ମାଡ଼ି ଦେଲା ଯେ ମୋଡ଼ି ଗୋଟିଏ ହାତରେ ଗଞ୍ଜାର ମୁଣ୍ଡ, ଆର ହାତରେ ଗଞ୍ଜାର ଗଣ୍ଡି । ଡେଣା ଦି'ଟା ଫଡ଼ଫଡ଼ ହେଉଛି । ଠିକ୍

ଏତିକିବେଳେ ସ୍କୁଲ ଘରର ପଛପଟ ଝରକା ଆଡୁ ପୁଣିଥରେ ଧଡ଼ାସ୍ କିନା ଶବ୍ଦ ହେଲା । ସ୍ୱେଚ୍ଛାସେବୀମାନଙ୍କର ହସ କୁରୁଳିରେ ସ୍କୁଲ ଘରଟା ଉଠୁଥାଏ ପଡୁଥାଏ । ରନ୍ଧାବଢ଼ା ସାରି ବିଛଣା ଧରିବାବେଳକୁ ରାତି ଅଧା । ବିଲୁଆ ରଡ଼ି ଶୁଭୁଥାଏ ।

ରାତି ପାହିଲା । ଆମ ଗାଁ ଠାକୁରାଣୀ ପୂଜାରୀ ମାଧିଆନ୍ନା ପ୍ରାୟ ସବୁଦିନେ ସୂର୍ଯ୍ୟ ଉଇଁବା ପୂର୍ବରୁ ବିଛଣା ଛାଡ଼େ । କାଳେ କିଏ ଦେଖି ପକେଇବ ତରତର ହେଇ ଧପାଲିଛି । ସ୍କୁଲ ଘର ପଛ ଅରମା ଭିତରେ ଝାଡ଼ା ଶୌଚ ସାରିବ । ସୁଲିବୁଢ଼ୀର ପାଟି ଶୁଭିଲା । ଅରକ୍ଷିତ-ରେ ଅରିକ୍ଷିତ ତୁ କୁଆଡ଼େ ଗଲୁ ? ମାଧିଆନ୍ନା, ଚଟାପଟ୍ ଝାଡ଼ା ଶୌଚ ସାରି ଫେରିଲା ବେଳକୁ ସୂର୍ଯ୍ୟଦେବତା ନିର୍ମଳ ଭାବମୂର୍ତ୍ତି ଛିଟା ବୋଳି ମୁହଁ ଦେଖେଇଲେଣି । ମାଧିଆନ୍ନା ଝପଟି ଧାଇଁଛି । ଅଜାଣତରେ କ'ଣ ଗୋଟେ ଝୁଣ୍ଟି ପଡ଼ିଲା । ପଡ଼ିଯିବା ଉପରେ । ଫେରି ଚାହିଁଲା । କିଏ ଜଣେ ଶୋଇଛି । ମଣିଷ ପିଲାଟେ । ପାଖକୁ ଯାଇ ଦେଖିଲା ଅରକ୍ଷିତ । ନାକ ଦେଇ ପିଣ୍ଡୁଡ଼ି ଧାର ଲାଗିଛି । ସୁଲିବୁଢ଼ୀ କୁହାଟ ଶୁଭିଲା । ରେ ଅରିକ୍ଷିତ, ତୁ କୁଆଡ଼େ ଗଲୁ ? ? ମାଧିଆନ୍ନା ହୁଡ଼ି ପକେଇଲା । ଗାଁଟା ସାରା ସମସ୍ତେ ଲଙ୍ଗଳା ଫୁଙ୍ଗୁଳା ହେଇ ଧାଇଁ ଆସିଲେ । ଅରକ୍ଷିତକୁ କୋଳରେ ଧରି ସୁଲିବୁଢ଼ୀ ବାହୁନୁଥାଏ-ରେ ଅରକ୍ଷିତ ମୋ ରଙ୍କୁଣିଧନ, ତୁ କୁଆଡ଼େ ଗଲୁ ?

ଦୁଃଖ ଜରଜର ଗାଁ ଲୋକେ ନିରୂପାୟ ହେଇ, ଶବଟାକୁ କତରାରେ ବାନ୍ଧି ବଡ଼ିପାଣିରେ ଭସେଇ ଦେଲେ । ଆଗରେ ଭାସି ଭାସି ଯାଉଥିଲା ଅରକ୍ଷିତର ଶବ । ଗାଁ ଲୋକଙ୍କ ଲୁହରେ ଆଉ ଏକ ବଡ଼ିପାଣି ସୁଅରେ ଠିକ୍ ପଛେପଛେ ଭାସି ଭାସି ଯାଉଥିଲା ସୁଲିବୁଢ଼ୀର ଅନ୍ତର ଚିପୁଡ଼ା ବାହୁନା "ରେ ଅରକ୍ଷିତ, ମୋ ରଙ୍କୁଣୀ ଧନ, ତୁ କୁଆଡ଼େ ଗଲୁ... ।"


କଣ୍ଡରାଗଡ଼ିଆ, ପୀରହାଟ - ୭୫୬୧୩୧
ମୋ: ୮୮୯୫୩୫୨୫୭୭

❐❐❐

ସ୍ମୃତି


● ପଞ୍ଚାନନ ମିଶ୍ର

ପାହାଡ଼ ଉପରୁ ପ୍ରଲମ୍ବିତ ଉପତ୍ୟକା ଦିଶେ ଯେପରି
ଜାହାଜରୁ ବିସ୍ତୀର୍ଣ୍ଣ ଆକାଶର ଛବି ଉକୁଟି ଉଠେ ଯେପରି
ଠିକ୍ ସେହିପରି ତୁମର ସ୍ମୃତି
କିଛି ସୁନେଲି ଆଲୁଅ, ଅଜ୍ଞାତ ମହକ ଓ
କାଶତନ୍ତୀର ନିଆରା ରଙ୍ଗ
ଏସବୁର ଫେଣ୍ଟାଫେଣ୍ଟି ଅଦ୍ଭୁତ ବିନ୍ୟାସ
ଅଥବା ଏ ଯାବତ୍ ଶୁଣି ନ ଥିବା
ଅଥଚ ଦୂରରୁ ଭାସି ଆସୁଥିବା
ହିନ୍ଦୁସ୍ତାନୀ ସଂଗୀତର ଆଳାପ ଓ ରିଓ୍ୱାଜ ।



ଘନ ଅରଣ୍ୟ ଭିତରୁ ଉଠୁଥିବା ଧୂଆଁର କୁଣ୍ଡଳୀ
ଗଛରୁ ଖସି ପଡୁଥିବା ପତ୍ରର ଅହେତୁକ ଧ୍ୱନି
ହ୍ରଦର ସ୍ଥିର ଜଳରେ ନଇଁ ଆସୁଥିବା ସଞ୍ଜ
ଦୃଶ୍ୟମାନ ହେଉ ନ ଥିବା ପକ୍ଷୀର ଅପରିଚିତ ସ୍ୱର
ସମାହିତ ତୁମ ସ୍ମୃତିରେ
ବଡ଼ ବିଚିତ୍ର !
ମୋ ହୃଦୟର ପାନ୍ଥଶାଳା ଭିତରକୁ
ତମେ ପ୍ରବେଶ କରୁଥିଲ ଜଣେ ବିଦେଶିନୀ ପରି
ଆଗ୍ରହୀ ଥିଲ ଏ ସୌଖିନ କୋଠରୀ ପାଇଁ
ଅଥଚ ପ୍ରତିଟି କୋଠରୀ ଅଳନ୍ଧୁରେ ଭର୍ତ୍ତି
ପ୍ରାଚୀନ ଏକ ଗୁମ୍ଫା ପରି ଭର୍ତ୍ତି ଶୁଖିଲା ପତ୍ରରେ
ଯାହା ଗଢ଼ ପରସ୍ତ ପରସ୍ତ ଅଂଧାରର
ରହସ୍ୟମୟ ଭିନ୍ନ ଉପାଦାନେ ।

ତୁମ ଆଖିରେ ଥିଲା ଜ୍ୟୋତି
ଦୂରନ୍ତ ନକ୍ଷତ୍ରର
ଯେଉଁଥିରେ ଆଲୋକିତ ମୋ ହୃଦୟ
ଉଦ୍ଭାସିତ ଆତ୍ମାର କଂଦର ।
ଅଧିଷ୍ଠିତା ହୁଅ
ହେଉ ପଛେ କେବଳ ସ୍ମୃତିକ
ସ୍ମୃତିରେ ଆସୁଥାଅ
ସ୍ମୃତିରେ ଯାଉଥାଅ
ସ୍ମୃତିରେ ଲୀଳାଖେଳା ପ୍ରକାଶ କରୁଥାଅ
ସଦାକାଶରେ ଝଟକୁଥିବା ବିଜୁଳି ପରି



ମୋ: ୯୮୬୧୧୬୭୮୪

❑❑❑

ମୀମାଂସା

● ଅନ୍ନପୂର୍ଣ୍ଣା ପତି



ଧପ୍ ଧପ୍ ହେଇ ସାରାରାତି
ଜଳୁଚି ମଶାଲ
ଯନ୍ତ୍ରଣାଦଗ୍ଧ ଉତ୍ତପ୍ତ ଶିଖାରୁ
ଖଣ୍ଡେ ଛିଟିକିପଡ଼ିଚି ନିଆଁଝୁଲ ।
ସାରାଦେହରେ ମୋ
ଦାହଦହନ,
ତୁମ ମନ ଅରଣ୍ୟେ
ଦାବାନଳ ।

ତୁମେ କଥାକୁହ ମାପିଚୁପି
ନିଆଁକଥା,
ମୁଁ କହିପାରେନା ମୁହଁଖୋଲି
ଚିଆଁକଥା ।
ତୁମେ ସନ୍ତର୍ପଣରେ ଆସୁଆସୁ
ଅଟକିଯାଅ ହଠାତ୍
ମୁହଁରେ ସନ୍ନ୍ୟାସୀର ରୂପ
ମୋ ମୁହଁଟି ବେଶିବେଶି
ଲାଲ୍ ଦିଶେ
ବୋଳିଯାଏ ଅସରାଏ ଲୁହ ।

କେଉଁ ଏକ ଅଶନି ବେଳାରେ
ଫିକା ପଡ଼ିଗଲା ସବୁତକ



ଆକାଶୀ ଅନୁରାଗ
ମନହେଲା ଆଶଂକିତ
ଛାତିର କୋହ ଆଉ
ଆଖିର ଲୁହରେ
ବତୁରା ଭାବନାର ଯୁଗନ୍ଧ ଧ
ଅଧା ଛାଇଆଲୁଅରେ
ଦିଶିଲା ଅସ୍ପଷ୍ଟ ।

ଯା' ମନେହେଉଚି
ସେଦିନ ଏଡ଼ିବାଲାଗି ଅନ୍ଧାର
ଥିଲା ତମ ହାତେ
ନୂଆ ଏକ ଟର୍ଚ୍ଚଲାଇଟ୍
ରାସ୍ତାରେ ବି ପଡ଼ିନଥିଲା
ପୂର୍ଣ୍ଣଚ୍ଛେଦ,
ରାସ୍ତା ତ ଅସରନ୍ତି
ପ୍ରଲମ୍ବିତ ଦିଗ୍‌ବଳୟ ଯାଏ ।

ବିଶ୍ୱାସର ସୂତାଖିଅ
ଛିଣ୍ଡିବା ଆଗରୁ
ତମେ ତ ଗାଇପାରିଥାନ୍ତ
ଧାରଣୀ ଆବୃତ୍ତିର ମନ୍ତ୍ର
ମନେପକାଇ ପାରିଥାନ୍ତ
ମୀମାଂସାର ସକଳ ସୂତ୍ର !

ଅନ୍ୟର ସ୍ମୃତିରେ



ସାଇତାହେବା ପୂର୍ବରୁ
ଯିଏ ଖୋଜିଥିଲା ସମାଧାନ
ସେ ବି ଗୋଟେ ନଦୀ
ସେ ବି ଗୋଟେ ନାରୀ
ସେ ପୁଣ୍ୟତୋୟା
ପବିତ୍ର ଜାହ୍ନବୀ
ସେ ନଦୀ ଏକ
ଶତରୂପ ତା' ଅନେକ, ଅ

ଅଧ୍ୟାପିକା, ଓଡ଼ିଆ ବିଭାଗ
ରିଜିଓନାଲ କଲେଜ, ରାମବାଗ୍, ଯାଜପୁର
ମୋ: ୯୪୩୯୭୯୧୪୯୫

❐❐❐

ଧୂଆଁ

● **ଶିବଶଙ୍କର ଦାସ**



ମୁଁ ଜାଣିନଥିଲି
କେବେ ବି ଭାବି ନ ଥିଲି
ଏମିତି ଏତେ ଶୀଘ୍ର
ଆସିଯିବ
ଗୋଟେ ଅବଶ ସଂଜ ...,
ଦୂରେଇ ଯିବ ଅଚାନକ
ମୋ ଠାରୁ ଖୁବ୍ ଦୂରକୁ
ପୂର୍ବ ଆକାଶ,
ଦୂରେଇ ବି ଯିବେ ମୋ ଠାରୁ
କିଛି ଫମ୍ପା ମଣିଷ ...!

କିଏ ବା ଜାଣିଥିଲା
ଏମିତି ଅଚାନକ
ଗୋଟେ କାଳ ବୈଶାଖୀ ପରେ
ବଦଳିଯିବ ସବୁକିଛି,
ବଦଳି ଯିବ ରାସ୍ତା
ବଦଳି ବି ଯିବ
ମୋର ପ୍ରିୟ ବଗିଚା..
ଚିହ୍ନାଜଣା ପାଦ ଚଲା ରାସ୍ତା
ଅଚାନକ ପାଲଟିଯିବ
ଗୋଟେ ଅନ୍ଧାରମୟ ଗଳି .... !!

ଏବେ ଏ ଅନ୍ଧାର ଗଳିରେ
ମୁଁ ଚାଲୁଛି ଏକାଏକା



ଆଉ ଦିଶୁନି ମୋତେ
ମୋ ଦେହର ଛାଇ,
କେବଳ ପୁଳାଏ ଅନ୍ଧାର
ଆଉ ମେଞ୍ଚାଏ ଶୂନ୍ୟତାକୁ
ନିଜ ହାତରେ ଧରି
ମୁଁ ଚୁପ୍‌ଚାପ୍ ଆଗେଇ ଚାଲିଛି
ଏ ଅଜଣା, ଅଚିହ୍ନା ଅନ୍ଧାର ଗଳିରେ



କିଏ କହିବ.... ?
କେତେବେଳେ ମୁଁ ଅଚାନକ ମିଳେଇଯିବି
ଗୋଟେ ଧୂଆଁର କୁଣ୍ଡଳୀରେ
ଏ ଅନ୍ଧାର ଗଳି ଭିତରେ ...!!!


ବିଭାଗୀୟ ମୁଖ୍ୟ, ପ୍ରାଣୀ ବିଜ୍ଞାନ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,
ଖଜୁରିଆକଟା, ଢେଙ୍କାନାଳ - ୨୦
ମୋ: ୯୯୩୮୦୪୬୪୪୬

❐❐❐

ପାଦୁକା

● ଅଶୋକ କୁମାର ମହାନ୍ତି

ପାଦୁକା ଚିରକାଳ ପାଦରେ ତା ଭାଗ୍ୟ
କେବେ ତା ଭାଗ୍ୟ ଉଜ୍ଜ୍ୱଳ ଥାଏ ତ
ଲାଗିହୁଏ ରାମଚନ୍ଦ୍ରଙ୍କ ପାଦରେ କଠଉଟିଏ ହୋଇ,
ଭରତ ଭଳି ଭାଇଟିଏ ତ ଥିବ ଆଣିବ ତାକୁ ମଥା ପରେ ଥୋଇ
ସିଂହାସନ ପରେ ଅଭିଷିକ୍ତ ପାଇଁ ।



ଆଜିକାଲି ସେଭଳି ଭାଇଟିଏ କାହିଁ ଯେ !
ଲକ୍ଷ୍ମଣ ଅବା ଭରତ ପ୍ରାୟେ ଭାଇ ଭାଗ୍ୟେ ଥିଲେ
ପ୍ରାପ୍ତ ହୁଏ ଜୀବନରେ କେବେ
ଏବେ ଭାଇମାନେ ନିଜ ସ୍ୱାର୍ଥ ପାଇଁ ଅନ୍ଧ
ଠିକ୍ ବିଭୀଷଣ ପରି ।

ଆଗ କଥାକୁ ବାଘ ଖାଇବା ପରି
କ୍ଷୀର ଖାଇବାର ଇଚ୍ଛା ତ ଘରେ ଥିବ ଗାଈ
ଶତ୍ରୁ ସହ ଯୁଝିବା ପାଇଁ ଭାଇ ହୁଏ ଲୋଡ଼ା
ଭାଙ୍ଗିବାଟା କଷ୍ଟ ଯେଣୁ ବନ୍ଧାଥିଲେ ବିଡ଼ା
ଉଠବସ ହେଉଥାଏ ଶ୍ରୀମତୀ ଆଜ୍ଞାରେ
ତା ପାଇଁ ତୁଚ୍ଛ ସବୁ ବନ୍ଧୁ ପରିଜନ,
ଭାଇମାନେ ଏବେ ତାଙ୍କ ଶ୍ୱଶୁର ଘର ପ୍ରୀତିରେ ବନ୍ଧା
ତା ସାମ୍ନାରେ ପିତାମାତା ବଡ଼ ସାନ ସବୁ ମୂଲ୍ୟହୀନ ।



ପାଦୁକା ଚିରକାଳ ପାଦରେ
ବୋହୁଥାଏ ମଣିଷର ବୋଝ
ତା ପାଇଁ ସୁରକ୍ଷିତ ପିଲାଠାରୁ ବୁଢ଼ାଯାଏ ସମସ୍ତ ମଣିଷ
ଖଣ୍ଡିଆ ଖାବରା ଅବା କ୍ଲେଶରୁ ବଞ୍ଚିତ ।

ଅଥଚ ଭାର ବୋହି ଦୁର୍ବଳ ହେଲା ପରେ
ସିଏ କ୍ଷତାକ୍ତ ହୁଏ ସିନା ବିଶ୍ୱସ୍ତ ଭୃତ୍ୟ ଭଳି
ମୁନିବକୁ ସୁରକ୍ଷିତ ରଖୁଥାଏ ଥାଏ ଭିକାରୀଙ୍କ ପରି
ଦରଜା ସେପଟେ ।

ମଣିଷ ବୁଝେନା କେବେ ଏ ତ୍ୟାଗର ମୂଲ
ଚପଲ ଛିଡ଼ିଲେ ଅବା ଯୋତା ପୁରୁଣା ହେଲେ
ଫିଙ୍ଗା ହୁଏ ଡଷ୍ଟବିନରେ ଅବା ରାସ୍ତାକଡ଼ ଅଳିଆଗଦାରେ
ଠିକ୍ ମଦ ସରିଗଲେ ବୋତଲ ଫିଙ୍ଗା ହେଲା ପରି
ଅଲୋଡ଼ା ଅପାକ୍ତେୟ ଭାବି
କେହି କେବେ ମନେ ରଖେନା ତା ତ୍ୟାଗର କାହାଣୀ
ଯୋତାକୁ ନିଜସ୍ୱାର୍ଥ ପାଇଁ ପଲିସ କରାହୁଏ
ଚକ୍ ଚକ୍ କରି ଛିଡ଼ିଗଲେ ଚପଲର ବି
ଟେପ୍ ବଦଳାଯାଏ ଆଉ କେତେଦିନ ଚଳିଯିବ ଯଦି ।



ଅଚଳ ହେଲେ ବୃଦ୍ଧ ପିତାମାତାକୁ ହତାଦର କରି
ଛାଡ଼ିଦିଆ ହୁଏ ଷ୍ଟେସନରେ ଅବା କୋଉ ବସଷ୍ଟାଣ୍ଡରେ
ବେଶି ହେଲେ ବୃଦ୍ଧାଶ୍ରମରେ ଅସହାୟ ଭାବେ
ଅଲୋଡ଼ା ପାଦୁକା ପରି ଆମ ଜୀବନ ଦିନେନା ଦିନେ
ଯିବାକୁ ହେବ ମଶାଣି ପଦାକୁ ସମ୍ରାଟଟିଏ ହେଉ ଅବା
ଐଶ୍ୱର୍ଯ୍ୟଶାଳୀ ଅହଂକାରୀ ଏ ମଣିଷ ଠିକ୍ ଛିଡ଼ା ପାଦୁକାଟି ଭଳି ।

ପ୍ରଫୁଲ୍ଲନଗର, ଜଗନ୍ନାଥପୁର,
ଭଦ୍ରକ- ୭୫୬୧୦୦

❐❐❐

ମୁଁ ଏକ ପଥିକ

● ମୋହନ ଚନ୍ଦ୍ର ଖିଲାର




ମୁଁ ଏକ ପଥିକ ଅନ୍ତର ଯାକ
ବୁଲୁଛି ନିଃସଙ୍ଗ ହୋଇ,
ବହୁଦୂରେ ଦିଶେ ପାନ୍ଥଶାଳାଟିଏ
ଆଖି ମୋର ପାଉନାହିଁ । ॥ ୦ ॥


ସେଇଠାକୁ ଯିବି ଧାଇଁ,
ଅଭୁଲା ପଥିକ ଲାଗେ ନାହିଁ ଦକ
ଦେଖିବି କାଳିଆ ସାଇଁ ।
କହିବି କେତେ ମୁଁ ମୋ ଦୁଃଖ କା
ଆଉ କିଛି ବାକି ନାହିଁ । ॥ ୧

ସବୁତ ଦେଇଛ ଅଭିମାନ ଭୁଲି
ନେଇଛି ହୃଦେ ଗୋଟାଇ,
ସୁଖଦୁଃଖ ଭରା ଏ ସାରା ସଂସାର
ପାପପୁଣ୍ୟ ଭୁଲି ଯାଇ ।
ମର୍ତ୍ତ୍ୟ ମଣ୍ଡଳରେ ଜନମ ହୋଇଲେ
ପ୍ରାଣୀ ତା ଅବଶ୍ୟ ଭୋଗଇ ।॥ ୨

ପଥିକ ଜନକୁ ଉଦ୍ଧରିବା ପାଇଁ
ପୁରୀରେ ରହିଲ ଯାଇ
ଶିରୀକ୍ଷେତ୍ରେ ରହି ପଥ ଦିଅ କହି
ସ୍ୱର୍ଗଦ୍ୱାର ପଥ ଏଇ ॥



ମୁକ୍ତି ପଥେ ଯାନ୍ତି ନରନାରୀଗଣ
ସାଧୁସନ୍ଥ ଏକ ହୋଇ ।
ମୁଁ ଏକ ପଥିକ ଅପନ୍ତରାଯାକ
ବୁଲୁଛି ନିଃସଙ୍ଗ ହୋଇ । ॥ ୩ ॥




ଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦ
ଆଦମପୁର, ନଳାଙ୍ଗ,ଭଦ୍ରକ
ମୋ: ୯୯୩୬୪୯୨୮୮୧

❑❑❑

ମନ

● ଅବନୀ କୁମାର ପ୍ରଧାନ



ଏ' ମନ ତ !
ମନକଥା କହିବା ବୁଝିବା ବଡ଼ ଅଡୁଆ କଥା
ଅଡୁଆ ସୂତାରୁ ଖିଅ ଖୋଜିବା କଥା
ଖିଅ ଖୋଜି ଖୋଜି ନୟାନ୍ତ ହେବା ଯାଏଁ
ଖୋଜୁଥା...
ଏ' ମନ ଯେ ...
ମନର ଟେର୍ ମିଳେନା
ଆଖିଠାରି ଦେଲେ ମନଟା ମିଳିଯାଏ କି କ'ଣ
ମୁଁ ଇଁ ଜାଣେନା ।



ଜାଣିଚି ଯା' ଏ ମନକୁ ହଜେଇବା କଥା
ଗହନକାନନ ବନରେ ଲୁଚିଯାଉଥିବ ତ
ହଳଦୀ ବସଂତ ସାଂଗରେ ମିତ ବସିଥିବ
କେ କହିବ ? କହି ହୁଏନା ।
ଏ' ମନଟା କିଛି ବୁଝେନା
ହଳତୀ ବସଂତ ପରି ଜହ୍ନାରୁ ଧରାଦିଏନା
ଭାରି ଆନ୍‌ମନା ଆନ୍‌ମନା


ଆଉ ମନରୁ ମନକୁ ଯିବା ଆସିବା କଥାବି'
ବିଚିତ୍ର କଥା ।
ବୟସ ବହକି ବହକି ଯେତେ ଆଗକୁ ଯାଏ
ସ୍ୱପ୍ନଟିଏ କେଉଁଠି ଥାଏ ଯେ' ଆଖିକୁ ଧସେଇ ।
ଆଉ ସ୍ମୃତିମାନେ କେଉଁଠି ଥିବେ ଯେ' ଗୋଟାକ ପରେ ଗୋଟାଏ
ତୁମ ମନ କାନ୍‌ଭାସ୍‌କୁ ଆବୋରି ନେବେ । ବିଦାରି ଦେବେ ।

ତ୍ରିଶଙ୍କୁ

● ସଞ୍ଜୁକ୍ତା ଶରଣ




ସଂସାରର ବୋଝ ବୋହି ବାଟ ଚାଲୁ ଚାଲୁ
ପେଟରେ ଅସହ୍ୟ ଭୋକର ଯନ୍ତ୍ରଣାରେ
ଆକ୍ରାମାକ୍ରା ଶରୀର
ସକାଳୁ ସଞ୍ଜଯାଏ ମେଣ୍ଟାଏ ଅନ୍ୟର ଦୁଃଖ
କେବେ ସ୍ତ୍ରୀର କଟୁକ୍ତି, ଝିଅବୋଝ
ପୁଣି କେବେ ପୁରା ଭବିଷ୍ୟତ ଚିନ୍ତାରେ,
କର୍ମ ଜଞ୍ଜାଳରେ ପେଶି ହୋଇ
ଲହୁ ଲୁହ ନିଗାଡ଼ି ନିଗାଡ଼ି ଧାଉଁଥାଏ
କେବେ ବିଲମାଳକୁ, କେବେ କାରଖାନା ନିଆଁ ।



ମହାଜନର ଋଣ କଳନ୍ତରରେ
ପାଲଟି ଯାଏ ଗୋଟି ଶ୍ରମିକ
ନିଜର ବନ୍ଦୀ ଜୀବନରେ
ଦିବା ସ୍ୱପ୍ନରେ ଦେଖେ ବାଲ୍ୟ ଶୈଶବ, କୈଶୋ
କେବେ ଯୌବନର କର୍ମ କୁଶଳତା
ପୁଣି କେତେ ବାର୍ଦ୍ଧକ୍ୟର ଅସହାୟତାରେ ।
ସେତ ପାଳଭୂତଟିଏ, କ୍ଷେତ ଜଗା ମାଟିହାଣ୍ଡି ଛ
ଚିରାଫଟା ଧୋତି ଫତେଇରେ
ଦିବାରାତ୍ର ଏକ କରେ ନିର୍ବିଘ୍ନରେ
କେବେ ଘୁମନ୍ତ ଆକାଶ ସାଥେ କଥା କହେ
କେବେ ମେଳେ ହଜିଯାଏ ଅନୁରାଗରେ ।

ବୋଝ ବୁହା ଭାରୁଆସେ-
ଆଗପଛ ନା କେହି ଅଛି ସଂସାରରେ

ତୁମେ ଯେତେ ଛାଟିପିଟି ହେଲେ ବି
ସ୍ମୃତିମାନେ ଖାଲି ଝୁଣି ଖାଉଥିବେ ।
ତମେ ଆଉ ଆଂକିବ କେଉଁଠି ଚିତ୍ର ନା
ବୋଲି ପାରିବ ପଦେ ମନଖୋଲା ଗୀତ !




ଏଇ ମନ ସେଇ ସ୍ୱପ୍ନ ...
ଆଉ ଯେତେଯେତେ ସ୍ମୃତିଙ୍କର ନାଟ, ଥାଟ
ଏମିତି ଛଂଦାଛଂଦି ଯେ'
ବସି କରି ନିରୋଳାରେ ଦେଖୁଥିବେ
କେମିତି କବିଟିଏ ଭୋଗୁଥାଏ ଅକୁହା ତା' ଦୁଃଖ !
ଆଉ ଏ' ମନତ ! ମନ କିଆଁ ବୁଝିବ !

ଭି.ଆଇ.ପି. ରୋଡ଼, ମୋଟେଲ ଛକ,
ଭଦ୍ରକ

❐❐❐

ବିଶ୍ରାମ ତ ଆକାଶ କଇଁଆ
ହା ହୁତାସ ବୈଶାଖୀ ଝାଞ୍ଜି ଖରା
ଥର, ଅବା ସାହାରା ମରୁରେ ।
ସଂସାରର ଭାର ବୋହି ବୋହି
ନିଜକୁ ନିଜେ କରେ ନିର୍ବାସିତ
ନା ହୁଏ ସେ ମର୍ତ୍ତ୍ୟର, ନା ସ୍ୱର୍ଗର
ନା ମାଟିର ନା ଆକାଶର
ନା ଘରର ନା ସମାଜର
ମଝି ନଈରେ କାତ ବି କାତର
ନିଜକୁ ଅସମର୍ଥ ମନେ କରେ
ମନେ ପଡ଼େ ଶେଷେ ଈଶ୍ୱର
ଉପରକୁ ହାତ ଟେକି ଦେଇ
ଭାବୁଥଶଏ ପାପପୁଣ୍ୟ ଜୀବନର



ଢେଙ୍କାନାଳ
ମୋ: ୯୮୬୧୦୬୧୭୩୫

❐❐❐

ନିରୁଦ୍ଦିଷ୍ଟ ଜୀବନ

● ରାଜେଶ କୁମାର ସେଠୀ



ଜୀବନଟା ନିଃସହାୟ ଲାଗୁଛି
କ୍ଷଣ କ୍ଷଣକେ
ପାରିବାପଣିଆ ସବୁ
ନିଃଶେଷ ହେଇ ଯାଉଛନ୍ତି
ପୌରୁଷହୀନ ପୁରୁଷଟେ ପରି ।

ମନଟାକୁ ଚଳଚଂଚଳ କରିଦେଉଛନ୍ତି
ପୂର୍ବ ସ୍ମୃତିମାନେ,
ସବୁ ତ୍ୟାଗ ଆଉ ଭଲପାଇବାର
ପୃଥିବୀକୁ ଖୋଜୁଖୋଜୁ
ଛନ୍ଦି ଯାଉଛି ପ୍ରାଣଟା,
ସଂସାର ବୁଢ଼ିଆଣୀ ଜାଲରେ ।



ଆଗକୁ ଚାଲିବାର ରାସ୍ତା
ଶେଷ ହେଇ ଯାଉଛି
କେଉଁ ଏକ ଅଜଣା ତ୍ରିଛକିରେ
ବୁଝିବାକୁ ଚେଷ୍ଟାକଲେ ବି
ବୁଝି ହେଉନି ଜମାରୁ
ଖାଲି ଯାହା ଏବେ
ନିରୁଦ୍ଦିଷ୍ଟ ଜୀବନ ନେଇ
ଯନ୍ତ୍ରଣାସିକ୍ତ ଶରୀରର
ବୋଝ ବୋହି ବୋହି
ବଂଚିବାଟା ନିର୍ଦ୍ଦିଷ୍ଟ ମାତ୍ର ।

କମାରିଆ ବଜାର, ତିହିଡ଼ି, ଭଦ୍ରକ
ମୋ: ୮୮୪୧୬୨୬୮୨

❐❐❐

କବିତା


● ଜ୍ୟୋସ୍ନାରାଣୀ ପରିଡ଼ା

ସେତ ଶବ୍ଦର ଗଜରା
ଅକ୍ଷର ପେନ୍ଥା
ସୁଶୋଭିତ ମାଧୁର୍ଯ୍ୟ ସେ
ଯେ ସେ ବନିତା ତରୁଲତା
ଆଶ୍ରୟରେ କବିତା ବଂଚେ
ଯେ ସେ ନର୍ତ୍ତକୀ ଆଲୋକ ମଂଚେ ।

ସୁନାମ ପାଇଁ କରିଥାଏ ଆଶା
ଯେ ସେ ତାଳଗଛରେ ବାୟା ଚଢ଼େଇ ବ


କବିତାରେ ଥିଲେ ମଧୁର ଯତି
ଉତ୍ତମ ସଂଯୋଗ ଲାଳିତ୍ୟ ପଂକ୍ତି ।

ଲାବଣ୍ୟବତୀ ସେ ମଧୁମାଳତୀ
ଯେ ସେ ଅନୁସୂୟା ପରି ମହାସତୀ
ଏଥିରେ ନଥାଏ ଅନୁଶୋଚନା
ପରମାନ୍ଦ ପୁଣି ପର ଭାବନା
ସୁପଥର ପଥିକା ସେ ସମାଜ ନୀତି
ସବୁବେଳେ ଚାହିଁଥାଏ ଦେଶ ଜାତି ଉନ୍ନତି
ସଂସ୍କାର ଆଣେ ସେ ପ୍ରତିମନରେ
ଶରଧା ଯୋଗାଏ ପ୍ରକୃତି ଡୋରେ
ଦୂର ପରବତ ସେ କୁଂଚି କୁଂଚିକା
ଚାରୁଚିତ୍ରପଟ ସେ ନୀଳାମ୍ବୁ ଚିଲିକା
କେବେ କାଦମ୍ବିନୀ କେବେ ସୁନୀଳ ଅମ୍ବ
କେବେ ଯାଜ୍ଞସେନୀ ରୂପେ ପ୍ରତୀକ କ୍ରୋଧ ।



ପରିସ୍ଥିତି ରୂପେ ଅଭିମାନିନୀ
କବିର କଲମେ ନୀଳନୟନୀ ।

କେବେ ସେ ସାଜେ ଯଜ୍ଞର ବହ୍ନି
ବିତରଣ କରେ ବାସ ସେ ସୁବାସିନୀ
ସୂକ୍ଷ୍ମ ରୂପ ଧରି କବିତା ଆସେ
ଥିଲେ ଶ୍ରଦ୍ଧା ତା' ପାଇଁ ପାଠକ ପାଶେ
ସ୍ଥୁଳ ରୂପେ ସେ ସଚେତନ କରେ
ସମାଜ ଚେତିଲେ କବିତା ସରେ ।



ସା:/ପୋ: କୁମ୍ଭାରିଆ,
ଭାୟା: ଆଖୁଆପଦା, ଜିଲ୍ଲା: ଭଦ୍ରକ
ପିନ୍ - ୭୫୬୧୨୨

❑❑❑

ସେଇ ତା' ଜୀବନ


● ଶଶୀକାନ୍ତ ବେହେରା




ଜନ୍ମ ତା'ର
କେଉଁ ଗଛ ମୂଳେ
ମୁକ୍ତ ଆକାଶର ନୀଳିମା ଚାନ୍ଦୁଆ ତଳେ
ଜଳି ନାହିଁ ଏନ୍ତୁଡ଼ିର ନିଆଁ
ତଥାପି
ତଥାପି ତା' ଦେହ
ବଜ୍ର ଠାରୁ କଠିନରୁ କଠିନ ।
ଶିକ୍ଷା
ପରିବାରର ଚାଟଶାଳୀ
ପିନ୍ଧାବସ୍ତ୍ର
ଖଣ୍ଡେ ଲୁଙ୍ଗି, ଗାମୁଛା, କାମିଜ କିମ୍ବା
ମୁଣ୍ଡରେ ନାଲି କପଡ଼ା ପଗଡ଼ି ।
ଅଳଙ୍କାର
ଡାହାଣ ହାତ କଚଟିରେ ଲୁହାବଳା,
ବେକରେ ଦୁଇ ତିନି ଘେଣା
ରଂଗ ବେରଙ୍ଗ ପୁତିମାଳ ।
ଖାଦ୍ୟ
ଲାଉ ଥାଳରେ ଫେଣ୍ଣାଫେଣ୍ଣି ଗରମ,
ବାରମିଶା ଆମିଷ, ନିରାମିଷ ତୁଣ
କେବେ କେବେ କୋଚିଆ, ଗୋଧିର
ମାଂସର ଉଷୁମ ତରକାରୀ ।
ଶରୀର ଗଠନ
ଦେହ ରଙ୍ଗ ଚିକିଟିଆ କଳା



ବେଶ ହୃଷ୍ଟପୁଷ୍ଟ
ମଧ୍ୟମ ଡେଙ୍ଗା
ମୁହଁରେ ବହଳିଆ ଦାଢ଼ି ।
ସ୍ୱାସ୍ଥ୍ୟ
ନୀରୋଗୀ ମଣିଷ
ସବୁବେଳେ ଖୁସିବାସି
ଅସରା ଅସରା ବର୍ଷାରେ ଭିଜି ଅସୁସ୍ଥ ହୁଏନା
ଜାଙ୍ଗୁଲୁ ଜାଙ୍ଗୁଲୁ ଶୀତରେ କୁଙ୍କୁରେ ନା
ବାସସ୍ଥାନ
ଆଜି ଏଠି ତ
କାଲିକୁ ଆଉ କେଉଁଠି
କେଉଁ ଝଙ୍କାଳିଆ ଗଛ
କିମ୍ବା ପରିତ୍ୟକ୍ତ ଗୃହର ବାରଣ୍ଡା
ଚର୍ତୁମାସ୍ୟା ବିତାଏ
ଝୁମ୍ପୁଡ଼ି ପଲାରେ ।
ଆସବାବ
ଲାଉଥାଳ, ଖଜୁରୀ ପତ୍ରରେ ବୁଣା ଚଟିଆ
ଛିଡା ମଳିଛିଆ କନ୍ଥା
ହାତ ସିଆଁ ଶାଢ଼ୀର ମସୁରୀ ।
ଜୀବିକା
ଲାଉଥାନ ଧରି ଭିକ୍ଷାବୃତ୍ତି
ଛୁରୀ ଆଉ ବଳା ଆଘାତରେ
ଚିଂ ଚିଂ ତାଳେ ଅବୁଝା ଗୀତ
କେବେ କେବେ
ମୂଷାଗାତ ଖୋଳି
ତୋଳି ଆଣେ ପୋଷେ ଧାନ କେଣ୍ଡା ।



ଜୀବନ
ଖଜୁରୀ ପଟିଆ, ଛିଡ଼ା କନ୍ଥା ପଟେ
ଗହନ ନିଦରେ ଶୋଇ
ସ୍ୱପ୍ନରେ ବିଭୋର ହୁଏ
ଆଗାମୀ ଭବିଷ୍ୟତର
ବାସ୍ତବତାକୁ ଚାହିଁ
ସେଇ ତା' ଜୀବନ...
ସେଇ ତା' ଜୀବନ ...।



ଧରାମାଳ'ଧୁରା
ବାହାବଳପୁର
ତିହିଡ଼ି, ଭଦ୍ରକ
ମୋ: ୮୨୬୦୮୩୫୨୦୫

❐❐❐

ସାଧାରଣ


● ସୁରଞ୍ଜନ ପଣ୍ଡା

ଚକା ଚକା ଭଉଁରୀ

ବୁଲୁଚି ତ ପୃଥିବୀଟା କେଉଁକାଳୁ
ଏଇମିତି ବୁଲୁଥିଲା ବୁଲୁଥିବ
ହେଲେ ଆମେ ସବୁ ସାଧାରଣ
ଆମ ପାଇଁ ସବୁକିଛି ନିଶ୍ଚଳ ନିଶ୍ଚୁପ
ପାଦତଳେ ସମୟର ଜୁଆରିଆ ନଈ
ଯନ୍ତ୍ରଣାର କୁମ୍ଭୀରର ମୁହଁ
ତମକୁ ଚାହିଁବା ଛଡ଼ା ବାଟ ଆମ କାହିଁ?
ତମେ ଆମ ଜୀବନ ନାଉରୀ
ଚକା ଚକା ଭଉଁରୀ


॥ ୧ ॥

ତମେ ଆସ କେତେ ରୂପେ
କେତେ ଛଳେ କେତେ କଉଶଳେ
ଭାବୁ ଆମେ ତୁମେ ତ୍ରାଣକର୍ତ୍ତା
ତମେ ଆମ ଦଇବ ବିଧାତା
ଆମେ ସବୁ ଆରତର ଦଳ
ଆଶା କରୁ ପାରିହେବା ପାଇଁ
ଜୀବନ ତରଣୀ ଏ କୂଳରୁ ସେ କୂଳ
ହେଲେ ତୁମ ମହତ ଆକାଂକ୍ଷା
ଅବା ସରଗକୁ ସିଡ଼ି ବାନ୍ଧିବାର
ଶିରେ ଦେବା ପାଇଁ ଶ୍ରେଷ୍ଠର ମୁକୁଟ
ଆମେ ସାଜୁ ଯଜ୍ଞର ଆହୂତି
ଜଳିଯିବା ସାର କଥା ହୁଏ



ବାଧ ଆମେ ନାଚିବାକୁ ଯେମିତି ନଚାଅ
ତମେ ତ କାଣ୍ଡାରୀ ତମେ ତ ମଦାରୀ
ଚକା ଚକା ଭଉଁରୀ । ॥ ୨ ॥


ବୁଲୁଥିବ ପୃଥିବୀ ଆଉ ତାର ମହୋଦଧି
ଉପୁଯାଏ ଅମୃତ କଳସ
ଚନ୍ଦ୍ରମାର ରୌପ୍ୟ ଜ୍ୟୋସ୍ନା
ଆଉ ଲକ୍ଷ୍ମୀର ଭଣ୍ଡାର
କେତେ କେତେ ଆଉ କେତେ କ'ଣ ।
ସବୁକିଛି ତମେ ନିଅ, ତାହା ତୁମ ହକ୍
ଆମ ପାଇଁ ସବୁବେଳେ ଯାତନାର
ହଳାହଳ, ଶେଷହୀନ ଯନ୍ତ୍ରଣାର ସ୍ୱର
ନିରିମାଖୀ ଲଙ୍ଗଳା ଜୀବନ
ଆମେ ସବୁ ଛାଗଳର ଯୂଥ
ଜୀବନଟା ତମ ପାଖେ ବନ୍ଧା
କାମ ଆମ ବେଠି ଓ ବେଗାରୀ
ଚକା ଚକା ଭଉଁରୀ ।



ସବୁକିଛି କାଳ କବଳିତ
ସମୟର ଭଉଁରୀରେ
ଉଠାପକା, ପକାଉଠା, ଭଙ୍ଗାଗଢ଼ା
ଗଢ଼ାଭଙ୍ଗା, ଜୀବନର ଧାରା
ଅଙ୍କାବଙ୍କା ତାର ସେ ଗତି
ସବୁକିଛି କାଳ କବଳିତ
ହେଲେ କାଳର ବଳରେ
ଖାଲିସିନା ରୂପାନ୍ତର ହୁଏ ତମ ରୂପ
କେବେ ଆସି ମଙ୍ଗୋଲରୁ

ଅବା କେବେ ଦରିଆ ସେପାରି
କେବେ ପୁଣି ନିଜ ମାଟି ନିଜ ଇଲାକାରୁ
ହେଲେ ସେଇ ଏକା କଥା
ଆମେ ସବୁ ଭାରବାହୀ ଦଳ
ଆମ କାନ୍ଧେଥାଏ ସଦା
ହାତୀଦାନ୍ତରୁ ରୂପାଦିଆ
ତମର ସେ ସୁରୁମ୍ୟ ସବାରୀ
ଚକାଚକା ଭଉଁରୀ । ॥ ୪ ॥

ସଭ୍ୟତାର ରଥ ଗଡ଼େ ଆଗକୁ ଆଗକୁ
ଚକତଳେ ଚାପିଯାଏ ଯନ୍ତ୍ରଣାର ସ୍ୱର
ବହିଯାଏ ଆମଠୁ ରୁଧିର
ରଥାରୁଢ଼ ତୁମେ, ତମ ପାଇଁ
କେତେ କୋଳାହଳ
ତମ ପାଇଁ ଆଲୁଅ ରୋଷଣୀ
ତମ ପାଇଁ ପ୍ରସ୍ଫୁଟିତ ଫୁଲ
କେତେ କାଳ ସହୁଥିବୁ ଆମେ
ଯନ୍ତ୍ରଣାକୁ ଜୀବନର ନାମେ
କ୍ଷୁଧା ତୃଷ୍ଣା ଲଙ୍ଗଳା ଦେହରେ
ଅପେକ୍ଷା କରିଛୁ ଆମେ
କେବେ ହେବ ସମାନ ସୁଯୋଗ ଥିବା
ସମାନ ଜୀବନ ଥିବା ପୃଥିବୀ ଆମରି
ଚକାଚକା ଭଉଁରୀ । ॥ ୫ ॥



ଭଦ୍ରକ

❑❑❑

ନୂଆ ବରଷ

● ଗୋଲକ ପ୍ରସାଦ ବୈୟାରୀ



ଆସୁଛି ନୂତନ ବରଷ
ପଠାଇବା ଆମେ ସନ୍ଦେଶ
ଭାରତ ସମେତ ଯେପରି ହସିବ
ସସାଗରା ଧରା ଏ ବିଶ୍ୱ ॥ ୧ ॥

ଆସୁଛି ନୂତନ ବରଷ
ଭୁଲିଯିବା ସବୁ ବିଦ୍ୱେଷ
ହସି, ହସାଇବା ସକଳ ଜନଙ୍କୁ
ବରଷକ ରାତି, ଦିବସ । ॥ ୨ ॥

ଆସୁଛି ନୂତନ ବରଷ
କରିବା ସକଳେ ପ୍ରୟାସ
ଯେପରି ଘୁଞ୍ଚିବ ଅଭାବ, କଷଣ
ଏ ଧରାରୁ ଦ୍ୱାଦଶ ମାସ । ॥ ୩ ॥

ଆସୁଛି ନୂତନ ବରଷ
ଭରିଦେଉ ସୁଧା, ପୀୟୂଷ
ସକଳ ଜନଙ୍କ ହୃଦ କନ୍ଦରରେ
ଶାନ୍ତି ଲଭୁ ଜନମାନସ । ॥ ୪ ॥



ଅଚକ, ମହରମପୁର, ଭଦ୍ରକ, ପିନ୍ - ୭୫୭୧୨୭
ମୋ:୯୯୩୮୭୯୮୭୭୯


❐❐❐

ନୂଆବର୍ଷ ତୁମେ ଆସ

● ଅଭିମନ୍ୟୁ ବସନ୍ତିଆ




ନୂଆବର୍ଷ ଆସ ତୁମେ
ପରିରାଇଜରୁ ନୂଆ ରଙ୍ଗନେଇ
ସମସ୍ତଙ୍କୁ ଛୁଇଁ ଦେଇଯାଅ
ନାଚିଯାଏ ତନୁମନ
ସମସ୍ତେ ଦିଅନ୍ତି ପ୍ରିୟଜନେ
ଅଭିନନ୍ଦନରୁ ବାର୍ତ୍ତା
ମୋତେ କିଛି ଅନୁଭବ ହୁଏନି
କାହିଁ ନୂଆବର୍ଷ କିଛିତ ନାହିଁ
ସବୁ ଲାଗେ ପୁରୁଣା ପୁରୁଣା
ମନଖାଲି ସ୍ୱପ୍ନ ଦେଖେ
ନୂଆ କିଛି ପାଇବାକୁ ଚାହେଁ
ଏମିତି କେତେ ସ୍ୱପ୍ନ ମୋ ମନରେ
ଉଙ୍କିମାରେ କିଛି ମିଳେ ନାହିଁ



ନୂତନତାର ଗନ୍ଧରେ ପୁରୁଣା ସ୍ମୃତି
ସବୁ ମନେପଡ଼େ ବାରବାର
ପାଇବାର ଖୁସିଠାରୁ ବଳିପଡ଼େ
ପାଇବାର ଯନ୍ତ୍ରଣା
ମୁଁ ବାରବାର ହାରେ ଜୀବନ ଯୁଦ୍ଧରେ
ନୂଆବର୍ଷ ଆସେ ଖାଲି ରୂପ ବଦଳାଇ
ସମସ୍ତେ ଠକିବାରେ ଅଭ୍ୟସ୍ତ

ଏଠି ନୂଆ ନାଆଁ ନେଇ
ନୂଆବର୍ଷ ତୁମ ରଙ୍ଗ ଫିକା ଫିକା ଲାଗେ
କେତେ ତୁମେ ଠକୁଥିବ ମିଛମିଛ ସମ୍ଭାବନା ଦେଇ
ବର୍ଷସାରା ଯନ୍ତ୍ରଣାରେ ଜଳେଇ ଜଳେଇ
ଯେତେ ହାରିଲେବି ଜିତିବାର ଅଦ୍ୟମ ପିପାସା
ଉଙ୍କିମାରେ ତୁମ ଆଗମନେ ନୂଆ ରୂପ ନେଇ ।



ଡିମିରିଆ, ମଂଜୁରୀରୋଡ଼,
କେନ୍ଦୁଝର, ପିନ୍-୭୫୬୧୨୧
ମୋ. ୭୦୭୭୯୭୭୩୩୫

❐❐❐

ମାଆ

● ରୋଜାଲିନ ବିଶ୍ୱାଳ



ଜନମ ଜନମ ଜନ୍ମ ଦେଉଥିବୁ
ମାଆ ତୋ କୋଳରେ ମୋତେ
ହାତ ଧରି ମୋର ବାଟ ଦେଖେଇବୁ
ରହିଲା ମୋ ରାଣ ତତେ ।
ବାଟକୁ ଅବାଟ ପଡ଼ିଥିଲା କେତେ
ଯୁଆଡ଼େ ଯାହାକୁ ଯେତେ
ଦୋଛକିରେ ଯେବେ ବାଟ ବଣା ହୁଏ
ତୋ କଥା ଭାବେ ମୁହିଁ ସେତେ ।
କହୁଥିଲୁ କେତେ ବୁଝେଇ ସୁଝେଇ
ଠିକ୍ ବାଟେ ଯିବୁ ଧନ
ଚଲାପଥେ ତୋର ଖାଲ ଢ଼ିପ ଦେଖି
ଭ୍ରମ କରିବୁନି ମନ ।




ସକଳ ତୀର୍ଥ ମାଆ ଚରଣରେ ତୋର
ପୂଜା କରୁଥିବି ତୋତେ
ଭୁଲ୍ ଯେବେ କେବେ ହେଉଥିବ ମୋ
କ୍ଷମା ଦେଉଥିବୁ ମୋତେ ।
ଦାନ ବଦଳେଇ ପ୍ରତିଦାନ ଏଠି
ଦେବାକୁ ତ ପଡ଼ିଥାଏ
ହେଲେ ତୋ ଦାନରେ ସ୍ୱାର୍ଥ ନାହିଁ କିଛି
ଦୁନିଆ ତ ଦେଖୁଥାଏ ।

କାହାପାଖେ କେତେ ଧନ ଥାଉ ଯେତେ
ଯାଏ ଆସେ କେତେ ତୋର

ଧନୀ ବୋଲି ତୁହି କହି ବୁଲୁଥାଉ
ଅସଲି ଧନ ମୁହିଁ ତୋର ।

ସବୁକଥା ମୋର ମନେ ଅଛି ମାଆ
ମନେ ଅଛି ସେଇ ଦିନ
କିଛି ଭୁଲି ନାହିଁ ଭୁଲି ପାରିବିନି
ସ୍ନେହ ଡାକ ତୋର ଧନ ।



ମତୋ +୩ ଡ଼ିଗ୍ରି କଲେଜ, ମତୋ
ମୋ: ୯୭୭୯୯୩୮୭୭

❐❐❐


ପଙ୍ଗପାଳ

● ଅନସୂୟା ପଣ୍ଡା

ଏକର ଏକର ଫସଲ ଖାଇବାକୁ
କିଏ କହେ ପଙ୍ଗପାଳ ଆସନ୍ତି ଉଡ଼ି, ଆଉ କେଉଁଠୁ
ସତେ ସବୁ ବିଳାସ ମଗ୍ନ ମହୋଦଧୀରେ ବୁଡ଼ ମାରନ୍ତି
ସୁପ୍ତିକୃତ ଅଜସ୍ର କାମନାର ସିଢ଼ି ଚଢ଼ି ।
ମଖମଲ ଶେଯରେ ଶୋଇ ଲୁଚିଖିଆ ସ୍ୱପ୍ନ ଦେଖନ୍ତି
କେମିତି ଖେଳିବେ ରାଜନୀତିର ପଶା
କାହା ହାଡ଼ରେ ଗୋଟି କରି ନିଶ୍ଚୟ ଜ
କାଠୁଆ ଶୀତରେ, ବର୍ଷା ଘଡ଼ଘଡ଼ି ବି
ହୁ ହୁ ଗୀଷ୍ମର ନିଆଁ ବରଷାରେ ।
ଅନ୍ନଦାତା ଲହୁଲୁହାଣ ଆତ୍ମଗ୍ଲାନିରେ ଜ
ରାଜପଥରେ ରାତିର ଅନ୍ଧାର
ଛିଡ଼ା ହେଇଛି ସାକ୍ଷୀ ହେଇ
ଦେଖୁଛି ବାଘ ଛେଳିର ଖେଳ, ମଣିଷ
ବର୍ଷା ମାଟିରେ ଜଡ଼ସଡ଼
ମୁଠାଏ ଫସଲ ତାର
ଘର ପରିବାର ଅପେକ୍ଷା କରିଛି କେ
ଆଶକ୍ତି ହୋଇ ମାଟିର ମଣିଷ ତାର
ଯେତେ ପ୍ରାଚୁର୍ଯ୍ୟ ସବୁ ଅଲୋଡ଼ା
ଭୋକ ପେଟରେ ତାଡ଼ନାରେ
ଯିଏ ଭୋକିଲାର ମୁହଁରେ ହସ ଭରେ
ଝାଳ ଆଉ ରକ୍ତକୁ ନିଗାଡ଼ି ଦିଏ
ମାଟି ଆଉ ଗୋବରରେ ନିଜେ ଶଢ଼ି
ସେତ ସକାଳର ଆଭାମୟ ପ୍ରଭା ସମା



ସନ୍ଧି କାହିଁ ଲୋଡ଼ା



ମୁକ୍ତ ବିହଙ୍ଗ ଆକାଶର, ମାଟିର ଅନବଦ୍ୟ ସ୍ୱର
ବଡ଼ ଏକ ବିପର୍ଯ୍ୟୟର ମହାବାତ୍ୟା ଆସିବା ପୂର୍ବରୁ
ଉଠିପଡ଼ି ଅନ୍ନଦାତା ପାଇଁ ।
ଯେଉଁଠି ସୁଦା ଦୋକାନରେ ଲମ୍ବା ଲାଇନ୍
ଲୁଗା ଦୋକାନରେ ଭିଡ଼
ମନ୍ଦିର ପଟୁଆରେ ଚାଟିଖିଆ ପଇସା ଲୁଟେ
ସେଠି ଅନ୍ନଦାତା ତରସେ ନ୍ୟାୟପାଇଁ ।
ସତରେ କେତେ ଅଜବ ସଭ୍ୟତା ଗଢ଼ି ଉଠିଛି
ସଂସ୍କୃତିକୁ ନିଜ ଭିତରୁ ବହିଷ୍କାର କରି
ବିଳାସର ସାନ୍ନିଧ୍ୟକୁ ଆଲିଙ୍ଗନ କରୁଛି
ଝିଲ୍‌ମିଲ୍ ଦୁନିଆର ନିଶାରେ କୁଟିଖିଆ ବେହୋଶ ରହୁଛି ।

ଇଞ୍ଜିନିୟରିଂ କଲେଜ, ବୁର୍ଲା କଲୋନୀ, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

❐❐❐

ଚଷାପୁଅ

● **ନୀଳକଣ୍ଠ ସାମଲ**

ପିଠି ତା ଫୁଙ୍ଗୁଳା ବାଳ ଫୁରୁଫୁରୁ ଦେହରୁ ବୋହୁଛି ଝାଳ,
ପାଞ୍ଚ ହାତ ମୋଟା ଖୋରୋଧା ଗାମୁଛା ଚିରି ହେଲାଣି ଦିଫାଳ । ॥ ୦ ॥
ବଳଦ ଅଡ଼େଇ ବିଲରୁ ଫେରୁଛି ଶୁଖିଯାଉଅଛ ତା'ର ତଣ୍ଟି,
ଟାଇଁ ଟାଇଁ ଖରା ସର୍ବାଙ୍ଗେ ଭେଦିଛି ଚିରିଚିରି ବିଲ ମାଟି । ॥ ୧ ॥

ବିକଳ ହୋଇଣ ଘରକୁ ଫେରୁଛି ପିଇବ ବାସୀ ତୋରାଣୀ,
ତୋରାଣୀ କଂସାରେ ସପନ ଦେଖୁଛି ଆସିବ ବରଷା ରାଣୀ । ॥ ୨ ॥
ବରଷା ରାଣୀକି ମନ୍ତର ପଢ଼ିବ ଟୁପୁରୁ ଟୁପୁରୁ କହି,
ବୁଣିବା ଧାନରୁ ଗଜା ବାହାରିବ କେତେ ସମ୍ଭାବନା ବହି । ॥ ୩ ॥

ଦିନକୁ ଅଙ୍ଗୁଳେ ବଢ଼ିବ ସେ ଧାନ ହେବ କଳା ମସମସ,
ଚଷା ବାପୁଡ଼ାର ଆନନ୍ଦ ବଢ଼ିବ ଦେଖିକରି ଏଇ ଦୃଶ୍ୟ । ॥ ୪ ॥
ଥୋଡ଼ରୁ ବାହାରି ଫୁଲ ଉଡ଼ାଇବ ମହକିବ ଚଉଦିଗ,
ପବନେ ପହଁରି କ୍ଷୀର ସେ ଢ଼ୋକିବ ହସାଇବ ଚଉଦିଗ । ॥ ୫ ॥

ପାକଳ ହୋଇଣ ସର୍ବାଙ୍ଗେ ହଳଦୀ ବୋଳିବ କେତେ ଦିନରେ,
ସୁନାର ଫସଲେ କ୍ଷେତ ହସାଇବ ଆନନ୍ଦ ପ୍ରତି ଅନ୍ତରେ । ॥ ୬ ॥
ଟାଣ ଖରା ଛେଚା ବରଷା ଖାଇଣ ସହି ବୁକୁଫଟା ଶୀତ,
ଚଷାପୁଅ ଦିନେ ଧାନକୁ କାଟିବ ଶୁଭିବ ହଳିଆ ଗୀତ । ॥ ୭ ॥

ସେ ତ୍ୟାଗୀ ପୁରୁଷ ତ୍ୟାଗରୁ ଉତ୍ପନ୍ନ ହୋଇବ ଯେଉଁ ଫସଲ,
ଅବଢ଼ା ହୋଇବ ଶିରୀ ମନ୍ଦିରରେ ହସିବ କୋଟି ଅନ୍ତର । ॥ ୮ ॥
ଲକ୍ଷେ ଜୀବ ପୋଷା ଚଷା ବାହୁଡ଼ାର ଦୁଃଖକୁ ବୁଝିବ କିଏ,
ବୋହି ନେଇଯିବେ ଫସଲକୁ ତାର ତାକୁ ପଚାରିବ କିଏ । ॥ ୯ ॥

ମେଘା, ଆଠଗଡ଼, କଟକ
ଦୂରଭାଷ: ୯୪୩୭୯୩୩୭୮୨

❐❐❐